# ଧରିତ୍ରୀ DHARITRI

ଭୁବନେଶ୍ୱର, ଗୁରୁବାର, ଜାନୁଆରୀ ୧୬/୨୦୨୫ (୧୪ ପୃଷ୍ଠା) | Bhubaneswar, Thursday, January 16/2025 | Page 14 | ₹ 7.00 | SAMBALPUR

୫୧ଶ ଭାଗ ୫୪ ସଂଖ୍ୟା | www.orissakhabar.com/www.dharitri.com | Printed at Sambalpur, Bhubaneswar, Rayagada & Angul | VOLUME 51 ISSUE 54 | ମୂଲ୍ୟ ₹୭/-




**ଜୋକୋଭିଚ୍‌ଙ୍କ ରେକର୍ଡ**


ସର୍ବାଧିକ ଗ୍ରାଣ୍ଡସ୍ଲାମ ଟେନିସ ମ୍ୟାଚ ଖେଳିବାରେ ସୁଇଜରଲାଣ୍ଡର ରୋଜର ଫେଡେରେରଙ୍କ ରେକର୍ଡ ଭାଙ୍ଗିଛନ୍ତି ସର୍ବିଆର ନୋଭାକ ଜୋକୋଭିଚ୍।

୧୪

୦୨

**'ସିକନ୍ଦର' ୨୦୨୫ର ମୋଷ୍ଟ ଆୱେଟେଡ୍ ଫିଲ୍ମ**

ଆଇଏମ୍‌ଡିବି ପକ୍ଷରୁ ଜାରିହୋଇଥିବା ୨୦୨୫ର ବହୁ ପ୍ରତୀକ୍ଷିତ ଚଳଚ୍ଚିତ୍ରଗୁଡ଼ିକର ତାଲିକାରେ ଅଭିନେତା ସଲମାନ ଖାନ୍‌ଙ୍କ 'ସିକନ୍ଦର' ଫିଲ୍ମ ଶୀର୍ଷ ସ୍ଥାନରେ ରହିଛି।









କଲେଜ କ୍ଲାସ୍‌ରୁମ୍‌ରେ ଛାତ୍ରୀଙ୍କୁ ବଳାତ୍କାର ଉଦ୍ୟମ
ପୃଷ୍ଠା-୩



ଆଜିର ସମ୍ପାଦକୀୟ
ଧର୍ମରେ ନୃତ୍ୟ


# ଶିମିଳିପାଳ: ବିପଦରେ ମହାବଳ

**ମୟୂରଭଞ୍ଜ ଜିଲା ଶିମିଳିପାଳ ବ୍ୟାଘ୍ର ସଂରକ୍ଷଣ ପ୍ରକଳ୍ପରେ ମହାବଳ ବାଘ ସୁରକ୍ଷା ନେଇ ପ୍ରଶ୍ନବାଚୀ ସୃଷ୍ଟି ହୋଇଛି। ଏଆଇ କ୍ୟାମେରା, ୱାଚ୍ ଟାୱାର, ଅଲ୍ ଟେରେନ୍ ଗାଡ଼ି (ଏଟିଭି) ମୁତୟନ, କଡ଼ା ପ୍ରହରା ଭଳି ଯାବତୀୟ କଟକଣା ଓ ବ୍ୟବସ୍ଥା ସତ୍ତ୍ୱେ ଶିକାରୀମାନେ ସୁରକ୍ଷା ବଳୟ ଭେଦକରି ଆଭ୍ୟନ୍ତରୀଣ ଅଞ୍ଚଳ(କୋର୍ ଏରିଆ)ରେ ବାଘ ଶିକାରକରି ବିଭାଗକୁ ଚ୍ୟାଲେଞ୍ଜ ଦେବାରେ ଲାଗିଛନ୍ତି। କେତେବେଳେ ମହାବଳ ତ ଆଉ କେତେବେଳେ ଶିମିଳିପାଳର ସ୍ୱତନ୍ତ୍ର ପରିଚୟ ବହନ କରୁଥିବା କଳାବାଘ(ମିଲେନାଷ୍ଟିକ୍) ଶିକାରୀଙ୍କ ଲୋଲୁପଦୃଷ୍ଟିରେ ବଳି ପଡୁଛନ୍ତି। ଗତ ୬ ମାସ ମଧ୍ୟରେ ୩ଟି ମହାବଳକୁ ଶିକାର କରାଯାଇଛି। ବୁଧବାର ଏକ କଳା ମହାବଳ ଛାଲ ଜବତ ହେବା ପରେ ଶିମିଳିପାଳରେ ବାଘ ଶିକାରରେ ରୋକ୍ ଲାଗିପାରି ନ ଥିବା ସ୍ପଷ୍ଟ ହୋଇଛି।**

ବାରିପଦା,୧୫।୧
(ନୀଳାଦ୍ରି ବିହାରୀ ଦଣ୍ଡପାଟ)

ଶିମିଳିପାଳ ଅଭୟାରଣ୍ୟରେ ପ୍ରାୟତଃ କଳା ମହାବଳ ଦେଖାଯାଆନ୍ତି। ୨୦୨୩ ବାଘ ଗଣନା ରିପୋର୍ଟ ଅନୁଯାୟୀ ଏଠାରେ ୨୭ଟି ପ୍ରାପ୍ତ ବୟସ୍କ ଓ ୧୨ଟି ଶାବକ ମହାବଳ ବାଘ ଅଛନ୍ତି। ସେଥିମଧ୍ୟରୁ ୧୬ଟି କଳା ମହାବଳ ବାଘ(ମିଲେନାଷ୍ଟିକ୍) ପ୍ରଜାତିର ରହିଛନ୍ତି। ଗତ ୧ ବର୍ଷ ମଧ୍ୟରେ ତିନୋଟି ମହାବଳ ବାଘ ଶିକାର ହୋଇଥିବା ନେଇ ବିଭାଗର ଜଣେ କର୍ମଚାରୀ ନାମ ଗୋପନ ରଖି ପ୍ରକାଶ କରିଛନ୍ତି। ବିଭାଗ ପକ୍ଷରୁ ତଥ୍ୟକୁ ସାର୍ବଜନୀନ କରାଯାଇ ନ ଥିଲା ବୋଲି ଅଭିଯୋଗ ହେଉଛି। ଏପରିକି ଗୋଟିଏ ମହାବଳ ବାଘର ଶିକାର କରାଯାଇ ଚମଡ଼ାକୁ ଶିକାରୀମାନେ ନେଇଯାଇଥିଲେ। ବାଘର କ୍ଷତାକ୍ତ ମୁଣ୍ଡ, ଦାନ୍ତ ଓ ନଖକୁ ବନ ବିଭାଗ ଜବତକରି ଅଭିଯୁକ୍ତମାନଙ୍କୁ ଗିରଫ ପରେ କୋର୍ଟ ଚାଲାଣ କରିଛି। ଘଟଣାକୁ ଲୁଚାଇବାକୁ ଯାଇ ବିଭାଗ ପକ୍ଷରୁ ଅନ୍ୟ ଏକ ମାମଲା ଦର୍ଶାଇ ଦିଆଯାଇଥିବା ଅଭିଯୋଗ ହୋଇଛି। ଜେନାବିଲ ରେଞ୍ଜରେ ଏହି ଘଟଣା ଘଟିଥିବା ବେଳେ ତାହାକୁ ଡୁକୁରା ରେଞ୍ଜରେ ଦର୍ଶାଇ ମାମଲା ଦାଏର କରାଯାଇଥିଲା। ଜେନାବିଲ ରେଞ୍ଜ କାର୍ଯ୍ୟାଳୟରେ ଏହି ମାମଲା ରୁଜୁ କରାଯାଇ ନ ଥିବାରୁ ଏହା ତଦନ୍ତ ସାପେକ୍ଷ ବୋଲି ଦାବି ହୋଇଛି। ସେହିପରି କିଛିଦିନ ତଳେ ଅନ୍ୟ ଏକ ମହାବଳ ବାଘ ଚମଡ଼ା ଜବତ ଘଟଣାରେ ଡାକ୍ତରଙ୍କ ସମେତ ଅଭିଯୁକ୍ତମାନଙ୍କୁ ଗିରଫକରି ବନ ବିଭାଗ କୋର୍ଟ ଚାଲାଣ କରିଛି।

ଏ ସଂକ୍ରାନ୍ତରେ ଓଡ଼ିଶା ବନ ଉନ୍ନୟନ ନିଗମର ସ୍ୱାଧୀନ ନିର୍ଦ୍ଦେଶକ ଭାନୁମିତ୍ର ଆଚାର୍ଯ୍ୟ କହନ୍ତି, ଆଧୁନିକୀକରଣ ମାଧ୍ୟମରେ ଟେକ୍ନିକାଲ ସିଷ୍ଟମକୁ ନେଇ ବନ ବିଭାଗର ସୁରକ୍ଷା ଯୋଜନା ସଫଳ ହେବାରେ ବିଳମ୍ବ ହେଉଛି। ୬ ମାସ ମଧ୍ୟରେ ତିନୋଟି ମହାବଳ ବାଘ ଚମଡ଼ା ଜବତ ହେବା ଘଟଣା ଶିମିଳିପାଳର ସୁରକ୍ଷା ବ୍ୟବସ୍ଥାକୁ ନେଇ ପ୍ରଶ୍ନ ଉଠିଛି। ଏଥିରୁ ଦୂରରେ ରହି କର୍ମଚାରୀମାନେ ପାଟ୍ରୋଲିଂ ବ୍ୟବସ୍ଥାକୁ କଡ଼ାକଡ଼ି କରିବା ସହ ଜଙ୍ଗଲ ରାସ୍ତାରେ ଚାଲି ଚାଲି ଶିକାରୀଙ୍କୁ ଧରାଗଲେ ଶିକାର ରୋକାଯିବାରେ ସଫଳତା ମିଳିପାରିବ।

ଶିମିଳିପାଳ ବ୍ୟାଘ୍ର ସଂରକ୍ଷଣ ପ୍ରକଳ୍ପର କ୍ଷେତ୍ର ନିର୍ଦ୍ଦେଶକ ଡ. ପ୍ରକାଶ ଚାନ୍ଦ ଗୋଗିନେନୀଙ୍କୁ ପଚାରିବାରୁ ପୂର୍ବରୁ ବାଘ ଚମଡ଼ା ଶିମିଳିପାଳ ବାହାର ଅଞ୍ଚଳରୁ ଜବତ ହେଉଥିବା ବେଳେ ବର୍ତ୍ତମାନ ଏଆଇ କ୍ୟାମେରା ମାଧ୍ୟମରେ ଶିକାରୀଙ୍କୁ ଚିହ୍ନଟ କରାଯାଇ ଗିରଫ କରାଯାଉଛି। ଯେଉଁମାନେ ଖସିଯାଉଛନ୍ତି କିଛିଦିନ ମଧ୍ୟରେ ଶିମିଳିପାଳର ଗୋଇନ୍ଦା ଦଳ ସେମାନଙ୍କୁ ଗିରଫ କରିବାରେ ସକ୍ଷମ ହେଉଛି। ଆଗାମୀ ୨ ବର୍ଷ ମଧ୍ୟରେ ଏଆଇ କ୍ୟାମେରା ଜରିଆରେ ଶିମିଳିପାଳକୁ ସମ୍ପୂର୍ଣ୍ଣ ଭାବେ ଶିକାରୀମୁକ୍ତ କରାଯାଇପାରିବ ବୋଲି ସେ କହିଛନ୍ତି।



## କଳା ମହାବଳ ବାଘଛାଲ ଜବତ, ୪ ଗିରଫ

ଶିମିଳିପାଳ ଅଭୟାରଣ୍ୟରୁ ଶିକାର ହୋଇଥିବା ଏକ କଳା ମହାବଳ ବାଘ(ମିଲେନାଷ୍ଟିକ୍) ଛାଲ ଓ ନଖ ବନ ବିଭାଗ ଜବତ କରିଛି। ଏହାସହ ୪ ଅଭିଯୁକ୍ତଙ୍କୁ ଗିରଫ ପରେ କୋର୍ଟ ଚାଲାଣ କରାଯାଇଛି। ଅଭିଯୁକ୍ତମାନେ ଉଦଳା ଥାନା ଅଧୀନ ତେନ୍ତଲା ଗ୍ରାମର ଅଜମ୍ବର ନାଏକ, ପୀତାମ୍ବର ନାଏକ, ରାମ ନାଏକ ଓ ପାଟଣାଣୀପୁର ଅନ୍ତର୍ଗତ ବାଲିଘାଟର ବାଇରାମ ମୁର୍ମୁ ବୋଲି ବ୍ୟାଘ୍ର ସଂରକ୍ଷଣ ପ୍ରକଳ୍ପ ଦକ୍ଷିଣ ଡିଭିଜନର ଉପ ନିର୍ଦ୍ଦେଶକ ସମ୍ରାଟ ଗୌଡ଼ା ପ୍ରକାଶ କରିଛନ୍ତି।

ଶିମିଳିପାଳ କ୍ଷେତ୍ର ଅଧୀନ ଡୁକୁରା ବନ୍ୟପ୍ରାଣୀ ବନାଞ୍ଚଳ ଉଦଳା ଥାନା ଅଞ୍ଚଳରେ କଳାବାଘ ଚମଡ଼ା ଥିବା ନେଇ ବିଭାଗୀୟ ଅଧିକାରୀମାନେ ତଦନ୍ତରୁ ଜାଣିବାକୁ ପାଇଥିଲେ। ଶିମିଳିପାଳ ଟାଇଗର ରିଜର୍ଭ(ଏସ୍‌ଟିଆର୍)ର ଦକ୍ଷିଣ-ପଶ୍ଚିମ ଲ୍ୟାଣ୍ଡ ଡିଭିଜନର ସ୍ୱତନ୍ତ୍ର ପ୍ରବର୍ତ୍ତନ ଶାଖା ପକ୍ଷରୁ ଜାନୁଆରୀ ୧୨ରେ ଚଢ଼ାଉ କରାଯାଇଥିଲା। ପୃଥକ୍ ଭାବେ ଚଢ଼ାଉ ପରେ କଳା ମହାବଳ ବାଘ ଚମଡ଼ା ଓ ନଖ ଜବତ ହୋଇଥିଲା।

ଉଲ୍ଲେଖଯୋଗ୍ୟ, ଡିସେମ୍ବର ମାସରେ ଏକ ମହାବଳ ବାଘଛାଲ ଜବତ ଘଟଣାରେ ୬ ଜଣଙ୍କୁ କୋର୍ଟ ଚାଲାଣ କରାଯାଇଥିଲା। ଏହି ଘଟଣାରେ ତଦନ୍ତ କରାଯାଇ ଜଡ଼ିତ ଥିବା ଅନ୍ୟ ୪ ଜଣଙ୍କୁ ବନ ବିଭାଗ ଧରିବାରେ ସଫଳ ହୋଇପାରି ନ ଥିଲା। ରାଜ୍ୟସ୍ତରୀୟ ଯୁଗ୍ମ ଟାସ୍କଫୋର୍ସ(ଜେଟିଏଫ୍)ର ଟିମ୍ ଘଟଣାକୁ ନେଇ ତଦନ୍ତରେ ସହଯୋଗ କରିବା ପରେ ଅବଶିଷ୍ଟ ୪ ଜଣଙ୍କୁ ଗିରଫ କରିବା ସହ ସେମାନଙ୍କଠାରୁ କଳା ମହାବଳ ବାଘଛାଲ ଜବତ ହୋଇଛି। ଅଭିଯୁକ୍ତମାନେ ବାଘଟିକୁ ବନ୍ଧୁକ ସାହାଯ୍ୟରେ ଶିକାର କରିଥିବା ନେଇ ସ୍ପଷ୍ଟ କରିଥିବା ବେଳେ ତାହା ଅଣ୍ଡିରା ବୋଲି କହିଛନ୍ତି। ଜବତ ଛାଲରୁ ଏହା ଦେଢ଼ ବର୍ଷର ମହାବଳ ବାଘ ବୋଲି ଆଞ୍ଚଳିକ ମୁଖ୍ୟ ବନ୍ୟପ୍ରାଣୀ ସଂରକ୍ଷକ ତଥା ଶିମିଳିପାଳ ବ୍ୟାଘ୍ର ସଂରକ୍ଷଣ ପ୍ରକଳ୍ପର କ୍ଷେତ୍ର ନିର୍ଦ୍ଦେଶକ ଡ. ପ୍ରକାଶ ଚାନ୍ଦ ଗୋଗିନେନୀ କହିଛନ୍ତି।

# ଭାରତରେ କେତେକ ଫିଚର୍ସ ପ୍ରତ୍ୟାହାର କରିପାରେ ମେଟା

ନୂଆଦିଲ୍ଲୀ,୧୫।୧

ଆମେରିକୀୟ ସୋସିଆଲ ମିଡିଆ ଜାଏଣ୍ଟ ମେଟାକୁ ଭାରତରେ ଏହାର କେତେକ ଫିଚର୍ସ ପ୍ରତ୍ୟାହାର କରିବାକୁ ପଡ଼ିପାରେ। ଭାରତ ସରକାରଙ୍କ ଏକ ଆଣ୍ଟିଟ୍ରଷ୍ଟ ଡିରେକ୍ଟିଭ୍ ଅନୁଯାୟୀ ହ୍ୱାଟ୍ସଆପ୍ ମେସେଜିଂ ସର୍ଭିସ୍‌କୁ ପ୍ୟାରେଣ୍ଟ କମ୍ପାନୀ ମେଟା ସହ ବିଜ୍ଞାପନ ଉଦ୍ଦେଶ୍ୟରେ ୟୁଜରଙ୍କ ଡେଟା ଶେୟାର କରିବା ଉପରେ ନିଷିଦ୍ଧ ଘୋଷଣା କରାଯାଇଛି। ଏହାକୁ ନେଇ କ୍ଷୁବ୍ଧ ମେଟା ଉପରୋକ୍ତ ନିଷ୍ପତ୍ତି ନେଇଥିବା ଏକ କୋର୍ଟ ଫାଇଲିଂରେ ଜଣାଇଛି।

୨୦୨୪ ନଭେମ୍ବରରେ କମ୍ପିଟିଶନ୍ କମିଶନ୍ ଅଫ୍ ଇଣ୍ଡିଆ(ସିସିଆଇ) ପକ୍ଷରୁ ଏକ ନିର୍ଦ୍ଦେଶାବଳୀ ଜାରି କରାଯାଇଥିଲା। ଏଥିରେ ଦର୍ଶାଯାଇଥିଲା ଯେ, ମେଟା ନିଜ ଆଧିପତ୍ୟର ଦୁରୁପଯୋଗ କରି ହ୍ୱାଟ୍ସଆପ୍ ୟୁଜର୍ସଙ୍କୁ ୨୦୨୧ର ଏକ ପ୍ରିଭେସି ପଲିସି ଆପଣାଇବାକୁ ବାଧ କରିଥିଲା, ଯହିଁରେ ବ୍ୟବହାରକାରୀମାନଙ୍କ ଡେଟା ସଂଗ୍ରହ, ଶେୟାରିଂକୁ ବ୍ୟାପକ କରାଯାଇଥିଲା। ଏଥିଯୋଗୁ ଅନ୍ୟ ପ୍ରତିଦ୍ୱନ୍ଦ୍ୱୀ ସୋସିଆଲ ମିଡିଆ କମ୍ପାନୀଗୁଡ଼ିକ ତୁଳନାରେ ମେଟା ଅଧିକ ଲାଭବାନ ହୋଇଥିଲା। ସିସିଆଇ ଏଥିପାଇଁ ମେଟା ଉପରେ ୨୪.୫ ନିୟୁତ ଡଲାର ଜରିମାନା ଆଦେଶ ଦେବା ସହ ଭାରତରେ ଏହାର ଡେଟା ଶେୟାରିଂ ଉପରେ ୫ ବର୍ଷ କଟକଣା ଜାରି କରିଥିଲା। ଭାରତ ହେଉଛି ବିଶ୍ୱରେ ମେଟାର ସବୁଠୁ ବଡ଼ ବଜାର, ଯେଉଁଠି ଏହାର ୩୫୦ ନିୟୁତରୁ ଊର୍ଦ୍ଧ୍ୱ ଫେସ୍‌ବୁକ୍ ୟୁଜର ରହିଛନ୍ତି। ସେହିପରି ୫୦୦ ନିୟୁତରୁ ଅଧିକ ଭାରତୀୟ ହ୍ୱାଟ୍ସଆପ୍ ବ୍ୟବହାର କରିଥାନ୍ତି। ମେଟା ପଲିସିରେ ଏଭଳି ପରିବର୍ତ୍ତନକୁ ବିରୋଧ କରି ସିସିଆଇ ନିର୍ଦ୍ଦେଶନାମା ସହ ଅସହମତି ପ୍ରକାଶ କରିଥିଲା। ଏପରିକି ଏହା ବିରୋଧରେ କୋର୍ଟଙ୍କ ଦ୍ୱାରସ୍ଥ ହୋଇଥିଲା। କମ୍ପାନୀର କହିବା ହେଲା, ହ୍ୱାଟ୍ସଆପ୍ ଉପରେ ☞ପୃଷ୍ଠା-୪

**ଆଣ୍ଟିଟ୍ରଷ୍ଟ ଡିରେକ୍ଟିଭ୍‌କୁ କମ୍ପାନୀର ବିରୋଧ**

Meta

# ବରିଷ୍ଠ ନାଗରିକ ବିରଳ ସମ୍ପତ୍ତି: ମୁଖ୍ୟମନ୍ତ୍ରୀ

## ୮୦ ବର୍ଷରୁ ଊର୍ଦ୍ଧ୍ୱ, ୮୦% ଦିବ୍ୟାଙ୍ଗଙ୍କୁ ମିଳିଲା ୩୫୦୦ ଟଙ୍କାର ବର୍ଦ୍ଧିତ ଭତ୍ତା




ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀ ଜଣେ ବରିଷ୍ଠ ନାଗରିକଙ୍କୁ ବର୍ଦ୍ଧିତ ଭତ୍ତା ପ୍ରଦାନ କରୁଛନ୍ତି।

କେନ୍ଦୁଝର,୧୫।୧
(ନରେଶ ଚନ୍ଦ୍ର ପଟ୍ଟନାୟକ)

କେନ୍ଦୁଝର ଗସ୍ତରେ ଥିବା ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀ ବୁଧବାର ଧରଣୀଧର ବିଶ୍ୱବିଦ୍ୟାଳୟ ପଡ଼ିଆରେ ବର୍ଦ୍ଧିତ ଭତ୍ତା ବିତରଣ କାର୍ଯ୍ୟକ୍ରମର ଶୁଭାରମ୍ଭ କରିଛନ୍ତି। ଏହି ଅବସରରେ ୮୦ ବର୍ଷରୁ ଊର୍ଦ୍ଧ୍ୱ ବୟସ୍କ ଏବଂ ୮୦ ପ୍ରତିଶତରୁ ଊର୍ଦ୍ଧ୍ୱ ଦିବ୍ୟାଙ୍ଗଙ୍କୁ ଭତ୍ତା ପ୍ରଦାନ କରିଛନ୍ତି। ବୟୋଜ୍ୟେଷ୍ଠ, ଅସହାୟ ବ୍ୟକ୍ତିଙ୍କୁ ସମ୍ମାନ, ଆଦର ଦେଉଥିବା ସମାଜ ହେଉଛି ଏକ ଆଦର୍ଶ ସମାଜ। ବରିଷ୍ଠ ନାଗରିକମାନେ ଆମ ଆସ୍ଥା ଓ ବିଶ୍ୱାସର ମନ୍ଦିର। ସେମାନଙ୍କ ହସ, ଖୁସି ଏବଂ ଯୁବ ସମାଜ ଉପରେ ସେମାନଙ୍କ ଅଖଣ୍ଡ ଆସ୍ଥା ହିଁ ଆମ ବିରଳ ସମ୍ପତ୍ତି ବୋଲି ମୁଖ୍ୟମନ୍ତ୍ରୀ ନିଜ ଅଭିଭାଷଣରେ କହିଛନ୍ତି। ଆୟୋଜିତ ରାଜ୍ୟସ୍ତରୀୟ କାର୍ଯ୍ୟକ୍ରମରେ ମୁଖ୍ୟମନ୍ତ୍ରୀ କହିଛନ୍ତି, ରାଷ୍ଟ୍ରୀୟ ସାମାଜିକ କାର୍ଯ୍ୟକ୍ରମର ହିତାଧିକାରୀ ହୁଅନ୍ତୁ ବା ମଧୁବାବୁ ପେନ୍‌ସନ ହିତାଧିକାରୀ, ସମସ୍ତେ ☞ପୃଷ୍ଠା-୪

# ଓଡ଼ିଶାରେ ଲାଗୁ ହେବ ଜାତୀୟ ଶିକ୍ଷାନୀତି-୨୦୨୦

**ବିଜ୍ଞପ୍ତି ପ୍ରକାଶ କଲା ଗଣଶିକ୍ଷା ବିଭାଗ**

ଭୁବନେଶ୍ୱର,୧୫।୧(ସୁଚିସ୍ମିତା ସାହୁ)

ଓଡ଼ିଶାର ସରକାରୀ ସ୍କୁଲଗୁଡ଼ିକ ପାଇଁ ଜାତୀୟ ଶିକ୍ଷାନୀତି (ଏନ୍‌ଇପି)-୨୦୨୦ ଲାଗୁ କରିବା ନିମନ୍ତେ ବିଦ୍ୟାଳୟ ଓ ଗଣଶିକ୍ଷା ବିଭାଗ ପକ୍ଷରୁ ବୁଧବାର ବିଜ୍ଞପ୍ତି ପ୍ରକାଶ କରାଯାଇଛି। ଜାତୀୟ ପାଠ୍ୟକ୍ରମ ଢାଞ୍ଚା ସହିତ ଆଞ୍ଚଳିକ ବିଷୟବସ୍ତୁକୁ ଆଧାର କରି ସ୍ୱତନ୍ତ୍ର ପାଠ୍ୟ ଖସଡ଼ା ପ୍ରସ୍ତୁତ କରାଯିବ ବୋଲି ବିଭାଗୀୟ କମିଶନର ତଥା ସଚିବ ଶାଳିନୀ ପଣ୍ଡିତଙ୍କ ଦ୍ୱାରା ଜାରି ବିଜ୍ଞପ୍ତିରେ ଉଲ୍ଲେଖ ରହିଛି। ପ୍ରଥମରୁ ଦ୍ୱାଦଶ ଶ୍ରେଣୀ ଯାଏ ନୂଆ ଶିକ୍ଷାନୀତି ଲାଗୁ ହେବା ପରେ ରାଜ୍ୟରେ ଶିକ୍ଷା କ୍ଷେତ୍ରର ଚିତ୍ର ବଦଳିବ। ଶିକ୍ଷା ବ୍ୟବସ୍ଥା ଦୃଢ଼ ହେବ ବୋଲି ରାଜ୍ୟ ସରକାରଙ୍କ ପକ୍ଷରୁ କୁହାଯାଉଛି। ଗତ ନଭେମ୍ବରରେ ରାଜ୍ୟ ସରକାର ଚଳିତ ଶିକ୍ଷାବର୍ଷରେ ସମସ୍ତ ସରକାରୀ ବିଶ୍ୱବିଦ୍ୟାଳୟରେ ଏନ୍‌ଇପି ଲାଗୁ କରିବା ପାଇଁ ଘୋଷଣା କରିଥିଲେ। ସେହିପରି ପୂର୍ବରୁ ରାଜ୍ୟ ଉଚ୍ଚଶିକ୍ଷା ବିଭାଗ ପକ୍ଷରୁ ୨୦୨୪-୨୫ ଶିକ୍ଷାବର୍ଷରେ ବିଭାଗ ଅଧୀନ ସମସ୍ତ ଶିକ୍ଷାନୁଷ୍ଠାନର ସ୍ନାତକ (ୟୁଜି) ପାଠ୍ୟକ୍ରମ ପାଇଁ ଏନ୍‌ଇପି-୨୦୨୦ ଲାଗୁ କରିବାକୁ ବିଜ୍ଞପ୍ତି ଜାରି କରାଯାଇଥିଲା।






# ଏରୋସ୍ପେସ୍ ଇଞ୍ଜିନିୟରରୁ ମହାକୁମ୍ଭର ଚର୍ଚ୍ଚିତ ବାବା

ପ୍ରୟାଗରାଜ, ୧୫।୧



ଅଭୟ ସିଂ

ଉତ୍ତରପ୍ରଦେଶର ପ୍ରୟାଗରାଜରେ ବିଶ୍ୱର ସର୍ବବୃହତ୍ ଧାର୍ମିକ ମହୋତ୍ସବ ମହାକୁମ୍ଭ ଆରମ୍ଭ ହୋଇଛି। ଏହି ଉପଲକ୍ଷେ ଦେଶ ତଥା ବିଦେଶରୁ ଅନେକ କୋଟି ଭକ୍ତ ଏବଂ ସାଧୁସନ୍ଥଙ୍କର ପ୍ରୟାଗରାଜରେ ସମାଗମ ଘଟୁଛି। ଏହି ମହାକୁମ୍ଭରେ ସାମିଲ ହୋଇଥିବା ଅନେକ ସାଧୁସନ୍ଥଙ୍କର ବିଶେଷ ବ୍ୟକ୍ତିତ୍ୱକୁ ନେଇ ଚର୍ଚ୍ଚା ଲାଗି ରହିଛି। ସେଥିମଧ୍ୟରୁ ଇଞ୍ଜିନିୟର/ଆଇଆଇଟିଆନ ବାବା ଭାବେ ପରିଚିତ ଅଭୟ ସିଂ ଅନ୍ୟତମ।

ହରିୟାଣାସ୍ଥିତ ଝଜ୍ଜରର ମୂଳନିବାସୀ ଅଭୟ ଆଇଆଇଟି ବମ୍ବେରୁ ଏରୋସ୍ପେସ ଇଞ୍ଜିନିୟରିଂରେ ଡିଗ୍ରୀ ହାସଲ କରିଛନ୍ତି। ଗଣମାଧ୍ୟମକୁ ସାକ୍ଷାତ୍କାର ଦେଇ ସେ କହିଛନ୍ତି, ଆଇଆଇଟି ପଢ଼ା ଶେଷ ପରେ ସେ କ୍ୟାମ୍ପସ୍ ଇଣ୍ଟରଭ୍ୟୁରେ ବସିଥିଲେ। ସେଠାରେ ଏକ ବଡ଼ କମ୍ପାନୀରେ ଲକ୍ଷାଧିକ ଟଙ୍କାର ପ୍ୟାକେଜରେ ନିଯୁକ୍ତି ପାଇଁ ତାଙ୍କର ଚୟନ ହୋଇଥିଲା। ସେ ଉକ୍ତ କମ୍ପାନୀରେ କିଛିଦିନ ଚାକିରି ମଧ୍ୟ କରିଥିଲେ। ତେବେ ଏହି ଚାକିରି ତାଙ୍କୁ ଆତ୍ମସନ୍ତୋଷ ଦେଇ ପାରି ନ ଥିଲା। ତେଣୁ କିଛିଦିନ କାମ କରିବା ପରେ ସେ ଚାକିରି ଛାଡ଼ିଦେଇଥିଲେ। ପିଲାଦିନୁ ଫୋଟୋଗ୍ରାଫି ପ୍ରତି ଆକୃଷ୍ଟ ଥିବାରୁ ଇଞ୍ଜିନିୟରିଂ ଛାଡ଼ିବା ପରେ ସେ ଟ୍ରାଭେଲ ଫଟୋଗ୍ରାଫି କୋର୍ସ କରିଥିଲେ। ଏହି ସମୟରେ ସେ ଏକ କୋଚିଂ ସେଣ୍ଟର ଖୋଲି କଲେଜ୍ ପିଲାଙ୍କୁ ପଦାର୍ଥ ବିଜ୍ଞାନ ପଢ଼ାଉଥିଲେ। ସେତେବେଳେ ହ୍ୟୁମାନିଟି ଏବଂ ଫିଲୋସୋଫି ବିଷୟ ତାଙ୍କୁ ଆକୃଷ୍ଟ କରିଥିଲା ବୋଲି ଅଭୟ କହିଛନ୍ତି। ସକ୍ରେଟିସ୍ ଏବଂ ପ୍ଲାଟୋଙ୍କ ପରି ବିଶିଷ୍ଟ ଦାର୍ଶନିକଙ୍କ ପୁସ୍ତକ ଏବଂ ଲେଖା ପଢ଼ି ସେତେବେଳେ ସେ ଜୀବନର ଅର୍ଥକୁ ବୁଝିବାକୁ ଚେଷ୍ଟା କରିଥିଲେ। ଏହାସତ୍ତ୍ୱେ ମଧ୍ୟ ଜୀବନର ଉଦ୍ଦେଶ୍ୟକୁ ଠିକ୍ ଭାବେ ☞ପୃଷ୍ଠା-୪

# ୧୧୧ ଚାଷୀଙ୍କ ଆମରଣ ଅନଶନ

### ଡଲ୍ଲେୱାଲଙ୍କ ଅନଶନ ୫୧ ଦିନରେ ପହଞ୍ଚିଲା



**ଚଣ୍ଡିଗଡ଼/ନୂଆଦିଲ୍ଲୀ,୧୫।୧**

କୃଷକଙ୍କ ଦାବି ପୂରଣ ଲାଗି ଚାଷୀ ନେତା ଜଗଜିତ୍ ସିଂ ଡଲ୍ଲେୱାଲ ଚଳାଇଥିବା ଆମରଣ ଅନଶନ ୫୧ ଦିନରେ ପହଞ୍ଚିଥିବାବେଳେ ବୁଧବାର ଏହି ଆନ୍ଦୋଳନ ଆହୁରି ତୀବ୍ର ହୋଇଛି। କେନ୍ଦ୍ର ସରକାର ଦାବିଗୁଡ଼ିକୁ ପୂରଣ କରିବାରେ ଉଦାସୀନ ଆଭିମୁଖ୍ୟ ଗ୍ରହଣ କରିଥିବା ଅଭିଯୋଗ ଆଣି ୧୧୧ ଚାଷୀ ଡଲ୍ଲେୱାଲଙ୍କୁ ସମର୍ଥନ ଜଣାଇଛନ୍ତି। ସେମାନେ ତାଙ୍କ ସହ ଆମରଣ ଅନଶନରେ ବସିଛନ୍ତି।

କୃଷକଙ୍କୁ ଉତ୍ପାଦିତ ସାମଗ୍ରୀର ସର୍ବନିମ୍ନ ସହାୟକ ମୂଲ୍ୟ (ଏମ୍ଏସ୍ପି) ପ୍ରଦାନର ଆଇନଗତ ଗ୍ୟାରେଣ୍ଟି ଦାବିରେ ସାମ୍ମୁଖ୍ୟ କିଷାନ ମୋର୍ଚ୍ଚା(ଅଣରାଜନୈତିକ) ଆବାହକ ଜଗଜିତ୍ ସିଂ ଡଲ୍ଲେୱାଲ ଗତବର୍ଷ ନଭେମ୍ବର ୨୬ରୁ ପଞ୍ଜାବ ଓ ହରିୟାଣା ସୀମାନ୍ତ ଖନୌରି ବର୍ଡର ପଏଣ୍ଟରେ ଅନଶନରେ ବସିଛନ୍ତି। ଏପରି କି ସେ ଡାକ୍ତରୀ ସହାୟତା ଏବଂ ଆହାର ଗ୍ରହଣ କରିବାକୁ ମନା କରିଦେଇଛନ୍ତି। ୫୧ ଦିନ ଧରି କିଛି ଖାଇ ନ ଥିବାରୁ ୭୦ ବର୍ଷୀୟ ଡଲ୍ଲେୱାଲଙ୍କ ଅନେକ ଅଙ୍ଗପ୍ରତ୍ୟଙ୍ଗ ଅକାମୀ ହୋଇଗଲାଣି। ତାଙ୍କ ସ୍ୱାସ୍ଥ୍ୟରେ ଲଗାତର ଅବନତି ଆସୁଥିବାରୁ ବିକ୍ଷୋଭରତ ଚାଷୀମାନେ ଚିନ୍ତା ବ୍ୟକ୍ତ କରିଛନ୍ତି।

ଏସ୍କେଏମ୍ (ଅଣରାଜନୈତିକ) ଏବଂ କିଷାନ ମଜଦୁର ମୋର୍ଚ୍ଚାର କୃଷକମାନେ ଦିଲ୍ଲୀ ମାର୍ଚ୍ଚ ପାଇଁ ଅନୁମତି ନ ମିଳିବାରୁ ପଞ୍ଜାବ ଓ ହରିୟାଣାର ଶମ୍ଭୁ ଓ ଖଣ୍ଡୁରି ସୀମାରେ ଗତବର୍ଷ ଫେବୃଆରୀ ୧୩ରୁ ତମ୍ବୁ ପକାଇ ଧାରଣା ଦେଇଛନ୍ତି। ଚାଷୀ ନେତା ଅଭିମନ୍ୟୁ କୋହର କହିଛନ୍ତି, ଡଲ୍ଲେୱାଲଙ୍କ ଅନଶନ ୫୧ ଦିନରେ ପହଞ୍ଚିଛି। କେନ୍ଦ୍ର ଆମ ଦାବି ପୂରଣ କରୁନାହିଁ କି ଆଲୋଚନା ପାଇଁ ଆଗଉନାହିଁ। ତେଣୁ ଶାନ୍ତିପୂର୍ଣ୍ଣ ଉପାୟରେ ଆମେ ଆମରଣ ଅନଶନ କରିବାକୁ ବାଧ୍ୟ ହୋଇଛୁ ବୋଲି ସେ କହିଛନ୍ତି। ଇତିମଧ୍ୟରେ ସୁପ୍ରିମକୋର୍ଟ ବୁଧବାର ପଞ୍ଜାବ ଓ ହରିୟାଣା ସରକାରଙ୍କୁ ଡଲ୍ଲେୱାଲଙ୍କ ସ୍ୱାସ୍ଥ୍ୟ ସମ୍ପର୍କିତ ରିପୋର୍ଟର ଏକ କପି ମାଗିଛନ୍ତି, ଯାହାକୁ ଏମ୍ସ ମେଡିକାଲ ବୋର୍ଡ ପକ୍ଷରୁ ଯାଞ୍ଚ କରାଯିବ।

ଜଷ୍ଟିସ୍ ସୂର୍ଯ୍ୟକାନ୍ତ ଏବଂ ଏନ୍. କୋଟିଶ୍ୱର ସିଂ ଆଶ୍ଚର୍ଯ୍ୟ ହୋଇ କହିଛନ୍ତି, ୫୦ ଦିନ ହେଲା ଉପବାସରେ ଥିବା ଜଣେ ବ୍ୟକ୍ତିଙ୍କ ସ୍ୱାସ୍ଥ୍ୟରେ କିପରି ଉନ୍ନତି ଆସୁଛି। ପଞ୍ଜାବ ସରକାରଙ୍କ ମୁଖ୍ୟ ସଚିବ ଡଲ୍ଲେୱାଲଙ୍କ ଟେଷ୍ଟ ରିପୋର୍ଟଗୁଡ଼ିକୁ ଦାଖଲ କରନ୍ତୁ ବୋଲି କହିଛନ୍ତି।



ପଞ୍ଜାବ ଓ ହରିୟାଣା ସୀମାନ୍ତ ଖନୌରି ବର୍ଡର ପଏଣ୍ଟରେ ଅନଶନରତ କୃଷକ।

## ସଂକ୍ଷେପରେ

### ଭ୍ରଷ୍ଟାଚାର ମାମଲାରେ ଖାଲିଦା ଜିଆ ଦୋଷମୁକ୍ତ

**ଢାକା, ୧୫।୧**

ବାଂଲାଦେଶର ପୂର୍ବତନ ପ୍ରଧାନମନ୍ତ୍ରୀ ଖାଲିଦା ଜିଆ(୭୯)ଙ୍କୁ ବୁଧବାର ଦେଶର ସୁପ୍ରିମକୋର୍ଟ ୨୦୦୮ର ଏକ ଭ୍ରଷ୍ଟାଚାର ମାମଲାରେ ଦୋଷମୁକ୍ତ କରିଛନ୍ତି। ଏହାସହ ୨୦୧୮ରେ ଉଚ୍ଚ ନ୍ୟାୟାଳୟଙ୍କ ଦ୍ୱାରା ଖାଲିଦାଙ୍କ ଦ୍ୱାରା ଦିଆଯାଇଥିବା ୧୦ ବର୍ଷର ଜେଲଦଣ୍ଡକୁ ରଦ୍ଦ କରାଯାଇଛି। ଉଚ୍ଚ ନ୍ୟାୟାଳୟଙ୍କ ଉକ୍ତ ରାୟ ବିରୋଧରେ ଖାଲିଦାଙ୍କ ଆବେଦନର ଶୁଣାଣି କରି ପ୍ରଧାନ ବିଚାରପତି ଡକ୍ଟର ସୟଦ ରେଫାତ ଅହମ୍ମଦଙ୍କ ଅଧ୍ୟକ୍ଷତାରେ ଗଠିତ ୫ ଜଣିଆ ଖଣ୍ଡପୀଠ ତାଙ୍କୁ ଦୋଷମୁକ୍ତ କରିଛନ୍ତି।

### ପୋଲିସ ଉପସ୍ଥିତିରେ ଝିଅକୁ ଗୁଳିକରି ହତ୍ୟା

**ଗ୍ୱାଲିଅର, ୧୫।୧**

ମଧ୍ୟପ୍ରଦେଶର ଗ୍ୱାଲିଅରରୁ ବୁଧବାର ଏକ ଚାଞ୍ଚଲ୍ୟକର ଅନର କିଲିଂ ମାମଲା ସାମନାକୁ ଆସିଛି। ବିବାହର ୩ ଦିନ ପୂର୍ବରୁ ଜଣେ ବାପା ତାଙ୍କ ଝିଅଙ୍କୁ ପୋଲିସ ସମ୍ମୁଖରେ ଗୁଳିକରି ହତ୍ୟା କରିଛନ୍ତି। ୨୦ ବର୍ଷୀୟା ତନୁ ନାମ୍ନୀ ଜଣେ ଯୁବତୀଙ୍କ ବିବାହ ଆସନ୍ତା ୧୮ରେ ସ୍ଥିର ହୋଇଥିଲା। କିନ୍ତୁ ତନୁ ଏହି ବିବାହକୁ ବିରୋଧ କରୁଥିଲେ। ଆଉ ଜଣଙ୍କୁ ଭଲ ପାଉଥିବାରୁ ତନୁ ଏହି ବିବାହ କରିବାକୁ ଚାହୁଁ ନ ଥିଲେ। ବୁଧବାର ବିବାହ କରିବେ ନାହିଁ ବୋଲି ତନୁ ପରିବାର ଲୋକଙ୍କୁ ଧମକ ଦେଇଥିଲେ। ଏନେଇ ସେ ସୋସିଆଲ ମିଡିଆରେ ଏକ ଭିଡିଓ ଜାରି କରିଥିଲେ। ଭିଡିଓ ସମ୍ପର୍କରେ ଖବର ପାଇ ଗ୍ୱାଲିଅର ପୋଲିସ ତନୁଙ୍କ ଘରେ ପହଞ୍ଚିଥିଲା। ଏହି ସମୟରେ ସେଠାରେ ତନୁଙ୍କ ବାପା ମହେଶ ଗୁର୍ଜର(୪୫)ଙ୍କ ଉପସ୍ଥିତିରେ ବିବାହକୁ ନେଇ ଏକ ପଞ୍ଚାୟତ ବୈଠକ ଚାଲିଥିଲା। ତେବେ ତନୁଙ୍କୁ ଏକୁଟିଆରେ କିଛି ବୁଝାଇବାକୁ ମହେଶ ପୋଲିସକୁ ଅନୁରୋଧ କରିଥିଲେ। ପୋଲିସର ଅନୁମତି ମିଳିବା ମହେଶ ତନୁଙ୍କୁ ଘରର ଏକ ରୁମ୍ ମଧ୍ୟକୁ ନେଇ ତାଙ୍କୁ ଗୁଳିକରି ହତ୍ୟା କରିଥିଲେ। ଘଟଣାସ୍ଥଳରୁ ଅଭିଯୁକ୍ତ ମହେଶଙ୍କୁ ପୋଲିସ ଗିରଫ କରିଛି।

### ହରିୟାଣା ଭାଜପା ସଭାପତିଙ୍କ ନାଁରେ ଗଣବଳାତ୍କାର ମାମଲା

**ଶିମଲା, ୧୫।୧**

୨୦୨୩ରେ ହିମାଚଳ ପ୍ରଦେଶର କସୌଲିସ୍ଥିତ ଏକ ହୋଟେଲରେ ଗଣବଳାତ୍କାର ହୋଇଥିଲା। ପୀଡ଼ିତାଙ୍କ ଅଭିଯୋଗ ଆଧାରରେ ପୋଲିସ ହରିୟାଣା ଭାଜପା ସଭାପତି ମୋହନଲାଲ ବଦୋଲି ଏବଂ ଗାୟକ ରକି ମିତ୍ତଲଙ୍କ ବିରୋଧରେ ମାମଲା ରୁଜୁ କରିଛି। ୨୦୨୩ ଜୁଲାଇ ୩ରେ ପୀଡ଼ିତା ଜଣେ ମହିଳା ବନ୍ଧୁଙ୍କ ସହ କସୌଲିର ଏକ ହୋଟେଲରେ ଥିବା ସମୟରେ ତାଙ୍କର ମୋହନଲାଲ ଏବଂ ରକିଙ୍କ ସହ ସାକ୍ଷାତ ହୋଇଥିଲା। ସେମାନେ ପୀଡ଼ିତାଙ୍କୁ ସରକାରୀ ଚାକିରି ଏବଂ ଅଭିନେତ୍ରୀ କରାଇଦେବାର ପ୍ରଲୋଭନ ଦେଖାଇ ମଦ୍ୟପାନ କରାଇବା ସହ ଗଣବଳାତ୍କାର କରିଥିଲେ ଓ ଏହାର ଭିଡିଓ ରେକର୍ଡ କରିଥିଲେ।

### ଟିଏମ୍ସି କର୍ମୀଙ୍କୁ ହତ୍ୟା

**ମାଲଦା, ୧୫।୧**

ପଶ୍ଚିମବଙ୍ଗର ମାଲଦା ଜିଲା କାଲିଆଚକ ଅଞ୍ଚଳରେ ମଙ୍ଗଳବାର ଗୁଳିକାଣ୍ଡ ଘଟି ଜଣେ ଟିଏମ୍ସି କର୍ମୀଙ୍କର ମୃତ୍ୟୁ ଘଟିଛି। ମୃତ କର୍ମୀଙ୍କ ନାମ ହସୁ ଶେଖ୍ ବୋଲି ପୋଲିସ କହିଛି। ସେହିପରି ଏହି ଗୁଳିକାଣ୍ଡରେ ୨ ଜଣ ସ୍ଥାନୀୟ ଟିଏମ୍ସି ନେତା ବକୁଲ ଶେଖ୍ ଏବଂ ଇଶାଉଦ୍ଦିନ ଶେଖ୍ ଗୁରୁତର ଆହତ ହୋଇଛନ୍ତି। ଟିଏମ୍ସିରେ ଥିବା ଆଭ୍ୟନ୍ତରୀଣ କଳହ ଯୋଗୁ ଉକ୍ତ ଗୁଳିକାଣ୍ଡ ଘଟିଥିବା ନେଇ ପୋଲିସ ଆଶଙ୍କା କରୁଛି। ଘଟଣାର ତଦନ୍ତ ଜାରି ରହିଛି।

## ଜୁକରବର୍ଗଙ୍କ ନିର୍ବାଚନୀ ମନ୍ତବ୍ୟ: କ୍ଷମା ମାଗିଲା ମେଟା ଇଣ୍ଡିଆ

**ନୂଆଦିଲ୍ଲୀ,୧୫।୧**

ଆମେରିକୀୟ ସୋସିଆଲ ମିଡିଆ ଜାଏଣ୍ଟ ମେଟା ସିଇଓ ମାର୍କ ଜୁକରବର୍ଗଙ୍କ ନିର୍ବାଚନୀ ମନ୍ତବ୍ୟକୁ ନେଇ ମେଟା ଇଣ୍ଡିଆ ବୁଧବାର କ୍ଷମା ମାଗିଛି। ମେଟା ଇଣ୍ଡିଆ ଭାଇସ୍ ପ୍ରେସିଡେଣ୍ଟ ଶିବନାଥ ଠୁକ୍ରାଲ କହିଛନ୍ତି, ଏହି 'ଅନିଚ୍ଛାକୃତ ତ୍ରୁଟି' ପାଇଁ କମ୍ପାନୀ କ୍ଷମା ମାଗୁଛି।

ଗତ ୧୦ରେ ଜୁକରବର୍ଗ ଆମେରିକୀୟ ପୋଡ୍କାଷ୍ଟର ଜୋ ରୋଗାନ୍ଙ୍କୁ ଦେଇଥିବା ଏକ ସାକ୍ଷାତ୍କାରରେ କହିଥିଲେ, ୨୦୨୪ ଅଧିକାଂଶ ଦେଶରେ ନିର୍ବାଚନର ବର୍ଷ ଥିଲା। ସରକାରଙ୍କ କୋଭିଡ୍ ପରିଚାଳନା ଓ ତତ୍ ପରବର୍ତ୍ତୀ ମୁଦ୍ରାସ୍ଫୀତି କିମ୍ବା ଆର୍ଥିକ ନୀତି ବିଶ୍ୱବ୍ୟାପୀ ନିର୍ବାଚନକୁ ପ୍ରଭାବିତ କରିଥିଲା। ଫଳରେ ଭାରତ ସମେତ କ୍ଷମତାରେ ଥିବା ଅନେକ ଦେଶର ସରକାରଙ୍କ ପ୍ରତି ଲୋକଙ୍କ ଆସ୍ଥା କମିଥିଲା। ୨୦୨୪ ନିର୍ବାଚନରେ ଭାଜପା ସଂଖ୍ୟାଗରିଷ୍ଠତା ହରାଇଥିଲେ ମଧ୍ୟ ଶାସକ ମେଣ୍ଟ ବହୁମତ ବଜାୟ ରଖିପାରିଥିଲା। ଏଥିଯୋଗୁ ନରେନ୍ଦ୍ର ମୋଦି ତୃତୀୟ ଥର ପ୍ରଧାନମନ୍ତ୍ରୀ ହେବା ପଥ ପରିଷ୍କାର ହୋଇଯାଇଥିଲା ବୋଲି ସେ କହିଥିଲେ। ଅନ୍ୟପକ୍ଷେ ଜୁକରବର୍ଗଙ୍କ ଏହି ମନ୍ତବ୍ୟକୁ ନେଇ ଭାରତର ସଂସଦୀୟ ସ୍ଥାୟୀ କମିଟି ତାଙ୍କୁ ସମନ ଜାରି କରିବାକୁ ମଙ୍ଗଳବାର ଚେତାବନୀ ଦେଇଥିଲା। ଭୁଲ୍ ତଥ୍ୟ ପ୍ରସାର କରାଇଥିବାରୁ ମେଟା ଦେଶବାସୀଙ୍କ ନିକଟରେ କ୍ଷମା ମାଗୁ ବୋଲି ଭାଜପା ଏମ୍ପି ତଥା ଯୋଗାଯୋଗ ଓ ସୂଚନା ପ୍ରଯୁକ୍ତି ସଂସଦୀୟ କମିଟିର ଅଧ୍ୟକ୍ଷ ନିଶିକାନ୍ତ ଦୁବେ ଦାବି କରିଥିଲେ। ଏହା ଉପରେ ଠୁକ୍ରାଲ ଏକ୍ସ'ରେ ପୋଷ୍ଟ କରି ଲେଖିଛନ୍ତି, ଆମେରିକୀୟ ବହୁରାଷ୍ଟ୍ରୀୟ କମ୍ପାନୀ ମେଟା ପାଇଁ ଭାରତ ଏକ ଗୁରୁତ୍ୱପୂର୍ଣ୍ଣ ଦେଶ। ଏକ ନବୋନ୍ମେଷୀ ଭବିଷ୍ୟତ ଆଡ଼କୁ ଆମେ ଦେଖୁଛୁ। ଏହା ପରେ ଦୁବେ କହିଛନ୍ତି, ମେଟା ଇଣ୍ଡିଆ ଆନୁଷ୍ଠାନିକ ଭାବେ କ୍ଷମା ମାଗିଥିବାରୁ ଜୁକରବର୍ଗଙ୍କ ପାଖକୁ ଆଉ ସମନ ପଠାଯିବ ନାହିଁ। ଏହା ଭାରତୀୟ ନାଗରିକମାନଙ୍କ ପାଇଁ ଏକ ବିଜୟ ବୋଲି ସେ ଏକ୍ସ'ରେ ଲେଖିଛନ୍ତି।

## ସ୍କୁଲକୁ ବୋମା ଧମକ ଦେଇଥିବା ଛାତ୍ରଙ୍କ ଏନ୍‌ଜିଓ ଲିଙ୍କ୍

**ନୂଆଦିଲ୍ଲୀ,୧୫।୧(ପି.ଟି.)**

ଦିଲ୍ଲୀର ୪୦୦ରୁ ଊର୍ଦ୍ଧ୍ୱ ସ୍କୁଲ୍‌କୁ ବୋମା ଧମକ ପଠାଇଥିବା ଦ୍ୱାଦଶ ଶ୍ରେଣୀ ଛାତ୍ରଙ୍କୁ ପୋଲିସ ଚିହ୍ନଟ କରିଥିବା ମଙ୍ଗଳବାର ଦାବି କରିଛି। ଉକ୍ତ ଛାତ୍ରଙ୍କ ମାଆବାପା ଏକ ଏନ୍‌ଜିଓ ସହ ସମ୍ପୃକ୍ତ ଯାହା ଏକ ରାଜନୈତିକ ଦଳକୁ ସମର୍ଥନ ଦେଉଛି। ଅଧିକ ତଦନ୍ତ ଜାରି ରହିଥିବାରୁ ପୋଲିସ ରାଜନୈତିକ ଦଳର ନାଁ ପ୍ରକାଶ କରିନାହିଁ।


ଉକ୍ତ ଏନ୍‌ଜିଓ ପାର୍ଲାମେଣ୍ଟ ଭବନ ଆକ୍ରମଣରେ ଦୋଷୀସାବ୍ୟସ୍ତ ଅଫଜଲ ଗୁରୁଙ୍କୁ ସମର୍ଥନ କରୁଥିଲା। ଛାତ୍ର ଜଣଙ୍କୁ ଜେରା ବେଳେ ଏହି ଘଟଣା ସାମ୍ନାକୁ ଆସିଛି। ବିଶୃଙ୍ଖଳିତ କୌଶଳ ଜରିଆରେ ସାଧାରଣରେ ଅଶାନ୍ତ ବାତାବରଣ ସୃଷ୍ଟି କରିବା ପାଇଁ ସମ୍ଭବତଃ ବଡ଼ ଧରଣର ଷଡ଼ଯନ୍ତ୍ର ଚାଲିଥିଲା। ଭର୍ଚୁଆଲ୍ ପ୍ରାଇଭେଟ୍ ନେଟ୍‌ୱର୍କ (ଭିପିଏନ୍) ଯୋଗୁ ଇ-ମେଲ୍‌ର ମୂଳ ଉତ୍ସ ଚିହ୍ନଟ କରିବା କଷ୍ଟକର ହେଉଛି। ଏହା ପଛରେ ସମ୍ଭାବ୍ୟ ଆତଙ୍କବାଦ ଦିଗକୁ ମଧ୍ୟ ପୋଲିସ ଅନୁଧ୍ୟାନ କରୁଛି।

ପୋଲିସ ସୂଚନା ପରେ ଶାସକ ଆମ୍ ଆଦ୍‌ମୀ ପାର୍ଟି (ଆପ୍) ଉପରକୁ ଭାଜପା ଅଙ୍ଗୁଳି ଉଠାଇଛି। ବୋମା ଧମକ ପଠାଉଥିବା ଛାତ୍ରଙ୍କ ପରିବାର ସହ ଆପ୍‌ର ସମ୍ପୃକ୍ତି ରହିଛି କି ନାହିଁ, ଏହାର ସୁପ୍ରିମୋ ଅରବିନ୍ଦ କେଜ୍‌ରିୱାଲ ସ୍ପଷ୍ଟ କରନ୍ତୁ ବୋଲି ଭାଜପା ଦାବି କରିଛି। ପୋଲିସ୍‌ର ତଦନ୍ତ ରିପୋର୍ଟ ଅତ୍ୟନ୍ତ ସମ୍ବେଦନଶୀଳ ଓ ଗମ୍ଭୀର ବୋଲି ଭାଜପା ମୁଖପାତ୍ର ତଥା ରାଜ୍ୟ ସଭା ସଦସ୍ୟ ସୁଧାଂଶୁ ତ୍ରିବେଦୀ କହିଛନ୍ତି।

## ଭାରତ ସହ ସମ୍ପର୍କ ମଜଭୁତ ହୋଇଛି: ବାଇଡେନ୍

**ୱାଶିଂଟନ, ୧୫।୧**

ଆମେରିକାର ବିଦାୟୀ ରାଷ୍ଟ୍ରପତି ଜୋ ବାଇଡେନଙ୍କ ୪ ବର୍ଷର କାର୍ଯ୍ୟକାଳ ସମୟରେ ଭାରତ ଓ ଆମେରିକା ମଧ୍ୟରେ ଦ୍ୱିପାକ୍ଷିକ ସମ୍ପର୍କ ଅଧିକ ମଜଭୁତ ହୋଇଛି। ମେ' ୨୦୨୨ରେ ୨ ଦେଶ ପକ୍ଷରୁ ଶିକ୍ଷା, ବ୍ୟବସାୟ, ପ୍ରଯୁକ୍ତିବିଦ୍ୟା, ପ୍ରତିରକ୍ଷା ଆଦି କ୍ଷେତ୍ରରେ ରଣନୈତିକ ସହଭାଗିତା ପାଇଁ ଆମେରିକା-ଭାରତ ଡାଇଲଗ୍‌ର ଘୋଷଣା କରାଯାଇଥିଲା। ବୁଧବାର ଆମେରିକୀୟ ସମୟ ରାତି ୮ଟା (ଭାରତୀୟ ସମୟ ଗୁରୁବାର ସକାଳ ସାଢ଼େ ୬ଟା)ରେ ବାଇଡେନ୍ ଆମେରିକା ରାଷ୍ଟ୍ରପତି ଭାବେ ଦେଶବାସୀଙ୍କୁ ବିଦାୟୀ ଭାଷଣ ଦେବେ। ଏହାର ଠିକ୍ ପୂର୍ବରୁ ପୂର୍ବରୁ ହ୍ୱାଇଟ ହାଉସ୍ ପକ୍ଷରୁ ବାଇଡେନ୍‌ଙ୍କ କାର୍ଯ୍ୟକାଳରେ କିଛି



ଜୋ ବାଇଡେନ

ପ୍ରମୁଖ ଉପଲବ୍ଧିକୁ ନେଇ ଏକ ଦସ୍ତାବିଜ୍ ପ୍ରକାଶିତ ହୋଇଛି। ଏହି ଡକ୍ୟୁମେଣ୍ଟରେ କୁହାଯାଇଛି, ଗତ ୪ ବର୍ଷ ମଧ୍ୟରେ ଜାପାନ, ଦକ୍ଷିଣ କୋରିଆ, ଅଷ୍ଟ୍ରେଲିଆ, ବ୍ରିଟେନ୍ ଆଦି ଦେଶ ସହ ଆମେରିକାର ଦ୍ୱିପାକ୍ଷିକ ସମ୍ବନ୍ଧରେ ଉନ୍ନତି ଆସିଛି। ସେହିପରି ଭାରତ, ଇଣ୍ଡୋନେସିଆ, ଭିଏତ୍‌ନାମ ପରି ଦକ୍ଷିଣ ପୂର୍ବ ଏସୀୟ

### ୪ ବର୍ଷର ଉପଲବ୍ଧିକୁ ଦର୍ଶାଇଲା ହ୍ୱାଇଟ୍ ହାଉସ୍

ଦେଶଗୁଡ଼ିକ ସହ ମଧ୍ୟ ଆମେରିକାର ସମ୍ବନ୍ଧ ମଜଭୁତ ହୋଇଛି। ୪ ବର୍ଷର କାର୍ଯ୍ୟକାଳ ମଧ୍ୟରେ ବାଇଡେନ୍ ପ୍ରଶାସନ ପକ୍ଷରୁ ରୁଷିଆ ଦ୍ୱାରା ଆକ୍ରମଣର ଶିକାର ହୋଇଥିବା ୟୁକ୍ରେନ୍‌କୁ ସହଯୋଗ ଦିଗରେ ଅନେକ ପଦକ୍ଷେପ ନିଆଯାଇଛି। ବାଇଡେନଙ୍କ ପ୍ରୟାସରେ ୫୦ରୁ ଅଧିକ ଦେଶକୁ ଏକତ୍ରିତ କରାଯାଇ ଆଞ୍ଚଳିକ ଅଖଣ୍ଡତାକୁ ରକ୍ଷା କରିବା ପାଇଁ ୟୁକ୍ରେନକୁ ଆବଶ୍ୟକ ଆର୍ଥିକ ସହାୟତା ପ୍ରଦାନ କରାଯାଇଥିଲା। ପ୍ରକାଶ ଯେ, ଆସନ୍ତା ୨୦ରେ ଡୋନାଲ୍ଡ ଟ୍ରମ୍ପ(୭୮) ଦେଶର ୪୭ତମ ରାଷ୍ଟ୍ରପତି ଭାବେ ଶପଥ ନେବେ।

## ବିକାଶ ଯାଦବଙ୍କ ବିରୋଧରେ କାର୍ଯ୍ୟାନୁଷ୍ଠାନ ସୁପାରିସ

**ନୂଆଦିଲ୍ଲୀ,୧୫।୧**

ଖଲିସ୍ତାନୀ ଆତଙ୍କବାଦୀ ଗୁରୁପତ୍‌ୱନ୍ତ ସିଂ ପନ୍ନୁଙ୍କୁ ଆମେରିକାରେ ହତ୍ୟା ଉଦ୍ୟମ ଷଡ଼ଯନ୍ତ୍ର ମାମଲାରେ ଜଣେ ପୂର୍ବତନ ଭାରତୀୟ ଗୋଇନ୍ଦା ଅଧିକାରୀଙ୍କ ବିରୋଧରେ କାର୍ଯ୍ୟାନୁଷ୍ଠାନ ନେବା ପାଇଁ ଭାରତ ସରକାରଙ୍କ ପକ୍ଷରୁ ଗଠିତ ଏକ କମିଟି ସୁପାରିସ କରିଛି। ନ୍ୟୁୟର୍କ ସିଟିରେ ଦାଖଲ ଏକ ଦାଖଲ ଅଭିଯୋଗପତ୍ରରେ ସମ୍ପୃକ୍ତ ଅଧିକାରୀଙ୍କୁ 'ସିସି-୧' ବୋଲି ଉଲ୍ଲେଖ କରାଯାଇଛି।

ଆମେରିକୀୟ-କାନାଡୀୟ ଖଲିସ୍ତାନୀ ଆତଙ୍କବାଦୀ ପନ୍ନୁଙ୍କୁ ୨୦୨୩ରେ ଆମେରିକାରେ ହତ୍ୟା ପାଇଁ ଷଡ଼ଯନ୍ତ୍ର କରାଯାଇଥିଲା। ଏଥିରେ ଭାରତ ସରକାରଙ୍କ ସମ୍ପୃକ୍ତି ଥିବା ପୂର୍ବରୁ କାନାଡା ଓ ଆମେରିକା ପକ୍ଷରୁ ଦର୍ଶାଯାଇଥିଲା। ଭାରତ ସରକାରଙ୍କ ପକ୍ଷରୁ ଗଠିତ ଏକ କମିଟି ଦୀର୍ଘ ଦିନ ଧରି ଏହାର ତଦନ୍ତ କରିବା ପରେ ନିଜ ରିପୋର୍ଟ ଦାଖଲ କରିଛି।





### ଆମେରିକାରେ ପନ୍ନୁଙ୍କୁ ହତ୍ୟା ପାଇଁ ଷଡ଼ଯନ୍ତ୍ର

ଏଥିରେ ସମ୍ପୃକ୍ତ ପୂର୍ବତନ ଅଧିକାରୀଙ୍କ ବିରୋଧରେ କାର୍ଯ୍ୟାନୁଷ୍ଠାନ ସୁପାରିସ କରାଯାଇଛି। ତଦନ୍ତ ବେଳେ ପୂର୍ବରୁ ରହିଥିବା ତାଙ୍କର କେତେକ ଆପରାଧିକ ପୃଷ୍ଠଭୂମି ସମ୍ପର୍କରେ ମଧ୍ୟ ଜଣାପଡ଼ିଥିବା ସ୍ୱରାଷ୍ଟ୍ର ମନ୍ତ୍ରଣାଳୟ ପକ୍ଷରୁ ଜାରି ଏକ ବିବୃତିରେ କୁହାଯାଇଛି। ସିସି-୧ ନାମକ ଏହି ବ୍ୟକ୍ତିଙ୍କୁ ଫେଡେରାଲ ବ୍ୟୁରୋ ଅଫ୍ ଇନ୍‌ଭେଷ୍ଟିଗେଶନ୍ (ଏଫ୍‌ବିଆଇ) ବିକାଶ ଯାଦବ ବୋଲି ଚିହ୍ନଟ କରିଛି। ବିକାଶ ଯାଦବ ପୂର୍ବରୁ ରିସର୍ଚ୍ଚ ଆଣ୍ଡ ଆନାଲିସିସ୍ ୱିଙ୍ଗ୍ (ର) ଅଧିକାରୀ ଥିଲେ। ସେ ଏବେ ଚାକିରିରେ ନ ଥିବା ଭାରତ ସରକାର ସ୍ପଷ୍ଟ କରିଛନ୍ତି। ଏଫ୍‌ବିଆଇ ନିର୍ଦ୍ଦେଶକ କ୍ରିଷ୍ଟୋଫର ୱ୍ରେୟ କହିଛନ୍ତି, ତଦନ୍ତକାରୀ ସଂସ୍ଥା ଆମେରିକାରେ ରହୁଥିବା କୌଣସି ବ୍ୟକ୍ତିଙ୍କ ବିରୋଧରେ ହିଂସାକୁ ବରଦାସ୍ତ କରିବ ନାହିଁ। ପ୍ରକାଶ ଯେ, ୨୦୨୩ ମେ'ରେ ବିକାଶ ଯାଦବ ପନ୍ନୁଙ୍କୁ ହତ୍ୟା କରାଇବା ପାଇଁ ଜଣେ ଭାରତୀୟ ନାଗରିକ ନିଖିଲ ଗୁପ୍ତାଙ୍କୁ ସୁପାରି ଦେଇଥିବା ଅଭିଯୋଗ ରହିଛି। ନିଖିଲଙ୍କୁ ସେହିବର୍ଷ ଜୁନ୍‌ରେ ପ୍ରାଗ୍‌ରୁ ଗିରଫ ପରେ ଆମେରିକାକୁ ପ୍ରତ୍ୟର୍ପଣ କରାଯାଇଥିଲା।

## ଫୁର୍‌ସତ୍

## ଉଦ୍ୟୋଗୀମାନଙ୍କ ପାଇଁ ଅନୁକୂଳ ପରିବେଶ ସୃଷ୍ଟି ଲକ୍ଷ୍ୟ

### ନ୍ୟାଶନାଲ ଷ୍ଟାର୍ଟଅପ୍ ଦିବସ

ପ୍ରତିବର୍ଷ ଜାନୁଆରୀ ୧୬ ତାରିଖରେ ଜାତୀୟ ଷ୍ଟାର୍ଟଅପ୍ ଦିବସ ପାଳନ କରାଯାଏ। ଏହି ଦିନଟି ଷ୍ଟାର୍ଟଅପ୍ ପ୍ରତିଷ୍ଠାତାଙ୍କ ସୃଜନଶୀଳତା, ଦୃଢ଼ ପ୍ରତିବଦ୍ଧତା, ମନୋବଳକୁ ସମ୍ମାନ ଜଣାଇଥାଏ। ୧.୫୯ ରୁ ଅଧିକ ପଞ୍ଜିକୃତ ଷ୍ଟାର୍ଟଅପ୍ ଏବଂ ୧୬.୬ ଲକ୍ଷ ପ୍ରତ୍ୟକ୍ଷ ନିଯୁକ୍ତି ସହିତ, ଭାରତ ବିଶ୍ୱର ତୃତୀୟ ବୃହତ ଷ୍ଟାର୍ଟଅପ୍ କ୍ଲଷ୍ଟର ଅଟେ। ଷ୍ଟାର୍ଟଅପ୍ ପଲିସି ଫୋରମ (ଏସପିଏଫ) ଶିଳ୍ପ ଏବଂ ଆଭ୍ୟନ୍ତରୀଣ ବାଣିଜ୍ୟ ପ୍ରୋତ୍ସାହନ ବିଭାଗ(ଡିପିଆଇଆଇଟି) ଏବଂ ଷ୍ଟାର୍ଟଅପ୍ ଇଣ୍ଡିଆ ସହିତ ୨୦୨୫ ଜାତୀୟ ଷ୍ଟାର୍ଟଅପ୍ ଦିବସ ପାଳନ କରିବା ପାଇଁ 'ଷ୍ଟାର୍ଟଅପ୍ ବୈଠକ' ଏବଂ 'ଷ୍ଟାର୍ଟଅପ୍ ଆଲୋଚନା' ଆରମ୍ଭ କରିଛି।

ଭାରତ ମଣ୍ଡପମରେ ଅନୁଷ୍ଠିତ ହେବାକୁଥିବା ଏହି ଦୁଇ ଦିନିଆ କାର୍ଯ୍ୟକ୍ରମ ଭାରତର ଷ୍ଟାର୍ଟଅପ୍ ଇକୋସିଷ୍ଟମର ଜୀବନ୍ତ ଏବଂ ପରିବର୍ତ୍ତନକାରୀ ସମ୍ଭାବନାକୁ ଆଲୋକିତ କରିବା ପାଇଁ ଡିଜାଇନ କରାଯାଇଛି ଏବଂ ଡାଟା ଗୋପନୀୟତା, ରିଭର୍ସ ଫ୍ଲିପିଂ, ଏଆଇ ଗଭର୍ଣ୍ଣାନ୍ସ, ପୁଞ୍ଜି ବଜାର ଏବଂ ଫିନଟେକ ନିୟମାବଳୀ ସମେତ ପ୍ରମୁଖ ନୀତିଗତ ପ୍ରସଙ୍ଗଗୁଡ଼ିକ ଉପରେ ଆଲୋଚନା କରାଯାଇଛି। ୨୦୧୬ରେ ଷ୍ଟାର୍ଟଅପ୍ ଇଣ୍ଡିଆ ଯୋଜନା ପ୍ରତିଷ୍ଠା ସହିତ ବ୍ୟବସାୟଗୁଡ଼ିକୁ ଚିହ୍ନଟ କରିବାର ଧାରଣା ଲୋକପ୍ରିୟ ହୋଇଥିଲା। ସେବେଠାରୁ, ଭାରତ ସରକାର ନବସୃଜନକୁ ଉତ୍ସାହିତ କରିବା ଏବଂ ଉଦ୍ୟୋଗୀମାନଙ୍କ ପାଇଁ ଏକ ଅନୁକୂଳ ପରିବେଶ ସୃଷ୍ଟି କରିବା ପାଇଁ ଅନେକ ପ୍ରୟାସ ଆରମ୍ଭ କରିଛନ୍ତି।


ଭାରତୀୟ ଅର୍ଥନୀତିରେ ଷ୍ଟାର୍ଟଅପ୍ ଗୁଡ଼ିକର ଅବଦାନକୁ ସ୍ୱୀକୃତି ଦେବା ପାଇଁ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦି ଜାନୁଆରୀ ୧୬ ତାରିଖକୁ ୨୦୨୨ରେ ଜାତୀୟ ଷ୍ଟାର୍ଟଅପ୍ ଦିବସ ଭାବରେ ଘୋଷଣା କରିଥିଲେ।

## 'ସିକନ୍ଦର' ୨୦୨୫ର ମୋଷ୍ଟ ଆୱେଟେଡ୍ ଫିଲ୍ମ

**ମୁମ୍ବାଇ**

ବିଭିନ୍ନ ଫିଲ୍ମ ଓ ଟିଭି ଶୋ' ସମ୍ପର୍କିତ ତଥ୍ୟ ପ୍ରଦାନ କରୁଥିବା ପ୍ଲାଟ୍‌ଫର୍ମ ଇଣ୍ଟରନେଟ ମୁଭି ଡାଟାବେସ୍ (ଆଇଏମ୍‌ଡିବି) ପକ୍ଷରୁ ବର୍ଷ ୨୦୨୫ର ବହୁ ପ୍ରତୀକ୍ଷିତ ଚଳଚ୍ଚିତ୍ରଗୁଡ଼ିକର ତାଲିକାକୁ ବୁଧବାର ଜାରି କରାଯାଇଛି। ଆସନ୍ତା ମାର୍ଚ୍ଚ ୩୦ରେ ଇଦ୍ ଉପଲକ୍ଷେ ରିଲିଜ୍ ହେବାକୁ ଥିବା ଅଭିନେତା ସଲମାନ ଖାନଙ୍କ 'ସିକନ୍ଦର' ଫିଲ୍ମ ଏହି ତାଲିକାର ଶୀର୍ଷ ସ୍ଥାନରେ ରହିଛି। ଫିଲ୍ମରେ ସଲମାନଙ୍କ ସହ ଅଭିନେତ୍ରୀ ରଶ୍ମିକା ମନ୍ଦାନା ଓ କାଜଲ ଅଗ୍ରୱାଲ ମଧ୍ୟ ଗୁରୁତ୍ୱପୂର୍ଣ୍ଣ ଭୂମିକାରେ ନଜରକୁ ଆସିବେ। ତେବେ ଏହି ତାଲିକାର ଶୀର୍ଷ ୧୦ ଚଳଚ୍ଚିତ୍ର ମଧ୍ୟରେ ଅନେକ ପ୍ୟାନ୍ ଇଣ୍ଡିଆ ସ୍ତରୀୟ ତାରକାଙ୍କ ଫିଲ୍ମ ସ୍ଥାନ ପାଇନାହିଁ। ଆସନ୍ତା ଏପ୍ରିଲ ୧୦ରେ ରିଲିଜ୍ ହେଉଥିବା କେଜିଏଫ୍ ଷ୍ଟାର୍ ଯଶ୍‌ଙ୍କ ଆଗାମୀ ଚଳଚ୍ଚିତ୍ର 'ଟକ୍ସିକ୍' ଏହି ତାଲିକାରେ ଦ୍ୱିତୀୟ ସ୍ଥାନ ଅଧିକାର କରିଛି। ଫିଲ୍ମରେ ଅଭିନେତା ଯଶ୍‌ଙ୍କ ସହ ଅଭିନେତ୍ରୀ କିଆରା ଆଡ୍‌ଭାନୀ ଓ ଅଭିନେତ୍ରୀ ନୟନତାରାଙ୍କୁ ଗୁରୁତ୍ୱପୂର୍ଣ୍ଣ ଭୂମିକାରେ ଦେଖିବାକୁ ମିଳିବ। ସେହିପରି ଏହି ତାଲିକାର ତୃତୀୟ ସ୍ଥାନରେ ସାଉଥ୍ ସୁପରଷ୍ଟାର ରଜନୀକାନ୍ତଙ୍କ ଫିଲ୍ମ 'କୁଲି' ରହିଛି। ଲୋକେଶ କନଗରାଜଙ୍କ ନିର୍ଦ୍ଦେଶିତ ଏହି ଚଳଚ୍ଚିତ୍ରଟି ଆସନ୍ତା ମେ' ୧ରେ ମୁକ୍ତିଲାଭ କରିବ। ତାଲିକାର ଚତୁର୍ଥ ସ୍ଥାନରେ ମଲ୍ଟି ଷ୍ଟାରର ଫିଲ୍ମ 'ହାଉସ୍‌ଫୁଲ୍ ୫' ରହିଛି। ଆସନ୍ତା ସେପ୍ଟେମ୍ବର ୫ରେ ରିଲିଜ୍ ହେବାକୁ ଥିବା ଅଭିନେତା ଟାଇଗର ଶ୍ରଫ୍‌ଙ୍କ 'ବାଗୀ ୪' ଏହି ତାଲିକାର ପଞ୍ଚମ ସ୍ଥାନରେ ରହିଛି।

### ଆଇଏମ୍‌ଡିବି ରେଟିଂ



ସଲମାନ ଖାନ୍

## ଶୋଇଥିବା ବେଳେ ହଜାରେ କମ୍ପାନୀରେ ନିଯୁକ୍ତି ଆବେଦନ

**ନୂଆଦିଲ୍ଲୀ**

ସମ୍ପ୍ରତି କୃତ୍ରିମ ବୁଦ୍ଧିମତ୍ତା(ଏଆଇ)ର ବ୍ୟବହାର ମଣିଷ ଜୀବନରେ ବଢ଼ି ବଢ଼ି ଚାଲିଛି। ନିକଟରେ ଜଣେ ବ୍ୟକ୍ତି ନିଦରେ ଶୋଇଥିବାବେଳେ ତାଙ୍କ ପାଇଁ ଏଆଇ ହଜାରେରୁ ଅଧିକ କମ୍ପାନୀରେ ନିଯୁକ୍ତି ପାଇଁ ଆବେଦନ କରିଥିବା ଜଣାପଡ଼ିଛି।

ସୋସିଆଲ ମିଡିଆ ପ୍ଲାଟ୍‌ଫର୍ମ ରେଡ୍ଡିଟର 'ଗେଟ୍ ଏମ୍ପ୍ଲଏଡ୍' ଫୋରମ୍‌ରେ ଜଣେ ୟୁଜର୍ସ ଏଆଇକୁ ନେଇ ନିଜର ଅଭିଜ୍ଞତା ବାଣ୍ଟିଛନ୍ତି। ସେ ନିଯୁକ୍ତି ଖୋଜିବା ପାଇଁ ନିଜ ଦ୍ୱାରା ପ୍ରସ୍ତୁତ ଏକ 'ଏଆଇ ବଟ୍'ର ବ୍ୟବହାର କରିଥିବା କହିଛନ୍ତି। ଏହି ବଟ୍ ପ୍ରାର୍ଥୀମାନଙ୍କର ବୃତ୍ତିଗତ ପୃଷ୍ଠଭୂମିକୁ ବିଶ୍ଳେଷଣ କରି ତାଙ୍କ ପାଇଁ ଉପଯୁକ୍ତ ନିଯୁକ୍ତି ଖୋଜିଥାଏ। ଏହାସହ ଉକ୍ତ 'ଏଆଇ ବଟ୍' ବିଭିନ୍ନ କମ୍ପାନୀ ପକ୍ଷରୁ ବାହାରିଥିବା ନିଯୁକ୍ତି ସମ୍ପର୍କିତ ତଥ୍ୟ କାଢ଼ିବା ସହ ଏଥିପାଇଁ ଭିନ୍ନ ଭିନ୍ନ ସିଭି ଏବଂ କଭର୍ ଲେଟର୍ ମଧ୍ୟ ପ୍ରସ୍ତୁତ କରିପାରିଥାଏ। ରେଡ୍ଡିଟ ୟୁଜର୍ସ ଜଣକ ନିଜ ପୋଷ୍ଟରେ ଲେଖିଛନ୍ତି, ବିଭିନ୍ନ କମ୍ପାନୀରେ ବାହାରିଥିବା ନିଯୁକ୍ତିକୁ ବିଶ୍ଳେଷଣ କରି ତାଙ୍କ ପାଇଁ ସିଭି ଆବେଦନ କରିବାକୁ ସେ ନିଜ 'ଏଆଇ ବଟ୍'କୁ ନିର୍ଦ୍ଦେଶ ଦେଇ ରାତିରେ ଶୋଇପଡ଼ିଥିଲେ। ସକାଳେ ସେ ଉଠିଲା ବେଳକୁ 'ଏଆଇ ବଟ୍' ଉକ୍ତ ସମସ୍ତ କାମ କରିସାରିଥିଲା। ତାଙ୍କୁ ସାକ୍ଷାତ୍କାର ପାଇଁ ଶର୍ଟଲିଷ୍ଟ କରାଯାଇଛି ବୋଲି ସକାଳ ସୁଦ୍ଧା ୫୦ରୁ ଅଧିକ କମ୍ପାନୀ ପକ୍ଷରୁ ମେଲ୍ ଆସିଥିଲା ବୋଲି ସେ ନିଜ ପୋଷ୍ଟରେ ଲେଖିଛନ୍ତି। ଏହି ପୋଷ୍ଟ ସୋସିଆଲ ମିଡିଆରେ ଭାଇରାଲ ହେବାରେ ଲାଗିଛି।



# ପ୍ରଶ୍ନପତ୍ର ପରିବହନକୁ ସୁରକ୍ଷିତ କରିବ ଡିଜିଲକ୍

**କଟକ,୧୫।୧(କାର୍ତ୍ତିକ ସାହୁ)**

ମାଧ୍ୟମିକ ଶିକ୍ଷା ପରିଷଦ (ବୋର୍ଡ) ବର୍ଷତମାମ ବିଭିନ୍ନ ପରୀକ୍ଷା କରାଉଛି। ଯେକୌଣସି ପରୀକ୍ଷା ପାଇଁ ଗୁରୁତ୍ୱପୂର୍ଣ୍ଣ କାର୍ଯ୍ୟ ହେଉଛି ସୁରକ୍ଷିତ ପ୍ରଶ୍ନପତ୍ର ପରିବହନ। ପ୍ରଶ୍ନପତ୍ର ପରିବହନକୁ ସୁରକ୍ଷିତ କରିବା ନିମନ୍ତେ ବୋର୍ଡ ଡିଜିଲକ୍ ବ୍ୟବସ୍ଥା ଆପଣାଇଛି।

ସୂଚନାନୁସାରେ, ଆସନ୍ତା ୧୭ ତାରିଖରୁ ଆରମ୍ଭ ହେବାକୁ ଥିବା ଓଡ଼ିଶା ସେକେଣ୍ଡାରୀ ସ୍କୁଲ ଟିଚର୍ସ ଏଲିଜିବିଲିଟି ଟେଷ୍ଟ (ଓଏସ୍ଏସ୍‌ଟିଇଟି)ରେ ଡିଜିଲକ୍ ବ୍ୟବସ୍ଥା ପ୍ରଥମଥର ପାଇଁ ପ୍ରଚଳିତ ହେବ। ଏହାଦ୍ୱାରା ପରୀକ୍ଷା ପରିଚାଳନା ଓ ସୁରକ୍ଷିତ ଭାବେ ପ୍ରଶ୍ନପତ୍ର ପରୀକ୍ଷା କେନ୍ଦ୍ରରେ ପହଞ୍ଚାଇବାକୁ ନିଶ୍ଚିତ କରାଯାଇପାରିବ। ବୋର୍ଡ କାର୍ଯ୍ୟାଳୟରୁ ପରୀକ୍ଷା କେନ୍ଦ୍ରକୁ ସୁରକ୍ଷିତ ଭାବେ ପ୍ରଶ୍ନପତ୍ର ପଠାଇବା ପାଇଁ ଏହି ଡିଜିଲକ୍ ବ୍ୟବହାର ହେବ। ଓଏସ୍ଏସ୍‌ଟିଇଟି ପାଇଁ ୧୮୩ ପରୀକ୍ଷା କେନ୍ଦ୍ରକୁ ଯିବାକୁ ଥିବା ପ୍ରଶ୍ନପତ୍ର ବାକ୍ସରେ ଲାଗିବ ଏହି ଡିଜିଲକ୍। ପ୍ରଶ୍ନପତ୍ର ଯିବା ସମୟରେ ଡିଜିଲକ୍‌କୁ ଟ୍ରାକ୍ କରି ଗାଡ଼ିର ଗତିବିଧି ଜାଣିପାରିବ ବୋର୍ଡ। ଏକ ସିଙ୍ଗିଲ ସେଣ୍ଟ୍ରାଲ କମାଣ୍ଡ, ପାସ୍‌ୱାର୍ଡ ସହ ଚିପ୍ ବ୍ୟବସ୍ଥା ଦ୍ୱାରା ଡିଜିଲକ୍‌କୁ ଖୋଲିବା ସମ୍ଭବ ହୋଇପାରିବ। ଆଗାମୀ ଦିନରେ ଏହି ଡିଜି ଲକ୍‌କୁ ମାଟ୍ରିକ୍ ପରୀକ୍ଷାରେ ବ୍ୟବହାର ପାଇଁ ବ୍ୟବସ୍ଥା କରାଯିବ ବୋଲି ବୋର୍ଡ ଉପସଭାପତି ଡ. ନୀହାର ରଞ୍ଜନ ମହାନ୍ତି କହିଛନ୍ତି।



ଭୁବନେଶ୍ୱରସ୍ଥିତ ଧରିତ୍ରୀ ଏବଂ ଓଡ଼ିଶା ପୋଷ୍ଟ ମୁଖ୍ୟ କାର୍ଯ୍ୟାଳୟକୁ ବୁଧବାର ଢେଙ୍କାନାଳ ଇଣ୍ଡିଆନ୍ ଇନ୍‌ଷ୍ଟିଚ୍ୟୁଟ୍ ଅଫ୍ ମାସ୍ କମ୍ୟୁନିକେଶନ(ଆଇଆଇଏମ୍‌ସି)ର ଛାତ୍ରୀଛାତ୍ରମାନେ ପରିଦର୍ଶନରେ ଆସିଛନ୍ତି। ଏହି ଅବସରରେ ଧରିତ୍ରୀ ଏବଂ ଓଡ଼ିଶା ପୋଷ୍ଟ ସମ୍ପାଦକ ତଥାଗତ ସତପଥୀ ଏବଂ ମୁଖ୍ୟ କାର୍ଯ୍ୟନିର୍ବାହୀ ଆଦ୍ୟାଶା ସତପଥୀଙ୍କ ସହ ଛାତ୍ରୀଛାତ୍ର ଏବଂ ଅଧ୍ୟାପିକାଅଧ୍ୟାପକ।

# ଆଖିବୁଜିଲା ଧଳା ବାଘଛୁଆ, କୁଜି ହରିଣ

**ବାରଙ୍ଗ/ତ୍ରିଶୂଳିଆ,୧୫।୧ (ଲିଙ୍ଗରାଜ ରାଉତ/ତୁଷାରକାନ୍ତ ବେହେରା)**

ମାତ୍ର ଅଢ଼େଇମାସର ଧଳାରଙ୍ଗର ବାଘଛୁଆ ବୁଧବାର ନନ୍ଦନକାନନରେ ଆଖିବୁଜିଛି। ମୃତ୍ୟୁର ପ୍ରକୃତ କାରଣ ଜଣାପଡ଼ି ନ ଥିବାବେଳେ ବ୍ୟବଚ୍ଛେଦ ରିପୋର୍ଟ ଆସିଲେ ଜଣାପଡ଼ିବ ବୋଲି ନନ୍ଦନକାନନ କର୍ତ୍ତୃପକ୍ଷ ସୂଚନା ଦେଇଛନ୍ତି। ଏହି ବାଘଛୁଆଟି କିଛିଦିନ ହେବ ଅସୁସ୍ଥ ଥିଲା। ରହୁଥିବା ଖୁଆଡ଼ରେ ମା'ଠାରୁ କ୍ଷୀର ନ ପିଇବା ସହିତ ଗୋଟିଏ ଜାଗାରେ ପଡ଼ି ରହିଥିଲା। ଏହି ଖବର ପାଇବା ପରେ ନନ୍ଦନକାନନ କର୍ତ୍ତୃପକ୍ଷ ବାଘଛୁଆକୁ ପ୍ରାଣୀ ଉଦ୍ୟାନର ଲାଳନପାଳନ ଗୃହରେ ରଖି ଚିକିତ୍ସା ଜାରି ରଖିଥିଲେ। ହେଲେ ଚିକିତ୍ସା ସତ୍ତ୍ୱେ ବାଘଛୁଆଟି ବଞ୍ଚିପାରି ନ ଥିଲା। ମୃତ ଛୁଆର ମା' ହେଉଛି ଧଳା ବାଘୁଣୀ ରୂପା। ଗତ ୨୦୨୪ ନଭେମ୍ବର ୨ରେ ରୂପା ତୃତୀୟଥର ପାଇଁ ମା' ହୋଇ ୩ଟି ଧଳା ଓ ଗୋଟିଏ ସାଧାରଣ ନାଲିରଙ୍ଗର ଶାବକକୁ ମିଶାଇ ୪ଟି ଛୁଆ ଜନ୍ମ ଦେଇଥିଲା। ଏହି ଧଳା ଶାବକର ମୃତ୍ୟୁ ପରେ ବାଘସଂଖ୍ୟା ହ୍ରାସ ପାଇ ୨୭ରେ ପହଞ୍ଚିଛି।

ସେହିପରି ପ୍ରାଣୀ ଉଦ୍ୟାନର ହରିଣ ଖୁଆଡ଼ରେ ରହୁଥିବା ଗୋଟିଏ ମାଈ କୁଜି ହରିଣର ମଧ୍ୟ ବୁଧବାର ମୃତ୍ୟୁ ହୋଇଛି। ଏହି ହରିଣଟି ଖୁଆଡ଼ ମଧ୍ୟରେ ବିଚରଣ କରୁଥିବା ବେଳେ ହଠାତ୍ ଅସୁସ୍ଥ ହୋଇପଡ଼ିଥିଲା। ହରିଣକୁ ପ୍ରାଣୀ ଚିକିତ୍ସକମାନେ ଚିକିତ୍ସା ଜାରି ରଖିଥିଲେ ମଧ୍ୟ ବୁଧବାର ତା'ର ମୃତ୍ୟୁ ହୋଇଛି। ବ୍ୟବଚ୍ଛେଦ ରିପୋର୍ଟ ଆସିଲେ ମୃତ୍ୟୁର ପ୍ରକୃତ କାରଣ ଜଣାପଡ଼ିବ। ତେବେ ଗୋଟିଏ ଦିନରେ ୨ଟି ଜନ୍ତୁର ମୃତ୍ୟୁ କର୍ତ୍ତୃପକ୍ଷଙ୍କ ମୁଣ୍ଡବିନ୍ଧାର କାରଣ ପାଲଟିଛି।

# କଲେଜ କ୍ଲାସ୍‌ରୁମ୍‌ରେ ଛାତ୍ରୀଙ୍କୁ ବଳାତ୍କାର ଉଦ୍ୟମ

## ଅଭିଯୁକ୍ତ ଅଧ୍ୟାପକ ଫେରାର

**ଯାଜପୁର/ବରୀ (ହର୍ଷବର୍ଦ୍ଧନ ବେହେରା/ ମହେନ୍ଦ୍ର ସ୍ୱାଇଁ), ୧୫।୧**

ଯାଜପୁର ଜିଲା ବରୀ ଥାନା ଅନ୍ତର୍ଗତ ଏକ ପ୍ରତିଷ୍ଠିତ କଲେଜର ଯୁକ୍ତ ୩ ଶେଷ ବର୍ଷର ଜଣେ ଛାତ୍ରୀଙ୍କୁ ଅଧ୍ୟାପକ ଯୌନ ନିର୍ଯାତନା ଦେବା ସହ କ୍ଲାସ୍‌ରୁମ୍‌ରେ ବଳାତ୍କାର ଉଦ୍ୟମ କରିଥିବା ଥାନାରେ ଅଭିଯୋଗ ହୋଇଛି। ଏହି ଘଟଣାକୁ ଚାପି ଦେଲେ ମାର୍କ ବଢ଼ାଇ ଦିଆଯିବ, ନଚେତ୍ ମାର୍କ କାଟି ଦିଆଯିବ ବୋଲି ଅଧ୍ୟାପକ ଏବଂ ଅଧ୍ୟକ୍ଷ ଧମକ ଦେଇଥିବା ଛାତ୍ରୀ ଜଣଙ୍କ ତାଙ୍କ ଅଭିଯୋଗରେ ଦର୍ଶାଇଛନ୍ତି। ଏହି ଘଟଣା ଏଠାରେ ଚର୍ଚ୍ଚାର ବିଷୟ ହୋଇଛି। ଛାତ୍ରୀଙ୍କ ଅଭିଯୋଗକୁ ଭିତ୍ତି କରି ଅର୍ଥନୀତି ବିଭାଗର ଅଧ୍ୟାପକ ବିଦ୍ୟାଧର ଧଳଙ୍କ ନାମରେ ବରୀ ଥାନାରେ ଏକ ମାମଲା(ନଂ.୧୬/୨୦୨୫) ରୁଜୁ କରାଯାଇଛି। ତେବେ ଏହି ରିପୋର୍ଟ ଲେଖା ହେବା ପର୍ଯ୍ୟନ୍ତ ସମ୍ପୃକ୍ତ ଅଧ୍ୟାପକଙ୍କୁ ଗିରଫ କରାଯାଇପାରିନାହିଁ।

ଅଭିଯୋଗ ଅନୁଯାୟୀ, ଗତ ୬ ତାରିଖରେ ଛାତ୍ରୀ ଜଣକ ପ୍ରାକ୍ଟିକାଲ ପରୀକ୍ଷା ଦେବାକୁ କଲେଜକୁ ଯାଇଥିଲେ। ପରୀକ୍ଷା ଚାଲିଥିବା ସମୟରେ ଅଧ୍ୟାପକ ଧଳ ଛାତ୍ରୀଙ୍କ ମୋବାଇଲ ଫୋନ ନେଇ ଚାଲି ଯାଇଥିଲେ। ଏହାର କିଛି ସମୟ ପରେ ଅଧ୍ୟାପକ ଧଳ ପୁଣି ପରୀକ୍ଷା ହଲକୁ ଆସି ଛାତ୍ରୀଙ୍କୁ ଛାଡ଼ି ଦେବାକୁ ସେଠାରେ ନିୟୋଜିତ ଅଧ୍ୟାପିକାଙ୍କୁ କହିଥିଲେ। ଛାତ୍ରୀ ଜଣକ ବାହାରକୁ ଯିବା ପରେ ଅଧ୍ୟାପକ ଛାତ୍ରୀଙ୍କୁ ପରୀକ୍ଷା ସମ୍ପର୍କରେ ପଚାରି ବୁଝିଥିଲେ। ସେଠାରୁ ଯିବା ପାଇଁ ଛାତ୍ରୀ ଜଣକ ଅଧ୍ୟାପକଙ୍କଠାରୁ ଅନୁମତି ମାଗିଥିଲେ। ତାଙ୍କ ମୋବାଇଲ କାହିଁକି ନେଇଥିଲେ ବୋଲି ଛାତ୍ରୀ ଜଣକ ତାଙ୍କୁ ପଚାରିଥିଲେ। ଗୋଟିଏ ଫୋନ କରିବାର ଥିଲା ବୋଲି ଅଧ୍ୟାପକ ଧଳ କହିଥିଲେ। ତାଙ୍କଠାରୁ ମୋବାଇଲ ଆଣି ପଛକୁ ବୁଲିବା ସମୟରେ ଅଧ୍ୟାପକ ଧଳ ଛାତ୍ରୀଙ୍କୁ ପଛରୁ ଜୋରରେ ଭିଡ଼ି ଧରିଥିଲେ। ପାଖରେ ଥିବା କଳା ବିଭାଗର କ୍ଲାସ୍‌ରୁମ୍‌କୁ ଜୋରଜବରଦସ୍ତି ଟାଣି ନେଇ ବଳାତ୍କାର କରିବାକୁ ଉଦ୍ୟମ କରିଥିଲେ। ଛାତ୍ରୀ ଜଣକ ଏହାକୁ ବିରୋଧ କରିବାକୁ ଚେଷ୍ଟା କରିଥିଲେ। ହେଲେ ଅଧ୍ୟାପକ ଧଳ ଛାତ୍ରୀଙ୍କୁ ଠେଲି ତଳେ ପକାଇ ଦେଇଥିଲେ। ଛାତ୍ରୀ ଜଣକ ପାଟି କରିବାରୁ କଲେଜର ପିଅନ ଆସି ଦେଖି କିଛି ନ କହି ଚାଲି ଯାଇଥିଲେ। ତେବେ ଦ୍ୱିତୀୟ ଥର ପାଟି କରିବାରୁ କଲେଜର ପ୍ରଥମ ବର୍ଷ କେତେଜଣ ଛାତ୍ର ଆସିଯିବାରୁ ଅଧ୍ୟାପକ ଧଳ ଛାତ୍ରୀଙ୍କୁ ଛାଡ଼ି ସେଠାରୁ ଚାଲି ଯାଇଥିଲେ।

ଘରକୁ ଫେରି ଛାତ୍ରୀଜଣକ ମା'ଙ୍କୁ ସବୁ କଥା କହିଥିଲେ। ଏପରି କି କଲେଜର ଅଧ୍ୟକ୍ଷଙ୍କୁ ମଧ୍ୟ ଜଣାଇଥିଲେ। ଏହାପରେ ଅଧ୍ୟାପକ ସିଧାସଳଖ ଧମକ ଦେଇଥିଲେ ଯେ, ତାଙ୍କର ପରୀକ୍ଷା କଣ୍ଟ୍ରୋଲ ରୁମ୍‌ରେ ନିଜ ଲୋକ ଅଛନ୍ତି, ତାଙ୍କୁ ଫେଲ୍ କରାଇ ଦେବେ। ସେମାନଙ୍କ କଥା ମାନିଲେ ଅଧିକ ମାର୍କ ଦିଆଯିବ ବୋଲି କଲେଜର ଅଧ୍ୟକ୍ଷ ମଧ୍ୟ ପ୍ରତିଶ୍ରୁତି ଦେଲେ। ହେଲେ ଏହି ପ୍ରସ୍ତାବରେ ଛାତ୍ରୀ ଜଣକ ରାଜି ନ ହେବାରୁ ତାଙ୍କୁ ମାନସିକ ନିର୍ଯାତନା ଦେଇ ଭୟଭୀତ କରାଯାଇଥିଲା। ଛାତ୍ରୀଙ୍କ ଗୋଡ଼ ବିନ୍ଧା ହେବାରୁ ସେ ୮ ତାରିଖରେ ଭୁବନେଶ୍ୱରର ଏକ ଘରୋଇ ଡାକ୍ତରଖାନାକୁ ଯାଇ ଏକ୍ସ-ରେ କରି ଚିକିତ୍ସିତ ହୋଇଥିଲେ। ମାନସିକ ଚାପରେ ଥିବାରୁ ସେ ଥାନାରେ ଅଭିଯୋଗ କରିବାରେ ବିଳମ୍ବ ହେଲା ବୋଲି ଛାତ୍ରୀଜଣକ ଅଭିଯୋଗ ପତ୍ରରେ ଉଲ୍ଲେଖ କରିଛନ୍ତି। ଏ ସଂକ୍ରାନ୍ତରେ ବରୀ ଥାନା ଆଇଆଇସି ଜ୍ୟୋତିର୍ମୟୀ ସେଠୀଙ୍କୁ ପଚାରିବାରୁ ସେ କହିଛନ୍ତି, ଛାତ୍ରୀଙ୍କ ଅଭିଯୋଗ ମୁତାବକ ମାମଲା ରୁଜୁ ହୋଇଛି। ତଦନ୍ତ ଜାରି ରହିଛି ଏବଂ ଖୁବ୍‌ଶୀଘ୍ର ଅଭିଯୁକ୍ତଙ୍କୁ ଗିରଫ କରାଯିବ। ଏ ନେଇ କଲେଜର ଅଧ୍ୟକ୍ଷ ଏବଂ ସମ୍ପୃକ୍ତ ଅଧ୍ୟାପକଙ୍କ ମତାମତ ମିଳିପାରି ନାହିଁ।



# ଆଜି କ'ଣ କେଉଁଠି

## ଭୁବନେଶ୍ୱର

- ଅଭିନୟ ଜାଗୃତି ଇନ୍ଷ୍ଟିଚ୍ୟୁଟ୍ ଅଫ୍ ଥିଏଟର ରୌପ୍ୟ ଜୟନ୍ତୀ ପାଳନ ନେଇ ଖବରଦାତା ସମ୍ମିଳନୀ, ସ୍ଥାନ: ସାମ୍ବାଦିକ ନିବାସ(ବୁଲନ ଭାଇ ସେବା ସଦନ), ମାଷ୍ଟର କ୍ୟାଣ୍ଟିନ ସ୍କୋୟାର, ସମୟ: ପୂର୍ବାହ୍ନ ୧୧ଟା।
- ଉତ୍କଳ ସଂସ୍କୃତି ବିଶ୍ୱବିଦ୍ୟାଳୟ ଏବଂ ଜାତୀୟ ସେବା ଯୋଜନା ଆନୁକୂଲ୍ୟରେ ଯୁବ ଉତ୍ସବ ଓ ଫକୀରମୋହନ ସାହିତ୍ୟ ସମାରୋହ, ସ୍ଥାନ: ଉତ୍କଳ ସଂସ୍କୃତି ବିଶ୍ୱବିଦ୍ୟାଳୟ ପ୍ରେକ୍ଷାଳୟ, ସମୟ: ଅପରାହ୍ନ ୨ଟା ୩୦।
- ଆଦିବାସୀ ମେଳା ଉଦ୍ଯାପନୀ, ସ୍ଥାନ: ଇଡ୍କୋ ପ୍ରଦର୍ଶନୀ ପଡ଼ିଆ, ସମୟ: ଅପରାହ୍ନ ୪ଟା ୩୦।
- ବିଜେଇଏମ୍ ସ୍କୁଲର ବାର୍ଷିକ ଉତ୍ସବ, ସ୍ଥାନ: ସ୍କୁଲ ପରିସର, ବିଜେବି ନଗର, ସମୟ: ଅପରାହ୍ନ ୪ଟା ୩୦।
- ବସନ୍ତ ନାୟକ ଜୟନ୍ତୀ ଉତ୍ସବ-୨୦୨୫, ସ୍ଥାନ: ସୂଚନା ଭବନ, ସମୟ: ସନ୍ଧ୍ୟା ୬ଟା।

## ଖୋର୍ଦ୍ଧା

- ଜିଲାସ୍ତରୀୟ କୃଷି ମେଳା, ସ୍ଥାନ: ହାବେଳି ପଡ଼ିଆ, ଖୋର୍ଦ୍ଧା, ସମୟ: ପୂର୍ବାହ୍ନ ୧୧ଟା।
- ସ୍ୱାଧୀନତା ସଂଗ୍ରାମ ସୈନିକ ସଦନ ପ୍ରତିଷ୍ଠା ଦିବସ ସମାରୋହ, ସ୍ଥାନ: ବାଜପୁର ସଦନ ଗୃହ, ସମୟ: ପୂର୍ବାହ୍ନ ୧୧ଟା।
- ବରିଷ୍ଠ ନାଗରିକ ତୀର୍ଥଯାତ୍ରା କାର୍ଯ୍ୟକ୍ରମ, ସ୍ଥାନ: ସଂସ୍କୃତି ଭବନ, ସମୟ: ଅପରାହ୍ନ ୧ଟା।
- ପକ୍ଷୀ ଗଣନା ପ୍ରଶିକ୍ଷଣ ଶିବିର ଏବଂ ଖବରଦାତା ସମ୍ମିଳନୀ, ସମୟ: ସିଡିଏ ଆର୍ଦ୍ରଭୂମି ଗବେଷଣାକେନ୍ଦ୍ର ସମ୍ମିଳନୀ କକ୍ଷ, ସମୟ: ଅପରାହ୍ନ ୧ଟା।

## ଭଦ୍ରକ

- ୧୫ ବର୍ଷୀୟ ଇଣ୍ଟର କ୍ଲବ ଜିଲାସ୍ତରୀୟ ଫୁଟବଲ୍ ଚାମ୍ପିଅନସିପ୍-ମୁଖ୍ୟମନ୍ତ୍ରୀ କପ୍-୨୦୨୫ ଉଦ୍‌ଘାଟନ, ସ୍ଥାନ : କାଳୀପଡ଼ିଆ ଦୋବଲ,ଧାମନଗର,ସମୟ: ସକାଳ ୯ଟା।
- ସୁରକ୍ଷିତ ଗ୍ରାମ୍ୟ ପ୍ରଶିକ୍ଷଣ ଶିବିର, ସ୍ଥାନ: ଭଣ୍ଡାରିପୋଖରୀ ବ୍ଲକ ସଭାଗୃହ, ସମୟ: ପୂର୍ବାହ୍ନ ୧୦ ଟା।
- ତୃପ୍ତି ମହିଳା ଉଚ୍ଚ ମାଧ୍ୟମିକ ବିଦ୍ୟାଳୟର ୪୧ ତମ ପ୍ରତିଷ୍ଠା ଦିବସ ଓ ସ୍ୱର୍ଗତ ବାଇଧର ପାଢ଼ୀଙ୍କ୧୭ତମ ଶ୍ରାଦ୍ଧ ବାର୍ଷିକ ସମାରୋହ, ସ୍ଥାନ: ତୃପ୍ତି ମହିଳା ଉଚ୍ଚ ମାଧ୍ୟମକ ବିଦ୍ୟାଳୟ ପରିସର, ବାସୁଦେବପୁର, ସମୟ: ପୂର୍ବାହ୍ନ ୧୧ଟା।
- ପାଲା ପରିବେଷଣ, ସ୍ଥାନ: ବାଲ୍ମିକୀ ମୁନୀ ମଣ୍ଡପ, ଗୋପାଳପୁର, ବାସୁଦେବପୁର, ସମୟ: ସନ୍ଧ୍ୟା ୬ ଟା।
- ୧୦୨ ତମ ମକର ମହୋତ୍ସବ-୨୦୨୫ ପାଲା ପରିବେଷଣ କାର୍ଯ୍ୟକ୍ରମ, ସ୍ଥାନ: ଭଜନା ମୁନିପଡ଼ିଆ, ମନ୍ଦାରୀ, ବାସୁଦେବପୁର, ସମୟ: ସନ୍ଧ୍ୟା ୬ ଟା।
- ପ୍ରହ୍ଲାଦ ପାଣିଙ୍କ ସ୍ମୃତି ଶ୍ରଦ୍ଧାଞ୍ଜଳି, ସ୍ଥାନ: କଣ୍ଟାପଡ଼ା, କଲେଇ, ଭଦ୍ରକ, ସମୟ: ସନ୍ଧ୍ୟା ୬ଟା।
- ବାରାପୁର ମକର ମହୋତ୍ସବ ଉଦ୍ଯାପନୀ ଉତ୍ସବ, ସ୍ଥାନ: ବାରାପୁର ମିନି ଷ୍ଟାଡିୟମ୍ ପରିସର, ବାସୁଦେବପୁର, ସମୟ: ସନ୍ଧ୍ୟା ୭ଟା।

## କେନ୍ଦୁଝର

- ଏକାଦଶାହ କାର୍ଯ୍ୟକ୍ରମରେ ଯୋଗ ଦେବେ ମୁଖ୍ୟମନ୍ତ୍ରୀ, ସ୍ଥାନ: ଝୁମ୍ପୁରା ବ୍ଲକ୍ ବାଲିବନ୍ଧ, ସମୟ: ୧୦ଟା।
- ମା' ଭାଟିଆଶୁଣି ପୀଠରେ ଯଜ୍ଞ ଏବଂ ପୂର୍ଣ୍ଣାହୁତି, ଭଜନ, ସ୍ଥାନ : ଜଳସରପୁର, ହାଟଡ଼ିହୀ, ସମୟ : ଅପରାହ୍ନ ୪ ଟା।
- ମକର ମେଳା, ସ୍ଥାନ: ହରିଚନ୍ଦନପୁର, ଧାନବେଣି, ସମୟ: ଅପରାହ୍ନ ୫ ଟା।
- ମା' ଗଡ଼ଚଣ୍ଡୀଙ୍କ ପୀଠରେ ମକର ସଂକ୍ରାନ୍ତି ଉପଲକ୍ଷେ ଯଜ୍ଞ, ଭଜନ ଏବଂ ନାମ ସଂକୀର୍ତ୍ତନ, ସ୍ଥାନ : ସୁନ୍ଦରାପାଳ, ହାଟଡ଼ିହୀ, ସମୟ : ଅପରାହ୍ନ ୫ ଟା।

## ମୟୂରଭଞ୍ଜ

- ପକ୍ଷୀଗଣନା ବୈଠକ, ସ୍ଥାନ: ସଙ୍କଳ୍ପ ଭବନ, ବାରିପଦା, ସମୟ: ପୂର୍ବାହ୍ନ ୧୦ଟା।
- ଆଞ୍ଚଳିକ ମକରମେଳା କମିଟିର ୧୦୬ତମ ଚୁଡୁ ପରବ, ସ୍ଥାନ: ମଣଦା, ରାସଗୋବିନ୍ଦପୁର ବ୍ଲକ,ସମୟ: ଅପରାହ୍ନ ୨ଟା।
- ତ୍ରିରଙ୍ଗା କ୍ଲବ ଆନୁକୂଲ୍ୟରେ ବାର୍ଷିକ କ୍ରୀଡ଼ା ଓ ମକର ମେଳା ଉତ୍ସବ, ସ୍ଥାନ: ତ୍ରିରଙ୍ଗା କ୍ଲବ, ବାରିପଦା,ସମୟ:ଅପରାହ୍ନ ୨ଟା।
- ମକର ମେଳା, ସ୍ଥାନ: ସିଂହଟିଆ ବଡ଼ସାହି ବ୍ଲକ, ସମୟ: ଅପରାହ୍ନ ୩ଟା।
- ମକର ମେଳା ଓ ଚୁଡୁ ପର୍ବ, ସ୍ଥାନ: ବୁଢ଼େଇରଣା ମଠ, ଶିଆଳୀଘାଟୀ, ବଡ଼ସାହି ବ୍ଲକ, ସମୟ: ଅପରାହ୍ନ ୩ଟା।
- ସାଂସ୍କୃତିକ କାର୍ଯ୍ୟକ୍ରମ,ସ୍ଥାନ: ମା' ଦ୍ୱାରଶୁଣୀ ଏବଂ ଐଶାନ୍ୟକୋଣ କ୍ଲବ, ଶୀର୍ଷାପାଳ ଏବଂ ଚିତ୍ରଡ଼ା ତଳସାହି, ମୋରଡ଼ା, ସମୟ:ସନ୍ଧ୍ୟା ୭ଟା।

## ଗଞ୍ଜାମ

- ଉଚ୍ଚ ପ୍ରାଥମିକ ବିଦ୍ୟାଳୟର ବାର୍ଷିକ ଉତ୍ସବ, ସ୍ଥାନ: ବୁଗୁଡା, ଅନ୍ତରପଡା, ସମୟ: ପୂର୍ବାହ୍ନ ୧୦ ଘଣ୍ଟା ୩୦ ମିନିଟ।
- କେନ୍ଦୁପଦର କଲେଜର ବାର୍ଷିକ କ୍ରିଡ଼ା ପ୍ରତିଯୋଗିତା, ସ୍ଥାନ: ମହାବିଦ୍ୟାଳୟ ଖେଳ ପଡ଼ିଆ, ସମୟ: ପୂର୍ବାହ୍ନ ୮ ଘଣ୍ଟା ୩୦ ମିନିଟ୍।

## ଜଗତ୍‌ସିଂହପୁର

- ସିଦ୍ଧମୁନି କପିଳମୁନି ସେବାଟ୍ରଷ୍ଟ ପକ୍ଷରୁ ବାଲଗୋପାଳ ଦାସ ମହାରାଜଙ୍କ ୬୪ ତମ ବାର୍ଷିକ ଉତ୍ସବ ଓ ସାଧୁ ସନ୍ଥ ସମ୍ମିଳନୀ, ସ୍ଥାନ: କପିଳମୁନି ଆଶ୍ରମ, ମଧୁବନ ପାରାଦୀପ, ସମୟ: ସକାଳ ୮ଟା।
- ସନ୍ତୋଷୀ ଜରାଶ୍ରମ ବୃଦ୍ଧା ସରସ୍ୱତୀ ତରାଇଙ୍କ ପାଇଁ ଶ୍ରଦ୍ଧାଞ୍ଜଳି ସଭା, ସ୍ଥାନ: ଜରାଶ୍ରମ ପରିସର, ସନ୍ତୋଷୀ ପଡ଼ା, ବାଲିଝରା, ପାରାଦୀପ, ସମୟ: ମଧ୍ୟାହ୍ନ ୧୨ଟା।

## କେନ୍ଦ୍ରାପଡ଼ା

- ଶ୍ରୀଗଙ୍ଗାମାତାଙ୍କ ପୂଜା ଓ ମେଳା ଉତ୍ସବ, ସ୍ଥାନ: ପାଞ୍ଚଗୋଛିଆ, ସୁନିତୀ, ମହାକାଳପଡ଼ା, ସମୟ:ସକାଳ ୯ଟା।
- ଶ୍ରୀନୀଳାଚଳ ନିଖିଳୋତ୍କଳ ପାଲା ଗାୟକ ପରିଷଦ କେନ୍ଦ୍ରାପଡ଼ା ଶାଖାର ବାର୍ଷିକ ସମ୍ମିଳନୀ, ସ୍ଥାନ: ମହାବୀର ହନୁମାନ ମନ୍ଦିର ପରିସର, ରାଣୀପୋଖରୀ, ଆଳି, ସମୟ:ପୂର୍ବାହ୍ନ ୧୦ଟା।

## ଯାଜପୁର

- ଜିଲାସ୍ତରୀୟ କୋଷ୍ଟାଲ ହକି ମ୍ୟାଚ, ସ୍ଥାନ: ଯାଜପୁର ହକି ଷ୍ଟାଡିୟମ, ସମୟ: ଅପରାହ୍ନ ୩ଟା।

## ନୟାଗଡ଼

- ରାଜ୍ୟସ୍ତରୀୟ ଖଳିସାହି କପ କ୍ରିକେଟ ଟୁର୍ନାମେଣ୍ଟର ସପ୍ତମ ଦିବସ, ସ୍ଥାନ:ଖଣ୍ଡପଡ଼ା ବ୍ଲକର ଖଳିସାହି ଖେଳପଡିଆ, ସମୟ:ପୂର୍ବାହ୍ନ ୧୦ଟା।
- ମକରସଂକ୍ରାନ୍ତି ଯାତ୍ରାର ୩ୟ ଦିବସ, ସ୍ଥାନ:ଗୋଡିପଡ଼ା ନିକଟସ୍ଥ ହରିଡାବନ୍ଧ ହଟକେଶ୍ୱର ମହାଦେବ ପୀଠ, ସମୟ:ପୂର୍ବାହ୍ନ୧୦ଟା।
- ଟି ଟୋଣ୍ଟି କ୍ରିକେଟ ଟୁର୍ନାମେଣ୍ଟର ପଞ୍ଚମ ଦିବସ, ସ୍ଥାନ:ଖଣ୍ଡପଡ଼ା ବ୍ଲକର ସିଦ୍ଧାମୂଳା ଖେଳପଡିଆ, ସମୟ:ପୂର୍ବାହ୍ନ ୧୦ଟା।
- ରବୀନ୍ଦ୍ର ମେମୋରିଆଲ କ୍ରିକେଟ ଟୁର୍ନାମେଣ୍ଟର ପଞ୍ଚମ ଦିବସ, ସ୍ଥାନ:କଣ୍ଟିଲୋ ନୀଳମାଧବ ଖେଳପଡ଼ିଆ, ସମୟ:ପୂର୍ବାହ୍ନ ୧୦ଟା।
- ରାମାୟଣ ଉପରେ ସଂସ୍କୃତ ବିଭାଗର କର୍ମଶାଳା, ସ୍ଥାନ: କଣ୍ଟିଲୋ ନୀଳମାଧବ ମହା ବିଦ୍ୟାଳୟ, ସମୟ:ପୂର୍ବାହ୍ନ ୧୦ଟା।
- ସର୍ବଭାରତୀୟ ଫୁଟବଲ ଟୁର୍ନାମେଣ୍ଟର ନୟାଗଡ଼ କପ୍ ୩ୟ ଦିବସରେ ମଣିପୁରର ଜେବିଏମ୍ ନେପାଳଗଞ୍ଜ ବନାମ ମଙ୍ଗଳା କ୍ଲବ କଟକ, ସ୍ଥାନ: ନୟାଗଡ଼ ଖେଳ ପଡିଆ, ସମୟ: ଅପରାହ୍ନ ୩ଟା।

## ଢେଙ୍କାନାଳ

- ମୁଖ୍ୟମନ୍ତ୍ରୀ ଟ୍ରଫି ୧୫ବର୍ଷରୁ କମ୍ ଜିଲାସ୍ତରୀୟ ଫୁଟବଲ ପ୍ରତିଯୋଗିତା, ସ୍ଥାନ: ମୁଖ୍ୟ ଷ୍ଟାଡିୟମ, ଢେଙ୍କାନାଳ, ସମୟ: ପୂର୍ବାହ୍ନ ୧୦ଟା।
- ୩୬ତମ ଜୁନିୟର ରେଡକ୍ରସ ଓ ତାଲିମ ଶିବିର, ସ୍ଥାନ: ସରସ୍ୱତୀ ଶିଶୁ ବିଦ୍ୟାମନ୍ଦିର, ସୁନ୍ଦରିଖାଲ ଢେଙ୍କାନାଳ, ସମୟ-ପୂର୍ବାହ୍ନ ସାଢେ ୧୧ଟା।

## ରାୟଗଡ଼ା

- ଜିଆଇଇଟି ବିଶ୍ୱ ବିଦ୍ୟାଳୟ ପକ୍ଷରୁ ସଡକ ସୁରକ୍ଷା ସଚେତନତା ରାଲି, ସ୍ଥାନ: ଗୁଣପୁର ନୂତନ ବସଷ୍ଟାଣ୍ଡ, ସମୟ: ସକାଳ ୮ଟା।
- ଶିକ୍ଷକଙ୍କୁ ଆତ୍ମ ସୁରକ୍ଷା ପାଇଁ ତାଲିମ କାର୍ଯ୍ୟକ୍ରମ, ସ୍ଥାନ: ରାମନାଗୁଡା ସରକାରୀ ଉଚ୍ଚ ବିଦ୍ୟାଳୟ, ସମୟ: ସକାଳ ୯ରୁ ୪ଟା।
- ଛାତ୍ରୀଙ୍କୁ ଆତ୍ମରକ୍ଷା କୌଶଳ ପ୍ରଶିକ୍ଷଣ ଶିବିର ଉଦ୍‌ଯାପିତ, ସ୍ଥାନ: ମୁନିଗୁଡା ସରକାରୀ ନୋଲାଡ଼ ଉଚ୍ଚ ମାଧ୍ୟମିକ ବିଦ୍ୟାଳୟ, ସମୟ: ପୂର୍ବାହ୍ନ ୧୦ଟା ୩୦।

## ନବରଙ୍ଗପୁର

- ସୁପର ହଣ୍ଡରେଡ୍ ପ୍ରଶିକ୍ଷଣ କାର୍ଯ୍ୟକ୍ରମ, ସ୍ଥାନ: ତରାଗାଁ ନୋଡାଲ ସରକାରୀ ହାଇସ୍କୁଲ, ନବରଙ୍ଗପୁର, ସମୟ: ପୂର୍ବାହ୍ନ ୧୦ଟା।

## କୋରାପୁଟ

- ପକ୍ଷୀ ଗଣନା ନେଇ ବନବିଭାଗର ମକ୍‌ଡ୍ରିଲ, ସ୍ଥାନ: କୋଲାବ ଜଳଭଣ୍ଡାର, କୋରାପୁଟ, ସମୟ: ଭୋର ୫ ଟା ୩୦।
- ସାଧାରଣତନ୍ତ୍ର ଦିବସ ପାଳନ ପ୍ରସ୍ତୁତି ବୈଠକ, ସ୍ଥାନ: କୋରାପୁଟ ଦକ୍ଷତା ବୃଦ୍ଧି ତାଲିମ କେନ୍ଦ୍ର, ସମୟ: ଅପରାହ୍ନ ୪ ଟା।

## ସମ୍ବଲପୁର

- ସମ୍ବଲପୁରୀ ଧନୁଯାତ୍ରା ଆୟୋଜନ କମିଟିର ସଭା, ସ୍ଥାନ : ଗଙ୍ଗାଧର ମୁକ୍ତମଣ୍ଡପ, ସମୟ :ପୂର୍ବାହ୍ନ ୧୦ଟା ୩୦।
- ଶ୍ରୀମଦ୍ ଭାଗବତ ଗୀତା ଜ୍ଞାନଯଜ୍ଞ, ସ୍ଥାନ: ଦଧିବାମନ କଲ୍ୟାଣ ମଣ୍ଡପ, ସମୟ : ଅପରାହ୍ନ ୩ଟାରୁ ସନ୍ଧ୍ୟା ୬ଟା।
- ବିଶ୍ୱାତ୍ମ ଚେତନା ପରିଷଦ ଆୟୋଜିତ ଶ୍ରୀମଦ୍ ଭାଗବତ ସାଧ୍ୟାୟ ସତ୍ର କାର୍ଯ୍ୟକ୍ରମ, ସ୍ଥାନ : ଝାଡୁଆପଡା ଆରଣ୍ୟକ ମଞ୍ଚ, ସମୟ : ସନ୍ଧ୍ୟା ୫ଟା ୩୦ରୁ ରାତି ୮ଟା ୩୦।
- ସମ୍ବଲପୁରୀ ଧନୁଯାତ୍ରାରେ ଶ୍ରୀକୃଷ୍ଣ ଜନ୍ମ ଓ ସାଂସ୍କୃତିକ କାର୍ଯ୍ୟକ୍ରମ, ସ୍ଥାନ: ଗଙ୍ଗାଧର ମୁକ୍ତମଣ୍ଡପ, ସମୟ : ସନ୍ଧ୍ୟା ୬ଟା।
- ଚାଉଁରପୁର ଧନୁଯାତ୍ରା କମିଟି ପକ୍ଷରୁ ବାସୁଦେବଙ୍କ ଯାତ୍ରା କାର୍ଯ୍ୟକ୍ରମ, ସ୍ଥାନ: ରାଉଁରପୁର ଗ୍ରାମ, ସମୟ : ସନ୍ଧ୍ୟା ୬ଟା।
- ବନବାସୀ କଲ୍ୟାଣ ଆଶ୍ରମର ସ୍ଥାପନା ଦିବସ ଓ ମହିଳା ସମ୍ମାନ କାର୍ଯ୍ୟକ୍ରମ, ସ୍ଥାନ: ଚନ୍ଦ୍ର ଶେଖର ବେହେରା ଜିଲା ସ୍କୁଲ ସ୍ଥିତ ମନମୋହନ ପଟ୍ଟନାୟକ ପ୍ରେକ୍ଷାଳୟ, ସମୟ : ସନ୍ଧ୍ୟା ୬ଟା।

## ବଲାଙ୍ଗୀର

- ଲଳିତ ନାୟକ ମେମୋରିଆଲ ଫ୍ଲଡ ଲାଇଟ୍ କ୍ରିକେଟ୍ ଟୁର୍ନାମେଣ୍ଟ ତୃତୀୟ ସନ୍ଧ୍ୟା, ସ୍ଥାନ: ପୃଥ୍ୱୀରାଜ ହାଇସ୍କୁଲ, ବଲାଙ୍ଗୀର, ସମୟ: ସନ୍ଧ୍ୟା ୬ଟା ୩୦ ମିନିଟ।

## ସୁବର୍ଣ୍ଣପୁର

- ୨ୟ ଦଧି ବାମନ କ୍ରିକେଟ ଟୁର୍ନାମେଣ୍ଟର ତୃତୀୟ ଦିବସ, ସ୍ଥାନ: ବହଳପଦର ଖେଳ ପଡିଆ, ବୀରମହାରାଜପୁର ବ୍ଲକ, ସମୟ: ପୂର୍ବାହ୍ନ ୧୧ଟା।
- ୧୪ ତମ ଖମ୍ବେଶ୍ୱରୀ କ୍ରିକେଟ ଟୁର୍ନାମେଣ୍ଟର ତୃତୀୟ ଦିବସ, ସ୍ଥାନ: ଟେଭାପଦର,ବୀରମହାରାଜପୁର ବ୍ଲକ, ସମୟ: ମଧ୍ୟାହ୍ନ ୧୨ଟା।
- ଅମରପାଲି ହାଇସ୍କୁଲର ବାର୍ଷିକ ଉତ୍ସବ ସମାରୋହ, ସ୍ଥାନ: ଅମରପାଲି ହାଇସ୍କୁଲ, ବୀରମହାରାଜପୁର ବ୍ଲକ,
- ସମୟ: ଅପରାହ୍ନ ୧ଟା।
- ନୃସିଂହ ପୁରାଣ ପଠନ, ସ୍ଥାନ: ଭାଲୁଡୁଙ୍ଗୁରି,ବୀରମହାରାଜପୁର ବ୍ଲକ, ସମୟ: ସନ୍ଧ୍ୟା ୬ଟା।
- ତରଭା ବ୍ଲକ ଗୁଗୁଡିପାଲି ତ୍ରିବେଣୀ ଛକରେ ମକର ମେଳାର ତୃତୀୟ ସନ୍ଧ୍ୟା, ସ୍ଥାନ: ତ୍ରିବେଣୀ ଛକ, ସମୟ: ସନ୍ଧ୍ୟା ୬ଟା।

## ବରଗଡ଼

- ସାଙ୍କେତିକ ଭାଷା, ମୋ ଭାଷା ତାଲିମ କାର୍ଯ୍ୟକ୍ରମ,ସ୍ଥାନ:ବାପୁଜୀ ସ୍ୱତନ୍ତ୍ର ବିଦ୍ୟାଳୟ, ବରଗଡ଼,ସମୟ:ପୂର୍ବାହ୍ନ ୧୦ଟା ୩୦ମିନିଟ୍।
- ଜିଲାସ୍ତରୀୟ ଦିବ୍ୟାଙ୍ଗ ଦିବସ, ସ୍ଥାନ: ସ୍ୱୟଂସିଦ୍ଧା ଭବନ, ବରଗଡ଼, ସମୟ: ପୂର୍ବାହ୍ନ ୧୧ଟା।

## ଝାରସୁଗୁଡ଼ା

- ବିଷ୍ଣୁ ସହସ୍ର ନାମ ପାଠ, ସ୍ଥାନ: ପୁଝାରିପାଲି ଜଗନ୍ନାଥ ମନ୍ଦିର, ସମୟ: ସକାଳ ୮ଟା।
- ସାମାଜିକ ସୁରକ୍ଷା ଯୋଜନାରେ ଭତ୍ତା ବଣ୍ଟନ, ସ୍ଥାନ: ଭିକାମପାଲି ପଞ୍ଚାୟତ କାର୍ଯ୍ୟାଳୟ, ସମୟ: ପୂର୍ବାହ୍ନ ୧୦ଟା।
- ଅଲେଖ ନିରଞ୍ଜନଙ୍କ ପୂଜା ଓ ହୋମ, ସ୍ଥାନ: ପଣ୍ଡ୍ରି ମହିମା ମଠ, ସମୟ: ପୂର୍ବାହ୍ନ ୧୦ଟା।

- ବଡ଼ମାଳ କ୍ରିକେଟ ଟୁର୍ନାମେଣ୍ଟ, ସ୍ଥାନ: ବଡ଼ମାଳ ଖେଳପଡ଼ଆ, ସମୟ: ପୂର୍ବାହ୍ନ ୧୧ଟା।

## ରାଉରକେଲା

- ଅଷ୍ଟପ୍ରହରୀ ନାମଯଜ୍ଞ, ସ୍ଥାନ: ସେକ୍ଟର-୧୮ ଡେଲି ମାର୍କେଟ, ସମୟ: ସକାଳ ୬ଟା।
- ମହାବୀର ମାନସ ପରିଷଦ ପକ୍ଷରୁ ରାମାୟଣ ପାଠ, ୫ମ ସନ୍ଧ୍ୟା, ସ୍ଥାନ: ମିଟକୁନ୍ଦରୀ, ସମୟ: ପୂର୍ବାହ୍ନ ୧୦ଟା।
- ଜିଲାକ୍ରୀଡ଼ା ସଂଘ ପକ୍ଷରୁ ପ୍ରତିଯୋଗିତା, ସ୍ଥାନ: ବିର୍ସାମୁଣ୍ଡା ଆଥଲେଟିକ୍ ଷ୍ଟାଡ଼ିୟମ୍, ସମୟ: ଅପରାହ୍ନ ୨ଟା ୩୦।

## ନୂଆପଡ଼ା

- ଜିଲାସ୍ତରୀୟ ଓପନ ବ୍ୟାଡ୍‌ମିଣ୍ଟନ ଟୁର୍ନାମେଣ୍ଟ, ସ୍ଥାନ-ବିଜୁ ପଟ୍ଟନାୟକ ଇଣ୍ଡୋର ଷ୍ଟାଡିୟମ ଖଡିଆଳ, ସମୟ: ସନ୍ଧ୍ୟା ୭ଟା।
- ୪୩ତମ କମ୍ବାଇନେଟ ବାର୍ଷିକ ଆଥ୍‌ଲେଟିକ ମିଟ୍ ଉଦ୍‌ଯାପନ, ସ୍ଥାନ: ରାଜା ଆର୍ତ୍ତତ୍ରାଣ ଉଚ୍ଚ ବିଦ୍ୟାଳୟ ଖଡିଆଳ, ସମୟ: ଅପରାହ୍ନ ୨ଟା ୩୦।
- ୧୮ତମ ରୟାଲ କପ କ୍ରିକେଟ ଟୁର୍ନାମେଣ୍ଟ ତୃତୀୟ ଦିବସ, ସ୍ଥାନ: କୋମନା ବ୍ଲକ ମାନିଗୁଡା ପଞ୍ଚାୟତ ଗନିଆାରୀ ଗାଁ ଖେଳପଡିଆ, ସମୟ: ସକାଳ ୯ଟା।
- ୩ୟ ମା' ବସ୍ତ୍ରାଣୀ କପ କ୍ରିକେଟ ଟୁର୍ନାମେଣ୍ଟ ଦ୍ୱିତୀୟ ଦିବସ, ସ୍ଥାନ: କୋମନା ବ୍ଲକ ମାନିଗୁଡା ପଞ୍ଚାୟତ ସିହିନାମୁଣ୍ଡା ତ୍ରିଭୂଜ ଖେଳପଡିଆ, ସମୟ: ପୂର୍ବାହ୍ନ ୧୦ଟା।

## କଳାହାଣ୍ଡି

- ନବନିର୍ମିତ ଶ୍ରୀ ଜଗନ୍ନାଥ ମନ୍ଦିର ଦେବସ୍ଥାନମ ପ୍ରତିଷ୍ଠା ଉତ୍ସବର କଳସଯାତ୍ରା, ସାଲା ସଂସ୍କାର, ପୃଥିବୀ ପୂଜା, ସୂର୍ଯ୍ୟ ପୂଜା, ହୋମ, ସ୍ଥାନ: ଲାଞ୍ଜିଗଡ ବେଦାନ୍ତ ଟାଉନଶିପ ପରିସର, ସମୟ: ସକାଳ ୭ଟା ୩୦।

## ଦେବଗଡ଼

- ଶ୍ରୀସତ୍ୟ ସାଇ ମନ୍ଦିର ପକ୍ଷରୁ ନଗର କୀର୍ତ୍ତନ, ସ୍ଥାନ: ଦେବଗଡ଼ ସହର, ସମୟ: ପ୍ରାତଃ ୫ଟା।
- ସରକାରୀ ଉଚ୍ଚ ପ୍ରାଥମିକ ବିଦ୍ୟାଳୟ ଜରେଇକେଳା ବାର୍ଷିକ କ୍ରୀଡ଼ା ଉତ୍ସବ, ସ୍ଥାନ: ସରକାରୀ ଉଚ୍ଚ ପ୍ରାଥମିକ ବିଦ୍ୟାଳୟ ଜରେଇକେଳା, ବ୍ଲକ ତିଲେଇବଣି, ସମୟ: ସକାଳ ୯ଟା।
- ଜିଲାସ୍ତରୀୟ ଡ୍ରଇଂ ପ୍ରତିଯୋଗୀତା, ସ୍ଥାନ: ଚିନ୍ମୟ ବିଦ୍ୟାଳୟ, ଦେବଗଡ଼, ସମୟ: ପୂର୍ବାହ୍ନ ୧୦ଟା।
- ଶ୍ରୀ ସତ୍ୟସାଇ ମନ୍ଦିର ପକ୍ଷରୁ ଭଜନ ଓ ଆଳତି, ସ୍ଥାନ: ଶ୍ରୀସତ୍ୟ ସାଇ ମନ୍ଦିର, ସମୟ: ସନ୍ଧ୍ୟା ୬ଟା।
- ମା' କନକ ଦୁର୍ଗାଙ୍କ ସନ୍ଧ୍ୟା ଆଳତି, ସ୍ଥାନ: ମଠସାହି, ମା' କନକ ଦୁର୍ଗା ମନ୍ଦିର, ସମୟ: ସନ୍ଧ୍ୟା ୭ଟା।
- ଶିରିଡ଼ି ସାଇ ମନ୍ଦିର କମିଟି ପକ୍ଷରୁ ଖିରି ଭୋଗ ବଣ୍ଟନ, ସ୍ଥାନ: ଶିରିଡ଼ି ସାଇ ମନ୍ଦିର, ପ୍ରଧାନପାଟ, ସମୟ: ସନ୍ଧ୍ୟା ୭ଟା ୩୦।

## ବୌଦ୍ଧ

- ଏକୋଇଶିତମ ତିଳେଶ୍ୱର କପ୍ ରାଜ୍ୟସ୍ତରୀୟ ଫୁଟବଲ ଟୁର୍ନାମେଣ୍ଟର ଦ୍ୱିତୀୟ ଦିବସ, ସ୍ଥାନ: ତିଳେଶ୍ୱର ଉଚ୍ଚ ବିଦ୍ୟାଳୟ ଖେଳପଡିଆ, ତିଳେଶ୍ୱର, ହରଭଙ୍ଗା, ସମୟ: ଅପରାହ୍ନ ୩ଟା।

# ୯ ଅଭିଯୁକ୍ତଙ୍କ ମୃତ୍ୟୁ ଦଣ୍ଡାଦେଶ ଆଜୀବନ କାରାଦଣ୍ଡକୁ ବଦଳିଲା

## ଗୁଣିଗାରେଡ଼ି ସନ୍ଦେହରେ ୩ ଜଣଙ୍କୁ ହତ୍ୟା ମାମଲା

**କଟକ,୧୫।୧(କାର୍ତ୍ତିକ ସାହୁ)**

ଗୁଣିଗାରେଡ଼ି କରିବା ସନ୍ଦେହରେ ୩ ଜଣଙ୍କୁ ହତ୍ୟା ମାମଲାରେ ହାଇକୋର୍ଟ ୯ ଜଣ ଅଭିଯୁକ୍ତଙ୍କ ମୃତ୍ୟୁ ଦଣ୍ଡାଦେଶକୁ ଆଜୀବନ ଦଣ୍ଡାଦେଶରେ ପରିଣତ କରିଛନ୍ତି। ରାୟଗଡ଼ା ଜିଲା ପୁଟାସିଂ ଥାନା ଅଞ୍ଚଳରେ ୨୦୧୬ ସେପ୍ଟେମ୍ବରରେ ଟ୍ରିପଲ ମର୍ଡର ହୋଇଥିଲା। ହାଇକୋର୍ଟ ବିଚାରପତି ସଙ୍ଗମ କୁମାର ସାହୁ ଓ ବିଚାରପତି ରାଧାକୃଷ୍ଣ ପଟ୍ଟନାୟକଙ୍କୁ ନେଇ ଗଠିତ ଖଣ୍ଡପୀଠ ବୁଧବାର ସେହି ମାମଲାର ରାୟ ପ୍ରଦାନ କରି ରାୟଗଡ଼ା ଅତିରିକ୍ତ ସେସନ୍ସ ଜଜ୍‌କୋର୍ଟ ଦେଇଥିବା ରାୟକୁ ପରିବର୍ତ୍ତିତ କରିଛନ୍ତି। ଏଥିସହ ପ୍ରତି ମୃତକଙ୍କ ନିମନ୍ତେ ୧୦ ଲକ୍ଷ ଲେଖାଏ ମୋଟ୍ ୩୦ ଲକ୍ଷ ଟଙ୍କା କ୍ଷତିପୂରଣ ଆକାରରେ ୪ ସପ୍ତାହ ମଧ୍ୟରେ ପ୍ରଦାନ କରିବାକୁ ଖଣ୍ଡପୀଠ ଆଦେଶ ଦେଇଛନ୍ତି। ଅଭିଯୁକ୍ତମାନେ ହେଲେ ଦେଙ୍ଗୁନ ଶବର, ଦଶୁନ୍ତ ଶବର, ଆଜନ୍ତ ଶବର, ପଧନ୍ତୁ ଶବର, ଦଳସା ଶବର, ମଲକୁ ଶବର, ବୁବୁନା ଶବର, ଲାକିଆ ଶବର ଓ ଇରୁ ଶବର।

ମାମଲାର ବିବରଣୀ ଅନୁସାରେ, ରାୟଗଡ଼ା ଜିଲା ପୁଟାସିଂ ଥାନା ଅନ୍ତର୍ଗତ କିଟୁମ ଗ୍ରାମରେ ୨୦୧୬ ସେପ୍ଟେମ୍ବର ୯ ତାରିଖ ସନ୍ଧ୍ୟାରେ ଟ୍ରିପଲ୍ ମର୍ଡର ଘଟଣା ଘଟିଥିଲା। ଅଭିଯୁକ୍ତମାନେ ଅତି ଅମାନୁଷିକ ଭାବେ ସେହି ଗ୍ରାମର ପିତା ଆସିନା ଶବର, ମାତା ଅମାବାୟା ଶବର ଓ କନ୍ୟା ଆଶାମଣି ଶବରଙ୍କୁ ବାନ୍ଧି ଦେବା ସହ ଲାଠିରେ ବାଡ଼େଇ ହତ୍ୟା କରିଥିଲେ। ମୃତକମାନେ ଗୁଣିଗାରେଡ଼ି କରୁଥିବା ଅଭିଯୋଗ କରି ଅଭିଯୁକ୍ତମାନେ ଏକ ଗୁହାଳରେ ସେମାନଙ୍କୁ ବାନ୍ଧି ସତ କହିବାକୁ ବାଧ୍ୟ କରିବା ସହ ପ୍ରବଳ ମାଡ଼ ମାରିଥିଲେ। ଫଳରେ ସେମାନଙ୍କ ମୃତ୍ୟୁ ଘଟିଥିଲା। ମୃତ୍ୟୁ ହୋଇଯିବା ଜାଣିବା ପରେ ଅଭିଯୁକ୍ତମାନେ ମୃତଦେହଗୁଡ଼ିକୁ ଗୁହାଳ ମଧ୍ୟରୁ ଅନ୍ୟତ୍ର ନେଇ ଦାହ କରିଥିଲେ। ଏନେଇ କେହି ପାଟି ଖୋଲିଲେ ଜୀବନରୁ ମାରିଦେବାକୁ ଧମକ ମଧ୍ୟ ଦେଇଥିଲେ। ଆସିନାଙ୍କ ଅନ୍ୟ ଏକ କନ୍ୟା ମେଲିତ ଶବର ସେଠାରୁ ଖସି ଆସି ଏନେଇ ପୁଟାସିଂ ଥାନାରେ ଏତଲା ଦେଇଥିଲେ। ଏନେଇ ପୋଲିସ ଏକ ମାମଲା ରୁଜୁକରି ସାଇଣ୍ଟିଫିକ ଟିମ୍ ସହାୟତାରେ ତଦନ୍ତ କରିଥିଲା। ଏହା ଏକ ଅତି ସମ୍ବେଦନଶୀଳ ଘଟଣା ହୋଇଥିବାବେଳେ ଗ୍ରାମବାସୀ ଓ ଓ୍ୱାର୍ଡମେମ୍ବର ତଦନ୍ତରେ ସହଯୋଗ କରି ନ ଥିଲେ। ପୋଲିସ ଅଭିଯୁକ୍ତଙ୍କୁ ଗିରଫ କରି କୋର୍ଟ ଚାଲାଣ କରିଥିଲା। ରାୟଗଡ଼ା ଅତିରିକ୍ତ ସେସନ୍ସ ଜଜ୍‌କୋର୍ଟ ମାମଲାର ବିଚାର ଶେଷ କରି ଅଭିଯୁକ୍ତମାନଙ୍କୁ ମୃତ୍ୟୁଦଣ୍ଡ ରାୟ ଶୁଣାଇଥିଲେ। ଏହି ରାୟ ବିରୋଧରେ ଅଭିଯୁକ୍ତମାନେ ହାଇକୋର୍ଟଙ୍କ ଦ୍ୱାରସ୍ଥ ହୋଇଥିଲେ। ହାଇକୋର୍ଟ ଉଭୟ ପକ୍ଷରୁ ଯୁକ୍ତି ଶୁଣିବା ପରେ ଏମାନେ ସବୁ ଆଦିବାସୀ ଶ୍ରେଣୀର ଓ ନିରକ୍ଷର ହୋଇଥିବା ଏବଂ ଜୀବନରେ ପ୍ରଥମ ଥର ପାଇଁ ଏଭଳି କରିଥିବାର ହୃଦ୍‌ବୋଧ କରି ଦଣ୍ଡାଦେଶକୁ କୋହଳ କରି ବୁଧବାର ରାୟ ପ୍ରଦାନ କରିଛନ୍ତି। ଫଳରେ ଅଭିଯୁକ୍ତମାନେ ସାରା ଜୀବନ ଜେଲ କୋଠରିରେ ବନ୍ଦୀ ଜୀବନ ବିତାଇବେ। ଆବେଦନକାରୀ ଅଭିଯୁକ୍ତମାନଙ୍କ ପକ୍ଷରୁ ଆଇନଜୀବୀ ମାନସ କୁମାର ଚାନ୍ଦ ଓ ରାଜ୍ୟ ସରକାରଙ୍କ ପକ୍ଷରୁ ଅତିରିକ୍ତ ସରକାରୀ ଆଡ୍‌ଭୋକେଟ୍ ଅରୂପାନନ୍ଦ ଦାସ ମାମଲା ପରିଚାଳନା କରୁଥିଲେ।

ପ୍ରଥମ ପୃଷ୍ଠାରୁ...

## ଭାରତରେ କେତେକ...

ହ୍ୱାଟ୍ସଆପ୍-ରୁ-ମେଟା ୟୁଜର ଡେଟା ଶେୟାରିଂ ଉପରେ ଜାରି କଟକଣା ୟୁଜରମାନଙ୍କୁ ଫେସ୍‌ବୁକ୍ ଓ ଇନ୍‌ଷ୍ଟାଗ୍ରାମ୍‌ରେ ପର୍ସନାଲାଇଜ୍‌ଡ ଆଡ୍ସ ଅଫର କରିବା ନେଇ ସାମର୍ଥ୍ୟକୁ ହ୍ରାସ କରିବ। ଗତ ୩ ତାରିଖରେ ପ୍ରାୟ ୨,୦୦୦ ପୃଷ୍ଠା ସମ୍ବଳିତ ଏକ ଟ୍ରିବ୍ୟୁନାଲରେ ଦାଖଲ କରାଯାଇଥିବା ଆବେଦନରେ ମେଟା ପକ୍ଷରୁ ଏଭଳି ଯୁକ୍ତି ଦର୍ଶାଯାଇଥିବା ରଏଟର୍ସ ରିପୋର୍ଟ କରିଛି। ହ୍ୱାଟ୍ସଆପ୍ କହିଛି, ଏହି ମେସେଜିଂ ଆପ୍ ମେଟା ସହ ୟୁଜର୍ସଙ୍କ ଫୋନ୍ ନମ୍ବର, କାରବାର ସମ୍ପର୍କିତ ତଥ୍ୟ, ବ୍ୟବସାୟିକ ସଂସ୍ଥାଗୁଡ଼ିକ ସହ ଭାବର ଆଦାନପ୍ରଦାନ ଏବଂ ମୋବାଇଲ୍ ଡିଭାଇସ୍ ଇନ୍‌ଫର୍ମେଶନ୍ ଶେୟାର କରିଥାଏ। ସେହିପରି ସିସିଆଇର ରୁଲିଂ ଯୋଗୁଁ ପଡୁଥିବା ପ୍ରଭାବ ସମ୍ପର୍କରେ ମେଟା ପ୍ରଥମ ଥର ପାଇଁ ବିସ୍ତୃତ ଭାବେ ଉକ୍ତ ଫାଇଲିଂରେ ଉଲ୍ଲେଖ କରିଛି। ଏଥିରେ ମେଟା କହିଛି ଯେ, ପୂର୍ବରୁ ଜଣେ ହ୍ୱାଟ୍ସଆପ୍ ୟୁଜରଙ୍କ ଯୋଗାଯୋଗକୁ ଭିତ୍ତିକରି ଏକ ନିର୍ଦ୍ଦିଷ୍ଟ ପୋଷାକ ସମ୍ପର୍କିତ ଆଡ୍‌କୁ ପର୍ସନାଲାଇଜ୍‌ଡ କରାଯାଇପାରୁଥିଲା। ଡେଟା ଶେୟାରିଂ ବ୍ୟାନ୍ ଯୋଗୁ ଭାରତୀୟ ଫ୍ୟାଶନ୍ ବ୍ୟବସାୟ ଫେସ୍‌ବୁକ୍ କିମ୍ବା ଇନ୍‌ଷ୍ଟାଗ୍ରାମ୍‌ରେ ବିଜ୍ଞାପନଗୁଡ଼ିକୁ ନିଜ ସୁବିଧା ଅନୁସାରେ ପର୍ସନାଲାଇଜ୍‌ଡ କରିପାରିବ ନାହିଁ। ତେଣୁ ମେଟାକୁ ଭାରତରେ ଏହାର ଅନେକ ଫିଚର୍ସ ଓ ପ୍ରଡକ୍ଟକୁ ପ୍ରତ୍ୟାହାର କରିବାକୁ ପଡ଼ିପାରେ ବୋଲି କମ୍ପାନୀ କହିଛି। ଏହାର ପ୍ରଭାବରେ ଉଭୟ ୟୁଜର୍ସ ଓ କମ୍ପାନୀର କ୍ଷତି ହୋଇପାରେ ବୋଲି ମନେକରାଯାଉଛି। ସେହିପରି ସିସିଆଇ ଏଭଳି ନିର୍ଦ୍ଦେଶ ଦେବା ପୂର୍ବରୁ ମେଟା ଓ ହ୍ୱାଟ୍ସଆପ୍ ସହ ପରାମର୍ଶ କରିବା ଉଚିତ ଥିଲା, ଯାହାକି କରାଯାଇ ନାହିଁ ବୋଲି ଦର୍ଶାଇବା ସହିତ କମ୍ପାନୀ ସିସିଆଇର କାର୍ଯ୍ୟପ୍ରଣାଳୀ ଉପରେ ମଧ୍ୟ ପ୍ରଶ୍ନ ଉଠାଇଛି।

ଏଠାରେ ଉଲ୍ଲେଖଯୋଗ୍ୟ ଯେ, ଫେସ୍‌ବୁକ୍ ଇଣ୍ଡିଆ ଅନ୍‌ଲାଇନ୍ ସର୍ଭିସେସ୍ ୨୦୨୩-୨୪ରେ ଭାରତରୁ ୩୫୧ ନିୟୁତ ଡଲାର ରାଜସ୍ୱ ଲାଭ କରିଥିଲା, ଯାହାକି ଗତ ୫ ବର୍ଷରେ ସର୍ବାଧିକ। ମେଟାର ଅପିଲ୍ ଉପରେ ଟ୍ରିବ୍ୟୁନାଲ ଗୁରୁବାର ଶୁଣାଣି କରିବେ। ଏହି ମାମଲାର ଫଇସଲା ଅନେକ ସପ୍ତାହ କିମ୍ବା ମାସ ଲାଗିପାରେ। କିନ୍ତୁ ସେତେବେଳ ଯାଏ ଟ୍ରିବ୍ୟୁନାଲ ସିସିଆଇ ନିର୍ଦ୍ଦେଶନାମା ଉପରେ ସ୍ଥଗିତାଦେଶ ଜାରି କରିପାରନ୍ତି।

## ବରିଷ୍ଠ ନାଗରିକ...

ବର୍ଦ୍ଧିତ ଭତ୍ତା ପାଇବେ। ନୂଆ ସରକାର କଥା ଦେଇ ରଖିଛନ୍ତି। ପୂର୍ବରୁ ବୟୋଜ୍ୟେଷ୍ଠ, ଅସହାୟ ବ୍ୟକ୍ତି ୧୨୦୦ ଟଙ୍କା ଭତ୍ତା ପାଉଥିଲେ। ଏଥିରେ ୨୩୦୦ ଟଙ୍କା ବୃଦ୍ଧି କରାଯାଇ ୩୫୦୦ ଟଙ୍କା କରାଯାଇଛି। ଏହାଦ୍ୱାରା କେନ୍ଦୁଝରର ୯,୯୧୩ ଜଣଙ୍କ ସମେତ ରାଜ୍ୟର ୪,୧୭,୪୯୬ ଜଣ ଉପକୃତ ହେବେ। ବର୍ଦ୍ଧିତ ଭତ୍ତାର ଶୁଭାରମ୍ଭକରି ବ୍ୟକ୍ତିଗତ ଭାବରେ ବହୁତ ଖୁସି ବୋଲି ମୁଖ୍ୟମନ୍ତ୍ରୀ କହିଛନ୍ତି। ମୁଖ୍ୟମନ୍ତ୍ରୀଙ୍କ ଅଭିଯୋଗ ପ୍ରକୋଷ୍ଠକୁ ବୟସ୍କ, ଦିବ୍ୟାଙ୍ଗମାନେ ଆସିଲେ ଆଗ ସେମାନଙ୍କ ସମସ୍ୟା ଶୁଣେ ଓ ସମାଧାନ ପାଇଁ ନିର୍ଦ୍ଦେଶ ଦେଇଥାଏ। ଗରିବ, ଦିବ୍ୟାଙ୍ଗ ଓ ଅସହାୟଙ୍କୁ ସାହାଯ୍ୟକରି ଯେଉଁ ସନ୍ତୋଷ ମିଳୁଛି, ତାହା ହେଉଛି ତାଙ୍କ ଜୀବନର ସବୁଠାରୁ ଶ୍ରେଷ୍ଠ ପୁଞ୍ଜି। ୭ ମାସର ସରକାର ଲୋକଙ୍କ କଲ୍ୟାଣ ପାଇଁ ଅନେକ ଗୁରୁତ୍ୱପୂର୍ଣ୍ଣ ପଦକ୍ଷେପ ନେଇଛନ୍ତି। ଗତ ୨ ଦିନ ତଳେ ଆୟୁଷ୍ମାନ୍ ଭାରତ ପ୍ରଧାନମନ୍ତ୍ରୀ ଜନ ଆରୋଗ୍ୟ ଯୋଜନା ରାଜ୍ୟରେ କାର୍ଯ୍ୟକାରୀ କରିବା ପାଇଁ ଚୁକ୍ତିପତ୍ର ସ୍ୱାକ୍ଷର ହୋଇଛି। ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦି ଯୋଜନାରେ ୭୦ ବର୍ଷରୁ ଊର୍ଦ୍ଧ୍ୱ ସମସ୍ତ ନାଗରିକଙ୍କୁ ଯୋଡ଼ିଛନ୍ତି। ଓଡ଼ିଶାର ସମୃଦ୍ଧି ତଥା ରାଜ୍ୟର ଚାଷୀ, ମହିଳା, ଶ୍ରମିକ, ଯୁବଗୋଷ୍ଠୀ, ଆଦିବାସୀ, ଗରିବ, ପଛୁଆ ଲୋକଙ୍କ ବିକାଶକୁ ଭାଜପା ସରକାର ଗୁରୁତ୍ୱ ଦେଉଛନ୍ତି। କେନ୍ଦୁଝରରେ ଖୁବ୍‌ଶୀଘ୍ର ମେଗା ଇସ୍ପାତ କାରଖାନା ନିର୍ମାଣ ହେବ। ଚଳିତ ମାସ ଶେଷ ସପ୍ତାହରେ ଭୁବନେଶ୍ୱରରେ ଆୟୋଜିତ ହେଉଥିବା ଉତ୍କର୍ଷ ଓଡ଼ିଶା କାର୍ଯ୍ୟକ୍ରମରେ ଏହି ଇସ୍ପାତ କାରଖାନା ପାଇଁ ଚୁକ୍ତିପତ୍ର ସ୍ୱାକ୍ଷର ହେବ। ଏଥିସହ ରାଜ୍ୟର ସବୁ ଜିଲାରେ ଶିଳ୍ପାନୁଷ୍ଠାନ ଓ କଳକାରଖାନା ସ୍ଥାପନ ପାଇଁ ସରକାର ନିଷ୍ପତ୍ତି ନେଇଛନ୍ତି। ଏଥିରେ ସହଯୋଗ କରିବାକୁ ଉପସ୍ଥିତ ଜନସାଧାରଣଙ୍କୁ ମୁଖ୍ୟମନ୍ତ୍ରୀ ଆହ୍ୱାନ ଦେଇଛନ୍ତି। ମଞ୍ଚ ଉପରେ ମୁଖ୍ୟମନ୍ତ୍ରୀ ହିତାଧିକାରୀ ରତ୍ନାକର ଜେନା, ଯୋଗେନ୍ଦ୍ର ନାୟକ, ରଜନୀ ମହାନ୍ତିଙ୍କୁ ବର୍ଦ୍ଧିତ ବୟସ୍କ ଭତ୍ତା ଏବଂ ସତ୍ୟଭାମା ସେଠୀ, ଅନିରୁଦ୍ଧ ଦାସ, ଜୟକୃଷ୍ଣ ମହନ୍ତଙ୍କୁ ବର୍ଦ୍ଧିତ ଦିବ୍ୟାଙ୍ଗ ଭତ୍ତା ପ୍ରଦାନ କରିଥିଲେ। କାର୍ଯ୍ୟକ୍ରମରେ ଘସିପୁରା ବିଧାୟକ ବଦ୍ରିନାରୟଣ ପାତ୍ର, ଚମ୍ପୁଆ ବିଧାୟକ ସନାତନ ମହାକୁଡ, ପାଟଣା ବିଧାୟକ ଅଖିଳ ଚନ୍ଦ୍ର ନାୟକ, ତେଲକୋଇ ବିଧାୟକ ଡା. ଫକୀରମୋହନ ନାୟକ, କେନ୍ଦୁଝର ଜିଲା ପରିଷଦ ଅଧ୍ୟକ୍ଷା ସାଗରିକା ସାହୁ ପ୍ରମୁଖ ଯୋଗଦେଇ ବର୍ଦ୍ଧିତ ଭତ୍ତା ବୟସ୍କ ଓ ଦିବ୍ୟାଙ୍ଗଙ୍କୁ ଆର୍ଥିକ ସ୍ୱଚ୍ଛଳ କରିବ ବୋଲି ମତ ରଖିଥିଲେ। କାର୍ଯ୍ୟକ୍ରମରେ ଜିଲାପାଳ ବିଶାଳ ସିଂହ ସ୍ୱାଗତ ଭାଷଣ ଦେଇଥିବାବେଳେ ଅତିରିକ୍ତ ଜିଲାପାଳ ଆଲୋକ କୁମାର ପ୍ରଧାନ ଧନ୍ୟବାଦ ଅର୍ପଣ କରିଥିଲେ।

## ଏରୋସ୍ପେସ୍ ଇଞ୍ଜିନିୟରରୁ...

ଖୋଜି ନ ପାରି ସେ ଉଦାସୀନତା ଭିତରକୁ ଚାଲିଯାଇଥିଲେ। ତେଣୁ ମାନସିକ ଶାନ୍ତି ପାଇଁ ଭଉଣୀ ତାଙ୍କୁ କିଛିଦିନ ପାଇଁ କାନାଡ଼ା ଡକାଇଥିଲେ। ସେଠାରେ ମଧ୍ୟ ତାଙ୍କୁ ସନ୍ତୁଷ୍ଟି ମିଳି ନ ଥିବା ଅଭୟ କହିଛନ୍ତି। କରୋନା କାଳରେ ସେ ଭାରତ ଫେରି ବିଭିନ୍ନ ଧାର୍ମିକ ସ୍ଥାନକୁ ଯାତ୍ରା କରିଥିଲେ। ସେ ୪ ଧାମ ଯାତ୍ରା କରି ନିଜକୁ ବୁଝିବାକୁ ଚେଷ୍ଟା କରିଥିଲେ। ସେ ଏକ ଆଶ୍ରମରେ ରହି ଧ୍ୟାନ, ଯୋଗ ଆଦି ଶିଖିବା ସହ ସାଂସାରିକ ମୋହମାୟାକୁ ତ୍ୟାଗ କରି ଆଧ୍ୟାତ୍ମିକତାର ମାର୍ଗକୁ ଆପଣାଇବାକୁ ସ୍ଥିର କରିଥିବା ଅଭୟ କହିଛନ୍ତି। ଏବେ ଅଭୟ ନିଜର ପୂରା ଜୀବନକୁ ଭଗବାନ ଶିବଙ୍କୁ ଉତ୍ସର୍ଗ କରିଛନ୍ତି। ଆଧ୍ୟାତ୍ମିକତା କ୍ଷେତ୍ରରେ ଜୀବନ ଅତିବାହିତ କରିବାକୁ ତାଙ୍କୁ ଭଲ ଲାଗୁଛି ବୋଲି ସେ କହିଛନ୍ତି। ଜୀବନର ପ୍ରକୃତ ଅର୍ଥକୁ ଖୋଜିବା ପାଇଁ ସେ ଏହି ରାସ୍ତା ବାଛିଛନ୍ତି। ସେ ତାଙ୍କ ଆଧ୍ୟାତ୍ମିକ ଯାତ୍ରାକୁ ଆଗକୁ ବଢ଼ାଇବାକୁ ଚାହାନ୍ତି। ମହାକୁମ୍ଭରେ ଯୋଗଦେଇ ତାଙ୍କ ମନକୁ ଶାନ୍ତି ମିଳିଥିବା ଅଭୟ କହିଛନ୍ତି।

# ଆଜିର ରାଶିଫଳ

ଜ୍ୟୋତିର୍ବିଦ୍ୟା ବିଶାରଦ ପ୍ରସନ୍ନ କୁମାର ମହାପାତ୍ର
ମଙ୍ଗରାଜପୁର ଶାସନ, କାଦୁଆ, ଗଞ୍ଜାମ
Email-pkmahapatro@gmail.com

**ମେଷ** ଆଜି ଚନ୍ଦ୍ର ମଙ୍ଗଳ ଯୋଗଜନିତ ଆନୁଷଙ୍ଗିକ ସାହାଯ୍ୟ, ସହଯୋଗ ଲାଭକରି ଅଟକିଥିବା କାମ ସମ୍ପୂର୍ଣ୍ଣ କରିବେ। ଶାରୀରିକ ସ୍ୱାସ୍ଥ୍ୟ ସମସ୍ୟା ସୁଧୁରି ଯାଇଥିଲେ ମଧ୍ୟ ମାନସିକ ଅସ୍ଥିରତା ଲାଗିରହିବ। ବକେୟା ଋଣ ପରିଶୋଧ ଓ ବନ୍ଧୁଙ୍କ ଶତ୍ରୁତାରୁ ମନ ଭାରାକ୍ରାନ୍ତ ରହିବ। ଜମିଜମା, ଜଳ କିମ୍ବା ବିଦ୍ୟୁତ୍ ବ୍ୟବସାୟରୁ ଲାଭବାନ୍ ହେବେ।

**ବୃଷ** ଚନ୍ଦ୍ରଏକାଦଶସ୍ଥ ଗୁରୁଙ୍କ ଯୋଗୁ ମନ ଚାହୁଁଥିବା ଜିନିଷ ପାଇଁ ବ୍ୟାକୁଳିତ ହୋଇପାରନ୍ତି। ଭୁଲ୍ ବୁଝାମଣା କାରଣରୁ ପାରିବାରିକ ପ୍ରତିରୋଧ କାମକୁ ବିଶୃଙ୍ଖଳିତ କରିବ। ପ୍ରତିବନ୍ଧକ ଲାଗିରହିଥିଲେ ମଧ୍ୟ ସମ୍ପର୍କୀୟଙ୍କ ସହଯୋଗରୁ ଉପକୃତ ହେବେ। କର୍ମକ୍ଷେତ୍ରର ଆଲୋଚନା କାଳରେ ସାଧାରଣ କଥାରୁ ସହକର୍ମୀ କ୍ଷୁବ୍ଧ ହୋଇପାରନ୍ତି।

**ମିଥୁନ** ରାଶ୍ୟାଧିପତି ବୁଧ ସ୍ୱରାଶିକୁ ଅବଲୋକନ କରୁଥିବାରୁ ସ୍ୱାସ୍ଥ୍ୟ ସମସ୍ୟା ସୁଧୁରିଯିବ। ପାରିବାରିକ ସ୍ଥିତିରେ ସୁଧାର ଏବଂ ଜମିଜମା ବାବଦରେ ଖର୍ଚ୍ଚ ପରିମାଣ ବୃଦ୍ଧିପାଇବ। ଭାତୃ ସମ୍ପର୍କୀୟ ଜଣେ ବନ୍ଧୁ ସାହାଯ୍ୟର ପ୍ରତିଶ୍ରୁତି ଦେଇପାରନ୍ତି। ପରିବାରର ଆବଶ୍ୟକତାକୁ ଅନୁଭବ କରି ନୂତନ ଜିନିଷ କିଣିବା ସକାଶେ ମନ ବଳାଇ ପାରନ୍ତି।

**କର୍କଟ** ତୃତୀୟାଧିପ ଷଷ୍ଠସ୍ଥ ଯୋଗୁ କର୍ମକ୍ଷେତ୍ରରେ ଅଧସ୍ତନ କର୍ମଚାରୀ ଅଭିଯୋଗ ଆଣିପାରନ୍ତି। କଳା, ସାହିତ୍ୟ, ସଂସ୍କୃତିରୁ ପ୍ରଶଂସିତ ହେବା ସାଙ୍ଗକୁ ସାମାଜିକ ସ୍ତରରେ ସମ୍ମାନିତ ହେବେ। ବାଣିଜ୍ୟ,ପରିବହନ ଓ ସଂଗଠନ କ୍ଷେତ୍ରରେ ପ୍ରତିବନ୍ଧକ ଆଶଙ୍କା ରହିଛି। ଆର୍ଥିକ ଦୃଷ୍ଟିକୋଣରୁ ଦିନଟି ବହୁତ ଭଲ ରହିବା ସହ ନୂତନ କର୍ମାରମ୍ଭ କରିପାରନ୍ତି।

**ସିଂହ** ମଙ୍ଗଳଙ୍କ ଦୁର୍ବଳତା କାରଣରୁ ଅଶାନ୍ତ ପାରିବାରିକ ସ୍ଥିତି ମାନସିକ ଅଶାନ୍ତିର କାରଣ ହେବ। ଶନି ଦୃଷ୍ଟ ଧନସ୍ଥାନ ହେତୁ ଧାର କରଜ ପାଇଁ ବ୍ୟସ୍ତତା ବଢ଼ିଯିବ। ଆକସ୍ମିକ ଭାବରେ କୌଣସି ବିଶିଷ୍ଟବ୍ୟକ୍ତିଙ୍କ ସହାୟତା ମିଳିବା ଆଶା ରହିଛି। ପରିସ୍ଥିତିବଶତଃ ଇଚ୍ଛା ନ ଥିଲେ ମଧ୍ୟ ଦୂରଯାତ୍ରା କରିବାକୁ ବାଧ୍ୟ ହୋଇପାରନ୍ତି।

**କନ୍ୟା** କେନ୍ଦ୍ରସ୍ଥ ରାଶ୍ୟାଧିପ ଯୋଗୁ ଦୈହିକ ସୁସ୍ଥତା ମନୋବଳ ବୃଦ୍ଧି କରିବ। ଆଜିର ଯାତ୍ରା ସମୟରେ ଅପରିଚିତ ଲୋକଟିଏ ମିତ୍ରତା ଛଳରେ ପାଖେଇ ଆସିପାରନ୍ତି। ସରକାରୀ ସୂତ୍ରରୁ କୌଣସି ଖବର ପାଇ ବିସ୍ମୟ ପ୍ରକାଶ କରିପାରନ୍ତି। ଦିନଟିରେ ଅର୍ଥନୈତିକ, ପାରିବାରିକ କ୍ଷେତ୍ର ପ୍ରାୟତଃ ଭଲ ରହିବ।

**ତୁଳା** କୋଣଭାବସ୍ଥ ପାପଗ୍ରହ ପ୍ରଭାବରେ କର୍ମକ୍ଷେତ୍ରରେ ମିଥ୍ୟା ଅଭିଯୋଗ ଶୁଣି ଆଶଙ୍କାଗ୍ରସ୍ତ ହୋଇପାରନ୍ତି। ଅବଶ୍ୟ ଆର୍ଥିକ ସ୍ଥିତି, ପାରିବାରିକ ପରିସ୍ଥିତି ଓ ବାଣିଜ୍ୟିକ ଅଭିବୃଦ୍ଧିରୁ ଆଶ୍ୱସ୍ତି ମିଳିବ। ଉପରିସ୍ଥଙ୍କ ଆଦେଶପ୍ରାପ୍ତ ହୋଇ ମାତ୍ରାଧିକ ଭ୍ରମଣ ଯୋଗୁ ଆଳସ୍ୟ ଅନୁଭବ କରି ପାରନ୍ତି। ଆଗାମୀ ମାଙ୍ଗଳିକ କାର୍ଯ୍ୟ ସକାଶେ ତତ୍ପରତା ବୃଦ୍ଧି ପାଇବ।

**ବିଛା** ମଙ୍ଗଳ ସହ ଶନିଙ୍କ ଷଡ଼ାଷ୍ଟକ ସ୍ଥିତି ହେତୁ କୌଣସି ବନ୍ଧୁଙ୍କ ଅନୁପସ୍ଥିତି ମନରେ ଭାବାନ୍ତର ସୃଷ୍ଟି କରିବ। ସାଧାରଣ କଥାରେ ସ୍ତ୍ରୀଙ୍କ ସହ ମତାନ୍ତର ଘଟିପାରେ। କଳା, ସାହିତ୍ୟ, ସଙ୍ଗୀତ ଓ ରାଜନୀତି କ୍ଷେତ୍ରରେ ବେଶ୍ ଆଦୃତ ହେବେ। ସାଙ୍ଗଠନିକ କାର୍ଯ୍ୟରେ,ସଭା ସମିତିରେ, ରାଜନୀତିରେ ନେତୃତ୍ୱ ନେଇ ପ୍ରଶଂସିତ ହୋଇପାରନ୍ତି।

**ଧନୁ** ରାଶିରେ ବୁଧ ଥିବା ଯୋଗୁ ଭଙ୍ଗା ପଡିଯାଇଥିବା ସମ୍ପର୍କକୁ ଯୋଡିବା ପାଇଁ ମନ ବଳାଇବେ। ମୂଲ୍ୟବାନ୍ ଜିନିଷ କ୍ରୟ କ୍ଷେତ୍ରରେ ଅର୍ଥସଙ୍କଟ ଦେଖାଦେବ। ପାରିବାରିକ ସମସ୍ୟାର ସମାଧାନରେ ଜଣେ ବନ୍ଧୁଙ୍କ ସାହାଯ୍ୟ ଅବିସ୍ମରଣୀୟ ରହିବ। ଅପରାହ୍ନରେ ବନ୍ଧୁଙ୍କ ଜରିଆରେ ଅଶୌଚ ଖବର ପାଇ ବିସ୍ମୟ ପ୍ରକାଶ କରିପାରନ୍ତି।


**ମକର** ଜୀବନଯାତ୍ରାରେ ବ୍ୟତିକ୍ରମଜନିତ ସାମାନ୍ୟ ଥଣ୍ଡା କାରଣରୁ ସ୍ୱାସ୍ଥ୍ୟ ଭଲ ଲାଗି ନ ପାରେ। ଆତ୍ମୀୟଙ୍କ ନିକଟରୁ ଅର୍ଥ, ବସ୍ତ୍ରଭୂଷଣାଦି ପ୍ରାପ୍ତ ହୋଇ ଖୁସି ରହିପାରନ୍ତି। ଶିଳ୍ପ, ବାଣିଜ୍ୟ, ବ୍ୟବସାୟ, ପରିବହନ ଓ ପ୍ରଶାସନିକ କ୍ଷେତ୍ରରେ ଦ୍ୱନ୍ଦ୍ୱ ଦୂର ହେବ। ନିଜ ନିଜ କ୍ଷେତ୍ରରେ କିମ୍ବା ପରିବାରରେ ସମ୍ମାନଜନକ ସ୍ଥିତିରେ ରହିବେ।

**କୁମ୍ଭ** ସ୍ୱଗୃହୀ ବଳବାନ୍ ଶନିଙ୍କ ଯୋଗୁ କର୍ମକ୍ଷେତ୍ରରେ ସମ୍ମାନନୀୟ ବ୍ୟକ୍ତି ସହାୟତା କରିବେ। ତୃତୀୟାଧିପ ଦୁଃସ୍ଥାନସ୍ଥ ଯୋଗୁ ପଡ଼ୋଶୀଙ୍କ ସହ ସୁସମ୍ପର୍କ ରକ୍ଷା କରିବାରେ ଅସମର୍ଥ ହେବେ। ପାରିବାରିକ ଜୀବନରେ ଉଚିତ ବୁଝାମଣାଜନିତ ପାରିବାରିକ ସ୍ଥିତି ମନ୍ଦ ହେବନି। କୌଣସି ବିବଦୀୟ ପରିସରରେ ବେଶି ସମୟ ରହିବା ଠିକ୍ ହେବନାହିଁ।

**ମୀନ** ଭାଗ୍ୟସ୍ଥାନକୁ ଗୁରୁଦୃଷ୍ଟି କାରଣରୁ ନୂଆ ଯୋଜନାଟିକୁ କୌଣସି ପ୍ରତିରୋଧ ଅଟକାଇ ପାରିବନାହିଁ। ଆତ୍ମୀୟଙ୍କ ସ୍ୱାସ୍ଥ୍ୟରେ ଉନ୍ନତି ଘଟିବା ହେତୁ ଆଶ୍ୱସ୍ତି ଅନୁଭବ କରିବେ। ପୂର୍ବ ନିର୍ଦ୍ଧାରିତ ଗସ୍ତ କାର୍ଯ୍ୟକ୍ରମ ହଠାତ୍ ବଦଳି ଯାଇପାରେ। ଆର୍ଥିକ ଦୁଃସ୍ଥିତି, ପରୋକ୍ଷ ଶତ୍ରୁତା, ସମ୍ପର୍କରେ ତିକ୍ତତା ଓ ବନ୍ଧୁମତାନ୍ତରର ସୂଚନା ରହିଛି।

ଆଜି ଜାନୁଆରୀ ୧୬ ତାରିଖ, ଜାତୀୟ ଷ୍ଟାର୍ଟ-ଅପ୍ ଦିବସ, ମାଘ କୃଷ୍ଣ ତୃତୀୟା ଗୁରୁବାର। ଦିବା ଘ. ୧୧.୩୩ ମି. ପର୍ଯ୍ୟନ୍ତ ରାଶି ନକ୍ଷତ୍ର-ଅଶ୍ଳେଷା/କର୍କଟ, ତୃତୀୟାର ଏକୋଦ୍ଦିଷ୍ଟ ଓ ପାର୍ବଣ ଶ୍ରାଦ୍ଧ। ଦିବା ଘ.୦୬.୨୭ ମି. ଗତେ ଘ.୦୭.୫୫ମି. ମଧ୍ୟେ, ଘ.୧୦.୫୦ମି. ଗତେ ଘ.୦୧.୦୨ମି. ମଧ୍ୟେ ଶୁଦ୍ଧ ଶୁଭ ବେଳା। ଦିବା ଘ.୦୧.୧୮ମି. ଗତେ ଘ.୦୨.୪୦ମି. ମଧ୍ୟେ ରାହୁ କାଳ।

# ଓଡ଼ିଶା ସ୍ୱାସ୍ଥ୍ୟସେବାରେ ମୋଦି ଗ୍ୟାରେଣ୍ଟି



**■ ମୋହନ ଚରଣ ମାଝୀ**

ଓଡ଼ିଶାର ସ୍ୱାସ୍ଥ୍ୟସେବା ଇତିହାସରେ ଜାନୁଆରୀ ମାସ ୧୩ ତାରିଖ ସ୍ୱର୍ଣ୍ଣାକ୍ଷରରେ ଲିପିବଦ୍ଧ ହୋଇ ରହିବ। କେନ୍ଦ୍ର ସରକାରଙ୍କ ଆୟୁଷ୍ମାନ ଭାରତ ପ୍ରଧାନମନ୍ତ୍ରୀ ଜନ ଆରୋଗ୍ୟ ଯୋଜନାରେ ଦେଶରେ ୩୩ଟି ରାଜ୍ୟ ସାମିଲ ହୋଇଥିଲେ ବି ଓଡ଼ିଶା ସମେତ ୩ଟି ରାଜ୍ୟ ସରକାର ଏହି ଯୋଜନାକୁ କାର୍ଯ୍ୟକାରୀ କରି ନ ଥିଲେ। ରାଜ୍ୟବାସୀଙ୍କ ପ୍ରତି କରାଯାଇଥିବା ଅନ୍ୟାୟର ଅବସାନ ହୋଇଛି। ବିଶ୍ୱର ସର୍ବବୃହତ୍ ସ୍ୱାସ୍ଥ୍ୟବୀମା ଯୋଜନାର ଆମେ ଲାଭାର୍ଥୀ ହେବା। କେନ୍ଦ୍ରୀୟ ଯୋଜନାର ଲାଭାର୍ଥୀ ହେବାରୁ ବଞ୍ଚିତ ରାଜ୍ୟବାସୀଙ୍କୁ ସେବା ଦେବାକୁ ପୁଷ୍ପୁନେଇଁର ଶୁଭ ଅବସରକୁ ବାଛିଲୁ। ଦେଶର ୩୪ତମ ରାଜ୍ୟ ଭାବେ ତାଲିକାରେ ଓଡ଼ିଶା ସ୍ଥାନ ପାଇଲା। ଏହି ଉପହାର ଦେଇଥିବାରୁ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦିଜୀ ଏବଂ କେନ୍ଦ୍ର ସ୍ୱାସ୍ଥ୍ୟମନ୍ତ୍ରୀ ଜଗତ୍ ପ୍ରସାଦ ନଡ୍ଡାଜୀଙ୍କୁ ମୁଁ ଆପଣମାନଙ୍କ ସହିତ ଧନ୍ୟବାଦ ଅର୍ପଣ କରୁଛି।

ଆପଣମାନେ ଜାଣନ୍ତି ଯେ, ସମାବେଶୀ ବିକାଶ ଲକ୍ଷ୍ୟ (ସଷ୍ଟେନେବଲ ଡେଭ୍‌ଲପ୍‌ମେଣ୍ଟ ଗୋଲ୍) ହାସଲ କରିବାକୁ ଭାରତ ସମେତ ବିଶ୍ୱର ସମସ୍ତ ଦେଶ ଚୁକ୍ତିବଦ୍ଧ ହୋଇଛନ୍ତି। ସେଥିରେ ଅଛି ସାର୍ବଜନୀନ ସ୍ୱାସ୍ଥ୍ୟସେବା ବ୍ୟବସ୍ଥା ବା ସମସ୍ତଙ୍କୁ ଯେପରି ପର୍ଯ୍ୟାପ୍ତ ସ୍ୱାସ୍ଥ୍ୟସେବା ମିଳିବ, ତାହା ପାଇଁ ବ୍ୟବସ୍ଥା କରିବା। ଏହି ସଂକଳ୍ପ ଅନୁସାରେ ସବୁଠୁ ପଛରେ ରହିଥିବା ଲୋକଙ୍କୁ ସ୍ୱାସ୍ଥ୍ୟସେବା ମିଳିପାରିବ, ତାହାର ଖସଡ଼ା ପ୍ରସ୍ତୁତ କରିବାକୁ କେନ୍ଦ୍ରରେ ଥିବା ମୋଦୀ ସରକାର ଜାତୀୟ ସ୍ୱାସ୍ଥ୍ୟନୀତି-୨୦୧୭ ପ୍ରଣୟନ କରିଥିଲେ। ତାହାର ସୁପାରିସ ଅନୁଯାୟୀ ଭାରତ ସରକାରଙ୍କ ଏକ ପ୍ରମୁଖ ଯୋଜନା ଭାବେ ଆୟୁଷ୍ମାନ ଭାରତର ପରିକଳ୍ପନା ରୂପ ନେଲା।

ଆୟୁଷ୍ମାନ ଭାରତ ଅଧୀନରେ ୨ଟି ଆନ୍ତଃ ସମ୍ପର୍କିତ ଯୋଜନା ରହିଛି। ପ୍ରଥମଟି ହେଲା ସ୍ୱାସ୍ଥ୍ୟ ଏବଂ ସୁସ୍ଥତା କେନ୍ଦ୍ର (ହେଲ୍‌ଥ ୱେଲ୍‌ନେସ୍ ସେଣ୍ଟର) ଓ ଦ୍ୱିତୀୟଟି ହେଲା ପ୍ରଧାନମନ୍ତ୍ରୀ ଜନ ଆରୋଗ୍ୟ ଯୋଜନା। ୨୦୧୮ ଫେବୃଆରୀରେ ଭାରତ ସରକାର ଦେଶରେ ଥିବା ଦେଢ଼ ଲକ୍ଷ ଉପକେନ୍ଦ୍ର ଏବଂ ପ୍ରାଥମିକ ସ୍ୱାସ୍ଥ୍ୟକେନ୍ଦ୍ରଗୁଡ଼ିକୁ ସ୍ୱାସ୍ଥ୍ୟ ଏବଂ ସୁସ୍ଥତା କେନ୍ଦ୍ରରେ ରୂପାନ୍ତରିତ କରିବାର ଘୋଷଣା କରିଥିଲେ। ଏହି କେନ୍ଦ୍ରଗୁଡ଼ିକ ବ୍ୟାପକ ପ୍ରାଥମିକ ସ୍ୱାସ୍ଥ୍ୟସେବା ପ୍ରଦାନ କରିବା ସହିତ ଲୋକଙ୍କ ଘରେ ସ୍ୱାସ୍ଥ୍ୟସେବା ପହଞ୍ଚାଇ ପାରିଲା। ଫଳରେ ମା' ଏବଂ ଶିଶୁ ସ୍ୱାସ୍ଥ୍ୟସେବା ଏବଂ ଅଣସଂକ୍ରାମକ ରୋଗ, ମାଗଣା ଅତ୍ୟାବଶ୍ୟକ ଔଷଧ ଏବଂ ନିଦାନ ସେବା ମିଳିପାରିଲା। ତତ୍କାଳୀନ ରାଜ୍ୟ ସରକାର ଏହି ପ୍ରଥମ ଯୋଜନାକୁ କାର୍ଯ୍ୟକାରୀ କରିଥିଲେ ହେଁ ଆୟୁଷ୍ମାନ ଭାରତ ଅନ୍ତର୍ଗତ ପ୍ରଧାନମନ୍ତ୍ରୀ ଜନ ଆରୋଗ୍ୟ ଯୋଜନାକୁ କାର୍ଯ୍ୟକାରୀ କଲେ ନାହିଁ। ଏହି କେନ୍ଦ୍ରୀୟ ଯୋଜନାରେ 'ପ୍ରଧାନମନ୍ତ୍ରୀ' ଶବ୍ଦ ଥିବାରୁ ବୋଧହୁଏ ଦଳୀୟ ସ୍ୱାର୍ଥ ଆଗରେ ରାଜ୍ୟବାସୀଙ୍କ ସ୍ୱାର୍ଥକୁ ବଳି ଦିଆଯାଇଥିଲା। ଆମ ରାଜ୍ୟର ଯୁବବର୍ଗଙ୍କୁ ଦାଦନ ଶ୍ରମିକ ଭାବେ ବାହାର ରାଜ୍ୟରେ ଖଟିବାକୁ ଛାଡ଼ିଦେଇ ସେମାନଙ୍କୁ ପ୍ରବାସରେ ଥିବା ସର୍ବୋତ୍ତମ ଡାକ୍ତରଖାନାରେ ସ୍ୱାସ୍ଥ୍ୟସେବା ପାଇବାର ଅଧିକାରରୁ ବଞ୍ଚିତ କରାଯାଇଥିଲା। ଆମେ ଏହାକୁ ଏକ ପାପ ରୂପେ ମନେକରି ଓଡ଼ିଶାରେ କ୍ଷମତାକୁ ଆସିଲେ ପ୍ରଧାନମନ୍ତ୍ରୀ ଜନ ଆରୋଗ୍ୟ ଯୋଜନାକୁ କାର୍ଯ୍ୟକାରୀ କରିବାକୁ ସଂକଳ୍ପ ନେଇଥିଲୁ, ଯାହା ଆମେ ଏବେ ପୂରଣ କରିବାକୁ ଯାଉଛୁ। ଏହି ଯୋଜନା ୨୩ ସେପ୍ଟେମ୍ବର ୨୦୧୮ଠାରୁ ମାନ୍ୟବର ପ୍ରଧାନମନ୍ତ୍ରୀ ଶ୍ରୀ ନରେନ୍ଦ୍ର ମୋଦୀଙ୍କ ଦ୍ୱାରା ଆରମ୍ଭ କରାଯାଇଥିଲେ ହେଁ ଆସନ୍ତା ମାସଠାରୁ ଆମ ରାଜ୍ୟରେ ଲାଗୁ ହେବାକୁ ଯାଉଛି।

ଆୟୁଷ୍ମାନ ଭାରତ ଯୋଜନା ବିଶ୍ୱର ସର୍ବବୃହତ୍ ସ୍ୱାସ୍ଥ୍ୟବୀମା/ଆଶ୍ୱାସନା ଯୋଜନା, ଯେଉଁଥିପାଇଁ ଆବଶ୍ୟକ ହେଉଥିବା ସମସ୍ତ ପାଣ୍ଠି ସରକାର ବହନ କରନ୍ତି। ହିସାବ କରି ଜଣାଯାଇଛି ଯେ, ପ୍ରତିବର୍ଷ କେବଳ ଖର୍ଚ୍ଚବହୁଳ ଚିକିତ୍ସା କାରଣରୁ ଆମ ଭାରତର ପ୍ରାୟ ୬ କୋଟି ଲୋକ ଦାରିଦ୍ର୍ୟ ଭିତରକୁ ଠେଲି ହୋଇଯାଆନ୍ତି। ବଡ଼ କଥା ଯେ, ଏହି ଯୋଜନାରେ ଡାକ୍ତରଖାନାରେ ଭର୍ତ୍ତି ହେବାର ୩ ଦିନ ପୂର୍ବରୁ ରୋଗ ନିର୍ଣ୍ଣୟ ଖର୍ଚ୍ଚ ଏବଂ ଡାକ୍ତରଖାନାରେ ଚିକିତ୍ସା ପାଇ ଘରକୁ ଯିବାର ୧୫ ଦିନ ପର୍ଯ୍ୟନ୍ତ ଔଷଧ ଖର୍ଚ୍ଚ ମଧ୍ୟ ବହନ କରିବାର ସୁବିଧା ଅଛି। ଯୋଜନାରେ ଔଷଧ, ରୋଗନିର୍ଣ୍ଣୟ ସେବା, ଡାକ୍ତରଙ୍କ ପାଉଣା, ଖଟିଆ ଓ କୋଠରିର ଭଡ଼ା, ଅସ୍ତ୍ରୋପଚାର କରୁଥିବା ସର୍ଜନଙ୍କ ପାଉଣା, ଅସ୍ତ୍ରୋପଚାର ଗୃହ ଏବଂ ଆଇସିୟୁ ଖର୍ଚ୍ଚ ଇତ୍ୟାଦି ଅନ୍ତର୍ଗତ। ଅଥଚ ଏଭଳି ଏକ ଚମତ୍କାର ତଥା ଯୁଗାନ୍ତକାରୀ ସର୍ବବୃହତ୍ ସ୍ୱାସ୍ଥ୍ୟ ଯୋଜନାକୁ କେବଳ ରାଜନୀତି କରିବା ପାଇଁ ଆମ ରାଜ୍ୟର ଲୋକଙ୍କୁ ଏଥିରୁ ଦୂରେଇ ରଖାଯାଇଥିଲା।

କେନ୍ଦ୍ର ସ୍ୱାସ୍ଥ୍ୟ ମନ୍ତ୍ରଣାଳୟଙ୍କ ଜାତୀୟ ସ୍ୱାସ୍ଥ୍ୟ ପ୍ରାଧିକରଣ ଏବଂ ଆମ ରାଜ୍ୟର ସ୍ୱାସ୍ଥ୍ୟ ବିଭାଗ ପକ୍ଷରୁ ପ୍ରଧାନମନ୍ତ୍ରୀ ଜନ ଆରୋଗ୍ୟ ଯୋଜନା ଅଧୀନରେ ଓଡ଼ିଶାକୁ ସାମିଲ କରିବା ପାଇଁ ମୋ ଉପସ୍ଥିତିରେ ଏକ ବୁଝାମଣାପତ୍ର ସ୍ୱାକ୍ଷର କରାଯାଇଛି। ଯଶସ୍ୱୀ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦୀଙ୍କ ପରୋକ୍ଷ (ଭର୍ଚୁଆଲ) ଉପସ୍ଥିତିରେ କେନ୍ଦ୍ର ସ୍ୱାସ୍ଥ୍ୟ ଏବଂ ପରିବାର କଲ୍ୟାଣ ଏବଂ ରସାୟନ ଓ ସାର ମନ୍ତ୍ରୀ ଶ୍ରୀ ଜଗତ୍ ପ୍ରସାଦ ନଡ୍ଡାଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ସ୍ୱାକ୍ଷର ସମାରୋହରେ ମୁଁ ନିଜେ ଉପସ୍ଥିତ ରହିଥିଲି। ମୋ ସହିତ କେନ୍ଦ୍ର ଶିକ୍ଷାମନ୍ତ୍ରୀ ଶ୍ରୀ ଧର୍ମେନ୍ଦ୍ର ପ୍ରଧାନ, କେନ୍ଦ୍ର ଆଦିବାସୀ ବ୍ୟାପାର ମନ୍ତ୍ରୀ ଶ୍ରୀ ଜୁଏଲ୍ ଓରାମ, କେନ୍ଦ୍ର ରେଳ, ସୂଚନା ଏବଂ ପ୍ରସାରଣ ଓ ଇଲେକ୍‌ଟ୍ରୋନିକ୍ସ ଏବଂ ସୂଚନା ପ୍ରଯୁକ୍ତି ବିଦ୍ୟା ମନ୍ତ୍ରୀ ଶ୍ରୀ ଅଶ୍ୱିନୀ ବୈଷ୍ଣବ, ଉପମୁଖ୍ୟମନ୍ତ୍ରୀ ଶ୍ରୀ କନକବର୍ଦ୍ଧନ ସିଂଦେଓ ଏବଂ ଓଡ଼ିଶାର ସ୍ୱାସ୍ଥ୍ୟ ଓ ପରିବାର କଲ୍ୟାଣ, ସଂସଦୀୟ ବ୍ୟାପାର ଏବଂ ଇଲେକ୍‌ଟ୍ରୋନିକ୍ସ ଓ ସୂଚନା ପ୍ରଯୁକ୍ତି ବିଦ୍ୟା ମନ୍ତ୍ରୀ ଡକ୍ଟର ମୁକେଶ ମହାଲିଙ୍ଗ ଉପସ୍ଥିତ ଥିଲେ।

ଏହି ଅବସରରେ ମୁଁ ସୂଚନା ଦେବାକୁ ଚାହେଁ ଯେ ପ୍ରଚଳିତ ଗୋପବନ୍ଧୁ ଜନ ଆରୋଗ୍ୟ ଯୋଜନା ସହିତ ପ୍ରଧାନମନ୍ତ୍ରୀ ଜନ ଆରୋଗ୍ୟ ଯୋଜନା ସମନ୍ୱୟ ରଖି କାର୍ଯ୍ୟକାରୀ ହେବ। ଏହା ପ୍ରତି ପରିବାରକୁ ବାର୍ଷିକ ୫ ଲକ୍ଷ ଟଙ୍କାର ବୀମା ପ୍ରଦାନ କରିବ ଏବଂ ମା'ମାନଙ୍କ ପାଇଁ ଅତିରିକ୍ତ ୫ ଲକ୍ଷ ଟଙ୍କା ଅର୍ଥାତ୍ ୧୦ ଲକ୍ଷ ଟଙ୍କା ପ୍ରଦାନ କରିବ। ଆପଣମାନେ ନିଶ୍ଚୟ ଖୁସି ହେବେ ଯେ ଏହା କେବଳ ବିଶ୍ୱର ସର୍ବବୃହତ୍ ସ୍ୱାସ୍ଥ୍ୟ ଯୋଜନା ନୁହେଁ ବରଂ କାର୍ଯ୍ୟକାରୀ ହେଉଥିବା ସବୁଠାରୁ ଦ୍ରୁତତମ ଯୋଜନା। ଏହି ଯୋଜନା ସ୍ୱୟଂସମ୍ପୂର୍ଣ୍ଣ ତଥା ଡିଜିଟାଲ ପରିଚାଳିତ ହୋଇଥିବାରୁ ତ୍ରୁଟିଶୂନ୍ୟ। ଦେଶର ପ୍ରାୟ ୪୫ ପ୍ରତିଶତ ଜନସଂଖ୍ୟାକୁ ଏଥିରେ ଅନ୍ତର୍ଭୁକ୍ତ କରାଯାଇଛି। ଏହି ଯୋଜନା ଆରମ୍ଭ ହେବା ପରଠାରୁ ୮.୧୯ କୋଟି ଲୋକ ଡାକ୍ତରଖାନାରେ ଭର୍ତ୍ତି ହୋଇଥିବା ରେକର୍ଡ କରାଯାଇଛି ଏବଂ ସମାଜର ଉପେକ୍ଷିତ ବର୍ଗଙ୍କୁ ସ୍ୱାସ୍ଥ୍ୟସେବା ଯୋଗାଇବା ପାଇଁ ୧.୧୩ ଲକ୍ଷ କୋଟି ଟଙ୍କା ଖର୍ଚ୍ଚ ହୋଇଛି। ଏହି ଯୋଜନା ଅଧୀନରେ ୨୭ ପ୍ରକାର ବିଶେଷଜ୍ଞ ଚିକିତ୍ସା ବିଭାଗରେ ପ୍ରାୟ ୨୦୦୦ ଚିକିତ୍ସା ପ୍ରକ୍ରିୟା ଅନ୍ତର୍ଭୁକ୍ତ, ଯେଉଁଥିରେ ବାଇପାସ୍ ସର୍ଜରି ଏବଂ ଆଣ୍ଠୁ ପ୍ରତିସ୍ଥାପନ ଭଳି ପ୍ରମୁଖ ଅସ୍ତ୍ରୋପଚାର ଅନ୍ତର୍ଭୁକ୍ତ ଅଛି। ଆମ ରାଜ୍ୟର ଲୋକମାନେ, ଯେଉଁମାନେ ପୂର୍ବରୁ ପ୍ରାୟ ୯୦୦ ତାଲିକାଭୁକ୍ତ ହସ୍ପିଟାଲରେ ଚିକିତ୍ସା ପାଉଥିଲେ ସେମାନେ ଏବେ ଦେଶର ତାଲିକାଭୁକ୍ତ ୨୯,୦୦୦ରୁ ଅଧିକ ସରକାରୀ ଓ ବେସରକାରୀ ହସ୍ପିଟାଲରେ ନଗଦହୀନ ଚିକିତ୍ସାର ସୁବିଧା ପାଇପାରିବେ। ଏହି ଅବସର ଓଡ଼ିଶା ପାଇଁ ଅତ୍ୟନ୍ତ ଗୁରୁତ୍ୱପୂର୍ଣ୍ଣ। କାରଣ ଏହା ଓଡ଼ିଶା ଜନସଂଖ୍ୟାର ୮୬ ପ୍ରତିଶତ ଲୋକଙ୍କ ସ୍ୱାସ୍ଥ୍ୟ ସ୍ଥିତିକୁ ପରିବର୍ତ୍ତନ କରିବା ସହିତ ଓଡ଼ିଶା ବାହାରେ ରହୁଥିବା ମୋର କର୍ମଜୀବୀ ଭାଇଭଉଣୀମାନଙ୍କୁ ଭଲ ଡାକ୍ତରଖାନାଗୁଡ଼ିକରେ ଭର୍ତ୍ତି ହୋଇ ମାଗଣା ଚିକିତ୍ସା ସୁବିଧା ଦେବ ଏବଂ ସେମାନଙ୍କ ବହୁମୂଲ୍ୟ ଜୀବନ ରକ୍ଷା କରିବ।

ବାସ୍ତବରେ ଏହି ବୁଝାମଣାପତ୍ର ସ୍ୱାକ୍ଷର କରି ଆମେ ୨ଟି ଉପଲବ୍ଧି ହାସଲ କରିପାରିଛୁ। ପ୍ରଥମରେ ଆମେ ନିର୍ବାଚନ ପ୍ରତିଶ୍ରୁତି ପାଳନ କରିଛୁ ଏବଂ ଓଡ଼ିଶାର ସ୍ୱାସ୍ଥ୍ୟସେବା କ୍ଷେତ୍ରର ବିକାଶ କାହାଣୀରେ ଏକ ନୂତନ ପୃଷ୍ଠା ଯୋଡ଼ିଛୁ। ଏହାକୁ 'ବିକଶିତ ଭାରତ' ଏବଂ 'ଉତ୍କର୍ଷ ଓଡ଼ିଶା' ଲକ୍ଷ୍ୟ ହାସଲ କରିବା ଦିଗରେ ଆଉ ଏକ ପ୍ରଗତିଶୀଳ ପଦକ୍ଷେପ ବୋଲି କହିଲେ ଠିକ୍ ହେବ। ଏହି ଯୋଜନାରେ ଓଡ଼ିଶାର ଜନସାଧାରଣ ତଥା ପ୍ରବାସୀ ଓଡ଼ିଆ ଶ୍ରମିକମାନଙ୍କୁ ସାରା ଦେଶରେ ସୁଲଭ ଏବଂ ଗୁଣାତ୍ମକ ସ୍ୱାସ୍ଥ୍ୟସେବା ମିଳିବ। ଏଥିରେ ରାଜ୍ୟର ୧ କୋଟି ୩ ଲକ୍ଷ ପରିବାର ଉପକୃତ ହେବେ। ଏହାଦ୍ୱାରା ରାଜ୍ୟର ୨୩,୧୨,୯୭୯ ଜଣ ୭୦ ବର୍ଷରୁ ଊର୍ଦ୍ଧ୍ୱ ବରିଷ୍ଠ ନାଗରିକ ମଧ୍ୟ ମାଗଣା ଚିକିତ୍ସା ସୁବିଧା ପାଇପାରିବେ। ଧନୀ କିମ୍ବା ଗରିବ ନୁହେଁ, ବରଂ ଯେକୌଣସି ଆର୍ଥିକ ବର୍ଗର ୭୦ ବର୍ଷରୁ ଊର୍ଦ୍ଧ୍ୱ ବରିଷ୍ଠ ନାଗରିକ ଏହି ଯୋଜନାରେ ସାମିଲ ହେବାର ବ୍ୟବସ୍ଥା କରାଯାଇଛି।

ଯେଉଁ ସରକାରୀ ଯୋଜନାମାନ ଲୋକଙ୍କ ପାଇଁ ଉଦ୍ଦିଷ୍ଟ ତା'ର ଲାଭ ସମ୍ପୃକ୍ତ ହିତାଧିକାରୀ ପାଇବା ଉଚିତ। ରାଜ୍ୟର ସମସ୍ତ ଲୋକପ୍ରତିନିଧି ଏହି ଯୋଜନା ସହ ସମ୍ପୃକ୍ତ ସମସ୍ତ ଅଧିକାରୀ, କର୍ମଚାରୀ, ସାମାଜିକ ସଙ୍ଗଠନ ତଥା ସଚେତନ ନାଗରିକଙ୍କୁ ବିନମ୍ର ନିବେଦନ, ସେମାନେ ଏହି ଯୋଜନାରେ ସକ୍ରିୟ ଭୂମିକା ଗ୍ରହଣ କରନ୍ତୁ। ମହାପ୍ରଭୁ ଶ୍ରୀଜଗନ୍ନାଥଙ୍କ ଅପାର କରୁଣାରୁ ଓଡ଼ିଶାବାସୀ ନିରାମୟ ରୁହନ୍ତୁ, ଏହା ହିଁ ପ୍ରାର୍ଥନା। ଜୟ ଜଗନ୍ନାଥ।

**-ମୁଖ୍ୟମନ୍ତ୍ରୀ, ଓଡ଼ିଶା**

## କେନ୍ଦ୍ର ସରକାରଙ୍କ କ୍ୟାଲେଣ୍ଡରରେ ଫୁଲବାଣୀର ତୁଳା ବେହେରାଙ୍କ ଫଟୋ




**ଫୁଲବାଣୀ, ୧୫।୧ (ରାକେଶ କୁମାର ରାଉତ)**

କେନ୍ଦ୍ର ସରକାରଙ୍କ ଦ୍ୱାରା ପ୍ରକାଶିତ ବାର୍ଷିକ କ୍ୟାଲେଣ୍ଡର-୨୦୨୫ରେ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦିଙ୍କ ସହ କନ୍ଧମାଳ ଜିଲା ଫୁଲବାଣୀର ତୁଳା ବେହେରାଙ୍କ ଫଟୋ ସ୍ଥାନ ପାଇଛି। କ୍ୟାଲେଣ୍ଡରର ପ୍ରଥମ ପୃଷ୍ଠାରେ ଏହି ଫଟୋ ସ୍ଥାନିତ ହୋଇଛି। ସୂଚନାଯୋଗ୍ୟ, ତୁଳା ଭିକ୍ଷାବୃତ୍ତି କରି ସଞ୍ଚୟ କରିଥିବା ୧ ଲକ୍ଷ ଟଙ୍କା ସ୍ଥାନୀୟ ଜଗନ୍ନାଥ ମନ୍ଦିରକୁ ଦାନ କରିଥିଲେ। ଏହି ଖବର ସେତେବେଳେ ସମଗ୍ର ରାଜ୍ୟ ଓ ଦେଶରେ ଚର୍ଚ୍ଚାର ବିଷୟ ପାଲଟିଥିଲା। ଗତ ସାଧାରଣ ନିର୍ବାଚନ ବେଳେ ପ୍ରଧାନମନ୍ତ୍ରୀ ଫୁଲବାଣୀକୁ ପ୍ରଚାରରେ ଆସିଥିବା ସମୟରେ କନ୍ଧମାଳ ଷ୍ଟାଡିୟମଠାରେ ଆୟୋଜିତ ନିର୍ବାଚନୀ ସଭାରେ ତୁଳାଙ୍କୁ ସମ୍ବର୍ଦ୍ଧିତ କରିଥିଲେ। ଏହି ସଭାରେ ପ୍ରଧାନମନ୍ତ୍ରୀ ତୁଳାଙ୍କ ସହିତ କଥାବାର୍ତ୍ତା ହେବା ମୁହୂର୍ତ୍ତର ଫଟୋ କ୍ୟାଲେଣ୍ଡରରେ ସ୍ଥାନ ପାଇଛି। ଇତିମଧ୍ୟରେ ମନ୍ଦିର କମିଟି ପକ୍ଷରୁ ତୁଳାଙ୍କ ପାଇଁ ମନ୍ଦିର ପରିସରରେ ଏକ ଗୃହ ବ୍ୟବସ୍ଥା କରାଯାଇଛି। କ୍ୟାଲେଣ୍ଡରରେ ନିଜ ଫଟୋ ଦେଖି ତୁଳା ଖୁସିବ୍ୟକ୍ତ କରିବା ସହିତ ପ୍ରଧାନମନ୍ତ୍ରୀଙ୍କୁ କୃତଜ୍ଞତା ଜଣାଇଛନ୍ତି। ଏହି ଅବସରରେ ସହରର ସମସ୍ତ ଭିକାରି ଓ ନିରାଶ୍ରୟଙ୍କ ପାଇଁ ଗୃହ ନିର୍ମାଣ କରିବାକୁ ତୁଳା ପ୍ରଧାନମନ୍ତ୍ରୀଙ୍କୁ ଅନୁରୋଧ କରିଛନ୍ତି।




## ଠିକାଦାରଙ୍କୁ ମରଣାନ୍ତକ ଆକ୍ରମଣ: ନାବାଳକ ସମେତ ୩ ଗିରଫ

**ରାଉରକେଲା, ୧୫।୧ (ସଙ୍ଗୀତା ଜେନା)**

ଉଦିତନଗର ପ୍ରଧାନକଲୋନୀରେ ରହୁଥିବା ଜଣେ ଠିକାଦାର ମୋହନିଶ୍ ପ୍ରଧାନ(୪୨)ଙ୍କୁ ସୋମବାର ବିଳମ୍ବିତ ରାତିରେ ଆକ୍ରମଣ ଘଟଣାରେ ପୋଲିସ ନାବଳକଙ୍କ ସମେତ ୩ ଜଣଙ୍କୁ ଗିରଫ କରିଛି। ଗିରଫ ଅଭିଯୁକ୍ତ ହେଲେ ଦୀପକ ଶର୍ମା ଓ ସନୋଜ ଶର୍ମା। ଉଭୟଙ୍କୁ କୋର୍ଟ ଚାଲାଣ କରାଯାଇଛି। ଏନେଇ ଥାନାରେ ଏତଲା(ନଂ.୧୮/୨୫) ରୁଜୁ ହୋଇଛି। ସୋମବାର ବିଳମ୍ବିତ ରାତିରେ ୩ଜଣ ଯୁବକ ଖଣ୍ଡା, ଲୁହାରଡ୍‌ରେ ମୋହନିଶଙ୍କୁ ମରଣାନ୍ତକ ଆକ୍ରମଣ କରିଥିଲେ। ଆହତ ଅବସ୍ଥାରେ ମୋହନିଶ୍‌ଙ୍କୁ ରାଉରକେଲା ସରକାରୀ ଡାକ୍ତରଖାନାରେ ଭର୍ତ୍ତି କରାଯାଇଛି।




## ମାଓବାଦୀ ଡମ୍ପରୁ ବିପୁଳ ପରିମାଣର ଅସ୍ତ୍ରଶସ୍ତ୍ର ଜବତ

**ମାଲକାନଗିରି, ୧୫।୧ (ଦୁର୍ଯ୍ୟୋଧନ ପାତ୍ର)**

ଛତିଶଗଡ ବସ୍ତର ଜିଲା ସୁରକ୍ଷା କର୍ମୀଙ୍କ ଦ୍ୱାରା ମାଓବାଦୀ ଡମ୍ପ ଉପରେ ଚଢାଉ କରି ବିପୁଳ ପରିମାଣର ଅସ୍ତ୍ରଶସ୍ତ୍ର ଜବତ କରାଯାଇଛି। ପୁଙ୍ଗାରପାଲ ଅଞ୍ଚଳରେ ମାଓବାଦୀ ଥିବା ଖବରପାଇ କୋଣ୍ଡାଗାଁର ଡିଆର୍‌ଜି ଓ ବସ୍ତର ଫାଇଟର୍ସ କୁଦୁର, ଦିପାକୋଡେନାର ଓ ତୁମଡିବାଲ ଗ୍ରାମ ନିକଟସ୍ଥ ଜଙ୍ଗଲ ଓ ପାହାଡ ଅଞ୍ଚଳରେ କୋମ୍ବିଂ କରିଥିଲେ। ଏହି ସମୟରେ ସର୍ଚ୍ଚ ସମୟରେ ହତିଆର, ବିସ୍ଫୋରଣ ସାମଗ୍ରୀ ଓ ନିତ୍ୟ ବ୍ୟବହାର୍ଯ୍ୟ ସାମଗ୍ରୀ ଜବତ କରିଛନ୍ତି। କୋଣ୍ଡାଗାଁ ପୋଲିସ ଅଧୀକ୍ଷକ ଅକ୍ଷୟ କୁମାର ସୂଚନା ଦେଇଛନ୍ତି, ଉକ୍ତ ଅଞ୍ଚଳରେ ମାଓବାଦୀମାନେ ଅଘଟଣ ଘଟାଇବା ପାଇଁ ଯୋଜନା କରୁଥିବା ବେଳେ ସୁରକ୍ଷାକର୍ମୀ ଚଢାଉ କରିଥିଲେ। ଏଥିରେ ମାଓବାଦୀଙ୍କ ଦ୍ୱାରା ଲୁଚାଇ ରଖାଯାଇଥିବା ଡମ୍ପରୁ ୧୪ ବନ୍ଧୁକ, ୧୪ ଟିଫିନ ବୋମା, ୨ କୁକର ବୋମା, ମାଓବାଦୀ ପୁସ୍ତକ ଓ ଅନ୍ୟ ନିତ୍ୟ ବ୍ୟବହାର୍ଯ୍ୟ ସାମଗ୍ରୀ ଜବତ କରାଯାଇଛି।

## ତୁଟିଲା ବିବାଦ, ସ୍ୱାଭାବିକ ହେଲା ଶ୍ରୀଲିଙ୍ଗରାଜଙ୍କ ନୀତିକାନ୍ତି

### ବିଶୃଙ୍ଖଳାକାରୀ ସେବାୟତଙ୍କ ବିରୋଧରେ ହେବ କାର୍ଯ୍ୟାନୁଷ୍ଠାନ: ଜିଲାପାଳ

**ପୁରୁଣା ଭୁବନେଶ୍ୱର, ୧୫।୧ (ସୁବାସ ଚନ୍ଦ୍ର ପ୍ରଧାନ)**

ଏକାମ୍ର କ୍ଷେତ୍ରର ଆରାଧ୍ୟ ପ୍ରଭୁ ଶ୍ରୀଲିଙ୍ଗରାଜଙ୍କ ମନ୍ଦିରରେ ଗତ ସୋମବାର ନବାଙ୍କ ବେଢ଼ାରୁ ବନ୍ଦ ରହିଥିବା ଠାକୁରଙ୍କ ନୀତିକାନ୍ତି ବୁଧବାର ସନ୍ଧ୍ୟା ୭ଟା ପରେ ସ୍ୱାଭାବିକ ହୋଇଛି। ମନ୍ଦିର ଟ୍ରଷ୍ଟବୋର୍ଡ ଅଧ୍ୟକ୍ଷ ତଥା ଖୋର୍ଦ୍ଧା ଜିଲାପାଳ ଚଞ୍ଚଳ ରାଣାଙ୍କ ନିର୍ଦ୍ଦେଶ ପରେ ଠାକୁରଙ୍କୁ ମହାସ୍ନାନ କରାଯାଇ ମଙ୍ଗଳ ଆଳତି, ଅବକାଶ ପରେ ଅନ୍ୟାନ୍ୟ ନୀତିକାନ୍ତି ହୋଇଛି।

ସୂଚନାଥାଉ କି, ଗତ ସୋମବାର ନବାଙ୍କ ବେଢ଼ାରେ କ୍ଷୀର ଆଉଟାଇବାକୁ ନେଇ ଶ୍ରୀଲିଙ୍ଗରାଜଙ୍କ ୨ ପ୍ରମୁଖ ସେବାୟତ ବଡୁ ଏବଂ ମହାସୁଆରଙ୍କ ମଧ୍ୟରେ ବିବାଦ ହେବାରୁ ଠାକୁରଙ୍କ ନୀତି ବନ୍ଦ ହୋଇଥିଲା। ଏପରିକି ଠାକୁରଙ୍କ ମକର ବେଢ଼ା ନୀତି ମଧ୍ୟ ବନ୍ଦ ରହିଥିଲା। ପ୍ରାୟ ତିନିଦିନ ଠାକୁର ଉପବାସରେ ରହିଥିଲେ। ଠାକୁରଙ୍କ ନୀତିକାନ୍ତି ସ୍ୱାଭାବିକ କରିବା ଏବଂ ଦୁଇ ସେବାୟତଙ୍କୁ ମନେଇବାକୁ ନେଇ ବୁଧବାର ସକାଳେ ଆଇନ ମନ୍ତ୍ରୀ ପୃଥ୍ୱୀରାଜ ହରିଚନ୍ଦନଙ୍କ ବାସଭବନରେ ଏକ ବୈଠକ ହୋଇଥିଲେ ମଧ୍ୟ କୌଣସି ନିର୍ଯ୍ୟାସ ବାହାରି ନ ଥିଲା। ଅପରାହ୍ନରେ ପୁଣି ତିନି ପ୍ରମୁଖ ନିଯୋଗ ପୂଜାପଣ୍ଡା, ମହାସୁଆର ଏବଂ ବଡୁ ସେବାୟତଙ୍କୁ ନେଇ ସର୍କିଟ ହାଉସଠାରେ ସ୍ୱତନ୍ତ୍ର ବୈଠକ ହୋଇଥିଲା। ବୈଠକରେ ଜିଲାପାଳ ଚଞ୍ଚଳ ରାଣା ଅଧ୍ୟକ୍ଷତା କରିଥିଲେ। ସେଦିନର ନୀତି ବନ୍ଦ କିଏ କରିଥିଲା, ତାହା ଅନୁସନ୍ଧାନ କରି ୨୪ଘଣ୍ଟା ମଧ୍ୟରେ ରିପୋର୍ଟ ତଲବ କରିବାକୁ ମନ୍ଦିର ଟ୍ରଷ୍ଟ ବୋର୍ଡ କାର୍ଯ୍ୟନିର୍ବାହୀ ଅଧିକାରୀ ତଥା ଏଡିଏମ୍ ରୁଦ୍ର ନାରାୟଣ ମହାନ୍ତିଙ୍କୁ ଜିଲାପାଳ ନିର୍ଦ୍ଦେଶ ଦେଇଛନ୍ତି। ଏଥିସହ ବିବାଦ ସୃଷ୍ଟି କରିଥିବା ସମ୍ପୃକ୍ତ ସେବାୟତଙ୍କ ବିରୋଧରେ ୩୨ଧାରା ଅନୁଯାୟୀ କାର୍ଯ୍ୟାନୁଷ୍ଠାନ ନେବାକୁ କହିଛନ୍ତି। ସେହିଭଳି ନୀତି ବନ୍ଦ କରୁଥିବା ସେବାୟତଙ୍କ ଭୋଗ ଦଖଲ ଜମିକୁ ୬୮ଧାରା ବଳରେ ମନ୍ଦିର ପ୍ରଶାସନ ସେମାନଙ୍କଠାରୁ ଛଡ଼ାଇ ଆଣିବା ଭଳି ପ୍ରସ୍ତାବ ମଧ୍ୟ ଗ୍ରହଣ କରାଯାଇଛି। ଅନ୍ୟପଟେ କେଉଁ ସେବାୟତଙ୍କ କେଉଁ ସେବା ରହିଛି, ତାହା ବିଗତ ବର୍ଷଗୁଡ଼ିକର ପରମ୍ପରା ନୀତିକୁ ଆଧାର କରି ବ୍ୟବସ୍ଥିତ କରାଯିବ ବୋଲି ଜିଲାପାଳ କହିଛନ୍ତି। ଏହାପରେ ଉପସ୍ଥିତ ପ୍ରମୁଖ ନିଯୋଗ ସେବାୟତମାନେ ଆଲୋଚନାରେ ସହମତି ପ୍ରକାଶ କରି ଠାକୁରଙ୍କ ନୀତିକାନ୍ତି କରିବାକୁ ରାଜି ହୋଇଥିଲେ। ଏହାପରେ ସନ୍ଧ୍ୟା ୭ଟାରୁ ଠାକୁରଙ୍କ ନୀତିକାନ୍ତି ସ୍ୱାଭାବିକ ହୋଇଥିଲା। ଅନ୍ୟପକ୍ଷରେ ପ୍ରଭୁ ଶ୍ରୀଲିଙ୍ଗରାଜଙ୍କ ନୀତିକାନ୍ତି ସ୍ୱାଭାବିକ ଦାବିରେ ବୁଧବାର ଏକାମ୍ର ଜନଜାଗରଣ ମଞ୍ଚ ପକ୍ଷରୁ ଦେବୋତ୍ତର କମିଶନରଙ୍କ ନିକଟରେ ଦାବିପତ୍ର ପ୍ରଦାନ କରାଯାଇଥିଲା। ମଞ୍ଚସଭାପତି ଭୀଷ୍ମ ନାରାୟଣ ନାୟକଙ୍କ ନେତୃତ୍ୱରେ ଆବାହକ ଗଣେଶ ଚନ୍ଦ୍ର ପାଲ, ସୁଲତା ସାହାଣୀ, ମନୋରଞ୍ଜନ ବଟୁ, ପୂର୍ଣ୍ଣଚନ୍ଦ୍ର ଖୁଣ୍ଟିଆ, ଅଶୋକ ବଡ଼ପଣ୍ଡା, ଶୁଭ୍ରାଂଶୁ ଶେଖର ଜେନା, ବିଜୟ ଭଟ୍ଟାଚାର୍ଯ୍ୟ, ସୋମ୍ୟରଞ୍ଜନ ପଣ୍ଡା, ଭୂପେଶ ନାୟକ, ଦିଲୀପ ସୁବୁଦ୍ଧି, ବିଭୁପ୍ରସାଦ ବିଶୋଇ, ରାଜେଶ ମିଶ୍ର, ସୁବ୍ରତ ସେନାପତି, ଶିବ ବାବା ଏବଂ ଆଇନଜୀବୀମାନେ ଦାବିପତ୍ର ପ୍ରଦାନ ବେଳେ ଉପସ୍ଥିତ ଥିଲେ।

ଆମ ନାକ ଆଗରେ ଯାହା ଯେତିକି ଘଟୁଛି-ତା'ଛଡା ଯେହେତୁ ଆମେ ଆଉ କିଛି ଦେଖିପାରୁନାହୁଁ- ସେଥିପାଇଁ ଆମେ ଏଇସବୁ କୋଳାହଳ ଓ ଦୁର୍ଗନ୍ଧମୟ ବିଷୟ ଭିତରେ ମାତିଯାଇଛୁ। ଆରେ ନିର୍ବୋଧ ହୃଦୟର ମଣିଷମାନେ ! ନୀରବ ରୁହ। ନିଜର କ୍ଷୁଦ୍ର ଅହଂକାରକୁ ବିନାଶକର। ଏବଂ ଉଦାର ଭାବେ, ବିସ୍ତୃତ ଭାବେ ଓ ସାର୍ବଜନୀନ ଭାବେ ସବୁ କଥା ଦେଖିବାକୁ ଶିକ୍ଷାକର।**-ଶ୍ରୀଅରବିନ୍ଦ**



# ଧର୍ମରେ ନୃତ୍ୟ



**ଦେବଦତ୍ତ ପଟ୍ଟନାୟକ**

ନୃତ୍ୟ ହେଉଛି ସଂସ୍କୃତିର ଏକ ଅବିଚ୍ଛେଦ୍ୟ ଅଙ୍ଗ। ନୃତ୍ୟ ଏକ ପ୍ରଦର୍ଶନର ବିଷୟ ହୋଇଥିବାରୁ ଏହା ସ୍ଥାନ କାଳପାତ୍ରରେ ପରିବର୍ତ୍ତନ ହୁଏ। ତେଣୁ ସଙ୍ଗୀତ ପରି ଏହା ଏକ ଅବର୍ଣ୍ଣନୀୟ ଐତିହ୍ୟ। ହିନ୍ଦୁ ମନ୍ଦିର କଳାରେ ଦେବତାମାନେ ଯଥା ଶିବ ନୃତ୍ୟ, କୃଷ୍ଣ ନୃତ୍ୟ, ଗଣେଶ ନୃତ୍ୟ କରୁଥିବା ଦେଖାଯାଏ। ଦେବଦାସୀଙ୍କ ନୃତ୍ୟ ମନ୍ଦିରଗୁଡ଼ିକରେ ଦେବତାମାନଙ୍କ ମନୋରଞ୍ଜନକୁ ପ୍ରତିପାଦିତ କରେ। କିନ୍ତୁ ଆମେ ବୁଦ୍ଧଙ୍କ ନୃତ୍ୟ, ତୀର୍ଥଙ୍କର ନୃତ୍ୟ ମୂର୍ତ୍ତି ଏବଂ ଇସଲାମୀୟ ଧର୍ମଗୁରୁଙ୍କ ନୃତ୍ୟର ମୂର୍ତ୍ତି କେବେ ବି ଦେଖିବାକୁ ପାଉନାହୁଁ। ବାସ୍ତବରେ ସୁଫି ଧର୍ମର ପରମ୍ପରାରେ ଏବଂ ଭକ୍ତି ଆନ୍ଦୋଳନରେ ଦିବ୍ୟତାର ଅନୁଭବ ପାଇଁ ନୃତ୍ୟ ଏକ ସାଧନ ହୋଇଥିବାବେଳେ ରୂଢ଼ିବାଦୀ ମୁସଲମାନ ପରମ୍ପରାରେ ଏହାକୁ ବାରଣ କରାଯାଇଛି। ୟୁରୋପରେ ନୃତ୍ୟ ପୂଜାପାଠ ସହିତ ଜଡ଼ିତ ଥିଲା ଏବଂ ପରେ ଖ୍ରୀଷ୍ଟିଆନ ଧର୍ମ ଦ୍ୱାରା ପ୍ରତ୍ୟାଖ୍ୟାତ ହୋଇଥିଲା। ଏହିପରି ଭାବେ ନୃତ୍ୟ ବିଭିନ୍ନ ଧର୍ମ, ସମ୍ପ୍ରଦାୟ ଏବଂ ଆଦିବାସୀଙ୍କ ବିଚାରଧାରାକୁ ପ୍ରତିଫଳିତ କରେ। ହିନ୍ଦୁମାନଙ୍କ ପାଇଁ ଏହା ସାଂସାରିକତା ଓ ବୌଦ୍ଧମାନଙ୍କ ପାଇଁ ଏହା ମୋହକୁ ପ୍ରତିପାଦିତ କରେ। ଏକେଶ୍ୱରବାଦ ବିଶ୍ୱାସ ଏହାକୁ ମୂର୍ତ୍ତିପୂଜା ସହିତ ଜଡ଼ିତ କରେ।

ପ୍ରାଚୀନ କାଳରୁ ଭାରତୀୟ ନୃତ୍ୟର ପ୍ରମାଣ ରହିଆସିଛି। କେନ୍ଦ୍ରୀୟ ଭାରତର ଭୀମବେଟକା ଗୁମ୍ଫାର 'ୱିଜାର୍ଡ ଡ୍ୟାନ୍ସ' ହେଉଛି ସର୍ବ ପୁରାତନ, ଯେଉଁଥିରେ ମୁଣ୍ଡରେ ଶିଙ୍ଗ ଲଗାଇ ଲୋକମାନେ ନାଚୁଥିବା ଦେଖାଯାଏ। ଏହା ପଥର ଯୁଗର ନୃତ୍ୟ। ହରପ୍ପାରେ ଆବିଷ୍କୃତ ହୋଇଥିବା ସିଲ୍ ବା ମୋହରରେ ସାତ ଜଣ ଲୋକ ସମାନ ପୋଷାକ ପିନ୍ଧି ଏକ ଗଛ ଚାରିପଟେ ନାଚୁଥିବା ଦେଖାଯାଏ। ଏହା ଆଦିବାସୀ ନୃତ୍ୟର ଏକ ସୂଚକ। ଭୀମବେଟକା ଗୁମ୍ଫାର ନୃତ୍ୟଶିଳ୍ପୀମାନଙ୍କ ଭଳି ଏମାନେ ମଧ୍ୟ ମୁଣ୍ଡରେ ଶିଙ୍ଗ ଲଗାଇଛନ୍ତି।

ବେଦରେ ସଙ୍ଗୀତ ସମ୍ପର୍କରେ ଯେତିକି ଆଲୋଚନା କରାଯାଇଛି ନୃତ୍ୟକୁ ସେହି ଅନୁପାତରେ ଗୁରୁତ୍ୱ ଦିଆଯାଇନାହିଁ। ମନେରଖିବା ଉଚିତ ଯେ, ବେଦ ଶ୍ରୁତି ଭାବରେ ଜଣାଶୁଣା। ଋକ୍‌ବେଦର ସ୍ତୋତ୍ରକୁ ସାମବେଦ ସ୍ୱର ପ୍ରଦାନ କରିଥିଲା। କର୍ମକାଣ୍ଡ ବା ଉତ୍ସ ସମୟରେ ମୁଦ୍ରା(ଅଙ୍ଗଭଙ୍ଗୀ)ର ଧାରଣା ଉପସ୍ଥାପନ କରେ ଯଜୁର୍ବେଦ। ଏହା ନୃତ୍ୟର ଉତ୍ପତ୍ତି ବୋଲି କୁହାଯାଏ। ପରେ ପ୍ରାଚୀନ କାଳର ରାଜା, ସାଧୁ ଏବଂ ଦୈବୀ କାହାଣୀ ବର୍ଣ୍ଣନା କରିବା ପାଇଁ ବୈଦିକ ସମାରୋହରେ ନୃତ୍ୟ ଏବଂ ଗୀତକୁ ମନୋରଞ୍ଜନ ଭାବରେ ବ୍ୟବହୃତ



କରାଯାଇଥିଲା। ସାଞ୍ଚି, ବର୍‌ହାଟ, ଏବଂ ଅମରାବତୀ ପରି ସ୍ଥାନରେ ମୌର୍ଯ୍ୟ ସମୟର (୩୨୧-୧୮୫ ଖ୍ରୀଷ୍ଟପୂର୍ବ) ମିଳିଥିବା ପଥର ଖୋଦେଇ ମୂର୍ତ୍ତିଗୁଡ଼ିକରେ ନୃତ୍ୟଶିଳ୍ପୀ ଦେଖିବାକୁ ମିଳନ୍ତି। ସେହିଭଳି ଗାନ୍ଧାରର ବୌଦ୍ଧ କଳାରେ ଗ୍ରୀକ୍ ନୃତ୍ୟଶିଳ୍ପୀମାନେ ବଚ୍ଚୁସ/ଡିଓନିସସ୍ (ମଦ ଏବଂ ସୁଖର ଗ୍ରୀକ ଦେବତା)ଙ୍କ ନକଲ ଦେଖିବାକୁ ମିଳିଥାଏ।

ଗୁପ୍ତ ରାଜବଂଶ ଶାସନ ସମୟରେ ନୃତ୍ୟ ଓ ନାଟକ ଶବ୍ଦ ଭରତ ମୁନିଙ୍କ ନାଟ୍ୟଶାସ୍ତ୍ରରେ ପ୍ରକାଶ ପାଇଥିଲା। ଅଭିନୟ କଳାକୁ ନେଇ ଏହା ଏକ ଶାସ୍ତ୍ରୀୟ ଗ୍ରନ୍ଥ ଭାବରେ ଉଭା ହୋଇଥିଲା। ସ୍ୱର୍ଗ ଥିଲା ଅପସରାଙ୍କ ନୃତ୍ୟ କ୍ଷେତ୍ର। ପୃଥିବୀରେ ଗଣିକାମାନେ ନାଚୁଥିଲେ।। କିଭଳି ନୃତ୍ୟ ପରିବେଷଣ କରାଯିବ ସେ ସମ୍ପର୍କରେ ନାଟ୍ୟ ଶାସ୍ତ୍ରରେ ବର୍ଣ୍ଣନା ରହିଛି। ଏହା ଅଭିନୟ (ଭାବଭଙ୍ଗୀ), ମୁଦ୍ରା (ଅଙ୍ଗଭଙ୍ଗୀ) ଏବଂ ଅଙ୍ଗିକା (ଆସନ) ବିଷୟରେ କହିଥାଏ। ଯୋଗାସନର ମଡେଲ ଭାବେ ସୂଚାଇବା ପାଇଁ ନୃତ୍ୟରେ ଅନେକ କିଛି ଅଛି।

ସଂସ୍କୃତ ନାଟକ ଏବଂ ପୌରାଣିକ କାହାଣୀଗୁଡ଼ିକ ଦେବତା, ଅପ୍‌ସରା ଏବଂ ରାଜ ନୃତ୍ୟଶିଳ୍ପୀଙ୍କ ମଧ୍ୟରେ ନୃତ୍ୟ ପ୍ରତିଯୋଗିତାକୁ ସୂଚିତ କରେ। ତାମିଲ ମନ୍ଦିର ପୁରାଣରେ ଶିବ ନୃତ୍ୟ ପ୍ରତିଯୋଗିତାରେ ଶକ୍ତି ସହିତ ପ୍ରତିଦ୍ୱନ୍ଦ୍ୱିତା କରନ୍ତି। ମୋହିନୀଙ୍କ ସହ ନାଚିବାକୁ ସେ ଭସ୍ମାସୁରଙ୍କୁ କହିଥିବା କାହାଣୀ ଅଛି। ତାଙ୍କ ସହ ନାଚି ନାଚି ଭସ୍ମାସୁର ତାଙ୍କ ନିଜ ମୁଣ୍ଡକୁ ଛୁଇଁ ପୋଡ଼ି ପାଉଁଶ ହୋଇଯାଇଛନ୍ତି।

ଇସଲାମ ନୃତ୍ୟକୁ ବାରଣ କରେ। କିନ୍ତୁ ରାଜପୁତ ମହିଳାଙ୍କୁ ବିବାହ କରିଥିବା ମୋଗଲମାନେ ତାୱିଫ୍‌ସମାନଙ୍କୁ ସେମାନଙ୍କ ଦରବାରରେ ନୃତ୍ୟ ପ୍ରଦର୍ଶନ କରିବାକୁ ଉତ୍ସାହିତ କରିଥିଲେ। ମନ୍ଦିରର ନୃତ୍ୟ କକ୍ଷ ଏବଂ ନୃତ୍ୟ ପ୍ରଦର୍ଶିତ ହେଉଥିବା ଇନ୍ଦ୍ରଙ୍କ ଦରବାରକୁ ଲକ୍ଷ୍ୟକରି ମୋଗଲମାନେ ସେମାନଙ୍କ ରାଜଦରବାରରେ ନୃତ୍ୟକୁ ପ୍ରୋତ୍ସାହିତ କରିଥିଲେ। ଏହିସବୁ ନୃତ୍ୟ ଆଜି ମଧ୍ୟ ବଲିଉଡ ଚଳଚ୍ଚିତ୍ରରେ ଜାରି ରହିଛି।

ଯେଉଁ ବିଷୟ ଭଲଭାବରେ ତଥା ସମ୍ପୂର୍ଣ୍ଣ ବର୍ଗୀକୃତ ଢଙ୍ଗରେ ବର୍ଣ୍ଣନା କରାଯାଇଛି ତାହା ହେଉଛି ଶାସ୍ତ୍ର। ଶାସ୍ତ୍ରୀୟ ନୃତ୍ୟ ଏକ ଶାସ୍ତ୍ର, କାରଣ ଏହାର ଏକ ଦୀର୍ଘ ଇତିହାସ ଅଛି, , କିଛି ଢାଞ୍ଚାରେ ଏହା ଲେଖା ହୋଇଛି ଏବଂ ନୃତ୍ୟକୁ ଜାଣିବା ଓ ପ୍ରଦର୍ଶନ ପାଇଁ ତାଲିମ ଆବଶ୍ୟକ। ଭାରତରେ ସାତ ପ୍ରକାର ଶାସ୍ତ୍ରୀୟ ନୃତ୍ୟ ରହିଛି, ପ୍ରତ୍ୟେକଟି ଆଧାର ଓ ଶୈଳୀ ଭିନ୍ନ। କଥାକଳି ଓ ମୋହିନିଆଟମ ହେଉଛି ନାଟକୀୟ ଓ ପ୍ରଦର୍ଶନାତ୍ମକ। ଭାରତନାଟ୍ୟମ ହେଉଛି ଜ୍ୟାମିତିକ ଏବଂ କୋଣୀୟ ଗତିବିଧି, ଯାହା ଦେବଦାସୀଙ୍କ ମନ୍ଦିର ନୃତ୍ୟର ଏକ ଆଧୁନିକ ସଂସ୍କରଣ। କୁଚିପୁଡି ନୃତ୍ୟଶିଳ୍ପୀମାନେ ପ୍ରାୟତଃ ପ୍ଲେଟରେ ନାଚନ୍ତି। ଓଡ଼ିଶୀ ନୃତ୍ୟର ତ୍ରିଭଙ୍ଗୀ ମୁଦ୍ରା ରହିଛି। ଏଥିରେ ବେକ, ଅଣ୍ଟା ଏବଂ ଆଣ୍ଠୁର ବିପରୀତ ଦିଗରେ ଶରୀର ବଙ୍କା ହୋଇଥାଏ। ତା'ପରେ ଆସାମର ସତ୍ରିୟା ନୃତ୍ୟ ଶେଷରେ ଶାସ୍ତ୍ରୀୟ ମାନ୍ୟତା ପାଇଛି। ଉତ୍ତରରେ କଥକ କେବଳ ଏକ ଔପଚାରିକ ଶାସ୍ତ୍ରୀୟ ନୃତ୍ୟ ରୂପ ରହିଛି, ଯାହା ପ୍ରଥମେ ମନ୍ଦିରରେ ଏବଂ ପରେ ଦରବାରରେ ପ୍ରଦର୍ଶିତ କରାଯାଇଥିଲା।

ଲୋକ ନୃତ୍ୟ ଭାବେ ଛଉ ପଶ୍ଚିମବଙ୍ଗ, ଓଡ଼ିଶା ଓ ଝାଡ଼ଖଣ୍ଡରେ ପରିବେଷଣ କରାଯାଏ। ଏଥିରେ ମୁଖ୍ୟତଃ ପୁରୁଷମାନେ ନାଚିଥାନ୍ତି। ପଶ୍ଚିମବଙ୍ଗ ପୁରୁଲିଆ ଏବଂ ଝାଡ଼ଖଣ୍ଡର ଛଉ ନୃତ୍ୟର ଏକ ଅବିଚ୍ଛେଦ୍ୟ ଅଙ୍ଗ ହେଉଛି ମାସ୍କ। ଓଡ଼ିଶାରେ ମାସ୍କ ପିନ୍ଧାଯାଏ ନାହିଁ। ଛଉକୁ ଶାସ୍ତ୍ରୀୟ ନୃତ୍ୟ ଭାବେ ବର୍ଗୀକୃତ କରାଯାଇ ନ ଥିଲେ ମଧ୍ୟ କେତେକେ ଏହାକୁ ଶାସ୍ତ୍ରୀୟ ବୋଲି ବିବେଚନା କରନ୍ତି। ଅବଶ୍ୟ ଏହି ଲୋକନୃତ୍ୟ -ଶାସ୍ତ୍ରୀୟ ନୃତ୍ୟ ମଧ୍ୟରେ ପାର୍ଥକ୍ୟ ଏକ ବିବାଦୀୟ ପ୍ରସଙ୍ଗ। ଲୋକ ନୃତ୍ୟଗୁଡ଼ିକ କର୍ଣ୍ଣାଟକର ଭୂତ କୋଲା କିମ୍ବା କେରଳର ଥିୟାମ ପରି ରୀତିନୀତି ସହିତ ଜଡ଼ିତ। ଏହି ନୃତ୍ୟ ପ୍ରଦର୍ଶନ ଦେବତାମାନଙ୍କ ସହିତ ଯୋଗାଯୋଗ ଏବଂ ପ୍ରକୃତି ସହିତ ଜଡ଼ିତ ହେବାରେ ନିମ୍ନ ସ୍ତରର ପରମ୍ପରାକୁ ପ୍ରତିଫଳିତ କରିଥାଏ। ଲଦାଖ ଏବଂ ଶିଲଂରେ ଜଣେ ମାସ୍କ ପିନ୍ଧିଥିବା ନୃତ୍ୟଶିଳ୍ପୀ ରାକ୍ଷସଙ୍କୁ ପରାସ୍ତ କରିବା ଏବଂ କ୍ରୋଧିତ ଆତ୍ମାକୁ ବଶକରି ବୌଦ୍ଧ ସିଦ୍ଧଙ୍କ କାହାଣୀକୁ ପ୍ରଦର୍ଶିତ କରିଥାନ୍ତି।

ସରଳ ତାଳ ଓ ପଦଚାଳନାକୁ ଆଧାରକରି ଏକ ସମୟ ଉପଯୋଗୀ ନୃତ୍ୟ ମାଧ୍ୟମରେ ଜନ ସମୁଦାୟକୁ ଏକାଠି କରିବା ହେଉଛି ଲୋକନୃତ୍ୟର ଲକ୍ଷ୍ୟ। ଆଦିବାସୀ ସମ୍ପ୍ରଦାୟରେ ନୃତ୍ୟ ସାଧାରଣତଃ ବ୍ୟକ୍ତିଗତ ପରିବର୍ତ୍ତେ ସାମୂହିକ ହୋଇଥାଏ। ଆସାମର ବିହୁ ନୃତ୍ୟ ପରି ଲୋକନୃତ୍ୟରୁ ଅମଳଭିତ୍ତିକ ପର୍ବ ସୃଷ୍ଟି ହୋଇଛି। ବିହୁ ସାଧାରଣତଃ ଅମଳ ସମୟରେ ପରିବେଷଣ କରାଯାଏ। ଭାରତର ଉତ୍ତର ପୂର୍ବାଞ୍ଚଳର ଆଦିବାସୀଙ୍କର ଅନେକ ନିଆରା ନୃତ୍ୟ ଅଛି, ଯାହା ସେମାନଙ୍କର ଅନନ୍ୟ ପରିଚୟର ପ୍ରତୀକ। ପାରମ୍ପରିକ ନୃତ୍ୟ ସଙ୍ଗୀତ ଓ ସଙ୍ଗୀତଭିତ୍ତିକ ଲୋକନୃତ୍ୟ ଜନସାଧାରଣଙ୍କ ମନୋରଞ୍ଜନ ପାଇଁ ଉଦ୍ଦିଷ୍ଟ। ଏହିପରି ଭାବେ ନୃତ୍ୟ ରାଜନୀତି, ଦର୍ଶନ, ପର୍ବ, ରୀତିନୀତି, ପରିଚୟ ଏବଂ ମନୋରଞ୍ଜନ ପାଇଁ ଏକ ଅଭିବ୍ୟକ୍ତିର ମାଧ୍ୟମ ହୋଇପାରେ।

-devduttofficial@gmail.com

## ଆଖି ଖୋଲିଲା ପରେ



**ଭଗବାନ ଦାଶ**

ମନକୁ ଆସେ କେତେଜଣ ବୟସ୍କ ପେନ୍‌ସନଭୋଗୀଙ୍କ କଥା। କାଲି କଥା ହେଉଥିଲେ ଏଥର ଆମକୁ ନ୍ୟାୟ ମିଳିବ। ନ୍ୟାୟାଳୟର ନ୍ୟାୟ ଉପରେ ଏମାନଙ୍କର ଆଖିବୁଜା ଭରସା। କାରଣ ବାର୍ଦ୍ଧକ୍ୟଭତ୍ତା ଏକ ଜନକଲ୍ୟାଣକାରୀ ସାହାଯ୍ୟ, ସନ୍ତୁଳିତ ବିଚାର, ଯାହା ତିନିହଜାରକୁ ଛୁଇଁଲାଣି। ଆଉ ଆମେ ତ ଚାକିରିକରି ପେନ୍‌ସନ ପାଇବାପାଇଁ ଚାକିରି ଆରମ୍ଭରୁ ୬୦ ବର୍ଷ ପର୍ଯ୍ୟନ୍ତ ନିଜ ପାରିଶ୍ରମିକରୁ କିଛି କିଛି ସଞ୍ଚୟ କରିଛେ ପୁଣି ଆମେ ବୁଢ଼ା, ଫଳରେ ଆମେ ବାର୍ଦ୍ଧକ୍ୟ ଭତ୍ତା ସହ ଆମ ପ୍ରଦତ୍ତ ସୁଧ ମିଶାଇ ଅଧିକା ପେନ୍‌ସନ ନିଶ୍ଚୟ ପାଇବା। ଏବର ସରକାର ପରା ପୂର୍ବ ସରକାର ଏକ ହଜାର ଟଙ୍କା ପେନ୍‌ସନ ଦେବାକୁ କହିବାରୁ ଉପହାସ କରୁଥିଲେ। କହୁଥିଲେ ତିନି ହଜାର ଟଙ୍କା ସହ ମହଙ୍ଗା ଭତ୍ତାରୁ କମ୍ ହେବା କଥା ନୁହେଁ। ହେଲେ ବିରୋଧୀରୁ ଶାସକ ହେବାରୁ କଥା ବଦଳିଗଲା। ସେଇ ଏକ ହଜାର ଟଙ୍କା ସର୍ବନିମ୍ନ ପେନ୍‌ସନ ଲାଗୁ କଲେ। କଥାରେ ପରା ଅଛି, କଥା କହିଜାଣିଲେ ସୁନ୍ଦର ଆଉ ମଥା ବାନ୍ଧି ଜାଣିଲେ ସୁନ୍ଦର। ଧନ୍ୟରେ ପ୍ରକୃତି। ପେନ୍‌ସନ ବୃଦ୍ଧିର ବିଚାର ଚାଲିଛି। ଥର ଥର ହୋଇ ତିନିଥର ଶାସନ ଡୋର ଲୋକ ବାନ୍ଧିଲେଣି। ବିଚାର ସରୁନି କି ଫଳ କିଛି ଫଳୁନି।

ମହଙ୍ଗାଭତ୍ତା ବୃଦ୍ଧି ବୋଧେ ଇପିଏଫ୍ ପେନ୍‌ସନବାଲାଙ୍କ ଭାଗ୍ୟରେ ନାହିଁ। ପେନ୍‌ସନ ବୃଦ୍ଧି ତ ଦୂରର କଥା ଜିନିଷପତ୍ର ଗମନାଗମନ ଏତେ ମହଙ୍ଗା ହେଲାଣି ଯେ, ପେନ୍‌ସନ ଆଣିବାକୁ ଯିବା ଖର୍ଚ୍ଚ ବି ପେନ୍‌ସନଠୁ ଅଧିକା ହେଲାଣି, ଫଳରେ ଦୁଇ ତିନି ମାସରେ ଥରେ ଲେଖାଏ ଅଟୋ ଭଡ଼ାକରି ଯିବାକୁ ହେଉଛି। କୋଡିଏ ବର୍ଷ ତଳେ ଯାହା ମିଳୁଥିଲା ଏବେ ବି ସେତିକି। ଆମେ ସ୍ୱାଧୀନ ଦେଶର ନାଗରିକ। ନେତା ବାଛିବାରେ ଭୋଟ କୁଆଡ଼େ ସମାନ। ଦରବୃଦ୍ଧି ତ ସଭିଙ୍କ ପାଇଁ ସମାନ। ତେବେ ଗୋଟେ ଗୋଷ୍ଠୀର ଦରବୃଦ୍ଧି ଭରଣା ହେଉଥିଲାବେଳେ ଅନ୍ୟ ଅବହେଳିତ କାହିଁକି ! ମଣିଷ ତ ଆଶ୍ୱାସନାରେ ବଞ୍ଚେ। ଏବେ କ'ଣ ବିଶ୍ୱାସ ଯୋଡ଼ାଗଲାଣି ସରକାରୀ ଭରସାରେ। ଆସ୍ଥା ଓ ବିଶ୍ୱାସରେ ଭରସା ରଖିଥିବା ସରକାର ତ ବିଚାର କରୁଛନ୍ତି। ଭୁରିଶ୍ରବାର ପଗଡି ବନ୍ଧା ପରି। ବିଚାରାଳୟ ମଧ୍ୟ ତଦ୍ରୂପ। ତାଙ୍କର ବି ବିଚାର ଚାଲିଛି। ଯାହାପାଇଁ ବିଚାର ସେମାନେ ଆସ୍ତେ ଆସ୍ତେ କାଳର କରାଳ ସ୍ରୋତରେ ପ୍ରତିଦିନ ଶହଶହ ସଂଖ୍ୟାରେ ଲୀନ ହେବାରେ ଲାଗିଛନ୍ତି। ବିଚାର ଅପେକ୍ଷାରେ ଥିବା ଲୋକମାନେ ଆଖିବୁଜିବା ଆଗରୁ କାନକୁ ଟିକିଏ ଶୁଣାଇ ପାରନ୍ତେ କି ଅନ୍ୟୂନ ପେନ୍‌ସନ ଏକ ହଜାରରୁ କିଛିଟା ବଢ଼ିଲା, ମହଙ୍ଗାଭତ୍ତା ବି ଯୋଡ଼ା ହେଲା। ସରକାର ହୁଅନ୍ତୁ କି ବିଚାରପତି ଆରମ୍ଭରୁ ମହଙ୍ଗାଭତ୍ତା ଦେବାରେ ଅସୁବିଧା କେଉଁଠି ତାଙ୍କୁ ହିଁ ଜଣା। ଦାବି ମଧ୍ୟ ଭୋକ୍ତାଙ୍କର ନାହିଁ। ସ୍ୱଳ୍ପ ପେନ୍‌ସନଭୋଗୀ ଯୋଗୁ ସମ୍ପୃକ୍ତ ଶ୍ରମିକ ନେତାମାନେ ନିଜର ବ୍ୟକ୍ତିତ୍ୱକୁ ସରକାରୀ ଚାପରେ ଭୁଲି ଭୁଲାଇବା ବାଣୀ ଶୁଣାଇବାକୁ ବେଶ୍ ତତ୍ପର।

ଧନ୍ୟ ଆମ ସ୍ୱାଧୀନତା। ସ୍ୱାଧୀନ ଦେଶରେ କ'ଣ ମୃତ୍ୟୁମୁଖୀ ବୟସ୍କ ଜନତାଙ୍କ ନ୍ୟାଯ୍ୟ ଦାବିପ୍ରତି ବିମୁଖ ମନୋଭାବ ଆମ ସ୍ୱାଧୀନତାର ପରିପ୍ରକାଶ। ଏବେ ଦେଖାଯାଉଛି, ବିଭିନ୍ନ କେସ୍‌ରେ ଯାହା ବୟସ୍କଙ୍କ ପାଇଁ ଉଦ୍ଦିଷ୍ଟ ତାହାର ଶୁଣାଣି ଘୁଞ୍ଚି ଘୁଞ୍ଚି ଯାଉଛି। ଏହା କ'ଣ ସରକାରୀ ପ୍ରରୋଚନାରେ ନା ନ୍ୟାୟାଳୟର କାର୍ଯ୍ୟଶୈଳୀଜନିତ। ଯେଉଁ ନ୍ୟାୟାଳୟରେ ଶୁଣାଣି ବର୍ଷ ବର୍ଷ ଧରି ଚାଲିପାରେ, ସେ କ'ଣ ସୁସ୍ଥ ବିଚାରଧାରାରେ ପରିଚାଳିତ କି ! ପ୍ରହସନ ଚାଲିଛି। ସମସ୍ତେ ନିଜ ନିଜ ହାତରେ ଚଉଦପା। ଅଧିକାର ଉପଭୋଗ କରିବା ଏବଂ ଏହାକୁ କାର୍ଯ୍ୟକାରୀ କରିବା ଭିତରେ ଆକାଶ ପାତାଳ ପ୍ରଭେଦ। ବିଳମ୍ବିତ ନ୍ୟାୟ, ନ୍ୟାୟ ଦେଇପାରେନା। ବିଚାର ପ୍ରତିଟି କେସ୍‌ର ଗୁରୁତ୍ୱ ଉପଲବ୍ଧି କରୁ। ଆଶୁ ବିଚାରକରି କିଛିମିଳିବାର ସୁଯୋଗ ଦେଇ କେସ୍‌କୁ ବଞ୍ଚାଇରଖୁ। ତା' ହେଲେ ନ୍ୟାୟାଳୟ ଯାହାପାଇଁ ତା'ର ସାର୍ଥକତା ସେମାନେ ଅଳ୍ପ ବହୁତେ ଅନୁଭବ କରିପାରିବେ।

ବିଚାରରେ ପାତର ଅନ୍ତର ନ ରହୁ। କେସ୍‌ର ଗୁରୁତ୍ୱ ଦେଖି ସମୟସୀମା ନିର୍ଦ୍ଧାରଣ ହେଉ। ତାରି ମଧ୍ୟରେ ଉଭୟ ପକ୍ଷଙ୍କୁ ନିଜର ଅଭିମତ ଦେବାର ବ୍ୟବସ୍ଥା ରହୁ। ବିଚାର ଯଥାଶୀଘ୍ର ହେଉ। ଆଗରୁ ସିନା ବିଚାରାଳୟରେ ଚକ୍ଷୁ ବନ୍ଦଥିବା ପ୍ରତିମୂର୍ତ୍ତି ରହୁଥିଲା, ଏବେ ତ ଚକ୍ଷୁ ଖୋଲ ! ଖୋଲାଆଖି ସବୁ ଦେଖୁ। ନ୍ୟାୟ ତ୍ୱରିତ ମିଳୁ।

**ଗୁଣ୍ଡିଚା ବିହାର, ପୁରୀ**
**ମୋ: ୮୨୪୯୦୮୨୪୦୦**

## ଏଇ ଭାରତରେ

ଉତ୍ତରପ୍ରଦେଶର ଦୁଷ୍ମନ୍ତ କୁମାର ସିଂ ବିଟେକ୍ ପାସ କରିବା ପରେ ଚାକିରି କରିଥିଲେ। ଭଲ ଦରମା ବି ପାଉଥିଲେ। ହେଲେ ଚାଷ କରିବା ପାଇଁ ସେ ଚାକିରି ଛାଡ଼ିଦେଇଛନ୍ତି। କୃଷିକୁ ବୃତ୍ତି ଭାବେ ଗ୍ରହଣ କରି ଦୁଷ୍ମନ୍ତ ଏବେ ଉତ୍ତରପ୍ରଦେଶର ଜଣେ ସଫଳ ଧାନ ଚାଷୀ ହୋଇପାରିଛନ୍ତି। ବଲିଆ ଜିଲା ବସନ୍ତପୁର ଗାଁରେ ରହନ୍ତି ଦୁଷ୍ମନ୍ତ। ସେ ବର୍ତ୍ତମାନ ୪୦ ଏକରରୁ ଅଧିକ ଜମିରେ ଜୈବିକ ପଦ୍ଧତିରେ କେବଳ ଦୁଇ କିସମର ଧାନ ଚାଷ କରୁଛନ୍ତି। ସେଥିରୁ ସେ ବର୍ଷକୁ ୩୫ ଲକ୍ଷ ଟଙ୍କା ରୋଜଗାର କରୁଛନ୍ତି। ଦୁଷ୍ମନ୍ତ ଚାଷ କରୁଥିବା ଦୁଇଟି କିସମର ଧାନ ମଧ୍ୟରୁ ଗୋଟିଏ ହେଉଛି କାଳା ନମକ କିରଣ ଓ ଅନ୍ୟଟି ମାଳବ୍ୟ ମନିଲା ଧାନ-୧। ଏକ ହେକ୍ଟରରୁ ୫୦ରୁ ୬୦ କୁଇଣ୍ଟାଲ ଧାନ ଅମଳ ହେଉଛି। ସେ ଜୈବିକ ଖତ ନିଜେ ପ୍ରସ୍ତୁତ କରି ଚାଷରେ ବ୍ୟବହାର କରୁଛନ୍ତି ଓ ଏଥିପାଇଁ ପଶୁପାଳନ କରିଛନ୍ତି। ଦୁଷ୍ମନ୍ତ ଚାକିରି ଛାଡ଼ି ଗାଁକୁ ଫେରିବା ପରେ ବାଙ୍ଗାଲୋରରେ ଆୟୋଜିତ ଏକ କୃଷି ଶିବିରରେ ଯୋଗ ଦେଇଥିଲେ। କୃଷି ବିଶେଷଜ୍ଞ ସୁଭାଷ ପାଲେକରଙ୍କ ସହ ଆଲୋଚନା କରିବା ପରେ ଧାନ ଚାଷ କରିବାକୁ ନିଷ୍ପତ୍ତି ନେଇଥିଲେ।

## ୫୦ ବର୍ଷ ତଳର ଧରିତ୍ରୀ

**୧୬ ଜାନୁଆରୀ ୧୯୭୬**

- ଭାରତୀୟ ସୈନ୍ୟ ବାହିନୀର ଅଣବୈଷୟିକ ବିଭାଗରେ କାର୍ଯ୍ୟ କରୁଥିବା ଯବାନମାନଙ୍କର ସକ୍ରିୟ କାର୍ଯ୍ୟକାଳର ମିଆଦ ୧୦ରୁ ୧୫ ବର୍ଷକୁ ବୃଦ୍ଧି ହୋଇଛି।
- ପାକିସ୍ତାନ ଭାରତରୁ ୫୦ ହଜାର ଟନ୍ ଲୌହପିଣ୍ଡ ଓ ୨୫୦ ଟନ୍ ବିଡି ପତ୍ର ଆମଦାନୀ କରିବା ନେଇ ଏକ ବାଣିଜ୍ୟ ରାଜିନାମା ସ୍ୱାକ୍ଷରିତ।
- ଯୁକ୍ତରାଷ୍ଟ୍ର ଆମେରିକା ଯୁଗୋସ୍ଲାଭିଆକୁ ୧୫ ବର୍ଷର ବିରତି ପରେ ଅସ୍ତ୍ରଶସ୍ତ୍ର ବିକ୍ରି କରିବାକୁ ନିଷ୍ପତ୍ତି କରିଥିବାର ୱାସିଂଟନ ପୋଷ୍ଟ ସମ୍ବାଦପତ୍ର ସୂତ୍ରରୁ ପ୍ରକାଶ।

## su|do|ku ସୁ-ଡୋ-କୁ

Puzzles by Srikant Ghosh

| | | | | | | | | |
|---|---|---|---|---|---|---|---|---|
| 8 | | 4 | | | 1 | | | 3 |
| | 7 | | | | | | | |
| | 1 | | 8 | | | | | 7 |
| | | | | | 5 | | | 2 |
| | | | 9 | | | 6 | | |
| 4 | 5 | | | | | 3 | | |
| | | 5 | | 9 | 7 | | 2 | |
| | | 1 | | | 4 | | | |
| 9 | 4 | 7 | 6 | | | | 5 | 1 |

ଏହାର ଉତ୍ତର ଆସନ୍ତାକାଲି ପ୍ରକାଶ ପାଇବ

ଉପରେ ପ୍ରଦତ୍ତ ସୁଡୋକୁର ଏପରି ସମାଧାନ କରିବାକୁ ହେବ, ଯେପରି ପ୍ରତ୍ୟେକ ଧାଡ଼ି, ସ୍ତମ୍ଭ ଓ ଆୟତାକାର ବାକ୍ସ ଭିତରେ ୧ରୁ ୯ ପର୍ଯ୍ୟନ୍ତ ଅଙ୍କ ରହିବ।

| | | | | | | | | |
|---|---|---|---|---|---|---|---|---|
| 2 | 7 | 3 | 1 | 4 | 6 | 9 | 5 | 8 |
| 9 | 5 | 4 | 7 | 2 | 8 | 1 | 6 | 3 |
| 1 | 6 | 8 | 5 | 9 | 3 | 2 | 4 | 7 |
| 8 | 4 | 6 | 3 | 7 | 9 | 5 | 2 | 1 |
| 7 | 2 | 9 | 8 | 1 | 5 | 4 | 3 | 6 |
| 5 | 3 | 1 | 4 | 6 | 2 | 7 | 8 | 9 |
| 4 | 8 | 7 | 2 | 3 | 1 | 6 | 9 | 5 |
| 6 | 1 | 5 | 9 | 8 | 4 | 3 | 7 | 2 |
| 3 | 9 | 2 | 6 | 5 | 7 | 8 | 1 | 4 |

ଗତକାଲିର ଉତ୍ତର

# ଆସକ୍ତି ନୁହେଁ ମମତାର ଦୃଷ୍ଟି



**ବୈକୁଣ୍ଠନାଥ ମିଶ୍ର**

ଆସକ୍ତି କ୍ଷଣସ୍ଥାୟୀ କିନ୍ତୁ ମମତା ଚିରନ୍ତନ। ସାମାଜିକ ପ୍ରାଣୀର ଉତ୍କର୍ଷ ବହନ କରିଥିବା ମନୁଷ୍ୟ ମାନବିକତାର ମୂଲ୍ୟବୋଧକୁ ପଦାଘାତ କରି ଅନେକ କ୍ଷେତ୍ରରେ ପଶୁତୁଲ୍ୟ ବ୍ୟବହାର ପ୍ରଦର୍ଶନ କରିବାକୁ ପଛଘୁଞ୍ଚା ଦେଉନାହିଁ। ମମତା ସ୍ଥାନରେ ଆସକ୍ତିର ଆସୁରିକ ଭାବନା ତା ମନପ୍ରାଣକୁ ଆଚ୍ଛାଦିତ କରିଛି। ମାନବିକ ମୂଲ୍ୟବୋଧ ଦ୍ରୁତବେଗରେ ହ୍ରାସ ପାଇବାରେ ଲାଗିଛି। ଯେଉଁ ଭାରତବର୍ଷ ତା'ର ସଂସ୍କୃତିର ଉତ୍କର୍ଷ ପାଇଁ ବୈଶ୍ୱିକ ସମ୍ମାନ ଓ ମର୍ଯ୍ୟାଦା ଲାଭ କରିଥିଲା ଆଜି ସେଥିରେ ଅବକ୍ଷୟ ପରିଲକ୍ଷିତ ହେଉଛି। ରାଜତନ୍ତ୍ରରେ ରାଜା ଥିଲେ ସର୍ବମୟ କର୍ତ୍ତା, ଯାହାଙ୍କର ଶାସନ, ଆଇନ ଓ ବିଚାର ପଦ୍ଧତିରେ ଋଷିବାଦର ପ୍ରଦର୍ଶିତ ମାର୍ଗ ଅବଲମ୍ବିତ ହେଉଥିଲା। ନ ଥିଲା ସମ୍ବିଧାନ, ଲିଖିତ ନିୟମାବଳୀ କିମ୍ବା ବିଚାର ସଂହିତା। ହେଲେ ପ୍ରଜାକୁଳ ଥିଲେ ସୁସଂହତ, ମାର୍ଜିତ ଓ ଶୃଙ୍ଖଳିତ। କିନ୍ତୁ ଗଣତନ୍ତ୍ର ବିଧି ବ୍ୟବସ୍ଥା ସତ୍ତ୍ୱେ ଦେଶବାସୀଙ୍କଠାରେ ସେ ଶୃଙ୍ଖଳା ସତେଯେମିତି ମରିହଜି ଯାଇଛି। ସମୟର ବିଘଟନ ସହ ତାଳଦେଇ ମଣିଷର ଆଚରଣ ସ୍ଥଳବିଶେଷରେ ପଶୁଠାରୁ ବି ହୀନ ହୋଇଯାଇଛି। ବିକୃତ ଯୌନଲାଳସା ଓ ତଜ୍ଜନିତ କାର୍ଯ୍ୟକଳାପକୁ ଅନୁଧ୍ୟାନ କଲେ ସଭ୍ୟସମାଜର ମୁଣ୍ଡ ଲଜ୍ଜାରେ ଅବନତ ହୋଇଯାଉଛି।

ଯୌନ ବିକାରଗ୍ରସ୍ତ ମଣିଷ ସାଧାରଣତଃ ବିବେକ ଶୂନ୍ୟ। ଯେ କୌଣସି ବୟସର ନାରୀ ପ୍ରତି ଯୌନ ବ୍ୟଭିଚାର ପାଇଁ ସେ କୁଣ୍ଠାବୋଧ କରୁନାହିଁ। ସବୁଠାରୁ ଦୁଃଖଦାୟକ ହେଉଛି କୋମଳମତି ଶିଶୁକନ୍ୟାମାନେ ଉଚ୍ଛୃଙ୍ଖଳ ପୁରୁଷର ଯୌନ ଉତ୍ପୀଡନର ଶିକାର ହେବା। ଶିଶୁ କନ୍ୟା ପ୍ରତି ଘୃଣ୍ୟ ନଜର ବାହାର ଅପେକ୍ଷା ଚିହ୍ନାଜଣା, ନିକଟ ପରିଚିତ, ବନ୍ଧୁବାନ୍ଧବ, ପଡୋଶୀ ଏପରିକି ରକ୍ତ ସମ୍ପର୍କୀୟଙ୍କଠାରୁ ମିଳୁଛି। ଗତ ତିନିବର୍ଷ ମଧ୍ୟରେ ରାଜ୍ୟ ଶିଶୁ ଅଧିକାର ଆୟୋଗ (ଓଏସ୍‌ସିପିସିଆର)ରେ ୨୬୫ଟି ଶିଶୁ ଯୌନ ନିର୍ଯାତନା ମାମଲା (ପୋକ୍ସୋ ଆକ୍ଟ) ପଞ୍ଜୀକୃତ ହୋଇଛି। ୨୦୨୪ରେ ଯୌନ ନିର୍ଯାତନା ମଧ୍ୟରୁ ଶିଶୁ ନିର୍ଯାତନା ମାମଲା ସଂଖ୍ୟା ଥିଲା ୭୬। ତଥ୍ୟ ଅନୁସାରେ ସେହିବର୍ଷ ଓଡ଼ିଶାରେ ସବୁଠାରୁ ଅଧିକ ଶିଶୁ ନିର୍ଯାତନା ମାମଲା ରୁଜୁ ହୋଇଛି। କେବଳ ଖୋର୍ଦ୍ଧା ଜିଲାରୁ ଯେଉଁଠାରେ ସର୍ବାଧିକ ୨୨ଜଣ ଶିଶୁ ଯୌନ ନିର୍ଯାତନାର ଶିକାର ହୋଇଛନ୍ତି। ତା' ତଳକୁ ସୁନ୍ଦରଗଡ଼ରେ ୧୨ ଓ କଟକରେ ଅଛନ୍ତି ୭ ଶିଶୁକନ୍ୟା। ଜଗତ୍‌ସିଂହପୁର ୪, ଅନୁଗୋଳ ଓ ମାଲକାନଗିରିରେ ୩ଜଣ ଲେଖାଏ ଶିଶୁ ଯୌନ ଉତ୍ପୀଡନର ଶିକାର ହୋଇଛନ୍ତି। ୨୦୨୩ରେ ସର୍ବାଧିକ ୧୦୫ଟି ପୋକ୍ସୋ ମାମଲା ରୁଜୁ ହୋଇଥିବା ବେଳେ ଖୋର୍ଦ୍ଧା ଜିଲାରେ ସବୁଠାରୁ ଅଧିକ ୩୫ ମାମଲା ଅନ୍ତର୍ଭୁକ୍ତ। ସେହିପରି ୨୦୨୨ରେ ସମୁଦାୟ ୮୪ଟି ଓ ୨୦୨୧ରେ ୧୦୫ଟି ମାମଲା ରୁଜୁ ହୋଇଥିବା ତଥ୍ୟ ଉପଲବ୍ଧ ହୋଇଛି।

ଗ୍ରାମାଞ୍ଚଳ ହେଉ ଅଥବା ସହରାଞ୍ଚଳ- ସବୁଠାରେ ଶିଶୁ ଯୌନ ନିର୍ଯାତନା ସାଧାରଣ ଘଟଣାରେ ପରିଣତ ହେଲାଣି। ଗ୍ରାମାଞ୍ଚଳରେ ଏଭଳି ଘଟଣା ପ୍ରାୟତଃ ଘଟୁ ନ ଥିଲା। କିନ୍ତୁ ଆଜି ସହର ତୁଳନାରେ ଗ୍ରାମାଞ୍ଚଳ ସ୍ଥିତି ଉଦ୍‌ବେଗଜନକ। ଗ୍ରାମାଞ୍ଚଳରେ ଯେବେଠାରୁ ନିଶାର ବ୍ୟାପକ ପ୍ରସାର ଘଟିଲାଣି ସେବେଠାରୁ ସ୍ଥିତି ଉଦ୍‌ବେଗଜନକ ହେଲାଣି। ମଦ ଢୋକେ ଉଦରସ୍ଥ କରିଦେଲେ ବ୍ୟକ୍ତିର ମାନସିକ ସ୍ଥିତି ଦୋହଲି ଯାଏ। ଯେତେ ପ୍ରକାର ଅଶାଳୀନ ଭାବନା ତା' ମନରେ



ଜମାଟ ବାନ୍ଧେ। ଇଂରାଜୀରେ କୁହାଯାଇଛି, 'ୱାଇନ୍ ସ୍ୱାଇପସ ଦି ବ୍ରେନ୍ ଆଣ୍ଡ କ୍ଲାଉଡସ ଦି ମାଇଣ୍ଡ'। ଅର୍ଥାତ୍ ମଦଢୋକେ ପିଇଦେଲେ ମନ ଓ ମସ୍ତିଷ୍କ ଉଭୟ ପ୍ରଭାବିତ ହୁଅନ୍ତି। ତେଣୁ ବୁଦ୍ଧିରହିତ ଭାବେ ବ୍ୟକ୍ତି ଯେକୌଣସି ପାପ କରିବସେ। ୨୦୧୯ରେ କେରଳର ଥିରୁଭାନନ୍ତପୁରମ୍‌ରେ ଘଟିଥିବା ଏକ ଘଟଣା ମଦ୍ୟପାନ ଓ ତଜ୍ଜନିତ ପାପାଚାର ପ୍ରତି ଅଙ୍ଗୁଳି ନିର୍ଦ୍ଦେଶ କରେ। ୪୪ବର୍ଷୀୟ ଅଭିଯୁକ୍ତ ଶିକ୍ଷକ ମନୋଜ ଜଣେ ସରକାରୀ ଉଚ୍ଚ ବିଦ୍ୟାଳୟର ଗଣିତ ଶିକ୍ଷକ। ନିଃସଙ୍ଗତାର ସୁଯୋଗରେ ସେ ଜଣେ ଛାତ୍ରୀଙ୍କୁ ବଳାତ୍କାର କଲେ। ୪ବର୍ଷର ବିଚାର ପରେ ଗତ ମାସରେ କୋର୍ଟ ତାଙ୍କୁ ଆଜୀବନ ଜେଲଦଣ୍ଡରେ ଦଣ୍ଡିତ କରିଛନ୍ତି। ଶିକ୍ଷକ ଛାତ୍ରୀଛାତ୍ରଙ୍କର ପିତା ସଦୃଶ। ଶାସ୍ତ୍ର କହେ - ଯେ ଜନ୍ମଦିଅନ୍ତି, ଯେ ଉପନୟନ କରନ୍ତି, ଯେ ବିଦ୍ୟାଦାନ କରନ୍ତି, ଯେ ପେଟକୁ ଦାନା ଯୋଗାନ୍ତି ଓ ଯେ ଭୟରୁ ରକ୍ଷାକରନ୍ତି - ଏମାନେ ସମସ୍ତେ ପିତା। ଜଣେ ପିତାର ଚାରିତ୍ରିକ ସ୍ଖଳନ ମୂଳରେ ମଦ୍ୟପାନକୁ ଦାୟୀ କରାଯାଇପାରେ।

ଏକ ତଥ୍ୟରୁ ଜଣାଯାଏ ଯେ ଭାରତରେ କୁମାରୀ କନ୍ୟାପ୍ରତି ଘଟୁଥିବା ସମୁଦାୟ ଯୌନ ବ୍ୟଭିଚାରର ୯୨ ପ୍ରତିଶତ ନିକଟ ସମ୍ପର୍କୀୟଙ୍କ ଦ୍ୱାରା ଘଟୁଛି। ବିଶ୍ୱ ସ୍ୱାସ୍ଥ୍ୟ ସଂଗଠନର ରିପୋର୍ଟ ଅନୁସାରେ ବିଶ୍ୱର ପ୍ରତି ତିନି ଜଣରେ ଜଣେ ମହିଳା ନିକଟ ସମ୍ପର୍କୀୟଙ୍କ ଦ୍ୱାରା ହିଂସାର ଶିକାର ହେଉଛନ୍ତି, ଯେଉଁଥିରେ ଅର୍ଦ୍ଧେକ କେବଳ ଯୌନ ହିଂସା ରହିଛି। ଓଡ଼ିଶାର ସ୍ଥିତି ମଧ୍ୟ କେଉଁ ଗୁଣରେ ଊଣା ନୁହେଁ। ଓଡ଼ିଶାର ସାମାଜିକ କର୍ମୀ ଅନୁରାଧା ମହାନ୍ତି ଆମ ରାଜ୍ୟର ଶିଶୁକନ୍ୟାଙ୍କ ପ୍ରତି ହେଉଥିବା ଯୌନ ବ୍ୟଭିଚାରକୁ ନେଇ ଗଭୀର ଉଦ୍‌ବେଗ ପ୍ରକାଶ କରିଛନ୍ତି। ତାଙ୍କ ମତରେ ପରିବାର ଲୋକମାନେ ପିଲାଙ୍କ ସହ ସାଙ୍ଗ ପରି ମିଶିବା ଦରକାର। ଛୋଟ ବୟସରୁ ସେମାନଙ୍କ ପ୍ରତି ହେଉଥିବା ଆପତ୍ତିଜନକ ସ୍ପର୍ଶ ସମ୍ବନ୍ଧରେ ସଚେତନ କରିବାର ଆବଶ୍ୟକତା ଅଛି। ସେହିପରି ରାଜ୍ୟ ଶିଶୁ ଅଧିକାର ଆୟୋଗ ଅଧ୍ୟକ୍ଷା ମନ୍ଦାକିନୀ କର କହନ୍ତି ଯେ ଶିଶୁ ସୁରକ୍ଷା ଆୟୋଗରେ ଶିଶୁଙ୍କର ସମସ୍ତ ପ୍ରକାର ଆପତ୍ତି ଅଭିଯୋଗ ଯଥାଶୀଘ୍ର ପଞ୍ଜୀକୃତ କରିବା ଉଚିତ। ସମୟାନ୍ତରେ ଆୟୋଗ ପକ୍ଷରୁ ବିଭିନ୍ନ କାର୍ଯ୍ୟକ୍ରମ ମାଧ୍ୟମରେ ମାତା ପିତା ଏବଂ ଅଭିଭାବକଙ୍କୁ ମଧ୍ୟ ସଚେତନ କରାଯାଉଛି। ଶିଶୁ କନ୍ୟାଙ୍କ ସହ କୌଣସି ଆପତ୍ତିଜନକ ଘଟଣା ପାଇଁ ଆୟୋଗ ପକ୍ଷରୁ ଜାରି ହୋଇଥିବା ହେଲ୍ପଲାଇନ ନମ୍ବର, ଥାନା କିମ୍ବା ଅତି କମ୍‌ରେ ନିକଟସ୍ଥ ଅଙ୍ଗନୱାଡି କେନ୍ଦ୍ରରେ ଅଭିଯୋଗ କରାଯିବାର ବ୍ୟବସ୍ଥା କରାଯାଇଛି। ଆଶଙ୍କା କରାଯାଏ ଯେ ଶିଶୁମାନଙ୍କ କ୍ଷେତ୍ରରେ ଘଟୁଥିବା ସମସ୍ତ ସମ୍ବେଦନଶୀଳ ଘଟଣା ବିରୋଧରେ ଅଭିଯୋଗ କରାଯାଉ ନାହିଁ। ସାମାଜିକ ଭୟ ଓ ଲୋକଲଜ୍ଜା ଏହାର ପ୍ରମୁଖ କାରଣ ବୋଲି ବିବେଚନା କରାଯାଏ। ଅଧିକାଂଶ କ୍ଷେତ୍ରରେ ଶିଶୁମାନେ ଅପରାଧର ଶିକାର ହେଲେ ମଧ୍ୟ ପରିବାରରେ ପ୍ରକାଶ କରିବାକୁ କୁଣ୍ଠାବୋଧ କରନ୍ତି। ବିଶେଷ ଭାବେ ଶିକ୍ଷକଙ୍କ ଦ୍ୱାରା ହେଉଥିବା ଅନୈତିକ କାର୍ଯ୍ୟକୁ ଶିଶୁକନ୍ୟାମାନେ ସହଜରେ ପରିବାରରେ ପ୍ରକାଶକରନ୍ତି ନାହିଁ। ଏଥିପାଇଁ ଭୟ, ଲଜ୍ଜା, ଅପମାନ ଓ ସହପାଠିନୀଙ୍କ ଆଡୁ ବିଦ୍ରୂପ ହିଁ ପ୍ରମୁଖ କାରଣ। ତଥାପି ଏପରି କୌଣସି ଅପ୍ରତ୍ୟାଶିତ ଘଟଣା ପାଇଁ ସେମାନେ ନୀରବ ନ ରହି ମାତାପିତାଙ୍କୁ ପ୍ରକାଶ କରିବାର ଆବଶ୍ୟକତା ଅଛି।

ଶିଶୁ କନ୍ୟାମାନେ ପୃଥିବୀ ରୂପକ ଉଦ୍ୟାନର ପୁଷ୍ପକଳିକା ସଦୃଶ। ସେମାନଙ୍କୁ ମମତାଭରା ପିତୃତ୍ୱ ପୂର୍ଣ୍ଣ ଦୃଷ୍ଟିରେ ଦେଖିବାର ଅଛି। ସେମାନଙ୍କ ପ୍ରତି ପୈଶାଚିକ ଆଚରଣ ଆଦୌ ଗ୍ରହଣୀୟ ନୁହେଁ। ସେ ନରପିଶାଚମାନଙ୍କୁ କଠିନରୁ କଠିନତର ଦଣ୍ଡର ଆବଶ୍ୟକତା ଅତ୍ୟନ୍ତ ଜରୁରୀ।

**ସିଦ୍ଧଳ, ଜଗତ୍‌ସିଂହପୁର**
**ମୋ: ୯୯୩୭୪୫୦୫୪୦**

## ପାଠକ ଶ୍ରେଷ୍ଠ ବିଚାରକ

### ମାତାପିତାଙ୍କ ସେବା ପରମ ଧର୍ମ

ମହାଶୟ,

ପିତାମାତାଙ୍କୁ ଭକ୍ତି କରିବା ଓ ସେମାନଙ୍କ ସେବାଯତ୍ନ କରିବା ପାଇଁ ଛୋଟବେଳୁ ପିଲାମାନଙ୍କୁ ଶିକ୍ଷା ଦିଆଯାଏ । କିନ୍ତୁ ସମୟକ୍ରମେ ଅନେକ କିଛି ପରିବର୍ତ୍ତନ ଘଟିଛି। ଏବେ ବାପାମାଆ ବୁଢ଼ାବୁଢ଼ୀ ହୋଇଗଲେ ସେମାନଙ୍କୁ ଜରାଶ୍ରମରେ ଛାଡ଼ି ଦିଆଯାଉଛି। ପ୍ରତିଟି ପିତାମାତାଙ୍କ ଇଚ୍ଛା ଥାଏ ସେମାନେ ଶେଷ ସମୟରେ ନିଜ ପୁଅବୋହୂଙ୍କ ସହ ଦିନ କାଟିବେ। ପଦ୍ମ ପୁରାଣରେ ଉଲ୍ଲେଖ ଅଛି ପିତାମାତାଙ୍କୁ ଅଙ୍ଗହୀନ, ଦୀନ, ବୃଦ୍ଧ, ରୋଗଗ୍ରସ୍ତ, ଦୁଃଖିତ ଅବସ୍ଥାରେ ଯେଉଁ ଅଧମ ସନ୍ତାନ ଛାଡ଼ି ପଳାଏ ବା ସେବା ସହାୟତା କରେନାହିଁ, ସେ ସନ୍ତାନ ନର୍କରେ ପଡ଼େ। ମନୁସ୍ମୃତିରେ ଉଲ୍ଲେଖ ଅଛି ସନ୍ତାନକୁ ଲାଳନପାଳନକରି ଗଢ଼ି ତୋଳିବାରେ ପିତାମାତା ଯେଉଁ ତ୍ୟାଗକରନ୍ତି, ସେ ଋଣ ୧୦୦ବର୍ଷ ଚେଷ୍ଟାକଲେ ବି ସନ୍ତାନ ପରିଶୋଧ କରିପାରେ ନାହିଁ। ଏଣୁ ଯେତେ କଷ୍ଟ ଆସିଲେ ପିତାମାତାଙ୍କୁ ଭୁଲିଯିବା ଉଚିତ ନୁହେଁ। ପିତାମାତା ହେଉଛନ୍ତି ଆମ ପାଇଁ ଚଳନ୍ତି ଦେବତା ସଦୃଶ। ଯେଉଁ ପିଲା ତାଙ୍କ ପିତାମାତାଙ୍କୁ ସନ୍ତୁଷ୍ଟ ରଖିଥାଏ ତାଙ୍କ ସେବାଯତ୍ନକରି ଧର୍ମପ୍ରାପ୍ତ ହୋଇଥାଏ ଜୀବନରେ ସେ ପୁଣ୍ୟବାନ୍ ବୋଲି ବିଚାରକରାଯାଏ। ପିତାମାତାଙ୍କ ସେବା ପରମ ଧର୍ମ ହେଉ।

**-ଡ. ସୁରେଶ କୁମାର ନାୟକ, ଅଧ୍ୟକ୍ଷ, ଏସେଲ୍ସ ପବ୍ଲିକ୍ ସ୍କୁଲ, ସିଡିଏ, କଟକ**

ପାଠକ ଶ୍ରେଷ୍ଠ ବିଚାରକ ସ୍ତମ୍ଭକୁ ପତ୍ର ପଠାଇବାର ଠିକଣା: ସମ୍ପାଦକ, ଧରିତ୍ରୀ, ବି-୧୫, ରସୁଲଗଡ଼ ଶିଳ୍ପାଞ୍ଚଳ, ଭୁବନେଶ୍ୱର-୭୫୧୦୧୦
କେବଳ ସମ୍ପାଦକଙ୍କୁ ପତ୍ର, ଖବର ପାଇଁ ବ୍ୟବହାର କରନ୍ତୁ : E-mail:dharitripress@gmail.com (Use only for letters to Editor, news & news photos) କେବଳ ବିଜ୍ଞାପନ ପାଇଁ ବ୍ୟବହାର କରନ୍ତୁ: E-mail:advt@dharitri.com :miku11@yahoo.com (Use only for advertisements,commercial queries)

## ଚିରନ୍ତନୀ

ନ ପାରେ ତୁମ ସାଥିରେ ଉଡି
ବେଦନା ତଳେ ଯାଇଛି ବୁଡ଼ି
ପବନ ତାକୁ ଠେଲିଲା ଆଜି
ସ୍ୱପନ ଏବେ ଦେଲା ଗୁଡ଼ି।
-(କବିର ବ୍ୟଥା)

-କାଳିନ୍ଦୀ ଚରଣ ପାଣିଗ୍ରାହୀ

# ହୀରାକୁଦ କଲୋନୀରେ ଜବରଦଖଲ ଉଚ୍ଛେଦ

ସମ୍ବଲପୁର,୧୫।୧(ପ୍ରମୋଦ ବହିଦାର)

ସମ୍ବଲପୁର ମହାନଗର ନିଗମ ପକ୍ଷରୁ ବୁଧବାର ହୀରାକୁଦ କଲୋନୀରେ ରାସ୍ତା ଜବରଦଖଲ ଉଚ୍ଛେଦ କରାଯାଇଥିଲା। ଜବରଦଖଲ କରି ନିର୍ମାଣ ହୋଇଥିବା ୭ ଘର ଓ ୩ଟି ଦୋକାନକୁ ଭଙ୍ଗାଯାଇଛି। ଏଠାରେ ପ୍ରାୟ ୮୦ରୁ ୭୫ ଫୁଟ୍ ବିଶିଷ୍ଟ ରାସ୍ତା ଥିବା ବେଳେ ଜବରଦଖଲ ପାଇଁ ରାସ୍ତା ସଙ୍କୁଚିତ ହେଉଥିଲା। ମହାନଗର ନିଗମ ପ୍ରବର୍ତ୍ତନ ଅଧିକାରୀ ସୁଶାନ୍ତ ସାହୁଙ୍କ ନେତୃତ୍ୱରେ କର୍ମଚାରୀମାନେ ଉଚ୍ଛେଦ କାର୍ଯ୍ୟରେ ନିୟୋଜିତ ହୋଇଥିଲେ। ସଦର ତହସିଲଦାର ମନୋଜ ପ୍ରଭାକର କୁଜୁରଙ୍କ ଉପସ୍ଥିତିରେ ପୂର୍ବରୁ ଜବରଦଖଲଭାବେ ଚିହ୍ନଟ ସ୍ଥାନରୁ ଉଚ୍ଛେଦ କରାଯାଉଛି। ଏହାବ୍ୟତୀତ କଚେରି ରୋଡ୍‌କୁ ସଂଯୋଗୀକରଣ ରାସ୍ତାରେ ଜବରଦଖଲ କରି ନିର୍ମାଣ ହୋଇଥିବା ଘରଗୁଡ଼ିକୁ ମଧ୍ୟ ଭଙ୍ଗାଯିବ। ଏଥିପାଇଁ ଏହି ଘର ମାଲିକମାନଙ୍କୁ ସ୍ଥାନ ଖାଲି କରିବାକୁ ନିର୍ଦ୍ଦେଶ ଦିଆଯାଇଛି। ସେହିପରି ପୀରବାବା ଛକରୁ ଗୋଲବଜାର ଛକ ଦେଇ ହିନ୍ଦିସ୍କୁଲ ପର୍ଯ୍ୟନ୍ତ ରାସ୍ତାରୁ ଉଚ୍ଛେଦ ପାଇଁ ପ୍ରକ୍ରିୟା ଆରମ୍ଭ ହୋଇଛି। ଗୋଲବଜାର ଭଳି ଏକ ଗୁରୁତ୍ୱପୂର୍ଣ୍ଣ ସ୍ଥାନରେ ପ୍ରାୟ ଏକ ଏକର ଜମିକୁ ଜବରଦଖଲକାରୀମାନେ କବ୍‌ଜା କରି ରଖିଛନ୍ତି। ଏହି ଜମିକୁ ତହସିଲଦାରଙ୍କ ପକ୍ଷରୁ ଚିହ୍ନଟ କରାଯାଇଛି। ଏଠାରେ ଥିବା କେତେକ ଅନୁଷ୍ଠାନ ଓ ଦୋକାନୀଙ୍କୁ ଯଥାଶୀଘ୍ର ସ୍ଥାନ ଖାଲି କରିବାକୁ ପ୍ରବର୍ତ୍ତନ ବିଭାଗ ପକ୍ଷରୁ ନିର୍ଦ୍ଦେଶ ଦିଆଯାଇଥିବା ପ୍ରବର୍ତ୍ତନ ଅଧିକାରୀ ସୁଶାନ୍ତ ସାହୁଙ୍କ ପକ୍ଷରୁ କୁହାଯାଇଛି। ସେ କହିଛନ୍ତି ଯେ, ସଦର ତହସିଲଦାରଙ୍କ ଦ୍ୱାରା ହୋଇଥିବା ରାସ୍ତା ଜମି ଚହ୍ନଟ ଅନୁସାରେ ଗୋଲବଜାର ଲକ୍ଷ୍ମୀଟକିଜ୍ ରାସ୍ତାରେ ଧୋବୀଜୋର ବ୍ରିଜ୍ କଡ଼ରେ ନିର୍ମିତ ମାର୍କେଟ୍ କମ୍ପ୍ଲେକ୍ସ ହିନ୍ଦିସ୍କୁଲର ଜମିରେ ରହିଛି। ଯାହା ସମ୍ପୂର୍ଣ୍ଣ ଭାବେ ସରକାରଙ୍କ ଅଧିନ। ଏହି ମାର୍କେଟ୍ କମ୍ପ୍ଲେକ୍ସରେ ଥିବା ୧୬ଟି ଦୋକାନରୁ ହିନ୍ଦିସ୍କୁଲ୍ ସହିତ କୌଣସି ସମ୍ପର୍କ ନ ଥିବା ଏକ ସଂସ୍ଥା ନିୟମିତ ଭଡ଼ା ଆଦାୟ କରୁଛି। ଏଠରେ କେବଳ ଦୋକାନ ଭଡ଼ା ନୁହେଁ, ବରଂ ଏଠାରେ ଲାଗିଥିବା ହୋର୍ଡିଂ ପାଇଁ ମଧ୍ୟ ଭଡ଼ା ଆଦାୟ କରାଯାଉଛି। ଏହାକୁ ଖାଲି କରାଯାଇ ରାସ୍ତାକଡ଼ ଦୋକାନୀଙ୍କୁ ଥଇଥାନ ସହିତ ଗାଡ଼ି ମୋଟର ରଖିବାକୁ ସହର ମଧ୍ୟରେ ଏକ ପାର୍କିଂସ୍ଥଳରେ ପରିଣତ କରାଯିବ ବୋଲି ସେ କହିଛନ୍ତି। ଜବର ଦଖଲ ପ୍ରକ୍ରିୟା ସମ୍ପୂର୍ଣ୍ଣ ହେଲା ପରେ ସମ୍ବଲପୁର ସହରରେ ଆଉ ଟ୍ରାଫିକ୍ ସମସ୍ୟା ରହିବ ନାହିଁ ବୋଲି କହିଛନ୍ତି ପ୍ରବର୍ତ୍ତନ ଅଧିକାରୀ ସାହୁ।



ସମ୍ବଲପୁର ସହରରେ ଜବରଦଖଲରେ ଥିବା ଘରକୁ ଉଚ୍ଛେଦ କରାଯାଉଛି।

# ସମ୍ବଲପୁରୀ ଧନୁଯାତ୍ରା ଉଦ୍‌ଘାଟିତ

ସମ୍ବଲପୁର,୧୫।୧(ଭବାନୀ ଶଙ୍କର ଭୋଇ)

ମ୍ୟୁନିସିପାଲିଟି ଛକସ୍ଥିତ ଗଙ୍ଗାଧର ମଣ୍ଡପରେ ବୁଧବାର ସମ୍ବଲପୁରୀ ଧନୁଯାତ୍ରା ଉଦଘାଟିତ ହୋଇଯାଇଛି। ବିଧାୟକ ଜୟନାରାୟଣ ମିଶ୍ର ମୁଖ୍ୟ ଅତିଥିଭାବେ ଯୋଗ ଦେଇ କାର୍ଯ୍ୟକ୍ରମକୁ ବିଧିବଦ୍ଧ ଉଦଘାଟନ କରିଛନ୍ତି। ସମ୍ବଲପୁରୀ ଧନୁଯାତ୍ରା ସମ୍ବଲପୁରୀ ଭାଷାକୁ ଋଦ୍ଧିମନ୍ତ କରିବ ଏବଂ ସମ୍ବିଧାନର ଅଷ୍ଟମ ସୂଚୀରେ ସାମିଲ କରିବାରେ ସହାୟକ ହେବ ବୋଲି ମିଶ୍ର କହିଥିଲେ। ବିଭିନ୍ନ ଭାଷା ମୃତ୍ୟୁମୁଖରେ ପଡିଥିବା ବେଳେ ସମ୍ବଲପୁରୀ ଭାଷା ନିଜର ସ୍ୱତନ୍ତ୍ରତା ବଜାୟ ରଖି ପାରିଛି ବୋଲି ଜୟନାରାୟଣ କହିଥିଲେ। ଧନୁଯାତ୍ରାରେ ଗଙ୍ଗାଧର ମଣ୍ଡପ ମଥୁରା ନଗରୀ ହୋଇଥିବା ବେଳେ ଚାଉଁରପୁରରେ ଗୋପପୁର ଭାବେ ପ୍ରଦର୍ଶିତ ହେଉଛି । ମହାନଦୀ ଉଭୟ କାର୍ଯ୍ୟକ୍ରମର ସଙ୍ଗମସ୍ଥଳ ପାଲଟିଛି । ସମ୍ବଲପୁରୀ ଧନୁଯାତ୍ରା ସମ୍ବଲପୁରୀ ଭାଷା ସଂସ୍କୃତିର ମାଧ୍ୟମ ପାଲଟିଛି ବୋଲି ଉଦ୍‌ଘାଟନୀ ଉତ୍ସବରେ ସାମିଲ ଅନ୍ୟତମ ଅତିଥି ପୂର୍ବତନ ରେଙ୍ଗାଲି ବିଧାୟକ ନାଉରୀ ନାୟକ କହିଛନ୍ତି ।



ଧନୁଯାତ୍ରାର ଉଦ୍‌ଘାଟନୀ ଅବସରରେ ମହାରାଜ ଉଗ୍ରସେନ ରାଜ ଅତିଥିମାନଙ୍କୁ ସ୍ମୃତିଫଳକ ପ୍ରଦାନ କରୁଛନ୍ତି।

**ସମ୍ବଲପୁରୀ ଭାଷାକୁ ଋଦ୍ଧିମନ୍ତ କରିବ**

ଧନୁଯାତ୍ରାର ପ୍ରଥମ ସନ୍ଧ୍ୟାରେ କଂସର ଜନ୍ମ ରହସ୍ୟ, ମହାରାଜ ଉଗ୍ରେସେନ ଗାଦିଚ୍ୟୁତ, ଯୁବରାଜ କଂସଙ୍କ ରାଜ୍ୟାଭିଷେକ, ଦେବୀ ବିବାହ, କଂସ ମରଣର ଆକାଶବାଣୀ ପ୍ରଭୃତି ପୌରାଣି କଥାବସ୍ତୁ ଉପରେ ଆଧାରିତ ଲୀଳା ନାୟକ ମଞ୍ଚରେ ପ୍ରଦର୍ଶିତ ହୋଇଛି। ଏହାସହ ମଞ୍ଚରେ ସମ୍ବଲପୁରୀ ଗୀତ ନୃତ୍ୟ ପ୍ରଦର୍ଶନ କରାଯାଇଥିଲା। ସମ୍ବଲପୁରୀ ଧନୁଯାତ୍ରା କମିଟି ସଭାପତି ସଞ୍ଜୟ ବାବୁ କାର୍ଯ୍ୟକ୍ରମ ପରିଚାଳନା କରିଥିଲେ। ଉପସଭାପତି ରାମଦାସ ପଣ୍ଡା ଅତିଥିଙ୍କ ସ୍ୱାଗତ ଓ ସାଧାରଣ ସମ୍ପାଦକ ଗୁଣରଞ୍ଜନ ସାଲିମା ଧନ୍ୟବାଦ ଅର୍ପଣ କରିଥିଲେ।

# ଷଣ୍ଢପଥର କ୍ରିକେଟ କ୍ଲବ୍ ଚାମ୍ପିୟନ



ଅତିଥିଙ୍କ ଗହଣରେ ଉପସ୍ଥିତ ଖେଳାଳିମାନେ।

ଦେବଗଡ଼,୧୫।୧(ଶଶାଙ୍କ ଶେଖର ଝାଙ୍କର)

**ତ୍ରିଦିବସୀୟ କ୍ରିକେଟ୍ ଟୁର୍ନାମେଣ୍ଟ**

ଦେବଗଡ଼ ଜିଲା ତିଲେଇବଣି ବ୍ଲକ ଅନ୍ତର୍ଗତ ବରଘାଟ ଗ୍ରାମରେ ମାନବ ମିତ୍ର ଯୁବକ ସଂଘ ଆନୁକୂଲ୍ୟରେ ଗତ ସୋମବାରଠାରୁ ଚାଲିଥିବା ତ୍ରିଦିବସୀୟ କ୍ରିକେଟ ଟୁର୍ନାମେଣ୍ଟ ବୁଧବାର ଉଦ୍‌ଯାପିତ ହୋଇଯାଇଛି। ଫାଇନାଲ ମ୍ୟାଚ୍‌ରେ ଦେବଗଡ଼ ଜିଲାର ଭାଲିଆଡିହୀ କ୍ରିକେଟ କ୍ଲବକୁ ପରାସ୍ତ କରି ସମ୍ବଲପୁର ଜିଲା ଷଣ୍ଢପଥର କ୍ରିକେଟ କ୍ଲବ ଚାମ୍ପିୟନ ହୋଇଛି। ଫାଇନାଲ ମ୍ୟାଚ୍‌କୁ ଅମ୍ପାୟର ଭାବେ ତ୍ରିବିକ୍ରମ ପ୍ରଧାନ ଓ ଟିକୁନ ସାହୁ ପରିଚାଳନା କରିଥିବା ବେଳେ ଭାଷ୍ୟକାର ଭାବେ କମଳ ଲୋଚନ ସିଂ ଓ ଦୀପକ ସାହୁ ମ୍ୟାଚର ଧାରା ବିବରଣୀ ପ୍ରଦାନ କରିଥିଲେ। ଅପରାହ୍ନରେ ଆୟୋଜିତ ପ୍ରତିଯୋଗିତାର ଉଦ୍‌ଯାପନୀ ତଥା ପୁରସ୍କାର ବିତରଣୀ ଉତ୍ସବରେ ତିଲେଇବଣି ବ୍ଲକ ଉପାଧ୍ୟକ୍ଷ ଆରତୀ ପ୍ରଧାନ ଓ ସମ୍ମାନିତ ଅତିଥି ଭାବେ ସମ୍ବଲପୁର ଏମ୍‌ପିଙ୍କ ତିଲେଇବଣି ବ୍ଲକ ପ୍ରତିନିଧି ଯୋଗେଶ ଚନ୍ଦ୍ର ପ୍ରଧାନ, ବିରେନ କୁମାର ନାୟକ, ଟଙ୍କଧର ପ୍ରଧାନ ଓ ଆଲୋକ ଦ୍ୱିବେଦୀ ଯୋଗଦେଇ ଚାମ୍ପିୟନ ଷଣ୍ଢପଥର କ୍ରିକେଟ କ୍ଲବ ଓ ରନର୍ ଅପ୍ ଭାଲିଆଡିହୀ କ୍ରିକେଟ କ୍ଲବକୁ ଟ୍ରଫି ସହ ନଗଦ ଅର୍ଥ ପୁରସ୍କାର ପ୍ରଦାନ କରିଥିଲେ। ପ୍ରତିଯୋଗିତା ଆୟୋଜନରେ ମାନବ ମିତ୍ର ଯୁବକ ସଂଘର କାନ୍ତ ପ୍ରଧାନ, ବିକାଶ ସାହୁ, ଡୋଲାମଣି ପ୍ରଧାନ ଓ ତପେସ ଭଇଁଷାଙ୍କ ମସେତ ସମସ୍ତ ସଦସ୍ୟ ସକ୍ରୀୟ ସହଯୋଗ କରିଥିଲେ।

# ମାଣ୍ଡିଆ ମଣ୍ଡି ଉଦ୍‌ଘାଟିତ

କର୍ଲାମୁଣ୍ଡା,୧୫।୧(ପ୍ରଦୀପକୁମାରସାହୁ)

କଳାହାଣ୍ଡି ଜିଲା କର୍ଲାମୁଣ୍ଡା ବ୍ଲକ ଗଜବାହଲ ପଞ୍ଚାୟତର ଭାଲୁପିଆଠାରେ ବୁଧବାର ମାଣ୍ଡିଆ ମଣ୍ଡି ଉଦ୍‌ଘାଟିତ ହୋଇଯାଇଛି। ଏହି ଅବସରରେ ମୁଖ୍ୟ ଅତିଥି ଭାବେ ବ୍ଲକ କୃଷି ଅଧିକାରୀ ଜିତେନ୍ଦ୍ର କୁମାର ସିଂ, ଶ୍ରୀ ଅନ୍ନ ଅଭିଯାନ ଜିଲା କାର୍ଯ୍ୟକ୍ରମ ସଂଯୋଜକ ଅକ୍ଷୟ କୁମାର ପାତ୍ର, କଳାହାଣ୍ଡି ଟିଡିସିସି ଏଏମ୍‌ଓ ସୌଭାଗ୍ୟ ସାହୁ, ପୂର୍ବତନ ଶାଖା ପରିଚାଳକ ଚୈତନ୍ୟ ପାଣିଗ୍ରାହୀ, ଅତିରିକ୍ତ ବ୍ଲକ କାର୍ଯ୍ୟକ୍ରମ ସଂଯୋଜକ ପ୍ରଦୀପ କୁମାର ସାହୁ, ଭାରପ୍ରାପ୍ତ ଏଓ ଲୋକନାଥ ନାଗ, ମାଣ୍ଡିଆ କିଣାବିକା ପରିଚାଳନା ଅନୁଷ୍ଠାନ ଜୟ ଥୁଆମୂଳ ରାମପୁର ଅର୍ଗାନିକ ଫାର୍ମର ପ୍ରଡ୍ୟୁସର କମ୍ପାନୀର କାର୍ଯ୍ୟନିର୍ବାହୀ ଅଧିକାରୀ ଟଙ୍କଧର ନାଏକ ପ୍ରମୁଖ ଯୋଗଦେଇ ମଣ୍ଡିକୁ କିଭଳି ଉତ୍ତମମାନର ମାଣ୍ଡିଆ ଆସିବ ସେ ଦିଗରେ ଆଲୋଚନା କରିଥିଲେ। ଅନ୍ୟମାନଙ୍କ ମଧ୍ୟରେ ସିଆର୍‌ପି ଭାନୁମତି ପଧାନ, କମଳ ସୁନା, ଜୀବର୍ଦ୍ଧନ ସାହୁ, ଧ୍ରୁବନ ବାଗ ପ୍ରମୁଖ ଉପସ୍ଥିତ ଥିଲେ।

# ଝାମୁଯାତ୍ରା ସହ ଶେଷ ହେଲା ଆଦିବାସୀଙ୍କ ପୌଷପର୍ବ

ଥୁଆମୂଳ ରାମପୁର,୧୫।୧ (ଦୁର୍ଗା କୀର୍ତ୍ତି)

କଳାହାଣ୍ଡି ଜିଲା ଥୁଆମୂଳ ରାମପୁର ବ୍ଲକ କୋଷାବରାସ୍ଥିତ ହେଲୋ ପଏଣ୍ଟଠାରେ ବୁଧବାର ମାଳିଚଗା ବା ରାଜାରାଣୀ ଝାମୁଯାତ୍ରା ସହ ଆଦିବାସୀଙ୍କ ପୌଷ ପର୍ବ ଶେଷ ହୋଇଛି। ଏହାକୁ ଦେଖିବା ପାଇଁ ଆଖପାଖ ଅଞ୍ଚଳରୁ ବହୁଲୋକଙ୍କ ସମାଗମ ହୋଇଥିଲା। ରାଜାରାଣୀ ଉତ୍ସବ କମିଟି ଓ ପତିତ ପାବନ ଯୁବ ଅନୁଷ୍ଠାନ କୋଷାବରା ଦ୍ୱାରା ଏହା ଆୟୋଜିତ ହୋଇଥିଲା। ଏଠାରେ ଦୀର୍ଘ ୫୦ ବର୍ଷ ହେବ ଏହି ଉତ୍ସବ ପାଳିତ ହେଇଆସୁଛି। ଉତ୍ସବରେ ସ୍ଥାନୀୟ ରାଜା ଓ ରାଣୀ ନାମକ ଦୁଇ ପାହାଡକୁ ପୂଜା କରାଯାଇଥାଏ। ଏହାସହ ଉକ୍ତ ସ୍ଥାନରେ ସ୍ଥାନୀୟ ଦେବଦେବୀଙ୍କ ଆସ୍ଥାନରେ ପୂଜାର୍ଚ୍ଚନା ହୋଇଥିଲା। ଏଥିରେ ମୁଖ୍ୟ ଅତିଥି ଭାବରେ ବିଧାୟକଙ୍କ ବ୍ଲକ ପ୍ରତିନିଧି ମାଣିକ୍ୟ ଚନ୍ଦ୍ର ନାଏକ ଓ ସମ୍ମାନିତ ଅତିଥି ଭାବରେ ବ୍ଲକ ବିଜେଡି ସଭାପତି କପିଳାସ ନାଏକ, ଅନୁସୂଚିତ ଜାତି ଓ ଜନଜାତି ନେତା ମହେନ୍ଦ୍ର ମାଝୀ, ଆଦିବାସୀ ସଂଘ ସଭାପତି ସନାତନ ମାଝୀ, ପୂର୍ବତନ ସମିତି ସଭ୍ୟ ରକ୍ତ ମାଝୀ ପ୍ରମୁଖ ମଞ୍ଚାସୀନ ଥିଲେ। ପ୍ରତିଯୋଗୀଙ୍କ ମଧ୍ୟରୁ ଅନୁଷ୍କା ମାଝୀ ତୃତୀୟ ସ୍ଥାନ ଅଧିକାର କରିଥିବା ବେଳେ ଆର୍‌ଏସ୍‌ଏ ଡ୍ୟାନ୍ସ ଗ୍ରୁପ କୋଷାବରା ଦ୍ୱିତୀୟ ଏବଂ ମା’ ତାରିଣୀ ଡ୍ୟାନ୍ସ ଗ୍ରୁପ କୁମାର୍କାନି ପ୍ରଥମ ସ୍ଥାନ ଅଧିକାର କରି ପୁରସ୍କୃତ ହୋଇଥିଲେ।


**ଦ.ପୂ. ରେଳପଥ – ଟେଣ୍ଡର**

ଭାରତର ରାଷ୍ଟ୍ରପତିଙ୍କ ପାଇଁ ଏବଂ ତରଫରୁ ମଣ୍ଡଳ ରେଳ ପ୍ରବନ୍ଧକ (ଇଏନ୍‌ଜିଜି.), ଦକ୍ଷିଣ ପୂର୍ବ ରେଳପଥ, ରାଞ୍ଚି – ୮୩୪୦୦୩ ନିମ୍ନଲିଖିତ ଇ–ଟେଣ୍ଡର ଆହ୍ୱାନ କରୁଛନ୍ତି । **ବିଜ୍ଞପ୍ତି ନଂ.: ଡିଆର୍‌ଏମ୍‌ଇଏନ୍‌ଜିଜିଆର୍‌ଏନ୍‌ସି-୦୬-୨୦୨୫; କାର୍ଯ୍ୟର ନାମ:** ଟାଟିସିଲ୍‌ୱାଇ ସାଇଡିଂଠାରେ ୭୪୭୩୫ ସିୟୁଏମ୍ ୫୦ ମିମି ଗେଜ୍ ହାର୍ଡ ଷ୍ଟୋନ୍ ମେଶିନ କ୍ରଶ୍‌ଡ ହାର୍ଡ ଷ୍ଟୋନ୍ ଟ୍ରାକ୍ ବାଲାଷ୍ଟର ଯୋଗାଣ ସମେତ ରେଳ ୱାଗନ/ହପରରେ ବୋଝେଇ ଏବଂ ତାହାକୁ ରାଞ୍ଚି ଡିଭିଜନରେ ଖଲାସ କରିବା (ମାପ ଗନ୍ତବ୍ୟସ୍ଥଳରେ କରାଯିବ); **ଟେଣ୍ଡର ମୂଲ୍ୟ: ₹୧୧,୬୭,୫୪,୭୫୩.୭୫; ଇଏମ୍‌ଡି ମୂଲ୍ୟ: ₹୭,୩୩,୮୦୦.୦୦; ଟେଣ୍ଡର ବନ୍ଦ ହେବାର ତାରିଖ ଓ ସମୟ:** ତା୦୫।୦୨।୨୦୨୫ରିଖ ୧୫.୦୦ ଘଟିକା । ଅନ୍‌ଲାଇନ୍ ଟେଣ୍ଡରିଂ ପାଇଁ ଟେଣ୍ଡରଦାତାମାନେ ୱେବ୍‌ସାଇଟ୍ **www.ireps.gov.in** ପରିଦର୍ଶନ କରିପାରିବେ। **(PR-1016)**



pnb ପଞ୍ଜାବ ନ୍ୟାଶନାଲ୍ ବ୍ୟାଙ୍କ

Oriental United

**ମଣ୍ଡଳ ଶସ୍ତ୍ର କେନ୍ଦ୍ର: ସମ୍ବଲପୁର**

**ସଂଶୋଧନ ପତ୍ର**

ତା.୨୫.୧୨.୨୦୨୪ରିଖ ଧରିତ୍ରୀରେ ପ୍ରକାଶିତ ସରଫେଶୀ ଆକ୍ଟ ୨୦୦୨ ଅନୁସାରେ ଇ-ନିଲାମ ବିକ୍ରୟ ତା.୨୭.୦୧.୨୦୨୫ରିଖ ରେ ଅନୁଷ୍ଠିତ ହେବ, ଯେଉଁଥିରେ ସମ୍ପତ୍ତି ତନଖି ତାରିଖ ଓ ସମୟ: ୨୩.୦୧.୨୦୨୫ ପୂର୍ବାହ୍ନ ୧୧.୦୦ ଘଟିକାରୁ ଅପରାହ୍ନ ୩.୦୦ ଘଟିକା ଦର୍ଶାଯାଇଥିଲା। ବର୍ତ୍ତମାନ ସମ୍ପତ୍ତି ତନଖିର ସଂଶୋଧିତ ତାରିଖ ଓ ସମୟ: **୨୪.୦୧.୨୦୨୫ ପୂର୍ବାହ୍ନ ୧୧.୦୦ ଘଟିକାରୁ** ଅପରାହ୍ନ ୩.୦୦ ଘଟିକା ଅଟେ। ତା.୨୪.୧୨.୨୦୨୪ରିଖ ଇ-ନିଲାମ ନୋଟିସ ଏବଂ ୨୫.୧୨.୨୦୨୪ ଖବର କାଗଜ ପ୍ରକାଶନରେ ଦର୍ଶିତ ସମସ୍ତ ନିୟମ ଏବଂ ସର୍ତ୍ତାବଳୀ ଅପରିବର୍ତ୍ତିତ ରହିବ।

ତାରିଖ: ୧୫.୦୧.୨୦୨୫ କ୍ଷମତାପ୍ରାପ୍ତ ଅଧିକାରୀ



NPS TRUST

**ରାଷ୍ଟ୍ରୀୟ୍ ପେନ୍‌ସନ୍ ପ୍ରଣାଳୀ ନ୍ୟାସ (ଏନ୍‌ପିଏସ୍ ଟ୍ରଷ୍ଟ)**

ବି-୩୦୨, ଟାୱାର-ବି, ୩ୟ ମହଲା, ୱାର୍ଲ୍ଡ ଟ୍ରେଡ୍ ସେଣ୍ଟର, ନୌରୋଜୀ ନଗର, ନୂଆଦିଲ୍ଲୀ-୧୧୦୦୨୯

**ତାରିଖ: ୧୬।୦୧।୨୦୨୫** **ନିଯୁକ୍ତି ବିଜ୍ଞପ୍ତି**

ଏନ୍‌ପିଏସ୍ ଟ୍ରଷ୍ଟ ନିମ୍ନଦର୍ଶିତ ବିବରଣୀ ଅନୁଯାୟୀ ପ୍ରତ୍ୟକ୍ଷ ନିଯୁକ୍ତି ଭିତ୍ତିରେ ଅଫିସର୍ ଗ୍ରେଡ୍ ଏ (ସହକାରୀ ପ୍ରବନ୍ଧକ) ଏବଂ ଅଫିସର୍ ଗ୍ରେଡ୍ ବି (ପ୍ରବନ୍ଧକ) ପଦବୀ ପୂରଣ କରିବା ଲାଗି ଯୋଗ୍ୟ ଭାରତୀୟ ନାଗରିକମାନଙ୍କଠାରୁ ଦରଖାସ୍ତ ଆହ୍ୱାନ କରୁଛି:

| ଗ୍ରେଡ୍ | ଷ୍ଟ୍ରିମ୍ | ପଦବୀ ସଂଖ୍ୟା | | | | | |
|---|---|---|---|---|---|---|---|
| | | ୟୁଆର୍/ଜିଇଏନ୍ | ଓବିସି | ଏସ୍‌ସି | ଏସ୍‌ଟି | ଇଡବ୍ଲୁଏସ୍ | ମୋଟ |
| ଗ୍ରେଡ୍ ଏ (ସହକାରୀ ପ୍ରବନ୍ଧକ) | ସାଧାରଣ | ୪ | ୪ | ୩ | ୦ | ୧ | ୧୨ |
| | ଆପଦ ପ୍ରବନ୍ଧନ | ୧ | ୦ | ୦ | ୦ | ୦ | ୧ |
| ମୋଟ ଖାଲି ସ୍ଥାନ ସଂଖ୍ୟା | | | | | | | ୧୩ |
| ଗ୍ରେଡ୍ ବି (ପ୍ରବନ୍ଧକ) | ସାଧାରଣ | ୧ | ୧ | ୧ | ୦ | ୧ | ୪ |
| | ମାନବ ସମ୍ବଳ | ୧ | ୦ | ୦ | ୦ | ୦ | ୧ |
| | ଆପଦ ପ୍ରବନ୍ଧନ | ୧ | ୦ | ୦ | ୦ | ୦ | ୧ |
| ମୋଟ ଖାଲି ସ୍ଥାନ ସଂଖ୍ୟା | | | | | | | ୬ |

୨. ଯୋଗ୍ୟତା ମାନଦଣ୍ଡ, ମନୋନୟନର ପଦ୍ଧତି, ଆବେଦନ ଦାଖଲ, ଫି’ ପୈଠ ସମ୍ବନ୍ଧୀୟ ଅନ୍ୟାନ୍ୟ ବିବରଣୀ ଏବଂ ପଦବୀରେ ନିଯୁକ୍ତିର ନିୟମ ଓ ସର୍ତ୍ତାବଳୀ ସମେତ ଅନ୍ୟାନ୍ୟ ନିର୍ଦ୍ଦେଶାବଳୀ ସମ୍ବଳିତ ସବିସ୍ତୃତ ବିଜ୍ଞାପନ ଏନ୍‌ପିଏସ୍ ଟ୍ରଷ୍ଟର ୱେବ୍‌ସାଇଟ୍: **www.npstrust.org.in** ରେ ଉପଲବ୍ଧ।

**ମହାପ୍ରବନ୍ଧକ**



# NOTICE

This is urgent information for public at large along with the Authorities of State of Orissa for M.S. Khata No. 593, Plot No. 388(P) and 1461(P) of Mouza: Sambalpur Town Unit No. 07, P.S.: Sambalpur, Tahasil & District: Sambalpur is protected by the Hon'ble High Court of Orissa vide WP(c) No. 15330 of 2006 (Smt. Laxmi Behera vs. State of Orissa), wherein the stay orders have been passed by Division Bench of the Hon'ble High Court of Orissa for the above plots on dated 22.11.2006.

If any transaction / transfer / eviction by any authority is been made for the plots stated above by the Authorities, it will be deemed violation of order of Hon'ble High Court, Orissa and the petitioner of WP(c) will no be responsible.

**Sd./- Smt. Laxmi Behera**
**Mobile No. 9438334059**


# ବନାଗ୍ନି ନିବାରଣ ସଚେତନତା ସଭା



ଲାଠୋର,୧୫।୧(ଭୁବନେଶ୍ୱର ବାରିକ)

ବଲାଙ୍ଗୀର ଜିଲା ଲାଠୋର ବନାଞ୍ଚଳ କାର୍ଯ୍ୟାଳୟ ପରିସରରେ ଜଙ୍ଗଲ ପରିବେଶ ଓ ଜଳବାୟୁ ପରିବର୍ତ୍ତନ ବିଭାଗ ଆନୁକୂଲ୍ୟରେ ତଥା ରେଞ୍ଜର ଶୈଳେଶ କୁମାର ବିଶିଙ୍କ ଅଧକ୍ଷତାରେ ବୁଧବାର ବନାଞ୍ଚଳସ୍ତରୀୟ ବନାଗ୍ନି ନିବାରଣ ସଚେତନତା ସଭା ଅନୁଷ୍ଠିତ ହୋଇଯାଇଛି। ଜୋନ ନଂ ୩ ଜିଲା ପରିଷଦ ସଭ୍ୟା ସଂଯୁକ୍ତା ମେହେର ମୁଖ୍ୟଅତିଥି ଭାବେ ଯୋଗଦେଇ ଦୀପ ପ୍ରଜ୍ୱଳନ ପୂର୍ବକ ସଭା ଉଦ୍‌ଘାଟନ କରିଥିଲେ। ସମ୍ମାନିତ ଅତିଥି ଭାବେ ଖବରଦାତା ସଦାନନ୍ଦ ବେହେରା, ଭୁବନେଶ୍ୱର ବାରିକ, କପିଳ ସୁନା, ମାଲପଡ଼ା ସରପଞ୍ଚ ଗୋପାଲ ମେହେର, ବେନ୍ଦେର ସରପଞ୍ଚ ସସ୍ମିତା ମାଝୀ, ଅଗ୍ନିଶମ ବିଭାଗ ଅଧିକାରୀ ଦୁର୍ଯ୍ୟୋଧନ ପ୍ରଶାଦ ଜଗତ, ସମାଜ ସେବୀ ଅରୁଣ ବିଶ୍ୱାଳ ପ୍ରମୁଖ ଯୋଗ ଦେଇଥିଲେ। ପ୍ରଥମେ ରେଞ୍ଜର ସ୍ୱାଗତ ଭାଷଣ ଦେଇଥିଲେ। ବିଗତ ୫ ବର୍ଷ ମଧ୍ୟରେ ଲାଠୋର ବନାଞ୍ଚଳ ଅଧୀନ ବିଭିନ୍ନ ସ୍ଥାନରେ ୫ ଶହରୁ ଊର୍ଦ୍ଧ୍ୱ ବନାଗ୍ନି ପଏଣ୍ଟ ଚିହ୍ନଟ ହୋଇଥିବା ବେଳେ ଗତ ୨୦୨୪ରେ କେବଳ ୯ ଗୋଟି ପଏଣ୍ଟରେ ବନାଗ୍ନି ଘଟିଥିବା ସେ ସୂଚନା ଦେଇଥିଲେ। ବନାଞ୍ଚଳ ଅଧୀନ ବିଭିନ୍ନ ଗ୍ରାମରୁ ଆସିଥିବା ବନ ସୁରକ୍ଷା ସମିତିର ସଭ୍ୟାସଭ୍ୟ, ମହିଳା ସ୍ୱୟଂ ସହାୟକ ଗୋଷ୍ଠୀର ମହିଳା ଏବଂ ସାଧାରଣ ଲୋକଙ୍କ ଗହଣରେ ଅତିଥିମାନେ ବନାଗ୍ନି କ’ଣ, ଏହା କେବେ ଏବଂ କେମିତି ବ୍ୟାପେ, କ’ଣ ସବୁ କ୍ଷତି ଘଟେ,ଏହାକୁ ନିୟନ୍ତ୍ରଣ କିପରି କରାଯାଇ ପାରିବ ସେ ଉପରେ ନିଜ ନିଜର ବକ୍ତବ୍ୟ ରଖିଥିଲେ। ପରେ ଉପସ୍ଥିତ ଜନସାଧାରଣ ନିଜ ନିଜର ମତ ରଖିଥିଲେ। ବନପାଳ ସାଗରିକା ସେଠ ଧନ୍ୟବାଦ ଅର୍ପଣ କରିଥିବା ବେଳେ ସମସ୍ତ କର୍ମଚାରୀ ଉପସ୍ଥିତ ରହି ସହଯୋଗ କରିଥିଲେ।


झारखण्ड सरकार

कार्यालय जिला शिक्षा पदाधिकारी, धनबाद

मिश्रित भवन, भू–तल, पो0– धनबाद, जिला– धनबाद–826001

E-mail Id – dhanbad.rmsa@gmail.com

**Corrigendum**

Date: 15/01/2025

Reference to Tender Notice RFP No: SSA-05 (PR 343911), issued on date: 09/01/2025, can be downloaded from the website (https://dhanbad.nic.in).

The following additional clause is hereby amended under section "Commercial terms & Conditions" & sub-section "1.1 Rate" in RFP No: SSA-05,

"The finalized rate by tender committee will be valid for the next two years from the date of issue of work order".

DISTRICT EDUCATION OFFICER
DHANBAD

PR 344340 School Education and Literacy(24-25)D



**B.I.T. SINDRI**
**P.O.-SINDRI INSTITUTE**
**DIST; DHANBAD (JHARKHAND)**
**PIN: 828123**

e-tender Notice -
RE/BIT/Poly/17/2024-25/ECE3
Reference Number: RE/BIT/Poly/17/2024-25/ECE3
Dated :- 10-01-2025
Tender ID: 2025_DHTE_97478_1

| | | |
|---|---|---|
| 1 | Name & address of office Inviting tender | Director, B.I.T., Sindri, P.O. Sindri Institute, Sindri, Dhanbad, Jharkhand - 828123 |
| 2 | Name or work | Supply of ECE Lab Equipments for different Govt. Polytechnic 3 |
| 3 | Document download start date | 15-01-2025 |
| 4 | Document download end date | 27-01-2025 |
| 5 | Bid submission end date | 27-01-2025 |
| 6 | Bid opening date | 28-01-2025 |

Bidders must bid through e-tenders portal.

B.I.T. Sindri, Dhanbad wishes to purchase Laboratory Equipments for different Govt. Polytechnics in Jharkhand. Further details can be seen on website:- https://jharkhandtenders.gov.in

Sd/-
Director,B.I.T., Sindri

PR 344301 (Higher Education,Technical Education and Skill Development Department)24-25*D



**B.I.T. SINDRI**
**P.O.-SINDRI INSTITUTE**
**DIST; DHANBAD (JHARKHAND)**
**PIN: 828123**

e-tender Notice -
RE/BIT/Poly/21/2024-25/Min3
Reference Number: RE/BIT/Poly/21/2024-25/Min3
Dated :- 10-01-2025
Tender ID: 2025_DHTE_97481_1

| | | |
|---|---|---|
| 1 | Name & address of office Inviting tender | Director, B.I.T., Sindri, P.O. Sindri Institute, Sindri, Dhanbad, Jharkhand - 828123 |
| 2 | Name or work | Supply of Mining Engineering Lab Equipments for different Govt. Polytechnic 3 |
| 3 | Document download start date | 15-01-2025 |
| 4 | Document download end date | 27-01-2025 |
| 5 | Bid submission end date | 27-01-2025 |
| 6 | Bid opening date | 28-01-2025 |

Bidders must bid through e-tenders portal.

B.I.T. Sindri, Dhanbad wishes to purchase Laboratory Equipments for different Govt. Polytechnics in Jharkhand. Further details can be seen on website:- https://jharkhandtenders.gov.in

Sd/-
Director,B.I.T., Sindri

PR 344297 (Higher Education,Technical Education and Skill Development Department)24-25*D


# ଦେଓଗାଁରେ ବିଜେଡି ସାଙ୍ଗଠନିକ ବୈଠକ

ଦେଓଗାଁ,୧୫।୧(କୃଷ୍ଣ ପ୍ରସାଦ ପାଣିଗ୍ରାହୀ)

ବଲାଙ୍ଗୀର ଜିଲା ଦେଓଗାଁ ବ୍ଲକ ଅନ୍ତର୍ଗତ ଦେଓଗାଁ କଲେଜ ପଛପଟ ବଗିଚାରେ ବ୍ଲକ ସ୍ତରୀୟ ବିଜେଡି ସାଙ୍ଗଠନିକ ବୈଠକ ବୁଧବାର ଅନୁଷ୍ଠିତ ହୋଇଯାଇଛି । ବିଜେଡି ବ୍ଲକ ସଭାପତି ଶୁଶିଲ କୁମାର ଚାନ୍ଦଙ୍କ ସଭାପତିତ୍ୱରେ ଓ ବିଜେଡି ଯୁବ ସଭାପତି ଶୈଳେନ୍ଦ୍ର କୁମାର ସାହୁଙ୍କ ପରିଚାଳନାରେ ବୈଠକ ହୋଇଥିଲା । ମୁଖ୍ୟଅତିଥି ଭାବେ ପୂର୍ବତନ ରାଜ୍ୟସଭା ସଦସ୍ୟ ଅନଙ୍ଗ ଉଦୟ ସିଂଦେଓ ଓ ଅନ୍ୟତମ ଅତିଥି ଭାବେ ବ୍ଲକ ଅଧକ୍ଷ ଦୟାନିଧି ଖମାରୀ, ବରିଷ୍ଠ ବିଜେଡି ନେତା ଲକ୍ଷ୍ମଣ କୁମାର ମେହେର, ଜିଲା ବିଜେଡି ସଂପାଦକ ଉମାଶଙ୍କର ସିଂ, ଜିଲା ପରିଷଦ ସଦସ୍ୟା ମମତା କୁମୁରା, ସୁମତୀ ସେଠ ମଞ୍ଚାସୀନ ଥିଲେ । ବୈଠକରେ ସଦସ୍ୟତା ଅଭିଯାନ ଏବଂ ତୃଣମୂଳ ସ୍ତରରେ ସଂଗଠନକୁ ମଜଭୁତ କରିବା ଦିଗରେ ଆଲୋଚନା ହୋଇଥିଲା। ଏହି ଅବସରରେ ସିଂଦେଓ ଦରଦାମ ବୃଦ୍ଧି ଏବଂ ଭାଜପା ନିର୍ବାଚନ ସମୟରେ ଦେଇଥିବା ପ୍ରତିଶ୍ରୁତିକୁ କାର୍ଯ୍ୟକାରୀ ନ କରି ଲୋକଙ୍କୁ ଭୁଆଁ ବୁଲାଉଥିବା କହି ସମାଲୋଚନା କରିଥିଲେ। କାର୍ଯ୍ୟକ୍ରମରେ ସରପଞ୍ଚ ସଂଘ ସଭାପତି ଗୋପାଳଚନ୍ଦ୍ର ମିଶ୍ର, ପୂର୍ବତନ ସରପଞ୍ଚ ଅନ୍ତର୍ଯ୍ୟାମୀ ଭୋଇ, ରାଜପ୍ରତାପ ସିଂଦେଓ, ବିଭୁ ରଣା, ବେଣୀମାଧବ ହୋତା, ନରେଶ ଷାଣ୍ଢ ପ୍ରମୁଖ ସହଯୋଗ କରିଥିଲେ । ୨୬ଟି ପଞ୍ଚାୟତର ସକ୍ରିୟ ବିଜେଡି କର୍ମୀ ଯୋଗଦାନ କରି ମତାମତ ରଖିଥିଲେ ।


भारतीय रिज़र्व बैंक

**RESERVE BANK OF INDIA**

www.rbi.org.in

**ଇ–ଟେଣ୍ଡର ବିଜ୍ଞପ୍ତି**

ଭାରତୀୟ ରିଜର୍ଭ ବ୍ୟାଙ୍କ, ଭୁବନେଶ୍ୱର ଦୁଇ–ବିଡ୍ ସିଷ୍ଟମ (ଟେକ୍ନିକାଲ ବିଡ୍ ଏବଂ ଫାଇନାନ୍ସିଆଲ ବିଡ୍) ଅଧୀନରେ ନିମ୍ନ ଲିଖିତ ଉଦ୍ଦେଶ୍ୟ ପାଇଁ ଯୋଗ୍ୟ ନିଲାମକାରୀଙ୍କଠାରୁ ଇ–ଟେଣ୍ଡରିଂ ମାଧ୍ୟମରେ ଆବେଦନ ଆହ୍ୱାନ କରୁଅଛି।

| କ୍ର. ସଂ. | ବିବରଣୀ | ଏମ୍‌ଏସ୍‌ଟିସି ପୋର୍ଟାଲରେ ଟେଣ୍ଡର ଦାଖଲ ଅପ୍‌ଲୋଡ୍ କରିବାର ଶେଷ ତାରିଖ |
|---|---|---|
| 1. | ଭୁବନେଶ୍ୱରସ୍ଥିତ ଭାରତୀୟ ରିଜର୍ଭ ବ୍ୟାଙ୍କ କାର୍ଯ୍ୟାଳୟ ପରିସର ଏବଂ ଡାଟା ସେଣ୍ଟର ପ୍ରକଳ୍ପ ସାଇଟ୍‌ରେ ପ୍ରଶିକ୍ଷିତ ଅଗ୍ନିଶମ କର୍ମଚାରୀ ଯୋଗାଇବା ପାଇଁ ବାର୍ଷିକ ସେବା ଚୁକ୍ତିନାମା | ମାର୍ଚ୍ଚ ୩, ୨୦୨୫ତାରିଖ ପୂର୍ବାହ୍ନ ୨ଟା ପର୍ଯ୍ୟନ୍ତ |
| 2. | ଭୁବନେଶ୍ୱରସ୍ଥିତ ଭାରତୀୟ ରିଜର୍ଭ ବ୍ୟାଙ୍କ କାର୍ଯ୍ୟାଳୟ ପରିସର, ଆବାସିକ କଲୋନୀ ଏବଂ ଡାଟା ସେଣ୍ଟର ପ୍ରକଳ୍ପସ୍ଥଳ ପାଇଁ ନିରସ୍ତ୍ର ସୁରକ୍ଷା କର୍ମୀ ଯୋଗାଇଦେବା ପାଇଁ ବାର୍ଷିକ ସେବା ଚୁକ୍ତିନାମା | ମାର୍ଚ୍ଚ ୩, ୨୦୨୫ତାରିଖ ପୂର୍ବାହ୍ନ ୨ଟା ପର୍ଯ୍ୟନ୍ତ |

**ଟିପ୍ପଣୀ: ୧.** କାର୍ଯ୍ୟ, ଯୋଗ୍ୟତା ମାନଦଣ୍ଡ, ସର୍ତ୍ତାବଳୀର ସମ୍ପୂର୍ଣ୍ଣ ବିବରଣୀ ପାଇଁ ଦୟାକରି **https://www.mstcecommerce.com/eprochome/rbi** ଏବଂ ବ୍ୟାଙ୍କର ୱେବ୍‌ସାଇଟ୍ **http://www.rbi.org.in** ''ଟେଣ୍ଡର'' ଅଧୀନରେ ଲଗ୍‌ଅନ୍ କରନ୍ତୁ। **୨.** ସମସ୍ତ ପକ୍ଷ ଦୟାକରି ଧ୍ୟାନ ଦିଅନ୍ତୁ ଯେ କୌଣସି ସଂଶୋଧନ/ସଂଶୋଧନ କରାଯାଇପାରିବ ନାହିଁ। ଯଦି ଭବିଷ୍ୟତରେ ଏହି ବିଜ୍ଞପ୍ତି ପ୍ରକାଶ ପାଇବ ତେବେ ଉପରୋକ୍ତ ଏମ୍‌ଏସ୍‌ଟିସି ଏବଂ ଆର୍‌ବିଆଇ ୱେବ୍‌ସାଇଟ୍‌ରେ ଏହା ପ୍ରକାଶ ପାଇବ ଏବଂ ଖବରକାଗଜରେ ପ୍ରକାଶ ପାଇବ ନାହିଁ।

**ଭୁବନେଶ୍ୱର** **କ୍ଷେତ୍ରୀୟ ନିର୍ଦ୍ଦେଶକ**

## ସଂକ୍ଷେପରେ

### ଗରମ ତେଲ ପଡ଼ି ୫ ଆହତ

ଦେଓଗାଁ,୧୫ା୧(କୃଷ୍ଣ ପ୍ରସାଦ ପାଣିଗ୍ରାହୀ)

ବଲାଙ୍ଗୀର ଜିଲା ଦେଓଗାଁ ଥାନା ଅନ୍ତର୍ଗତ କୁଠୁର୍ଲା ଗାଁରେ ପୌଷ ପୂର୍ଣ୍ଣିମା ଅବସରରେ ରାମ ରଥଯାତ୍ରା ଚାଲିଥିବା ବେଳେ ଗରମ ତେଲ ଛିଟା ପଡି ୫ ଜଣ ଆହତ ହୋଇଥିବା ଜଣାପଡିଛି । ପ୍ରକାଶ ଯେ, ନିକଟରେ ରଥଯାତ୍ରା ଚାଲିଥିବା ସମୟରେ ଜଣେ ପାମ୍ପଡ ବିକାଳିଙ୍କ ତେଲ କଡେଇରୁ ଗରମ ତେଲ ଛିଟିକି ପଡିଥିଲା। ଏହି ସମୟରେ ସେଠାରେ ଥିବା ଗମ୍ଭାରୀମାଳର କ୍ରିସ ନାଗ (୭) କୁଠୁର୍ଲାର ଚିନ୍ମୟ ଦାସ(୧୧), ସିଲେଟକାନୀର ଅଂଶୁମାନ ସାହୁ(୪), ପାର୍ବତୀ ସାହୁ(୫୦) ଓ ବଡବନ୍ଧର ରାମଚନ୍ଦ୍ର ନାଗ(୧୬) ଆହତ ହୋଇଥିଲେ। ସେମାନଙ୍କୁ ବଲାଙ୍ଗୀର ଭୀମଭୋଇ ମେଡିକାଲରେ ଭର୍ତ୍ତି କରାଯାଇଛି' ୨ ଜଣଙ୍କ ଅବସ୍ଥା ଗୁରୁତର ରହିଛି। ଏନେଇ ଥାନାରେ କୌଣସି ରିପୋର୍ଟ ହୋଇ ନ ଥିବା ବେଳେ ପୋଲିସ ନିଜ ପକ୍ଷରୁ ତଦନ୍ତ ଚଲାଇଛି ।

### କୁଶଙ୍ଗରେ ମକର ମିଳନ ଉତ୍ସବ

ଲୋଇସିଂହା,୧୫ା୧(ସୁଶାନ୍ତ ବାରିକ)

ବଲାଙ୍ଗୀର ଜିଲା ଲୋଇସିଂହା ବ୍ଲକ କୁଶଙ୍ଗ କଳାକାର ସଂଘ ପ୍ରାଙ୍ଗଣରେ ମା' ଉଗ୍ରତାରା ସାଂସ୍କୃତିକ କଳାକାର ସଂଘ ଆନୁକୂଲ୍ୟରେ ମକର ମିଳନ ଉତ୍ସବ ଅନୁଷ୍ଠିତ ହୋଇଯାଇଛି। ପ୍ରେମାନନ୍ଦ ପଟେଲଙ୍କ ସଂଯୋଜନାରେ ଅନୁଷ୍ଠିତ ଉତ୍ସବରେ ଅନୁଷ୍ଠାନର ସଭାପତି ତଥା ବରିଷ୍ଠ କଳାକାର କରୁଣାକର ବାଗ ଅଧ୍ୟକ୍ଷତା କରିଥିଲେ । ଏଥିରେ ବ୍ଲକ କଳାକାର ସଂଘ ସଭାପତି ସରୋଜ ବିଶ୍ୱାଳ ମୁଖ୍ୟଅତିଥି,ଗୋଲକ ବିହାରୀ ପଟେଲ, ନିହାର ରଞ୍ଜନ ବେହେରା ,ସରୋଜ ମହାକୁର ସମ୍ମାନିତ ଅତିଥି, ଧୁଡିଆ ଦେହୁରୀ ମୁଖ୍ୟବକ୍ତା ଭାବେ ଯୋଗଦାନ କରିଥିଲେ। ସଙ୍ଗୀତ ଗୁରୁ ଦାମୋଦର ଭୋଇ ସ୍ମୃତି ସମ୍ମାନ ବରିଷ୍ଠ କଳାକାର ସାଧୁଚରଣ ବିଶିଙ୍କୁ ପ୍ରଦାନ କରାଯାଇଥିଲା । ଉକ୍ତ ଉତ୍ସବରେ ବ୍ଲକର କଳାକାରମାନେ ବିଭିନ୍ନ ଲୋକକଳା, ଲୋକବାଦ୍ୟ ଓ ଲୋକନୃତ୍ୟ ଉପରେ ଆଧାରିତ ଦାସକାଠିଆ, କରମା. ସମ୍ପ୍ରଦା, ହୁମୋ, ହଲିଆ ଗୀତ,ସମ୍ବଲପୁରୀ ନୃତ୍ୟ ଆଦି ପରିବେଷଣ କରିଥିଲେ । ଅନୁଷ୍ଠାନର ସୁବଳ ଖଟୁଆ, ଗୋପାଳ ଜୋତା, ଉଦ୍ଧବ ସା, ଲୋକନାଥ ପଟେଲ, ରବୀନ୍ଦ୍ରଚନ୍ଦ୍ର ସାହୁ, ଦାଶରଥି ଦାସ, ଉଦ୍ଧବ ବେହେରା ସହଯୋଗ କରିଥିଲେ ।

### ଆର୍ଥିକ ଅନ୍ତର୍ଭୁକ୍ତୀକରଣ କାର୍ଯ୍ୟକ୍ରମ

ଲୋଇସିଂହା,୧୫ା୧(ସୁଶାନ୍ତ ବାରିକ)

ବୁଧବାର ବଲାଙ୍ଗୀର ଜିଲା ଲୋଇସିଂହା ବ୍ଲକ ବୁଢୀପଦର ଗ୍ରାମ ପଞ୍ଚାୟତ ପରିସରରେ ଡାକ ବିଭାଗ ପକ୍ଷରୁ ଆର୍ଥିକ ଅନ୍ତର୍ଭୁକ୍ତିକରଣ ସେବା କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି। ପଞ୍ଚାୟତର କାର୍ଯ୍ୟନିର୍ବାହୀ ଅଧିକାରୀ ପ୍ରହ୍ଲାଦ ବେହେରା ଅଧକ୍ଷତା କରିଥିଲେ। ଏଥିରେ ମୁଖ୍ୟ ଡାକଘର ଅଧୀକ୍ଷକ ଦେବ ପ୍ରସାଦ ଶତପଥୀ, ସହକରୀ ଅଧୀକ୍ଷକ ନିଳମଣୀ ଜାନି, ବ୍ୟବସାୟିକ ଅଧିକାରୀ ମହେଶ୍ୱର ସେନାପତି, ବୀମା ଉନ୍ନୟନ ଅଧିକାରୀ ଅଭିଳାଷ ପଣ୍ଡା,ବିଶାଳ ଗୁପ୍ତା ପର୍ଯ୍ୟବେକ୍ଷକ ସୁଶାନ୍ତ ମୁଣ୍ଡା ଓ ସରୋଜ ପଧାନ ପ୍ରମୁଖ ଯୋଗ ଦେଇଥିଲେ। ଡାକ ଘରେ ସଞ୍ଚୟ କଲେ କିଭଳି ସୁଧ ବ୍ୟବସ୍ଥା ରହିବା ସହିତ ଜମାକାରୀ ସୁରକ୍ଷିତ ରହିବେ ସେନେଇ ଅଧିକାରୀ କହିଥିଲେ। ଏହାବାଦ ଅଟକ ପେନସନ ଓ ପ୍ରଧାନମନ୍ତ୍ରୀ ସୁରକ୍ଷା ବୀମା ଯୋଜନା ଉପରେ ଆଲୋକପାତ କରିଥିଲେ। ସ୍ଥାନୀୟ ସରପଞ୍ଚ ଲକ୍ଷ୍ମୀ ପଧାନ ଧନ୍ୟବାଦ ଅର୍ପଣ କରିଥିଲେ।

### ମାରୱାଡ଼ି ମହିଳା ସମିତି ପକ୍ଷରୁ କମ୍ବଳ ବଣ୍ଟନ

ଦେଓଗାଁ,୧୫ା୧(କୃଷ୍ଣ ପ୍ରସାଦ ପାଣିଗ୍ରାହୀ)

ଦେଓଗାଁ ବ୍ଲକ ଅନ୍ତର୍ଗତ ଦେଓଗାଁ ମାରୱାଡି ମହିଳା ସମିତି ପକ୍ଷରୁ କମ୍ବଳ ବଣ୍ଟନ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି । ସମିତି ସଭାପତି ମଞ୍ଜୁ ଅଗ୍ରୱାଲଙ୍କ ନେତୃତ୍ୱରେ ସଂପାଦିକା ପ୍ରୀତି ଅଗ୍ରୱାଲ, କୋଷାଧକ୍ଷ ସଙ୍ଗୀତା ଅଗ୍ରୱାଲଙ୍କ ସମେତ ସମସ୍ତ ସଦସ୍ୟ ଉପସ୍ଥିତ ରହି ଅସହାୟ ମହିଳାମାନଙ୍କୁ କମଲ ବଣ୍ଟନ କରିଥିଲେ। ଆଗାମୀ ଦିନରେ ବିଭିନ୍ନ ସାମାଜିକ ଓ ଅସହାୟ ବ୍ୟକ୍ତିମାନଙ୍କୁ ସମସ୍ତ ପ୍ରକାର ସହାୟତା ପ୍ରଦାନ କରାଯିବ ବୋଲି ସମିତି ପକ୍ଷରୁ ସୂଚନା ଦିଆଯାଇଛି ।

# ଡାଲଖାଇ, ରସରକେଲି, ହଲିଆ ଗୀତରେ ଦୁଲୁକିଲା ମଞ୍ଚ

ବଲାଙ୍ଗୀର,୧୫ା୧(ବୀରେନ୍ଦ୍ର କୁମାର ଝାଙ୍କର)



ବଲାଙ୍ଗୀର ଉପଖଣ୍ଡସ୍ତରୀୟ ଲୋକ ଉତ୍ସବରେ ମଞ୍ଚାସୀନ ଅତିଥି।

ବଲାଙ୍ଗୀର ଉପଖଣ୍ଡସ୍ତରୀୟ ଲୋକ ଉତ୍ସବ ସ୍ଥାନୀୟ ସରକାରୀ ମହିଳା ମହାବିଦ୍ୟାଳୟ ପ୍ରେକ୍ଷାଳୟରେ ମଙ୍ଗଳବାର ଅନୁଷ୍ଠିତ ହୋଇଥିଲା। ବଲାଙ୍ଗୀର ଉପଜିଲାପାଳ ଆଲୋକ କୁମାର ପଟେଲଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ଉପଖଣ୍ଡସ୍ତରୀୟ ଲୋକଉତ୍ସବରେ ଅତିଥି ଭାବେ ବିଶିଷ୍ଟ କଣ୍ଠଶିଳ୍ପୀ ବିଥିକା ଚାଟାର୍ଜୀ, ଡ. ଘାସିରାମ ମିଶ୍ର, କାଳୀପ୍ରସାଦ ଷଡଙ୍ଗୀ ମଞ୍ଚାସୀନ ହୋଇଥିଲେ। ଉତ୍ସବକୁ ମଧୁସୂଦନ ନାଏକ ପରିଚାଳନା କରିଥିଲେ। ଡେପୁଟି କଲେକ୍ଟର ମମତା ମେହେର ଅତିଥି ପରିଚୟ ପ୍ରଦାନ କରିଥିଲେ ଓ ପ୍ରଶାନ୍ତ ମହାକୁର ସ୍ୱାଗତ ଭାଷଣ ଦେଇଥିଲେ। ଏହି ଅବସରରେ ସଂକୀର୍ତ୍ତନ ଗୁରୁ ଲକ୍ଷ୍ମଣ କୁମାର ପାଣିଗ୍ରାହୀ ଏବଂ ବରିଷ୍ଠ କଳାକାର ହୃଷୀକେଶ ପୁରୋହିତଙ୍କୁ ଉପଢ଼ୌକନ ଓ ମାନପତ୍ର ଦେଇ ସମ୍ବର୍ଦ୍ଧିତ କରାଯାଇଥିଲା। ଲୋକ ଉତ୍ସବରେ ବିଭିନ୍ନ ବ୍ଲକରୁ ଆସିଥିବା ସାଂସ୍କୃତିକ ଦଳ ଓ କଳାକାରମାନେ ଲୋକବାଦ୍ୟ, ଲୋକଗୀତ, ଲୋକ ନୃତ୍ୟ ଓ ଲୋକ ନାଟକ ବିଭାଗରେ ଚମତ୍କାର ପ୍ରଦର୍ଶନ କରି ଦର୍ଶକ ଓ ବିଚାରକଙ୍କ ମନ ମୋହିଥିଲେ। ଏଠାରେ କୃଷ୍ଣଗୁରୁ, ଝୁମେର ନାଚ, ହଲିଆ ଗୀତ, ହୁମୋ ବଉଲି, ରସରକେଲି, ମାଇଲା ଜଡ, ଡାଲଖାଇ, ଚୁଟକୁଚୁଟା ସମେତ ଅନ୍ୟ ସାଂସ୍କୃତିକ କାର୍ଯ୍ୟକ୍ରମ ପରିବେଷଣ କରାଯାଇଥିଲା। ଏଠାରେ ଉଦ୍‌ଘୋଷକ ଭାବେ ବିଭୁ କଲ୍ୟାଣ ଗଡତ୍ୟା, ଜ୍ୟୋତି ପ୍ରକାଶ ସାହୁ ଓ ରଶ୍ମିତା ନାଗ ମଞ୍ଚ ପରିଚାଳନା କରିଥିଲେ। ଅତିରିକ୍ତ ଜିଲା ମଙ୍ଗଳ ଅଧିକାରୀ ଦାମୋଦର ବିଶ୍ୱାଳ ଧନ୍ୟବାଦ ଅର୍ପଣ କରିଥିଲେ। କାର୍ଯ୍ୟକ୍ରମରେ ବରିଷ୍ଠ କଳାକାର ଜଗଦାନନ୍ଦ ଛୁରିଆ, ବ୍ୟାସଦେବ ପୁରୋହିତ, ମୁରଲୀଧାରୀ ପତି, ବ୍ରହ୍ମାନନ୍ଦ ବନଛୋର, କପିଳେଶ୍ୱର ଖମାରୀ, ବାଳମୁକୁନ୍ଦ ବେହେରା ଓ ସଙ୍ଗୀତା ଦାଶ ଉପସ୍ଥିତ ଥିଲେ। ସଙ୍ଗଠକ ଓ କଳାକାର ଜୟକୃଷ୍ଣ ମିଶ୍ର, ସୁଶାନ୍ତ ଚୋପଦାର, ବୁଲୁ ବେହେରା, ଭକ୍ତ ନାଏକ ଓ ନବୀନ କୁଅଁର ବିଶେଷ ସହଯୋଗ କରିଥିଲେ।

**୨୨ତମ ଉପଖଣ୍ଡସ୍ତରୀୟ ବଲାଙ୍ଗୀର ଲୋକ ଉତ୍ସବ**



ଲୋକ ଉତ୍ସବରେ ପ୍ରଦର୍ଶିତ ଲୋକନୃତ୍ୟ।

# ଆଦର୍ଶ ବିଦ୍ୟାଳୟରେ କ୍ୟାରିୟର ମେଳା

ଲୋଇସିଂହା,୧୫ା୧(ସୁଶାନ୍ତ ବାରିକ)

ବଲାଙ୍ଗୀର ଜିଲା ଲୋଇସିଂହା ବ୍ଲକ ଝାରମୁଣ୍ଡା ଆଦର୍ଶ ବିଦ୍ୟାଳୟରେ କ୍ୟାରିୟର ମେଳା ଅନୁଷ୍ଠିତ ହୋଇଯାଇଛି। ଅଧକ୍ଷା ଜ୍ୟୋର୍ତିମୟୀ ପଧାନ ଅଧକ୍ଷତା କରିଥିଲେ। ଏଥିରେ ୧୮୯ ବାଟାଲିୟନ ମୃଣାଳକାନ୍ତି ବିଶ୍ୱାସ ମୁଖ୍ୟଅତିଥି, ଅବସରପ୍ରାପ୍ତ ସେନା ଅଧିକାରୀ ରଥ, ଆଦର୍ଶ ବିଦ୍ୟାଳୟର ଦେଓଗାଁ ଅଧକ୍ଷ ଗୋପବନ୍ଧୁ ମେହେର, ଡୁଙ୍ଗରିପାଲି ଅଧକ୍ଷ ସାଧୁଚରଣ ଖମାରୀ, ଡୁଡୁକା ଅଧକ୍ଷ ପ୍ରବୀଣ କୁମାର ସାହୁ, ଡା ସଞ୍ଜୀବ ବିଶ୍ୱାଳ ସମ୍ମାନିତ ଅତିଥି ଭାବେ ଯୋଗ ଦେଇଥିଲେ। ଛାତ୍ରୀଛାତ୍ର ନିଜର ଲକ୍ଷ୍ୟ ପୂରଣ କରିବା ପାଇଁ ବିଭିନ୍ନ ବିଷୟରେ ଅଧ୍ୟୟନ କରି ଭଲ ନାଗରିକ ହୋଇ ଦେଶ ସେବା କରିବାକୁ ଅତିଥିମାନେ ପରାମର୍ଶ ଦେଇଥିଲେ। ଉକ୍ତ ମେଳାରେ ସିଟି ଟିସି, ପଲିଟେକନିକ ବଲାଙ୍ଗୀର, ସିଏଚସି ଲୋଇସିଂହା, ଆଇଟିଆଇ,ହୋଟେଲ ମ୍ୟାନେଜମେଣ୍ଟ, କରାଟେ, ବିଦ୍ୟାସାଗର ଏକାଡେମୀ ବରଗଡ, ଜିଆଇଇଟି ଗୁଣପୁର , ସିଆରପିଏଫ ୧୮୯ ବାଟାଲିୟନ ଏପରି ଭାବେ ୧୨ ଅନୁଷ୍ଠାନ ପକ୍ଷରୁ ଷ୍ଟଲ ଖୋଲାଯାଇ ଛାତ୍ରୀଛାତ୍ରଙ୍କୁ ବିଭିନ୍ନ ବୃତ୍ତି ବିଷୟରେ ସଚେତନ କରାଯାଇଥିଲା। ଏହି ମେଳାରେ ବହୁ ସଂଖ୍ୟକ ଅଭିଭାବକ, କୁଶଙ୍ଗ, ପଣ୍ଡରାଣୀ ସିଆରସିଙ୍କ ସହିତ ପରିଚାଳନା କମିଟି ସଦସ୍ୟ କାହ୍ନୁ ଚରଣ ଦର୍ଜି ସାମିଲ ହୋଇଥିଲେ।

# ଛାତ୍ରୀଛାତ୍ରଙ୍କ ଶୈକ୍ଷିକ ପରିଭ୍ରମଣ


ପରିଭ୍ରମଣ ଅବସରରେ ଛାତ୍ରୀଛାତ୍ର।

ଲୋଇସିଂହା,୧୫ା୧(ସୁଶାନ୍ତ ବାରିକ)

ବଲାଙ୍ଗୀର ଜିଲା ଆଗଲପୁର ବ୍ଲକ ରୋଡ ମହାବିଦ୍ୟାଳୟର ଓଡିଆ ଭାଷା ଓ ସାହିତ୍ୟ ବିଭାଗର ଛାତ୍ରୀଛାତ୍ରଙ୍କ ଦୁଇଦିନିଆ ଶୈକ୍ଷିକ ପରିଭ୍ରମଣ ଅନୁଷ୍ଠିତ ହୋଇଯାଇଛି। ବିଭାଗର ମୁଖ୍ୟ ପ୍ରମୋଦ କୁମାର ଦାଶଙ୍କ ନେତୃତ୍ୱରେ ଗାଇଡ୍ ଅଧାପକଙ୍କ ସମେତ ୬୫ ଜଣ ଛାତ୍ରୀଛାତ୍ର ଉକ୍ତ ଶୈକ୍ଷିକ ପରିଭ୍ରମଣରେ ଚିଲିକା ଓ ଶ୍ରୀକ୍ଷେତ୍ର ପୁରୀ ଯାଇ ମହାପ୍ରଭୁଙ୍କ ଦର୍ଶନ କରିଥିଲେ। ଏହାଛଡା ପର୍ଯ୍ୟଟନ କ୍ଷେତ୍ର ରାମଚଣ୍ଡି, ଚନ୍ଦ୍ରଭାଗା ଓ କୋଣାର୍କ ପରିଭ୍ରମଣ କରିଥିଲେ।

# କ୍ଷେତ୍ର ପରିଦର୍ଶନ କଲେ ଉପଜିଲାପାଳ

ଖପ୍ରାଖୋଲ,୧୫ା୧(ଅଭୟ ତ୍ରିପାଠୀ)

ବଲାଙ୍ଗୀର ଜିଲା ଖପ୍ରାଖୋଲ ବ୍ଲକର ପ୍ରମୁଖ ପର୍ଯଟନସ୍ଥଳୀ ହରିଶଙ୍କର ମନ୍ଦିର ପରିସରର ସ୍ୱଚ୍ଛତା ଓ ସୁରକ୍ଷାକୁ ଦୃଷ୍ଟିରେ ରଖି ଦେବୋତ୍ତର କାର୍ଯ୍ୟ ନିର୍ବାହୀ ଅଧିକାରୀ ତଥା ପାଟଣାଗଡ଼ ଉପ ଜିଲାପାଳ ସୁନିଲ କୁମାର ମେହେର କ୍ଷେତ୍ର ପରିଦର୍ଶନ କରିଛନ୍ତି। ତାଙ୍କ ଗସ୍ତ ଅବସରରେ ଜିଲା ସଂସ୍କୃତି ଓ ପର୍ଯ୍ୟଟନ ଅଧିକାରୀ ରଶ୍ମି ରଞ୍ଜନ ମିଶ୍ର ମନ୍ଦିର ପରିସର, ଝରଣା କୂଳ, ବଣ ଭୋଜି ସ୍ଥଳ, ଦୋକାନ ପାଖ ଅଞ୍ଚଳ ବୁଲି ଦେଖିଥିଲେ। ଅନେକ ସମୟରେ ମନ୍ଦିର ପରିସର ଓ ଝରଣା କୂଳ ଅଳିଆ ଆବର୍ଜନାପୂର୍ଣ୍ଣ ହୋଇ ପଡୁଥିବାରୁ ଗଣମାଧ୍ୟମରେ ଏ ନେଇ ଖବର ପ୍ରସାରିତ ହୋଇଥିଲା । ଗତ କିଛି ଦିନ ତଳେ ସ୍ଥାନୀୟ ଜନସାଧାରଣ ଜିଲାପାଳଙ୍କୁ ଏ ସମ୍ପର୍କରେ ଜଣାଇଥିଲେ। ସେହିପରି ସୁରକ୍ଷା ବ୍ୟବସ୍ଥା ଠିକ ନ ଥିବାରୁ ମଦ୍ୟପମାନଙ୍କ ଉପଦ୍ରବ ଲାଗି ରହିଛି । ଏବେ ରାଜ୍ୟ ସରକାର ହରିଶଙ୍କର ପୀଠର ସ୍ୱଚ୍ଛତା ଓ ସୁରକ୍ଷା କୁ ଗୁରୁତ୍ୱ ଦେଇ ସ୍ୱତନ୍ତ୍ର ଅର୍ଥ ବରାଦ କରିଥିବା ଜଣାଯାଇଛି। ଏହି ଅବସରରେ ବିଡ଼ିଓ ବିବେକାନନ୍ଦ ଷଡ଼ଙ୍ଗୀ, ତହସିଲଦାର ଆଦିତ୍ୟ ପ୍ରସାଦ ମିଶ୍ର, ଫାଣ୍ଡି ଅଧିକାରୀ ସେବନ କେରକେଟା, ମନ୍ଦିର ପୂଜକ ନରସିଂହ ପୁଝାରୀ ପ୍ରମୁଖ ଉପସ୍ଥିତ ଥିଲେ। ଏହି ଅବସରରେ ପାନୀୟ ଜଳ ସମସ୍ୟା ନେଇ ସ୍ଥାନୀୟ ଲୋକେ ଅଭିଯୋଗ କରିଥିଲେ।


ପାଟଣାଗଡ ଉପଜିଲାପାଳ ହରିଶଙ୍କର ପୀଠ ପରିଦର୍ଶନ କରୁଛନ୍ତି।

**ହରିଶଙ୍କର ମନ୍ଦିର ପରିସର ସୁରକ୍ଷା ପ୍ରସଙ୍ଗ**

# ସିହିନୀ ଉନ୍ନୀତ ଉଚ୍ଚ ବିଦ୍ୟାଳୟର ବାର୍ଷିକ କ୍ରୀଡ଼ା ଉଦ୍‌ଯାପିତ

ଟିଟିଲାଗଡ,୧୫ା୧(ସନ୍ତୋଷ ପଟ୍ଟନାୟକ)

ଟିଟିଲାଗଡ ବ୍ଲକ ଅନ୍ତର୍ଗତ ସିହିନୀ ଗ୍ରାମ ପଞ୍ଚାୟତସ୍ଥିତ ସିହିନୀ ଉନ୍ନୀତ ଉଚ୍ଚ ବିଦ୍ୟାଳୟର ବାର୍ଷିକ କ୍ରୀଡ଼ା ପ୍ରତିଯୋଗିତା ଉଦ୍‌ଯାପିତ ହୋଇଯାଇଛି। ପ୍ରଥମ ଦିବସରେ ବ୍ଲକ ଶିକ୍ଷା ଅଧିକାରୀ ଆର୍ତ୍ତତ୍ରାଣ ରଥ ମୁଖ୍ୟଅତିଥି, ଶରତ ମିଶ୍ର ସମ୍ମାନିତ ଅତିଥି ଓ ପୂର୍ବତନ ଖେଳ ଶିକ୍ଷକ ଧବଳେଶ୍ୱର ଦଳବେହେରା ଯୋଗଦେଇ ଛାତ୍ରୀଛାତ୍ରମାନଙ୍କୁ ଉତ୍ସାହିତ କରିଥିଲେ। ଦ୍ୱିତୀୟ ଦିବସ ଉଦ୍‌ଯାପନୀ ସମାରୋହରେ ପ୍ରଧାନ ଶିକ୍ଷକ ନାରାୟଣ ବଗର୍ତ୍ତିଙ୍କ ସଭାପତିତ୍ୱରେ ଅନୁଷ୍ଠିତ କାର୍ଯକ୍ରମରେ ସିହିନୀ ସରପଞ୍ଚ ବୀରବର ସାହୁ ମୁଖ୍ୟଅତିଥି, ମାନସ ମହାନ୍ତି ସମ୍ମାନିତ ଅତିଥି, ସିଆରସିସି ବାବଲୁ ଜାଲ ଓ ଲିଙ୍ଗରାଜ ନାଗ ଉପସ୍ଥିତ ଥିଲେ। ଏହି ପ୍ରତିଯୋଗିତାରେ ୧୦୦, ୨୦୦, ୪୦୦ ଓ ୮୦୦ ମିଟର ଦୌଡ , ଡିସକସ୍ ଥ୍ରୋ, ସଟପୁଟ, ଲମ୍ଫଡ଼ିଆଁ, ପୁଚି, ଗଣିତ ଦୌଡ଼ ଓ ମ୍ୟୁଜିକାଲ ଚେୟାର ଆଦି ଖେଳ ଅନୁଷ୍ଠିତ ହୋଇଥିଲା। ଖେଳ ଶିକ୍ଷକ ରାଜେଶ ସ୍ୱାଇଁ, ଦିଲିପ ତ୍ରିପାଠୀ, ପ୍ରୀତମ ନାୟକ ଓ ମନ୍ଦାକିନୀ ମାଝୀ ପରିଚାଳନା କରିଥିଲେ। ବାଳିକା ବିଭାଗରେ ପୂଜା ଭୋଇ ଓ ବାଳକ ବିଭାଗରେ ସୁନୀଲ ତାଣ୍ଡି ଚାମ୍ପିୟନ ହୋଇଥିଲେ। ଏହି ଅବସରରେ ଅତିଥିମାନେ କୃତୀ ପ୍ରତିଯୋଗୀଙ୍କୁ ପୁରସ୍କୃତ କରିଥିଲେ। ଏହି ପ୍ରତିଯୋଗିତା ଆୟୋଜନରେ ବିଦ୍ୟାଳୟର ସମସ୍ତ ଶିକ୍ଷୟିତ୍ରୀ ଓ ଶିକ୍ଷକ ସହଯୋଗ କରିଥିଲେ। ଶେଷରେ ସହକାରୀ ଶିକ୍ଷକ ଘନଶ୍ୟାମ ପ୍ରଧାନ ଧନ୍ୟବାଦ ଅର୍ପଣ କରିଥିଲେ।

# ପୂର୍ବତନ ମନ୍ତ୍ରୀ ଟୁକୁନି ସାହୁଙ୍କ ଶ୍ୱଶୁରଙ୍କ ବିୟୋଗ

ଟିଟିଲାଗଡ଼,୧୫ା୧(ଶରତ ମିଶ୍ର)


ଜଗବନ୍ଧୁ ସାହୁଙ୍କ ଫାଇଲ ଫଟୋ।

ବିଜେଡ଼ି ନେତା ସ୍ୱର୍ଗତ ଅଭିମନ୍ୟୁ ସାହୁଙ୍କ ପିତା ତଥା ପୂର୍ବତନ ମନ୍ତ୍ରୀ ଟୁକୁନି ସାହୁଙ୍କ ଶ୍ୱଶୁର ଜଗବନ୍ଧୁ ସାହୁ(୭୯)ଙ୍କର ଟିଟିଲାଗଡ଼ସ୍ଥିତ ବାସଭବନରେ ବୁଧବାର ଭୋର ସମୟରେ ପରଲୋକ ହୋଇଯାଇଛି । ସେ କିଛି ଦିନ ହେବ ବାର୍ଦ୍ଧକ୍ୟଜନିତ ରୋଗରେ ପୀଡିତ ହୋଇ ଶଯ୍ୟାଶାୟୀ ଥିଲେ । ମୃତ୍ୟୁଶଯ୍ୟା ନିକଟରେ ବୋହୂ ପୂର୍ବତନ ମନ୍ତ୍ରୀ ସାହୁ, ନାତୁଣୀ ଅର୍ପିତା, ଆଶ୍ରିତା, ଭାଇ ଭଗବାନ, ଲକ୍ଷ୍ମୀଧର, ବିଷ୍ଣୁଙ୍କ ସମେତ ଆତ୍ମୀୟ ସ୍ୱଜନ ଉପସ୍ଥିତ ଥିଲେ। ସ୍ଥାନୀୟ ମୁକ୍ତିଧାମରେ ଶେଷ କୃତ୍ୟ ସମ୍ପନ୍ନ ହୋଇଥିବା ବେଳେ ନାତୁଣୀ ଅର୍ପିତା ମୁଖାଗ୍ନି ଦେଇଥିଲେ । ଟିଟିଲାଗଡ଼ ନାଗରିକ ମଞ୍ଚ ସଭାପତି ରାଧାକାନ୍ତ ପାଢୀ, ବାର୍ ସଂଘ ସଭାପତି ସଞ୍ଜୟ ବେହେରା, ବଲାଙ୍ଗୀର ଏମ୍‌ପିଙ୍କ ପ୍ରତିନିଧି ପ୍ରଶାନ୍ତ ଷଡ଼ଙ୍ଗୀ, ଜିଲା ସାମ୍ବାଦିକ ସଂଘ ସଭାପତି ଶିବପ୍ରସାଦ ପରିଡା, କେସିଙ୍ଗା ବ୍ଲକ ଅଧକ୍ଷ ଚନ୍ଦନ ସେନାପତି, ସୂର୍ଯ୍ୟ ଦାଶ, ପୂର୍ବତନ ଜିଲା ଓୟୁଜେ ସଭାପତି ଦୀପକ ସମ୍ପାଦାର, ରାଜ୍ୟସଭା ଏମ୍‌ପିଙ୍କ ପ୍ରତିନିଧି ରମେଶ ଅଗ୍ରୱାଲ, ସିସିଆଇ ସଭାପତି ଈଶ୍ୱର ଜୈନ, କେପିଏସଏସ ସଭାପତି ଉପେନ୍ଦ୍ର ବାଗ, ହରିଶ ରାୟଥଟ୍ଟା ପ୍ରମୁଖ ଶେଷ ଦର୍ଶନ କରିଥିଲେ। ବରିଷ୍ଠ କଂଗ୍ରେସ ନେତା ସୁମନ୍ତ ବେହେରା, ବୀରେନ୍ଦ୍ର ବାଗ, ବରିଷ୍ଠ ବିଜେଡ଼ି ନେତା ଶ୍ୟାମପ୍ରସାଦ ଗରିଆ, ସଇଁତଲା ବ୍ଲକ ଉପାଧକ୍ଷ ଗୁଣସାଗର ମାଝୀ, ଟିଟିଲାଗଡ଼ ବ୍ଲକ ଅଧକ୍ଷା ସଂଯୁକ୍ତା ନାଏକ, ପୌର ଉପାଧକ୍ଷା ପୁଷ୍ପାମଞ୍ଜରୀ ଜାଲ, କାଉନସିଲର ବୁଦ୍ଧିଆ ଆଚାର୍ଯ୍ୟ, ଗୋପାଳକ୍ରିଷ୍ଣ ବେହେରା, ଜିଲା ପରିଷଦ ସଭ୍ୟା ଗୀତା ବିଶି, ପ୍ରେମ ଜୈନ, ଅରୁଣ ମିଶ୍ର ପ୍ରମୁଖ ଶେଷକୃତ୍ୟ ବେଳେ ଉପସ୍ଥିତ ଥିଲେ। ସେ ଜଣେ ପରୋପକାରୀ, ସ୍ନେହୀ, ମିଷ୍ଟଭାଷୀ ବ୍ୟକ୍ତି ଭାବରେ ଲୋକଙ୍କ ପ୍ରିୟ ଭାଜନ ହୋଇପାରିଥିଲେ। ତାଙ୍କ ପରଲୋକରେ ବିଭିନ୍ନ ମହଲରେ ଗଭୀର ଶୋକ ପ୍ରକାଶ ପାଇଛି । ବିଜେଡ଼ି ସୁପ୍ରିମୋ ତଥା ପୂର୍ବତନ ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକ, ରାଜ୍ୟସଭା ସଦସ୍ୟ ନିରଞ୍ଜନ ବିଶି, ପୂର୍ବତନ ମନ୍ତ୍ରୀ ସୁରେନ୍ଦ୍ର ସିଂଭୋଇ, ପୂର୍ବତନ ବିଧାୟକ ଆୟୁବ ଖାନ, ସରୋଜ ମେହେର ତଥା ଦଳର ବହୁ ତୁଙ୍ଗ ନେତା ତାଙ୍କ ବିୟୋଗରେ ଗଭୀର ଶୋକ ପ୍ରକାଶ କରିଛନ୍ତି।

# ନାଏବ ସରପଞ୍ଚଙ୍କ ବିରୋଧରେ ଅନାସ୍ଥା ପ୍ରସ୍ତାବର ଭୋଟ ଗଣତି

ଗୁଡ଼ଭେଲା,୧୫ା୧(ମନୋଜ କୁମାର ଜୈନ)

ବଲାଙ୍ଗୀର ଜିଲା ଗୁଡଭେଲା ବ୍ଲକ ଅନ୍ତର୍ଗତ ଚିଞ୍ଚେଡ ଗ୍ରାମ ପଞ୍ଚାୟତର ନାଏବ ସରପଞ୍ଚ ଯାଜ୍ଞସିନୀ ରଣାଙ୍କ ବିରୋଧରେ ଅନାସ୍ଥା ପ୍ରସ୍ତାବ ପାଇଁ ଭୋଟ ଗ୍ରହଣ ହୋଇଥିଲା। ଏହାର ପ୍ରାୟ ତିନି ମାସ ପରେ ବଲାଙ୍ଗୀର ଉପଜିଲାପାଳଙ୍କ ନିର୍ଦ୍ଦେଶ କ୍ରମେ ବୁଧବାର ଚିଞ୍ଚେଡ ଗ୍ରାମ ପଞ୍ଚାୟତ ପରିସରରେ ତୁଷୁରା ତହସିଲଦାର ଆର୍ତ୍ତତ୍ରାଣ ଥାର୍ଟିଙ୍କ ଉପସ୍ଥିତରେ ଭୋଟ ଗଣତି ହୋଇଛି। ଗତ ତା୨୮।୧୦।୨୦୨୪ରିଖରେ ୧୧ଜଣ ୱାର୍ଡ ମେମ୍ବର ଓ ସରପଞ୍ଚ ଭୋଟ ଦେଇଥିଲେ । ତେବେ ଭୋଟ ଗଣତିରୁ ନାଏବ ସରପଞ୍ଚଙ୍କ ବିରୋଧରେ ୧୦ଟି ଓ ସପକ୍ଷରେ ୨ଟି ଭୋଟ ଦିଆଯାଇ ଥିବା ଜଣାଯାଇଛି। ହାଇକୋର୍ଟଙ୍କ ରହିତାଦେଶ ଯୋଗୁ କେବଳ ଭୋଟ ଗଣତି କରାଯାଇଥିବା ବ୍ଲକ ଜିପିଓ ସାଗର ସାହୁ ପ୍ରକାଶ କରିଥିଲେ।


ଗ୍ରାମ ପଞ୍ଚାୟତର ଲୋକପ୍ରତିନିଧିଙ୍କ ସମ୍ମୁଖରେ ସରକାରୀ ଅଧିକାରୀ ମାନେ ଭୋଟ ଗଣତି କରୁଛନ୍ତି।

# ରାଞ୍ଚି ସେର୍‌ସା ଦଳ ଫାଇନାଲରେ



ପାଟଣାଗଡ,୧୫ା୧(ସଚ୍ଚିଦାନନ୍ଦ ମହାକୁର)

ପାଟଣାଗଡ଼ ରମାଇଁ ହାଇସ୍କୁଲ ଖେଳ ପଡ଼ିଆଠାରେ ସ୍ଥାନୀୟ କ୍ରିକେଟ କ୍ଲବ ଆନୁକୂଲ୍ୟରେ ସର୍ବ ଭାରତୀୟ ପାଟଣା କପ୍ କ୍ରିକେଟ ଟୁର୍ନାମେଣ୍ଟ ଏ ପୁଲର ପ୍ରଥମ ସେମିଫାଇନାଲ ମ୍ୟାଚ ଆଶନଶୋଲ ଦଳ ଓ ରାଞ୍ଚି ସେରସା ଦଳ ମଧ୍ୟରେ ଅନୁଷ୍ଠିତ ହୋଇଥିଲା। ରାଞ୍ଚି ଦଳ ଟସ୍ ଜିଣି ପ୍ରଥମେ ବ୍ୟାଟିଂ କରି ନିର୍ଦ୍ଧାରିତ ୩୦ ଓଭରରେ ୭ ଉଇକେଟ ବିନିମୟରେ ୨୭୧ ରନ ସଂଗ୍ରହ କରିଥିଲେ। ଏହାର ଜବାବରେ ଆଶନଶୋଲ ଦଳ ୨୫.୪ ଓଭରରେ ସମସ୍ତ ଉଇକେଟ ହରାଇ ୧୭୯ ରନ ସଂଗ୍ରହ କରି ପରାଜୟର ସମ୍ମୁଖୀନ ହୋଇଥିଲେ। ଆଜିର ମୁଖ୍ୟଅତିଥି ଭାବରେ ପାଟଣାଗଡ଼ ଓ ଖପ୍ରାଖୋଲ ବିଡ଼ିଓ ଉପସ୍ଥିତ ଥିଲେ। ବିରଞ୍ଚି ମହଲା ଓ ଅଂଶମାନ ହୋତା ଧାରା ବିବରଣୀ ପ୍ରଦାନ କରିଥିଲେ । ସତ୍ୟ ରଥ ଓ ପଣ୍ଡା ବାବୁ ଖେଳ ପରିଚାଳନା କରିଥିଲେ। ଆଜିର ମ୍ୟାଚ ରେ ରାଞ୍ଚି ସେରସା ଦଳର ସଚିନ ତିୱାରୀ ୭୫ ବଲରେ ଶତକ ହାସଲ କରିଥିବାରୁ ମ୍ୟାନ ଅଫ ମ୍ୟାଚ ଭାବେ ବିବେଚିତ ହୋଇଥିଲେ। ଗୁରୁବାର ବି ପୁଲର ପ୍ରଥମ ମ୍ୟାଚ ପାଟଣାଗଡ଼ ଓ ଉତ୍ତରପ୍ରଦେଶ ପ୍ରୟାଗରାଜ ଦଳ ମଧ୍ୟରେ ଅନୁଷ୍ଠିତ ହେବ।

**ସର୍ବଭାରତୀୟ ପାଟଣା କପ୍ କ୍ରିକେଟ ଟୁର୍ନାମେଣ୍ଟ**

# ଲଳିତ ସ୍ମାରକୀ ସର୍ବଭାରତୀୟ କ୍ରିକେଟ ଉଦ୍‌ଘାଟିତ

ବଲାଙ୍ଗୀର,୧୫ା୧(ବୀରେନ୍ଦ୍ର କୁମାର ଝାଙ୍କର)

ବିଶିଷ୍ଟ ସମାଜସେବୀ ସ୍ୱର୍ଗତ ଲଳିତ କୁମାର ନାୟକଙ୍କ ସ୍ମୃତିରେ ସ୍ଥାନୀୟ ପୃଥ୍ୱୀରାଜ ହାଇସ୍କୁଲ ପଡିଆରେ ପ୍ରଥମ ଲଳିତ ନାୟକ ମେମୋରିଆଲ୍ ସର୍ବଭାରତୀୟ ଫ୍ଲଡ୍ ଲାଇଟ୍ କ୍ରିକେଟ୍ ଟୁର୍ନାମେଣ୍ଟ ଉଦ୍‌ଘାଟିତ ହୋଇଛି। ମୁଖ୍ୟଅତିଥି ଭାବେ ପୂର୍ବତନ ମନ୍ତ୍ରୀ ତଥା ବରିଷ୍ଠ ବିଜେଡି ନେତା ଅନଙ୍ଗ ଉଦୟ ସିଂଦେଓ ଯୋଗଦେଇ ଏହି ଟୁର୍ନାମେଣ୍ଟକୁ ମଙ୍ଗଳବାର ସନ୍ଧ୍ୟାରେ ଉଦ୍‌ଘାଟନ କରିଥିଲେ। ସମ୍ମାନିତ ଅତିଥି ଭାବେ ପୌରାଧକ୍ଷା ଲିକା ସାହୁ, ସଦର ଏସଡିପିଓ ପ୍ରଦୀପ କୁମାର ସାହୁ ଯୋଗଦାନ କରିଥିଲେ। ଦୀପକ ରଞ୍ଜନ ନାୟକଙ୍କ ନେତୃତ୍ୱରେ ଆୟୋଜିତ ଏହି ଟୁର୍ନାମେଣ୍ଟରେ ଅନ୍ୟତମ ଅତିଥି ଭାବେ ପ୍ରଭାସ କୁମାର ପାଣିଗ୍ରାହୀ, ପ୍ରଦ୍ୟୁତ୍ କୁମାର ମିଶ୍ର, ଆଡଭୋକେଟ୍ ରତନ ମହାରଣା ଓ ପ୍ରଭାକର ମିଶ୍ର ମଞ୍ଚାସୀନ ଥିଲେ। ସଭା କାର୍ଯ୍ୟକୁ ଅଙ୍କୁଶ କୁମାର ପାଣ୍ଡିଆ ପରିଚାଳନା କରିଥିଲେ। ଅତିଥିମାନେ ସ୍ୱର୍ଗତ ଲଳିତ ନାୟକଙ୍କ ସେବା କାର୍ଯ୍ୟ ଆଗାମୀ ପିଢ଼ି ପାଇଁ ପ୍ରେରଣାର ଉତ୍ସ ହୋଇ ରହିବ ବୋଲି କହିଥିଲେ।

ସଭା ପରେ ଆର୍‌ଏସ୍ ଫାଇଟର ଟିମ୍ ଏବଂ ରୁଦ୍ର ଏକାଦଶ ଦଳ ମଧ୍ୟରେ ଉଦ୍‌ଘାଟନୀ ମୁକାବିଲା ହୋଇଥିଲା। ସଂଘର୍ଷପୂର୍ଣ୍ଣ ମ୍ୟାଚରେ ଆର୍‌ଏସ୍ ଫାଇଟର ଟିମ୍ ବିଜୟୀ ହୋଇଥିଲେ। ଏହାପରେ ସମଲେଶ୍ୱରୀ କ୍ରିକେଟ କ୍ଲବ ଏବଂ ବଲାଙ୍ଗୀର କ୍ରିକେଟ ଏକାଡେମୀ ମଧ୍ୟରେ ଦ୍ୱିତୀୟ ମ୍ୟାଚ ଅନୁଷ୍ଠିତ ହୋଇଥିଲା। ଏଥିରେ ସମଲେଶ୍ୱରୀ କ୍ରିକେଟ କ୍ଲବ ବିଜୟୀ ହୋଇଥିଲା। ଏହାପରେ ଆର୍‌ଏସ୍ ଫାଇଟର ଓ ସମଲେଶ୍ୱରୀ କ୍ରିକେଟ୍ କ୍ଲବ ମଧ୍ୟରେ ଅନୁଷ୍ଠିତ କ୍ୱାର୍ଟର ଫାଇନାଲ ମ୍ୟାଚ୍‌ରେ ଆରଏସ୍ ଫାଇଟର ଦଳ ବିଜୟୀ ହୋଇଥିଲା। ମ୍ୟାଚଗୁଡିକୁ ରାଜକୁମାର ପାଣିଗ୍ରାହୀ, ପି. ବାଗ ଓ ସୌରଭ ପଧାନ ଅମ୍ପାୟର ଭାବେ ପରିଚାଳନା କରିଥିଲେ। ବିଭୂତି ଭୂଷଣ ମିଶ୍ର ମ୍ୟାଚର ଧାରା ବିବରଣୀ ପ୍ରଦାନ କରିଥିଲେ। ସୁରଥ ଦାସ ୟୁଟ୍ୟୁବ ଲାଇଭ୍ ପରିଚାଳନା କରିଥିଲେ। ଏହି ଟୁର୍ନାମେଣ୍ଟରେ ୧୬ଟି ଦଳ ଅଂଶଗ୍ରହଣ କରିଛନ୍ତି। ଆସନ୍ତା ୧୯ ତାରିଖରେ ଗ୍ରାଣ୍ଡ ଫାଇନାଲ ଅନୁଷ୍ଠିତ ହେବ। ଏହି ଟୁର୍ନାମେଣ୍ଟରେ ଗୋପାଳ ଦାନୀ, ବୁଲୁ ବେହେରା, ଜୟନାରାୟଣ ବହିହାର, ବିବେକାନନ୍ଦ ପଟେଲ, ବିକି ହୋତା, ସୁମିତ ଦାସ, ପ୍ରଦୋଷ ବିଶି, ମନୋଜ କ୍ଷେତି, ବିଶ୍ୱଜିତ ପାତ୍ର, ସୁଜିତ ମିଶ୍ର, ରିଣ୍ଟୁ ଠାକୁର ପ୍ରମୁଖ ସହଯୋଗ କରୁଛନ୍ତି।


ଟୁର୍ନାମେଣ୍ଟ ଉଦ୍‌ଘାଟନୀ ଅବସରରେ ମଞ୍ଚାସୀନ ଅତିଥି।

**ଗଞ୍ଜେଇ ଜବତ ମାମଲା: ଅଭିଯୁକ୍ତଙ୍କୁ କୋର୍ଟ ଚାଲାଣ**

ବାଉଁଶୁଣୀ,(ଦେବାଶିଷ ନେପାକ): ବୌଦ୍ଧ ଜିଲା ବାଉଁଶୁଣୀ ଥାନା ଜଟିପାଲି ଗ୍ରାମ ରାସ୍ତା ନିକଟରୁ ବାଇକ୍ ସହ ୨୫ କେଜି ୨୦୦ ଗ୍ରାମ ଗଞ୍ଜେଇ ଜବତ ମାମଲାରେ ଅଭିଯୁକ୍ତଙ୍କୁ ପୋଲିସ ବୁଧବାର କୋର୍ଟ ଚାଲାଣ କରିଛି । ଅଭିଯୁକ୍ତ ହେଲେ ମନମୁଣ୍ଡା ଥାନା ତିଲଟାଙ୍ଗୀ ଗ୍ରାମର ନିବାସ କହ୍ନୁ। ମଙ୍ଗଳବାର ଅପରାହ୍ନରେ ଗଞ୍ଜେଇ ଚାଲାଣ ହେଉଥିବା ବିଶ୍ୱସ୍ତ ସୂତ୍ରରୁ ଖବର ପାଇ ପୋଲିସ ଜଟିପାଲି ଗ୍ରାମ ନିକଟରେ ଚଢାଉ କରିଥିଲା । ରାସ୍ତାରେ ଆସୁଥିବା ଏକ ବାଇକ୍‌କୁ ଅଟକାଇ ଯାଞ୍ଚ କରିବାରୁ ଗଞ୍ଜେଇ ମିଳିଥିଲା । ଓଜନ କରାଯିବାରୁ ତାହା ୨୫ କେଜି ୨୦୦ ଗ୍ରାମ ହୋଇଥିଲା ।

## ସଂକ୍ଷେପରେ

### ଦୁଇ ବାଇକ୍ ମୁହାଁମୁହିଁ ଧକ୍କା, ୨ମୃତ

କଣ୍ଟାମାଳ,୧୫।୧(ଆଦିତେଶର ମିଶ୍ର)

ବୌଦ୍ଧ ଜିଲା ମନମୁଣ୍ଡା ଥାନା ପରା ନିକଟରେ ବୁଧବାର ରାତି ୯ଟାରେ ଏକ ସଡକ ଦୁର୍ଘଟଣାରେ ୨ଜଣଙ୍କ ମୃତ୍ୟୁ ଘଟିଥିବାବେଳେ ଅନ୍ୟ ଦୁଇ ଜଣ ଗୁରୁତର ହୋଇଛନ୍ତି । ମୃତକ ହେଲେ ବଉଳସିଙ୍ଗାର ଧର୍ମୁ ମହାକୁଡ଼ ଓ ଅନ୍ୟଜଣେ ପରିବନ୍ଧର। ପଲସାଗୋରା ବଉଳସିଙ୍ଗା ରାସ୍ତାର ପରା ନିକଟ ପ୍ରଧାନପାଲି ଛକରେ ଦୁଇଟି ବାଇକ୍ ମଧ୍ୟରେ ମୁହାଁମୁହିଁ ଧକ୍କା ହୋଇଥିଲା । ଫଳରେ ଉଭୟ ବାଇକ୍‌ର ୪ ଜଣ ଛିଟିକି ପଡିଥିଲେ । ସ୍ଥାନୀୟ ଲୋକେ ସେମାନଙ୍କୁ ଉଦ୍ଧାର କରି ସୋନପୁର ଜିଲା ମୁଖ୍ୟ ଡାକ୍ତରଖାନା ପଠାଇଥିଲେ । ସେଠାରେ ୨ ଜଣଙ୍କ ମୃତ୍ୟୁ ଘଟିଥିଲା। ଅନ୍ୟ ଆହତ ଦ୍ୱୟଙ୍କୁ ବୁର୍ଲା ସ୍ଥାନାନ୍ତର କରାଯାଇଛି। ଆହତ ବ୍ୟକ୍ତିଙ୍କ ଘର ମନମୁଣ୍ଡା ଥାନା ଖଇରମାଲ ଏବଂ ରକ୍ସା ଗ୍ରାମରେ ବୋଲି ସୂଚନା ମିଳିଛି। ଗୋଟିଏ ବାଇକ ଆରୋହୀ ମକର ଯାତ୍ରା ଦେଖିବାକୁ ଯାଉଥିବା ବେଳେ ଏହି ଦୁର୍ଘଟଣା ଘଟିଥିବା କୁହାଯାଉଛି।

### ଜାମୁପାଲିରେ ମକର ମିଳନ

ବଘିଆପଡା,୧୫।୧( ଶ୍ରୀକାନ୍ତ ସାହୁ)

ବୌଦ୍ଧ ଜିଲା ସଦର ବ୍ଲକ ବଘିଆପଡା ପଞ୍ଚାୟତ ଜାମୁପାଲିଠାରେ ବୌଦ୍ଧ ଜିଲା ଧାର୍ମିକ ଓ ସାଂସ୍କୃତିକ ସେବା ମହାସଂଘ ସହାୟତାରେ ଜାମୁପାଲି ମା’ କୃଷ୍ଣଗୁରୁ ମଣ୍ଡଳୀ ଆୟୋଜନକ୍ରମେ ମକର ମିଳନ ଉତ୍ସବ ମଙ୍ଗଳବାର ଅନୁଷ୍ଠିତ ହୋଇଯାଇଛି। ଏଥିରେ ମୁଖ୍ୟକର୍ତ୍ତା ଭାବେ ଅରୁଣ କୁମାର ସାହୁ ଓ ସଞ୍ଜୟ କୁମାର ଭୋକ୍ତା ପୂଜାକାର୍ଯ୍ୟ ତୁଲାଇଥିବା ବେଳେ ମା’ କୃଷ୍ଣ ଗୁରୁ ଦଳ ସହଯୋଗ କରିଥିଲେ। ମୁଖ୍ୟଅତିଥି ଭାବେ ସାହିତ୍ୟିକ ସତ୍ୟଜିତ ପଣ୍ଡା ଯୋଗଦେଇ ମକର ମିଳନ ଓ ଭାଇଚାରା ସୃଷ୍ଟି ହୋଇପାରୁଥିବା କଳା, ସଂସ୍କୃତି, ଆଧ୍ୟାତ୍ମିକତାକୁ ବଞ୍ଚେଇ ରଖିବା ପାଇଁ ପରାମର୍ଶ ଦେଇଥିଲେ । ମୁଖ୍ୟବକ୍ତା ଭାବେ ସାମାଜିକ କର୍ମୀ କୃତ୍ତିବାସ ପଲିଆ ଯୋଗଦେଇ ସନାତନ ହିନ୍ଦୁ ଧର୍ମରେ ମକର ସଂକ୍ରାନ୍ତିର ଆଭିମୁଖ୍ୟ ଉପରେ କହିଥିଲେ। ସମ୍ମାନିତ ଅତିଥି ଭାବେ ଉତ୍କଳ ସମ୍ମିଳନୀ ବୌଦ୍ଧ ଶାଖାର ସମ୍ପାଦକ ତଥା ଶିକ୍ଷକ ଗୋପାଳ ଅମାତ, ଅନ୍ୟତମ ଅତିଥି ଶିକ୍ଷୟିତ୍ରୀ ରଞ୍ଜିତା ପ୍ରଧାନ ଓ ବୌଦ୍ଧ ବ୍ଲକ କୃଷ୍ଣଗୁରୁ ମହାସଂଘର ମୁଖ୍ୟ ଅକ୍ଷୟ କୁମାର ବିଁଶି ଯୋଗଦେଇ ମକର ମିଳନ ଉପରେ ଆଲୋକପାତ କରିଥିଲେ। ଉକ୍ତ କାର୍ଯ୍ୟକ୍ରମକୁ ସଭାପତିତ୍ୱ ଓ ସଂଯୋଜନା କରିଥିଲେ ବୌଦ୍ଧ ଜିଲା ଧାର୍ମିକ ଓ ସାଂସ୍କୃତିକ ମହାସଂଘ ପ୍ରତିଷ୍ଠାତା ସମ୍ପାଦକ ଅରୁଣ କୁମାର ମେଣ୍ଡିଲି। ଏହି ଅବସରରେ ବୌଦ୍ଧ ଶାନ୍ତିଦେବୀ ଏଣ୍ଟରପ୍ରାଇଜେସ ତରଫରୁ କୁନି କୁନି ପିଲାଙ୍କୁ ଶୀତ ବସ୍ତ୍ର ପ୍ରଦାନ କରାଯାଇଥିଲା।

### ସାଧାରଣତନ୍ତ୍ର ଦିବସ ପାଳନ ପ୍ରସ୍ତୁତି ବୈଠକ

ଡୁଙ୍ଗୁରିପାଲି,୧୫।୧(ଦୀନବନ୍ଧୁ ସୁନା)

ସୁବର୍ଣ୍ଣପୁର ଜିଲା ଡୁଙ୍ଗୁରିପାଲି ବ୍ଲକ ସଭାଗୃହରେ ବୁଧବାର ସାଧାରଣତନ୍ତ୍ର ଦିବସ ପାଳନକୁ ନେଇ ଏକ ପ୍ରସ୍ତୁତି ବୈଠକ ଅନୁଷ୍ଠିତ ହୋଇଯାଇଛି। ବିଡିଓ ଦିଲୀପ କୁମାର ବାଡାଙ୍କ ଅଧକ୍ଷତାରେ ଅନୁଷ୍ଠିତ ସଭାକୁ ଏବିଡ଼ିଓ ଆନନ୍ଦ ଚନ୍ଦ୍ର ମିଶ୍ର ପରିଚାଳନା କରିଥିଲେ । ବିପ୍ରଚରଣ ସାହୁ ଆସନ୍ତା ସାଧରଣତନ୍ତ୍ର ଦିବସ ସୁଚାର ପାଳନ ଉପରେ ପ୍ରାରମ୍ଭିକ ସୂଚନା ପ୍ରଦାନ କରିଥିଲେ । ବ୍ଲକ ଉପାଧକ୍ଷ ମକରଧଜ ସାହୁ, ସିଡିପିଓ ସୁକାନ୍ତି ବେହେରା, ଏବିଓ ଜଗତ ମଲ୍ଲିକ, ଅଗ୍ନିଶ୍ରମ ବିଭାଗ ହାବିଲଦାର ପ୍ରଦୀପ ପଟେଲ, ଡୁଙ୍ଗୁରିପାଲି ଆଥେଲେଟି ଆସୋସିଏଶନର ଧର୍ମେନ୍ଦ୍ର ବିଶ୍ୱାଳ, ଧିରେନ କୁମାର ବର୍ଗର୍ତ୍ତୀ, ସରସତୀ ଶିଶୁ ବିଦ୍ୟା ମନ୍ଦିର ପ୍ରଧାନ ଆଚାର୍ଯ୍ୟ ବିଭୁତିଭୂଷଣ ପଣ୍ଡ, ଖେଳଶିକ୍ଷକ ଦେବରାଜ ସେଠ, ଗୁରୁଜୀ ପଲସ୍ତି ହୋତା, ଶିକ୍ଷକ କରମଚାନ୍ଦ ବାରିକ, ଯନ୍ତ୍ରୀ ହିମାଦ୍ରୀ ପଧାନ, ଗଣମାଧ୍ୟମ ପ୍ରତିନିଧି, ବିଭିନ୍ନ ଅନୁଷ୍ଠାନ ବ୍ୟକ୍ତିବିଶେଷ ଉପସ୍ଥିତ ଥିଲେ। ସଭାକାର୍ଯ୍ୟ ପରିଚାଳନା କନେଇ ଶିକ୍ଷକ ସୁକୁମାର ପଟେଲଙ୍କୁ ସର୍ବନିମ୍ପତ୍ତି କ୍ରମେ ପ୍ରସ୍ତାବ ନିଆଯାଇଥିଲା। ସଭାରେ ସାଧାରଣତନ୍ତ୍ର ଦିବସ ଅବସରରେ ସଙ୍ଗୀତ,ବକ୍ତୃତା, ପ୍ରବନ୍ଧ, ସାଧାରଣ ଜ୍ଞାନ ଆଦି ପ୍ରତିଯୋଗିତା ହେବ। ସାଧାରଣତନ୍ତ୍ର ଦିବସରେ ଭୋର ୪ଟାରେ ରାମଧୂନ ଓ ପରେ ଗୋଷ୍ଠି ଶିକ୍ଷାକାର୍ଯ୍ୟାଳୟ ସମ୍ମୁଖରେ ଥିବା ସଂଗ୍ରାମୀ ମଣ୍ଡପ ପଡ଼ିଆରେ ସାମୂହିକ ପତାକା ଉତ୍ତୋଳନ ସହ ଛାତ୍ରୀଛାତ୍ରଙ୍କ ପରେଡ ଅନୁଷ୍ଠିତ ହେବ ବୋଲି ଆଲୋଚନା କରାଯାଇଥିଲା। ବୈଠକକୁ ବିଏସଏସଓ କ୍ଷୀରୋଦଭୂଷଣ ରାୟ ଧନ୍ୟବାଦ ଅର୍ପଣ କରିଥିଲେ।

# ଉଠୁନି ଧାନ, ଜଗି ବସିଛନ୍ତି ଚାଷୀ

ଅମରପାଲି,୧୫।୧(ପୀତାମ୍ବର ସାହୁ)


କୋଟସମଲାଇ ମଣ୍ଡିରେ ପଡ଼ି ରହିଥିବା ଧାନ ପ୍ୟାକେଟ।

**କୋଟସମଲାଇ ମଣ୍ଡି ପଡ଼ିଛି ୧୨୬ ଚାଷୀଙ୍କ ୧୧ହଜାର ୭୪୨ ପ୍ୟାକେଟ**

ସୁବର୍ଣ୍ଣପୁର ଜିଲା ଉଲୁଣ୍ଡା ବ୍ଲକ କୋଟସମଲାଇ ମଣ୍ଡିରେ ଦେଖା ଦେଇଛି ଅଚଳାବସ୍ଥା। ମଣ୍ଡିରେ ପ୍ରାୟ ୧୧ହଜାରରୁ ଅଧିକ ଧାନବସ୍ତା ପଡ଼ି ରହିଛି। କୋଟସମଲାଇ ମଣ୍ଡିରେ ସମଲେଶ୍ୱରୀ ମହିଳା ଗ୍ରୁପକୁ ଧାନକିଣା ଦାୟିତ୍ୱ ଦିଆଯାଇଛି । ଗତ ୨୫ ତାରିଖରୁ ଧାନ କିଣା ଆରମ୍ଭ ହେଲାଣି। ମାତ୍ର ଉକ୍ତ ମଣ୍ଡିରୁ ଧାନ ଠିକ୍‌ରେ କ୍ରୟ ହୋଇ ପାରୁନାହିଁ। ବର୍ତ୍ତମାନ ପର୍ଯ୍ୟନ୍ତ ୧୨୬ ଜଣ ଚାଷୀଙ୍କ ୧୧ହଜାର ୭୪୨ ପ୍ୟାକେଟ ଧାନ ବିକ୍ରୟ ପାଇଁ ମଣ୍ଡିରେ ପଡିରହିଛି। ଅବଧି ପର୍ଯ୍ୟନ୍ତ ୧୨୫୯୨ କୁଇଣ୍ଟାଲ ଧାନ ବିକ୍ରୟ ହୋଇସାରିଛି। ମଣ୍ଡିରେ କୋଟସମଲାଇର ସୁରେଶ ଅମାତ, ତପସ୍ୱିନୀ ବାରକୁଟିଆ, ସୁଭାଷିନୀ ମନ୍ତ୍ରୀ, ସୁରେଶ ଦେହୁରୀ, ବିମଳ ହୋତାଙ୍କ ସମେତ ଆହୁରି ଅନେକ ଚାଷୀଙ୍କ ଧାନ ପଡ଼ି ରହିଛି। ଏମାନେ ଶୀତ କାକରରେ ରାତିରେ ମଣ୍ଡିରେ ଜଗିବାକୁ ପଡୁଥିବା ଅଭିଯୋଗ ହେଉଛି।

ଚଳିତ ବର୍ଷ ମଣ୍ଡିରୁ ସୁବିଧାରେ ଧାନ କିଣା ହେବ ବୋଲି ସରକାର ପ୍ରତିଶ୍ରୁତି ଦେଇଥିଲେ। ହେଲେ କୋଟସମଲାଇ ମଣ୍ଡିରୁ ଧାନକିଣାରେ ଅବ୍ୟବସ୍ଥା ଦେଖା ଦେବାରୁ ଚାଷୀ ମହଲରେ ତୀବ୍ର ପ୍ରତିକ୍ରିୟା ପ୍ରକାଶ ପାଇଛି। ଏବେ କିଛି ଦିନ ହେଲା ମଣ୍ଡିକୁ ଆବଶ୍ୟକ ଭାବେ ଗାଡ଼ି ଆସୁନାହିଁ। ମିଲର୍ସ ଗାଡ଼ି ପଠାଉ ନ ଥିବାରୁ ଚାଷୀଙ୍କ ଧାନ ଉଠୁ ନ ଥିବା ଅଭିଯୋଗ ହେଉଛି। ଆସନ୍ତା ଦିନେ ଦୁଇଦିନ ଭିତରେ ଧାନ କିଣା ନ ହେଲେ କେତେକ ଚାଷୀଙ୍କ ଟୋକେନ ଲାପ୍ସ ହେବ ବୋଲି ସୂଚନା ମିଳିଛି । ଚାଷୀମାନେ ଅଭିଯୋଗ କଲେ ବି କେହି ଶୁଣୁ ନାହାନ୍ତି। ଦିନେ ଦୁଇଦିନ ମଧ୍ୟରେ ଧାନ ନ ଉଠିଲେ ଆନ୍ଦୋଳନ ତଥା ରାସ୍ତାରୋକୋ କରାଯିବ ବୋଲି ଚାଷୀମାନେ ଚେତାବନୀ ଦେଇଛନ୍ତି। ଏନେଇ ଏଆରସିଏସ ଗିରିଶ ପୁରୋହିତଙ୍କୁ ପଚାରିବାରୁ ଆମେ ଉକ୍ତ ମଣ୍ଡିରୁ ଧାନ ଉଠାଇବା ପାଇଁ ତତ୍ପର ଅଛୁ। ଆଜି ତିନିଟି ଗାଡ଼ି ଲାଗିଛି ଓ ଧାନ ଲୋଡ ହେଉଥିବା ପ୍ରକାଶ କରିଛନ୍ତି। ତେବେ ପ୍ରଶାସନ ଉକ୍ତ ସମସ୍ୟା ପ୍ରତି ଦୃଷ୍ଟି ଦେଇ ତୁରନ୍ତ ଏହାର ସମାଧାନ କରିବାକୁ ସାଧାରଣରେ ଦାବି ହେଉଛି।

# ସାହିତ୍ୟ ଓ ସାଂସ୍କୃତିକ ସଂସଦର ମକର ମିଳନ


ଅତିଥିମାନେ କୃତୀ ପ୍ରତିଭାଙ୍କୁ ସମ୍ବର୍ଦ୍ଧିତ କରୁଛନ୍ତି।

ଡୁଙ୍ଗୁରିପାଲି, ୧୪।୧(ଦୀନବନ୍ଧୁ ସୁନା)

ସୁବର୍ଣ୍ଣପୁର ଜିଲା ଡୁଙ୍ଗୁରିପାଲି ସାହିତ୍ୟ ଓ ସାଂସ୍କୃତିକ ସଂସଦ ପକ୍ଷରୁ ଡୁଙ୍ଗୁରିପାଲିବସ୍ତି ଦୁର୍ଗାମଣ୍ଡପସ୍ଥିତ କଲ୍ୟାଣ ମଣ୍ଡପ ପରିସରରେ ମକର ମିଳନ ପାଳିତ ହୋଇଯାଇଛି। ମୁଖ୍ୟ ଅତିଥିଭାବେ କଣ୍ଟାବାଞ୍ଜି କେଭି ଡିଗ୍ରୀ ମହାବିଦ୍ୟାଳୟର ସ୍ନାତକୋତ୍ତର ଓଡ଼ିଆ ଭାଷା ଓ ସାହିତ୍ୟ ବିଭାଗ ମୁଖ୍ୟ ଡ଼.ସଞ୍ଜୟ କୁମାର ମିଶ୍ର, ମୁଖ୍ୟବକ୍ତାଭାବେ ବରଗଡ ପାର୍ବତୀଗିରି ମହିଳା ମହାବିଦ୍ୟାଳୟର ଓଡ଼ିଆ ବିଭାଗ ଅଧ୍ୟାପିକା ସଂଘମିତ୍ରା ମିଶ୍ର ଯୋଗଦେଇ ମକର ମିଳନ ପାଳନର ତାତ୍ପର୍ଯ୍ୟ ଉପରେ ଆଲୋକପାତ କରିଥିଲେ। ସାହିତ୍ୟ ଓ ସାଂସ୍କୃତିକ ସଂସଦ ସଭାପତି ଡ଼ ସୁବାଷ ପାତ୍ରଙ୍କ ଅଧକ୍ଷତାରେ ଅନୁଷ୍ଠିତ ସଭାରେ ସଂସଦର ସମ୍ପାଦକୀୟ ବିବରଣୀ ଉପସ୍ଥାପନା କରିଥିଲେ ଅମୂଲ୍ୟ ବେହେରା। ପ୍ରଥମ ଅଧିବେଶନରେ ଉଦ୍‌ଘାଟନୀ ପର୍ବସହ ବିଭିନ୍ନ ଅଞ୍ଚଳରୁ ଆସିଥିବା କବିମାନେ ମକର ସଂସକ୍ରାନ୍ତ ମକର ମିଳନକୁ ନେଇ କବିତା ପାଠ କରିଥିଲେ। ଦ୍ୱିତୀୟ ଅଧିବେଶନରେ ସଙ୍ଗୀତକାର ତଥା ତବଲା ବାଦକ ସୁନାପାଲିର ପ୍ରମୋଦ କୁମାର ଭୋଇଙ୍କୁ ଅତିଥିମାନେ ଉପଢ଼ୌକନ ଓ ମାନପତ୍ର ଦେଇ ସମ୍ବର୍ଦ୍ଧିତ କରିଥିଲେ। ଅତିଥି ପରିଚୟ ପ୍ରଦାନ କରିଥିଲେ ଶୁଭଲାଲ ସାହୁ। ବିପ୍ରଚରଣ ସାହୁ ଧନ୍ୟବାଦ ଅର୍ପଣ କରିଥିଲେ।

# ୨୪ ଘଣ୍ଟା ବିତିଲା, ପୋଲିସ ହାତ ଖାଲି

ସୋନପୁର,୧୫।୧(ମୃତ୍ୟୁଞ୍ଜୟ ଶତପଥୀ)


ଏସ୍‌ପି ରାମପ୍ରସାଦ ସାହୁ ଘଟଣାସ୍ଥଳରେ ଅନୁଧାନ କରୁଛନ୍ତି।

**ବନ୍ଧୁକ ମୁନରେ ବ୍ୟବସାୟୀଙ୍କଠାରୁ ଲୁଟ୍ ଘଟଣା**

ସୁବର୍ଣ୍ଣପୁର ଜିଲା ଧର୍ମଶାଳା–ଯାଲୋଏ ରାସ୍ତାରେ ବନ୍ଧୁକ ଦେଖାଇ ବ୍ୟବସାୟୀ ନୀଳାମ୍ବର ମହାପାତ୍ର(୩୩)ଙ୍କ ନିକଟରୁ ମଙ୍ଗଳବାର ସନ୍ଧ୍ୟାରେ ଲକ୍ଷାଧିକ ଟଙ୍କା ଲୁଟ୍ ହୋଇଥିଲା । ଲୁଟେରାମାନେ ବନ୍ଧୁକ ମୁନରେ ବ୍ୟବସାୟୀଙ୍କୁ ଭୟଭୀତ କରିବା ସହ ମରଣାନ୍ତକ ଆକ୍ରମଣ କରିଥିଲେ। ଏହା ପୋଲିସ ପ୍ରତି ଖୋଲା ଚ୍ୟାଲେଞ୍ଜ ସଦୃଶ ଥିଲା । ତେବେ ଘଟଣାର ୨୪ ଘଣ୍ଟା ବିତି ଯାଇଥିଲେ ମଧ୍ୟ ବୀରମହାରାଜପୁର ପୋଲିସ ଅଭିଯୁକ୍ତଙ୍କୁ ଧରିବାରେ ବିଫଳ ହୋଇଛି। ଅନ୍ୟପକ୍ଷେ ଜିଲାରେ ଅସାମାଜିକ ଓ ଆପରାଧିକ କାର୍ଯ୍ୟକଳାପ ବୃଦ୍ଧି ପାଇଥିବାରୁ ପୋଲିସର ପଦକ୍ଷେପକୁ ନେଇ ଅସନ୍ତୋଷ ପ୍ରକାଶ ପାଇଛି। ଲେହେଡି ଗାଁର ନୀଳାମ୍ବର ଧର୍ମଶାଳା ଛକରେ ଜନସେବା କେନ୍ଦ୍ର ଖୋଲିଛନ୍ତି। ସବୁଦିନ ଭଳି ସନ୍ଧ୍ୟା ୭ଟାରେ କେନ୍ଦ୍ର ବନ୍ଦ କରି ଲେହେଡି ସ୍ଥିତ ନିଜ ଘରକୁ ବାଇକ୍‌ରେ ଫେରୁଥିଲେ। ଏହି ସମୟରେ ପୂର୍ବରୁ ଜଗି ରହିଥିବା ୩ ଜଣ ଲୁଟେରା ରାସ୍ତାରେ ନୀଳାମ୍ବରଙ୍କୁ ଅତର୍କିତ ଆକ୍ରମଣ କରିଥିଲେ। ନୀଳାମ୍ବର ଧରିଥିବା ଟଙ୍କା ବ୍ୟାଗ୍, ଲାପ୍‌ଟପ ଓ ମୋବାଇଲକୁ ଜୋର ଜବରଦସ୍ତି ଛଡାଇବା ପାଇଁ ସେମାନେ ଉଦ୍ୟମ କରିଥିଲେ। ନୀଳାମ୍ବର ପ୍ରତିରୋଧ କରିବାରୁ ଲୁଟେରାମାନେ ତାଙ୍କ ମୁଣ୍ଡକୁ ବନ୍ଧୁକ ବର୍ନେଟରେ ଆଘାତ କରିଥିଲେ। ଅନ୍ୟଜଣେ ଭୁଜାଲିରେ ଶରୀରର ବିଭିନ୍ନ ସ୍ଥାନରେ ଆକ୍ରମଣ କରି ଚାଲିଥିଲେ। ନୀଳାମ୍ବର କୌଶଳକ୍ରମେ ଧର୍ମଶାଳା ଛକକୁ ପଳାଇ ଆସିଥିଲେ। ସ୍ଥାନୀୟ ଲୋକ ନୀଳାମ୍ବରଙ୍କୁ ଉଦ୍ଧାର କରି ଜିଲା ମୁଖ୍ୟ ଡାକ୍ତରଖାନାରେ ଭର୍ତ୍ତି କରିଥିଲେ। ତାଙ୍କ ମୁଣ୍ଡରେ ଗଭୀର କ୍ଷତ ସୃଷ୍ଟି ହୋଇଥିଲା। ତାଙ୍କ ମୁଣ୍ଡରେ ୧୭ଟି ଷ୍ଟିଚ୍ ପଡିଛି। ସୂଚନା ପାଇ ବୀରମହାରାଜପୁର ବିଧାୟକ ଇଂ. ରଘୁନାଥ ଜଗଦଲା ଡାକ୍ତରଖାନାରେ ପହଞ୍ଚି ନୀଳାମ୍ବରଙ୍କ ସ୍ୱାସ୍ଥ୍ୟବସ୍ଥା ପଚାରି ବୁଝିବା ସହ ଅଭିଯୁକ୍ତଙ୍କୁ ଶୀଘ୍ର ଧରିବା ପାଇଁ ପୋଲିସକୁ ନିର୍ଦ୍ଦେଶ ଦେଇଥିଲେ। ଅନ୍ୟପକ୍ଷେ ଅଭିଯୋଗ ପାଇ ହିକୁଡି ଫାଣ୍ଡି ପୋଲିସ ଘଟଣାସ୍ଥଳରୁ ଏକ ଜୀବନ୍ତ ଗୁଳି ଜବତ କରିଥିଲା। ପୋଲିସ ତନାଘନା ଜାରି ରଖିଥିଲେ ମଧ୍ୟ ଅଭିଯୁକ୍ତଙ୍କୁ ଧରି ପାରିନାହିଁ। ତେବେ ଲୁଟେରାମାନେ ସ୍ଥାନୀୟ ଅଞ୍ଚଳର କିମ୍ବା ବାହାରୁ ଆସି ବାଇକ୍‌ରେ ଫେରାର ହୋଇ ଯାଇଛନ୍ତି ତାହା ସ୍ପଷ୍ଟ ହୋଇପାରିନି। ବୁଧବାର ଏସ୍‌ପି ରାମ ପ୍ରସାଦ ସାହୁ ଘଟଣାସ୍ଥଳକୁ ଯାଇ ସମସ୍ତ ଦିଗକୁ ଅନୁଧ୍ୟାନ କରିଛନ୍ତି। ଏ ସମ୍ପର୍କରେ ବୀରମହାରାଜପୁର ଆଇଆଇସି ଶୋଭାଙ୍କର ସେଠ୍ କୁହନ୍ତି, ସିସିଟିଭି ଫୁଟେଜ୍ ଗୁଡିକୁ ଯାଞ୍ଚ କରାଯିବା ସହ ବିଭିନ୍ନ ଦିଗକୁ ନେଇ ତଦନ୍ତ ଜାରି ରହିଛି। ଖୁବ୍‌ଶୀଘ୍ର ଲୁଟେରାଙ୍କୁ ଧରାଯିବ ବୋଲି ସେ ଦୃଢୋକ୍ତି ପ୍ରକାଶ କରିଛନ୍ତି।

# ନାବାଳିକାଙ୍କ ମୃତଦେହ ନେବା ପାଇଁ ମହାପ୍ରୟାଣ ଗାଡ଼ି ନ ମିଳିବାରୁ ଉତ୍ତେଜନା

**ବାଉଁଶୁଣୀ ଡାକ୍ତରଖାନା**

ବାଉଁଶୁଣୀ,୧୫।୧(ଦେବାଶିଷ ନେପାକ)

ବୁଧବାର ବୌଦ୍ଧ ଜିଲା ବାଉଁଶୁଣୀ ଡାକ୍ତରଖାନାରେ ଏକ ଅଭାବନୀୟ ଘଟଣା ଦେଖିବାକୁ ମିଳିଥିଲା। ମହାପ୍ରୟାଣ ଗାଡି ନ ମିଳିବାରୁ ଜଣେ ନାବାଳିକାଙ୍କ ମୃତଦେହ ୫ ଘଣ୍ଟାରୁ ଊର୍ଦ୍ଧ୍ୱ ସମୟ ଧରି ପଡି ରହିବା ଫଳରେ ଡାକ୍ତରଖାନା ପରିସରରେ ଉତ୍ତେଜନା ପ୍ରକାଶ ପାଇଥିଲା। ମିଳିଥିବା ସୂଚନା ଅନୁଯାୟୀ, କଣ୍ଟାମାଳ ବ୍ଲକ ବରଗୋଛା ପଞ୍ଚାୟତ ଅନ୍ତର୍ଗତ ଚଉରାବାହାଲ ଗ୍ରାମର ଅଚ୍ୟୁତ ବାରିକଙ୍କ ନାବାଳିକା ଝିଅ ରିଶ୍ମାଙ୍କ ଦେହ ଖରାପ ଥିବାରୁ ସକାଳ ୮ ଟା ସମୟରେ ତାଙ୍କୁ ବାଉଁଶୁଣୀ ଡାକ୍ତରଖାନାରେ ଭର୍ତ୍ତି କରାଯାଇଥିଲା। ହେଲେ ଡାକ୍ତର ତାଙ୍କୁ ମୃତ ଘୋଷଣା କରିବା ସହ ସ୍ଥାନୀୟ ପୋଲିସକୁ ଖବର ଦେଇଥିଲେ। ଘଟଣାସ୍ଥଳରେ ପୋଲିସ ପହଞ୍ଚି ତଦନ୍ତ ଆରମ୍ଭ କରିଥିଲା। ହେଲେ ଡାକ୍ତରଖାନା ମହାପ୍ରୟାଣ ଗାଡ଼ିର ଡ୍ରାଇଭର ନ ଥିବା କହି ମୃତଦେହକୁ ଅଟକାଇ ରଖାଯିବାରୁ ପରିବାରବର୍ଗ ଓ ସ୍ଥାନୀୟ ଲୋକଙ୍କ ମଧ୍ୟରେ ଉତ୍ତେଜନା ପ୍ରକାଶ ପାଇଥିଲା । ଅଧିକ ଡେରି ହେଲେ ରାସ୍ତାରୋକୋ କରିବେ ବୋଲି ଉତ୍ୟକ୍ତ ଲୋକେ ଚେତାବନୀ ଦେଇଥିଲେ। ଏହାର କିଛି ସମୟ ପରେ ବୌଦ୍ଧ ଡାକ୍ତରଖାନାରୁ ମହାପ୍ରୟାଣ ଗାଡ଼ି ଆସିବା ପରେ ବାଉଁଶୁଣୀ ପୋଲିସ ମୃତଦେହ ଜବତ କରି ବ୍ୟବଚ୍ଛେଦ ପାଇଁ ବୌଦ୍ଧ ମୁଖ୍ୟ ଚିକିତ୍ସାଳୟକୁ ନେଇଥିଲେ। ପୋଲିସ ଏକ ମାମଲା ରୁଜୁ କରି ଅଧିକ ତଦନ୍ତ ଜାରି ରଖିଥିବା ଥାନା ଅଧିକାରୀ ଅଞ୍ଜଳି ବିଶାଳ କହିଛନ୍ତି।

# ବୀରମହାରାଜପୁର ପଞ୍ଚାୟତ ସମିତି ବୈଠକ

ଅମରପାଲି,୧୫।୧(ପୀତାମ୍ବର ସାହୁ)

ସୁବର୍ଣ୍ଣପୁର ଜିଲା ବୀରମହାରାଜପୁର ପଞ୍ଚାୟତ ସମିତିର ବୈଠକ ବ୍ଲକ ସଭାଗୃହରେ ବୁଧବାର ଅନୁଷ୍ଠିତ ହୋଇଯାଇଛି। ବ୍ଲକ ଅଧକ୍ଷା ଶାନ୍ତି ଲୁହାଙ୍କ ପୌରୋହିତ୍ୟରେ ଅନୁଷ୍ଠିତ ବୈଠକରେ ବିଡ଼ିଓ ସୁଶ୍ରୀ ପ୍ରିୟଦର୍ଶିନି ମିର୍ଦ୍ଧା ସ୍ୱାଗତ ଭାଷଣ ଦେଇଥିଲେ। ବୈଠକରେ ବିଧାୟକ ଇଂ .ରଘୁନାଥ ଜଗଦଲା, ବ୍ଲକ ଅଧକ୍ଷା ଶାନ୍ତି ଲୁହା, ବ୍ଲକ ଉପାଧକ୍ଷ ନାରାୟଣ ଲୁହା, ସମସ୍ତ ସରପଞ୍ଚ, ସମିତି ସଭ୍ୟ, ଜିଲା ପରିଷଦ ସଭ୍ୟ ଲବ କୁମାର ସହୁ ଓ ବିଭିନ୍ନ ବିଭାର ଅଧିକାରୀ ଯୋଗଦେଇ ବିଭିନ୍ନ ପ୍ରସଙ୍ଗ ଉପରେ ଆଲୋଚନା କରିଥିଲେ। ବୀରମହାରାଜପୁର ଡାକ୍ତରଖାନାରେ ଜଣେ ମେଡ଼ିସିନ ବିଶେଷଜ୍ଞଙ୍କୁ ନିଯୁକ୍ତି ଦେବା ନେଇ ମନ୍ତ୍ରୀ ପ୍ରତିଶ୍ରୁତି ଦେଇଥିବା ବିଧାୟକ କହିଥିଲେ। ଧାନ ବିହନ ଗଜା ନ ହେବାରୁ କ୍ଷତିଗ୍ରସ୍ତ ଚାଷୀଙ୍କୁ କ୍ଷତିପୂରଣ ପ୍ରଦାନ କରିବାକୁ ଜିଲା ପରିଷଦ ସଭ୍ୟ ସାହୁ ଦାବି କରିଥିଲେ। ଏହା ସହିତ ବ୍ଲକ ପ୍ରାୟ ଅଧିକାଂଶ ମଣ୍ଡିରେ ଅଚଳାବସ୍ଥା ଲାଗି ରହିଥିବା ଯୋଗୁ ଚାଷୀଙ୍କ ଧାନ ଉଠି ପାରୁ ନାହିଁ। ଏଣୁ ମଣ୍ଡିରୁ ତୁରନ୍ତ ଚାଷୀଙ୍କ ଧାନ ଉଠାଇବାର ବ୍ୟବସ୍ଥା କରିବାକୁ ସାହୁ ଦାବି କରିଥିଲେ। ବ୍ଲକ ଉପାଧକ୍ଷ ନାରାୟଣ ଲୁହା ଉଠା ଦୋକାନୀଙ୍କ ପାଇଁ ନୂତନ ଷ୍ଟଲ କରିବା ପାଇଁ ଜାଗା ଯୋଗାଇ ଦେବାକୁ ତହସିଲଦାରଙ୍କୁ ଦାବି କରିଥିଲେ। ଏହା ସହିତ ଉକ୍ତ ବୈଠକରେ ସ୍ୱାସ୍ଥ୍ୟ, ପାନୀୟ ଜଳ, ବାର୍ଦ୍ଧକ୍ୟ ଭତ୍ତା ଓ ସାମାଜିକ ସୁରକ୍ଷା ସହାୟତା , ପିଡିଏସ ଏବଂ ଉନ୍ନୟନ କାର୍ଯ୍ୟ ବିଷୟରେ ଆଲୋଚନା ହୋଇଥିଲା।

# ବର୍ଦ୍ଧିତ ସାମାଜିକ ସୁରକ୍ଷା ଭତ୍ତା ବଣ୍ଟନ



ବିନିକା ଏନ୍‌ଏସି କାର୍ଯ୍ୟାଳୟରେ ଭତ୍ତା ଭଣ୍ଟନ କରାଯାଉଛି।

ବିନିକା,୧୫।୧(ରାମ ଗୋପାଳ ବାଘ)

ସୁବର୍ଣ୍ଣପୁର ଜିଲା ବିନିକା ଏନଏସି ଅଫିସରେ ବୁଧବାର ବର୍ଦ୍ଧିତ ସାମାଜିକ ସୁରକ୍ଷା ମଧୁବାବୁ ଭତ୍ତା ପ୍ରଦାନ କରାଯାଇଛଇ। ୮୦ ବର୍ଷରୁ ଅଧିକ ୨୪ଜଣ ବୃଦ୍ଧାବୃଦ୍ଧ ଓ ୮୦ ପ୍ରତିଶତରୁ ଊର୍ଦ୍ଧ୍ୱ ୧୮ ଭିନ୍ନକ୍ଷମଙ୍କୁ ୩୫୦୦ ଲେଖାଏ ଭତ୍ତା ବଣ୍ଟନ କରାଯାଇଥିଲା। ନଗରପାଳ ସୁବାଷ ଚନ୍ଦ୍ର ଭୁଏ, ଉପାଧାକ୍ଷା ତପସ୍ୱିନୀ ମେହେର, କାର୍ଯ୍ୟନିର୍ବାହୀ ଅଧିକାରୀ ସତ୍ୟନାରାୟଣ ପଧାନ, ସିଓ ସମିତା ବାରିକ, ପିଏ ସରୋଜ ମେହେର ଭତ୍ତା ବଣ୍ଟନ କରିଥିଲେ ।

# ଦୁଇ ଦୁଇଟି ଏଟିଏମ୍ ଭାଙ୍ଗି ଲୁଟ୍: ପୋଲିସର ଛାନ୍‌ଭିନ୍

ବୌଦ୍ଧ,୧୫।୧(ଅଜିତ କୁମାର ବାରିକ)

ବୌଦ୍ଧ ଜିଲାରେ ଚୋରମାନେ ପୋଲିସକୁ ଖୋଲା ଚାଲେଞ୍ଜ ଦେଉଥିବା ଦେଖିବାକୁ ମିଳିଛି। ଜିଲାରେ ଚୋରି ଏକ ନିତିଦିନିଆ ଘଟଣା ପାଲଟିଛି। ବୁଧବାର ଦିନ ଚୋରମାନେ ବୌଦ୍ଧ ଥାନା ଅଞ୍ଚଳର ଦୁଇଗୋଟି ଏଟିଏମ୍ କାଟି ଲକ୍ଷାଧିକ ଟଙ୍କା ଲୁଟି ନେଇଥିବା ଜଣାପଡିଛି। ବଢିଗାଁ ଛକରେ ଓ ହରଭଙ୍ଗା ବ୍ଲକର ବିରନରସିଂହପୁର ଠାରେ ଥିବା ଭାରତୀୟ ଷ୍ଟେଟ ବ୍ୟାଙ୍କର ଦୁଇ ଗୋଟି ଏଟିଏମକୁ କଟର ସାହାଯ୍ୟରେ କାଟି ଟଙ୍କା ଲୁଟି ନେଇ ଚୋରମାନେ ଫେରାର ହୋଇଯାଇଛନ୍ତି। ଖବରପାଇ ବୌଦ୍ଧ ପୋଲିସ ପହଞ୍ଚି ଛାନଭିନ କରିବା ସହ ସିସିଟିଭି ଯାଞ୍ଚ କରୁଛି । ଘଟଣା ସ୍ଥଳରେ ସାଇଣ୍ଟିଫିକ ଟମ୍ ପହଞ୍ଚି ତଦନ୍ତ ଆରମ୍ଭ କରିଛି। ସିସିଟିଭିରୁ ଚୋର ମାନେ ପଶ୍ଚିମବଙ୍ଗ ନମ୍ବର ଥିବା ଏକ ଗାଡି ଆଣିଥିବା ଜଣାପଡିଛି। ବୌଦ୍ଧ ପୋଲିସ ଚୋରକୁ ଧରିବାକୁ ଜୋରଦାର ଉଦ୍ୟମ ଚଳାଇଛି ।

# ସୋନପୁରକୁ ହରାଇ ମଙ୍ଗଳା କ୍ଲବ କଟକ ସେମିଫାଇନାଲରେ

ହରଭଙ୍ଗ,୧୫।୧(ନରେନ୍ଦ୍ର କୁମାର ସାହୁ)

**୨୧ତମ ତିଲେଶ୍ୱର କପ୍ ଫୁଟବଲ ଟୁର୍ନାମେଣ୍ଟ ଉଦ୍‌ଘାଟିତ**

ବୌଦ୍ଧ ଜିଲା ହରଭଙ୍ଗା ବ୍ଲକର ତିଲେଶ୍ୱର ଫକିର ଚରଣ ଖେଳପଡିଆରେ ବଜାର ଆସୋସିଏଶନ ତିଲେଶ୍ୱର ପକ୍ଷରୁ ୨୧ତମ ତିଲେଶ୍ୱର କପ୍ ରାଜ୍ୟସ୍ତରୀୟ ଫୁଟବଲ ଟୁର୍ନାମେଣ୍ଟ ବୁଧବାର ଦିନ ଉଦ୍‌ଘାଟିତ ହୋଇଛି। ଉଦ୍‌ଘାଟନୀ ଦିବସରେ ମୁଖ୍ୟଅତିଥି ଭାବେ ହରଭଙ୍ଗା ବ୍ଲକର ପୂର୍ବତନ ଅଧକ୍ଷ ସୁଶାନ୍ତ କୁମାର ପ୍ରଧାନ ଯୋଗ ଦେଇଥିଲେ। ସମ୍ମାନିତ ଅତିଥି ଭାବେ ହରଭଙ୍ଗା ବିଡିଓ ଶରତ ଚନ୍ଦ୍ର ସେଠୀ, ବ୍ଲକ ଉପାଧକ୍ଷ କାହ୍ନଚରଣ ନାଥ, ଲୁଣିବାହାଲ ସରପଞ୍ଚ ଚନ୍ଦ୍ରମା ପ୍ରଧାନ, ତିଲେଶ୍ୱର ଉଚ୍ଚ ବିଦ୍ୟାଳୟର ପ୍ରଧାନ ଶିକ୍ଷୟିତ୍ରୀ ସୁଜାତା ମାଝୀ, ତିଲେଶ୍ୱର ପଞ୍ଚାୟତର ସମିତିସଭ୍ୟ ସାବିତ୍ରୀ ବେହେରା ଯୋଗଦେଇ ଖେଳକୁ ଉଦ୍‌ଘାଟନ କରିବା ସହ ଖେଳାଳିମାନଙ୍କୁ ଉତ୍ସାହିତ କରିଥିଲେ। ଉଦଘାଟନୀ ମ୍ୟାଚ ମଙ୍ଗଳା କ୍ଲବ କଟକ ଓ ଶ୍ରୀୟାଂଶୁ ସ୍ପୋର୍ଟିଂ ସୋନପୁର ମଧ୍ୟରେ ଅନୁଷ୍ଠିତ ହୋଇଥିଲା । ଖେଳରେ ମଙ୍ଗଳା କ୍ଲବ କଟକ ଗୋଟିଏ ଗୋଲ ଦେଇ ବିଜୟୀ ହେବା ସହ ସେମିଫାଇନାଲରେ ପ୍ରବେଶ କରିଛି। ଖେଳକୁ ରେଫରି ପ୍ରଶାନ୍ତ ବେହେରା, ଶିବପ୍ରସାଦ ସାମନ୍ତରାୟ, ଜିତେନ୍ଦ୍ର ଥନାପତି ପରିଚାଳନା କରିଥିଲୋ ଚତୁର୍ଥ ରେଫରି ଭାବେ ସଲିଳ ବେହେରା କାର୍ଯ୍ୟ ତୁଲାଇଥିଲେ । ଖେଳକୁ ବଜାର ଆସୋସିଏଶନର ସଭାପତି ଅର୍ଜୁନ ପ୍ରଧାନ, ନାରାୟଣ ମହାନ୍ତି, ବିକାଶ ମିଶ୍ର, ଅଜିତ ମହାନ୍ତି, ଶୁଭ୍ରଜିତ ପ୍ରଧାନ ଓ ଆସୋସିଏଶନର ସମସ୍ତ କର୍ମକର୍ତ୍ତା ସହଯୋଗ କରିଥିଲେ। ଧାରା ବିବରଣୀ ସିମୁନ ନାଏକ ପ୍ରଦାନ କରିଥିଲେ। ଗୁରୁବାର ଦିନ ଜଗା ୟୁନାଇଟେଡ ଭୁବନେଶ୍ୱର ଓ ବରଗଡ ୟୁନାଇଟେଡ ବରଗଡ ମଧ୍ୟରେ ଅନୁଷ୍ଠିତ ହେବ ।


ଖେଳାଳି ଓ ଅତିଥି।

# ୬୦୫୦ ହିତାଧିକାରୀ ପାଇଲେ ୩୫୦୦ ଟଙ୍କା ଭତ୍ତା

ସୋନପୁର,୧୫।୧(ମୃତ୍ୟୁଞ୍ଜୟ ଶତପଥୀ)


ଜଣେ ବୃଦ୍ଧଙ୍କୁ ବର୍ଦ୍ଧିତ ଭତ୍ତା ପ୍ରଦାନ କରାଯାଉଛି।

**■ ୮୦ ବର୍ଷରୁ ଅଧିକ ବୟସର ୪୨୭୯ ଜଣ**

**■ ୮୦ ପ୍ରତିଶତରୁ ଊର୍ଦ୍ଧ୍ୱ ଭିନ୍ନକ୍ଷମ ୧୭୭୧ ଜଣ**

ରାଜ୍ୟ ସରକାର ମଧୁବାବୁ ଭତ୍ତା ଯୋଜନା ଓ ଜାତୀୟ ସାମାଜିକ ସୁରକ୍ଷା କାର୍ଯ୍ୟକ୍ରମ ଅଧିନରେ ଭତ୍ତା ୩୫୦୦ଟଙ୍କାକୁ ବୃଦ୍ଧି କରିଛନ୍ତି। ଜାନୁଆରୀ ୧୫ ତାରିଖରୁ ଏହି ବର୍ଦ୍ଧିତ ଭତ୍ତା ଲାଗୁ ହୋଇଛି। ୮୦ ବର୍ଷରୁ ଅଧିକ ବୟସର ନାଗରିକ ଏବଂ ୮୦ ପ୍ରତିଶତ କିମ୍ବା ତା ଠାରୁ ଅଧିକ ଭିନ୍ନକ୍ଷମ ଏହି ଯୋଜନାର ଲାଭାର୍ଥୀ ହେବେ। ଏହାଦ୍ୱାରା ସୁବର୍ଣ୍ଣପୁର ଜିଲାର ମୋଟ ୬ହଜାର ୫୦ଜଣ ବୃଦ୍ଧାବୃଦ୍ଧ ଓ ଭିନ୍ନକ୍ଷମ ହିତାଧିକାରୀ ଉପକୃତ ହେବେ। ଏଥିପାଇଁ ରାଜ୍ୟ ସାମାଜିକ ସୁରକ୍ଷା ଓ ଭିନ୍ନକ୍ଷମ ସଶକ୍ତିକରଣ ବିଭାଗ ଆନୁକୂଲ୍ୟରେ ସୁବର୍ଣ୍ଣପୁର ଜିଲା ପ୍ରଶାସନ ଦ୍ୱାରା ଟାଉନ ହଲଠାରେ ଜନସେବା ଦିବସ ଅବସରରେ ହିତାଧିକାରୀଙ୍କ ବର୍ଦ୍ଧିତ ଭତ୍ତା ବିତରଣ ସମାରୋହ ଅନୁଷ୍ଠିତ ହୋଇଥିଲା। ଜିଲାପାଳ ଅନ୍ୟା ଦାସ ଅତିଥି ଭାବେ ଯୋଗଦେଇ ସରକାରଙ୍କ ଏହି ଯୋଜନା ଦ୍ୱାରା ହିତାଧିକାରୀଙ୍କ ସାମଗ୍ରିକ ବିକାଶ ହେବା ସହିତ ସେମାନଙ୍କ ଜୀବନ ଧାରଣ କ୍ଷେତ୍ରରେ ଉନ୍ନତି ଆସିପାରିବ ବୋଲି ମତପ୍ରକାଶ କରିଥିଲେ। ଜିଲା ପରିଷଦ ଅଧକ୍ଷା ସୁପାର ଠେଲା ଅନ୍ୟତମ ଅତିଥି ଭାବେ ଯୋଗଦେଇ ଭତ୍ତା ବୃଦ୍ଧି ଦ୍ୱାରା ହିତାଧିକାରୀଙ୍କ ମୁହଁରେ ନିଶ୍ଚିତ ହସ ଫୁଟିବ ବୋଲି କହିଥିଲେ। ଜିଲାରେ ୪୨୭୯ ଜଣ ୮୦ ବର୍ଷ ବୟସରୁ ଅଧିକ ଓ ୧୭୭୧ ଜଣ ୮୦ ପ୍ରତିଶତ ବା ତା'ଠାରୁ ଅଧିକ ଭିନ୍ନକ୍ଷମ ଏହି ଯୋଜନାରେ ସାମିଲ ହୋଇଛନ୍ତି। ମୋଟ ୬୦୫୦ ହିତାଧିକାରୀ ମାସିକ ୧୨୦୦ଟଙ୍କା ବଦଳରେ ଏଣିକି ୩୫୦୦ ଟଙ୍କା ପାଇବେ ବୋଲି ସୂଚନା ଦିଆ ଯାଇଥିଲା। ଶୁଭାରମ୍ଭ କାର୍ଯ୍ୟକ୍ରମରେ ଅତିରିକ୍ତ ଜିଲାପାଳ ରାଜେନ୍ଦ୍ର ମାଝୀ, ଅଞ୍ଜଳିନା ପ୍ରଧାନ, ମୁଖ୍ୟ ଉନ୍ନୟନ ଅଧିକାରୀ ଅଶ୍ୱିନୀ ମେହେର, ଜିଲା ମୁଖ୍ୟ ଜନସ୍ୱାସ୍ଥ୍ୟ ଅଧିକାରୀ ଡାକ୍ତର ପ୍ରଦୀପ କୁମାର ଗୁରୁ, ସୋନପୁର ଉପଜିଲାପାଳ ଡ. ସୌମ୍ୟରୂପା ରଥ, ଭାଜପା ଜିଲା ସଭାପତି ପ୍ରମୋଦ କୁମାର ମହାପାତ୍ର ପ୍ରମୁଖ ଉପସ୍ଥିତ ରହି କିଛି ହିତାଧିକାରୀଙ୍କୁ ବର୍ଦ୍ଧିତ ଭତ୍ତାର ଡେମୋ ଚେକ୍ ପ୍ରଦାନ କରିଥିଲେ। ଜିଲା ସାମାଜିକ ସୁରକ୍ଷା ଅଧିକାରୀ ଗୋବିନ୍ଦ ବଲ୍ଲଭ ଷଡଙ୍ଗୀଙ୍କ ତତ୍ତ୍ୱାବଧାନରେ ଅନୁଷ୍ଠିତ ଜିଲାସ୍ତରୀୟ କାର୍ଯ୍ୟକ୍ରମକୁ ଦୁର୍ଗା ପ୍ରସାଦ ମହାପାତ୍ର ସଂଯୋଜନା କରିଥିଲେ।

**ସଂକ୍ଷେପରେ**

## ଟ୍ରେନ୍ ଦୁର୍ଘଟଣାରେ ଯୁବକ ମୃତ

ବଡ଼ଗାଁ, ୧୫।୧ (ଅଶୋକ ଷଡ଼ଙ୍ଗୀ)

ସୁନ୍ଦରଗଡ଼ ଜିଲା ବଡ଼ଗାଁ ବ୍ଲକ ଅଞ୍ଚଳର ଜଣେ ଯୁବକଙ୍କ ମଧ୍ୟ ପ୍ରଦେଶର ହର୍ଦ ରେଳ ଷ୍ଟେଶନ ଠାରେ ଟ୍ରେନ ଦୁର୍ଘଟଣାରେ ମୃତ୍ୟୁ ହୋଇଥିବା ସମ୍ପର୍କିତ ଏକ ଫୋଟ ମେସେଜ ସକାଳୁ ଘୁରି ବୁଲୁଛି। ତାଙ୍କ ନାମ ରଞ୍ଜିତ କୁଜୁର (୩୦)। ତାଙ୍କ ବାପାଙ୍କ ନାମ ପାଉଲୁସ କୁଜୁର ବୋଲି ସେଠାରେ ରହୁଥିବା ସୁନ୍ଦରଗଡ ଜିଲାର ଏଲିସା ଖାଲଖୋ ନାମ୍ନୀ ଜଣେ ମହିଳାଙ୍କୁ ଯୋଗାଯୋଗ କରିବାରୁ ଜଣାପଡିଛି। ତାଙ୍କଠାରୁ ମିଳିଥିବା ସୂଚନା ଅନୁଯାୟୀ, ଟ୍ରେନ ଦୁର୍ଘଟଣାରେ ଗୁରୁତର ଆହତ ଅବସ୍ଥାରେ ତାଙ୍କୁ ସ୍ଥାନୀୟ ମେଡିକାଲକୁ ନିଆଯାଇଥିଲା। ହେଲେ ସେଠାରେ ତାଙ୍କର ମୃତ୍ୟୁ ଘଟିଥିଲା। ସେଠାରେ ସେ ପୋଲିସ ନିକଟରେ ବଡ଼ଗାଁ ଅଞ୍ଚଳର ବୋଲି କହିଥିଲେ। ତେବେ ସେ କେଉଁ ଗ୍ରାମର ବର୍ତ୍ତମାନ ସୁଦ୍ଧା ଜଣାପଡିନାହିଁ।

# ପୋଲିସ କବ୍‌ଜାରେ ୪ ଆନ୍ତଃରାଜ୍ୟ ଡକାୟତ

**ବନ୍ଧମୁଣ୍ଡା ରେଲୱେ ଅଧିକାରୀଙ୍କୁ ବନ୍ଧକ ରଖି ଡକାୟତି ମାମଲା**

ରାଉରକେଲା, ୧୫।୧ (ସଙ୍ଗୀତା ଜେନା)



ଗତବର୍ଷ ଅକ୍ଟୋବର୧୮ ତାରିଖ ବିଳମ୍ବିତ ରାତିରେ ରେଲୱେ ଅଧିକାରୀ ଦିଲ୍ଲୀପ ପଣ୍ଡା ତାଙ୍କ ପରିବାର ସହ ବନ୍ଧମୁଣ୍ଡା ଡିଜେଲ କଲୋନୀ କ୍ୱାର୍ଟର୍ସରେ ଶୋଇଥିବାବେଳେ ଡକାୟତମାନେ ଝରକା ଗ୍ରୀଲ୍ କାଟି ପଶିଥିଲେ। ପରେ ଦିଲ୍ଲୀପ, ତାଙ୍କ ସ୍ତ୍ରୀ ଓ ଛୋଟପୁଅକୁ ବାନ୍ଧି ଛୁରୀ ଦେଖାଇ ୨୫ ଲକ୍ଷ ଟଙ୍କାର ସୁନାଗହଣା ଏବଂ ନଗଦ ଟଙ୍କା ଲୁଟି ଫେରାର ହୋଇଯାଇଥିଲେ। ଏହି ମାମଲାରେ ରାଉରକେଲା ପୋଲିସ କିଛି ଦିନ ପୂର୍ବେ ଆନ୍ତଃ ରାଜ୍ୟ ୩ ଜଣ ଡକାୟତ ସମେତ ଜଣେ କ୍ରେତାଙ୍କୁ ଗିରଫ କରିଥିବା ବେଳେ ବୁଧବାର ଦିନ ପୁଣି ଆନ୍ତଃରାଜ୍ୟ ସମେତ ୩ ଜଣଙ୍କୁ ଗିରଫ କରିବାରେ ସଫଳ ହୋଇଛି। ଗିରଫ ଅଭିଯୁକ୍ତମାନେ ହେଉଛନ୍ତି ଆକାଶ ରାୟ(୨୬), ସୁରଜ ବଂଶୀ(୨୫) ଓ କ୍ରେତା ଏସ୍‌ମି ସ୍ତ୍ରୀ ଦଫାଇର ତଫିଜୁଲ ଖାନ୍(୨୮)। ସେମାନଙ୍କ ନିକଟରୁ ୪ଟି ସୁନାଚେନ୍, ୫ଟି ମୁଦି, ୩ଟି କାନ, ୫୦ ଗ୍ରାମ ରୂପାଗହଣା, ୪୦ହଜାର ଟଙ୍କା ଜବତ ହୋଇଛି। ଜବତ ସାମଗ୍ରୀ ଅଭିଯୋଗକାରୀ ପଣ୍ଡାଙ୍କୁ ପ୍ରଦାନ କରାଯାଇଛି। ଏନେଇ ପୋଲିସ ମୁଖ୍ୟାଳୟରେ ବୁଧବାର ମଧ୍ୟାହ୍ନରେ ରାଉରକେଲା ଏସ୍‌ପି ନିତେଶ ୱାଧୱାନୀଙ୍କ ନେତୃତ୍ୱରେ ଆୟୋଜିତ ଖବରଦାତା ସମ୍ମିଳନୀରେ ସୂଚନା ପ୍ରଦାନ କରାଯାଇଛି। ଅତିରିକ୍ତ ଏସ୍‌ପି ପ୍ରଭାଶଙ୍କର ନାଏକ ଉପସ୍ଥିତ ଥିଲେ। ଏସ୍‌ପି ୱାଧୱାନୀ ସୂଚନା ଦେଇ କହିଥିଲେ, ଏହି ମାମଲା ବନ୍ଧମୁଣ୍ଡା ଥାନାରେ ଅଭିଯୋଗ ( ନଂ. ୨୨୫/୨୪)ହେବା ପରେ ସିସିଟିଭି ଫୁଟେଜ, କଲ୍ ଡିଟେଲ ରେକର୍ଡ୍ସ(ସିଡ଼ିଆର), ଅନୁସନ୍ଧାନୀ କୁକୁର ଏବଂ ଅପରାଧିକ ରେକର୍ଡକୁ ଯାଞ୍ଚ କରି ଝାଡଖଣ୍ଡ, ଛତିଶଗଡ଼ ଆଦିରେ ଚଢ଼ାଉ କରିଥିଲା। ପ୍ରଥମ ପର୍ଯ୍ୟାୟରେ ୩ଜଣ ଆନ୍ତଃରାଜ୍ୟ ଡକାୟତ ସମେତ ଜଣେ ଚୋରି ସୁନା କିଣିଥିବା କ୍ରେତା ଗିରଫ ହୋଇଥିଲେ। ଉକ୍ତ ଆନ୍ତଃରାଜ୍ୟ ମଧ୍ୟରୁ ଜଣେ ସୁଶୀଲ ସିଂଙ୍କୁ ରିମାଣ୍ଡରେ ଆଣିବା ପରେ ତାଙ୍କୁ ଜେରା କରାଯାଇଥିଲା। ତାଙ୍କ ବିହାର ଛପରା ସ୍ଥିତ ଗ୍ରାମରେ ଚଢ଼ାଉ କରାଯାଇଥିଲା। ସେଠାରୁ ୨୭ ଗ୍ରାମ ସୁନା ଏବଂ ୪୦ ହଜାର ଟଙ୍କା ଜବତ ହୋଇଥିଲା। ଏଥିରେ ବିରମିତ୍ରପୁରରେ ରହୁଥିବା ୨ ଜଣ ଅଭିଯୁକ୍ତ ଆକାଶ ରାୟ ଓ ସୁରଜବଂଶୀ ସମ୍ପୃକ୍ତ ଥିବା ଜଣାପଡ଼ିଥିଲା। ସେମାନଙ୍କ ଠାରୁ ଚୋରି ସୁନା କିଣିଥିବା ତଫିଜୁଲଙ୍କୁ ମଧ୍ୟ ଗିରଫ କରାଯାଇଥିଲା। ଗିରଫ ହୋଇଥିବା ଅଭିଯୁକ୍ତଙ୍କ ବିରୋଧରେ ବିରମିତ୍ରପୁର ଏବଂ ଟାଙ୍ଗରପାଲୀ ଥାନାରେ ଏକାଧିକ ଅପରାଧିକ ମାମଲା ରହିଛି। ଏହି ମାମଲା ପାଇଁ ସ୍ୱତନ୍ତ୍ର ଏକ ପୋଲିସ ଟିମ୍ ଗଠନ କରାଯାଇଥିଥଲା। ଡିସ୍‌ପି ନିର୍ମଳ ମହାପାତ୍ର, ବନ୍ଧମୁଣ୍ଡା ଥାନାଧିକାରୀ ଶ୍ରୀକାନ୍ତ ଖମାରୀ, ମାନଓ ସାହୁ, ସୌମ୍ୟରଞ୍ଜନ ଗିରି, ଦିପୁନ୍ ଦଲେଇ, ସୁବ୍ରତ ପଣ୍ଡା, ସମ୍ପଦ ମହାନ୍ତି ପ୍ରମୁଖ ଏଥିରେ ଯୋଗଦେଇଥିଲେ। ଯଦି କୌଣସି ସହରବାସୀ ଅନ୍ୟତ୍ର ଯାତ୍ରା କରୁଛନ୍ତି ତେବେ ସ୍ଥାନୀୟ ପୋଲିସ ଥାନାରେ ସୂଚନା ପ୍ରଦାନ କରନ୍ତୁ ବୋଲି ଏସ୍‌ପି ୱାଧୱାନୀ କହିଥିଲେ।

## ଖେଲୋ ଇଣ୍ଡିଆ ପ୍ରତିଯୋଗିତାରେ ରାଉରକେଲା ଝିଅଙ୍କ କୃତିତ୍ୱ

ରାଉରକେଲା, ୧୫।୧ (ସଙ୍ଗୀତା ଜେନା)



ମୌସୁମୀ

ବ୍ରହ୍ମପୁରସ୍ଥିତମହାତ୍ମାଗାନ୍ଧୀ ଷ୍ଟାଡ଼ିୟମ୍‌ଠାରେ ଚଳିତ ମାସ ୯ରୁ ୧୪ ପର୍ଯ୍ୟନ୍ତ ଖେଲୋ ଇଣ୍ଡିଆ ମହିଳା ପ୍ରତିଯୋଗିତା ଅନୁଷ୍ଠିତ ହୋଇଯାଇଛି। ଉକ୍ତ ପ୍ରତିଯୋଗିତାରେ ଭାରତର ବିଭିନ୍ନ ରାଜ୍ୟରୁ ଶତାଧିକ ମହିଳା ଭାରତ୍ତୋଳନକାରୀ ଅଂଶ ଗ୍ରହଣ କରିଥିଲେ। ଜିଲା ଖେଳକୁଦ ସଂଘ ସୁନ୍ଦରଗଡ଼ ସହବନ୍ଧିତ ରାଉରକେଲା ୟଙ୍ଗମ୍ୟାନ୍ସ ଆସୋସିନସନ୍ (ଆରୱାଇଏମ୍ଏ) ରାଉରକେଲାର ଭାରତ୍ତୋଳନକାରୀ ମୌସୁମୀ ଦାସ ୮୧ କେଜି ଉର୍ଦ୍ଧ୍ୱ ମହିଳା ବିଭାଗରେ ରୌପ୍ୟପଦକ ଜିତି ରାଜ୍ୟ ପାଇଁ ଗୌରବ ହାସଲ କରିଛନ୍ତି। ମୌସୁମୀଙ୍କ ଏହି କୃତକାର୍ଯ୍ୟ ପାଇଁ ଜିଲା ଖେଳକୁଦ ସଂଘର ସାଧାରଣ ସମ୍ପାଦକ ପ୍ରଭାତ ଭୋଳ, ଦୁର୍ଗାମାଧବ ନାୟକ ସମେତ ରାଜ୍ୟ ଖେଳବିଭାଗର ଉପନିର୍ଦ୍ଦେଶକ ସୁଦୀପ୍ତ ନାୟକ, ଡିଏସ୍‌ଓ ବିଶ୍ୱକେଶନ ପାଣ୍ଡେ ପ୍ରମୁଖ ମୌସୁମୀଙ୍କୁ ଅଭିନନ୍ଦନ ଜଣାଇଛନ୍ତି। ଆରୱାଇଏମ୍ଏ ସଭାପତି ବିଷ୍ଣୁ ମହାନ୍ତି, ସନ୍ତୋଷ ଭୂୟାଁ, ରବିନ୍ଦ୍ର ଗଣ୍ଡ, ଅରବିନ୍ଦ ନାକ, ସମିତା ବାରିକ, ନକୁଳ ଶର୍ମା, ସୌମ୍ୟରଞ୍ଜନ ମହାନ୍ତି , ପ୍ରଶିକ୍ଷକ ବିକ୍ରମ ସ୍ୱାଇଁ , ବାସୁଦେବା ବାନାର୍ଜୀ ପ୍ରମୁଖ ଶୁଭେଚ୍ଛା ଜଣାଇଛନ୍ତି।

## ଆର୍‌ଏସ୍‌ପିର ନୂତନ ଡାଇରେକ୍ଟର ଇନ୍‌ଚାର୍ଜଙ୍କୁ ସମ୍ବର୍ଦ୍ଧନା

ରାଉରକେଲା, ୧୫।୧ (ସଙ୍ଗୀତା ଜେନା)

ସିଆଇଟିୟୁ ରାଷ୍ଟ୍ରୀୟ ଉପାଧ୍ୟକ୍ଷ ବିଷ୍ଣୁ ମହାନ୍ତିଙ୍କ ନେତୃତ୍ୱରେ ସିଆଇଟିୟୁର ପ୍ରତିନିଧି ମଣ୍ଡଳୀ ରାଉରକେଲା ଇସ୍ପାତ କାରଖାନାର ନବନିଯୁକ୍ତ ଭାରପ୍ରାପ୍ତ ନିର୍ଦ୍ଦେଶକ ଆଲୋକ ବର୍ମାଙ୍କୁ ସୌଜନ୍ୟ ମୂଳକ ସାକ୍ଷାତ କରିବା ସହ ସମ୍ବର୍ଦ୍ଧିତ କରିଥିଲେ। ବର୍ମାଙ୍କ ଇସ୍ପାତ କାରଖାନାର ଉତ୍ପାଦନ ସହ ଆର୍ଥିକ ପରିଚାଳନା କ୍ଷେତ୍ରରେ ଦୀର୍ଘ ଦିନର ବ୍ୟାପକ ଅଭିଜ୍ଞତା ରହିଛି। ଦେଶ ଓ ବିଦେଶରେ ତାଙ୍କର ବାଣିଜ୍ୟିକ ଅଭିଜ୍ଞତା ଓ ଇସ୍ପାତ କାରଖାନାର ଖଣି ନିର୍ଦ୍ଦେଶକ ଭାବେ ଅଭିଜ୍ଞତା ରହିଛି। ତେଣୁ ତାଙ୍କ ନେତୃତ୍ୱରେ ରାଉରକେଲା ଇସ୍ପାତ କାରଖାନାରେ ୩୩ ହଜାର କୋଟି ଟଙ୍କାର ଆଧୁନୀକିକରଣ କରାଯାଇ ବାର୍ଷିକ ୧୦ ମିଲିୟନ ଟନ୍ କ୍ଷମତା ହେବା ସହିତ ଇସ୍ପାତ ଉତ୍ପାଦନରେ ତୃତୀୟ ଶକ୍ତି ଭାବେ ଉଭା ହୋଇ ପାରିବ। ଓଡ଼ିଶା ଏବଂ ରାଉରକେଲାର ବିକାଶ ସହିତ ଇସ୍ପାତ ଶ୍ରମିକଙ୍କର ସାମାଜିକ ଓ ଆର୍ଥିକ ପ୍ରୋତ୍ସାହନ ଦେବାପାଇଁ ସିଆଇଟିୟୁ ତରଫରୁ ଅନୁରୋଧ କରାଯାଇଥିଲା। ଏହି ସୌହାର୍ଦ୍ଦପୂର୍ଣ୍ଣ ଆଲୋଚନାରେ ଆଲୋକ ବର୍ମା ସାମାଜିକ ସୁରକ୍ଷା ସହ ଇସ୍ପାତ କାରଖାନା ଓ ଶ୍ରମିକଙ୍କ ପାଇଁ ଉପଯୁକ୍ତ ଦୃଷ୍ଟି ଦେବେ ବୋଲି ପ୍ରତିଶ୍ରୁତି ଦେଇଥିଲେ। ସିଆଇଟିୟୁ ତରଫରୁ ପୁଷ୍ପଗୁଚ୍ଛ ଏବଂ ଉପଢୌକନ ଦେଇ ସମ୍ବର୍ଦ୍ଧିତ କରାଯାଇଥିଲା। ଏହାପରେ ପ୍ରତିନିଧି ମଣ୍ଡଳୀ କାର୍ମିକ ବିଭାଗର ନିର୍ଦ୍ଦେଶକ ତରୁଣ ମିଶ୍ରଙ୍କ ସହ ଆଲୋଚନା କରିଥିଲେ। ଇସ୍ପାତ କାରଖାନାର ଉନ୍ନତି ସହିତ ସହର ସେବା, ଆଇଜିଏଚ୍ ଚିକିତ୍ସା ବ୍ୟବସ୍ଥାର ଉନ୍ନତି ପାଇଁ ଆଲୋଚନା କରାଯାଇଥିଲା। ଏନଜେସିଏସ ଚୁକ୍ତିନାମା ଶେଷ କରିବା ତଥା ରାଉରକେଲା ଇସ୍ପାତ ଶ୍ରମିକ, ଠିକା ଓ ଖଣି ଶ୍ରମିକଙ୍କୁ ଆର୍ଥିକ ପ୍ରୋତ୍ସାହନ ବ୍ୟବସ୍ଥା ପାଇଁ ଆଲୋଚନା କରାଯାଇଥିଲା। ମିଶ୍ର ମଧ୍ୟ ଏଥିପ୍ରତି ଦୃଷ୍ଟି ଦେବାକୁ କହିଥିଲେ। ଏହି ପ୍ରତିନିଧି ମଣ୍ଡଳୀରେ ସାଧାରଣ ସମ୍ପାଦକ ବସନ୍ତନାୟକ, ଆସିଡବ୍ଲ୍ୟୁୟୁର ସାଧାରଣ ସମ୍ପାଦକ ବିମାନ ମାଇତି, ପ୍ରଦୀପ ସେଠୀ, ଯଜ୍ଞେଶ୍ୱର ସାହୁ, ଜେ.କେ. ସାହୁ, ସଞ୍ଜୟ ନାୟକ, ପି.ସି. ପ୍ରଧାନ, ସନ୍ତୋଷ ବେହେରା, ଅକ୍ଷୟ ରାଉତ, ପି.କେ. ଷଡଙ୍ଗୀ ପ୍ରମୁଖ ଯୋଗ ଦେଇଥିଲେ।

## ଯୁବ ସମାଜ ବିନା କୌଣସି ରାଷ୍ଟ୍ର ବିକଶିତ ହୋଇନାହିଁ



କାର୍ଯ୍ୟକ୍ରମରେ ମଞ୍ଚାସୀନ ଅତିଥି ଓ ଛାତ୍ରୀଛାତ୍ର ।

ରାଉରକେଲା, ୧୫।୧ (ବିପ୍ଳବ ରଞ୍ଜନ ଦାଶ)

ରାଉରକେଲା ମ୍ୟୁନିସିପାଲ କଲେଜ ସମ୍ମିଳନୀ କକ୍ଷରେ ଜାତୀୟ ଯୁବା ଦିବସ ପାଳିତ ହୋଇଯାଇଛି। କଲେଜ ଅଧ୍ୟକ୍ଷ ଡ. ସନାତନ ପଧାନଙ୍କ ଅଧ୍ୟକ୍ଷତାରେ ଏହା ପାଳିତ ହୋଇଥିଲା। ଏଥିରେ ମୁଖ୍ୟବକ୍ତାଭାବେ ଅଧ୍ୟାପକ ରାମକୃଷ୍ଣ ଗୌଡ଼ ଯୋଗଦେଇଥିଲେ। ଅଧ୍ୟକ୍ଷ ଡ. ପଧାନ ନିଜ ପ୍ରାରମ୍ଭିକ ଅଭିଭାଷଣରେ କହିଥିଲେ, ଯୁବ ସମାଜ ବିନା କୌଣସି ରାଷ୍ଟ୍ର କଦାଚିତ ବିକଶିତ ହୋଇନାହିଁ; ଯାହାକି ସ୍ୱାମୀ ବିବେକାନନ୍ଦଙ୍କ ଯୁବଶକ୍ତି ଜାଗରଣଜନିତ ଅମୃତବାଣୀରୁ ସ୍ପଷ୍ଟ ହୁଏ। ବିବେକାନନ୍ଦଙ୍କ ଅନୁସାରେ ଯେପର୍ଯ୍ୟନ୍ତ ନିଜ ଲକ୍ଷ୍ୟପ୍ରାପ୍ତ ନ ହେଉଛି ସେ ପର୍ଯ୍ୟନ୍ତ ଲକ୍ଷ୍ୟପଥରୁ ଓହରିବାଯିବା ଉଚିତ ନୁହେଁ। ମୁଖ୍ୟବକ୍ତା ଅଧ୍ୟାପକ ରାମକୃଷ୍ଣ ଗୌଡ଼ ସ୍ୱାମୀ ବିବେକାନନ୍ଦଙ୍କ ସ୍ମୃତିଚାରଣ କରିବା ସହ ସୁଭାଷ ବୋଷଙ୍କ ଭଳି ମହାନ୍ ଜନନେତା ସୃଷ୍ଟିକରିବା ସହ ମହାତ୍ମାଗାନ୍ଧୀଙ୍କୁ ମଧ୍ୟ ତାଙ୍କ ଆଦର୍ଶରେ ଅନୁପ୍ରାଣିତ କରିଥିବା ଉଲ୍ଲେଖ କରିଥିଲେ ବୋଲି କହିଥିଲେ। ଧର୍ମାନ୍ଧତା, ବର୍ଣ୍ଣବୈଷମ୍ୟବାଦ ଭୁଲି ଆଦର୍ଶ ମଣିଷଟିଏ ହେବାକୁ ଯୁବଗୋଷ୍ଠୀମାନଙ୍କୁ ପ୍ରେରଣା ଦେବା ସହ ରାଷ୍ଟ୍ର ଉନ୍ନତିରେ ଜୀବନକୁ ଉତ୍ସର୍ଗୀକୃତ କରିବା ହିଁ ସ୍ୱାମୀ ବିବେକାନନ୍ଦଙ୍କ ଏକମାତ୍ର ବିଚାରଧାରା ରହିଥିଲା ବୋଲି କହିଥିଲେ। କାର୍ଯ୍ୟକ୍ରମକୁ ଅଧ୍ୟାପିକା ରୋମା ସାହୁ ସଂଯୋଜନା କରିଥିବା ବେଳେ କଲେଜର ସମସ୍ତ ଯୁବ ଛାତ୍ରୀଛାତ୍ର ଉପସ୍ଥିତ ଥିଲେ। ଡ.ଦିବ୍ୟକାନ୍ତ ବିଲୁଙ୍ଗ ଧନ୍ୟବାଦ ଜ୍ଞାପନ କରିଥିଲେ। କାର୍ଯ୍ୟକ୍ରମର ସହଯୋଗିତାରେ ସଞ୍ଜୟ କୁମାର ମହାପାତ୍ର, ଦୀପ୍ତିରଞ୍ଜନ ମହାନ୍ତି ପ୍ରମୁଖ ରହିଥିଲେ।

## ସେଲ୍‌ର ବୈଷୟିକ, ପ୍ରକଳ୍ପ, କଞ୍ଚାମାଲ ନିର୍ଦ୍ଦେଶକ ଭାବେ ମନୀଷଙ୍କ ଦାୟିତ୍ୱ ଗ୍ରହଣ

ରାଉରକେଲା, ୧୫।୧ (ବିପ୍ଳବ ରଞ୍ଜନ ଦାଶ)



ମନୀଷ ରାଜ ଗୁପ୍ତା ବୁଧବାର ଷ୍ଟିଲ୍ ଅଥରିଟି ଅଫ୍ ଇଣ୍ଡିଆର ନିର୍ଦ୍ଦେଶକ ଭାବେ ଦାୟିତ୍ୱ ଗ୍ରହଣ କରିଛନ୍ତି। ଇସ୍ପାତ ଶିଳ୍ପରେ ଗୁପ୍ତା ୩ ଦଶନ୍ଧିରୁ ଅଧିକ ସମୟ ବିତାଇ ସାରିଛନ୍ତି। ଦୀର୍ଘ ବର୍ଷ ଧରି ସେ ବିଭିନ୍ନ ପ୍ଲାଣ୍ଟ ଏବଂ ୟୁନିଟ୍‌ରେ ଗୁରୁତ୍ୱପୂର୍ଣ୍ଣ ପଦବୀରେ ରହି ସେଲ୍‌ର ଅଭିବୃଦ୍ଧି ଓ ସଫଳତାରେ ନିରନ୍ତର ଅବଦାନ ରଖିଆସିଛନ୍ତି। ଦୁର୍ଗାପୁର ଷ୍ଟିଲ୍ ପ୍ଲାଣ୍ଟରେ ସେ ତାଙ୍କର କାର୍ଯ୍ୟକାଳ ମଧ୍ୟରେ ଉଚ୍ଚ ସୁରକ୍ଷା ଏବଂ ଗୁଣାତ୍ମକ ମାନକୁ ବଜାୟ ରଖି ଷ୍ଟିଲ୍ ମେଲ୍ଟିଂ ଶପ (ଏସ୍‌ଏମ୍‌ଏସ୍)ର କାର୍ଯ୍ୟକ୍ଷମ ଦକ୍ଷତା ବୃଦ୍ଧି କରିବାରେ ଗୁରୁତ୍ୱପୂର୍ଣ୍ଣ ଭୂମିକା ଗ୍ରହଣ କରିଥିଲେ। ୨୦୧୯ରେ ଗୁପ୍ତା ବୋକାରୋ ଷ୍ଟିଲ୍ ପ୍ଲାଣ୍ଟକୁ ମୁଖ୍ୟ ମହାପ୍ରବନ୍ଧକ ଭାବେ ପଦୋନ୍ନତି ହୋଇଥିଲା । ଯେଉଁଠାରେ ସେ ଷ୍ଟିଲ୍ ମେଲ୍ଟିଂ ଶପଗୁଡିକରେ ଗୁରୁତ୍ୱପୂର୍ଣ୍ଣ ପ୍ରଯୁକ୍ତିବିଦ୍ୟା ଅପଗ୍ରେଡ, ସୁଗମ ଉତ୍ପାଦନ ପ୍ରକ୍ରିୟା ଓ ଉନ୍ନତ କାର୍ଯ୍ୟଦକ୍ଷତା ତଦାରଖ କରିଥିଲେ। ତାଙ୍କ ନେତୃତ୍ୱ ପ୍ଲାଣ୍ଟର ସାମଗ୍ରିକ ଦକ୍ଷତା ବୃଦ୍ଧି କରିଥିବା, ଆଧୁନିକୀକରଣ ପ୍ରକଳ୍ପକୁ କାର୍ଯ୍ୟକାରୀ କରିବାରେ ଗୁରୁତ୍ୱପୂର୍ଣ୍ଣ ଭୂମିକା ଗ୍ରହଣ କରିଥିଲା। ତାଙ୍କ ନେତୃତ୍ୱରେ ପ୍ଲାଣ୍ଟ ଅତ୍ୟାଧୁନିକ ପ୍ରଯୁକ୍ତିବିଦ୍ୟା ଗ୍ରହଣ କରିଥିଲା। ସେଲ୍‌ର ରଣନୈତିକ ଲକ୍ଷ୍ୟ ସହ କାର୍ଯ୍ୟଗୁଡିକ ସମନ୍ୱିତ କରିଥିଲା। ଏହି ନିଯୁକ୍ତି ପୂର୍ବରୁ ସେ ଦିଲ୍ଲୀରେ ସେଲ୍ କର୍ପୋରେଟ କାର୍ଯ୍ୟାଳୟରେ ନିର୍ବାହୀ ନିର୍ଦ୍ଦେଶକ(ଅପରେଶନ୍ସ) ଭାବେ କାର୍ଯ୍ୟ କରିଥିଲେ। ଏହି ପଦବୀରେ ସେ ସେଲ୍‌ର ବିଭିନ୍ନ ପ୍ଲାଣ୍ଟ ଏବଂ ୟୁନିଟ୍ ମଧ୍ୟରେ ସମ୍ବଳଗୁଡିକୁ ଅପ୍ଟିମାଇଜ କରିବା, କାର୍ଯ୍ୟ ଦକ୍ଷତା ବୃଦ୍ଧି କରିବା ଓ ରଣନୈତିକ ସମନ୍ୱିତ ଉପରେ କାର୍ଯ୍ୟ କରିଥିଲେ।

## ଅଯୋଧ୍ୟା ରାମମନ୍ଦିର ନିର୍ମାଣ ବର୍ଷ ପୂର୍ତ୍ତିରେ ରାମାୟଣ ପାଠ

ରାଉରକେଲା, ୧୫।୧ (ସଙ୍ଗୀତା ଜେନା): ଚଳିତମାସ ଅଯୋଧ୍ୟା ରାମମନ୍ଦିର ପ୍ରତିଷ୍ଠାକୁ ଏକ ବର୍ଷପୂର୍ତ୍ତି ହେବାକୁ ଯାଉଛି। ଏହି ଅବସରରେ ଝିରପାଣି ମିଟକୁନ୍ଦରୀ ସ୍ଥିତ ଜଳେଶ୍ୱର ଶିବମନ୍ଦିର ପରିସରରେ ମହାବୀର ମାନସ ପରିଷଦ ପକ୍ଷରୁ ଅଖଣ୍ଡ ରାମାୟଣ ପାଠ ଓ ହନୁମାନଚାଳିଶା କାର୍ଯ୍ୟକ୍ରମ ଆରମ୍ଭ ହୋଇଛି। ବୁଧବାର ପ୍ରବଚନ ସହ ନିରନ୍ତର ରାମାୟଣ ପାଠ କରାଯାଉଛି। ଶରତଚନ୍ଦ୍ର ପଣ୍ଡା, ସୁଜିତ ପଣ୍ଡା, ରାଜକୁମାର ପାଣ୍ଡେ, ନୀଳମଣି ଦ୍ୱିବେଦୀ, ଜୟାନନ୍ଦ ବେହେରା, ରଙ୍ଗାଧର ନନ୍ଦ,ଶ୍ରୀନିବାସ ପଣ୍ଡା, ପ୍ରଶାନ୍ତ ନନ୍ଦ, ଜୟଶଙ୍କର ଗୌଡ଼ ସମେତ ଅନ୍ୟମାନେ ଏହାକୁ ପରିଚାଳନା କରିଥିଲେ।

## ଫକୀର ମୋହନଙ୍କ ବିରୋଚିତ ସାହିତ୍ୟ କୃତିର ପଟ୍ଟାନ୍ତର ନାହିଁ

ରାଉରକେଲା, ୧୫।୧ (ବିପ୍ଳବ ରଞ୍ଜନ ଦାଶ)



ସଂସଦର ବାର୍ଷିକ କ୍ୟାଲେଣ୍ଡର ଉନ୍ମୋଚନ କରାଯାଉଛି।

ରାଉରକେଲା ସେକ୍ଟର-୭ ସ୍ଥିତ ସାହିତ୍ୟ ଅନୁଷ୍ଠାନ ଇସ୍ପାତ ସାହିତ୍ୟ ସଂସଦ ଆନୁକୂଲ୍ୟରେ ବ୍ୟାସକବି ଫକୀର ମୋହନ ସେନାପତିଙ୍କ ଜୟନ୍ତୀ ଉତ୍ସବ ସଂସଦ ସଭାପତି ବ୍ରଜେନ୍ଦ୍ର ଦାସଙ୍କ ପୌରହିତ୍ୟରେ ଅନୁଷ୍ଠିତ ହୋଇଯାଇଛି। ଏଥିରେ ମୁଖ୍ୟଅତିଥି ଭାବେ ବରିଷ୍ଠ ସାହିତ୍ୟିକ ଭୁପେନ ମହାପାତ୍ର ଯୋଗ ଦେଇଥିବା ବେଳେ ଆଇନଜୀବୀ ତଥା ସାହିତ୍ୟିକ ସୁଶୀଲ କୁମାର ଜେନା ମୁଖ୍ୟ ବକ୍ତାଭାବେ ଯୋଗଦେଇ ଓଡ଼ିଆ ସାହିତ୍ୟ ଭଣ୍ଡାରକୁ ଫକୀର ମୋହନ ଦାନ ଶୀର୍ଷକ ବିଷୟବସ୍ତୁ ଉପରେ ଆଲୋକପାତ କରିଥିଲେ। ସାଧାରଣ ସମ୍ପାଦକ ନୃସିଂହ ଚରଣ ବିଶ୍ୱାଳ ଅତିଥି ପରିଚୟ ପ୍ରଦାନ କରିବା ସହ ସ୍ୱାଗତ ସମ୍ଭାଷଣ ପ୍ରଦାନ କରିଥିଲେ। କାର୍ଯ୍ୟକାରୀ ସଭାପତି ମନୋଜ କୁମାର ନନ୍ଦ ଫକୀର ମୋହନଙ୍କ ସାହିତ୍ୟ ଉପରେ ମନ୍ତବ୍ୟ ରଖିଥିଲେ। ବକ୍ତାମାନେ ଫକୀର ମୋହନଙ୍କ ବିରୋଚିତ ସାହିତ୍ୟ କୃତୀର ପଟ୍ଟାନ୍ତର ନାହିଁ ବୋଲି ମତ ପ୍ରକାଶ କରିଥିଲେ। ଏଥିସହ ସଂସଦର ବାର୍ଷିକ କ୍ୟାଲେଣ୍ଡର ଲୋକାର୍ପଣ ହୋଇଥିଲା। ଏଥିସହ ନୂତନ ସଦସ୍ୟ ଜଗନ୍ନାଥ ରାଉତଙ୍କୁ ଫୁଲତୋଡା ଦେଇ ସ୍ୱାଗତ କରାଯାଇଥିଲା। ପରେ ଗଳ୍ପ ଲିଖନ ପ୍ରତିଯୋଗିତାରେ ଉତ୍ତୀର୍ଣ୍ଣ ହୋଇ ପ୍ରଥମ,ଦ୍ୱିତୀୟ ଓ ତୃତୀୟ ସ୍ଥାନ ଅଧିକାର କରିଥିବା କୃତୀ ଛାତ୍ରୀଛାତ୍ରଙ୍କୁ ଟ୍ରଫି, ପ୍ରମାଣପତ୍ର ଓ ଫୁଲତୋଡା ଦେଇ ସମ୍ମାନୀତ ଓ ପୁରସ୍କୃତ କରାଯାଇଥିଲା। ପ୍ରଥମ ପର୍ଯ୍ୟାୟ କାର୍ଯ୍ୟକ୍ରମରେ କବି ପ୍ରତାପ କୁମାର ପଣ୍ଡା ଧନ୍ୟବାଦ ଜ୍ଞାପନ କରିଥିଲେ। ଏହାପରେ ଦ୍ୱିତୀୟ ପର୍ଯ୍ୟାୟରେ କବି ସତ୍ୟବ୍ରତ ଦାସଙ୍କ ସଭାପତିତ୍ୱ ଓ ସବିତା ବସ୍ତିଆ ଏବଂ ଗୌତମ ଦାସଙ୍କ ସଂଯୋଜନାରେ ଏକ ମନୋଜ୍ଞ କବିତା ପାଠ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଥିଲା। ଏଥିରେ ଇସ୍ପାତ ସହରର ଅଗଣିତ କବିୟତ୍ରୀ ଏବଂ କବିମାନେ ଅଂଶଗ୍ରହଣ କରିବା ସହ ସ୍ୱରଚିର କବିତା ପାଠ କରିଥିଲେ। ଶେଷରେ କବି ଦିବାକର ଦାସ ଧନ୍ୟବାଦ ଅର୍ପଣ କରିଥିଲେ।

## ଇନ୍ଦିରା ମହିଳା ସମିତି ପକ୍ଷରୁ ପୁଷ୍‌ପୁନି ଉତ୍ସବ ପାଳିତ



ରାଉରକେଲା, ୧୫।୧ (ସଙ୍ଗୀତା ଜେନା)

ସ୍ୱେଚ୍ଛାସେବୀ ଅନୁଷ୍ଠାନ ମା' ଇନ୍ଦିରା ମହିଳା ସମିତି ଆନୁକୂଲ୍ୟରେ ସିଭିଲଟାଉନଶିପ୍ ସ୍ଥିତ ଯୋଗ ପାର୍କଠାରେ ବୁଧବାର ପଶ୍ଚିମ ଓଡ଼ିଶାର ମହାନ ଗଣପର୍ବ ପୁଷପୁନିର ଛେରଛେରା ଉତ୍ସବ ପାଳିତ ହୋଇଛି। ଏଥିରେ ଅତିଥିଭାବେ ସଙ୍କଟେଶ୍ୱର ମହାଦେବ ମନ୍ଦିର କମିଟିର ସଭାପତି ଭକ୍ତ ନନ୍ଦ, ଜାତୀୟ କଂଗ୍ରେସ ସେବାଦଳ ସଭାପତି ବିନୋଦ ଚନ୍ଦ୍ର ରାଉତ, ଘନଶ୍ୟାମ ସୁନା ପ୍ରମୁଖ ଯୋଗଦେଇଥିଲେ। ଅନୁଷ୍ଠାନର ସଭାନେତ୍ରୀ ପୁଷ୍ପାଲେଙ୍କା ମହିଳାମାନଙ୍କୁ ସମାଜ ସୁଧାରିବା ପାଇଁ ଆହ୍ୱାନ କରିଥିଲେ। ସଙ୍ଗୀତା ମହାନ୍ତି ଧନ୍ୟବାଦ ଅର୍ପଣ କରିଥିଲେ। ଲୀଲାବତୀ ସାହୁ, ପ୍ରଭାତି ପରିଡ଼ା, ସୁଜାତା ପ୍ରଧାନ, ସଂଯୁକ୍ତା ଦାଶ, ସଂଯୁକ୍ତା ନାୟକ, ମାନସୀ ଖଣ୍ଡାୟୀ, ରୀତା ଗୌଡ଼, ଶୋଭା ଦାସ, ଜଳେଶ୍ୱରୀ ସମାସୀ, ରୁବି ସରକାର ପ୍ରମୁଖ ଏହାକୁ ପରିଚାଳନା କରିଥିଲେ। ଏହି ଅବସରରେ ବିଭିନ୍ନ ମନୋରଞ୍ଜନ କାର୍ଯ୍ୟକ୍ରମ ପରିବେଷିତ ହୋଇଥିଲା।

## ଆର୍‌ଏସପି କର୍ମଚାରୀ ଦମ୍ପତିଙ୍କ କାରଖାନା ଗସ୍ତ

ରାଉରକେଲା, ୧୫।୧ (ବିପ୍ଳବ ରଞ୍ଜନ ଦାଶ)

ଆରଏସପି ଦ୍ୱାରା କର୍ମଚାରୀ ଦମ୍ପତ୍ତିଙ୍କ ପାଇଁ ପ୍ରଗତିରେ ସାଥି କାରଖାନା ପରିଦର୍ଶନ କାର୍ଯ୍ୟକ୍ରମ ଆୟୋଜିତ ହୋଇଯାଇଛି। ପ୍ରଭାବଶାଳୀ ପ୍ରଗତିର ସହଯାତ୍ରୀ ହେବା ନିମନ୍ତେ କାରଖାନାର କାର୍ଯ୍ୟଧାରା ଓ କାର୍ଯ୍ୟ ନିୟମାବଳୀ ବିଷୟରେ ସେମାନଙ୍କୁ ସଚେତନ କରାଇବା ଏହି କାର୍ଯ୍ୟକ୍ରମର ମୂଳ ଉଦ୍ଦେଶ୍ୟ ରହିଥିଲା। ଏହିପ୍ରୟାସ ଅଧିନରେ କଞ୍ଚାମାଲ ପ୍ରବନ୍ଧନ,ଷ୍ଟିଲ ମେଲ୍ଟିଂ ସପ-୨, ନୂତନ ପ୍ଲେଟ ମିଲ ଏବଂ ହଟ ଷ୍ଟ୍ରିପ ମିଲ-୨ ବିଭାଗ ପରିଦର୍ଶନରେ ସମସ୍ତଙ୍କୁ ନିଆ ଯାଇଥିଲା। ଏସଏମଏସ-୨ ବିଭାଗ ଜିଏମ ଅଜିତ ଦାସ ଓ ପ୍ରଣୟ ପ୍ରମେନ୍ଦ୍ର, ମାନବ ସମ୍ବଳ ବିଭାଗର ଜିଏମ ସଞ୍ଜୟ ମେହେରୋତ୍ରା ତଥା ବିଭାଗର ଅନ୍ୟ ଅଧିକାରୀମାନେ ମଧ୍ୟ ଏଥିରେ ସମ୍ମିଳିତ ରହିଥିଲେ। ଓରିଏଣ୍ଟେସନ କାର୍ଯ୍ୟକ୍ରମରେ ପରିଦର୍ଶକମାନଙ୍କୁ କାରଖାନାର ସାମଗ୍ରିକ ଚିତ୍ର ଏବଂ ସୁରକ୍ଷା ଉପରେ ଭିଡିଓ ଦେଖାଯାଇଥିଲା। ମତବିନିମୟ ଅବସରରେ ବରିଷ୍ଠ ଅଧିକାରୀମାନେ ପରିଦର୍ଶକମାନଙ୍କୁ ସେମାନଙ୍କ ସହଯୋଗ ପାଇଁ କୃତଜ୍ଞତା ଜଣାଇବା ସହ କାରଖାନାର ଅଗ୍ରଗତିର ପ୍ରମୁଖ ଅଂଶୀଦାର ଭାବେ ବର୍ଣ୍ଣନା କରିଥିଲେ। ଏହି ପରିଦର୍ଶନ ସମୟରେ ଅତିଥିମାନଙ୍କୁ କଞ୍ଚାମାଲ ଠାରୁ ଆରମ୍ଭ କରି ଚୁଡାନ୍ତ ସାମଗ୍ରୀ ତିଆରି ପର୍ଯ୍ୟନ୍ତ ସମ୍ପୂର୍ଣ୍ଣ ଇସ୍ପାତ ଉତ୍ପାଦନ ପ୍ରକ୍ରିୟା ବିଷୟରେ ସଂକ୍ଷିପ୍ତ ସୂଚନା ପ୍ରଦାନ କରାଯାଇଥିଲା। ଏଚଆର ବିଭାଗର ଆସିଷ୍ଟାଂଣ୍ଟ ମ୍ୟାନେଜର ସଂବିତ ନନ୍ଦି,ବିଭାଗର ଏଜିଏମ ଦେବାଶିଷ ପଟ୍ଟନାୟକଙ୍କ ମାର୍ଗଦର୍ଶନରେ ଗସ୍ତ କାର୍ଯ୍ୟକ୍ରମ ପରିଚାଳିତ ହୋଇଥିଲା ।



ଆର୍‌ଏସ୍‌ପି କର୍ମଚାରୀଙ୍କ ଜୀବନସାଥିଙ୍କ କାରଖାନା ଗସ୍ତ ।

## ଆର୍‌ଏସ୍‌ପିର ବ୍ଲାଷ୍ଟ ଫର୍ନେସ ବିଭାଗର କର୍ମଚାରୀ ସେଲ ସାବାସ ଯୋଜନା ଅଧୀନରେ ପୁରସ୍କୃତ

ରାଉରକେଲା, ୧୫।୧ (ବିପ୍ଳବ ରଞ୍ଜନ ଦାଶ)




ପୁରସ୍କୃତ ହୋଇଥିବା ବ୍ଲାଷ୍ଟ ଫର୍ନେସ କର୍ମଚାରୀ।

ଆର୍‌ଏସପିର ବ୍ଲାଷ୍ଟ ଫର୍ଣ୍ଣେସ-୫ ସ୍ଥିତ ପ୍ରଶାସନିକ ଭବନ ସମ୍ମିଳନୀ କକ୍ଷରେ ଆୟୋଜିତ ଏକ କାର୍ଯ୍ୟକ୍ରମରେ ବ୍ଲାଷ୍ଟ ଫର୍ନେସ ବିଭାଗର ୧୪ଜଣ କର୍ମଚାରୀଙ୍କୁ ସେଲ ସାବାସ ଯୋଜନାରେ ପୁରସ୍କୃତ କରାଯାଇଛି। ଆଇରନ ବିଭାଗର ସିଜିଏମ ଆତିଶ ଚନ୍ଦ୍ର ସରକାର ଏହି କାର୍ଯ୍ୟକ୍ରମରେ ଅଧ୍ୟକ୍ଷତା କରି ବ୍ଲାଷ୍ଟ ଫର୍ଣ୍ଣେସ ବିଭାଗର ସିଜିଏମ ସୁମିତ କୁମାରଙ୍କ ଉପସ୍ଥିତିରେ ଏହି ପୁରସ୍କାର ବିତରଣ କରିଥିଲେ। ଏହି ଅବସରରେ ବ୍ଲାଷ୍ଟ ଫର୍ନେସ ମେକାନିକାଲ ବିଭାଗର ଜିଏମଏସ ଦେବ, ବ୍ଲାଷ୍ଟ ଫର୍ନେସ ଇଲେକ୍ଟ୍ରିକାଲ ବିଭାଗ ଜିଏମ କେ.ବି ପ୍ରସାଦ, ବ୍ଲାଷ୍ଟ ଫର୍ନେସ ଅପରେସନ୍ସବିଭାଗର ଜିଏମ ଏସ.କେ ଶର୍ମା ଓ ବିଭାଗର ଅନ୍ୟ ବରିଷ୍ଠ ଅଧିକାରୀମାନେ ଉପସ୍ଥିତ ରହିଥିଲେ। ସରକାର ପୁରସ୍କୃତ କର୍ମଚାରୀଙ୍କ ଆନ୍ତରିକ ପ୍ରୟାସର ପ୍ରଶଂସା କରିଥିଲେ ଏବଂ ସେମାନଙ୍କୁ ସମ ଉତ୍ସାହ ସହକାରେ କାର୍ଯ୍ୟ ଜାରି ରଖିବା ନେଇ କହିଥିଲେ। ଉଲ୍ଲେଖନୀୟ ଯେ,କର୍ମଚାରୀମାନଙ୍କୁ ବିଏଫ-୧ ଫର୍ଣ୍ଣେସରେ ମିଶ୍ରିତ ଗ୍ୟାସ ସମୃଦ୍ଧୀକରଣ କମିଶନିଂ,ବିଏଫ-୫ରେ ବିଏଫ ଗ୍ୟାସ ଲାଇନର ୟୁ-ସିଲ-୧ ର ପରିବର୍ତ୍ତନ,ବିଏଫ-୫ ଗ୍ୟାସ ଲାଇନର ୟୁ-ସିଲ ଅଞ୍ଚଳରେ ଗ୍ୟାସଲିକ ପାଇଁ ଅଡିଓ-ଭିଜୁଆଲ ଆଲାର୍ମ ସିଷ୍ଟମ ସ୍ଥାପନ,ଉତ୍ପାଦନ ବୃଦ୍ଧିପାଇଁ ବିଏଫ-୧ରେ ୬ ସ୍କିପ୍ ଚାର୍ଜିଂ ସିଷ୍ଟମ କାର୍ଯ୍ୟକାରୀ କରିବା,ନଭେମ୍ବର ୨୫ରେ ବ୍ଲୋ ପାଇପରେ ହଟ ସ୍ପଟ ଚିହ୍ନଟ ଏବଂ ସଂଶୋଧନମୂଳକ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରିବା ଓ ବର୍ଜ୍ୟ ଗ୍ୟାସ ହିଟ ରିକଭରି ସିଷ୍ଟମରେ ସାଇଲେନ୍ସର ସଫା କରିବା ଆଦି କାର୍ଯ୍ୟଧାରାରେ ପ୍ରଶଂସନୀୟ ଯୋଗଦାନ ନିମନ୍ତେ ପୁରସ୍କୃତ କରା ଯାଇଥିଲା। ବ୍ଲାଷ୍ଟ ଫର୍ଣ୍ଣେସ ବିଭାଗ ସିନିୟର ମ୍ୟାନେଜର ଏ.ଏସ ରାଉତରାୟ ଏହି କାର୍ଯ୍ୟକ୍ରମକୁ ସଂଯୋଜନା କରିଥିଲେ।

## ସଂକ୍ଷେପରେ

### ଏଟିଏମ୍ ଭାଙ୍ଗି ଟଙ୍କା ଲୁଟିଲେ

ରେଢାଖୋଲ,୧୫।୧(ଅଚ୍ୟୁତାନନ୍ଦ ପୁରୋହିତ)

ସମ୍ବଲପୁର ଜିଲା ରେଢାଖୋଲ ଥାନା କଦଳିଗଡ ପଞ୍ଚାୟତ ବିଶିପାଲି ଛକରେ ଥିବା ଷ୍ଟେଟ ବ୍ୟାଙ୍କ ଅଫ ଇଣ୍ଡିଆ ଏଟିଏମରୁ ମଙ୍ଗଳବାର ବିଳମ୍ବିତ ରାତିରେ ଲୁଟେରା ଲକ୍ଷାଧିକ ଟଙ୍କା ଲୁଟି ନେଇଥିବା ଅଭିଯୋଗ ହୋଇଛି। ବୁଧବାର ପୋଲିସ ସନ୍ଧାନୀ କୁକୁର,ସାଇଣ୍ଟିଫିକ ଟିମ ସହାୟତାରେ ଘଟଣାସ୍ଥଳରେ ପହଞ୍ଚି ତନାଘନା ଚଳାଇଛି। ବିଶିପାଲି ଛକରେ ମଙ୍ଗଳବାର ରାତି ପ୍ରାୟ ଦେଢଟା ବେଳେ ରେଢାଖୋଲ ପୋଲିସ ପାଟ୍ରୋଲିଂ କରୁଥିବା ବେଳେ ପ୍ଲାଷ୍ଟିକ ପୋଡା ଗନ୍ଧ ହେଉଥିବା ଏବଂ ଏଟିଏମରୁ ଧୂଆଁ ବାହାରୁଥିବା ଦେଖିଥିଲେ। ଅନୁସନ୍ଧାନ ପରେ ଲୁଟେରାମାନେ ଗ୍ୟାସ କଟରରେ ଏଟିଏମ କାଟି ଟଙ୍କା ଲୁଟି ନେଇଥିବା ଜାଣି ଥାନାକୁ ଖବର କରିଥିଲେ। ନିର୍ଦ୍ଦିଷ୍ଟ ଭାବେ ଏଟିଏମରୁ କେତେଟଙ୍କା ଲୁଟ୍ ହୋଇଛି ବ୍ୟାଙ୍କ କର୍ତ୍ତୃପକ୍ଷଙ୍କଠାରୁ ସୂଚନା ମିଳିନାହିଁ।

### ୫୧୨ହିତାଧିକାରୀ ପାଇଲେ ୩୫ଶହ ଟଙ୍କା ଭତ୍ତା

ରେଢାଖୋଲ,୧୫।୧(ଅଚ୍ୟୁତାନନ୍ଦ ପୁରୋହିତ)

ସମ୍ବଲପୁର ଜିଲା ରେଢାଖୋଲ ବ୍ଲକ ଅଧୀନ ୪ଟି ପଞ୍ଚାୟତର ୫୧୨ ଜଣ ୮୦ ବର୍ଷୀୟ ବୃଦ୍ଧାବୃଦ୍ଧ ଓ ୮୦ପ୍ରତିଶତରୁ ଊର୍ଦ୍ଧ୍ୱ ଭିନ୍ନକ୍ଷମ ହିତାଧିକାରୀଙ୍କୁ ବୁଧବାର ସରକାରଙ୍କ ଘୋଷିତ ୩୫ଶହ ଟଙ୍କା ଭତ୍ତା ପ୍ରଦାନ କରାଯାଇଛି। ବ୍ଲକର ବଡବାହାଲ, କଦଳିଗଡ, ବୁର୍ଡା ଓ ଚାରମାଳ ପଞ୍ଚାୟତର ଭିନ୍ନକ୍ଷମ, ମଧୁବାବୁ, ଇନ୍ଦିରାଗାନ୍ଧୀ ଜାତୀୟ ଭତ୍ତା ଯୋଜନାରେ ହିତାଧିକାରୀମାନଙ୍କୁ ଭତ୍ତା ବଣ୍ଟନ କରାଯାଇଛି। ବ୍ଲକ ସଭାଗୃହରେ ଆୟୋଜିତ ସଭାରେ ପଞ୍ଚାୟତ ସମିତି ଅଧକ୍ଷ ପ୍ରଦୀପ ପ୍ରଧାନ, ବୁର୍ଡା ସରପଞ୍ଚ ରାଜା ପାଲ, କଦଳିଗଡ ସରପଞ୍ଚ ସରୋଜ ସେଠୀ, ପଞ୍ଚାୟତ ଅଧିକାରୀ ପଞ୍ଚାନନ ବେହେରା ଯୋଗଦେଇ ଭତ୍ତା ବଣ୍ଟନ କରିଥିଲେ।

### ଭିସୁଟ୍ ଚେସ୍ ଖେଳାଳିଙ୍କୁ କାଂସ୍ୟ ପଦକ



ସମ୍ବଲପୁର,୧୫।୧(ପ୍ରମୋଦ ବହିଦାର)

ପଶ୍ଚିମବଙ୍ଗର ଖଡ଼ଗପୁର ଆଇଆଇଟିରେ ଆୟୋଜିତ ବାର୍ଷିକ କ୍ରୀଡା ମହୋତ୍ସବ ସୌର୍ଯ୍ୟଫେଷ୍ଟ-୨୦୨୫ରେ ସମ୍ବଲପୁର ବୁର୍ଲାସ୍ଥିତ ବୀର ସୁରେନ୍ଦ୍ର ସାଏ ବୈଷୟିକ ବିଶ୍ୱବିଦ୍ୟାଳୟ(ଭିସୁଟ୍)ର ଚେସ ଖେଳାଳି ଚମକ୍ ଦେଖାଇଛନ୍ତି। ଖଡ଼ଗପୁର ଆଇଆଇଟି ପକ୍ଷରୁ ଗତ ଜାନୁଆରୀ ୧୦ରୁ ୧୨ ତାରିଖ ମଧ୍ୟରେ ଆୟୋଜିତ ତିନିଦିନିଆ କ୍ରୀଡ଼ା ମହୋତ୍ସବର ଚେସ୍ ପ୍ରତିଯୋଗିତାରେ ଭିସୁଟ୍ ଚେସ୍ ଦଳ କାଂସ୍ୟ ପଦକ ହାସଲ କରିଛନ୍ତି। ଏହା ଭିସୁଟ୍ ଖେଳାଳିଙ୍କ ସମର୍ପଣ ଭାବ ଓ ଦଳଗତ ପରିଶ୍ରମର ଫଳ ବୋଲି ଭିସୁଟ୍ କ୍ରୀଡ଼ା ସୋସାଇଟି ଉପସଭାପତି ସତ୍ୟବ୍ରତ ଦାଶ କହିଛନ୍ତି। ଏହି ସଫଳତା ପାଇଁ ସେ ସମସ୍ତ ଖେଳାଳିଙ୍କୁ ଅଭିନନ୍ଦନ ଜଣାଇଛନ୍ତି।

# ସମ୍ବଲପୁର ଧନୁଯାତ୍ରାର ସାଂସ୍କୃତିକ ଶୋଭାଯାତ୍ରା

ସମ୍ବଲପୁର,୧୫।୧(ବି.ଶଙ୍କର)




ବୁଧବାର ସମଲେଇଙ୍କଠାରେ ପୂଜାର୍ଚ୍ଚନା ପରେ ସମ୍ବଲପୁରୀ ଧନୁଯାତ୍ରାର ସାଂସ୍କୃତିକ ଶୋଭାଯାତ୍ରା ସହର ପରିକ୍ରମା କରୁଛି।

- ଚାଉଁରପୁର ସ୍ଥିତ ସମଲେଇଙ୍କଠାରେ ମଧ ପୂଜାର୍ଚ୍ଚନା
- ସାଂସ୍କୃତିକ ଶୋଭାଯାତ୍ରାରେ ସାମିଲ ହେଲେ ବିଧାୟକ

ସମ୍ବଲପୁରୀ ଭାଷା ସଂସ୍କୃତିର ପ୍ରଚାର ଓ ପ୍ରସାର ଲାଗି ୨୦୨୪ ମସିହାରେ ସମ୍ବଲପୁରୀ ଧନୁଯାତ୍ରା ଆରମ୍ଭ ହୋଇଥିଲା। ଏହିକ୍ରମରେ ଚଳିତବର୍ଷ ପାଇଁ ବୁଧବାର ସକାଳ ୯ଟାରେ ସମଲେଇଙ୍କଠାରେ ଧନୁଯାତ୍ରା ଆୟୋଜନ କମିଟି କର୍ମକର୍ତ୍ତା ସ୍ୱତନ୍ତ୍ର ପୂଜାର୍ଚ୍ଚନା ସହ କାର୍ଯ୍ୟକ୍ରମ ଆରମ୍ଭ ହୋଇଛି। ଚଳିତବର୍ଷ ଯାତ୍ରାର ସଫଳ ମନାସୀ ଦେବୀଙ୍କଠାରୁ ଆଶୀର୍ବାଦ ଭିକ୍ଷା କରିଥିଲେ। ଏହା ପରେ ସାଂସ୍କୃତିକ ଶୋଭାଯାତ୍ରାକୁ ଯାତ୍ରା କମିଟି ସଭାପତି ସଞ୍ଜୟ କୁମାର ବାବୁ ଶୁଭରାମ୍ଭ କରିଥିଲେ। ଦୁଲଦୁଲି, କିର୍ତ୍ତନ, ସଂପ୍ରଦା, ଶଙ୍ଖ, ଘଣ୍ଟ, ହରିବୋଲ ଓ ହୁଳହୁଳିରେ ଯାତ୍ରାପଥ ପ୍ରକମ୍ପିତ ହୋଇଥିଲା। ସାଂସ୍କୃତିକ ଶୋଭାଯାତ୍ରାକୁ ବିଭିନ୍ନ ଛକରେ ସ୍ୱାଗତ କରାଯାଇଥିଲା। ନନ୍ଦପଡା ଛକରେ ସମ୍ବଲପୁର ବିଧାୟକ ଜୟନାରାୟଣ ମିଶ୍ର ଶୋଭାଯାତ୍ରାରେ ସାମିଲ ହୋଇଥିଲେ। ମଧ୍ୟାହ୍ନ ୧୨ଟା୩୦ରେ ଶୋଭାଯାତ୍ରା ଉତ୍ସବସ୍ଥଳରେ ପହଞ୍ଚି ଥିଲା । ସେଠାରେ କଳାକାର ଓ ଆୟୋଜନ କିମିଟି କର୍ମକର୍ତ୍ତାମାନେ ନୃତ୍ୟ ପରିବେଷଣ କରିଥିଲେ। ପରେ ମଞ୍ଚରେ କଳସ ସ୍ଥାପନ କରାଯାଇଥିଲା। ସମ୍ବଲପୁରୀ ଧନୁଯାତ୍ରା କମିଟି ଉପସଭାପତି ରାମଦାସ ପଣ୍ଡା, ସମ୍ପାଦକ ଗୁଣରଞ୍ଜନ ସାଲିମା, କୋଷାଧକ୍ଷ ନିଶିକାନ୍ତ ବିଶ୍ୱାଳ, ଚୈତନ୍ୟ ନାୟକ, ଲଳିତ ମୋହନ ବେର୍ତ୍ତା, ସୂର୍ଯ୍ୟ ପାଣିଗ୍ରାହୀ, ଯୋଗେଶ କୁମାର ନନ୍ଦ, ଗୋକୁଳ ମେହେର, ସ୍ୱାଧିନ ପଣ୍ଡା, ରାହୁଲ ଗୁପ୍ତା, ସୌରୀନାରାୟଣ ପାଣିଗ୍ରାହୀ, ସୁରେଖା ସାହୁ, ସୁଷମା ପ୍ରଧାନ, ଓମ ପ୍ରକାଶ ପଣ୍ଡା, ପ୍ରମିଳା ବେହେରା, ଶ୍ୱେତା ପଣ୍ଡା, ଇଞ୍ଜିନିୟର ଅନମୋଲ, ଦୁଷ୍ମନ୍ତ ପଣ୍ଡା, ନାଟ୍ୟକାର ଓ ନିର୍ଦ୍ଦେଶକ ବବୁଲୁ ବାଗ, କଂସ ଭୂମିକାରେ ଅଭିନୟ କରୁଥିବା ଫଣିନ୍ଦ୍ର ପଣ୍ଡା ସାମିଲ ଥିଲେ। ସେହିପରି ଗୋପପୁର ଯାତ୍ରା କମିଟି କର୍ମକର୍ତ୍ତାମାନେ ଚାଉଁରପୁରସ୍ଥିତ ଐତିହାସିକ ସମଲେଇ ମନ୍ଦିରରେ ପୂଜାର୍ଚ୍ଚନା କରିଥିଲେ। ସମ୍ବଲପୁରୀ ଧନୁଯାତ୍ରା ଗୋପପୁର କମିଟି ସଭାପତି ଆଦିତ୍ୟ ନାୟକ, ସଂପାଦକ ଗଣେଷ ମହନ୍ତମ, ଗ୍ରାମର ବରିଷ୍ଠ ନାଗରିକ ଯୋଗେନ୍ଦ୍ର ମାଝି, ଶିବଶଙ୍କର ବଡ଼େଇ ଉପସ୍ଥିତ ଥିଲେ। ସୂଚନାଯୋଗ୍ୟ ଯେ, ବୁଧବାରଠାରୁ ଗଙ୍ଗାଧର ମୁକ୍ତମଣ୍ଡପ ମଥୁରା ନଗର ଓ ଚାଉଁରପୁର ଗୋପପୁରଭାବେ ବିବେଚିତ ହୋଇ ଧନୁଯାତ୍ରା ଲୀଳା ନାଟକ ଅଭିନୀତ ହେବ। ଏହା ୫ଦିନ ଧରି ଚାଲିବ।

# ଜମନକିରା ମଣ୍ଡଳସ୍ତରୀୟ ଭାଜପା ସମ୍ବର୍ଦ୍ଧନା ସଭା

ଜମନକିରା,୧୫।୧(ରବୀନ୍ଦ୍ର ପ୍ରସାଦ ଦାନୀ)

ଜମନକିରା ବ୍ଲକ ଭାଜପାର ଜମନକିରା ଏବଂ ଗୁଣ୍ଡୁରୁଚୁଆ ଦୁଇଟି ମଣ୍ଡଳ କମିଟି ରହିଛି। ବୁଧବାର ମଣ୍ଡଳସ୍ତରୀୟ ଏକ ସମ୍ବର୍ଦ୍ଧନା ସଭା ତହସିଲ ଆଇବି ପରିସରରେ ଅନୁଷ୍ଠିତ ହୋଇ ଯାଇଛି। ସଭାପତି ଅମୋଘ ବୈରି ଗଞ୍ଜନ ପାଣିଗ୍ରାହୀଙ୍କ ଅଧକ୍ଷତାରେ ଅନୁଷ୍ଠିତ ବୈଠକରେ ଜିଲା ସମ୍ପାଦକ ବିଭୂତି କଲ୍ୟାଣ ପଟେଲ ସହନିର୍ବାଚନ ଅଧିକାରୀ ତଥା ପର୍ଯ୍ୟବେକ୍ଷକଭାବେ ଯୋଗଦେଇଥିଲେ। ସମ୍ମାନୀତ ଅତିଥିଭାବେ ବରିଷ୍ଠ ସଭ୍ୟ ଦୁଷ୍ମନ୍ତ ନାୟକ, ଜିଲା ପ୍ରତିନିଧି ସୁନିଲ ମୁଦୁଲି, ଗୁଣ୍ଡୁରୁଚୁଆଁ ମଣ୍ଡଳ ସଭାପତି ମନୋଜ କୁମାର ମାଝୀ, ପୂର୍ବତନ ଜମନକିରା ମଣ୍ଡଳ ସଭାପତି ଅମୋଘ ବୈରିଗଞ୍ଜନ ପାଣିଗ୍ରାହୀ, ପୂର୍ବତନ ବ୍ଲକ ସଭାପତି ଶ୍ରୀକାନ୍ତ ପଟେଲ, ବରିଷ୍ଠ ସଭ୍ୟ ଗୋକୁଲାନନ୍ଦ ଦାନୀ, ବଡରମା ସରପଞ୍ଚ ତଥା ପୂର୍ବତନ ଜମନକିରା ମଣ୍ଡଳ ସାଧାରଣ ସମ୍ପାଦକ ବିଜୟ କୁମାର ନାୟକ ମଞ୍ଚାସୀନ ଥିଲେ। ପରେ ମଣ୍ଡଳସ୍ତରୀୟ ନୂତନ ସଭାପତି ଭାବେ ବିଜୟ କୁମାର ନାଏକଙ୍କୁ ଦାୟିତ୍ୱ ପ୍ରଦାନ କରାଯାଇଥିଲା। ଏଥିସହ ବୁଥ ପ୍ରମୁଖ, ସହପ୍ରମୁଖ, ହ୍ୱାଟସାପ ପ୍ରମୁଖ, ମନ୍ କି ବାତ୍ ପ୍ରମୁଖ, ଲାଭାର୍ଥି ପ୍ରମୁଖ ଗଠନ ଓ ଦାୟିତ୍ୱକୁ ନେଇ ନିର୍ବାଚନ ସହଅଧିକାରୀ ପଟେଲ ଅଭିଭାଷଣ ମାଧ୍ୟମରେ ବୁଝାଇଥିଲେ। ଏହି କାର୍ଯ୍ୟକ୍ରମରେ ଜମନକିରା ବ୍ଲକର ୧୦ଟି ପଞ୍ଚାୟତର କର୍ମୀ ଯୋଗ ଦେଇଥିଲେ। ରମେଶ ପ୍ରଧାନ ଧନ୍ୟବାଦ ଅର୍ପଣ କରିଥିଲେ।



ସମ୍ବର୍ଦ୍ଧନା ସଭାରେ ଉପସ୍ଥିତ ଭାଜପା କର୍ମକର୍ତ୍ତା ଓ ନେତୃବର୍ଗ।

# ଶିକ୍ଷା ଦାୟିତ୍ୱବାନ ନାଗରିକ ସୃଷ୍ଟି କରିବାର ମୂଳଦୁଆ

ସମ୍ବଲପୁର,୧୫।୧(ଭବାନୀ ଶଙ୍କର ଭୋଇ)



ଜିନ୍ଦଲ ଶ୍ରୀଶ୍ରୀ ଏକାଡେମୀର ପଞ୍ଚତତ୍ତ୍ୱ ଆଧାରିତ ଉତ୍ସବରେ ମଞ୍ଚାସୀନ ଅତିଥି।

**ଜିନ୍ଦଲ ଶ୍ରୀ ଶ୍ରୀ ଏକାଡେମୀର ପଞ୍ଚତତ୍ତ୍ୱ ଆଧାରିତ ବାର୍ଷିକ ଉତ୍ସବ**

ସମ୍ବଲପୁର ଜିଲା ଠେଲକୋଲୋଇ ସ୍ଥିତ ଜେଏସଡବ୍ଲ୍ୟୁ ପରିସରସ୍ଥିତ ଜିନ୍ଦଲ ଶ୍ରୀଏକାଡେମୀ ପକ୍ଷରୁ ସୃଷ୍ଟି ଆଧାରଭାବେ ପଞ୍ଚମହାଭୂତକୁ ଆଧାର କରି ଏକ କାର୍ଯ୍ୟକ୍ରମ ଆୟୋଜନ କରାଯାଇଥିଲା। ସ୍କୁଲ କମିଟି ଅଧକ୍ଷା ନୀଲମ ସିଂହ ଶିକ୍ଷାର ଗୁରୁତ୍ୱ ଉପରେ ଛାତ୍ରୀଛାତ୍ରଙ୍କୁ ବୁଝାଇ କହିଥିଲେ, ଶିକ୍ଷା ସମାଜରେ ଦାୟିତ୍ୱବାନ ନାଗରିକ ସୃଷ୍ଟି କରିବାର ମୂଳଦୁଆ। ଏହି କାର୍ଯ୍ୟକ୍ରମରେ ସ୍କୁଲର ଯୁବ ଛାତ୍ରମାନଙ୍କ ଦ୍ୱାରା ବିଭିନ୍ନ ସାଂସ୍କୃତିକ ପ୍ରଦର୍ଶନ କରାଯାଇଥିଲା। ବିଭିନ୍ନ ନୃତ୍ୟ, ସ୍କଟ ଏବଂ ସଙ୍ଗୀତ ଉପସ୍ଥାପନା ମାଧ୍ୟମରେ ଛାତ୍ରୀଛାତ୍ରମାନେ ସେମାନଙ୍କ ପ୍ରତିଭା ପ୍ରଦର୍ଶନ କରିଥିଲେ। ପ୍ରତ୍ୟେକ ପ୍ରଦର୍ଶନ ପ୍ରକୃତିର ପାଞ୍ଚଟି ଉପାଦାନ ମଧ୍ୟରୁ ଗୋଟିଏକୁ ସୃଜନଶୀଳ ଭାବରେ ପ୍ରତିନିଧିତ୍ୱ କରିଥିଲା। ପୃଥିବୀ, ଜଳ, ଅଗ୍ନି, ବାୟୁ ଏବଂ ଅନ୍ତରୀକ୍ଷ, ଛାତ୍ରୀଛାତ୍ରମାନେ ପ୍ରତ୍ୟେକ ଉପାଦାନ ସହିତ ଜଡିତ ପରିବେଶଗତ ସମସ୍ୟାଗୁଡ଼ିକୁ ଆଲୋକପାତ କରିଥିଲେ। ଏହାସହ ସମସ୍ୟାଗୁଡ଼ିକର ସମାଧାନ ପାଇଁ ପ୍ରସ୍ତାବ ଦେଇଥିଲେ। ଏହି କାର୍ଯ୍ୟକ୍ରମରେ ଜେଏସଡବ୍ଲ୍ୟୁ-ବିପିସିଏଲା ସିଓଓ ଉମେଶ ରାୟ ମୁଖ୍ୟ ଅତିଥିଭାବେ ଯେଗାଦେଇଥିଲେ। ଜେଏସ୍‌ଡବ୍ଲ୍ୟୁର ସହଯୋଗୀ ସଂସ୍ଥାଭାବେ ଜିନ୍ଦଲ ଶ୍ରୀ ଏକାଡେମୀ ସାମଗ୍ରିକ ଶିକ୍ଷା ଏବଂ ଅଭିବୃଦ୍ଧି ପାଇଁ କାର୍ଯ୍ୟ କରୁଥିବା ନେଇ ଏଚ୍ଆର ମୁଖ୍ୟ ଜେ.ପି.ସିଂହ କହିଥିଲେ। ଉତ୍କର୍ଷତା ଏବଂ ସାମାଜିକ ଦାୟିତ୍ୱ ସହ ଜେଏସଡବ୍ଲ୍ୟୁ ଛାତ୍ରୀଛାତ୍ରଙ୍କୁ ବିଶ୍ୱସ୍ତରୀୟ ସୁବିଧା ଏବଂ ଅନୁକୂଳ ଶିକ୍ଷା ପରିବେଶ ଯୋଗାଇବା ପାଇଁ ବଦ୍ଧପରିକର ବୋଲି ଜେଏସଡବ୍ଲ୍ୟୁ-ବିପିସିଏଲା ସିଓଓ ଉମେଶ କହିଥିଲେ ।

### ବର୍ଦ୍ଧିତ ଟଙ୍କା ପାଇ ଖୁସିବ୍ୟକ୍ତ କଲେ ହିତାଧିକାରୀ

ସମ୍ବଲପୁର,୧୫।୧(ପ୍ରମୋଦ ବହିଦାର)

ରାଜ୍ୟ ସରକାର ମଧୁବାବୁ ଭତ୍ତା ଯୋଜନା ଓ ଜାତୀୟ ସାମାଜିକ ସୁରକ୍ଷା କାର୍ଯ୍ୟକ୍ରମ ଅଧିନରେ ଭତ୍ତା ୩୫୦୦ଟଙ୍କାକୁ ବୃଦ୍ଧି କରିଛନ୍ତି। ସମ୍ବଲପୁର ଜିଲାର ୮୬୬୨ ହିତାଧିକାରୀ ବର୍ଦ୍ଧିତ ଭତ୍ତା ପାଇଛନ୍ତି। ମୁଦିପଡାର ୯୦ବର୍ଷୀୟ ସତ୍ୟବାନ ପଟେଲ କହିଛନ୍ତି ଏହି ରାଶି ତାଙ୍କ ପାଇଁ ବିଶେଷ ସହାୟକ ହେବ। ଏହି ଟଙ୍କାରେ ସେ ପ୍ରଥମେ ଚଷମା ଓ ତାଙ୍କ ସ୍ୱାସ୍ଥ୍ୟ ପାଇଁ ନିୟମିତ ଭାବେ ସେବନ କରୁଥିବା ଔଷଧ କ୍ରୟ କରିବେ। ଅବଶିଷ୍ଟ ଟଙ୍କା ପରିବାର ଲୋକଙ୍କୁ ଦେବେ ବୋଲି କହିଛନ୍ତି । ରେଙ୍ଗାଲି ଜଙ୍ଗଲାର ଅର୍ଣ୍ଣପୂର୍ଣ୍ଣା ମାଝୀ(୮୦) କହିଛନ୍ତି ଏହି ଭତ୍ତା ତାଙ୍କ ନିଜର ଆବଶ୍ୟକତା ପୂରଣ କରିବାରେ ସହାୟକ ହେବ। ରେଙ୍ଗାଲି ବ୍ଲକ ଡୁଙ୍ଗୁରିପଡ଼ା ଅଞ୍ଚଳର ୮୪ ବର୍ଷୀୟ କୁରକୁରୁ ଖଡ଼ିଆଙ୍କ କହିବାନୁସାରେ ବର୍ଦ୍ଧିତ ରାଶି ତାଙ୍କର ନିଜସ୍ୱ କାର୍ଯ୍ୟରେ ଆସିବ। ପୁଅ ଓ ବୋହୂଙ୍କ ଉପରେ ବିଶେଷ ବୋଝ ହେବନାହିଁ। ବର୍ଦ୍ଧିତ ଭତ୍ତା ପାଇଁ ସେମାନେ ରାଜ୍ୟ ଓ କେନ୍ଦ୍ର ସରକାରଙ୍କୁ କୃତଜ୍ଞତା ଜଣାଇଛନ୍ତି।

# ଖଣ୍ଡୋକଟା ଧନୁଯାତ୍ରା ପାଇଁ ଶୁଭସ୍ତମ୍ଭ ସ୍ଥାପନ

କୁଚିଣ୍ଡା,୧୫।୧(ବିରଞ୍ଚି ଦର୍ଜ୍ଜୀ)

ସମ୍ବଲପୁର ଜିଲା କୁଚିଣ୍ଡା ବ୍ଲକର ସର୍ବ ପୁରାତନ ଖଣ୍ଡୋକଟା ଧନୁଯାତ୍ରା ପାଇଁ ବୁଧବାର ଶୁଭସ୍ତମ୍ଭ ସ୍ଥାପିତ ହୋଇଯାଇଛି। ଗ୍ରାମ୍ୟ ଉନ୍ନୟନ, ପଞ୍ଚାୟତିରାଜ ଓ ପାନୀୟ ଜଳ ବିଭାଗ ମନ୍ତ୍ରୀ ରବି ନାରାୟଣ ନାଏକ ଏଥିରେ ମୁଖ୍ୟ ଅତିଥିଭାବେ ଯୋଗଦେଇ ହେବାକୁ ଥିବା ୩୨ତମ ବିରାଟ ଧନୁଯାତ୍ରା ମହୋତ୍ସବ ପାଇଁ ଶୁଭସ୍ତମ୍ଭ ସ୍ଥାପନ କରିଥିଲେ। ସେ ତାଙ୍କ ବକ୍ତବ୍ୟରେ କହିଥିଲେ ଯେ,ଏ ଅଞ୍ଚଳର କଳା ଓ ସଂସ୍କୃତିର ବିକାଶ ନିମନ୍ତେ ଖଣ୍ଡୋକଟା ଗ୍ରାମ ତଥା ଅଞ୍ଚଳବାସୀଙ୍କ ସହଯୋଗରେ ୩୨ବର୍ଷ ପୂର୍ବେ ୧୯୯୩ରେ ଏହି ଧନୁଯାତ୍ରା ଆରମ୍ଭ ହୋଇଥିଲା। ଏହି ଧନୁଯାତ୍ରା ସଂସ୍କୃତି ତଥା ଅଞ୍ଚଳର କଳାକୁ ବିକଶିତ କରିବା ଉଦ୍ଦେଶ୍ୟରେ ଅନବରତ ଭାବେ ତାର ଉଦ୍ୟମ ଜାରି ରଖିଛି। ଫେବୃଆରୀ ୮ରୁ ମାଘ ପୂର୍ଣ୍ଣିମା ୧୨(କୃଷ୍ଣ ଜନ୍ମରୁ କଂସ ବଧ) ପର୍ଯ୍ୟନ୍ତ ୫ଦିନ ଧରି ହେବାକୁ ଥିବା ଖଣ୍ଡୋକଟା ଧନୁଯାତ୍ରା ପାଇଁ ସମଗ୍ର ଅଞ୍ଚଳ ମୁଖରିତ ହେବ। ତେଣୁ ଏହି ସଂସ୍କୃତି ଭିତ୍ତିକ ମହୋତ୍ସବରେ ଜନସାଧାରଣ ସହଯୋଗ କରିବାକୁ ମନ୍ତ୍ରୀ ନାଏକ ଅନୁରୋଧ କରିଛନ୍ତି। ଏହି ଅବସରରେ ଗ୍ରାମର ଜଗନ୍ନାଥ ମନ୍ଦିରରେ ଶୁଭ ସ୍ତମ୍ଭକୁ ପୂଜାର୍ଚ୍ଚନା କରାଯାଇ ଏକ ଶୋଭାଯାତ୍ରାରେ ଧନୁଯାତ୍ରାସ୍ଥଳ କଂସ ମଣ୍ଡପକୁ ନିଆଯାଇଥିଲା। ଏଥିରେ ଶତାଧିକ ମହିଳାପୁରୁଷ ସାମିଲ ହୋଇଥିଲେ। ଶୋଭାଯାତ୍ରାରେ ଘଣ୍ଟ ଶଙ୍ଖ, ଦୁଲଦୁଲି ବାଦ୍ୟ ସହ ସଂକୀର୍ତ୍ତନ ମଣ୍ଡଳୀ ଯୋଗଦେଇଥିବାରୁ ଗ୍ରାମରେ ଏକ ଭକ୍ତିମୟ ପରିବେଶ ସୃଷ୍ଟି ହୋଇଥିଲା। ପତିତପାବନ ପାଣିଗ୍ରାହୀଙ୍କ ପୂଜାର୍ଚ୍ଚନା ପରେ ଶୁଭସ୍ତମ୍ଭ ସ୍ଥାପନ କରାଯାଇଥିଲା। ଧନୁଯାତ୍ରା ମହୋତ୍ସବ କମିଟି ସଭାପତି ପୂର୍ଣ୍ଣଚନ୍ଦ୍ର ପଟେଲ, ଉପସଭାପତି ସନ୍ତୋଷ ପୃଷ୍ଟେଠ, ସମ୍ପାଦକ ଧନିରାମ ନାୟକ, ସହସମ୍ପାଦକ ବିକାଶ ଚନ୍ଦ୍ର ନାୟକ, କୋଷାଧକ୍ଷ ଚନ୍ଦ୍ରମଣି ନାଏକଙ୍କ ତତ୍ତ୍ୱାବଧାନରେ ହୋଇଥିବା କାର୍ଯ୍ୟକ୍ରମ ପରିଚାଳନାରେ କଂସ ଭୂମିକାରେ ଅଭିନୟ କରୁଥିବା ପ୍ରତାପ ଧୂରୁଆ(ପିଣ୍ଟୁ), ଡିଳେଶ୍ୱର ସାହୁ, କିଶୋର ଚନ୍ଦ୍ର ସାହୁ, ବୀରେନ୍ଦ୍ର ପଟେଲ, କୃଷ୍ଣଚନ୍ଦ୍ର ନାୟକ, ଶ୍ରୀବତ୍ସ ମାକର, ପ୍ରଫୁଲ୍ଲ ପଟେଲ, ସୁମନ୍ତ ନାୟକ, ସନ୍ତୋଷ ପଟେଲ, ବେଦବ୍ୟାସ ପଟେଲ, ତୁଳାରାମ ସାହୁ, ମନୋଜ ପୃଷ୍ଟେଠଙ୍କ ସମେତ ଗ୍ରାମର ବହୁ ମାନ୍ୟଗଣ୍ୟ ବ୍ୟକ୍ତି ସହଯୋଗ କରିଥିଲେ।



ପୂଜାରେ ମନ୍ତ୍ରୀ ରବିନାରାୟଣ ନାଏକଙ୍କ ସହ କମିଟିର କର୍ମକର୍ତ୍ତା।

# ୮୬୬୨ ହିତାଧିକାରୀ ପାଇଲେ ୩୫ଶହ ଭତ୍ତା

ସମ୍ବଲପୁର,୧୫।୧(ପ୍ରମୋଦ ବହିଦାର)

ସମ୍ବଲପୁରରେ ୮୦ବର୍ଷରୁ ଊର୍ଦ୍ଧ୍ୱ ଓ ୮୦ ପ୍ରତିଶତରୁ ଅଧିକ ଭିନ୍ନକ୍ଷମ ହିତାଧିକାରୀଙ୍କୁ ୩୫୦୦ ଟଙ୍କାର ପ୍ରଥମ ମାସିକ ଭତ୍ତା ବଣ୍ଟନ କରାଯାଇଛି। ସ୍ଥାନୀୟ ତପସ୍ୱିନୀ ପ୍ରେକ୍ଷାଳୟରେ ବୁଧବାର ଜିଲାପାଳ ସିଦ୍ଧେଶ୍ୱର ବଳିରାମ ବୋନ୍ଦରଙ୍କ ଅଧକ୍ଷତାରେ ଜନସେବା ଦିବସ ଉପଲକ୍ଷେ ଆୟୋଜିତ ବର୍ଦ୍ଧିତ ଭତ୍ତା ବିତରଣ ସମାରୋହରେ ମୁଖ୍ୟଅତିଥି ଭାବେ ଯୋଗଦେଇ ପଞ୍ଚାୟତିରାଜ, ପରିମଳ ଓ ପାନୀୟଜଳ ମନ୍ତ୍ରୀ ରବିନାରାୟଣ ନାୟକ ହିତାଧିକାରୀମାନଙ୍କୁ ମଧୁବାବୁ ପେନ୍‌ସନ ଯୋଜନା ଓ ଜାତୀୟ ସାମାଜିକ ସହୟତା ଯୋଜନା ଅନ୍ତର୍ଗତ ବର୍ଦ୍ଧିତ ଭତ୍ତା ବଣ୍ଟନ କରିଥିଲେ। ଏହି ଅବସରରେ ସେ କହିଲେ ଯେ, ମୋହନ ଚରଣ ମାଝୀଙ୍କ ନେତୃତ୍ୱାଧୀନ ଭାଜପା ସରକାର ଚାଷୀ, ମହିଳା କଲ୍ୟାଣ ଭଳି ଅନେକ ଜନହିତକର ଯୋଜନା କାର୍ଯ୍ୟକାରୀ କରିଛନ୍ତି। ବାର୍ଦ୍ଧକ୍ୟ ଓ ଭିନ୍ନକ୍ଷମ ଭତ୍ତାକୁ ପୂର୍ବ ତୁଳନାରେ ତିନିଗୁଣ ବୃଦ୍ଧି କରି ପ୍ରଦାନ ସାମାନ୍ୟ ଉପଲବ୍ଧି ନୁହେଁ ବୋଲି କହିଥିଲେ। ପ୍ରାଥମିକ ଭାବେ ଉପସ୍ଥିତ ୨୨ ହିତାଧିକାରୀଙ୍କୁ ଭତ୍ତା ପ୍ରଦାନ କରାଯାଇଥିଲା। ଅନ୍ୟ ହିତାଧିକାରୀଙ୍କୁ ନିଜ ଅଞ୍ଚଳରେ ଭତ୍ତା ବିତରଣ କେନ୍ଦ୍ରରେ ବର୍ଦ୍ଧିତ ଭତ୍ତା ବଣ୍ଟନ କରାଯାଇଛି। ସମ୍ବଲପୁର ଜିଲାରେ ମୋଟ ୮୬୬୨ ଜଣ ହିତାଧିକାରୀଙ୍କୁ ବର୍ଦ୍ଧିତ ଭତ୍ତା ବଣ୍ଟନ କରାଯାଇଛି। ୮୦ବର୍ଷରୁ ଅଧିକ ବୟସ୍କ ୬୭୯୦ ଓ ୧୮୭୨ ଜଣ ୮୦ ପ୍ରତିଶତରୁ ଅଧିକ ଭିନ୍ନକ୍ଷମ ହିତାଧିକାରୀ ରହିଛନ୍ତି। ସମ୍ବଲପୁର ମହାନଗର ଅଞ୍ଚଳରେ ୧୦୨୮ ଜଣ, କୁଚିଣ୍ଡା ଏନ୍‌ଏସିରେ ୧୧୭, ରେଢ଼ାଖୋଲ ଏନ୍‌ଏସିରେ ୧୩୧ଜଣଙ୍କୁ ଭତ୍ତା ପ୍ରଦାନ କରାଯାଇଛି। ଜିଲାର ୯ ବ୍ଲକ ବାମରାରେ ୧୧୩୬, ଧନକଉଡ଼ାରେ ୫୨୭, ଜମନକିରାରେ ୧୦୭୩, ଯୁଯୁମୁରାରେ ୭୭୭, କୁଚୁଣ୍ଡାରେ ୯୦୯, ମାନେଶ୍ୱରରେ ୬୫୮, ନାକଟିଦେଉଳରେ ୬୮୬, ରେଢ଼ାଖୋଲରେ ୫୧୨ ଓ ରେଙ୍ଗାଲିରେ ୧୧୦୮ ହିତାଧିକାରୀଙ୍କୁ ଭତ୍ତା ଆବଣ୍ଟନ କରାଯାଇଛି। ବିଧାୟକ ଜୟନାରାୟଣ ମିଶ୍ର, ନାଉରୀ ନାୟକ, ସମ୍ବଲପୁର ମହାନଗର ନିଗମ ଆୟୁକ୍ତ ବେଦଭୂଷଣ ମଞ୍ଚାସୀନ ଥିଲେ।

### ସାଧାରଣତନ୍ତ୍ର ଦିବସ ପାଇଁ ପ୍ରସ୍ତୁତି ବୈଠକ

ଜମନକିରା,୧୫।୧(ରବୀନ୍ଦ୍ର ପ୍ରସାଦ ଦାନୀ)

ସମ୍ବଲପୁର ଜିଲା ଜମନକିରା ବ୍ଲକ ସମ୍ମିଳନୀ କକ୍ଷରେ ବୁଧବାର ୭୬ତମ ସାଧାରଣତନ୍ତ୍ର ଦିବସ ପାଇଁ ପ୍ରସ୍ତୁତି ବୈଠକ ଅନୁଷ୍ଠିତ ହୋଇଯାଇଛି। ଏଥିରେ ବିଡ଼ିଓ ରବୀନ୍ଦ୍ର କୁମାର ସେଠୀ ଅଧକ୍ଷତା କରି ଆଗାମୀ ସାଧାରଣତନ୍ତ୍ର ଦିବସରେ ବିଭିନ୍ନ ବର୍ଗର ଶ୍ରେଷ୍ଠ ବ୍ୟକ୍ତିଙ୍କୁ ସମ୍ବର୍ଦ୍ଧିତ ପାଇଁ ବିଡ଼ିଓ ସେଠୀ ପ୍ରସ୍ତାବ ଦେଇଥିଲେ। ଏଥିରେ ଅଗ୍ନିଶ୍ରମ ବିଭାଗ, ପୋଲିସ, ଶିକ୍ଷା, ସ୍ୱାସ୍ଥ୍ୟ, କୃଷି ଆଦି ବିଭିନ୍ନ ବିଭାଗକୁ ସାମିଲ କରିବା ପାଇଁ କୁହାଯାଇଥିଲା। ବିଭିନ୍ନ ବର୍ଗ ଯଥା ଶିକ୍ଷକ, ଆଶା, ସ୍ୱେଚ୍ଛାସେବୀ, ଡାକ୍ତର, ନର୍ସ, ଚାଷୀମାନଙ୍କ ମଧ୍ୟରୁ ଶ୍ରେଷ୍ଠଙ୍କୁ ସମ୍ମାନିତ କରିବା ପାଇଁ ନିଷ୍ପତ୍ତି ନିଆଯାଇଥିଲା। ପ୍ରସ୍ତୁତି ବୈଠକରେ ଏବିଡ଼ିଓ ରବୀନ୍ଦ୍ର ରଣା, ଏଇଇ ଶାଳିନୀ ସିଂ, ଜିପିଡିଓ ଅଜୟ ଖଡିଆ, ବିଏସ୍‌ଏସ୍‌ଓ ଅଭୟ ବାବୁ, ଏପିଓ ମନୋଜ ଭୋଇ, ଏବିଇଓ ଦେବକୀ ନାଏକ, ଏମ୍‌ପି ପ୍ରତିନିଧି ରମେଶ ସାହୁ, ସ୍ୱେଚ୍ଛାସେବୀ ଆଦି ପ୍ରସାଦ ମାହାକୁରଙ୍କ ସମେତ ବ୍ଲକ ଅଧିକାରୀ, କର୍ମଚାରୀ, ଗଣମାଧ୍ୟମ ପ୍ରତିନିଧି ଉପସ୍ଥିତ ଥିଲେ।

# କାଶୀ ବିଶ୍ୱନାଥ ମନ୍ଦିର ଜୀର୍ଣ୍ଣଲିଙ୍ଗ ଉଦ୍ଧାର ପ୍ରସ୍ତୁତି

ରେଢ଼ାଖୋଲ,୧୫।୧(ଅଚ୍ୟୁତାନନ୍ଦ ପୁରୋହିତ)


ସମ୍ବଲପୁର ଜିଲା ରେଢ଼ାଖୋଲ ସହରର ସର୍ବପୁରାତନ କାଶୀ ବିଶ୍ୱନାଥ ମନ୍ଦିରର ଜୀର୍ଣ୍ଣଲିଙ୍ଗ ଉଦ୍ଧାର ନିମନ୍ତେ ପ୍ରସ୍ତୁତି ବୈଠକ ଅନୁଷ୍ଠିତ ହୋଇଯାଇଛି। ଉପଜିଲାପାଳ ରଶ୍ମି ରଞ୍ଜନ ମହାନ୍ତଙ୍କ ଅଧକ୍ଷତାରେ ଅନୁଷ୍ଠିତ ବୈଠକରେ ରେଢ଼ାଖୋଲ ପଞ୍ଚାୟତ ସମିତି ଅଧକ୍ଷ ପ୍ରଦୀପ କୁମାର ପ୍ରଧାନ, ବିଜ୍ଞାପିତ ଅଞ୍ଚଳ ପରିଷଦ ଅଧକ୍ଷ ଶିବରାମ ସାହୁ, ବିଜ୍ଞାପିତ ଅଞ୍ଚଳ ପରିଷଦ ନିର୍ବାହୀ ଅଧିକାରୀ ବିରଞ୍ଚି ଧରୁଆ, ତହସିଲଦାର ପ୍ରଭାତ ରଞ୍ଜନ ବିଶ୍ୱାଳ, ଦେବୋତ୍ତର ବୋର୍ଡ ସଭାପତି ଅରୁଣ ପ୍ରଧାନଙ୍କ ସମେତ ରେଢ଼ାଖୋଲର ବହୁ ଜନସାଧାରଣ ଉପସ୍ଥିତ ରହି ସୁଚିନ୍ତିତ ମତ ପ୍ରଦାନ କରିଥିଲେ। ସୂଚନାଯୋଗ୍ୟ, ଆସନ୍ତା ଫେବୃଆରୀ ୧୮ରୁ ୨୫ତାରିଖ ମଧ୍ୟରେ କାଶି ବିଶ୍ୱନାଥଙ୍କ ଲିଙ୍ଗ ସ୍ଥାପନ ସହିତ ମହାଯଜ୍ଞ ଆୟୋଜନ କରାଯିବାକୁ ସ୍ଥିର କରାଯାଇଛି। ଏଥିନିମନ୍ତେ ଦେବତ୍ତର ବିଭାଗ ଖର୍ଚ୍ଚ ବହନ କରିବା ସହିତ ଭକ୍ତମାନଙ୍କ ସହଯୋଗ କାମନା କରାଯାଇଛି। ସୂଚନାଯୋଗ୍ୟ ଯେ, ଲିଙ୍ଗ ସହିତ ଅନ୍ୟ ଭଙ୍ଗାପାର୍ଶ୍ୱ ଦେବଦେବୀଙ୍କ ବିଗ୍ରହ ମଧ ପରିବର୍ତ୍ତନ ହୋଇ ନୂତନ ଭାବେ ସ୍ଥାପନ ହେବ। ଲିଙ୍ଗ ଖିଚିଂରୁ ଆସିବ ବୋଲି ଦେବୋତ୍ତର ବିଭାଗ ପକ୍ଷରୁ କୁହାଯାଇଛି।




ପ୍ରସ୍ତୁତି ବୈଠକରେ ଉପସ୍ଥିତ ଅଧିକାରୀ ଓ ଜନସାଧାରଣ।

# ପ୍ରସ୍ତୁତ ହେଲା ବାର୍ଷିକ କାର୍ଯ୍ୟ ଖସଡ଼ା

ନାକଟିଦେଉଳ,୧୫।୧(ବୈକୁଣ୍ଠନାଥ ସାହୁ)




ବୈଠକରେ ଉପସ୍ଥିତ ଜନ ପ୍ରତିନିଧି ଓ ଅଧିକାରୀ।

**ନାକଟିଦେଉଳ ପଞ୍ଚାୟତ ସମିତି ବୈଠକ**

ସମ୍ବଲପୁର ଜିଲା ନାକଟିଦେଉଳ ବ୍ଲକ କାର୍ଯ୍ୟାଳୟ ପରିସରସ୍ଥ ସଭାଗୃହରେ ବୁଧୁବାର ୮ମ ପଞ୍ଚାୟତ ସମିତି ବୈଠକ ଅନୁଷ୍ଠିତ ହୋଇଯାଇଛି। ପଞ୍ଚାୟତ ସମିତି ଅଧକ୍ଷା ସ୍ୱରୂପାରାଣୀ ସାହୁଙ୍କ ସଭାପତିତ୍ୱରେ ଏହି ବୈଠକ ଅନୁଷ୍ଠିତ ହୋଇଥିଲା। ଏଥିରେ ପୂର୍ବ ବୈଠକର ବିବରଣୀ ଅନୁମୋଦନ ସହ ଆକାଂକ୍ଷୀ ବ୍ଲକ ବିଷୟରେ ଆଲୋଚନା କରାଯାଇଥିଲା। ଏଥି ସହିତ କୃଷି, ଜଳସେଚନ, ଶିକ୍ଷା, ଗ୍ରାମ୍ୟ ଜଳ ଯୋଗାଣ, ପିଡ଼ିଏସ, ସମନ୍ୱିତ ଶିଶୁ ବିକାଶ, ସମାଜ କଲ୍ୟାଣ, ପ୍ରାଣୀଧନ ପାଳନ, ଉଦ୍ୟାନ କୃଷି, ଜଳ ବିଭାଜିକା, ବିଦ୍ୟୁତ, ଗ୍ରାମ୍ୟ ଉନ୍ନୟନ କାର୍ଯ୍ୟ, ପୂର୍ତ୍ତ ଓ ଗୃହ ନିର୍ମାଣ, ଜଙ୍ଗଲ ଓ କେନ୍ଦୁପତ୍ର ଏବଂ ଜାତୀୟ ରାଜପଥ ନିର୍ମାଣ କାର୍ଯ୍ୟ ସମ୍ପର୍କରେ ଆଲୋଚନା କରାଯାଇଥିଲା । ତେବେ ବୈଠକରେ ପାନୀୟ ଜଳ ଯୋଗାଣ, ବିଦ୍ୟାଳୟରେ ଖେଳ ପଡିଆ ସମ୍ପର୍କରେ ଆଲୋଚନା କରାଯାଇ ସମସ୍ୟାର ସମାଧାନ ପାଇଁ ପଦକ୍ଷେପ ନେବା ଦିଗରେ ପ୍ରସ୍ତାବ ଗୃହୀତ ହୋଇଥିଲା। ଅପରପକ୍ଷରେ ବାର୍ଷିକ କାର୍ଯ୍ୟଖସଡ଼ା ପ୍ରସ୍ତୁତ କରାଯାଇଥିଲା। ବୈଠକରେ ଅନ୍ୟମାନଙ୍କ ମଧ୍ୟରେ ନାକଟିଦେଉଳ ଗୋଷ୍ଠୀ ଉନ୍ନୟନ ଅଧିକାରୀ କ୍ଷମାନିଧି ଭୋଇ, ବ୍ଲକ ଉପାଧକ୍ଷ ଜିତେନ୍ଦ୍ରିୟ ପ୍ରଧାନ, ଏମ୍‌ପି ପ୍ରତିନିଧି ପୂର୍ଣ୍ଣଚନ୍ଦ୍ର ଗଡ଼ତ୍ୟା, ଜିଲା ପରିଷଦ ସଭ୍ୟା ପ୍ରିୟମ୍ବଦା ସାହୁ, ତହସିଲଦାର ଅମର ଜେ. ଡୁଙ୍ଗଡୁଙ୍ଗ ଏବଂ ଅତିରିକ୍ତ ବିଡ଼ିଓ ବିଦ୍ୟାଧର ରାଉତରାୟ ଯୋଗଦେଇଥିଲେ। ଏହି ବୈଠକରେ ରେଢ଼ାଖୋଲ ବିଧାୟକ ତଥା ବିରୋଧୀ ଦଳ ଉପନେତା ପ୍ରସନ୍ନ ଆଚାର୍ଯ୍ୟ ଏବଂ ପୂର୍ତ୍ତ ବିଭାଗ ଅଧିକାରୀମାନେ ଅନୁପସ୍ଥିତ ରହିଥିଲେ। ଏହାକୁ ନେଇ ଉପସ୍ଥିତ ଜନପ୍ରତିନିଧିମାନେ ଅସନ୍ତୋଷବ୍ୟକ୍ତ କରିଥିଲେ। ଏତଦ୍‌ବ୍ୟତୀତ ସମିତି ବୈଠକ ପାଇଁ ପୂର୍ବରୁ ବିଭିନ୍ନ ଅଧିକାରୀମାନଙ୍କୁ ବ୍ଲକ ପକ୍ଷରୁ ଚିଠି କରାଯାଇଥିଲେ ମଧ ବିଭିନ୍ନ ଅଧିକାରୀମାନେ ବୈଠକରେ ଅନୁପସ୍ଥିତ ରହିଥିବା ଦେଖିବାକୁ ମିଳିଥିଲା। ବୈଠକରେ ଗିରିଶ୍ଚନ୍ଦ୍ରପୁର ସରପଞ୍ଚ ଶୁଭେନ୍ଦ୍ର ପ୍ରଧାନ, ସାହେବୀ ସରପଞ୍ଚ ରାମପ୍ରସାଦ ସାହୁ, ନାକଟିଦେଉଳ ସରପଞ୍ଚ ଜିତେନ୍ଦ୍ର କୁମାର ସାହୁ, ସାଲେଭଟା ସରପଞ୍ଚ ପାଣ୍ଡ ପ୍ରଧାନ, ଉଇଁଚା ସମିତି ସଭ୍ୟ ପ୍ରବୀଣ କୁମାର ପ୍ରଧାନ, ଘୋଷରାମାଳ ସମିତି ସଭ୍ୟ ସୁଦର୍ଶନ ସାହୁ ବ୍ଲକର ବିଭିନ୍ନ ଅଞ୍ଚଳର ସମସ୍ୟା ସମ୍ପର୍କରେ ଆଲୋଚନା କରିଥିଲେ।

# ସିବିଆଇ ତଦନ୍ତ ନେଇ ମୁହଁ ଖୋଲିଲେ ଦୀପାଳି

**ଝାରସୁଗୁଡ଼ା, ୧୫।୧ (ଆଶିଷ ରଞ୍ଜନ ଦାଶ)**


ଦୀପାଳି ଦାସ

## ପୂର୍ବତନ ମନ୍ତ୍ରୀ ନବ ଦାସ ହତ୍ୟା ଘଟଣା

ଝାରସୁଗୁଡ଼ା ଜିଲା କିର୍ମିରା ପଞ୍ଚାୟତ ସମିତି ଅଧକ୍ଷାଙ୍କ ଅନାସ୍ଥା ପ୍ରସ୍ତାବ ଘଟଣାକୁ ନେଇ ରାଜ୍ୟବ୍ୟାପୀ ଚର୍ଚ୍ଚା ଚାଲିଛି। ଏହି ପରିପ୍ରେକ୍ଷୀରେ ପୂର୍ବତନ ମନ୍ତ୍ରୀ ନବ ଦାସଙ୍କ ହତ୍ୟା ଘଟଣାର ସିବିଆଇ ତଦନ୍ତ ନେଇ ମୁହଁ ଖୋଲିଛନ୍ତି ପୂର୍ବତନ ବିଧାୟିକା ଦୀପାଳି ଦାସ। ସରବାହାଲସ୍ଥିତ ବାସଭବନରେ ବୁଧବାର ସନ୍ଧ୍ୟାରେ ଆୟୋଜିତ ଖବରଦାତା ସମ୍ମିଳନୀରେ ଦୀପାଳି କହିଛନ୍ତି, ବର୍ତ୍ତମାନ ଭାଜପା ସରକାରରେ ଥିବା କେତେକ ବିଧାୟକ ମୋତେ ଓ ଆମ ପରିବାରକୁ ବଦନାମ କରିବା ଭଳି ମନ୍ତବ୍ୟ ଦେଉଛନ୍ତି। ଏପରିକି କିଛି ଗଣମାଧ୍ୟମ ଆମ ପରିବାର ଏବଂ ମୋ ବିଷୟରେ ବାରମ୍ବାର ଖବର ମଧ୍ୟ ପ୍ରସାରଣ କରୁଛନ୍ତି। ଏପରିକି ଭାଜପା ସରକାରରେ ଥିବା ୨ ବିଧାୟକ ବାରମ୍ବାର ମୋ ବାପାଙ୍କ ହତ୍ୟା ଘଟଣାର ସିବିଆଇ ତଦନ୍ତ କରାଇବାରେ କାହିଁକି ଦୀପାଳି ଚୁପ ରହିଛନ୍ତି ବୋଲି ପ୍ରଶ୍ନ କରୁଛନ୍ତି। ଏଣୁ ଆମ ପରିବାର ଏବଂ ମୋ ପକ୍ଷରୁ ଓଡ଼ିଶାର ମୁଖ୍ୟମନ୍ତ୍ରୀଙ୍କୁ ନିବେଦନ ମୋ ବାପା ତଥା ପୂର୍ବତନ ମନ୍ତ୍ରୀ ନବ ଦାସଙ୍କ ହତ୍ୟାକାଣ୍ଡର ସିବିଆଇ ତଦନ୍ତ କରିବେ କି ବୋଲି ପ୍ରଶ୍ନ କରିଛନ୍ତି। ଏହା ସହିତ ମୋର ଭାଇ ବିଶାଳ ଦାସଙ୍କୁ ବିନା ୱାରେଣ୍ଟ କିମ୍ବା ବିନା ଜୁଡ଼ିସିଆଲ ଆଦେଶରେ କାହିଁକି ଛତିଶଗଡ଼ରେ ପୋଲିସ ହାଜତରେ ରଖାଯାଇଥିଲା ତା'ର ଉତ୍ତର ମୋହନ ସରକାର ଦିଅନ୍ତୁ ବୋଲି ଦୀପାଳି କହିଛନ୍ତି।

# ପୂର୍ବତନ ମୁଖ୍ୟମନ୍ତ୍ରୀଙ୍କ ବିରୋଧରେ ଦୁଇ ପୂର୍ବତନ ମୁଖ୍ୟମନ୍ତ୍ରୀଙ୍କ ପୁଅ

**ନୂଆଦିଲ୍ଲୀ, ୧୫।୧**

ଫେବୃଆରୀ ୫ରେ ହେବାକୁ ଥିବା ନୂଆଦିଲ୍ଲୀ ନିର୍ବାଚନ ରୋଚକ ହେବ। ନୂଆଦିଲ୍ଲୀ ବିଧାନସଭା ଆସନରୁ ପୂର୍ବତନ ମୁଖ୍ୟମନ୍ତ୍ରୀ ତଥା ଆମ୍ ଆଦ୍‌ମୀ ପାର୍ଟି (ଆପ୍) ରାଷ୍ଟ୍ରୀୟ ଆବାହକ ଅରବିନ୍ଦ କେଜ୍‌ରିୱାଲ ପ୍ରାର୍ଥୀ ହୋଇଛନ୍ତି। ୨୦୧୩ରୁ ସେ ଉକ୍ତ ଆସନରୁ ଜିତି ଆସୁଛନ୍ତି। ତେବେ ଏଥର ତାଙ୍କ ବିରୋଧରେ ପ୍ରାର୍ଥୀ ହୋଇଛନ୍ତି ଦୁଇ ପୂର୍ବତନ ମୁଖ୍ୟମନ୍ତ୍ରୀଙ୍କ ପୁଅ। ଭାଜପା ପୂର୍ବତନ ମୁଖ୍ୟମନ୍ତ୍ରୀ ସାହିବ ସିଂ ବର୍ମାଙ୍କ ପୁଅ ପ୍ରବେଶ ବର୍ମାଙ୍କୁ ପ୍ରାର୍ଥୀ କରିଥିବାବେଳେ କଂଗ୍ରେସ ମଧ୍ୟ ପଛରେ ପଡ଼ିନାହିଁ। ଦଳ ପୂର୍ବତନ ମୁଖ୍ୟମନ୍ତ୍ରୀ ଶୀଲା ଦୀକ୍ଷିତ୍‌ଙ୍କ ପୁଅ ସନ୍ଦୀପ ଦୀକ୍ଷିତଙ୍କୁ ପ୍ରାର୍ଥୀ କରିଛି।



# କଂଗ୍ରେସ ମୁଖ୍ୟାଳୟର ନୂଆ ଠିକଣା



**ନୂଆଦିଲ୍ଲୀ, ୧୫।୧**

କଂଗ୍ରେସ ମୁଖ୍ୟାଳୟର ଠିକଣା ବଦଳିଛି। ୧୯୭୮ ମସିହାରୁ ନୂଆଦିଲ୍ଲୀର ୨୪ ଅଶୋକା ରୋଡ୍‌ଠାରେ ଚାଲିଆସିଥିବା ଏହି ପୁରାତନ ରାଜନୈତିକ ଦଳର ନୂଆ ଠିକଣା ହୋଇଛି ୯ଏ କୋଟ୍‌ଲା ରୋଡ୍। ପାଞ୍ଚ ମହଲା ବିଶିଷ୍ଟ ଏହି କାର୍ଯ୍ୟାଳୟକୁ ପୂର୍ବତନ ପ୍ରଧାନମନ୍ତ୍ରୀ 'ଇନ୍ଦିରା ଭବନ' ନାମରେ ନାମିତ କରାଯାଇଛି। କଂଗ୍ରେସ ସଂସଦୀୟ ଦଳ ନେତ୍ରୀ ସୋନିଆ ଗାନ୍ଧି ବୁଧବାର ଏହି କାର୍ଯ୍ୟାଳୟର ଉଦ୍‌ଘାଟନ କରିଛନ୍ତି। ଏହି ସମୟରେ କଂଗ୍ରେସ ଅଧ୍ୟକ୍ଷ ମଲ୍ଲିକାର୍ଜୁନ ଖାର୍ଗେ, ଲୋକ ସଭାର ବିରୋଧୀ ଦଳ ନେତା ରାହୁଲ ଗାନ୍ଧିଙ୍କ ସମେତ ଦଳୀୟ ନେତାମାନେ ଉପସ୍ଥିତ ଥିଲେ। ତେବେ ଏଠାରୁ ଅନତି ଦୂରରେ ଦୀନ୍ ଦୟାଲ ଉପାଧ୍ୟାୟ (ଡିଡିୟୁ) ମାର୍ଗରେ ରହିଛି ଭାଜପାର ମୁଖ୍ୟାଳୟ। ୨୦୦୫-୦୬ରେ ସୁପ୍ରିମ୍‌କୋର୍ଟ ରାଜନୈତିକ ଦଳ ଗୁଡ଼ିକ ସେମାନଙ୍କ ପାଇଁ ଆବଣ୍ଟିତ ସ୍ଥାନରେ କାର୍ଯ୍ୟାଳୟ ସ୍ଥାପନ ଲାଗି ନିର୍ଦ୍ଦେଶ ଦେଇଥିଲେ। ୨୦୦୯ରେ ଉକ୍ତ ସ୍ଥାନରେ ତତ୍‌କାଳୀନ ପ୍ରଧାନମନ୍ତ୍ରୀ ଡ. ମନମୋହନ ସିଂ ଏବଂ କଂଗ୍ରେସ ଅଧ୍ୟକ୍ଷ ସୋନିଆ ଗାନ୍ଧି ଏହି ଭବନର ଭିତ୍ତି ସ୍ଥାପନ କରିଥିଲେ। ଏହାର ୧୫ ବର୍ଷ ପରେ ଏଠାରେ କାର୍ଯ୍ୟାଳୟ ଉଦ୍‌ଘାଟିତ ହୋଇଛି। ତେବେ ଏହି ଭବନର ମୁଖ୍ୟ ଦ୍ୱାର ଡିଡିୟୁ ମାର୍ଗ ପରିବର୍ତ୍ତେ କୋଟ୍‌ଲା ରୋଡ ଆଡ଼କୁ କରାଯାଇଛି।

# ପ୍ରସନ୍ନଙ୍କ ଘରେ ବିଜେଡି ନେତାଙ୍କ ବୈଠକକୁ ନେଇ ତେଜିଲା ରାଜନୀତି

## ଭୂପିନ୍ଦର କହିଲେ ଅସୁସ୍ଥତା ଖବର ପାଇ ଆସିଥିଲେ

**ଭୁବନେଶ୍ୱର, ୧୫।୧ (ସୁମିତ୍ ମିଶ୍ର)**

ବରିଷ୍ଠ ବିଜେଡି ନେତା ପ୍ରସନ୍ନ ଆଚାର୍ଯ୍ୟଙ୍କ ଘରେ ଦଳର ବରିଷ୍ଠ ନେତାଙ୍କ ବୈଠକ ନେଇ ରାଜନୀତି ଜୋର୍ ଧରିଛି। ପୂର୍ବତନ ବିଧାୟକ ଅଶୋକ ଚନ୍ଦ୍ର ପଣ୍ଡା, ପ୍ରଫୁଲ୍ଲ ସାମଲ, ଭୂପିନ୍ଦର ସିଂହ ଏବଂ ବିଧାୟକ ଦେବେଶ ଆଚାର୍ଯ୍ୟ ପ୍ରମୁଖ ବୈଠକରେ ସାମିଲ ଥିଲେ। ତେବେ ବରିଷ୍ଠ ନେତାଙ୍କ ଏହି ମେଳିକୁ ନେଇ ବିଜେଡି ଭିତରେ ମଧ୍ୟ ଚର୍ଚ୍ଚା ଜୋର୍ ଧରିଛି। ଗଣମାଧ୍ୟମରେ ପ୍ରତିକ୍ରିୟା ରଖି ଭୂପିନ୍ଦର ସିଂହ କହିଛନ୍ତି, ପ୍ରସନ୍ନ ଆଚାର୍ଯ୍ୟଙ୍କ ଦେହ ଖରାପ ଥିବା ଖବର ପାଇଥିଲେ। ପ୍ରସନ୍ନଙ୍କ ନିର୍ବାଚନମଣ୍ଡଳୀରୁ ମଧ୍ୟ ସେହି ଖବର ଆସିଥିଲା। ତେଣୁ ଏକ ସୌଜନ୍ୟମୂଳକ ସାକ୍ଷାତ ଲାଗି ଚାଲି ଆସିଥିଲେ। ଏହା କିଛି ରୁଦ୍ଧଦ୍ୱାର ବୈଠକ ନୁହେଁ। ଯେତେବେଳେ ଯେଉଁଠାରେ ବସିଲେ ବି ସଙ୍ଗଠନ ସମ୍ପର୍କରେ ହିଁ ଆଲୋଚନା କରିବେ। ନିଜ ସଂଗଠନକୁ ମଜଭୁତ କରିବା ଏବଂ କେଉଁଠି ତ୍ରୁଟି ସବୁ ରହିଯାଇଛି ତାକୁ ସୁଧାରି ଆଗକୁ ବଢ଼ିବା ଲାଗି ଏକାଠି ହେଉଛନ୍ତି। ସବୁବେଳେ ଏଥିଲାଗି ବସିଥାଉ। ହେଲେ ଆଜିର ବୈଠକ କେବଳ ସୌଜନ୍ୟମୂଳକ ଥିଲା। ଏବେ ଧୈର୍ଯ୍ୟ ରଖିବାର ଆବଶ୍ୟକତା ଅଛି। ବରିଷ୍ଠମାନେ ଚିନ୍ତା କରୁଛୁ କନିଷ୍ଠମାନଙ୍କ ମଧ୍ୟରେ ଏକ ଭଲ ଟିମ୍ ତିଆରି ହେଉ ବୋଲି ଭୂପିନ୍ଦର କହିଛନ୍ତି।

ହେଲେ ଏହି ବୈଠକ ନେଇ ଭିନ୍ନ ପ୍ରକାର ଚର୍ଚ୍ଚା ହେଉଛି। ବିଜେଡି ସଭାପତି ନବୀନ ପଟ୍ଟନାୟକ ଏବେ ମଧ୍ୟ କାର୍ତ୍ତିକ ପାଣ୍ଡିଆନ୍‌ଙ୍କୁ ପାଖରେ ରଖିବା, ନବୀନ ନିବାସରେ ରହି ପାଣ୍ଡିଆନ୍ ସବୁ କଥା କରାଇବା ବିଷୟକୁ ବିରୋଧକରି ଏହି ବୈଠକ ବସିଥିବା ବିଭିନ୍ନ ମହଲରେ ଚର୍ଚ୍ଚା ହେଉଛି।

# ବ୍ରଜରାଜନଗର ପୌରାଧ୍ୟକ୍ଷାଙ୍କ ବିରୋଧରେ ଅନାସ୍ଥା ଭୋଟ


ଅନାସ୍ଥା ଭୋଟ ଦେବାକୁ ଆସିଥିବା କାଉନ୍‌ସିଲରମାନେ।

**ବ୍ରଜରାଜନଗର, ୧୫।୧ (ବିଜୟ ବରାଡ଼)**

## ଫେବୃଆରୀ ୬ରେ ଭୋଟ ଗଣତି

ଝାରସୁଗୁଡ଼ା ଜିଲା କିର୍ମିରା ପଞ୍ଚାୟତ ସମିତି ଅଧ୍ୟକ୍ଷା କୃଷ୍ଣପ୍ରିୟା ସାହୁଙ୍କ ଅନାସ୍ଥା ପ୍ରସ୍ତାବ ଘଟଣାକୁ ନେଇ ରାଜ୍ୟବ୍ୟାପୀ ଚର୍ଚ୍ଚା ଚାଲିଥିବା ବେଳେ ଏବେ ବ୍ରଜରାଜନଗର ପୌର ପରିଷଦ ଅଧ୍ୟକ୍ଷା ଯାଜ୍ଞସେନୀ ଓରାମ୍‌ଙ୍କ ବିରୋଧରେ ଅନାସ୍ଥା ଭୋଟ ବୁଧବାର ଅନୁଷ୍ଠିତ ହୋଇଛି।

ଏଥିରେ ପୌର ପରିଷଦର ୨୩ଟି ୱାର୍ଡରୁ ୨୩ କାଉନ୍‌ସିଲର ଭୋଟ ଦେଇଛନ୍ତି। ତେବେ ଏହି ଭୋଟ ଅଧ୍ୟକ୍ଷାଙ୍କ ବିପକ୍ଷରେ ଯାଇଛି ନା କ୍ରସ ଭୋଟିଂ ହୋଇଛି, ତାହା ଗଣତି ପରେ ଜଣାପଡିବ। ତେବେ ଏହି ଭୋଟ ଦଳ ବିରୋଧରେ ନୁହେଁ, କେବଳ ଅଧ୍ୟକ୍ଷାଙ୍କ ବିରୋଧରେ ବୋଲି ଭୋଟ ଦେଇଥିବା ବିଜୁ ଜନତା ଦଳର ୨୦ କାଉନ୍‌ସିଲର ପ୍ରତିକ୍ରିୟାରେ ପ୍ରକାଶ କରିଛନ୍ତି।

ସୂଚନାଯୋଗ୍ୟ, ବ୍ରଜରାଜନଗର ମ୍ୟୁନିସିପାଲିଟିରେ ମୋଟ ୨୩ କାଉନ୍‌ସିଲର ରହିଛନ୍ତି। ସେଥିମଧ୍ୟରୁ ବିଜେଡିର ୨୦, ଭାଜପାର ୨ ଓ ବହୁଜନ ସମାଜବାଦୀ ପାର୍ଟିର ଜଣେ କାଉନ୍‌ସିଲର ଅଛନ୍ତି। ପୂର୍ବତନ ମନ୍ତ୍ରୀ ନବ ଦାସ ବିଜୁ ଜନତା ଦଳର ମଙ୍ଗୁଆଳ ସାଜି କାଉନସିଲରମାନଙ୍କୁ ଜିତାଇବା ସହିତ ଯାଜ୍ଞସେନୀଙ୍କୁ ଅଧ୍ୟକ୍ଷା କରାଇଥିଲେ। ସେ ସମୟରେ ବିଜେଡି ପ୍ରାର୍ଥୀ ଚୟନରେ ମଧ୍ୟ ନବ ଗୁରୁତ୍ୱପୂର୍ଣ୍ଣ ଭୂମିକା ନେଉଥିଲେ। ସେ ସମୟରେ ଅଳକା ମହାନ୍ତି ପ୍ରତ୍ୟକ୍ଷ ରାଜନୀତିକୁ ଆସି ନ ଥିଲେ। ଫଳସ୍ୱରୂପ ବିଜେଡିର ୨୦ କାଉନସିଲରଙ୍କ ମଧ୍ୟରୁ ୧୦ଜଣ ସର୍ବଦା ନବଙ୍କ ସହିତ ରହିଥିଲେ। ବ୍ରଜରାଜନଗର ଉପ ନିର୍ବାଚନରେ ଅଳକା ଟିକେଟ ପାଇବା ପରେ ଝାରସୁଗୁଡ଼ା ଜିଲା ବିଜେଡି ୨ ଗୋଷ୍ଠୀ ହୋଇଗଲା। ନବ ଦାସଙ୍କ ମୃତ୍ୟୁ ପରେ ତାଙ୍କ ଝିଅ ଦୀପାଳି ଦାସ ଝାରସୁଗୁଡ଼ା ରାଜନୀତିରେ ସକ୍ରିୟ ହେବା ସହିତ ବ୍ରଜରାଜନଗର ରାଜନୀତିରେ ବି ହସ୍ତକ୍ଷେପ କଲେ। ଫଳରେ ଏହି ୧୦ କାଉନସିଲର ଦୀପାଳିଙ୍କ ଇସାରାରେ କାମ କରୁଥିଲେ। ବ୍ରଜରାଜନଗର ଉପାଧ୍ୟକ୍ଷ ଗୋପାଳ ସୀତାନିଙ୍କ ନେତୃତ୍ୱରେ ୧୦ କାଉନସିଲର ସର୍ବଦା ଅଧ୍ୟକ୍ଷାଙ୍କୁ ବିରୋଧ କରି ଆସୁଥିଲେ। ଗତ ୬ ତାରିଖରେ ୨୨ଜଣ କାଉନସିଲର ଗୋପାଳଙ୍କ ନେତୃତ୍ୱରେ ଝାରସୁଗୁଡ଼ା ଜିଲାପାଳଙ୍କ ପାଖରେ ଅନାସ୍ଥା ପାଇଁ ପ୍ରସ୍ତାବ ଆଗତ କରିଥିଲେ। ଅଧ୍ୟକ୍ଷା ଓରାମ୍ ମନମୁଖି କାର୍ଯ୍ୟ କରିବା ସହିତ ବ୍ରଜରାଜନଗର ବିକାଶରେ ବାଧା ସୃଷ୍ଟି କରୁଥିବା ଅଭିଯୋଗରେ ଦର୍ଶାଇଥିଲେ। ୧୫ ତାରିଖରେ ଭୋଟ ପାଇଁ ଜିଲା ପ୍ରଶାସନ ପକ୍ଷରୁ ନିର୍ଦ୍ଦେଶ ଦିଆଯାଇଥିଲା। ଏହି ଅବସରରେ ଅଧ୍ୟକ୍ଷା ଓରାମ୍ ଉଚ୍ଚ ନ୍ୟାୟାଳୟଙ୍କ ଦ୍ୱାରସ୍ଥ ହୋଇ ନିର୍ବାଚନ ରଦ୍ଦ ପାଇଁ ଅପିଲ କରିଥିଲେ। ଉଚ୍ଚ ନ୍ୟାୟାଳୟ ନିର୍ବାଚନ ପ୍ରକ୍ରିୟାକୁ ରଦ୍ଦ ନ କରି ଭୋଟ ଗଣତି ଉପରେ ରୋକେ। ଲଗାଇଛନ୍ତି। ଭୋଟ ଗଣତି ଆସନ୍ତା ଫେବୃଆରୀ ୬ରେ ହେବ ବୋଲି ନିର୍ଦ୍ଦେଶ ଦେଇଛନ୍ତି। ବୁଧବାର ଅନାସ୍ଥା ଭୋଟରେ ସମସ୍ତ ୨୩ କାଉନସିଲର ନିଜ ମତ ସାବ୍ୟସ୍ତ କରିଛନ୍ତି। ତେବେ କ୍ରସ୍ ଭୋଟିଂ ହୋଇଛି କି ନାହିଁ ତାହା ଗଣତି ପରେ ଜଣାପଡ଼ିବ। ତେବେ ବିଜୁ ଜନତା ଦଳର ଦୁଇ ପରାଜିତ ବିଧାୟିକାଙ୍କ ଅନ୍ତର୍ଦ୍ୱନ୍ଦ୍ୱରେ ପୌରାଧ୍ୟକ୍ଷା ଓରାମ୍ ବଳି ପଡ଼ିଗଲେ ବୋଲି ଚର୍ଚ୍ଚା ହେଉଛି। ପୂର୍ବରୁ ଗୋପାଳ ସୀତାନିଙ୍କ ନେତୃତ୍ୱରେ କାଉନସିଲରମାନେ ଏକାଧିକ ଥର ଅଧ୍ୟକ୍ଷାଙ୍କ ବିରୋଧରେ ଜିଲାପାଳଙ୍କ ନିକଟରେ ଅଭିଯୋଗ କରିଥିଲେ। ଉପାଧ୍ୟକ୍ଷଙ୍କ ଅଭିଯୋଗ ପରେ ବ୍ରଜରାଜନଗର ମ୍ୟୁନିସିପାଲିଟି ଦାୟିତ୍ୱ ଅତିରିକ୍ତ ଜିଲାପାଳଙ୍କୁ ଦିଆଯାଇଥିଲା। ଅତିରିକ୍ତ ଜିଲାପାଳ ପୌର ପରିଷଦର ସମସ୍ତ କାଉନସିଲର, ଅଧ୍ୟକ୍ଷା, ଉପାଧ୍ୟକ୍ଷଙ୍କୁ ନେଇ ସହରର ବିକାଶ ଦିଗରେ ମିଳିମିଶି କାର୍ଯ୍ୟ କରିବାକୁ ପରାମର୍ଶ ଦେଇଥିଲେ। ଏଥିସହ କାଉନସିଲ ବୈଠକ ହେଉ କି ଠିକାଦାରଙ୍କ ବିଲ ଅଧ୍ୟକ୍ଷା ୫ ଦିନ ମଧ୍ୟରେ ଦସ୍ତଖତ ନ କଲେ ଜିଲାପାଳଙ୍କ ନିକଟକୁ ବିଲ୍ ପଠାଇବାକୁ ନିର୍ବାହୀ ଅଧିକାରୀ ଚନ୍ଦ୍ରମଣି ସ୍ୱାଇଁଙ୍କୁ ନିର୍ଦ୍ଦେଶ ଦେଇଥିଲେ। ସେହିଦିନଠାରୁ ଉଭୟଙ୍କ ମଧ୍ୟରେ ତିକ୍ତତା ବଢିଥିଲା। ସବୁ ରାସ୍ତା ବନ୍ଦ ପରେ ସେ ଜଣେ ଆଦିବାସୀ ମହିଳା ହୋଇଥିବାରୁ ତାଙ୍କୁ ବିରୋଧ କରାଯାଉଥିବା ଓ ବିଜୁ ଜନତା ଦଳକୁ ବଞ୍ଚାଇବା ପାଇଁ ନବୀନଙ୍କ ହସ୍ତକ୍ଷେପ ଲୋଡ଼ି ଓରାମ୍ ଏକ ଭିଡିଓ ବାର୍ତ୍ତା ପଠେଇଥିଲେ। ବିଜେଡିର କନ୍ଦଳ ଝାରସୁଗୁଡ଼ା ଜିଲାରେ ଦାଣ୍ଡରେ ପଡ଼ି ହାଟରେ ଗଡୁଛି ବୋଲି ଜିଲାରେ ଚର୍ଚ୍ଚା ଚାଲିଛି। ବିଜୁ ଜନତା ଦଳକୁ କେହି ମାରୁନାହାନ୍ତି ବରଂ ଯଦୁବଂଶ ଧ୍ୱଂସ ହେଲାପରି ସେମାନେ ନିଜେ ନିଜ ଭିତରେ ଲଢ଼ି ଶେଷ ହୋଇଯିବେ ବୋଲି ଭାଜପା ନେତା ଓ କର୍ମୀମାନେ ଆଲୋଚନା କରୁଛନ୍ତି।


HDFC BANK — We understand your world

## AUCTION SALE NOTICE

The borrowers, in particular, and the public, in general, are hereby notified that public auction of gold ornaments / security pledged in the below accounts is proposed to be conducted. The auction is of the gold ornaments / security of borrowers who have defaulted to pay, as per the terms of Loan Agreement signed & accepted by them, despite notices by HDFC Bank Limited (the "Bank") to clear the loan dues. The Bank had also issued a notice to the borrowers whereby, 7 days' time was given to repay the entire outstanding dues in the below accounts, failing which Bank would be at liberty to auction the pledged gold security without issuing further notice. The borrowers have neglected and failed to make payment, therefore, Bank in exercise of its rights under the loan agreement as a pledgee has decided to enforce the pledge over gold security by selling the entire gold ornaments / security by way of auction and recover the dues owed by the borrowers to the Bank.

**The auction will be conducted at the below mentioned branch/s on 24-Jan-2025 from 02:30 PM onwards. In the event the auction of any pledged security cannot be conducted or concluded on the date mentioned, the Bank reserves the right to conduct or proceed with the said auction on any subsequent date and time.**

| Sl. No | LOAN NO. | BORROWER'S NAME | LOAN AMOUNT | Place of Auction (Branch Address) |
|---|---|---|---|---|
| 1 | 75630640 | P LUCKY PATRO | 1582000 | HDFC BANK LTD, SARGUNA STREET, ASKA ROAD, BRAHMAPUR-760006 |
| 2 | 75333902 | SANJAY MOHANTY | 791100 | HDFC BANK LTD, PLOT NO- 447, BHAGWAN TRADE CENTER, NEAR IFFCO SQUARE, ATHARBANKI, PARADEEP-754142 |
| 3 | 75254865 | PRADIPTA KUMAR SWAIN | 328800 | |
| 4 | 75454467 | KUMAR GOURAB SWAIN | 220300 | |
| 5 | 75499892 | SUBHADRA MOHANTY | 212200 | |
| 6 | 75011840 | JANU RANA | 100000 | |
| 7 | 75267665 | ARAJIT MOHANTY | 49700 | |
| 8 | 73442384 | DIPAK RANJAN DAS | 47000 | |
| 9 | 75458723 | CH BADAL PRUSTY | 250000 | HDFC BANK LTD, PLOT NO 191, 204, 205, 206, OPPOSITE KEDAR GOURI TEMPLE, UNIT - 36, SAMANTARAPUR, BHUBANESWAR-751014 |
| 10 | 75460642 | BIKASH KUMAR SETHY | 167500 | |
| 11 | 75442581 | PRADEEP SAHU | 93400 | |
| 12 | 74639297 | KALPANA PANDA | 191800 | HDFC BANK LTD, PLOT NO - E/11, KOEL NAGAR, ROURKELA, SUNDARGARH-769014 |
| 13 | 75042831 | KALPANA PRADHAN | 297900 | HDFC BANK LTD, PATRAPADA, KHURDA, BHUBANESWAR-751019 |
| 14 | 75038852 | RAKESH KUMAR PATI | 85700 | |
| 15 | 75255958 | SAKAMBARI HALBA | 339400 | HDFC BANK LTD, PATEL MARG, NABARANGAPUR-764059 |
| 16 | 75259099 | K ABINASH | 224000 | |
| 17 | 75424977 | SOUBHAGYA GOUDA | 472000 | HDFC BANK LTD, PAKALAVARI STREET, CITY POST OFFICE ROAD, GANJAM, BRAHMAPORE-760002 |
| 18 | 75517942 | SABITA PANIGRAHI | 181200 | |
| 19 | 74193031 | GURUNATH GOUDA | 153600 | |
| 20 | 74215543 | GURUNATH GOUDA | 64200 | |
| 21 | 75344853 | BISWAMITRA PATRA | 324700 | |
| 22 | 75214204 | SUBASH CHANDRA MALLIK | 41900 | HDFC BANK LTD, R K TOWERS, DAILY MARKET, BOLANGIR-767001 |
| 23 | 75232009 | MANORAMA MAHANANDA | 40000 | |
| 24 | 75414625 | JAYAPRAKASH ROUT | 115400 | HDFC BANK LTD, WARD NO 10, JONK, KHARIAR ROAD, NUAPADA-766104 |
| 25 | 75460167 | NARESH MAJHI | 69000 | |
| 26 | 74602867 | DAYANIDHI KAND | 62900 | |
| 27 | 75448070 | NARESH MAJHI | 48500 | |
| 28 | 75501873 | NARESH MAJHI | 43300 | |
| 29 | 74635497 | NARESH DAS | 27200 | |
| 30 | 74643245 | SUDHAKAR SAHOO | 30700 | HDFC BANK LTD, VIP PLAZA, VIP ROAD, PURI-752001 |
| 31 | 74602131 | NIRANJAN KHADIRATNA | 30000 | |
| 32 | 75420970 | MAMUN KHAN | 81500 | HDFC BANK LTD, SANTI NIKETAN BUILDING, JHOLASAHI, CUTTACK-753001 |
| 33 | 74581493 | AMAR KUMAR BEHERA | 35300 | HDFC BANK LTD, SALEPUR MAIN ROAD, SALEPUR, CUTTACK-754202 |
| 34 | 75300955 | HARAPRASAD NAYAK | 26550 | |
| 35 | 75248696 | BISMAYA RANJAN SAMAL | 59600 | HDFC BANK LTD, SAHU NIWAS, JAGANNATHPUR, KASHIPUR ROAD, KEONJHAR-758001 |
| 36 | 74197410 | DIBYAJYOTI BAL | 62000 | HDFC BANK LTD, S. N. PLAZA, N.H. - 5, NEULPUR, CHANDIKHOL-755024 |
| 37 | 74575909 | NABIN SABARA | 56800 | HDFC BANK LTD, RAJIV GANDHI CHOWK, KESINGA, KALAHANDI-766012 |
| 38 | 75463792 | SADHU CHARAN SAHOO | 180000 | HDFC BANK LTD, PURNA GOURI MARKET COMPLEX, MATHA SAHI, DAHANI GADIA, BHADRAK-756100 |
| 39 | 75414987 | ANJAN BEHERA | 146500 | |
| 40 | 74588539 | ANIMA PATRA | 21900 | |
| 41 | 74597370 | DINABANDHU SAHOO | 42900 | HDFC BANK LTD, PLOT NO-N5/537, IRC VILLAGE, NAYAPALLI, BHUBANESWAR-751015 |
| 42 | 75600181 | SUKANTI SAHOO | 200500 | HDFC BANK LTD, PLOT NO-323/1000, INFRONT OF NEW BUS STAND, PO-PALLAHATA, KHURDA-762056 |
| 43 | 75605840 | SUKANTI SAHOO | 126500 | |
| 44 | 74423035 | SHYAMA KUMAR SWAIN | 81000 | |
| 45 | 75463951 | SAGARIKA BARAL | 46000 | |
| 46 | 75326588 | DEEPAK KUMAR KHUNTIA | 31100 | HDFC BANK LTD, PLOT NO 6, MAHANADI VIHAR, CUTTACK-753004 |
| 47 | 73375867 | SANTANU KUMAR DASH | 307000 | HDFC BANK LTD, PLOT NO 516/1676, SAMPARK VIHAR, PATIA SQUARE, BHUBANESWAR-751024 |
| 48 | 75325764 | BABINA JENA | 31300 | |
| 49 | 75574536 | PRAKASH KUMAR NAYAK | 26000 | HDFC BANK LTD, OPPOSITE TOWN POLICE STATION, PURI-752001 |
| 50 | 75278077 | PRATAP CHANDRA DASH | 269000 | HDFC BANK LTD, OPPOSITE SESSIONS COURT, KHANDAPADA ROAD, NAYAGARH-752069 |
| 51 | 75563121 | ARUN KUMAR PRADHAN | 132000 | |
| 52 | 75277729 | PRATAP CHANDRA DASH | 125500 | |
| 53 | 75134712 | SUBASH CHANDRA MAJHI | 123500 | |
| 54 | 75320449 | PRAMOD PARIDA | 114500 | |
| 55 | 75290443 | BIPIN PADHIARY | 43300 | |
| 56 | 75220982 | BOORLE LAXMANA | 49000 | HDFC BANK LTD, NEW COLONY, RAYAGADA-765001 |
| 57 | 75126992 | PRIYANKA KHEMUNDU | 261000 | HDFC BANK LTD, NEAR R.T.O OFFICE, N.H-26, KORAPUT-764020 |
| 58 | 74665980 | BHAGABATI TURUK | 30500 | |
| 59 | 75619989 | RUKUNI DEEP | 125000 | HDFC BANK LTD, NEAR ILA MEDICAL STORE, SHANTIPARA, BOLANGIR-767002 |
| 60 | 74612081 | DEEPAK KUMAR SAHU | 16600 | |
| 61 | 75500392 | GIRIDHAR TURUK | 610000 | HDFC BANK LTD, NALCO, BIJU PATTNAIK CHOWK, DAMANJODI, KORAPUT-763008 |
| 62 | 75584845 | RANJIT KUMAR KHORA | 136600 | |
| 63 | 75569786 | SUPRIYA HIAL | 132800 | |
| 64 | 75246118 | B SARABHALINGAM | 88700 | |
| 65 | 74340649 | SRIKANTA KUMAR RANA | 71700 | |
| 66 | 74453520 | SRIKANTA KUMAR RANA | 66500 | |
| 67 | 74283639 | NAYAMI KANDHAPAN | 34500 | |
| 68 | 75572639 | SADDAM HUSSAIN | 120000 | HDFC BANK LTD, MISSION ROAD, SUNDARGARH-770001 |
| 69 | 74643617 | BIPIN KUMAR SINGH | 62000 | HDFC BANK LTD, MERIDIEN TOWER, C-8, FIRST FLOOR, UDIT NAGAR, ROURKELA-769012 |
| 70 | 74640192 | ROHIT MAHANANDIA | 14300 | |
| 71 | 75031397 | PININTI BENARJI | 284000 | HDFC BANK LTD, MARKET SQUARE, PARLAKHEMUNDI, GAJAPATI-761200 |
| 72 | 74448385 | JENA DURJYODHANA | 115000 | |
| 73 | 75527853 | TALAGANA MOHANA RAO | 53000 | |
| 74 | 75221551 | BHAGIRATHI RAULO | 17000 | |
| 75 | 74581283 | RAHIM SA | 61900 | HDFC BANK LTD, MANIKESWARI CHOWK, BHAWANIPATNA, KALAHANDI-766001 |
| 76 | 75296883 | SASMITA MAJHI | 300100 | HDFC BANK LTD, MAIN ROAD, NEAR RELIANCE TRENDS, BALUGAON-752030 |
| 77 | 75596784 | SUSANT KUMAR BEHERA | 153000 | |
| 78 | 75172598 | PABITRA KUMAR PADHI | 118000 | |
| 79 | 75332032 | BIKASH PRADHAN | 101000 | |
| 80 | 75564282 | PINTU DALAI | 50000 | |
| 81 | 74647365 | NABAKISHOR SENAPATI | 50000 | |
| 82 | 75373508 | BIKASH PRADHAN | 46000 | |
| 83 | 75447545 | SWETANGI PANIGRAHI | 316000 | HDFC BANK LTD, MAIN ROAD, GOSANINUAGAON, BERHAMPUR-760003 |
| 84 | 73693592 | DEBIKA SAHU | 285000 | |
| 85 | 75289025 | BIPIN NAYAK | 281500 | HDFC BANK LTD, MAIN ROAD, BHANJANAGAR, GANJAM-761126 |
| 86 | 75154237 | ASHOK SETHI | 121000 | |
| 87 | 75273800 | PUSHPALATA SAHU | 86300 | |
| 88 | 74614064 | TRILOCHANA GOUDA | 64200 | |
| 89 | 74591810 | PRASHANT KUMAR PANDA | 43900 | |
| 90 | 75318348 | PATITA RAUTA | 200000 | HDFC BANK LTD, MAIN ROAD, BALISIRA, GUNTHA PADA, BHANJANAGAR, GANJAM-761115 |
| 91 | 74647022 | HINA BEHERA | 15000 | |
| 92 | 75615080 | ANIL KUMAR PARIDA | 406000 | HDFC BANK LTD, KALINGA ROAD, HOLDING NO 123/106, WARD NO 11, ASIKA, GANJAM-761110 |
| 93 | 75433823 | GAYATRI PRUSTY | 295000 | |
| 94 | 74874820 | AMIT KUMAR BEHERA | 186000 | |
| 95 | 75302369 | SUBHAM KUMAR BEHERA | 156384 | |
| 96 | 74637389 | HINA PATRA | 39000 | |
| 97 | 74796391 | GOBINDA CHANDRA PUJARI | 92000 | HDFC BANK LTD, JEYPORE MAIN ROAD, NEAR NH INSPECTION BUNGALOW, KORAPUT, JEYPORE-764001 |
| 98 | 75620525 | SUKANTI DAS | 87800 | |
| 99 | 74890615 | GAYATRI BEHERA | 48000 | |
| 100 | 75182194 | HARI MAJHI | 45000 | |
| 101 | 74579832 | SURYAKANT NAYAK | 28200 | HDFC BANK LTD, JAGANNATH ROAD, NEAR HOTEL SURYA, DHENKANAL-759001 |
| 102 | 75594315 | SK ASHIK RAHEMAN | 39000 | HDFC BANK LTD, JABARA, JENAPUR, KUAKHIA, RASULPUR, JAJPUR-755023 |
| 103 | 75356814 | KALI CHARANA GOUDA | 630000 | HDFC BANK LTD, GROUND FLOOR, RANIPADA SQUARE, POLASARA MAIN ROAD, GANJAM-761105 |
| 104 | 74845637 | SANTANU KUMAR PAIKARAY | 91450 | HDFC BANK LTD, GROUND FLOOR, RAJENDRA VIHAR APARTMENT, BLOCK- D, FOREST PARK, BHUBANESWAR-751020 |
| 105 | 75222033 | PRADUMNA KUMAR BISWAL | 27800 | HDFC BANK LTD, GROUND FLOOR, POKHARIAPADA, PATTAMUNDAI, KENDRAPADA-754215 |
| 106 | 74623094 | JYOTIRANJAN PANIGRAHI | 146400 | HDFC BANK LTD, GROUND FLOOR, NUAGUDA, OPP. FCI-I,ARTS COLLEGE ROAD, MALKANAGIRI-764048 |
| 107 | 75274967 | MANASH KANTI BISWAS | 69100 | |
| 108 | 75441015 | RAMA CHANDRA SAHU | 246000 | HDFC BANK LTD, GROUND FLOOR, BRAJA NAGAR, FIRST LANE, LUCHAPADA ROAD, BRAHMAPUR, GANJAM-760001 |
| 109 | 75488608 | AMIT PARIDA | 243000 | |
| 110 | 75136090 | GOLAKHA CH MALIK | 51000 | HDFC BANK LTD, GROUND & 1ST FLOOR, PANCHAYAT SAMITI, DHARMASALA, JARAKA-755008 |
| 111 | 74590395 | SK SAMSUDDIN | 25100 | |
| 112 | 75338397 | SUSREE SANGITA NAYAK | 86400 | HDFC BANK LTD, GHASIPURA, ANANDPUR, KEONJHAR -758015 |
| 113 | 75313518 | SARAT KUMAR BEHERA | 57600 | |
| 114 | 75163149 | SHITIKANTHA DASH | 205000 | HDFC BANK LTD, GANESH TALKIES SQUARE, NIMAPARA, PURI-752106 |
| 115 | 74593908 | SUCHITA MEHER | 31000 | HDFC BANK LTD, GANESH NAGAR, RENGALI, SAMBALPUR-768212 |
| 116 | 74533603 | SHIBANANDA PATRA | 148000 | HDFC BANK LTD, F M CIRCLE, BALASORE-756001 |
| 117 | 74635308 | RAKESH MAHAL | 18500 | |
| 118 | 73266577 | SATISH RAI | 75400 | HDFC BANK LTD, DWIBEDI BHAWAN, BISRA ROAD, ROURKELA-769001 |
| 119 | 75629450 | RAJKISHORE PARIDA | 178800 | HDFC BANK LTD, DURGA BAZAR, JAGATSINGHAPUR, ODISHA-754103 |
| 120 | 75218668 | RAJKISHORE PARIDA | 177400 | |
| 121 | 75202988 | MANORANJAN MOHARANA | 152500 | |
| 122 | 75389211 | RAJKISHORE PARIDA | 129000 | |
| 123 | 75448638 | RAJKISHORE PARIDA | 108800 | |
| 124 | 75334419 | AKSHAYA KUMAR BEHERA | 57900 | |
| 125 | 73444962 | MICHAEL DIGAL | 258000 | HDFC BANK LTD, C/O-PRITI AUTO COMBINE, GOL BAZAR, SAMBALPUR-768001 |
| 126 | 74652041 | VICKY KUMAR | 24000 | |
| 127 | 75543733 | JIPRASH DIGAL | 203000 | HDFC BANK LTD, BUSINESS PARK, FIRST FLOOR, C111-SAHEEDNAGAR, BHUBANESWAR-751007 |
| 128 | 74234596 | RINKY SWAIN | 50600 | |
| 129 | 74639557 | ANANTA KUMAR SAMANTARAY | 27300 | |
| 130 | 73550116 | AMRIK SINGH | 300500 | HDFC BANK LTD, BARBIL JODA HIGHWAY, KEONJHAR, BARBIL-758035 |
| 131 | 74509438 | ASIF BOX | 127300 | |
| 132 | 74648748 | KHUSHBU KHATUN | 74600 | |
| 133 | 74684989 | RADHASHYAM PATRA | 57700 | |
| 134 | 75250740 | ABHINASH BEHERA | 141800 | HDFC BANK LTD, BAJRAKABATI ROAD, CUTTACK-753001 |
| 135 | 75250471 | DEVI PRASAD BEHERA | 40500 | HDFC BANK LTD, AT-PANDUA, PO-KOTAGARA, AANLABARENI, DHENKANAL-759026 |
| 136 | 75399989 | RUPAK KUMAR MALLIK | 30400 | |
| 137 | 74648526 | PRADIPTA KISHORE BEHERA | 20800 | |
| 138 | 74280269 | AISHWARYA DAS | 122000 | HDFC BANK LTD, 7&8, CUTTACK-PURI ROAD, JHARPARA, BHUBANESWAR-751006 |
| 139 | 73392127 | AJAYA KUMAR BEHERA | 31500 | |
| 140 | 75401418 | ANANDA SAHU | 110800 | HDFC BANK LTD, 1ST FLOOR, JAIN SHOPPING COMPLEX, OPP.TITLAGARH MUNICIPALITY OFFICE, TITLAGARH-767033 |
| 141 | 75051605 | ARJUN CHARAN DAS | 406000 | HDFC BANK LTD, 1ST FLOOR, DALA CHHAK, NEAR SBI, JAJPUR ROAD, JAJPUR-755019 |
| 142 | 75539764 | RAJALAXMI MOHANTY | 1071000 | HDFC BANK LTD, VIP PLAZA, VIP ROAD, PURI-752001 |
| 143 | 75288033 | SUNITA KUMARI BEHERA | 774700 | HDFC BANK LTD, SARGUNA STREET, ASKA ROAD, BRAHMAPUR-760006 |
| 144 | 75338257 | RAJAT RASHMI DAS | 531000 | HDFC BANK LTD, PLOT NO-3565, PALASUNI, BHUBANESWAR- 751010 |
| 145 | 75279277 | HARIHAR NAYAK | 451900 | HDFC BANK LTD, PURNA GOURI MARKET COMPLEX, MATHA SAHI, DAHANI GADIA, BHADRAK-756100 |
| 146 | 75440785 | BHABAGRAHI MAHAL | 320000 | HDFC BANK LTD, PLOT NO 191, 204, 205, 206, OPPOSITE KEDAR GOURI TEMPLE, UNIT - 36, SAMANTARAPUR, BHUBANESWAR-751014 |
| 147 | 75390272 | KRUSHNA CHANDRA RAY | 347000 | HDFC BANK LTD, PLOT NO 516/1676, SAMPARK VIHAR, PATIA SQUARE, BHUBANESWAR-751024 |
| 148 | 75262927 | NIBEDITA PRADHAN | 415000 | HDFC BANK LTD, PATRAPADA, KHURDA, BHUBANESWAR-751019 |

| SL NO. | Loan No | Nominee/Borrower's Name | Loan Amount | Place of Auction |
|---|---|---|---|---|
| 1 | 74416457 | BURUNDA MAHANDA WIFE OF LAKACHAR MAHANANDA | 55200 | HDFC BANK LTD, GROUND FLOOR, OPP. BLOCK OFFICE, DHARAMGARH, KALAHANDI-766015 |

The auction shall be conducted on an "AS IS WHERE IS" and the "AS IS WHAT IS" basis and the Bank is not making and shall not make any representations or warranties as regards the quality, purity, caratage, weight or valuation of the said gold ornaments. It shall be the sole and absolute responsibility of the potential purchasers to verify, examine and satisfy themselves about the quality, purity, caratage, weight or valuation of the said gold ornaments prior to placing their bids and for such purpose it shall be open to potential purchasers to examine, at their sole cost and expense, and at the address set out hereinabove, the gold ornaments whether with or without expert advice 45 minutes prior to the time stipulated for the conduct of the auction. All bids shall be subject to such minimum reserve price as the Bank may deem fit to fix in this regard. The auction value will be based on the closing price of gold as per IBJA (India Bullion and Jewellers Association Ltd.) on the previous day. The auction process and the sale (if any) pursuant to such auction shall be subject to such further terms and conditions as the Bank may at its sole discretion deem fit to impose. If the borrower(s) mentioned above pays the amount due to the bank in terms of the Loan agreement in his individual loan account in full before the auction as mentioned above, the pledged ornaments securing the said loan may be withdrawn by the bank from the said auction without any further notice. Please note that it is the absolute discretionary power of the undersigned authorized officer of the Bank, either to postpone or to cancel the auction proceedings without prior notice and without assigning any reason therefore and to reject any or all the bids or offers without assigning any reason for the same.

**Date : 16/01/2025, Place : ODISHA** — **Sd/- Authorized Officer, HDFC BANK LTD.**

## ସଂକ୍ଷେପରେ

### ଖଡ଼ିଆଳରେ ରାଜସ୍ୱ ମନ୍ତ୍ରୀଙ୍କ ଅଭିଯୋଗ ଗ୍ରହଣ

**ଖଡ଼ିଆଳ,୧୫।୧(ସୁଜିତ କୁମାର ପ୍ରଧାନ):** ନୂଆପଡ଼ା ଜିଲା ଗସ୍ତରେ ଆସିଥିବା ରାଜସ୍ୱ ମନ୍ତ୍ରୀ ସୁରେଶ ପୂଜାରୀ ଖଡିଆଳ କୌଶଲ୍ୟା ମଣ୍ଡପଠାରେ ଅଭିଯୋଗ ଗ୍ରହଣ କରିଥିଲେ। ଖଡ଼ିଆଳ ପାଟଣା କ୍ଷତ୍ରିୟ ସମାଜ କୁଳପତି ଶମ୍ଭୁ କିଶୋର ଦଣ୍ଡସେନା ସମେତ ଶତାଧିକ କର୍ମକର୍ତ୍ତା ମନ୍ତ୍ରୀଙ୍କୁ ଅଭିଯୋଗପତ୍ର ପ୍ରଦାନ କରିଥିଲେ। ପରେ ଜିଲା ସଭାପତି ସୁବ୍ରତ ଠାକୁରଙ୍କ ଅଧ୍ୟକ୍ଷତାରେ କର୍ମୀ ସମ୍ମିଳନୀ ଅନୁଷ୍ଠିତ ହୋଇଥିଲା। ଏଥିରେ ଅତିଥି ରୂପେ କଳାହାଣ୍ଡି ସାଂସଦ ମାଳବିକା ଦେବୀ, ପୂର୍ବତନ ସାଂସଦ ବସନ୍ତ କୁମାର ପଣ୍ଡା, ପୂର୍ବତନ ବିଧାୟକ ହିତେଶ କୁମାର ବଗର୍ତ୍ତି, ରାଜ୍ୟ କାର୍ଯ୍ୟକାରିଣୀ ସଦସ୍ୟ ଶିବ ପ୍ରସାଦ ମୁଣ୍ଡ, ଜିଲା ଯୁବ ସଭାପତି ଅଭିନନ୍ଦନ ପଣ୍ଡା, ଖଡ଼ିଆଳ ଯୁବରାଜ ତଥା ଭାଜପା ବରିଷ୍ଠ ସଦସ୍ୟ ଦେବଦେବ ସିଂଦେଓ, ଅତିନ୍ଦ୍ର ସିଂ ମଲ୍ଲିକ, ରାତ୍ରାନନ୍ଦ ମନହିରାଙ୍କ ସମେତ ଶତାଧିକ ଭାଜପା କାର୍ଯ୍ୟକର୍ତ୍ତା ଯୋଗ ଦେଇଥିଲେ। ଏହି ଅବସରରେ ମନ୍ତ୍ରୀଙ୍କୁ ସ୍ୱାଗତ ସମ୍ବର୍ଦ୍ଧନା ଜ୍ଞାପନ କରଯାଇଥିଲା।

### କୋନାବିରା ଲୋକ ମହୋତ୍ସବ ଉଦ୍‌ଯାପିତ

**କୋମନା,୧୫।୧(ସୋବିନ ଛତ୍ରିଆ):** ନୂଆପଡ଼ା ଜିଲା କୋମନା ବ୍ଲକ୍ କୋନାବିରା ଲୋକ ମହୋତ୍ସବ ସୋମବାର ଉଦ୍‌ଯାପିତ ହୋଇଯାଇଛି। ଲୋକ ମହୋତ୍ସବ କମିଟି ସଭାପତି ପାଶା ମହାନନ୍ଦଙ୍କ ଅଧ୍ୟକ୍ଷତାରେ ଆୟୋଜିତ ଉଦ୍‌ଯାପନୀ ଉତ୍ସବରେ ପୂର୍ବତନ କଳାହାଣ୍ଡି ସାଂସଦ ଭକ୍ତ ଚରଣ ଦାସ ମୁଖ୍ୟ ଅତିଥି, ରମାଦେବୀ କଲେଜର ଆସିଷ୍ଟାଣ୍ଟ ପ୍ରଫେସର ଡ. ପଙ୍କଜ କୁମାର ମୁଖ୍ୟବକ୍ତା ଓ ନୂଆପଡ଼ା ବିଧାୟକ ରାଜେନ୍ଦ୍ର ଢୋଲକିଆ, ଖଡ଼ିଆଳ ବିଧାୟକ ଅଧୀରାଜ ମୋହନ ପାଣିଗ୍ରାହୀ, ଜିଲା ପରିଷଦ ଉପାଧ୍ୟକ୍ଷା ଦୀପିକା ଦୀପ, ଜିଲା ପରିଷଦ ସଭ୍ୟ ଅବାନିରଞ୍ଜନ ଜୋଷୀ ପ୍ରମୁଖ ସମ୍ମାନିତ ଅତିଥିଭାବେ ଯୋଗଦେଇଥଲେ। ବିଭିନ୍ନ କ୍ଷେତ୍ରରେ ଉଲ୍ଲେଖନୀୟ କାର୍ଯ୍ୟ କରିଥିବା ବ୍ୟକ୍ତିବିଶେଷଙ୍କୁ ସମ୍ମାନିତ କରାଯାଇଥିଲା। ପରେ ସାଂସ୍କୃତିକ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଥିଲା। କାର୍ଯ୍ୟକ୍ରମ ପରିଚାଳନାରେ ସୌମ୍ୟରଞ୍ଜନ ବାରିକ, ଚନ୍ଦ୍ରଧ୍ୱଜ ମାଝୀ, ଯଶୋବନ୍ତ ଅଦା, କୈଳାସ ଜଗତ ପ୍ରମୁଖ ସହଯୋଗ କରିଥିଲେ।

### ନବନିର୍ମିତ ଜଗନ୍ନାଥ ମନ୍ଦିର ପ୍ରତିଷ୍ଠା ଉତ୍ସବ

**ଲାଞ୍ଜିଗଡ଼,୧୫।୧(ରମେଶ ଚନ୍ଦ୍ର ନାୟକ):** କଳାହାଣ୍ଡି ଜିଲା ଲାଞ୍ଜିଗଡ଼ ବେଦାନ୍ତ ଲିମିଟେଡ୍ ଟାଉନଶିପ ପରିସରରେ ନବନିର୍ମିତ ଶ୍ରୀଜଗନ୍ନାଥ ମନ୍ଦିର ଦେବସ୍ଥାନମ ପ୍ରତିଷ୍ଠା ଉତ୍ସବ ବୁଧବାରଠାରୁ ଆରମ୍ଭ ହୋଇଛି। ପ୍ରଥମ ଦିନରେ ଦୀକ୍ଷା ଗ୍ରହଣ, ମଙ୍ଗଳାରୋପଣ, ମଣ୍ଡଳ କରଣ, ଅଙ୍କୁରାରୋପଣ ଅନୁଷ୍ଠିତ ହୋଇଥିଲା। କର୍ତ୍ତା ଭାବେ ବେଦାନ୍ତ ଲିମିଟେଡ୍ ସଞ୍ଜୀବ ବର୍ମା ଓ ତାଙ୍କ ଧର୍ମପତ୍ନୀ ସାଲିନି ବର୍ମା, ବେଦାନ୍ତ ଲିମିଟେଡ୍ ଏସ୍ .କିରଣ ଓ ତାଙ୍କ ଧର୍ମପତ୍ନୀ ଏସ୍. ଅପର୍ଣ୍ଣା କାର୍ଯ୍ୟ ସମ୍ପାଦନ କରିଥିଲେ। ଅନନ୍ତ ଚରଣ ରଥ ମୁଖ୍ୟ ପୁରୋହିତ ଓ ପୂଜକ ଭାବେ ସୁଦାମ ଚରଣ ରଥ, ଦାମୋଦର ରଥ, ବିରଞ୍ଚି ନାରାୟଣ ରଥ, କୃଷ୍ଣଚନ୍ଦ୍ର ଦାସ, ଜଗନ୍ନାଥ ମହାପାତ୍ର, ସନ୍ତୋଷ ପାଣିଗ୍ରାହୀ ପୂଜା କାର୍ଯ୍ୟ କରିଥିଲେ। ବେଦାନ୍ତ ଲିମିଟେଡ୍ ମନ୍ଦିର ପୂଜା କମିଟି ତରଫରୁ ପ୍ରଣବ ଖମେରବାର, ସୂର୍ଯ୍ୟନାରାୟଣ ପାଣିଗ୍ରାହୀ, ସୌମ୍ୟା କୁମାରୀ, ସୁପ୍ରିୟା ପାଣ୍ଡେଙ୍କ ସମେତ ବେଦାନ୍ତର ସମସ୍ତ କର୍ମକର୍ତ୍ତା ସହଯୋଗ କରିଥିଲେ।

### ବାଗମୁଣ୍ଡେନ କପ କ୍ରିକେଟ: ଦିଆମୁଣ୍ଡା ଚାମ୍ପିୟନ

**କୋମନା ୧୫।୧(ସୋବିନ ଛତ୍ରିଆ):** ନୂଆପଡ଼ା ଜିଲା କୋମନା ବ୍ଲକ ବାଗମୁଣ୍ଡା ଖେଳ ପଡିଆରେ ଚାଲୁଥିବା ବାଗମୁଣ୍ଡେନ କପ କ୍ରିକେଟ ଟୁର୍ନାମେଣ୍ଟ ବୁଧବାର ଉଦ୍‌ଯାପିତ ହୋଇଯାଇଛି। ଫାଇନାଲ ମ୍ୟାଚ ଦିଆମୁଣ୍ଡା ଓ ଭାଜିପଲା ମଧ୍ୟରେ ଅନୁଷ୍ଠିତ ହୋଇଥିଲା। ଟସ୍ ଜିତି ଦିଆମୁଣ୍ଡା ଦଳ ପ୍ରଥମେ ଫିଲ୍ଡିଂ ନିଷ୍ପତ୍ତି ନେଇଥିଲା। ଭାଜିପଲା ଦଳ ସମସ୍ତ ଉଇକେଟ ହରାଇ ୭୫ ରନ କରିଥିଲା । ଦିଆମୁଣ୍ଡା ଦଳ ୮ ଓଭରରେ ଆବଶ୍ୟକ ରନ ସଂଗ୍ରହ କରି ବାଗମୁଣ୍ଡେନ କପ ବିଜେତା ହୋଇଥିଲା। ଖେଳ ପରିଚାଳନା କରିଥିଲେ ଉମାଶଙ୍କର ବାଗ ଓ ପ୍ରଦୀପ ସତନାମୀ। ଜିଲା ପରିଷଦ ସଦସ୍ୟ ଅବନୀ ରଞ୍ଜନ ଯୋଶୀ, ଶିଆଳଲଟି ସରପଞ୍ଚ କାଳିଆ ପ୍ରଧାନ, ଯୁବ ନେତା ପୁଷ୍ପରଞ୍ଜନ ନାଗ, ଶିକ୍ଷକ ଅମର ସିଂ ମାଝୀ ଅତିଥି ଭାବେ ଯୋଗଦେଇ ଚାମ୍ପିୟନ ଓ ରନର୍ସ ଅପ ଦଳକୁ ପୁରସ୍କୃତ କରିଥିଲେ।

# ମୁଁ କଳାହାଣ୍ଡିର ଋଣ ପରିଶୋଧ କରିବି: ସୁରେଶ ପୂଜାରୀ

ଭବାନୀପାଟଣା,୧୫।୧(ଉତ୍ତମ କୁମାର ଦାଶ)


କଳାହାଣ୍ଡି ଉତ୍ସବର ଦ୍ୱିତୀୟ ସନ୍ଧ୍ୟାରେ ଜଣେ ପ୍ରତିଯୋଗୀଙ୍କୁ ପୁରସ୍କୃତ କରୁଛନ୍ତି ଅତିଥି।

କଳାହାଣ୍ଡି ଜିଲା ଭବାନୀପାଟଣାସ୍ଥିତ ଲାଲବାହାଦୁର ଶାସ୍ତ୍ରୀ ଷ୍ଟାଡିୟମରେ ଚାଲିଥିବା ୨୭ତମ ଜିଲାସ୍ତରୀୟ କଳାହାଣ୍ଡି ଉତ୍ସବ ଘୁମୁରା ବୁଧବାର ଦ୍ୱିତୀୟ ଦିନରେ ପହଞ୍ଚିଛି। କଳାହାଣ୍ଡି ଜିଲାପାଳ ପାୱାର ସଚିନ ପ୍ରକାଶଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ସାଂସ୍କୃତିକ ସଭାରେ ରାଜସ୍ୱ ଓ ବିପର୍ଯ୍ୟୟ ପରିଚାଳନା ମନ୍ତ୍ରୀ ସୁରେଶ ପୂଜାରୀ ମୁଖ୍ୟଅତିଥି ଓ କଳାହାଣ୍ଡି ସାଂସଦ ମାଳବିକା ଦେବୀ, ଧର୍ମଗଡ ବିଧାୟକ ସୁଧିର ରଞ୍ଜନ ପଟ୍ଟଯୋଷୀ, ଜିଲା ପରିଷଦ ଅଧ୍ୟକ୍ଷ ପୁଷ୍ପେନ୍ଦ୍ର ସିଂଦେଓ, ଜିଲା ପରିଷଦ ମୁଖ୍ୟ ଉନ୍ନୟନ ଅଧିକାରୀ ଦୟାମୟ ପାଢୀ, ସାମାଜିକ କର୍ମୀ ଆର୍ତ୍ତତ୍ରାଣ ମହାପାତ୍ର, ଅତିରିକ୍ତ ଜିଲାପାଳ ତନ୍ମୟ କୁମାର ଦରୱାନ, ମା' ମାଣିକେଶ୍ୱରୀ ବିଶ୍ୱବିଦ୍ୟାଳୟର କୁଳପତି ଡ. ନିବେଦିତା ନାଥ, ଜିଲା ଭାଜପା ସଭାପତି ଆର୍ତ୍ତତ୍ରାଣ ମହାପାତ୍ର ପ୍ରମୁଖ ସମ୍ମାନିତ ଅତିଥି ଭାବେ ଯୋଗଦେଇଥିଲେ। ମୁଖ୍ୟ ଅତିଥି ମନ୍ତ୍ରୀ ପୂଜାରୀ ତାଙ୍କ ଭାଷଣରେ କହିଥିଲେ, ମୁ ମୋ ଜୀବନରେ ଦେଖିଥିବା ସମସ୍ତ ଲୋକ ମହୋତ୍ସବ ମଧ୍ୟରୁ କଳାହାଣ୍ଡି

**ଜିଲାସ୍ତରୀୟ କଳାହାଣ୍ଡି ଉତ୍ସବ ଘୁମୁରାର ଦ୍ୱିତୀୟ ସନ୍ଧ୍ୟା**

ଉତ୍ସବ ସର୍ବୋତ୍ତମ। ଭବାନୀପାଟଣାରେ ମୋର ପାଠପଢା ମୂଳଦୁଆ ପଡିଥିଲା। ଏଠାରେ ମୁଁ ୫ବର୍ଷ ପାଠ ପଢିଛି। ତେଣୁ ମୁଁ କଳାହାଣ୍ଡିର ଋଣୀ। ଏବେ ଋଣ ପରିଶୋଧ କରିବି। ଏଠାକାର ଲୋକମାନେ ବେଶୀ ସରଳ, ଦୁନିଆରେ ଖୋଜିଲେ ମିଳିବେ ନାହିଁ। ରାଜ୍ୟର ସାହିତ୍ୟ, କଳା, ସଂସ୍କୃତି କ୍ଷେତ୍ରରେ କଳାହାଣ୍ଡି ଲୋକଙ୍କ ଅବଦାନ ଅତୁଳନୀୟ। କଳାହାଣ୍ଡିରେ ଜଳସେଚନର ଅଗ୍ରଗତି ନେଇ ଖୁବ୍‌ଶୀଘ୍ର ଏକ ବୈଠକ କରାଯିବ ବୋଲି ସେ କହିଥିଲେ। କାର୍ଯ୍ୟକ୍ରମକୁ ବରିଷ୍ଠ ଖବରଦାତା ସତ୍ୟ ନାରାୟଣ ମହାପାତ୍ର ପରିଚାଳନା କରିଥିଲେ। ଏହି ଅବସରରେ ବିଭିନ୍ନ କ୍ଷେତ୍ରରେ କଳାହାଣ୍ଡି ପାଇଁ ଗୌରବ ଆଣିଥିବା ବିଦ୍ୱାନଶ୍ରୀ ପଣ୍ଡା, ଶୁଭଙ୍କର ରଥ, ପୁଷ୍ପେନ୍ଦ୍ର ବିଶ୍ୱାଳ, ସ୍ମୃତି ମଞ୍ଜରୀ ଦୀପ, ଶ୍ରୁତି ନାଗ, ହାବିଲଦାର ପ୍ରକାଶ ସାଗର, ବିଭୁତି ମଲ୍ଲିକ, ଚଶମିତ୍ କୌର, ଟିକେନ୍ଦ ଗୌଡ, ଭୌମିକ ଭରଦ୍ୱାଜ ଭୋଇ, ବିକାଶ ବାଗ, କୁମ୍ କୁମ୍ ପ୍ରିୟଦର୍ଶିନୀ ସାହୁ ପ୍ରମୁଖଙ୍କୁ ଅତିଥିଙ୍କ ଦ୍ୱାରା ସମ୍ମାନିତ କରାଯାଇଥିଲା। ଏହାପରେ ମହ୍ଲାର କଳା ନିକେତନ, ଶ୍ରୀ ଜଗନ୍ନାଥ ସଂଗୀତ ବିଦ୍ୟାଳୟ, ଶିଶୁ ଘୁମୁରା, ଓଡିଶୀ ଶୁଭକ୍ଷିତା ମିଶ୍ର, ଦୁର୍ଗାଭରସୀ ନୃତ୍ୟ ସୁନ୍ଦରଗଡ, ବଜାଶାଲ ନୃତ୍ୟାଙ୍ଗନା, ଭବନୀପାଟଣା, କ୍ଲବିଭୂତି ବେଦାନ୍ତ ଆଲୁମିନା ଲିମିଟେଡ, ହିମାଚଲୀ ପାହାଡି ନୃତ୍ୟ ହିମାଚଳ, ଓଡିଶା କଳାକେନ୍ଦ୍ର, ଜୁନାଗଡ, ନୂତନ କଳାସଂସଦ କନ୍ଧମାଳ, ମାହାରୀ, ନଟରାଜ ଜ୍ୟାକ ଏକାଡେମୀ ଦ୍ୱାରା ସାଂସ୍କୃତିକ କାର୍ଯ୍ୟକ୍ରମ ପରିବେଷଣ କରାଯାଇଥିଲା।

# ଧର୍ମଗଡ଼ରେ କଳାହାଣ୍ଡି ଉତ୍ସବ ଉଦ୍‌ଘାଟିତ

ଧର୍ମଗଡ଼, ୧୫।୧ (ଆକାଶ କୁମାର ଜଗତ)

ଧର୍ମଗଡ଼ଠାରେ ବୁଧବାର କଳାହାଣ୍ଡି ଉତ୍ସବ ଘୁମୁରା-୨୦୨୫ ଉଦ୍‌ଘାଟିତ ହୋଇଯାଇଛି। ପ୍ରଥମେ ମା' ଭଣ୍ଡାରଘରଣୀଙ୍କ ମନ୍ଦିରରୁ କଳସ ଶୋଭାଯାତ୍ରା ବାହାରି ସହର ପରିକ୍ରମା କରି ଉତ୍ସବ ପଡିଆ ମଞ୍ଚରେ ସ୍ଥାପିତ କରାଯାଇଥିଲା। ଉତ୍ସବ କମିଟି ଅଧ୍ୟକ୍ଷ ଧୀମାନ ଚକମାଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ଉଦ୍‌ଘାଟନୀ ସଭାରେ ମୁଖ୍ୟଅତିଥି ଭାବେ ରାଜସ୍ୱ ମନ୍ତ୍ରୀ ସୁରେଶ ପୂଜାରୀ, ମୁଖ୍ୟବକ୍ତା ଜିଲାପାଳ ପାୱାର ସଚିନ ପ୍ରକାଶ, ସମ୍ମାନିତ ଅତିଥି ଭାବେ କଳାହାଣ୍ଡି ସାଂସଦ ମାଳବିକା ଦେବୀ, ଧର୍ମଗଡ଼ ବିଧାୟକ ସୁଧୀର ପଟ୍ଟଯୋଶୀ, କଳାହାଣ୍ଡି ଏସ୍‌ପି ଅଭିଲାଷ ଜି ପ୍ରମୁଖ ଯୋଗଦେଇ କଳାହାଣ୍ଡି ସଂସ୍କୃତିର ଜୟଗାନ କରିଥିଲେ। ସନ୍ଧ୍ୟାରେ ଅନୁଷ୍ଠିତ ସାଂସ୍କୃତିକ କାର୍ଯ୍ୟକ୍ରମରେ ସମର୍ଥ ଦୃଷ୍ଟିହୀନ ସଂଘ ଘୋଟିଆ କଳାକାରଙ୍କ ଦ୍ୱାରା ପ୍ରାରମ୍ଭିକ ସଂଗୀତ ପରିବେଷଣ କରାଯାଇଥିଲା। ପରେ ନୃତ୍ୟ କଳା ଅନୁଷ୍ଠାନ ବଜାସାଲ ଭବାନୀପାଟଣା, ଗାୟତ୍ରୀ କଳା ଅନୁଷ୍ଠାନ ରାୟଗଡା, କଳାଜୀବୀ ବରଗଡ଼, ହରିୟାଣାର ଘୁମେର, ଝାରଖଣ୍ଡର ପଲକ, ପୁରୀର ମାଲଖମ, ବଲାଙ୍ଗୀରର ଗୁଡ଼ଖା ଆଦି ନୃତ୍ୟ ପରିବେଷଣ କରାଯାଇଥିଲା। ଷ୍ଟାର ନାଇଟ ପ୍ରୋଗ୍ରାମରେ ଓଡ଼ିଶାର ସୁନାମଧନ୍ୟ କଣ୍ଠଶିଳ୍ପୀ ସର୍ବେଶ୍ୱର ଭୋଇ ଓ ସାଥୀଙ୍କ ନୃତ୍ୟ ଗୀତରେ ଦର୍ଶକ ଝୁମିଥିଲେ।

# କୋକସରା ବ୍ଲକ୍: ବର୍ଦ୍ଧିତ ଭତ୍ତା ପାଇଲେ ହିତାଧିକାରୀ

କୋକସରା,୧୫।୧(ଦୁଷ୍ମନ୍ତ କୁମାର ପାଟଯୋଷୀ)

ରାଜ୍ୟ ସରକାରଙ୍କ ପକ୍ଷରୁ ସାମାଜିକ ସୁରକ୍ଷା ଭତ୍ତା ୩୫୦୦ ଟଙ୍କାକୁ ବୃଦ୍ଧି କରାଯାଇଥିବା ବେଳେ ବୁଧବାରଠାରୁ ରାଜ୍ୟରେ ଥିବା ୮୦ ବର୍ଷରୁ ବୟସ୍କ ଓ ୮୦ ପ୍ରତିଶତ ଭିନ୍ନକ୍ଷମ ଥିବା ହିତାଧିକାରୀଙ୍କୁ ଏହି ଯୋଜନାରେ ସାମିଲ କରାଯାଇଛି। ଏହି ଯୋଜନାରେ କଳାହାଣ୍ଡି ଜିଲା କୋକସରା ବ୍ଲକ୍‌ର ୨୨ ଗ୍ରାମ ପଞ୍ଚାୟତର ୮୯୭ ଜଣ ହିତାଧିକାରୀ ଅନ୍ତର୍ଭୁକ୍ତ ରହିଥିବା ନେଇ ବ୍ଲକ୍ ସାମାଜିକ ସୁରକ୍ଷା ଅଧିକାରୀ ଦୀପକ କୁମାର ବେହେରା ସୂଚନା ଦେଇଛନ୍ତି। ବିଡିଓ ଡ. ହିମାଞ୍ଚଳ ମାଝୀ ତତ୍ତ୍ୱାବଧାନରେ ବିଭିନ୍ନ ପଞ୍ଚାୟତର ସରପଞ୍ଚ, ସମିତି ସଭ୍ୟ, ନାଏବ ସରପଞ୍ଚ ଉପସ୍ଥିତ ରହି ଭତ୍ତା ବଣ୍ଟନ କରିଛନ୍ତି।

# ଜିଲାସ୍ତରୀୟ କବିତା ପାଠୋତ୍ସବ



କବିତା ପାଠୋତ୍ସବରେ ଜିଲାପାଳ ଓ ଅନ୍ୟମାନେ।

ଭବାନୀପାଟଣା,୧୫।୧(ଉତ୍ତମ କୁମାର ଦାଶ)

ଭବାନୀପାଟଣାସ୍ଥିତ ଟାଉନହଲ୍‌ଠାରେ କଳାହାଣ୍ଡି ଉତ୍ସବ ଘୁମୁରା ଅବସରରେ ବୁଧବାର ଜିଲାସ୍ତରୀୟ କବିତା ପାଠୋତ୍ସବ ଅନୁଷ୍ଠିତ ହୋଇଯାଇଛି। ଉଦ୍‌ଘାଟକ ଭାବେ କଳାହାଣ୍ଡି ଜିଲାପାଳ ପାୱାର ସଚିନ ପ୍ରକାଶ ଯୋଗଦେଇଥିଲେ। ସେହିପରି ସୁଲେଖିକା ଡ. ବିଧୁପ୍ରଭା ରଥ ମୁଖ୍ୟ ଅତିଥି ଓ କବି ସକିତ ରତେ, ଅତିରିକ୍ତ ଜିଲାପାଳ ତନ୍ମୟ ଦରୱାନ, ନୋଡାଲ ଅଧିକାରୀ ଶ୍ରୀକାନ୍ତ ଦଳେଇ, ଜିଲା ସୂଚନା ଓ ଲୋକସମ୍ପର୍କ ଅଧିକାରୀ ହଳଧର ନିଆଲ୍ ପ୍ରମୁଖ ସମ୍ମାନିତ ଅତିଥି ଭାବେ ଯୋଗଦେଇଥିଲେ।ଏହି ଅବସରରେ କବି ସମ୍ମିଳନୀ ଉପସମିତି ପକ୍ଷରୁ କବି ମଞ୍ଜୁମେଧା ଗୁରୁଙ୍କୁ ଚଳିତବର୍ଷ ପାଇଁ ମାଟିପୁତ୍ର ସମ୍ମାନରେ ସମ୍ମାନିତ କରାଯାଇଥିଲା। କବି ସମ୍ମିଳନୀ ଉପସମିତି ଅଧ୍ୟକ୍ଷ ଡ. ତପନ ରଥ ସ୍ୱାଗତ ଭାଷଣ ଦେଇଥିବା ବେଳେ ସହ ଅଧ୍ୟକ୍ଷ ସତ୍ୟନାରାୟଣ ମୁଣ୍ଡଛିନା ଧନ୍ୟବାଦ ଦେଇଥିଲେ। କବିତା ପାଠୋତ୍ସବକୁ ସଦସ୍ୟ ଜୟଦ୍ରଥ ସୁନା, ଯାଦବେନ୍ଦ୍ର ସାହା, ଲିପ୍ସାମୟୀ ଦୁବେ, ସୁମତି ମୁଣ୍ଡ ପ୍ରମୁଖ ସଂଯୋଜନା କରିଥିଲେ। ସମଗ୍ର କାର୍ଯ୍ୟକ୍ରମକୁ ବରିଷ୍ଠ ସଦସ୍ୟ ସନ୍ତୋଷ ରଥ ଓ ବିଶ୍ୱ ରଞ୍ଜନ ପଣ୍ଡା ପରିଚାଳନା କରିଥିଲେ। ଏହି କାର୍ଯ୍ୟକ୍ରମରେ ଜିଲାର ବିଭିନ୍ନ ବ୍ଲକରୁ ୨ଶହରୁ ଊର୍ଦ୍ଧ୍ୱ କବି/କବୟିତ୍ରୀ ଯୋଗଦେଇ କବିତା ପାଠ କରିଥିଲେ।

### ଅନାଥ ଭଉଣୀଭାଇଙ୍କୁ ସହାୟତା କଲେ କିଟ୍ କିସ୍ ପ୍ରତିଷ୍ଠାତା

**ଜୁନାଗଡ଼ ୧୫।୧(ଅଂଶୁମାନ ଯୋଶୀ):** କଳାହାଣ୍ଡି ଜିଲା ଜୁନାଗଡ଼ ବ୍ଲକ ଅନ୍ତର୍ଗତ ମାଟିଗାଁରେ ୨ ଅନାଥ ଭଉଣୀ ଭାଇ ବଞ୍ଚିବାକୁ ସଂଘର୍ଷ କରୁଥିବା ଓ ଜେଜେ ମା' ତାଙ୍କ ସାହାରା ପାଲଟିଥିବା ସମ୍ପର୍କରେ ଗତ ୨୭ ଡିସେମ୍ବରରେ ପ୍ରଥମେ 'ଧରିତ୍ରୀ'ରେ ଏକ ରିପୋର୍ଟ ପ୍ରକାଶ ପାଇଥିଲା। ଏହାପରେ ଘଟଣାଟି ଲୋକଲୋଚନକୁ ଆସିଥିଲା। ଏହି ପରିପ୍ରେକ୍ଷୀରେ ଦୁଇ ଅନାଥ ଭଉଣୀ ଭାଇଙ୍କୁ ସହାୟତାର ହାତ ବଢାଇଛନ୍ତି କିଟ ଓ କିସର ପ୍ରତିଷ୍ଠାତା ଡ଼. ଅଚ୍ୟୁତ ସାମନ୍ତ। ୨ ଭଉଣୀ ଭାଇଙ୍କୁ ପାଠ ପଢା ଓ ଘର ଚଳିବା ପାଇଁ ମାସକୁ ୫ହଜାର ଟଙ୍କା ସହାୟତା ରାଶି ଆସନ୍ତା ପାଞ୍ଚବର୍ଷ ଯାଏ ଦେବାକୁ ସେ କହିଛନ୍ତି। ପ୍ରଥମ ପାଞ୍ଚ ହଜାର ଟଙ୍କା ସେ ସ୍ଥାନୀୟ ପ୍ରତିନିଧିଙ୍କ ଜରିଆରେ ପ୍ରଦାନ କରିଛନ୍ତି। ଆଗକୁ ପାଞ୍ଚବର୍ଷ ପର୍ଯ୍ୟନ୍ତ ବ୍ୟାଙ୍କ ଆକାଉଣ୍ଟରେ ପ୍ରତି ମାସରେ ୫ହାଜର ଟଙ୍କା ଲେଖା ପାଇବେ ଦୁଇ ଶିଶୁଙ୍କ ଜେଜେମା ନୀଳା ପ୍ରଧାନୀ। ଏପରି ବଦାନ୍ୟତା ପାଇଁ ବୃଦ୍ଧା ନିଳା ପ୍ରଧାନୀଙ୍କ ସହ ଗ୍ରାମବାସୀ କିଟ ଓ କିସର ପ୍ରତିଷ୍ଠାତା ଅଚ୍ୟୁତ ସାମନ୍ତଙ୍କୁ ଧନ୍ୟବାଦ ଜଣାଇଛନ୍ତି।

### ଭାଜପା ମଣ୍ଡଳ ସଭାପତିଙ୍କୁ ସମ୍ବର୍ଦ୍ଧନା

**କୋକସରା,୧୫।୧ (ଦୁଷ୍ମନ୍ତ କୁମାର ପାଟଯୋଷୀ):** ଭାଜପାର କୋକସରା ବ୍ଲକ୍ ମୋଟେର ମଣ୍ଡଳ ପକ୍ଷରୁ ଡହଗାଁଠାରେ ନବ ନିର୍ବାଚିତ ମଣ୍ଡଳ ସଭାପତି ଧର୍ମବ୍ରତ ପଣ୍ଡାଙ୍କୁ ଦଳୀୟ କର୍ମକର୍ତ୍ତାଙ୍କ ପକ୍ଷରୁ ସ୍ୱାଗତ ସମ୍ବର୍ଦ୍ଧନା ଦିଆଯାଇଛି। ଆୟୋଜିତ ସଭାରେ ମଣ୍ଡଳ ସଭାପତି ପଣ୍ଡା ସମସ୍ତଙ୍କୁ କୃତଜ୍ଞତା ଜଣାଇବା ସହ ଦଳୀୟ କାର୍ଯ୍ୟକ୍ରମରେ ସମସ୍ତଙ୍କ ସହଯୋଗ କାମନା କରିଥିଲେ। କୋକସରା ମଣ୍ଡଳ ସଭାପତି ବସନ୍ତ ନାଗ ସମ୍ମାନିତ ଅତିଥି ଥିଲେ।

# ଉଚ୍ଚ ମାଧ୍ୟମିକ ବିଦ୍ୟାଳୟରେ ଛାତ୍ରୀ ଆତ୍ମରକ୍ଷା ତାଲିମ



ଜଣେ ଛାତ୍ରୀଙ୍କୁ ଅତିଥି ପ୍ରମାଣପତ୍ର ପ୍ରଦାନ କରୁଛନ୍ତି ।

କଳମପୁର,୧୫।୧(ଗଣେଶରାମ ବାଗ)

କଳାହାଣ୍ଡି ଜିଲା କଳମପୁର ବ୍ଲକ୍ ମହାଭାରତ ଉଚ୍ଚ ମାଧ୍ୟମିକ ବିଦ୍ୟାଳୟ ବିଜମରାଠାରେ ଛାତ୍ରୀ ଆତ୍ମରକ୍ଷା ତାଲିମ ଶିବିର ବୁଧବାର ଉଦ୍‌ଯାପିତ ହୋଇଯାଇଛି। ବିଦ୍ୟାଳୟ ଅଧ୍ୟକ୍ଷ ମନୋଜ କୁମାର ମିଶ୍ରଙ୍କ ସଭାପତିତ୍ୱରେ ମୁଖ୍ୟ ଅତିଥି ଭାବରେ ବିଜମରା ହାଇସ୍କୁଲ ପ୍ରଧାନ ଶିକ୍ଷକ ଖଗେଶ୍ୱର ମାଝୀ, ମୁଖ୍ୟବକ୍ତା ଭାବରେ ବଡ଼କୁଟ୍ରୁ ଫାଣ୍ଡି ଅଧିକାରୀ ଶିବଶଙ୍କର ମହାନ୍ତି , ପ୍ରୋଗ୍ରାମ ଅଫିସର ଯୁଗଳ ମୋହନ ଠାକୁର ପ୍ରମୁଖ ଉପସ୍ଥିତ ଥିଲେ। ମାଷ୍ଟର ଟ୍ରେନର ଲିପିକା ପଟେଲ ୭୯ଜଣ ଛାତ୍ରୀଙ୍କୁ ତାଲିମ ପ୍ରଦାନ କରିଥିଲେ। ଅଧ୍ୟାପକ ରମେଶ ଚନ୍ଦ୍ର ନିଆଁଲ, ସୁଜାତା ସାହୁ, ଅନିଲ କୁମାର ପଣ୍ଡା, ଅଭିରାମ ପୁଞ୍ଜି, ମନୋରଞ୍ଜନ ପଣ୍ଡା, ତ୍ରିଲୋଚନ ଶବର ପ୍ରମୁଖ ସହଯୋଗ କରିଥିଲେ।

# ସମ୍ମିଳିତ ବାର୍ଷିକ କ୍ରୀଡ଼ା ପ୍ରତିଯୋଗିତା ଉଦ୍‌ଘାଟିତ

ଖଡ଼ିଆଳ,୧୫।୧(ସୁଜିତ କୁମାର ପ୍ରଧାନ)


ଉତ୍ସବରେ ମଞ୍ଚାସୀନ ଅତିଥିମାନେ।

ନୂଆପଡ଼ା ଜିଲା ଖଡ଼ିଆଳସ୍ଥିତ ରାଜା ଆର୍ତ୍ତତ୍ରାଣ ସରକାରୀ ଉଚ୍ଚ ବିଦ୍ୟାଳୟ ଓ ସରକାରୀ ବାଳିକା ଉଚ୍ଚ ବିଦ୍ୟାଳୟର ୪୩ତମ ମିଳିତ ବାର୍ଷିକ କ୍ରୀଡ଼ା ପ୍ରତିଯୋଗିତା ଉଦ୍‌ଘାଟିତ ହୋଇଯାଇଛି। ଅନୁଷ୍ଠିତ ସଭାରେ ରାଜା ଆର୍ତ୍ତତ୍ରାଣ ସରକାରୀ ଉଚ୍ଚ ବିଦ୍ୟାଳୟର ପ୍ରଧାନ ଶିକ୍ଷକ ପ୍ରଦୋଷ କୁମାର ସାହୁ ଅଧ୍ୟକ୍ଷତା କରିଥିଲେ। ଖଡ଼ିଆଳ ପଞ୍ଚାୟତ ସମିତି ଅଧ୍ୟକ୍ଷା ପୁଷ୍ପାଞ୍ଜଳି ନନ୍ଦ ମୁଖ୍ୟ ଅତିଥି ଓ ଜିଲା ଶାରୀରିକ ଶିକ୍ଷା ଅଧିକାରୀ ମହେଶ କୁମାର ଦଣ୍ଡସେନା, ସରକାରୀ ବାଳିକା ଉଚ୍ଚ ବିଦ୍ୟାଳୟର ପ୍ରଧାନ ଶିକ୍ଷୟିତ୍ରୀ ଗୀତାରାଣୀ ଜୋଷୀ, ସାଙ୍ଗଠନିକ ସମ୍ପାଦକ ଗୌରୀ ଶଙ୍କର ଦୁବେ, ଉଭୟ ବିଦ୍ୟାଳୟର ପରିଚାଳନା କମିଟି ଅଧ୍ୟକ୍ଷ ସମ୍ରାଟ ପାତ୍ର ଓ ନରୋତ୍ତମ ସିଂହ ଠାକୁର ସମ୍ମାନିତ ଅତିଥି ଭାବରେ ମଞ୍ଚାସୀନ ଥିଲେ। ଶିକ୍ଷକ ଗୌରାଙ୍ଗ କୁମାର ସାହୁ ମଞ୍ଚ ପରିଚାଳନା କରିଥିବାବେଳେ ଯୁଗ୍ମ ସାଙ୍ଗଠନିକ ସମ୍ପାଦକ ପ୍ରଣବ କୁମାର ପାତ୍ର ଧନ୍ୟବାଦ ଅର୍ପଣ କରିଥିଲେ। ପ୍ରାରମ୍ଭରେ ଛାତ୍ରୀଛାତ୍ରମାନେ ମା' ସମଲେଶ୍ୱରୀଙ୍କ ପୀଠରୁ ମଶାଲ ଆଣି ପଡିଆରେ ସ୍ଥାପନ କରିଥିଲେ। ମୁଖ୍ୟ ଅତିଥି କ୍ରୀଡ଼ା ପତାକା ଉତ୍ତୋଳନ କରିଥିଲେ।

# କଳାହାଣ୍ଡି ଉତ୍ସବରେ ବିକାଶ ଆବାସିକ ବିଦ୍ୟାଳୟକୁ ସମ୍ବର୍ଦ୍ଧନା



ବିକାଶ ଆବାସିକ ବିଦ୍ୟାଳୟକୁ ପୁରସ୍କୃତ କରାଯାଉଛି।

ଭବାନୀପାଟଣା,୧୫।୧ (ଉତ୍ତମ କୁମାର ଦାଶ)

ଗତ ଅଗଷ୍ଟ ୧ରେ 'ସମ୍ବଲପୁରୀ ଦିନ' ପାଳନ ଅବସରରେ ବିକାଶ ଆବାସିକ ବିଦ୍ୟାଳୟର ୩୦୦ରୁ ଊର୍ଦ୍ଧ୍ୱ ଛାତ୍ରୀଛାତ୍ରଙ୍କୁ ନେଇ ସାମୂହିକ ସମ୍ବଲପୁରୀ ଗୀତ ଓ ନୃତ୍ୟ ପ୍ରଦର୍ଶନ କରାଯାଇଥିଲା। ଏହା ପରବର୍ତ୍ତୀ ସମୟରେ ବିଚାରକ ମଣ୍ଡଳୀଙ୍କ ଦ୍ୱାରା ଅନୁଗୃହୀତ ହୋଇ ଇଣ୍ଡିଆ ବୁକ ଅଫ ରେକର୍ଡସରେ ସ୍ଥାନିତ ହୋଇଥିଲା। ଏହି କୃତିତ୍ୱ ଯୋଗୁ ୨୭ତମ 'କଳାହାଣ୍ଡି ଉତ୍ସବ ଘୁମୁରା ୨୦୨୫' ପାଳନ ଅବସରରେ ବିକାଶ ଆବାସିକ ବିଦ୍ୟାଳୟକୁ ଜିଲା ପ୍ରଶାସନ ତରଫରୁ ଭବାନୀପାଟଣା ରେଣ୍ଡୋ ମାଝି ମଞ୍ଚରେ ସମ୍ବର୍ଦ୍ଧିତ କରାଯାଇଥିଲା। ଅନୁଷ୍ଠାନର ନିର୍ଦ୍ଦେଶକ ଡି. ରାମ କୁମାର, ବିକାଶ ଉଚ୍ଚ ମାଧ୍ୟମିକ ବିଦ୍ୟାଳୟ ଅଧ୍ୟକ୍ଷ ଯୁବରାଜ ନାୟକ, ବିକାଶ ଆବାସିକ ବିଦ୍ୟାଳୟ ଅଧ୍ୟକ୍ଷା ଆରତି ମିଶ୍ର ପ୍ରମୁଖ ଉପସ୍ଥିତ ରହି କଳାହାଣ୍ଡି ସାଂସଦ ମାଳବିକା ଦେବୀଙ୍କ କରକମଳରୁ ପୁଷ୍ପଗୁଚ୍ଛ, ଉପଢୌକନ ଓ ମାନପତ୍ର ଗ୍ରହଣ କରିଥିଲେ। ଏଥିପାଇଁ ଅନୁଷ୍ଠାନର କର୍ମକର୍ତ୍ତାଙ୍କ ସମେତ ଶିକ୍ଷୟିତ୍ରୀଶିକ୍ଷକ ଜିଲା ପ୍ରଶାସନକୁ ଧନ୍ୟବାଦ ଜଣାଇଛନ୍ତି।

# ରାଜସ୍ୱ ବିଭାଗର ସମସ୍ୟା ନେଇ ମନ୍ତ୍ରୀଙ୍କୁ ଦାବିପତ୍ର

ନୂଆପଡ଼ା,୧୫।୧ (ମକାରୁ ବେମାଲ)

ନୂଆପଡ଼ା ଜିଲା ରାଜସ୍ୱ ବିଭାଗରେ ବିଭିନ୍ନ ସମସ୍ୟା ଲାଗିରହିଛି। କେଉଁଠି ଅଫିସ ଗୃହ ନାହିଁ ତ କେଉଁଠି ଅଧିକାରୀ ଓ କର୍ମଚାରୀ ଅଭାବ ରହିଛି। ଯେଉଁ କାର୍ଯ୍ୟାଳୟ କୋଠା ଅଛି ତାହା ଜରାଜୀର୍ଣ୍ଣ ଅବସ୍ଥାରେ ରହିଛି। ଏସବୁ ସମସ୍ୟର ସମାଧାନ ପାଇଁ ଭାଜପା ଯୁବ ମୋର୍ଚ୍ଚା ଜିଲା ସଭାପତି ଅଭିନନ୍ଦନ ପଣ୍ଡାଙ୍କ ନେତୃତ୍ୱରେ ଏକ ପ୍ରତିନିଧି ଦଳ ରାଜସ୍ୱ ମନ୍ତ୍ରୀ ସୁରେଶ ପୂଜାରୀଙ୍କୁ ୮ ଦଫା ସମ୍ବଳିତ ଦାବିପତ୍ର ପ୍ରଦାନ କରିଛନ୍ତି। ନୂଆପଡା ଜିଲାରେ ୫ ତହସିଲ ଓ ୩ ଏନ୍‌ଏସି ରହିଛି । ସଦର ତହସିଲ ଅଧୀନରେ ମୋଟ ୧୦ ରାଜସ୍ୱ ନିରୀକ୍ଷକ କାର୍ଯ୍ୟ କରୁଛନ୍ତି। ଜନସାଧାରଣଙ୍କ ସୁବିଧା ଦୃଷ୍ଟିରୁ ନୂତନ ଭାବରେ ୪ଟି ରାଜସ୍ୱ ନିରୀକ୍ଷକ କାର୍ଯ୍ୟାଳୟ କରି ପୁରୁଣା କୋଠାକୁ ନୂତନ ଭାବରେ ନିର୍ମାଣ କରିବା ପାଇଁ ଦାବି କରିଛନ୍ତି। ଜିଲାରେ ଖାଲି ପଡିଥିବା ୬ଟି ଅତିରିକ୍ତ ତହସିଲଦାର ପଦବୀ ପୂରଣ ସହ ଖଡିଆଳକୁ ସବ୍‌ଡିଭିଜନ ମାନ୍ୟତା ଦେବାକୁ ଦାବି କରିଥିଲେ। ସେହିପରି ନୂତନ ବ୍ଲକ ଗଠନ ଉପରେ ବିଚାର କରାଯାଉ ବୋଲି ଦାବି କରିଛନ୍ତି। ଏହି ସମୟରେ ଶୁଶାନ୍ତ କୁମାର ପତି, କମଲେଶ ଦୀକ୍ଷିତ, ତୁଳସ ପଟେଲ, ସଦାନନ୍ଦ ଯୋଶୀ, ଲୋକନାଥ ହୋତା, ମୁନ୍ନା ମହାପାତ୍ର, ସନ୍ତୋଷ ସାହୁ, ଗୋବିନ୍ଦ ଦଣ୍ଡସେନା, ଭକ୍ତ ରଣା ପ୍ରମୁଖ ଉପସ୍ଥିତ ଥିଲେ ।

# ଛାତ୍ରୀ ଆତ୍ମସୁରକ୍ଷା ତାଲିମ କାର୍ଯ୍ୟକ୍ରମ ଉଦ୍‌ଯାପିତ

ଜୁନାଗଡ଼,୧୫।୧(ସୁନୀଲ କୁମାର ସିଂହ)

କଳାହାଣ୍ଡି ଜିଲା ଜୁନାଗଡ଼ ବ୍ଲକ ପ୍ରିୟଦର୍ଶିନୀ ଇନ୍ଦିରା ଉଚ୍ଚ ମାଧ୍ୟମିକ ବିଦ୍ୟାଳୟରେ ୮ଦିନ ଧରି ଚାଲିଥିବା ଛାତ୍ରୀ ଆତ୍ମସୁରକ୍ଷା ତାଲିମ ଶିବିର ବୁଧବାର ଉଦ୍‌ଯାପିତ ହୋଇଯାଇଛି। ବିଦ୍ୟାଳୟର ଅଧ୍ୟକ୍ଷ ବିଭୁତି ଭୂଷଣ ମେହେରଙ୍କ ସଭାପତିତ୍ୱରେ ମୁଖ୍ୟ ଅତିଥି ଭାବେ କର୍ତ୍ତବ୍ୟର ମୁଖ୍ୟ କାର୍ଯ୍ୟନିର୍ବାହୀ ଅଧିକାରୀ ଅଶୋକ କୁମାର ପଟ୍ଟନାୟକ, ସମ୍ମାନିତ ଅତିଥି ଭାବେ ଜୁନାଗଡ଼ ଓକିଲ ସଂଘ ସମ୍ପାଦକ ହିମାଂଶୁ ଶେଖର ବରାଡ, ଗୋଲାମୁଣ୍ଡା ସର୍ବମଙ୍ଗଳା ଉଚ୍ଚ ମାଧ୍ୟମିକ ବିଦ୍ୟାଳୟ ଅଧ୍ୟକ୍ଷ ଜୟନ୍ତ କୁମାର ଜେନା, କାର୍ଯ୍ୟକ୍ରମର ଜିଲା ସଂଯୋଜିକା ପ୍ରାଧ୍ୟାପିକା ସାଗରିକା ଦାସ, ଅଧ୍ୟାପିକା ପୂର୍ଣ୍ଣମାସି ମାଝୀ ପ୍ରମୁଖ ଯୋଗଦେଇଥିଲେ। ଶିବିରରେ ୧୨୭ ଜଣ ଛାତ୍ରୀ ଭାଗନେଇଥିଲେ। ସେମାନଙ୍କୁ ପ୍ରଶିକ୍ଷକ ମିସ୍ ଜଲି ପରାଭୋଇ ଓ ଶିବାନୀ ଭାଟି ପ୍ରଶିକ୍ଷଣ ଦେଇଥିଲେ। ତାଲିମ ନେଇଥିବା ଛାତ୍ରୀମାନଙ୍କୁ ଅତିଥିଙ୍କ ଦ୍ୱାରା ପ୍ରମାଣପତ୍ର ପ୍ରଦାନ କରାଯାଇଥିଲା।



ଅଧ୍ୟକ୍ଷ ଜଣେ ଛାତ୍ରୀଙ୍କୁ ପ୍ରମାଣପତ୍ର ପ୍ରଦାନ କରୁଛନ୍ତି।

# ବର୍ଦ୍ଧିତ ଭତ୍ତା ପ୍ରଦାନ ସହ ଉନ୍ନୟନ କାର୍ଯ୍ୟର ସମୀକ୍ଷା

ନୂଆପଡ଼ା,୧୫।୧ (ମକାରୁ ବେମାଲ)



ସମାରୋହରେ ମଞ୍ଚାସୀନ ଅତିଥିବୃନ୍ଦ।

ରାଜସ୍ୱ ଓ ବିପର୍ଯ୍ୟୟ ପରିଚାଳନା ମନ୍ତ୍ରୀ ସୁରେଶ ପୂଜାରୀ ବୁଧବାର ନୂଆପଡ଼ା ଜିଲା ଗସ୍ତରେ ଆସି ବର୍ଦ୍ଧିତ ଭତ୍ତା ପ୍ରଦାନ କରିବା ସହ ଜିଲାର ବିଭିନ୍ନ ଉନ୍ନୟନମୂଳକ କାର୍ଯ୍ୟର ସମୀକ୍ଷା କରିଥିଲେ। ଜିଲା ପ୍ରଶାସନ ପକ୍ଷରୁ ସ୍ଥାନୀୟ ପୋଲିସ ପଡିଆଠାରେ ଆୟୋଜିତ ସଭାରେ ଜିଲାପାଳ ମଧୁସୂଦନ ଦାସ ଅଧ୍ୟକ୍ଷତା କରିଥିଲେ। ମନ୍ତ୍ରୀ ପୂଜାରୀ ମୁଖ୍ୟଅତିଥି, କଳାହାଣ୍ଡି ଏମ୍‌ପି ମାଳବିକା ଦେବୀ, ଜିଲା ଆରକ୍ଷୀ ଅଧୀକ୍ଷକ ଗୁନ୍ଦାଳା ରେଡ୍ଡି ରାଘବେନ୍ଦ୍ର, ଜିଲା ପରିଷଦ ଉପାଧ୍ୟକ୍ଷା ଦୀପିକା କୌଶଲ୍ୟା, ନୂଆପଡା ବ୍ଲକ ଅଧ୍ୟକ୍ଷା ତାରେଶ୍ୱରୀ ସାହୁ, କୋମନା ବ୍ଲକ ଅଧ୍ୟକ୍ଷା ଅନସୂୟା କୁମ୍ଭାର, ଖଡିଆଳ ବ୍ଲକ ଅଧ୍ୟକ୍ଷା ପୁଷ୍ପାଞ୍ଜଳି ନନ୍ଦ, ଖରିଆର ରୋଡ ଏନ୍‌ଏସି ଅଧ୍ୟକ୍ଷା

**ରାଜସ୍ୱ ମନ୍ତ୍ରୀଙ୍କ ନୂଆପଡ଼ା ଜିଲା ଗସ୍ତ**

ସୋନିଆ ଜୈନ ପ୍ରମୁଖ ସମ୍ମାନିତ ଅତିଥି ଭାବେ ଯୋଗଦେଇଥିଲେ। ଉପସ୍ଥିତ ଜନସାଧାରଣଙ୍କୁ ସମ୍ବୋଧିତ କରି ମନ୍ତ୍ରୀ କହିଲେ, ରାଜ୍ୟରେ ମୋହନ ସରକାର ତାଙ୍କ ପ୍ରତିଶ୍ରୁତି ପୂରଣ କରିଛନ୍ତି। ବର୍ଦ୍ଧିତ ଭତ୍ତା ଯୋଗୁ ଏବେ ପରିବାରରେ ବୃଦ୍ଧାବୃଦ୍ଧ ସେମାନଙ୍କ ପୁଅ ବୋହୂ ଝିଅମାନଙ୍କଠାରୁ ଅଧିକ ସେବାଯତ୍ନ ପାଇବେ । ମା'ବାପା ହେଉଛନ୍ତି ଆମ ପାଇଁ ଜୀବନ୍ତ ଈଶ୍ୱର। ଅସହାୟ ଅବସ୍ଥାରେ ସେମାନଙ୍କୁ କେହି ଛାଡି ନ ଯାଆନ୍ତୁ ବୋଲି ମନ୍ତ୍ରୀ କହିଥିଲେ। ସମାରୋହରେ ନୂଆପଡ଼ା ବ୍ଲକରୁ ୭୦, ନୂଆପଡ଼ା ଏନ୍‌ଏସିରୁ ୪୦, ଖରିଆର ରୋଡ ଏନ୍‌ଏସିରୁ ୪୦, କୋମନା, ବୋଡେନ ଓ ସିନାପାଲି ବ୍ଲକରୁ ୧୦ ଜଣ ଲେଖାଏ ସମୁଦାୟ ୨ ଶହ ହିତାଧିକାରୀଙ୍କୁ ବର୍ଦ୍ଧିତ ଭତ୍ତା ପ୍ରଦାନ କରାଯାଇଥିଲା। ଭାରପ୍ରାପ୍ତ ଜିଲା ସାମାଜିକ ସୁରକ୍ଷା ଅଧିକାରୀ ସ୍ମୃତିରେଖା ନନ୍ଦ କାର୍ଯ୍ୟକ୍ରମ ପରିଚାଳନା କରିଥିଲେ। ବରିଷ୍ଠ ସହାୟକ ଭିଭୁଦତ୍ତ ମିଶ୍ର ମଞ୍ଚ ପରିଚାଳନା କରିଥିବା ବେଳେ ଉପଜିଲାପାଳ ଯୋଗେନ୍ଦ୍ର ମାଝି ଧନ୍ୟବାଦ ଅର୍ପଣ କରିଥିଲେ ।

## ସଂକ୍ଷେପରେ

### ଜିଲାପାଳଙ୍କ ଜନ ଅଭିଯୋଗ ଶୁଣାଣି

**ବରପାଲି, ୧୫।୧ (ଚିତ୍ତରଞ୍ଜନ ସାହୁ):** ବରପାଲିରେ ଜିଲାପାଳଙ୍କ ଜନ ଅଭିଯୋଗ ଶୁଣାଣି କାର୍ଯ୍ୟକ୍ରମ ସ୍ଥାନୀୟ ବ୍ଲକ କାର୍ଯ୍ୟାଳୟଠାରେ ଅନୁଷ୍ଠିତ ହୋଇଯାଇଛି। ଏଥିରେ ବିଭିନ୍ନ ବିଭାଗର ୧୦ଟି ଅଭିଯୋଗ ଜିଲାପାଳ ଶୁଣିବା ପରେ ବିଭାଗୀୟ ଅଧିକାରୀଙ୍କୁ କାର୍ଯ୍ୟାନୁଷ୍ଠାନ ପାଇଁ ନିର୍ଦ୍ଦେଶ ଦେଇଥିଲେ। ଏହି କାର୍ଯ୍ୟକ୍ରମରେ ବରଗଡ଼ ଜିଲାପାଳ ଆଦିତ୍ୟ ଗୋୟଲ, ପି ଡି ଲଲାଟ କୁମାର ଲୁହା, ଉପ ଜିଲାପାଳ ପ୍ରସନ୍ନ କୁମାର ପାଣ୍ଡେ, ବ୍ଲକ ଅଧ୍ୟକ୍ଷା ରୀନା ଥଇତ, ବିଡିଓ ସୁମନ୍ତ କୁମାର ପ୍ରମୁଖ ଅଧିକାରୀ ଭାବେ ଉପସ୍ଥିତ ଥିଲେ।

### ୩୫ ୟୁନିଟ୍ ରକ୍ତ ସଂଗୃହୀତ

**ବରଗଡ଼, ୧୫।୧ (ପ୍ରେମାନନ୍ଦ ଖମାରୀ):** ବରଗଡ଼ ବ୍ଲକ ଗାଇସିମା ପଞ୍ଚାୟତ ଅନ୍ତର୍ଗତ ମାଲିପାଲି ଗ୍ରାମସ୍ଥିତ ବାବାମଠରେ ମଙ୍ଗଳବାର ମକରମେଳା ଅବସରରେ ରକ୍ତଦାନ ଶିବିର ଅନୁଷ୍ଠିତ ହୋଇଯାଇଛି। ଗ୍ରାମବାସୀ ତଥା ସ୍ୱେଚ୍ଛାସେବୀ ଅନୁଷ୍ଠାନ ନିଷ୍ଠା ପରିବାରର ମିଳିତ ଆନୁକୂଲ୍ୟରେ ଅନୁଷ୍ଠିତ ଏହି ଶିବିରରେ ଗ୍ରାମର ଗୌନ୍ତିଆ ସଞ୍ଜୀବ ସାହୁ, ମକରମେଳା ମହୋତ୍ସବ ସମିତି ସଭାପତି ଭଜମନ ଭୋଇ, ବରଗଡ଼ ଜିଲା ଓକିଲ ସଂଘର ସଭାପତି ଭୀଷ୍ମଦେବ ସରାଫ, ବରଗଡ଼ ବ୍ଲକ ଉପାଧ୍ୟକ୍ଷ ଉମେଶ ଚନ୍ଦ୍ର ପଣ୍ଡା ସମ୍ମାନିତ ଅତିଥିଭାବେ ଯୋଗଦେଇ ଶିବିରକୁ ଉଦ୍‌ଘାଟନ କରିଥିଲେ। ଶିବିରରେ ୩୫ ୟୁନିଟ୍ ରକ୍ତ ସଂଗୃହୀତ ହୋଇଥିଲା।

### ଜୀବନ ଭୋଗ ପାଇଁ ନୁହେଁ, ସାଧନା ପାଇଁ

**ବରପାଲି, ୧୫।୧ (ଚିତ୍ତରଞ୍ଜନ ସାହୁ):** ବରପାଲି ନିକଟ କଦଳିପାଲି ବିବେକାନନ୍ଦ ପୀଠରେ ସ୍ୱାମୀ ବିବେକାନନ୍ଦଙ୍କ ୧୬୩ତମ ଜୟନ୍ତୀ ମହୋତ୍ସବ ପାଳିତ ହୋଇଯାଇଛି। ଉକ୍ତ ଉତ୍ସବରେ ପରମ ପୂଜ୍ୟ ଗୁରୁଜୀ ଆନନ୍ଦ ପଧାନ ଓ ଗୁରୁମା' ଖୁଲଣା ପଧାନଙ୍କ ତତ୍ତ୍ୱାବଧାନରେ ବିବେକାନନ୍ଦଙ୍କ ଫଟୋଚିତ୍ରରେ ପୁଷ୍ପ ମାଲ୍ୟାର୍ପଣ କରାଯାଇଥିଲା। ପ୍ରଥମେ ଯୋଗ ବିଜ୍ଞାନ ଓ ପ୍ରଯୁକ୍ତିବିଦ୍ୟା ପ୍ରଶିକ୍ଷଣ ପ୍ରତିଷ୍ଠାନର ବିବରଣୀ ପାଠ ସାଧକ ଫକୀର ଭୁଏ ଉପସ୍ଥାପନ କରିଥିଲେ। ପରେ ସ୍ୱାମୀ ବିବେକାନନ୍ଦଙ୍କ ଗୁଣାବଳୀଗୁଡ଼ିକୁ ଅତ୍ୟନ୍ତ ରହସ୍ୟଜନକ ଭାବରେ ନିଜ ଅଭିଭାଷଣରେ କହିଥିଲେ ଆଚାର୍ଯ୍ୟ ଶେଷଦେବ ବେହେରା। ସ୍ୱାମିଜୀଙ୍କ ଜୀବନୀ ସମ୍ପର୍କରେ ସମ୍ୟକ ଅଭିଭାଷଣ ପ୍ରଦାନ କରିଥିଲେ ମହେନ୍ଦ୍ର ମହାରଣା। ଜୀବନ ଭୋଗ ପାଇଁ ନୁହେଁ, ସାଧନା ପାଇଁ, ନିଜ ପାଇଁ ନୁହେଁ, ଜଗତ ପାଇଁ– ଏହାର ରହସ୍ୟ ପ୍ରଦାନ କରିଥିଲେ ବଳବନ୍ତ ଛତ୍ରିଆ। ଏହି ମହୋତ୍ସବରେ କୈଳାସ କର୍ଣ୍ଣ, ସରୋଜ ଖମାରି, ବାସନ୍ତୀ ସାହୁ, ମମତା ବିଶି, ବିଳାସିନୀ ସାହୁ ଓ ସୁନିତା ଚିନ୍ଦ୍ରାଙ୍କ ସଙ୍ଗୀତର ଭାବମୟ ପରିବେଶ ସୃଷ୍ଟି କରି ସମସ୍ତଙ୍କ ହୃଦୟକୁ ସ୍ପନ୍ଦିତ କରିଥିବା ବେଳେ ବାଦ୍ୟଯନ୍ତ୍ରରେ ସଞ୍ଜୟ ପଧାନ, ଅଶୋକ ପଧାନ, ସରୋଜ ଖମାରୀ, ନରେଶ ବେହେରା, ସୁନୀଲ ଓ ସାଥୀଗଣ ସହଯୋଗ କରିଥିଲେ।

### ଧର୍ମପରାୟଣା ମହିଳାଙ୍କ ପରଲୋକ

**ପଦ୍ମପୁର, ୧୫।୧ (ପ୍ରଦୀପ୍ତ ଦାଶ):** ପଦ୍ମପୁର ନେହେରୁଗଳି ନିବାସୀ ରଘୁନାଥ ତ୍ରିପାଠୀଙ୍କ ସ୍ତ୍ରୀ ଚାରୁଶିଳା ତ୍ରିପାଠୀ(୭୩)ଙ୍କ ହୃଦ୍‌ଘାତରେ ପରଲୋକ ହୋଇଯାଇଛି। ମୃତ୍ୟୁଶଯ୍ୟା ନିକଟରେ ତାଙ୍କର ପୁଅ, ବୋହୂ, ଝିଅ ଜ୍ୱାଇଁ, ନାତି, ନାତୁଣୀ ତଥା ବନ୍ଧୁ ପରିଜନ ଉପସ୍ଥିତ ଥିଲେ। ସେ ଜଣେ ମିଷ୍ଟଭାଷୀ, ଧର୍ମପରାୟଣା ମହିଳା ରୂପେ ବେଶ୍ ଜଣାଶୁଣା ଥିଲେ ।

# ଜନପ୍ରତିନିଧିଙ୍କ ସହ ସମନ୍ୱୟ ରଖି କାର୍ଯ୍ୟ କର

**ବରଗଡ଼, ୧୫।୧ (ପ୍ରେମାନନ୍ଦ ଖମାରୀ)**



ଜିଲାପାଳଙ୍କ ସମ୍ମିଳନୀ କକ୍ଷରେ ସ୍ୱାସ୍ଥ୍ୟମନ୍ତ୍ରୀଙ୍କ ସମୀକ୍ଷା ବୈଠକ।

ରାଜ୍ୟ ସରକାରଙ୍କ ଦ୍ୱାରା ବରଗଡ଼ ଜିଲାର ନୋଡ଼ାଲ ମନ୍ତ୍ରୀ ଭାବେ ଦାୟିତ୍ୱ ପାଇବା ପରେ ବୁଧବାର ସ୍ୱାସ୍ଥ୍ୟ ଓ ପରିବାର କଲ୍ୟାଣ ମନ୍ତ୍ରୀ ମୁକେଶ ମହାଲିଙ୍ଗ ଜିଲାପାଳଙ୍କ ସମ୍ମିଳନୀ କକ୍ଷରେ ସମୀକ୍ଷା ବୈଠକ କରିଥିଲେ। ବୈଠକରେ ବରଗଡ଼ ଲୋକସଭା ଏମ୍‌ପି ପ୍ରଦୀପ କୁମାର ପୁରୋହିତ, ବରଗଡ଼ ବିଧାୟକ ଅଶ୍ୱିନୀ କୁମାର ଷଡ଼ଙ୍ଗୀ, ଅତାବିରା ବିଧାୟକ ନିହାର ରଞ୍ଜନ ମହାନନ୍ଦ, ଭଟଲି ବିଧାୟକ ଇରାସିସ ଆଚାର୍ଯ୍ୟ, ବିଜେପୁର ବିଧାୟକ ସନତ କୁମାର ଗଡ଼ତିଆ, ଜିଲାପାଳ ଆଦିତ୍ୟ ଗୋୟଲ, ଏସ୍‌ପି ପ୍ରହ୍ଲାଦ ସହାୟ ମୀନା, ପଦ୍ମପୁର ଅତିରିକ୍ତ ଜିଲାପାଳ କୃଣାଳ ମୋତିରମ ଚୌହାନ, ଜିଲା ପରିଷଦ ମୁଖ୍ୟ ଉନ୍ନୟନ ଅଧିକାରୀ ଲଲାଟ କୁମାର ଲୁହା, ଅତିରିକ୍ତ ଜିଲାପାଳ ମହେନ୍ଦ୍ର ମହାପାତ୍ର, ମଧୁଛନ୍ଦା ସାହୁଙ୍କ ସମେତ ଜିଲାର ସମସ୍ତ ବିଭାଗୀୟ ଅଧିକାରୀମାନେ ଉପସ୍ଥିତ ଥିଲେ।

ଅତିରିକ୍ତ ଜିଲାପାଳ ମହାପାତ୍ର ଜିଲାର ଭୂମି ଆବଣ୍ଟନ, ବସୁନ୍ଧରା ଯୋଜନାର କାର୍ଯ୍ୟକାରୀତା ବିଷୟରେ ତଥ୍ୟ ଉପସ୍ଥାପନ କରିଥିଲେ। ଜିଲାପାଳ ଭୋଟର ତାଲିକାର ସ୍ୱତନ୍ତ୍ର ସଂକ୍ଷିପ୍ତ ସଂଶୋଧନ ୨୦୨୫ ଅଗ୍ରଗତି ନେଇ

### ସମୀକ୍ଷା ବୈଠକରେ ଅଧିକାରୀଙ୍କୁ ମନ୍ତ୍ରୀଙ୍କ ନିର୍ଦ୍ଦେଶ

ସୂଚନା ପ୍ରଦାନ ସହିତ ଚିଠା ଭୋଟର ତାଲିକା ପ୍ରକାଶିତ ହୋଇ ସାରିଥିବା କହିଥିଲେ। ଜିଲା ପରିଷଦ ମୁଖ୍ୟ ଉନ୍ନୟନ ଅଧିକାରୀ ଲୁହା ଜିଲା ପରିଷଦ ଅଧିନରେ କାର୍ଯ୍ୟକାରୀ ହେଉଥିବା ପ୍ରଧାନମନ୍ତ୍ରୀ ଆବାସ ଯୋଜନା, ମହାତ୍ମା ଗାନ୍ଧୀ ଜାତୀୟ ନିଶ୍ଚିତ କର୍ମନିଯୁକ୍ତି ଯୋଜନା, ସ୍ୱଚ୍ଛ ଭାରତ ମିଶନ ଭଳି ବିଭିନ୍ନ ଯୋଜନାର କାର୍ଯ୍ୟକାରୀତା ତଥା ଅଗ୍ରଗତି ବିବରଣୀ ଉପସ୍ଥାପନ କରିଥିଲେ।

ମନ୍ତ୍ରୀ ମହାଲିଙ୍ଗ ପାନୀୟଜଳ ଯୋଗାଣର ନିମନ୍ତେ ଜଳସ୍ତର, ଜଳସ୍ରୋତର ପରିମାଣ ନିରୀକ୍ଷଣ କରିବା ପାଇଁ ନିର୍ଦ୍ଦେଶ ଦେଇଥିଲେ। ଏହା ସହିତ ଜାତୀୟ ରାଜପଥ, ଆରଡ଼ି ରାସ୍ତା, ବ୍ରିଜ ଏବଂ କଲଭର୍ଟ ନିର୍ମାଣ ନିମନ୍ତେ ଯୋଜନା ପ୍ରସ୍ତୁତି କରିବା ସହିତ ରାସ୍ତା ମଝିରେ ରହିଥିବା ବିଦ୍ୟୁତ ଖୁଣ୍ଟ ଗୁଡ଼ିକୁ ସ୍ଥାନାନ୍ତରଣ କରିବା, ଗଭୀର ନଳକୂପ ଗୁଡ଼ିକରେ ଶୀଘ୍ର ବିଦ୍ୟୁତ ସଂଯୋଗ କରିବାକୁ ନିର୍ଦ୍ଦେଶ ଦେଇଥିଲେ। ସେହିପରି ସୁଭଦ୍ରା ଯୋଜନାର ପ୍ରଗତି ବିଷୟରେ ପଚାରି ବୁଝି ଆସନ୍ତା ୨୫ତାରିଖ ସୁଦ୍ଧା ପ୍ରଥମ କିସ୍ତି ପ୍ରଦାନର ସମାପ୍ତି ପୂର୍ବରୁ ସମସ୍ତ ହିତାଧିକାରୀଙ୍କ କେୱାଇସି ଭେରିଫିକେଶନ କରାଇ ସମସ୍ତ ହିତାଧିକାରୀଙ୍କୁ ଯୋଜନାରେ ସାମିଲ କରିବା ପାଇଁ ମନ୍ତ୍ରୀ ନିର୍ଦ୍ଦେଶ ଦେଇଥିଲେ। ଏହା ସହିତ ଆବାସିକ ବିଦ୍ୟାଳୟର ନିର୍ମାଣ ସମୀକ୍ଷା କରି ଅନ୍ୱେଷା ହଷ୍ଟେଲ ଉପରେ ପଚାରି ବୁଝିଥିଲେ।

ପଦ୍ମପୁର ଉପଜିଲାପାଳଙ୍କୁ ମନ୍ତ୍ରୀ ଏୟାରଷ୍ଟ୍ରିପ ନିର୍ମାଣ କାର୍ଯ୍ୟର ଅଗ୍ରଗତି ନେଇ ପଚାରିବା ସହିତ ପାଟଣାଗଡ଼–ପଦ୍ମପୁର ଲିଙ୍କ୍ ରୋଡ଼ ନିର୍ମାଣ ନିମନ୍ତେ ଡିପିଆର ପ୍ରସ୍ତୁତ କରିବାକୁ ନିର୍ଦ୍ଦେଶ ଦେଇଥିଲେ। ସମୀକ୍ଷା ପରେ ମନ୍ତ୍ରୀ ମହାଲିଙ୍ଗ ଜିଲାର ସମସ୍ତ ଲୋକ ପ୍ରତିନିଧିଙ୍କ ସହଯୋଗରେ ସମସ୍ତ ପର୍ଯ୍ୟଟନ ସ୍ଥଳୀ ଗୁଡ଼ିକର ଚିହ୍ନଟ କରିବା ସହିତ ସେଗୁଡ଼ିକର ଉନ୍ନତି ନିମନ୍ତେ ସରକାରଙ୍କୁ ପ୍ରସ୍ତାବ ପ୍ରେରଣ କରିବା ପାଇଁ ପ୍ରସ୍ତାବ ଦେଇଥିଲେ। ଏହା ସହିତ ୨୦୩୬ ସୁଦ୍ଧା ବିକଶୀତ ଓଡ଼ିଶା ଏବଂ ୨୦୪୭ ସୁଦ୍ଧା ବିକଶୀତ ଭାରତ ଗଠନ ନିମନ୍ତେ ସରକାରଙ୍କ ରୋଡମ୍ୟାପକୁ ଦୃଷ୍ଟିରେ ରଖି ସ୍ଥାନୀୟ ଜନ ପ୍ରତିନିଧିଙ୍କ ସହିତ ସମନ୍ୱୟ ରଖି ଜନ କଲ୍ୟାଣକାରୀ ଯୋଜନା ଗୁଡ଼ିକର ସଫଳ ରୂପାୟନ ପାଇଁ ବିଭାଗୀୟ ଅଧିକାରୀମାନଙ୍କୁ ନିର୍ଦ୍ଦେଶ ଦେଇଥିଲେ।

# ଅଭିଯୁକ୍ତମାନଙ୍କୁ ଶୀଘ୍ର ଗିରଫ ନ କଲେ ଆନ୍ଦୋଳନ

**ବରଗଡ଼, ୧୫।୧ (ପ୍ରେମାନନ୍ଦ ଖମାରୀ)**

### ନିଖୋଜ ଯୁବତୀଙ୍କୁ ଗଣ ବଳାତ୍କାର ଅଭିଯୋଗ ଘଟଣା

### ସଂଗଠିତ ହେଉଛନ୍ତି ବିଭିନ୍ନ ସଂଗଠନ

ବରଗଡ଼ ଧନୁଯାତ୍ରା ମହୋତ୍ସବ ଦେଖିବାକୁ ଆସି ନିଖୋଜ ହୋଇଯାଇଥିବା ଯୁବତୀ(୨୪)ଙ୍କୁ ଜଙ୍ଗଲ ମଧ୍ୟରୁ ରକ୍ତ ଜୁଡୁବୁଡୁ ଅବସ୍ଥାରେ ଉଦ୍ଧାର କରାଯାଇଥିଲା। ଏହା ଏକ ଗଣ ବଳାତ୍କାର ଅଭିଯୋଗ ଘଟଣା ହୋଇଥିବାରୁ ଜିଲାରେ ହଇଚଇ ସୃଷ୍ଟି କରିଛି। ଏଥିରେ ସମ୍ପୃକ୍ତ ସମସ୍ତ ଅଭିଯୁକ୍ତଙ୍କୁ ଗିରଫ ସହିତ ସେମାନଙ୍କ ବିରୋଧରେ ଦୃଢ଼ କାର୍ଯ୍ୟାନୁଷ୍ଠାନ ଦାବି ଜୋର୍ ଧରିଛି। ବରଗଡ଼ ପୌରାଧ୍ୟକ୍ଷା କଳ୍ପନା ମାଝି ମଙ୍ଗଳବାର ରାତିରେ ପୀଡ଼ିତାଙ୍କୁ ଭେଟି ସ୍ୱାସ୍ଥ୍ୟାବସ୍ଥା ପଚାରି ବୁଝିବା ସହିତ ପୋଲିସ ଅଧିକାରୀଙ୍କୁ ସାକ୍ଷାତ କରି ଅଭିଯୁକ୍ତଙ୍କୁ ତୁରନ୍ତ ଗିରଫ କରିବାକୁ ଦାବି କରିଥିଲେ। ଅନୁରୂପଭାବେ ଜିଲାର ବିଭିନ୍ନ ସାମାଜିକ ସଂଗଠନ ସଂଗଠିତ ହୋଇଛନ୍ତି । ପୀଡ଼ିତାଙ୍କୁ ନ୍ୟାୟ ପ୍ରଦାନ ସହିତ ଅଭିଯୁକ୍ତମାନଙ୍କୁ ତୁରନ୍ତ ଗିରଫ କରା ନ ଗଲେ ସେମାନେ ରାଜରାସ୍ତାକୁ ଓହ୍ଲାଇବେ ବୋଲି ଚେତାବନୀ ଦେଇଛନ୍ତି। ତେବେ ଏ ସମ୍ପର୍କରେ ବରଗଡ଼ ଟାଉନ ଥାନା ଆଇଆଇସି ସତ୍ୟଜିତ୍ କଣ୍ଡାନକେଲଙ୍କୁ ପଚାରିବାରୁ ଘଟଣାର ତଦନ୍ତ ଚାଲିଛି ବୋଲି କହିଥିଲେ।

ପ୍ରକାଶଥାଉକି, ପୀଡ଼ିତା ଗତ ୧୨ତାରିଖ ବରଗଡ଼ ଧନୁଯାତ୍ରା ଦେଖିବାକୁ ଆସି ଆଉ ଘରକୁ ଫେରି ନଥିଲେ। ତାଙ୍କ ମୋବାଇଲ ଫୋନ୍ ମଧ୍ୟ ସୁଇଚ୍ ଅଫ୍ ଥିଲା। କିନ୍ତୁ ନିଖୋଜ ଥିବା ସମୟରେ କେହି ଜଣେ ପୀଡ଼ିତାଙ୍କ ମୋବାଇଲରୁ ପରିବାର ଲୋକଙ୍କୁ ଫୋନ କରିଥିଲେ ଏବଂ ପୀଡ଼ିତା କୁର୍ଲା ଜଙ୍ଗଲରେ ରକ୍ତ ଜୁଡୁବୁଡୁ ଅବସ୍ଥାରେ ପଡ଼ିଥିବା କହିଥିଲେ। ପରିବାର ଲୋକଙ୍କଠାରୁ ଖବର ପାଇ ପୋଲିସ ଏକ ନିଖୋଜ ମାମଲା ରୁଜୁ କରିଥିଲା। କିନ୍ତୁ ନିଖୋଜ ଯୁବତୀଙ୍କୁ ଉଦ୍ଧାର କରି ପାରି ନଥିଲା। ମଙ୍ଗଳବାର ସକାଳ ପ୍ରାୟ ୮ଟାରେ କୁର୍ଲା ଜଙ୍ଗଲରୁ ପୀଡ଼ିତାଙ୍କୁ ଉଦ୍ଧାର କରି ଜିଲା ମୁଖ୍ୟ ଡାକ୍ତରଖାନା ପରେ ଭୀମସାର୍, ବୁର୍ଲା ଡାକ୍ତରଖାନାକୁ ସ୍ଥାନାନ୍ତର କରାଯାଇଥିଲା। ସେଠାରେ ସେ ଏବେ ଚିକିତ୍ସାଧୀନ ଅଛନ୍ତି।

## ସାମାଜିକ ସେବା ଶିବିର ଉଦ୍‌ଯାପିତ



ଶିବିରରେ ସ୍ୱେଚ୍ଛାସେବୀଙ୍କୁ ପ୍ରମାଣପତ୍ର ପ୍ରଦାନ କରାଯାଉଛି।

**ବରଗଡ଼, ୧୫।୧ (ପ୍ରେମାନନ୍ଦ ଖମାରୀ)**

ବରଗଡ଼ ଜିଲା ଯୁବ ରେଡ୍‌କ୍ରସ ପକ୍ଷରୁ ବରଗଡ଼ରେ ଚାଲିଥିବା ସାମାଜିକ ସେବା ଶିବିର ବୁଧବାର ଉଦ୍‌ଯାପିତ ହୋଇଯାଇଛି। ଉଦ୍‌ଯାପନୀ ସମାରୋହରେ ଅତାବିରା କଲେଜ ଅଧ୍ୟକ୍ଷ ଅଶ୍ୱିନୀ କୁମାର ପ୍ରଧାନ ସଭାପତିତ୍ୱ କରିଥିଲେ। ଜିଲା ରେଡ୍‌କ୍ରସ ସଂଯୋଜକ ପରମାନନ୍ଦ ରଥ କାର୍ଯ୍ୟକ୍ରମ ପରିଚାଳନା କରିଥିଲେ। ପି.ଜି. କାଉନ୍‌ସିଲ ଅଧ୍ୟକ୍ଷ ତୁଷାରକାନ୍ତି ଦାଶ ମୁଖ୍ୟଅତିଥି ଏବଂ ବରଗଡ଼ ପଞ୍ଚାୟତ କଲେଜର ପୂର୍ବତନ ଅଧ୍ୟକ୍ଷ ପତିତପାବନ ସାହୁ, ସୁବାସ ଚନ୍ଦ୍ର ପାଣିଗ୍ରାହୀ, ରୀନା ଚକ୍ରବର୍ତ୍ତୀ ପ୍ରମୁଖ ସମ୍ମାନିତ ଅତିଥିଭାବେ ଯୋଗଦାନ କରିଥିଲେ। ଦୀର୍ଘ ୬ଦିନ ଧରି ଉକ୍ତ ସେବା ଶିବିର ଚାଲିଥିଲା ଏବଂ ଏଥିରେ ଜିଲାର ବିଭିନ୍ନ ଉଚ୍ଚ ମାଧ୍ୟମିକ ବିଦ୍ୟାଳୟ, ସ୍ନାତକ ମହାବିଦ୍ୟାଳୟର ୨୫୭ ଜଣ ସ୍ୱେଚ୍ଛାସେବୀ, ୩୮ଜଣ ଯୁବ କାଉନ୍‌ସିଲର, ଅଧ୍ୟାପିକା, ଅଧ୍ୟାପକ ଯୋଗଦାନ କରିଥିଲେ। ସ୍ୱେଚ୍ଛାସେବୀମାନେ ସଫେଇ କାର୍ଯ୍ୟ କରିବା ସହିତ ସ୍ୱଚ୍ଛତା ନେଇ ସଚେତନତା ସୃଷ୍ଟି କରିଥିଲେ। ଅଧ୍ୟାପକ ପ୍ରତାପ ଚନ୍ଦ୍ର ମିଶ୍ର, ଅଧ୍ୟାପକ ଯତୀନ୍ଦ୍ର କୁମାର ସାହୁ ପ୍ରମୁଖ ଶିବିରରେ ତାଲିମ ପ୍ରଦାନ କରିଥିଲେ। ସମସ୍ତ ଶିବିରାର୍ଥୀଙ୍କୁ ପ୍ରମାଣପତ୍ର ପ୍ରଦାନ କରାଯାଇଥିଲା। ଜିଲା ସଂଯୋଜକ ରଥ ଧନ୍ୟବାଦ ଅର୍ପଣ କରିଥିଲେ।

# ଗରିବଙ୍କ ମୁହଁରେ ହସ ଚାହୁଁଛନ୍ତି ସରକାର: ସ୍ୱାସ୍ଥ୍ୟମନ୍ତ୍ରୀ

**ବରଗଡ଼, ୧୫।୧ (ପ୍ରେମାନନ୍ଦ ଖମାରୀ)**



ବର୍ଦ୍ଧିତ ଭତ୍ତା ବିତରଣ ସମାରୋହରେ ଅତିଥିବୃନ୍ଦ।

ନୂଆ ସରକାରଙ୍କ ପ୍ରକୃତ ସଫଳତା ୭ମାସ ମଧ୍ୟରେ ପରିଲକ୍ଷିତ ହେଉଛି। ଓଡ଼ିଶାର ଜନସାଧାରଣଙ୍କ ପ୍ରକୃତ ସୁବିଧା ଅସୁବିଧା ବୁଝିବା ପାଇଁ ରାଜ୍ୟ ସରକାର ଦୃଢ଼ ପ୍ରତିଶ୍ରୁତିବଦ୍ଧ। ବର୍ଦ୍ଧିତ ଭତ୍ତା ୮୦ବର୍ଷରୁ ଉର୍ଦ୍ଧ୍ୱ ହିତାଧିକାରୀଙ୍କ ଜୀବନଶୈଳୀକୁ ଏକ ନୂତନ ଦିଗ ଦେବ। ଜୀବନର ଶେଷ ସମୟରେ କେଇଟା ଟଙ୍କା ନୁହେଁ, ରାଜ୍ୟ ସରକାର ସେହି ଗରିବ ହିତାଧିକାରୀଙ୍କ ମୁହଁରେ ହସ ଟିକିଏ ଦେଖିବାକୁ ଚାହୁଁଛନ୍ତି। ବୁଧବାର ରାଜ୍ୟ ସରକାରଙ୍କ ସାମାଜିକ ସୁରକ୍ଷା ଓ ଭିନ୍ନକ୍ଷମ ସଶକ୍ତୀକରଣ ବିଭାଗ ପକ୍ଷରୁ ଆୟୋଜିତ ଜନସେବା ଦିବସ ଅବସରରେ ବରଗଡ଼ ଗାନ୍ଧିଛକ ନିକଟ କଲ୍ୟାଣ ମଣ୍ଡପ ପରିସରରେ ଜିଲାସ୍ତରୀୟ ଭତ୍ତା ବିତରଣ ସମାରୋହରେ ମୁଖ୍ୟଅତିଥିଭାବେ ସ୍ୱାସ୍ଥ୍ୟମନ୍ତ୍ରୀ ମୁକେଶ ମହାଲିଙ୍ଗ ଯୋଗଦେଇ ଏହା କହିଛନ୍ତି।

ଜିଲାରେ ସମୁଦାୟ ୧୪ହଜାର ୫୭୨ଜଣ ହିତାଧିକାରୀଙ୍କୁ ବର୍ଦ୍ଧିତ ଭତ୍ତା ବିତରଣର ଶୁଭାରମ୍ଭ କରିବା ସହିତ ସଭାସ୍ଥଳରେ ବରଗଡ଼ ପୌରାଞ୍ଚଳର ୨୫ଜଣ ହିତାଧିକାରୀଙ୍କୁ ମୁଖ୍ୟଅତିଥି ଏବଂ ସମ୍ମାନିତ ଅତିଥି ସହାୟତା ରାଶି ପ୍ରଦାନ କରିଥିଲେ। ବରଗଡ଼ ଏମ୍‌ପି ପ୍ରଦୀପ କୁମାର ପୁରୋହିତଙ୍କ ସମେତ ବରଗଡ଼ ବିଧାୟକ ଅଶ୍ୱିନୀ କୁମାର ଷଡ଼ଙ୍ଗୀ, ଅତାବିରା ବିଧାୟକ ନୀହାର ରଞ୍ଜନ ମହାନନ୍ଦ, ଭଟଲି ବିଧାୟକ ଇରାସିସ୍ ଆଚାର୍ଯ୍ୟ, ବିଜେପୁର ବିଧାୟକ ସନତ କୁମାର ଗଡ଼ତିଆ, ପୌରାଧ୍ୟକ୍ଷା କଳ୍ପନା ମାଝୀ, ଜିଲାପାଳ ଆଦିତ୍ୟ ଗୋୟଲ, ଜିଲା ପରିଷଦ ମୁଖ୍ୟ ଉନ୍ନୟନ ଅଧିକାରୀ ଲଲାଟ କୁମାର ଲୁହା ପ୍ରମୁଖ ସମ୍ମାନିତ ଅତିଥିଭାବେ ମଞ୍ଚାସୀନ ଥିଲେ। ଜିଲାପାଳ ଗୋୟଲ ସ୍ୱାଗତ ଭାଷଣ ଦେଇଥିଲେ।

କାର୍ଯ୍ୟକ୍ରମରେ ଉପସ୍ଥିତ ସମସ୍ତ ସମ୍ମାନିତ ଅତିଥି ଲୋକଙ୍କ ମୁଖ୍ୟମନ୍ତ୍ରୀ କଥା ଦେଇ କଥା ରଖିଲେ ଏବଂ ଲୋକଙ୍କ ସୁବିଧା ପାଇଁ ଏହି ସରକାର ସବୁବେଳେ ପ୍ରତିଶ୍ରୁତିବଦ୍ଧ ବୋଲି କହିଥିଲେ। ଏହାପରେ ଆଭାସୀ ମାଧ୍ୟମରେ ସମସ୍ତେ ରାଜ୍ୟସ୍ତରୀୟ ସମାରୋହରେ ଯୋଡ଼ି ହୋଇଥିଲେ। କେନ୍ଦୁଝରରୁ ମୁଖ୍ୟମନ୍ତ୍ରୀ ଏହି ବର୍ଦ୍ଧିତ ଭତ୍ତାକୁ ଆଭାସୀ ମାଧ୍ୟମରେ ଜନାଭିମୁଖୀ କରିବା ସହିତ ରାଜ୍ୟବାସୀଙ୍କୁ ଶୁଭେଚ୍ଛା ଜ୍ଞାପନ କରିଥିଲେ।

### ଜନ କଲ୍ୟାଣକାରୀ ଦିବସ

**ବରଗଡ଼, ୧୫।୧ (ପ୍ରେମାନନ୍ଦ ଖମାରୀ)**

ବରଗଡ଼ ଅଗ୍ରଗାମୀ ଯୁବକ ସଂଘ ପରିସରରେ ବୁଧବାର ବହୁଜନ ସମାଜ ପାର୍ଟି (ବିଏସ୍‌ପି) ପକ୍ଷରୁ ଜନ କଲ୍ୟାଣକାରୀ ଦିବସ ପାଳିତ ହୋଇଯାଇଛି। ଦଳର ସୁପ୍ରିମୋ ତଥା ପୂର୍ବତନ ଉତ୍ତରପ୍ରଦେଶ ମୁଖ୍ୟମନ୍ତ୍ରୀ ମାୟାବତୀଙ୍କ ଜନ୍ମଦିନରେ ଅନୁଷ୍ଠିତ ଏହି କାର୍ଯ୍ୟକ୍ରମରେ ବିଏସ୍‌ପିର ଜିଲା ସଭାପତି ଅକ୍ଷୟ କୁମାର ଅଧ୍ୟକ୍ଷତା କରିଥିଲେ। ଦଳର ଲୋକ ସଭା ପ୍ରଭାରୀ ଟଙ୍କଧର କଣ୍ଟା ମୁଖ୍ୟଅତିଥି, ଆଡ୍‌ଭୋକେଟ୍ ଜୟରାମ ବାଘ, ଜିଲା ସାଧାରଣ ସମ୍ପାଦକ ସରୋଜ କୁମାର, ରାଜ୍ୟ କାର୍ଯ୍ୟକାରିଣୀ ସଦସ୍ୟ ନାରାୟଣ ଭେସ୍ରା, ଗାନ୍ଧୀ ମହାନନ୍ଦ ପ୍ରମୁଖ ସମ୍ମାନିତ ଅତିଥିଭାବେ ଯୋଗଦାନ କରିଥିଲେ। କାର୍ଯ୍ୟକ୍ରମ ଆରମ୍ଭରେ ଅତିଥିବୃନ୍ଦ ଆମ୍ବେଡକର ଏବଂ କାଂଶୀରାମଙ୍କ ଫଟୋରେ ମାଲ୍ୟାର୍ପଣ କରିଥିଲେ। ସମ୍ମାନିତ ଅତିଥି ବାଘ ମାୟାବତୀଙ୍କ ସୁଶାସନ ଉପରେ ଆଲୋକପାତ କରିଥିଲେ। ଜୟଶଙ୍କର ସିହ୍ନା, ରୂପଧର କୁମାର, ଭୁବନ ଭୋସାଗର, ଜୀବର୍ଦ୍ଧନ ହାତୀ, ବିନୟ କୁମାର, ରଥ ତାଣ୍ଡି ପ୍ରମୁଖ ଉପସ୍ଥିତ ଥିଲେ। ସରୋଜ କୁମାର ଧନ୍ୟବାଦ ଅର୍ପଣ କରିଥିଲେ।

## ନୃସିଂହନାଥରେ ଶ୍ରୀଅନ୍ନ ଅଭିଯାନ, ସଫେଇ କାର୍ଯ୍ୟକ୍ରମ

**ପାଇକମାଲ ୧୫।୧ (ବମଡ ଶତପଥି)**



ବରଗଡ଼ ଜିଲା ପାଇକମାଲ ନୃସିଂହନାଥ ମନ୍ଦିର ପରିସରରେ ଅହିଂସା କ୍ଲବ ତରଫରୁ ମଙ୍ଗଳବାର, ବୁଧବାର ଦୁଇ ଦିନ ଧରି ଶ୍ରୀ ଅନ୍ନ ଅଭିଯାନ ଓ ସଫେଇ କାର୍ଯ୍ୟକ୍ରମ, ଖାଦ୍ୟ ଶସ୍ୟ ମେଳା ଅନୁଷ୍ଠିତ ହୋଇଯାଇଛି। ଏହି କାର୍ଯ୍ୟ କ୍ରମରେ ପାଇକମାଲ ବ୍ଲକ କୃଷୀ ଅଧିକାରୀ ସୋମନାଥ ମହାପାତ୍ର ଯୋଗ ଦେଇଥିଲେ। ଏଥିରେ ମିଲେଟ ଜାତୀୟ ଖାଦ୍ୟ ପ୍ରଦର୍ଶନୀ କରାଯାଇ ବିକ୍ରି କରାଯାଇଥିଲା। କ୍ଷୁଦ୍ର ଶସ୍ୟ ଜାତୀୟ ଖାଦ୍ୟରେ ଥିବା ପୋଷକ ତତ୍ତ୍ୱ ବିଷୟରେ ଜାଣିବା ଓ ତାକୁ ନୀତି ଦିନ ଖାଦ୍ୟରେ ବ୍ୟବହାର କରିବା ପାଇଁ ସଚେତନ କରାଯାଇଥିଲା। ଏହି କାର୍ଯ୍ୟକ୍ରମକୁ ପାଇକମାଲ ବ୍ଲକ ଶ୍ରୀ ଅନ୍ନ ଅଭିଯାନର ବ୍ଲକ ସଂଯୋଜକ ଗୌର ଚରଣ ସାହୁ ପରିଚାଳନା କରିଥିବା ବେଳେ ଶ୍ରୀ ଅନ୍ନ ଅଭିଯାନର ସହ ସଂଯୋଜକ ରାକେଶ କୁମାର ପ୍ରଧାନ ସହଯୋଗ କରିଥିଲେ। ନୃସିଂହନାଥର ବସଷ୍ଟାଣ୍ଡ, ବଜାର ପ୍ରାଙ୍ଗଣ, ସାଇକଲ ଷ୍ଟାଣ୍ଡ, ଧର୍ମଶାଳା ଏରିଆ, ପଞ୍ଚୁପାଣ୍ଡବ ଗାଧୁଆ ଘାଟରୁ ମନ୍ଦିର ଗୋକୁଣ୍ଡ ଘାଟ ପର୍ଯ୍ୟନ୍ତ ମଇଳା ସଫା କରାଯାଇଥିଲା। ଏଣେ ତେଣେ ମଇଳା ନ ପକାଇ କୁଣ୍ଡଗୁଡ଼ିକରେ ପକାଇବାକୁ ସଚେତନ କରାଯାଇଥିଲା।

### ସତ୍ୟସାଇ ଭଜନମଣ୍ଡଳୀ ବାର୍ଷିକ ବୈଠକ

**ପାଇକମାଲ, ୧୫।୧ (ବଡ଼ ଶତପଥୀ):** ପାଇକମାଲ ବ୍ଲକ ଛିନ୍ଦେଇକେଲା ଶ୍ରୀ ସତ୍ୟସାଇ ଭଜନମଣ୍ଡଳୀର ବାର୍ଷିକ ବୈଠକ ଅନୁଷ୍ଠିତ ହୋଇଯାଇଛି। ପୁରାତନ ଆବାହକଙ୍କୁ ପରିବର୍ତ୍ତନ କରାଯାଇ ନୂତନ ଆବାହକ ଚୟନ କରାଯାଇଥିଲା। ଆବାହକ ଭାବରେ ପତିତପାବନ ସାହୁ, ପ୍ରସ୍ତାବକ ସୁଧାଂଶୁ ଶେଖର ସାହୁ, ସମର୍ଥକ ନିରୋଜ କୁମାର ସାହୁ, ସନ୍ତୋଷ କୁମାର ପାଢ଼ୀ, ବୀଣାପାଣି ସାହୁ, ପ୍ରସ୍ତାବକ ସରୋଜିନୀ ସାହୁ, ସମର୍ଥକ ଗୀତା ସାହୁ, ସେବା ସଂଯୋଜକ ନିରୋଜ ସାହୁ, ଗୀତା ସାହୁ ଓ ଶିକ୍ଷା ସଂଯୋଜକ ଭାବରେ ସୁରଥ ସାହୁ, ସନ୍ତୋଷିନୀ ସାହୁ ଓ ହେମସାଗର ସାହୁ ଅଛନ୍ତି। ପଦ୍ମପୁରରୁ ପବିତ୍ର ମୋହନ ରଥ, ଆବାହକ ଶରତ ହଂସ ଉପସ୍ଥିତ ଥିଲେ।

## ଶ୍ରୀଅରବିନ୍ଦ ପୂର୍ଣ୍ଣାଙ୍ଗ ଶିକ୍ଷା କେନ୍ଦ୍ରର ବାର୍ଷିକ ଉତ୍ସବ



**ପାଇକମାଲ, ୧୫।୧ (ବଡ ଶତପଥି)**

ବରଗଡ଼ ଜିଲା ପାଇକମାଲ ବ୍ଲକ ମହୁଲପାଲିର ଶ୍ରୀଅରବିନ୍ଦ ପୂର୍ଣ୍ଣାଙ୍ଗ ଶିକ୍ଷା କେନ୍ଦ୍ରର ତ୍ରୟୋଦଶ ବାର୍ଷିକ ଉତ୍ସବ ଅନୁଷ୍ଠିତ ହୋଇଯାଇଛି। ସର୍ବ ପ୍ରଥମେ ଶ୍ରୀଅରବିନ୍ଦଙ୍କୁ ମୁଖ୍ୟଅତିଥି ଟେମରି ସରପଞ୍ଚ ଦିଲ୍ଲୀପ ବେହେରା ଓ ବୁକୁରାମୁଣ୍ଡା ସରପଞ୍ଚ ଅନିତା ଭୋଇଙ୍କ ଦ୍ୱାରା ପୂଜାର୍ଚ୍ଚନା ପୁଷ୍ପମାଲ୍ୟାର୍ପଣ କରାଯାଇ ଆଧ୍ୟାତ୍ମିକ ପତାକା ଉତ୍ତୋଳନ କରିଥିଲେ। ଶିକ୍ଷାକେନ୍ଦ୍ରର ଅଧ୍ୟକ୍ଷ ପଞ୍ଚାନନ୍ଦ ବିଶିଙ୍କ ସଭାପତିତ୍ୱରେ ଅନୁଷ୍ଠିତ ଏକ ବୈଠକରେ ସଭାପତି ଯୁବରାଜ ପ୍ରଧାନ ସ୍ୱାଗତ ଭାଷଣ ପ୍ରଦାନ କରିଥିଲେ। ମାଣ୍ଡୋସିଲ କଲେଜର ଓଡ଼ିଆ ଅଧ୍ୟାପକ ସନ୍ତୋଷ ସିଂ ଠାକୁର ମୁଖ୍ୟ ବକ୍ତା ରୂପେ ଯୋଗ ଦେଇଥିଲେ। ବୈଠକରେ ସମିତି ସଭ୍ୟ ସସ୍ମିତା ବାରିକ, କୋଷାଧ୍ୟକ୍ଷ ରଙ୍କମଣି ବାରିକ, ଉପେନ୍ଦ୍ର କୁମାର ସାହୁ, ମନୋଜ ସାହୁ ପ୍ରମୁଖ ଯୋଗ ଦେଇଥିଲେ। ଶ୍ରୀଅରବିନ୍ଦ ଶିକ୍ଷାକେନ୍ଦ୍ରର ଉଦ୍‌ଯୋକ୍ତା ଲିଙ୍ଗରାଜ ପ୍ରଧାନ ଧନ୍ୟବାଦ ଅର୍ପଣ କରିଥିଲେ।

**ବୋଡ଼ାସମ୍ବର କ୍ରିକେଟ କପ ଟୁର୍ଣ୍ଣାମେଣ୍ଟ**

## ଦ୍ୱିତୀୟ ଗ୍ରୁପ୍‌ର ପ୍ରଥମ ମ୍ୟାଚରେ ବରଗଡ଼ ବିଜୟୀ

**ପଦ୍ମପୁର, ୧୫।୧ (ପ୍ରଦୀପ୍ତ ଦାଶ)**



ମ୍ୟାନ୍ ଅଫ୍ ଦି ମ୍ୟାଚ ଭାବେ ବରଗଡ ଦଳର ବିକାଶ ଚୌଧୁରୀଙ୍କୁ ପୁରସ୍କୃତ କରାଯାଉଛି।

ବରଗଡ଼ ଜିଲା ପଦ୍ମପୁର ରାଜବୋଡାସମ୍ବର ଖେଳପଡିଆଠାରେ ୨୯ତମ ସର୍ବଭାରତୀୟ ବୋଡାସମ୍ବର କ୍ରିକେଟ କପ୍‌ର ପଞ୍ଚମ ଦିବସର ଦ୍ୱିତୀୟ ଗ୍ରୁପ୍‌ର ପ୍ରଥମ ମ୍ୟାଚରେ ବୁଧବାର ବ୍ଲୁ ଡାଇମଣ୍ଡ ବରଗଡ ଓ ରକେଟ ଇଣ୍ଟରନ୍ୟାଶନାଲ ନାଗପୁର ମଧ୍ୟରେ ମ୍ୟାଚ ଅନୁଷ୍ଠିତ ହୋଇଥିଲା। ବରଗଡ଼ ଦଳ ଟସ୍ ଜିଣି ନାଗପୁର ଦଳକୁ ବ୍ୟାଟିଂ କରିବାକୁ ଆମନ୍ତ୍ରଣ କରିଥିଲେ। ନାଗପୁର ଦଳ ନିର୍ଦ୍ଧାରିତ ୨୬.୩ ଓଭରରେ ସମସ୍ତେ ଉଇକେଟ ହରାଇ ୧୫୮ ରନ ସଂଗ୍ରହ କରିଥିଲା ଓ ଦଳ ପକ୍ଷରୁ କ୍ରିଷ୍ ୪୩ ବଲରେ ୫୨ରନ କରିଥିଲେ। ବରଗଡ ପକ୍ଷରୁ ବାଦଲ ନିଶାଦ ଓ ୱାଲଟର ଟପ୍ପୋ ୪ଟି ଲେଖାଏ ଉଇକେଟ ନେଇଥିଲେ। ତା'ର ଜବାବରେ ବରଗଡ଼ ଦଳ ୧୪.୩ ଓଭରରେ ୩ ଉଇକେଟ ହରାଇ ଆବଶ୍ୟକ ରନ ସଂଗ୍ରହ କରି ବିଜୟୀ ହୋଇଥିଲା। ବରଗଡ ପକ୍ଷରୁ ବିକାଶ ଚୌଧୁରୀ ୪୩ ବଲରେ ୧୦୦ ରନ ସଂଗ୍ରହ କରିଥିଲେ। ମ୍ୟାଚର ପୁରସ୍କାର ବିତରଣ ଉତ୍ସବରେ ମୁଖ୍ୟଅତିଥି ଭାବେ ପଦ୍ମପୁର ଦୁର୍ଗାପୂଜା କମିଟି ତଥା ବଣିକ ସଂଘ ସଭାପତି ପ୍ରତାପ ମିଶ୍ର ଓ ସମ୍ମାନିତ ଅତିଥି ଦୁର୍ଗାପୂଜା କମିଟି ସମ୍ପାଦକ ଯୁଗଳ କିଶୋର ସାହୁ ଯୋଗ ଦେଇ ମ୍ୟାନ ଅଫ ଦି ମ୍ୟାଚ ଭାବେ ବରଗଡ ଦଳର ବିକାଶ ଚୌଧୁରୀଙ୍କୁ ପୁରସ୍କୃତ କରିଥିଲେ। ଅମ୍ପାୟର ଚୂଡ଼ାମଣି ପାଢ଼ୀ ଏବଂ ବିଶ୍ୱମ୍ଭର ମହାକୁର ମ୍ୟାଚ ପରିଚାଳନା କରିଥିବା ବେଳେ ସ୍କୋରର ଅମରେଶ ବେହେରା, ରିଙ୍କୁ ବରିହା ଓ ରୋହିଣି ପାଣ୍ଡେ, କୁମାର ଆନନ୍ଦ, ଦିବ୍ୟ ପଣ୍ଡା ଓ ପ୍ରକାଶ ପାତ୍ର ପ୍ରମୁଖ ଧାରାବିବରଣୀ ପ୍ରଦାନ କରିଥିଲେ।

# ଚାଷୀଙ୍କ ଧାନ ନ କିଣିଲେ ଆନ୍ଦୋଳନ: କୃଷକ ସଂଗଠନ

### ପଦ୍ମପୁର ମଣ୍ଡିରେ କିଣାଯାଇନି ୮୦% ଧାନ

**ପଦ୍ମପୁର, ୧୫।୧ (ପ୍ରଦୀପ୍ତ ଦାଶ)**


କୃଷକ ସଙ୍ଗଠନ ପକ୍ଷରୁ ମଣ୍ଡି ପରିଦର୍ଶନ।

ପଦ୍ମପୁର ଉପଖଣ୍ଡ ଅନ୍ତର୍ଗତ ସର୍ଗିବାହାଲ, କନସିଂହା, ଲମ୍ବରଯୁନା ସତୀଭଟା, ଦହିତା, ବୁଡେନ, ଜମରତଲା, ଦହିଗାଁ ଆଦି ବିଭିନ୍ନ ମଣ୍ଡି ବୁଲି କୃଷକ ସଂଗଠନର ପ୍ରତିନିଧିଗଣ ଉଦ୍‌ବେଗ ପ୍ରକାଶ କରିଛନ୍ତି। ଧନୁଯାତ୍ରା ମହୋତ୍ସବରେ ମୁଖ୍ୟମନ୍ତ୍ରୀ, ବରଗଡ଼ ଜିଲାପାଳ ୮୦% ଧାନ ଚାଷୀଙ୍କଠାରୁ କିଣାଯାଇଥିବା ତଥ୍ୟ ରଖିଛନ୍ତି ଯାହା ପଦ୍ମପୁର ଅଞ୍ଚଳ ଚାଷୀଙ୍କ ପାଇଁ ପ୍ରଯୁଜ୍ୟ ନୁହେଁ। ବରଗଡ଼ ଜିଲାରୁ ୧୨୪୬୦୦ଚାଷୀଙ୍କଠାରୁ ମୋଟ ୬୨ ଲକ୍ଷ ୫୦ ହଜାର କୁଇଣ୍ଟାଲ ଧାନ କିଣାଯାଇଛି। ହେଲେ ବର୍ତ୍ତମାନ ସୁଦ୍ଧା ମାତ୍ର ୫୦ରୁ ୬୦ ପ୍ରତିଶତ ପଦ୍ମପୁର ଅଞ୍ଚଳର ଚାଷୀଙ୍କ ଧାନ କିଣାଯାଇଛି। ବର୍ଷକ ମାତ୍ର ଗୋଟିଏ ଥର ଧାନ ବିକ୍ରି କରୁଥିବା ପଦ୍ମପୁର ଚାଷୀ କାହିଁକି ୮୦ ପ୍ରତିଶତ ଧାନବିକ୍ରି କରିପାରିଲେ ନାହିଁ। ଏ ନେଇ ଚାଷୀମାନେ ଅସନ୍ତୋଷ ପ୍ରକାଶ କରିଛନ୍ତି। ତେବେ ଚାଷୀଙ୍କ ଧାନ କିଣା ନ ଗଲେ ଆନ୍ଦୋଳନ କରାଯିବ ବୋଲି ରାଜବୋଡାସମ୍ବର କୃଷକ ସଂଗଠନ ପକ୍ଷରୁ ଚେତାବନୀ ଦିଆଯାଇଛି। ମଣ୍ଡି ପରିଦର୍ଶନରେ ସଂଯୁକ୍ତ କୃଷକ ସଙ୍ଗଠନ ତଥା ରାଜବୋଡାସମ୍ବର କୃଷକ ସଂଗଠନ ଉପଦେଷ୍ଟା ରମେଶ ମହାପାତ୍ର, ଆବାହକ ଅଶୋକ ସାହୁ, ରୋହିତ ପ୍ରଧାନ, ଚିତ୍ତ ପାଣ୍ଡେ, ଦେବରାଜ ସାହୁ, ଅଜିତ ଶତପଥୀ, ସୁବାସ ସାମନ୍ତରାୟ, ନିରାକାର ସାହୁ, ବାରପାହାଡ଼ କୃଷକ ସଙ୍ଗଠନ ଅମ୍ବାଭୋନାରୁ ଈଶାନ୍ତ ଭୋଇ, ଉତ୍କଳ ଗ୍ରାମୀଣ ଚାଷୀ ମୂଲିଆ ସଂଘ ବରଗଡ଼ରୁ କିଶୋର ସାହୁ, ସଂଯୁକ୍ତ କୃଷକ ସଙ୍ଗଠନରୁ ନିରଞ୍ଜନ ପ୍ରଧାନ ସାମିଲ ଥିଲେ।

## ସଂକ୍ଷେପରେ

### ୨୪ ଘଣ୍ଟା ପରେ ହଟିଲା ରାସ୍ତାରୋକୋ

**ହେମଗିର,୧୫।୧(ଚୈତନ୍ୟ ପଟେଲ):** ସୁନ୍ଦରଗଡ଼ ଜିଲ୍ଲା ହେମଗିର ଥାନା ସ୍ଥିତ ବାଲିଟୁଆଁଠାରେ ମଙ୍ଗଳବାର ବାଇକ୍ ଓ ଟ୍ରକ୍ ମଧ୍ୟରେ ଧକ୍କା ହେବା ଯୋଗୁ ଜଣେ ଯୁବକଙ୍କ ମୃତ୍ୟୁ ଘଟିଥିବା ବେଳେ ଅନ୍ୟ ଜଣେ ଗୁରୁତର ହୋଇଥିଲେ। କ୍ଷତି ପୂରଣ ଦାବିରେ ଲୋକେ ରାସ୍ତା ରୋକୋ କରିଥିଲେ। ୨୪ ଘଣ୍ଟା ପରେ ମୃତ ବ୍ୟକ୍ତିଙ୍କ ପରିବାରକୁ କ୍ଷତି ପୂରଣ ବାବଦକୁ ଏକ ଲକ୍ଷଟଙ୍କା, ରେଡ କ୍ରସ ତରଫରୁ ୨୦ହଜାର ଓ ଆହତ ବ୍ୟକ୍ତିଙ୍କୁ ଚିକିତ୍ସା ପାଇ ୫୦ହଜାର ଟଙ୍କା ପ୍ରଦାନ କରାଯିବାର ପ୍ରତିଶ୍ରୁତି ପରେ ଲୋକେ ରାସ୍ତା ରୋକରୁ ଓହରି ଥିଲେ।

### ଆତ୍ମରକ୍ଷା କୌଶଳ ତାଲିମ ଉଦ୍‌ଯାପିତ

**ବଡ଼ଗାଁ,୧୫।୧(ଅଶୋକ ଷଡ଼ଙ୍ଗୀ):** ସୁନ୍ଦରଗଡ଼ ଜିଲ୍ଲା ବଡ଼ଗାଁସ୍ଥିତ ପଞ୍ଚାୟତ ସମିତି ଉଚ୍ଚ ମାଧ୍ୟମିକ ବିଦ୍ୟାଳୟରେ ଛାତ୍ରୀମାନଙ୍କ ପାଇଁ ୬ ତାରିଖଠାରୁ ଆରମ୍ଭ ହୋଇଥିବା ଆତ୍ମରକ୍ଷା କୌଶଳ ତାଲିମ କାର୍ଯ୍ୟକ୍ରମ ବୁଧବାର ଉଦ୍‌ଯାପିତ ହୋଇଯାଇଛି। ଅନୁଷ୍ଠାନର ଅଧ୍ୟାପିକା ନିକିତା ପ୍ରଧାନ ଓ ପ୍ରତିଭା ପୂଜାରୀଙ୍କ ପ୍ରତ୍ୟକ୍ଷ ତତ୍ତ୍ୱାବଧାନରେ ୮ଦିନିଆ ପ୍ରଶିକ୍ଷଣ କାର୍ଯ୍ୟକ୍ରମ ପରିଚାଳିତ ହୋଇଥିଲା। ଉଚ୍ଚ ମାଧ୍ୟମିକ ବିଦ୍ୟାଳୟର ଅଧ୍ୟକ୍ଷ ଧୂଳେଶର ସାହୁଙ୍କ ସଭାପତିତ୍ୱରେ ଅନୁଷ୍ଠିତ ଉକ୍ତ କାର୍ଯ୍ୟକ୍ରମରେ ମାର୍ଶାଲ ଆର୍ଟ ପ୍ରଶିକ୍ଷକ ଅଶୋକ ଷଡ଼ଙ୍ଗୀ ସାମ୍ପ୍ରତିକ ପରିସ୍ଥିତିରେ ଏହାର ଗୁରୁତ୍ୱ ଉପରେ ଆଲୋକପାତକରି ଦୈନନ୍ଦିନ ଅଭ୍ୟାସ ଜରୁରୀ ବୋଲି ବୁଝାଇଥିଲେ। ଏହି ପ୍ରଶିକ୍ଷଣ କାର୍ଯ୍ୟକ୍ରମରେ ଡାଲମିଆ କଲେଜର ପୁରାତନ ଛାତ୍ର ମମତା ନାଏକ ଓ ଅର୍ଚ୍ଚନା ଗଡ଼ତିଆ ମାଷ୍ଟର ଟ୍ରେନର ଭାବେ ତାଲିମ ପ୍ରଦାନକରି ଉଦ୍‌ଯାପନୀ ଉତ୍ସବରେ ଏହାର ନିୟମିତ ଅଭ୍ୟାସ କରିବାକୁ ପରାମର୍ଶ ଦେଇଥିଲେ। ଛାତ୍ରୀମାନେ ମଧ୍ୟ ତାଙ୍କ ଅଭିଭାଷଣରେ ଏହାର ଗୁରୁତ୍ୱ ଉପଲବ୍ଧି ପୂର୍ବକ ନିୟମିତ ଅଭ୍ୟାସ କରିବେ ବୋଲି ପ୍ରତିଶ୍ରୁତି ଦେଇଥିଲେ। ଉଦ୍‌ଯାପନୀ ଉତ୍ସବରେ ସମସ୍ତ ଅଧ୍ୟାପିକା ଅଧ୍ୟାପକ ଓ କର୍ମଚାରୀମାନେ ଉପସ୍ଥିତ ଥିଲେ। ଶେଷରେ ବିଭାଗୀୟ ସଂଯୋଜକ ନୀରୋଜ କୁମାର ପଟେଲ ଧନ୍ୟବାଦ ଅର୍ପଣ କରିଥିଲେ।

### ଜନ କଲ୍ୟାଣକାରୀ ଦିବସ

**ବରଗଡ଼,୧୫।୧(ପ୍ରେମାନନ୍ଦ ଖମାରୀ)**

ବରଗଡ଼ ଅଗ୍ରଗାମୀ ଯୁବକ ସଂଘ ପରିସରରେ ବୁଧବାର ବହୁଜନ ସମାଜ ପାର୍ଟି (ବିଏସ୍‌ପି) ପକ୍ଷରୁ ଜନ କଲ୍ୟାଣକାରୀ ଦିବସ ପାଳିତ ହୋଇଯାଇଛି। ଦଳର ସୁପ୍ରିମୋ ତଥା ପୂର୍ବତନ ଉତ୍ତରପ୍ରଦେଶ ମୁଖ୍ୟମନ୍ତ୍ରୀ ମାୟାବତୀଙ୍କ ଜନ୍ମଦିନରେ ଅନୁଷ୍ଠିତ ଏହି କାର୍ଯ୍ୟକ୍ରମରେ ବିଏସ୍‌ପିର ଜିଲ୍ଲା ସଭାପତି ଅକ୍ଷୟ କୁମ୍ଭାର ଅଧ୍ୟକ୍ଷତା କରିଥିଲେ। ଦଳର ଲୋକ ସଭା ପ୍ରଭାରୀ ଟଙ୍କଧର କଣ୍ଟା ମୁଖ୍ୟଅତିଥି, ଆଡ୍‌ଭୋକେଟ୍ ଜୟରାମ ବାଘ, ଜିଲ୍ଲା ସାଧାରଣ ସମ୍ପାଦକ ସରୋଜ କୁମ୍ଭାର, ରାଜ୍ୟ କାର୍ଯ୍ୟକାରିଣୀ ସଦସ୍ୟ ନାରାୟଣ ଭେସ୍ରା, ଗାନ୍ଧୀ ମହାନନ୍ଦ ପ୍ରମୁଖ ସମ୍ମାନିତ ଅତିଥିଭାବେ ଯୋଗଦାନ କରିଥିଲେ। କାର୍ଯ୍ୟକ୍ରମ ଆରମ୍ଭରେ ଅତିଥିବୃନ୍ଦ ଆମ୍ବେଡକର ଏବଂ କାଂଶୀରାମଙ୍କ ଫଟୋରେ ମାଲ୍ୟାର୍ପଣ କରିଥିଲେ। ସମ୍ମାନିତ ଅତିଥି ବାଘ ମାୟାବତୀଙ୍କ ସୁଶାସନ ଉପରେ ଆଲୋକପାତ କରିଥିଲେ। ଜୟଶଙ୍କର ସିହ୍ନା, ରୂପଧର କୁମ୍ଭାର, ଭୁବନ ଭୋସାଗର, ଜୀବର୍ଦ୍ଧନ ହାତୀ, ବିନୟ କୁମ୍ଭାର, ରଥ ତାଣ୍ଡି ପ୍ରମୁଖ ଉପସ୍ଥିତ ଥିଲେ। ସରୋଜ କୁମ୍ଭାର ଧନ୍ୟବାଦ ଅର୍ପଣ କରିଥିଲେ।

# ଭାଙ୍ଗିଲେ ଘର, ଖାଇଲେ ଧାନ

**ବଣାଇଁ,୧୫।୧(ପ୍ରଦୀପ ତ୍ରିପାଠୀ)**

ସୁନ୍ଦରଗଡ଼ ଜିଲ୍ଲା ତାମଡା ବନାଞ୍ଚଳର ସୋଲଡେଗା, ବନେଇକଳା ଓ ବାଙ୍କି ବନାଞ୍ଚଳର ଚାନ୍ଦିପୋଷ ଅଞ୍ଚଳରେ ୨ଦିନ ହେଲା ୧୨ ଟିକିଆ ହାତୀପଲଙ୍କ ଉତ୍ପାତ ଯୋଗୁ ଅଞ୍ଚଳବାସୀ ଅତିଷ୍ଠ ହୋଇପଡିଲେଣି। ଏହି ହାତୀପଲ ଗତ ୨ମାସ ତଳେ ଅଞ୍ଚଳରେ ବ୍ୟାପକ କ୍ଷୟକ୍ଷତି କରୁଥିଲେ। ବନବିଭାଗ ଘଉଡାଇବା କାରଣରୁ ଝାରଖଣ୍ଡ ଅଞ୍ଚଳକୁ ଚାଲି ଯାଇଥିଲେ। ଏବେ ପୁଣି ଫେରି ଆସିଥିବା ଜଣାପଡିଛି। ବନ ବିଭାଗ ଟ୍ରାକିଂଙ୍ଗ କରି ମଧ୍ୟ ହାତୀର ଗତିବିଧି ଜଣାପାରୁ ନାହାଁନ୍ତି। ବୁଧବାର ଚାନ୍ଦିପୋଷ ଅଞ୍ଚଳରେ ସମ୍ପୃକ୍ତ ହାତୀପଲ ଉତ୍ପାତ ଚଳାଇଛନ୍ତି। ସୋଲଡେଗା ଅଞ୍ଚଳରେ ଗତକାଲି ଶଙ୍କର ମହାକୁଡ ଓ ପାଟ ମହାକୁଡଙ୍କ ୨ଟି



ହାତୀ ଭାଙ୍ଗିଥିବା ଘର।

#### ପୁଣି ୧୨ ଟିକିଆ ହାତୀପଲଙ୍କ ଉତ୍ପାତ

ଘର ଭାଙ୍ଗି ଧାନ ଖାଇଥିଲେ। ସେହିପରି ଚାନ୍ଦିପୋଷ ଅଞ୍ଚଳରେ ମଧ୍ୟ ୨ଟି ଘର ଭାଙ୍ଗିଥିବା ସୂଚନା ମିଳିଛି। ବନ ବିଭାଗ ଗ୍ରାମବାସୀଙ୍କୁ ମାଇକ ଯୋଗେ ସତର୍କ ସୂଚନା ଦେଇଛନ୍ତି। ରାତିରେ ହାତୀ ନିକଟରେ ରହି ନଜର ରଖି ଘଉଡାଇବା ପ୍ରଚେଷ୍ଟା ଜାରି ରଖିଛି ବନବିଭାଗ । କିନ୍ତୁ ହାତୀପଲ ବନ ବିଭାଗକୁ ଚକମା ଦେଇ ଘର ଭାଙ୍ଗୁଛନ୍ତି। ଏହି ହାତୀ ପଲରେ ୨ଟି ଛୁଆ ହାତୀ ଥିବା ସୂଚନା ମିଳିଛି। ଏହି ପଲରେ ୨ଟି ଦନ୍ତା ଥିବାରୁ ଗୋଟିଏ ଦନ୍ତା ବେଶି ଉତ୍ପାତ କରୁଥିବା ବନବିଭାଗ ପକ୍ଷରୁ ସୂଚନା ମିଳିଛି ।

# ବିଏସ୍‌ଏନ୍‌ଏଲ୍ ଟାୱାରରୁ ଚୋରି ମାମଲା: ୩ ଗିରଫ

**ସୁନ୍ଦରଗଡ,୧୫/୧(ଜୟ ନାରାୟଣ ମେଣ୍ଡୁଲି)**

ସୁନ୍ଦରଗଡ ଟାଉନଥାନା ଅନ୍ତର୍ଗତ ପତ୍ରାପଡା ସ୍ଥିତ ଭାରତୀୟ ଦୂର ସଞ୍ଚାର ନିଗମ(ବିଏସ ଏନ ଏଲ)ଟାୱାରରୁ ଚୋରି ଘଟଣାରେ ଟାଉନଥାନା ପୋଲିସ ବୁଧବାର ୩ଜଣଙ୍କୁ ଗିରଫ କରି କୋର୍ଟ ଚାଲାଣ କରିଛି। ପୋଲିସ ସେମାନଙ୍କ ନିକଟରୁ ଚୋରି ହୋଇଥିବା ୨ଟି ଏସି, ୧ଟିଲୁହା ଥାକ, ୬କେଜି ଓଜନର ତମ୍ବା କେବୁଲ ତାର ଜବତ କରିଛି। ଗିରଫ ଅଭିଯୁକ୍ତମାନେ ହେଲେ ସ୍ଥାନୀୟ ମହେଶ ଡିହି ନୂଆପଡାର ମାନସ କୁମାର ମହାନ୍ତି(୩୩),ସଞ୍ଜୟ ପ୍ରସାଦ ଓରଫ ଦୀପକ(୩୪) ଓ ମହାବୀର ସଲିମ(୫୦)। ପୋଲିସ ସୂଚନା ମୁତାବକ ଗତ୧୪ତାରିଖରେ ବିଏସଏନଏଲର କର୍ମଚାରୀ ସିନା ବାପି ମଣ୍ଡଳ ପତ୍ରାପଡା ଟାୱାରରୁ ଗତ୧୩ତାରିଖରେ କେହି ଅଜଣା ବ୍ୟକ୍ତି ୨ଟି ଏସି,୯୦ମିଟର ଫିଡର କେବୁଲ ଓ ଅନ୍ୟାନ୍ୟ ସାମଗ୍ରୀ ଚୋରି କରି ନେଇଥିବା ନେଇ ଟାଉନଥାନାରେ ରିପୋର୍ଟ କରିଥିଲେ। ରିପୋର୍ଟ ପରେ ପୋଲିସ କେଶ ନଂ. ୧୫/୨୦୨୫ରେ ଏକ ଚୋରି ମାମଲା ରୁଜୁ କରି ତଦନ୍ତ ଆରମ୍ଭ କରିଥିଲା। ତଦନ୍ତ ପରେ ଏହି ୩ଜଣଙ୍କୁ ଥାନାକୁ ଆଣି ପଚରାଉଚରା ପରେ ସେମାନଙ୍କ ନିକଟରୁ ଚୋରି ସାମଗ୍ରୀ ଜବତ କରିବାରେ ସଫଳ ହୋଇଛି। ଅଭିଯୁକ୍ତ ମାନେ ତମ୍ବା କେବୁଲକୁ ତରଳାଇ ଅନ୍ୟତ୍ର ବିକ୍ରି କରିବାର ଯୋଜନା କରୁଥିବା ପୋଲିସ ଜେରା ବେଳେ ପ୍ରକାଶ କରିଛନ୍ତି।

# କୁତ୍ରାରେ ମକର ଯାତ୍ରା



**କୁତ୍ରା,୧୫।୧(ଦେବାଶିଷ ସାହୁ)**

କୁତ୍ରାଠାରେ ମକର ଯାତ୍ରା ପରିଚାଳନା କମିଟି ପକ୍ଷରୁ ମହାସମାରୋହରେ ମକର ଯାତ୍ରା ପାଳିତ ହୋଇଯାଇଛି। ପ୍ରଥମେ ପାରମ୍ପରିକ ରୀତିରେ ପ୍ରଭୁ ହରିହରଙ୍କ ମକର ମିଳନ ଅନୁଷ୍ଠିତ ହୋଇଥିଲା। ଏଥିପାଇଁ ଆଶୁତୋଷ ବାବା ଓ ପ୍ରଭୁ ଜଗନ୍ନାଥଙ୍କୁ ସଂକୀର୍ତ୍ତନ ଶୋଭାଯାତ୍ରାରେ ଦୁର୍ଗା ମଣ୍ଡପକୁ ନିଆଯାଇଥିଲା। ଏହି ଶୋଭାଯାତ୍ରାରେ ବହୁ ସଂଖ୍ୟକ ଭକ୍ତ ସାମିଲ ହୋଇ ହରହରିଙ୍କ ମକର ମିଳନ ଦର୍ଶନ କରିଥିଲେ। ପରେ ଜଗନ୍ନାଥ ମନ୍ଦିର ପରିସରରେ ସାଂସ୍କୃତିକ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଥିଲା। ଏହି ସାଂସ୍କୃତିକ କାର୍ଯ୍ୟକ୍ରମର ଉଦ୍‌ଘାଟନୀ ସମାରୋହରେ ମୁଖ୍ୟ ଅତିଥିଭାବେ ଗୋଷ୍ଠୀ ଉନ୍ନୟନ ଅଧିକାରୀ ଯୁଗଳ କିଶୋର ବିଶ୍ୱାଳ ଯୋଗ ଦେଇଥିବା ବେଳେ ସମ୍ମାନିତ ଅତିଥିଭାବେ ଥାନା ଅଧିକାରୀ ମନୋରଞ୍ଜନ ବିଶି, ସରପଞ୍ଚ ଭୁବନ କୁଜୁର, ଏବିଇଓ ନିରଞ୍ଜନ ରାଉଳ, ଗାଁ ଗଉତିଆ ସୁନ୍ଦରମଣି ବେହେରା, ସନ୍ତୋଷ ସାହୁ, ମହେନ୍ଦ୍ର ସିଂ ପ୍ରମୁଖ ଯୋଗଦେଇ ବର୍ତ୍ତମାନ ସମୟରେ ପୁରାତନ ସଂସ୍କୃତି, ପରମ୍ପରାକୁ ବଜାୟ ରଖିବାର ଆବଶ୍ୟକତା ରହିଥିବା ନେଇ ଆଲୋକପାତ କରିବା ସହ ମକର ସଂକ୍ରାନ୍ତି ପର୍ବ ପାଳନ କରିବାର ଉଦ୍ଦେଶ୍ୟ ସମ୍ପର୍କରେ କହିଥିଲେ। ପରିଚାଳନା କମିଟିର ସଭାପତି ଶିବ ଶଙ୍କର ବେହେରା ସ୍ୱାଗତ ଅଭିଭାଷଣ ରଖିଥିବା ବେଳେ ପ୍ରଫୁଲ୍ଲ ସାହୁ ଧନ୍ୟବାଦ ଅର୍ପଣ କରିଥିଲେ। ପ୍ରଶାନ୍ତ କୁମାର ସାହୁ ମଞ୍ଚ ପରିଚାଳନା କରିଥିଲେ। ପରେ ସାଂସ୍କୃତିକ କାର୍ଯ୍ୟକ୍ରମ ପରିବେଷିତ ହୋଇଥିଲା। ମକର ଯାତ୍ରା ପରିଚାଳନାରେ ସନ୍ତୋଷ ବେହେରା, ଦେବାଶିଷ ସାହୁ, ବିଶ୍ୱନାଥ ଟପ୍ପୋ, କପିଳେଶ୍ୱର ଟପ୍ପୋ, ରିଙ୍କୁ ସିଂ, ଭଜରାଜ ନାୟକ, ଛବିଳ ସାହୁ, ସୁନୀଲ ପଟେଲ, ଦେବେନ ଲାକଡା, ହୀରାଲାଲ ଟପ୍ପୋ, ଗୋକୁଳା ସାହୁ, ତରୁଣୀଲତା ସୁନାନୀ, ମନ୍ଦାକିନୀ ପଟେଲଙ୍କ ସମେତ ସମସ୍ତ ସଦସ୍ୟ ସହଯୋଗ କରିଥିଲେ।

### ଅନାଥ ଭଉଣୀଭାଇଙ୍କୁ ସହାୟତା କଲେ କିଟ୍ କିସ୍ ପ୍ରତିଷ୍ଠାତା

**ଜୁନାଗଡ଼ ୧୫।୧(ଅଂଶୁମାନ ଯୋଶୀ):** କଳାହାଣ୍ଡି ଜିଲ୍ଲା ଜୁନାଗଡ଼ ବ୍ଲକ ଅନ୍ତର୍ଗତ ମାଟିଗାଁରେ ୨ ଅନାଥ ଭଉଣୀ ଭାଇ ବଞ୍ଚିବାକୁ ସଂଘର୍ଷ କରୁଥିବା ଓ ଜେଜେ ମା' ତାଙ୍କ ସାହାରା ପାଲଟିଥିବା ସମ୍ପର୍କରେ ଗତ ୨୭ ଡିସେମ୍ବରରେ ପ୍ରଥମେ 'ଧରିତ୍ରୀ'ରେ ଏକ ରିପୋର୍ଟ ପ୍ରକାଶ ପାଇଥିଲା। ଏହାପରେ ଘଟଣାଟି ଲୋକଲୋଚନକୁ ଆସିଥିଲା। ଏହି ପରିପ୍ରେକ୍ଷୀରେ ଦୁଇ ଅନାଥ ଭଉଣୀ ଭାଇଙ୍କୁ ସହାୟତାର ହାତ ବଢାଇଛନ୍ତି କିଟ ଓ କିସର ପ୍ରତିଷ୍ଠାତା ଡ଼. ଅଚ୍ୟୁତ ସାମନ୍ତ। ୨ ଭଉଣୀ ଭାଇଙ୍କୁ ପାଠ ପଢା ଓ ଘର ଚଳିବା ପାଇଁ ମାସକୁ ୫ହଜାର ଟଙ୍କା ସହାୟତା ରାଶି ଆସନ୍ତା ପାଞ୍ଚବର୍ଷ ଯାଏ ଦେବାକୁ ସେ କହିଛନ୍ତି। ପ୍ରଥମ ପାଞ୍ଚ ହଜାର ଟଙ୍କା ସେ ସ୍ଥାନୀୟ ପ୍ରତିନିଧିଙ୍କ ଜରିଆରେ ପ୍ରଦାନ କରିଛନ୍ତି। ଆଗକୁ ପାଞ୍ଚବର୍ଷ ପର୍ଯ୍ୟନ୍ତ ବ୍ୟାଙ୍କ ଆକାଉଣ୍ଟରେ ପ୍ରତି ମାସରେ ୫ହାଜର ଟଙ୍କା ଲେଖା ପାଇବେ ଦୁଇ ଶିଶୁଙ୍କ ଜେଜେମା ନୀଳା ପ୍ରଧାନୀ। ଏପରି ବଦାନ୍ୟତା ପାଇଁ ବୃଦ୍ଧା ନିଳା ପ୍ରଧାନୀଙ୍କ ସହ ଗ୍ରାମବାସୀ କିଟ ଓ କିସର ପ୍ରତିଷ୍ଠାତା ଅଚ୍ୟୁତ ସାମନ୍ତଙ୍କୁ ଧନ୍ୟବାଦ ଜଣାଇଛନ୍ତି।

# ପଞ୍ଚାୟତ ସମିତି ଉଚ୍ଚ ମାଧ୍ୟମିକ ବିଦ୍ୟାଳୟରେ ଫକୀରମୋହନଙ୍କ ଜୟନ୍ତୀ



ମୁଖ୍ୟ ଅତିଥି ବ୍ୟାସକବି ଙ୍କ ଫଟୋଚିତ୍ରରେ ମାଲ୍ୟାର୍ପଣ କରିଛନ୍ତି।

**ବଡ଼ଗାଁ, ୧୫।୧(ଅଶୋକ ଷଡ଼ଙ୍ଗୀ)**

ସୁନ୍ଦରଗଡ଼ ଜିଲ୍ଲା ବଡ଼ଗାଁ ପଞ୍ଚାୟତ ସମିତି ଉଚ୍ଚ ମାଧ୍ୟମିକ ବିଦ୍ୟାଳୟରେ ବୁଧବାର ଫକିର ମୋହନ ସେନାପତିଙ୍କ ଜୟନ୍ତୀ ପାଳିତ ହୋଇଯାଇଛି। ପ୍ରାରମ୍ଭରେ ଅନୁଷ୍ଠାନର ପ୍ରାକ୍ତନ ଅଧ୍ୟକ୍ଷ ଦଶରଥ ନାଏକ ପ୍ରଦୀପ ପ୍ରଜ୍ୱଳନ କରି ଆନୁଷ୍ଠାନିକ ଭାବେ କାର୍ଯ୍ୟକ୍ରମକୁ ଆରମ୍ଭ କରିଥିଲେ। ଅନୁଷ୍ଠାନର ଅଧ୍ୟକ୍ଷ ଧୂଳେଶ୍ୱର ସାହୁଙ୍କ ସଭାପତିତ୍ୱରେ ଅନୁଷ୍ଠିତ ଏହି ଜୟନ୍ତୀ ସଭାରେ ସାଂସ୍କୃତିକ ପରିଷଦର ମୁଖ୍ୟ ଡ. ସୁପ୍ରିୟା ପାଲ ବ୍ୟାସକବି ଜୀବନୀ ଉପରେ ଆଲୋକପାତ କରିଥିଲେ। ଅଧ୍ୟକ୍ଷ ସାହୁ ତାଙ୍କ ଅଭିଭାଷଣରେ ଫକିର ମୋହନ ସେନାପତିଙ୍କ ଘଟଣା ବହୁଳ ଜୀବନ, ସାରସ୍ୱତ ସାଧନା ଓ ଭାଷା ଆନ୍ଦୋଳନରେ ତାଙ୍କର ଭୂମିକା ଉପରେ ଆଲୋଚନା ରଖିଥିଲେ। ମୁଖ୍ୟ ଅତିଥି ନାଏକ ଏହି ଅବସରରେ ବ୍ୟାସକବିଙ୍କ ଦ୍ୱାରା ରଚିତ ଗଳ୍ପ ଓ ଉପନ୍ୟାସର ସମୀକ୍ଷା ଉପସ୍ଥାପନ କରିଥିଲେ। ଜୟନ୍ତୀ ସଭାରେ ଅଧ୍ୟାପକ ଓ ଅନ୍ୟାନ୍ୟ କର୍ମଚାରୀମାନେ ଫକିର ମୋହନଙ୍କ କୃତିତ୍ୱ ଉପରେ ଆଲୋଚନା କରିଥିଲେ। ଛାତ୍ରୀଛାତ୍ରମାନେ ମଧ୍ୟ ବ୍ୟାସକବିଙ୍କ ଜୀବନୀ ତଥା ଓଡ଼ିଶା ଇତିହାସରେ ତାଙ୍କର ଭୂମିକାର ସ୍ମୃତି ଚାରଣ କରିଥିଲେ। ଶେଷରେ ସାଂସ୍କୃତିକ ପରିଷଦ ମୁଖ୍ୟ ଡ. ପାଲ ଧନ୍ୟବାଦ ଅର୍ପଣ କରିଥିଲେ। ଅନୁଷ୍ଠାନର ସମସ୍ତ କର୍ମଚାରୀ ଦାୟିତ୍ୱ ନିର୍ବାହ କରିଥିଲେ।

### ଜୀବନ ଭୋଗ ପାଇଁ ନୁହେଁ, ସାଧନା ପାଇଁ

**ବରପାଲି,୧୫।୧(ଚିତ୍ତରଞ୍ଜନ ସାହୁ):** ବରପାଲି ନିକଟ କଦଳିପାଲି ବିବେକାନନ୍ଦ ପୀଠରେ ସ୍ୱାମୀ ବିବେକାନନ୍ଦଙ୍କ ୧୬୩ତମ ଜୟନ୍ତୀ ମହୋତ୍ସବ ପାଳିତ ହୋଇଯାଇଛି। ଉକ୍ତ ଉତ୍ସବରେ ପରମ ପୂଜ୍ୟ ଗୁରୁଜୀ ଆନନ୍ଦ ପଧାନ ଓ ଗୁରୁମା' ଖୁଲଣା ପଧାନଙ୍କ ତତ୍ତ୍ୱାବଧାନରେ ବିବେକାନନ୍ଦଙ୍କ ଫଟୋଚିତ୍ରରେ ପୁଷ୍ପ ମାଲ୍ୟାର୍ପଣ କରାଯାଇଥିଲା। ପ୍ରଥମେ ଯୋଗ ବିଜ୍ଞାନ ଓ ପ୍ରଯୁକ୍ତିବିଦ୍ୟା ପ୍ରଶିକ୍ଷଣ ପ୍ରତିଷ୍ଠାନର ବିବରଣୀ ପାଠ ସାଧକ ଫକୀର ଭୁଏ ଉପସ୍ଥାପନ କରିଥିଲେ। ପରେ ସ୍ୱାମୀ ବିବେକାନନ୍ଦଙ୍କ ଗୁଣାବଳୀଗୁଡ଼ିକୁ ଅତ୍ୟନ୍ତ ରହସ୍ୟଜନକ ଭାବରେ ନିଜ ଅଭିଭାଷଣରେ କହିଥିଲେ ଆଚାର୍ଯ୍ୟ ଶେଷଦେବ ବେହେରା। ସ୍ୱାମିଜୀଙ୍କ ଜୀବନୀ ସମ୍ପର୍କରେ ସମ୍ୟକ ଅଭିଭାଷଣ ପ୍ରଦାନ କରିଥିଲେ ମହେନ୍ଦ୍ର ମହାରଣା। ଜୀବନ ଭୋଗ ପାଇଁ ନୁହେଁ, ସାଧନା ପାଇଁ, ନିଜ ପାଇଁ ନୁହେଁ, ଜଗତ ପାଇଁ– ଏହାର ରହସ୍ୟ ପ୍ରଦାନ କରିଥିଲେ ବଳବନ୍ତ ଛତ୍ରିଆ। ଏହି ମହୋତ୍ସବରେ କୈଳାସ କର୍ଣ୍ଣ, ସରୋଜ ଖମାରି, ବାସନ୍ତୀ ସାହୁ, ମମତା ବିଶି, ବିଳାସିନୀ ସାହୁ ଓ ସୁନିତା ଚିନ୍ଦ୍ରାଙ୍କ ସଙ୍ଗୀତର ଭାବମୟ ପରିବେଶ ସୃଷ୍ଟି କରି ସମସ୍ତଙ୍କ ହୃଦୟକୁ ସ୍ପନ୍ଦିତ କରିଥିବା ବେଳେ ବାଦ୍ୟଯନ୍ତ୍ରରେ ସଞ୍ଜୟ ପଧାନ, ସୁନୀଲ ଓ ସାଥୀଗଣ ସହଯୋଗ କରିଥିଲେ।

# ପ୍ରାଥମିକ କୃଷି ସମବାୟ ସମିତି ସଦସ୍ୟଙ୍କ ଦକ୍ଷତା ବୃଦ୍ଧି କାର୍ଯ୍ୟକ୍ରମ

**ବଣାଇଁ,୧୫।୧(ପ୍ରଦୀପ ତ୍ରିପାଠୀ)**

ବଣାଇଁ ସର୍କଲ (ମଣ୍ଡଳ) ଅନ୍ତର୍ଗତ ୧୩ଟି ବୃହତକାର ବହୁମୁଖି ଆଦିବାସୀ କୃଷି ସମବାୟ ସମିତି ପରିଚାଳନା ପରିଷଦ ସଭ୍ୟାସଭ୍ୟଙ୍କ ବୁଧବାର ଦକ୍ଷତା ବିକାଶ ନିମନ୍ତେ ଏକ ତାଲିମ ଶିବିର ବଣାଇଁ ସ୍ଥିତ ଆଇଟିଡିଏ ହଲରେ ଅନୁଷ୍ଠିତ ହୋଇଯାଇଛି। ଏହି କାର୍ଯ୍ୟକ୍ରମକୁ ବ୍ୟାଙ୍କ ସଭାପତି ଡ.ପ୍ରଦ୍ୟୁମ୍ନ କୁମାର ତ୍ରିପାଠୀ ଉଦ୍‌ଘାଟନ କରି ପରିଚାଳନା ପରିଷଦ ସଦସ୍ୟଙ୍କ ପାଇଁ ତାଲିମର ଆବଶ୍ୟକତା ତଥା ୨୦୨୦ରେ କେନ୍ଦ୍ରସରକାର ସମବାୟ ବିଭାଗ ସୃଷ୍ଟି କରି ତାର ଦ୍ୱାୟିତ୍ୱ ଅମିତ ଶାହା ନେଲାପରେ ଅନ୍ୟାନ୍ୟ ରାଜ୍ୟ ସମେତ ଓଡ଼ିଶାରେ ମଧ୍ୟ ସମବାୟ ଆନ୍ଦୋଳନକୁ ଅଧିକ କ୍ରିୟାଶୀଳ କରିବା ଉପରେ ଗୁରୁତ୍ୱ ପ୍ରଦାନ କରାଯାଉଥିବା ପରିପ୍ରେକ୍ଷୀରେ ପରିଚାଳନା ପରିଷଦର ଭୂମିକା ବିଷୟରେ କହିଥିଲେ। ବ୍ୟାଙ୍କର କାର୍ଯ୍ୟନିର୍ବାହୀ ଅଧିକାରୀ ରବୀନ୍ଦ୍ରନାଥ କାଲୁଣ୍ଡିଆ କାର୍ଯ୍ୟକ୍ରମ ପରିଚାଳନା



କାର୍ଯ୍ୟକ୍ରମରେ ମଞ୍ଚାସୀନ ଅତିଥିମାନେ।

କରିଥିଲେ। ବରିଷ୍ଠ ସହକାରୀ ନିବନ୍ଧକ ଅଜୟ କୁମାର ସେଠୀ ଯୋଗଦେଇ ପରିଚାଳନା ପରିଷଦର କାର୍ଯ୍ୟ, କର୍ତ୍ତବ୍ୟ, ଦାୟିତ୍ୱ ବିଷୟରେ ସବିଶେଷ ତାଲିମ ପ୍ରଦାନ କରିଥିଲେ। ଅବସରପ୍ରାପ୍ତ ଏଜିଏମ ପ୍ରଦ୍ୟୁମ୍ନ କୁମାର ନନ୍ଦ ଯୋଗଦେଇ ବ୍ୟାଙ୍କ ତଥା ଲ୍ୟାମ୍ପସ ସମ୍ପର୍କ ଉପରେ ଏବଂ ଦୂରଦୃଷ୍ଟି ରଖି ପ୍ରତ୍ୟେକ ପରିଷଦ କାମ କରିବା ଉଚିତ ବୋଲି ବୁଝାଇଥିଲେ। ଅନ୍ୟମାନଙ୍କ ମଧ୍ୟରେ ବ୍ୟାଙ୍କ ନିର୍ଦ୍ଦେଶିକା ବାସନ୍ତୀ ସାମନ୍ତ, ଉପ ସହକାରୀ ନିବନ୍ଧକ ସୁଚିସ୍ମିତା ସ୍ୱାଇଁ ତଥା ପରିଚାଳନା ପରିଷଦର ପ୍ରାୟ ୧୩୦ ଜଣ ନିର୍ଦ୍ଦେଶିକା ନିର୍ଦ୍ଦେଶକ ଭାଗନେଇଥିଲେ । ବଣାଇଁ, ଗୁରୁଣ୍ଡିଆ ବ୍ୟାଙ୍କ ଶାଖା ପରିଚାଳକ ଯଥାକ୍ରମେ ସିଦ୍ଧାର୍ଥ ଲେଙ୍କା ଓ ଅବିନାଶ ମହାପାତ୍ର ସହଯୋଗିତା କରିଥିଲେ । ବରିଷ୍ଠ ବ୍ୟାଙ୍କ ନିର୍ଦ୍ଦେଶକ ଆଲୋକ ପ୍ରକାଶ ପଟେଲ ଧନ୍ୟବାଦ ଅର୍ପଣ କରିଥିଲେ।

# ରେଳପଥ ଡିଆର୍‌ଏମ୍‌ଙ୍କ ରାଉରକେଲା ଗସ୍ତ



**ରାଉରକେଲା,୧୫।୧(ସଙ୍ଗୀତା ଜେନା)**

ଚକ୍ରଧରପୁର ରେଳମଣ୍ଡଳ ଡିଆର୍‌ଏମ୍ ତରୁଣ ହୁରିଆ ବୁଧବାର ଏକ ଦିବସୀୟ ଗସ୍ତରେ ରାଉରକେଲାରେ ପହଞ୍ଚିଥିଲା। ଆଜାଦହିନ୍ଦ ଟ୍ରେନରେ ପହଞ୍ଚିବା ପରେ ପୂର୍ବାହ୍ନ ସାଢ଼େ ୧୧ଟାରେ ହୁରିଆ ଢୁମେର୍ତ୍ତାରେ ପହଞ୍ଚି ସେଠାରେ ନବ ନିର୍ମିତ ରେଳବାଇ ଷ୍ଟେଶନ, ରନିଂ ରୁମ୍ ଓ ଅନ୍ୟ ନିର୍ମାଣ କାର୍ଯ୍ୟ ଦେଖିଥିଲେ। ପରେ ବିମଳାଗଡ଼ ଅଭିମୁଖେ ଯାତ୍ରା କରିଥିଲେ। ଲାଠିକଟା, ଚାନ୍ଦିପୋଷ,ଚମ୍ପାଝରଣ, ପାଟାସାହୀ ଆଦି ରେଳଷ୍ଟେଶନରେ ନିର୍ମାଣ କାର୍ଯ୍ୟ ନିରୀକ୍ଷଣ କରିଥିଲେ। ସନ୍ଧ୍ୟାରେ ରାଉରକେଲା ପ୍ରତ୍ୟାବର୍ତ୍ତନ ପରେ ଚକ୍ରଧରପୁର ଅଭିମୁଖେ ଯାତ୍ରା କରିଥିଲେ।

# ମହିଳା ମହାବିଦ୍ୟାଳୟରେ ଆତ୍ମରକ୍ଷା ତାଲିମ ଉଦ୍‌ଯାପିତ

**ରାଜଗାଙ୍ଗପୁର,୧୫।୧(ଅଶୋକ ପାଣି)**

ସୁନ୍ଦରଗଡ଼ ଜିଲା ରାଜଗାଙ୍ଗପୁରସ୍ଥିତ ସରବତୀ ଦେବୀ ମହିଳା ଉଚ୍ଚ ମାଧ୍ୟମିକ ବିଦ୍ୟାଳୟରେ ବୁଧବାର ଆତ୍ମରକ୍ଷା ତାଲିମ ଶିବିର କାର୍ଯ୍ୟକ୍ରମର ଉଦ୍‌ଯାପନୀ ସମାରୋହ ଅନୁଷ୍ଠିତ ହୋଇଯାଇଛି। କାର୍ଯ୍ୟକ୍ରମର ସଂଯୋଜିକା ସସ୍ମିତା ଦଣ୍ଡସେନା ଉଦ୍‌ଯାପନୀ ସମାରୋହ ଆରମ୍ଭ କରି ୮ ଦିନ ଧରି ଚାଲିଥିବା ସମାରୋହର ସବିଶେଷ ବିବରଣୀ ପ୍ରଦାନ କରିଥିଲେ। କ୍ରୀଡ଼ା ଶିକ୍ଷୟିତ୍ରୀ ପୁଷ୍ପଲତା ଷଡ଼ଙ୍ଗୀ ଛାତ୍ରୀମାନଙ୍କୁ କାର୍ଯ୍ୟକ୍ରମର ମହତ୍ତ୍ୱ ବିଷୟରେ ଆଲୋକପାତ କରିଥିଲ। ସପନ କୁମାର ପଣ୍ଡା ଛାତ୍ରୀମାନଙ୍କୁ ତାଲିମର ସଦୁପଯୋଗ କରିବା ପାଇଁ ପରାମର୍ଶ ଦେଇଥିଲେ। କାର୍ଯ୍ୟକ୍ରମର



ଉଦ୍‌ଯାପିତ କାର୍ଯ୍ୟକ୍ରମରେ ଅତିଥି ଓ ଅନ୍ୟମାନେ।

ମୁଖ୍ୟ ପ୍ରଶିକ୍ଷିକା ଜୟା କୁମାରୀ ସିଂ ଏହି ତାଲିମକୁ ବ୍ୟବହାରକରି ନିଜ ସହ ଅନ୍ୟମାନଙ୍କୁ କିଭଳି ସୁରକ୍ଷା ପ୍ରଦାନ କରିପାରିବେ ସେ ବିଷୟରେ ଆଲୋକପାତ କରିଥିଲେ। ମହାବିଦ୍ୟାଳୟର ଅଧ୍ୟକ୍ଷା ଡ. ସସ୍ମିତା ଲେଙ୍କା ଛାତ୍ରୀମାନଙ୍କୁ ଆତ୍ମରକ୍ଷା ଶୈଳୀର ନୀତି ଅଭ୍ୟାସକରି ଆବଶ୍ୟକ ସ୍ଥଳେ ସକ୍ରିୟ ରୂପେ ବ୍ୟବହାରକରିବା ପାଇଁ ଆହ୍ୱାନ କରିଥିଲେ। ପରିଶେଷରେ ଅଧ୍ୟାପକ ଫୁଲଜେମ ଟପ୍ପୋ ଧନ୍ୟବାଦ ଅର୍ପଣ କରିଥିଲେ। ଏହି ସମାରୋହରେ ତାଲିମପ୍ରାପ୍ତ କରିଥିବା କେତେଜଣ ଛାତ୍ରୀ ତାଙ୍କର ଅନୁଭୂତି କହିଥିଲେ।

# କ୍ରୀଡ଼ା ମାଧ୍ୟମରେ ଶାରୀରିକ, ମାନସିକ ସ୍ୱାସ୍ଥ୍ୟର ଉନ୍ନତି ଘଟିପାରିବ

**ସୁନ୍ଦରଗଡ,୧୫।୧(ଜୟ ନାରାୟଣ ମେଣ୍ଡୁଲି)**

ସୁନ୍ଦରଗଡ଼ ସରକାରୀ ମହାବିଦ୍ୟାଳୟର ଦ୍ୱିଦିବସୀୟ ୬୬ତମ ବାର୍ଷିକ କ୍ରୀଡ଼ା ଉତ୍ସବ ବୁଧବାର ଉଦ୍‌ଘାଟିତ ହୋଇଯାଇଛି। ବିଧାନସଭାର ଉପବାଚସ୍ପତି ଭବାନୀ ଶଙ୍କର ଭୋଇ ମୁଖ୍ୟ ଅତିଥିଭାବେ ଯୋଗଦେଇ ଏହି କ୍ରୀଡା ଉତ୍ସବକୁ ଆନୁଷ୍ଠାନିକଭାବେ ଉଦ୍‌ଘାଟନ କରିଥିଲେ। ମୁଖ୍ୟ ଅତିଥି ଉପବାଚସ୍ପତି ଭୋଇ ତାଙ୍କ ଅଭିଭାଷଣରେ ଛାତ୍ରୀଛାତ୍ରଙ୍କୁ କ୍ରୀଡା ମାଧ୍ୟମରେ ଶାରୀରିକ ଓ ମାନସିକ ସ୍ୱାସ୍ଥ୍ୟର ଉନ୍ନତି ଘଟି ପାରିବ ବୋଲି କହିଥିଲେ। ସମ୍ମାନିତ ଅତିଥିଭାବେ ପୌରାଧ୍ୟକ୍ଷା ତନୟା ମିଶ୍ର,ସ୍ୱତନ୍ତ୍ର ଉନ୍ନୟନ ପରିଷଦର ପୂର୍ବତନ ଅଧ୍ୟକ୍ଷ ସନ୍ତୋଷ କୁମାର ଅମାତ





ଓ ପୁରାତନ ଛାତ୍ର ସଂସଦର ସଭାପତି ଡ. ଚିରବ୍ରତ ଦତ୍ତ ଯୋଗଦେଇଥିଲେ। ମହାବିଦ୍ୟାଳୟର ଅଧ୍ୟକ୍ଷ ବୀରେନ୍ଦ୍ର କୁହ ପଟେଲ ସଭାରେ ଅଧ୍ୟକ୍ଷତା କରି ପ୍ରାରମ୍ଭରେ ସ୍ୱାଗତ ଅଭିଭାଷଣ ପ୍ରଦାନ କରିଥିଲେ। ଏହି ଅବସରରେ ପାରା ଅଲମ୍ପିକରେ ଉଲ୍ଲେଖନୀୟ ପ୍ରଦର୍ଶନ କରିଥିବା ମହାବିଦ୍ୟାଳୟର ଛାତ୍ର ସ୍ୱାଧୀନ ମହାରଙ୍କୁ ସମ୍ବର୍ଦ୍ଧିତ କରାଯାଇଥିଲା। କ୍ରୀଡା ସଂସଦର ଉପାଧ୍ୟକ୍ଷ ଡ. ବସନ୍ତକୁମାର ମହାକୁଡ଼ ବାର୍ଷିକ ବିବରଣୀ ପାଠ କରିଥିଲେ। ସହକାରୀ ପ୍ରଫେସର ଡ. ପ୍ରଦୀପ କୁମାର ସାମନ୍ତରାୟ ସଂଯୋଜନା କରିଥିଲେ। ଶେଷରେ ଛାତ୍ରୀଛାତ୍ରମାନେ ବିଭିନ୍ନ କ୍ରୀଡା ନୈପୁଣ୍ୟତା କରିଥିଲେ।

**ସଂକ୍ଷେପରେ**

## ବାଇକ୍ ଦୁର୍ଘଟଣାରେ ଚାଳକ ଗୁରୁତର

**ବ୍ରଜରାଜନଗର,୧୫ା୧(ବିଜୟ ବରାଡ଼)**

ଝାରସୁଗୁଡ଼ା ଜିଲା ବ୍ରଜରାଜନଗର ଓରିଏଣ୍ଟ ଥାନା ଅନ୍ତର୍ଗତ ସାନଯୋବ ଗ୍ରାମ ରାସ୍ତାରେ ମଙ୍ଗଳବାର ଅପରାହ୍ନରେ ବାଇକ୍ ଦୁର୍ଘଟଣାରେ ଚାଳକ ଗୁରୁତର ଆହତ ହୋଇଥିବା ଜଣାପଡ଼ିଛି। ସୂଚନା ଅନୁସାରେ ଓରିଏଣ୍ଟ ଥାନା ଅନ୍ତର୍ଗତ ବ୍ରଜରାଜନଗରରୁ ବେଲପାହାଡ଼ ସଂଯୋଗ କରୁଥିବା ରାସ୍ତା ସାନଯୋବ ଗ୍ରାମ ନିକଟରେ ଦୁର୍ଘଟଣା ଘଟିଥିଲା। ଗାନ୍ଧୀ ଛକ ଫାଣ୍ଡି ଅନ୍ତର୍ଗତ ବରପାଲି ଗ୍ରାମ ସଚିନ ନାମକ ଜଣେ ଯୁବକ ଡିଉଟି ସାରି ବାଇକ୍ (ନଂ.ଓଡି୨୩କ୍ୟୁ-୪୧୦୩) ଯୋଗେ ଘରକୁ ଫେରୁଥିବା ବେଳେ ଭାରସାମ୍ୟ ହରାଇ ରାସ୍ତା କଡ଼ରେ ଥିବା ଏକ ସିମେଣ୍ଟ ପୋଲରେ ପିଟି ହୋଇ ଗୁରୁତର ଆହତ ହୋଇଥିଲେ। ସ୍ଥାନୀୟ ଲୋକେ ଓରିଏଣ୍ଟ ପୋଲିସକୁ ଖବର ଦେଇଥିଲେ। ଘଟଣାସ୍ଥଳରେ ଓରିଏଣ୍ଟ ପୋଲିସ ପହଞ୍ଚି ସ୍ଥାନୀୟ ଲୋକେଙ୍କ ସହାୟତାରେ ସ୍ଥାନୀୟ କେନ୍ଦ୍ରୀୟ ଚିକିତ୍ସାଳୟକୁ ନେଇଥିଲେ। ତାଙ୍କ ପରିବାର ଲୋକଙ୍କୁ ଖବର ଦେଇଥିଲେ। ସେଠାରେ ଯୁବକଙ୍କ ପ୍ରାଥମିକ ଚିକିତ୍ସା ପରେ ଅବସ୍ଥା ଗୁରୁତର ହେବାରୁ ଜିଲା ମୁଖ୍ୟ ଚିକିତ୍ସାଳୟକୁ ସ୍ଥାନାନ୍ତର କରାଯାଇଛି।

## ହନୁମାନ ମନ୍ଦିରରେ ଷୋଳ ଉପଚାର ପୂଜା, ୧୦୮ ହନୁମାନ ଚାଳିଶା ପାଠ



**ଝାରସୁଗୁଡ଼ା,୧୫ା୧(ଆଶିଷ ରଞ୍ଜନ ଦାଶ)**

ଝାରସୁଗୁଡ଼ା ଜିଲା ସଦର ବ୍ଲକ ସାହାପଡା ହନୁମାନ ମନ୍ଦିରରେ ଷୋଳ ଉପଚାର ପୂଜା ଓ ୧୦୮ ହନୁମାନ ଚାଳିଶା ପାଠ ସମ୍ପନ୍ନ ହୋଇଯାଇଛି। ମକର ସଂକ୍ରାନ୍ତି ସକାଳେ ହନୁମାନ ବିଗ୍ରହଙ୍କ ସ୍ନାନ କରାଯାଇ ପଣ୍ଡିତ ଲଳିତ କୁମାର ପାଣିଗ୍ରାହୀ ଓ ପଣ୍ଡିତ ଶଙ୍କର୍ଷଣ ନାଥ ଷୋଳ ଉପଚାର ପୂଜା ଆରମ୍ଭ କରିଥିବା ବେଳେ ପ୍ରମୋଦ ତ୍ରିପାଠୀ ଓ ବସୁଧା ତ୍ରିପାଠୀ କର୍ତ୍ତା ଭାବେ କାର୍ଯ୍ୟ ତୁଲାଇଥିଲେ। ପୂଜା କାର୍ଯ୍ୟରେ ସନାତନ ପାଣିଗ୍ରାହୀ, ହୃଷିକେଶ ସେନାପତି ସହାୟତା କରିଥିବା ବେଳେ ପ୍ରସନ୍ନ ମହାରଣା ଓ ହରି ସାହୁ ପୂଜା ସାଜସଜ୍ଜା କରିଥିଲେ। ପରେ ହନୁମାନଙ୍କ ୧୦୮ ହୋମ, ଆଳତୀ ସହିତ ପୁଷ୍ପାଞ୍ଜଳି ଅର୍ପଣ କରି ପୂଜା କାର୍ଯ୍ୟ ସମାପନ କରାଯାଇଥିଲା। ସନ୍ଧ୍ୟାରେ ଶଙ୍କର୍ଷଣ ନାଥ, ହୃଷିକେଶ ସେନାପତି, ଅନ୍ତର୍ଯ୍ୟାମୀ ପାଣିଗ୍ରାହୀ, ଦେବାଶିଷ ସେନାପତି ପ୍ରମୁଖ ହନୁମାନ ଚାଳିଶା ୧୦୮ଥର ଗାନ କରିଥିଲେ। ପ୍ରସାଦ ତିଆରି, ସାଂସ୍କୃତିକ, ତଥା ଆର୍ଥିକ ଦାୟିତ୍ୱରେ ପ୍ରମୋଦ ପାଢ଼ୀ, ଖସକେତନ ପାତ୍ର, ଲୋକେଶ୍ୱର ପାତ୍ର, ଆନନ୍ଦ ସାହୁ, ରିତେଶ ପୃଷ୍ଟି, ପ୍ରକାଶ ସା, ତଥା ସାହାପଡା ଗ୍ରାମବାସୀ ସହଯୋଗ କରିଥିଲେ।

## ସ୍ମାର୍ଟ ସାମାଜିକ ପରିଷଦ ପକ୍ଷରୁ ବନ୍ଧୁମିଳନ

**ପ୍ଲାଷ୍ଟିକ ମୁକ୍ତ କରିବା ପାଇଁ ଗୁରୁତ୍ୱ**

**ଝାରସୁଗୁଡ଼ା,୧୫ା୧(ଆଶିଷ ରଞ୍ଜନ ଦାଶ)**

ଝାରସୁଗୁଡ଼ା ଜିଲା ସଦର ବ୍ଲକସ୍ଥିତ ତାଲପଟିଆ ଇବ ନଦୀ କୂଳରେ ସ୍ମାର୍ଟ ସାମାଜିକ ପରିଷଦ ବେହେରାମାଲ ପକ୍ଷରୁ ବନ୍ଧୁ ମିଳନ ସହିତ ବୈଠକ ଅନୁଷ୍ଠିତ ହୋଇଯାଇଛି। ବୈଠକରେ ପରିଷଦ ସଭାପତି ଭବାନୀ ଶଙ୍କର ପଟେଲ ଆଗାମୀ ଦିନରେ ପରିଷଦ ପକ୍ଷରୁ ଝାରସୁଗୁଡା ସହରକୁ ପ୍ଲାଷ୍ଟିକ ମୁକ୍ତ କରିବା ପାଇଁ ପ୍ରୟାସ କରିବା ଏବଂ ଗୋରୁ ସୁରକ୍ଷା ପ୍ରଦାନ କରିବା ପାଇଁ ଜିଲା ପ୍ରଶାସନକୁ ଜଣାଇବା ପାଇଁ କହିଥିଲେ। ବୈଠକରେ ମନୋରଞ୍ଜନ ପଟେଲ, ଯୋଗୀନ୍ଦ୍ର ମେହେର, ଉମେଶ ପଟେଲ, ସୁବ୍ରତ ପଟେଲ, କୃଷ୍ଣ କିଷାନ, ଭରତ ଛତ୍ରିଆ ଯୋଗଦେଇଥିଲେ। ଶେଷରେ କୁନି କୁନି ବାଳକ, ବାଳିକାମାନଙ୍କ ସହିତ ସ୍ମାର୍ଟ ସାମାଜିକ ପରିଷଦ ସଭ୍ୟାସଭ୍ୟମାନେ ନୂଆ ବର୍ଷ ଉପଲକ୍ଷେ ମିଷ୍ଟାନ ଭୋଜନ କରିଥିଲେ।

# ସମନ୍ୱିତ ଅଦିବାସୀ ସମାଜର ଅଭିଯୋଗ

**କୋଲାବିରା,୧୫ା୧(ଚିନ୍ମୟ କୁମାର ବହିଦାର)**



**ଭେଡେନ ନଦୀପଠାରୁ ଚୋରାଚାଲାଣ ହେଉଛି ବାଲି**

- ମାଇନିଂ ବିଭାଗ ୨ଜଣ ଅଧିକାରୀ ଘଟଣାର ତଦନ୍ତ କରିଥିଲେ
- ୩ ଥର ବାଲି ବୋଝେଇ ହଇଓ୍ୱା ଧରାପଡ଼ିଥିଲା

ଝାରସୁଗୁଡ଼ା ଜିଲା କୋଲାବିରା ବ୍ଲକ ଅନ୍ତର୍ଗତ ଭେଡେନ ନଦୀ ପଠା ଖାତା ନଂ. ୧୧୩ ଏବଂ ପ୍ଲଟ ନଂ. ୧୩୧୭ରୁ ଶହଶହ ଟ୍ରିପ ବାଲି ଚୋରାଚାଲାଣ ହେଉଛି। ବିଭାଗୀୟ ଅଧିକାରୀ ଏଥିପ୍ରତି କୌଣସି କାର୍ଯ୍ୟାନୁଷ୍ଠାନ ଗ୍ରହଣ କରୁ ନ ଥିବା ବେଳେ ଗ୍ରାମବାସୀ ବେଳେବେଳେ ଗାଡି ଅଟକାଇ ପୋଲିସ ଏବଂ ପ୍ରଶାସନକୁ ଜଣାଇଲେ ମଧ୍ୟ କୌଣସି ସୁଫଳ ମିଳୁନାହିଁ ବୋଲି ସମନ୍ୱିତ ଅଦିବାସୀ ସମାଜ ଅଭିଯୋଗ କରିଛି। ସମନ୍ୱିତ ଅଦିବାସୀ ସମାଜ ପକ୍ଷରୁ ଗତ ୨୬ ଡିସେମ୍ବର ସକାଳ ୭ଟାରେ ସୋଢାମାଲ ଆଶ୍ରମ ସ୍କୁଲ ଛକରେ ବେଆଇନ ଭାବେ ବାଲି ପରିବହନ କରୁଥିବା ହଇଓ୍ୱା (ନଂ.ଓଡି ୨୩ଆର-୯୫୬୭) ଅଟକ ରଖି ରଖିଥିଲେ। ଗାଡିରେ ବୈଧ କାଗଜପତ୍ର ନ ଥିବାରୁ କୋଲାବିରା ଥାନା ଏବଂ ଖଣି ବିଭାଗକୁ ଅବଗତ କରାଇଥିଲେ। ତେବେ କେହି ଆସି ନ ଥିବାବେଳେ ଅଟକ ଗାଡି ଅତିମଧ୍ୟରେ ଚମ୍ପଟ ମାରିଥିଲା। ସେହିପରି ଗତ ୬ ତାରିଖରେ ୮-୧୦ଟି ହାଇଓ୍ୱା ବାଲିପଠା ୧୧୩ରୁ ବାଲି ଉତ୍ତୋଳନ କରୁଥିବା ସମୟରେ ସ୍ଥାନୀୟ ଲୋକେ ପହଞ୍ଚିଥିଲେ। ସେଠାରେ ଅନ୍ୟ ଗାଡିଗୁଡିକ ଚାଲିଯାଇଥିବା ବେଳେ ଗାଡି (ନଂ.ଓଡି୧୫ଏକ୍ସ-୮୯୫୯)ରେ ମେଶିନ ଯୋଗେ ବାଲି ଲୋଡ ହୋଇଥିବା ଦେଖିବାକୁ ପାଇ ଘଟଣାର ଭିଡିଓ ଉତ୍ତୋଳନ କରି ବିଭାଗୀୟ ଅଧିକାରୀଙ୍କୁ ପଠାଇ ଘଟଣା ନେଇ ଜଣାଇଥିଲେ। ହେଲେ କୌଣସି ଅଧିକାରୀ ଘଟଣାସ୍ଥଳକୁ ଆସି ନ ଥିଲେ। ଫଳରେ ବାଲି ବୋଝେଇ ଗାଡିଗୁଡିକ ସେଠାରୁ ଚାଲିଯାଇଥିଲା। ଗତ ୮ତାରିଖରେ ମାଇନିଂ ବିଭାଗ ୨ଜଣ ଅଧିକାରୀ ଆସି ଘଟଣାର ତଦନ୍ତ ପରେ ଉପରେ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯିବ ବୋଲି କହି ଫେରିଯାଇଥିଲେ। ମାତ୍ର ପୁଣି ଗୁରୁବାର ସେହି ସ୍ଥାନରୁ ୮-୧୦ଟି ହାଇଓ୍ୱା ଯୋଗେ ବାଲି ଉଠଉଥିବା ଦେଖିବାକୁ ମିଳିଥିଲା। ଏ ସଂକ୍ରାନ୍ତରେ ପୁଣି ବିଭାଗୀୟ ଅଧିକାରୀଙ୍କୁ ସୂଚନା ଦିଆଯାଇଥିଲା ମାତ୍ର ଫଳ ଶୂନ। ବାଲି ଚୋରାଚାଲାଣ କରୁଥିବା ସ୍ଥାନକୁ ମାପ କରାଯାଇ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯିବାକୁ ଦାବି କରିଛନ୍ତି ସମନ୍ୱିତ ଆଦିବାସୀ ସମାଜ କର୍ମକର୍ତ୍ତାମାନେ। ଏହି ବାଲି ଶର୍ଯ୍ୟା ବାତିଲ କରନ୍ତୁ ବୋଲି ସମନ୍ୱିତ ଆଦିବାସୀ ସମାଜର ସଭାପତି ପଦ୍ମିନୀ ମୁଣ୍ଡା, ସମ୍ପାଦକ ତପନ କାଲୋଙ୍କ ସମେତ ଦିଲୀପ ଲୁହା, ପ୍ରେମସାଗର ଧୁରୁଆ, ଖୁସିରାମ ଲୁହା, ପିଛାଲୁ ବାଗ, ବାବଲୁ ମାଝି, ନନ୍ଦିନୀ କାଲୋ, ନିଲେନ୍ଦି କାଲୋ, ହିମାଦ୍ରି ଲୁହା ପ୍ରମୁଖଙ୍କ ସମେତ ଅଞ୍ଚଳର ଜନସାଧାରଣ ଦାବି କରିଛନ୍ତି।

## ମା' ପଞ୍ଚଖଣ୍ଡାଙ୍କ ମକର ଉତ୍ସବ

**ଦେବଗଡ଼,୧୫ା୧(ଶଶାଙ୍କ ଶେଖର ଝାଙ୍କର)**

ଅନ୍ୟବର୍ଷ ଭଳି ଚଳିତବର୍ଷ ମଧ ଦେବଭୂମୀ ଦେବଗଡ଼ସ୍ଥିତ ପଣ୍ଡଖଣ୍ଡା ମନ୍ଦିରରେ ପବିତ୍ର ମକର ଝୁଲ ଉତ୍ସବ ମହାସମାରୋହରେ ପାଳିତ ହୋଇଯାଇଛି। ସକାଳ ପ୍ରାୟ ୬ଟାରେ ରେକି ମିଶନର ସମସ୍ତ ଗୁରୁସେନା ଓ ଶକ୍ତିସେନାମାନେ ଉପସ୍ଥିତ ରହି ମକର ଝୁଲ ଉତ୍ସବ ଆୟୋଜନ କରିବା ସହ ପାରମ୍ପରିକ ରୀତିନୀତିରେ ପୂଜା ପାଠ କରାଯାଇଥିଲା । ଏହି ଉତ୍ସବରେ ରେକି ମିଶନର ପ୍ରତିଷ୍ଠାତା ବିଜ୍ଞାନୀ ଗୁରୁ ଶ୍ରୀ ସନ୍ଥ ଯୋଗଦେଇଥିବା ବେଳେ ତାଙ୍କ ଉପସ୍ଥିତିରେ ଝୁଲ ପ୍ରଜ୍ୱଳନ କରାଯାଇଥିଲା। ଏହାପରେ ଅଧିଷ୍ଠାତ୍ରୀ ଦେବୀ ମା' ପଞ୍ଚଖଣ୍ଡାଙ୍କ ପୂଜାପାଠ ଓ ହୋମାଦି କାର୍ଯ୍ୟ ଅନୁଷ୍ଠିତ ହେବା ସହ ସାମୂହିକ ପ୍ରସାଦ ସେବନ କରାଯାଇଥିଲା। ଉତ୍ସବରେ ବିଭିନ୍ନ ସଂକୀର୍ତ୍ତନ୍ୟ ମଣ୍ଡଳୀ ଦ୍ୱାରା ନାମ ସଂକୀର୍ତ୍ତନ ଓ ସାଂସ୍କୃତିକ କାର୍ଯ୍ୟକ୍ରମ ପରିବେଷଣ କରାଯାଇଥିଲା। ଏଥିସହ ହଜାର ହଜାର ଶ୍ରଦ୍ଧାଳୁଙ୍କ ନିମନ୍ତେ ରେକି ମିଶନ ପକ୍ଷରୁ ଅନ୍ନ ପ୍ରସାଦର ବ୍ୟବସ୍ଥା କରାଯାଇଥିଲା। ବିଜ୍ଞାନୀ ଗୁରୁ ଶ୍ରୀ ସନ୍ଥଙ୍କ ତତ୍ତ୍ୱାବଧାନରେ ଆୟୋଜିତ କାର୍ଯ୍ୟକ୍ରମରେ ଅତିଥି ଭାବେ ଦେବଗଡ଼ ବିଧାୟକ ରୋମାଞ୍ଚ ରଞ୍ଜନ ବିଶ୍ୱାଳ ଓ ଜିଲା ଆରକ୍ଷୀ ଅଧୀକ୍ଷକ ଅନୀଲ କୁମାର ମିଶ୍ର ଯୋଗଦେଇଥିଲେ। କାର୍ଯ୍ୟକ୍ରମ ଆୟୋଜନରେ ରେକି ମିଶନ, ଦେବଗଡ଼ର ସଂଯୋଜକ କ୍ଷେତ୍ରବାସୀ ମେହେର, ରତନଲାଲ ମୋଦି, ପ୍ରଦୀପ କୁମାର ଛତ୍ରିଆ, ନବୀନ କୁମାର ମହାନ୍ତି, ପ୍ରଶାନ୍ତ ଦେବ, ନିରଞ୍ଜନ ଛତ୍ରିଆ, ପ୍ରଣୟ କିଶୋର ବରାଳ ଓ ଭାରତ ଭୂଷଣ ରାୟ ପ୍ରମୁଖ ଭୂମିକା ଗ୍ରହଣ କରିଥିଲେ।

## ରାତ୍ରୀକାଳୀନ କ୍ରିକେଟ: କ୍ରିସ ୱାରିୟର ଚାମ୍ପିୟନ



ରାତ୍ରୀକାଳୀନ କ୍ରିକେଟ ଟୁର୍ନାମେଣ୍ଟ ଉଦ୍‌ଘାଟନ କରାଯାଉଛି।

**ଦେବଗଡ଼,୧୫ା୧(ଶଶାଙ୍କ ଶେଖର ଝାଙ୍କର)**

ଦେବଗଡ଼ ପୌରାଞ୍ଚଳ ୧୦ ନମ୍ବର ୱାର୍ଡ ଆର୍ସିଏମ୍‌ଏସ୍ ସାହି ଖେଳ ପଡିଆଠାରେ ରାତ୍ରୀକାଳୀନ କ୍ରିକେଟ ପ୍ରତିଯୋଗିତା ଅନୁଷ୍ଠିତ ହୋଇଥିଲା। ପ୍ରତିଯୋଗିତାକୁ ମଖ୍ୟଅତିଥି ଭାବେ ଦେବଗଡ ପୌର ପରିଷଦ ଉପାଧ୍ୟକ୍ଷ ପ୍ରଜିତ କୁମାର ଭୋଜ ଉଦ୍‌ଘାଟନ କରିଥିଲେ। ମୋଟ ୪ଟି ଦଳକୁ ନେଇ ଆୟୋଜିତ ଏହି ପ୍ରତିଯୋଗିତାର ଫାଇନାଲ ମ୍ୟାଚ୍‌ରେ ଅଲେ୍ୱଜ୍ ୱିନର କ୍ରିକେଟ କ୍ଲବକୁ ୩ ରନରେ ପରାସ୍ତ କରି କ୍ରିସ ୱାରିୟର ଚାମ୍ପିୟନ ହୋଇଥିଲା। ବିଳମ୍ବିତ ରାତ୍ରିରେ ଆୟୋଜକ ଅନୁଷ୍ଠାନର ସଭାପତି ଲିପନ କୁମାର ସୁହୁଲାଙ୍କ ସଭାପତିତ୍ୱରେ ଆୟୋଜିତ ଉଦ୍‌ଯାପନୀ ତଥା ପୁରସ୍କାର ବିତରଣି ଉତ୍ସବରେ ମୁଖ୍ୟଅତିଥି ଭାବେ ଦେବଗଡ ପୌର ପରିଷଦ ଉପାଧ୍ୟକ୍ଷ ପ୍ରଜିତ କୁମାର ଭୋଜ ଯୋଗଦେଇ ଚାମ୍ପିୟନ କ୍ରିସ ୱାରିୟର ଓ ରନର୍ ଅପ୍ ଅଲେ୍ୱଜ୍ ୱିନର କ୍ରିକେଟ କ୍ଲବକୁ ପୁରସ୍କାର ପ୍ରଦାନ କରିଥିଲେ। ପ୍ରତିଯୋଗିତା ଆୟୋଜନରେ ଅନୁଷ୍ଠାନ ସଦସ୍ୟ ସମୀର ମୁଖି, ଦୀପକ ମୁଖି, ଉମାଶଙ୍କର ସୁନା ଓ ମଙ୍ଗଳଙ୍କ ସମେତ ସମସ୍ତ ସଦସ୍ୟ ସକ୍ରୀୟ ସହଯୋଗ କରିଥିଲେ।

# ଜନସେବା ଦିବସରେ ବର୍ଦ୍ଧିତ ଭତ୍ତା ବିତରଣ

**ଦେବଗଡ଼,୧୫ା୧(ଶଶାଙ୍କ ଶେଖର ଝାଙ୍କର)**



କାର୍ଯକ୍ରମରେ ଜଣେ ବ୍ୟକ୍ତିଙ୍କୁ ବର୍ଦ୍ଧିତ ଭତ୍ତା ପ୍ରଦାନ କରାଯାଉଛି।

ସ୍ଥାନୀୟ ଟାଉନ ହଲଠାରେ ଜନ ସେବା ଦିବସରେ ବର୍ଦ୍ଧିତ ଭତ୍ତା ବିତରଣ ସମାରୋହ ଦେବଗଡ଼ ଜିଲା ସାମାଜିକ ସୁରକ୍ଷା ଓ ଭିନ୍ନକ୍ଷମ ସଶକ୍ତିକରଣ ବିଭାଗ ପକ୍ଷରୁ ପାଳିତ ହୋଇଯାଇଛି। ଜିଲାପାଳ କବୀନ୍ଦ୍ର କୁମାର ସାହୁ ମୁଖ୍ୟଅତିଥି ଭାବେ ଯୋଗଦେଇଥିଲେ। ଉପ ଜିଲାପାଳ ପରକ୍ଷିତ ସାହୁ, ଏମ୍‌ପିଙ୍କ ପ୍ରତିନିଧି ଅରୁଣ କୁମାର ସାହୁ, ପୌର ପରିଷଦ ଅଧ୍ୟକ୍ଷା ଶାନ୍ତି ମଞ୍ଜରି ଦେଇ, ଉପାଧ୍ୟକ୍ଷ ପୌରପରିଷଦ ପ୍ରଜିତ କୁମାର ଭୋଜ, ଅଧ୍ୟକ୍ଷ ପଞ୍ଚାୟତ ସମିତି ବାରକୋଟ ପୁଷ୍ପାଞ୍ଜଳୀ ପାତ୍ର, ଅଧ୍ୟକ୍ଷ ପଞ୍ଚାୟତ ସମିତି ରିଆମାଳ ମଧୁସୂଦନ ପ୍ରଧାନ, ଅଧ୍ୟକ୍ଷ ପଞ୍ଚାୟତ ସମିତି ତିଲେଇବଣି ବୃନ୍ଦାବତୀ ଭୋଇ, ବରଣ୍ୟ ଅତିଥି ଭାବେ ଯୋଗଦେଇ ଜନସେବା ଦିବସ ଉପଲକ୍ଷେ ଏନ୍‌ଏସ୍‌ଏପି ଓ ଏମ୍‌ବିପିଓ୍ୱାଇ ଜିଲାରୁ ୩୦୧୭ ହିତାଧୀକାରୀମାନେ ଉପକୃତ ହେବେ ବଲି ଅତିଥି ମତବ୍ୟକ୍ତ କରିଥିଲେ। ୮୦ବର୍ଷରୁ ଉର୍ଦ୍ଧ୍ୱଏବଂ ୮୦ ପ୍ରତିଶତ ବା ତଦୁର୍ଦ୍ଧ ଭିନ୍ନକ୍ଷମ ହିତାଧିକାରୀଙ୍କ ନିମନ୍ତେ ବର୍ଦ୍ଧିତ ଭତ୍ତା ୩୫୦୦ ଟଙ୍କା ଅତିଥିମାନଙ୍କ ଦ୍ୱାରା ଅର୍ଥ ରାଶିବିତରଣ କରାଯାଇଥିଲା। ବୈଠକରେ ୩ ବ୍ଲକ୍‌ର ସାମାଜିକ ସୁରକ୍ଷା ଅଧିକାରୀ ଓ ଆସିଥିବା ୮୦ ବର୍ଷରୁ ଉର୍ଦ୍ଧ୍ୱ ଓ ୮୦ ଶତକଡାର ଭିନ୍ନକ୍ଷମ ହିତାଧିକାରୀମାନେ ଉପସ୍ଥିତ ଥିଲେ। ଜିଲା ସୂଚନା ଓ ଲୋକ ସମ୍ପର୍କ ଅଧିକାରୀ ମନୋରଞ୍ଜନ ସୁତାର କାର୍ଯ୍ୟକ୍ରମ ସଂଯୋଜନା ଓ ଜିଲା ସାମାଜିକ ସୁରକ୍ଷା ଅଧିକାରୀ ସର୍ବେଶ୍ୱର ପାଣିଗ୍ରାହୀ ଧନ୍ୟବାଦ ଦେଇଥିଲେ।

## ଜରୁରିକାଳୀନ ପରିସ୍ଥିତିରେ ବନ୍ଦୀ ସଂଗ୍ରାମୀଙ୍କୁ ମିଳିବ ପେନ୍‌ସନ

**ଦେବଗଡ଼,୧୫ା୧(ଶଶାଙ୍କ ଶେଖର ଝାଙ୍କର)**

ଜିଲାପାଳଙ୍କ ବାସଭବନ ଅଫିସ କାର୍ଯ୍ୟାଳୟରେ ଏକ ପ୍ରେସ କନଫରେନ୍ସରେ ଜିଲାପାଳ କବୀନ୍ଦ୍ର କୁମାର ସାହୁଙ୍କ ଅଧ୍ୟକ୍ଷତାରେ ବୈଠକ ଅନୁଷ୍ଠିତ ହୋଇଯାଇଛି। ଓଡ଼ିଶା ସରକାରଙ୍କ ପକ୍ଷରୁ ଦେଶର ଜରୁରିକାଳୀନ ପରିସ୍ଥିତିରେ ମେଣ୍ଟେନାନ୍ସ ଅଫ ଇଣ୍ଟରନାଲ ସିକ୍ୟୁରିଟି ଆକ୍ଟ (ମିସା), ଡିଫେନ୍ସ ଅଫ ଇଣ୍ଡିଆନ (ଡିଆଇଆର) ଏବଂ ଡିଆଇଏସଆଇଆର ଆଇନରେ ବିଭିନ୍ନ ଜେଲରେ ବନ୍ଦୀ ଥିବା ସଂଗ୍ରାମୀଙ୍କୁ ମାସକୁ ୨୦ ଜହାର ଟଙ୍କା ପେନସନ ମିଳିବ। ମୁଖ୍ୟମନ୍ତ୍ରୀ ଏହି ବିଷୟରେ ଘୋଷଣା କରିଥିବା ବେଳେ ଗୃହ ବିଭାଗ ପକ୍ଷରୁ ବିଧିବଦ୍ଧ ବିଜ୍ଞପ୍ତି ପ୍ରକାଶ ପାଇଛି। ପେନସନ ସହିତ ସମସ୍ତ ସଂଗ୍ରାମୀମାନଙ୍କ ମେଡ଼ିକାଲ ଖର୍ଚ୍ଚ ମଧ ରାଜ୍ୟ ସରକାର ବହନ କରିବେ। ୧ ଜାନୁଆରୀ ୨୦୨୫ ସୁଦ୍ଧା ଜୀବିତ ସମସ୍ତ ସଂଗ୍ରାମୀ ଏହି ପେନସନ ଓ ଚିକିତ୍ସା ସୁବିଧା ପାଇ ପାରିବେ। ଦେବଗଡ଼ ଜିଲା ପାଇଁ ଆବେଦନକାରୀ ଯେଉଁମାନେ ଉପରୋକ୍ତ ଆଇନ ବଳରେ ଗିରଫ ହୋଇ ବନ୍ଦୀ ହୋଇଥିଲେ, ସେମାନେ ଜିଲା ୱେବ ସାଇଟରୁ ତଥ୍ୟ ପାଇପାରିବେ ଓ ଜିଲାପାଳଙ୍କ ନିକଟକୁ ଆବେଦନ କରି ପାରିବେ। ବୈଠକରେ ଆରକ୍ଷୀ ଅଧୀକ୍ଷକ ଅନୀଲ କୁମାର ମିଶ୍ର, ଉପଜିଲାପାଳ ପରୀକ୍ଷିତ ସାହୁ, ଜିଲା ସାମାଜିକ ସୁରକ୍ଷା ଅଧିକାରୀ ସର୍ବେଶ୍ୱର ପାଣିଗ୍ରାହୀ, ସହକାରୀ ଜିଲାପାଳ ତାପସ କୁମାର ମହନ୍ତ, ଜିଲା ସୂଚନା ଲୋକ ସମ୍ପର୍କ ଅଧିକାରୀ ମନୋରଞ୍ଜନ ସୁତାର ପ୍ରମୁଖ ଉପସ୍ଥିତ ଥିଲେ।

## କ୍ରିକେଟ ଟୁର୍ନାମେଣ୍ଟ: ରେଡ୍ ଡ୍ରାଗନ୍ କ୍ରିକେଟ କ୍ଲବ୍ ଚାମ୍ପିୟନ



ଚାମ୍ପିୟନ ରେଡ୍ ଡ୍ରାଗନ୍ କ୍ରିକେଟ କ୍ଲବକୁ ଟ୍ରଫି ପ୍ରଦାନ କରାଯାଉଛି।

**ଦେବଗଡ଼,୧୫ା୧(ଶଶାଙ୍କ ଶେଖର ଝାଙ୍କର)**

ଦେବଗଡ଼ ଜିଲା ରିଆମାଳ ବ୍ଲକ ଦେହୁରୀପାଳ ଗ୍ରାମରେ ଶିବଶକ୍ତି କ୍ରିକେଟ କ୍ଲବ ପକ୍ଷରୁ ଗତ ଶୁକ୍ରବାରଠାରୁ ଆରମ୍ଭ ହୋଇଥିବା ଛଅ ଦିବସୀୟ କ୍ରିକେଟ ଟୁର୍ନାମେଣ୍ଟ ବୁଧବାର ଉଦ୍‌ଯାପିତ ହୋଇଯାଇଛି। ମୋଟ ୧୬ଟି ଦଳକୁ ନେଇ ଆୟୋଜିତ ଏହି ପ୍ରତିଯୋଗିତାର ଫାଇନାଲ ମ୍ୟାଚ୍‌ରେ ଅନୁଗୋଳ ଜିଲା ବାରମଞ୍ଚା ଦଳକୁ ପରାସ୍ତ କରି ଅନୁଗୋଳ ଜିଲା ରେଙ୍ଗାଳିର ରେଡ୍ ଡ୍ରାଗନ୍ କ୍ରିକେଟ କ୍ଲବ ଚାମ୍ପିୟନ ହୋଇଛି। ସନ୍ଧ୍ୟାରେ ଆୟୋଜକ ଅନୁଷ୍ଠାନ ସଭାପତି ନିର୍ମାଲ୍ୟ କୁମାର ପ୍ରଧାନଙ୍କ ତତ୍ତ୍ୱାବଧାନରେ ଅନୁଷ୍ଠିତ ଉଦଯାପନୀ ତଥା ପୁରସ୍କାର ବିତରଣି ଉତ୍ସବରେ ମୁଖ୍ୟଅତିଥି ଭାବେ ଦେବଗଡ଼ ବିଧାୟକ ରୋମାଞ୍ଚ ରଞ୍ଜନ ବିଶ୍ୱାଳ, ସମ୍ମାନିତ ଅତିଥି ଭାବେ ଜିଲା ପରିଷଦ ସଦସ୍ୟା ବାସନ୍ତୀ ବେହେରା, ପୂର୍ବତନ ଜିଲା ପରିଷଦ ଉପାଧ୍ୟକ୍ଷ ଲଳିତ ମୋହନ ପ୍ରଧାନ, ପଳସମା ଗ୍ରାମପଞ୍ଚାୟତ ସରପଞ୍ଚ ସୁଶିଲ କୁମାର ଓ ରଣଜିତ ପ୍ରଧାନ ପ୍ରମୁଖ ଯୋଗଦେଇ ଉଭୟ ବିଜେତା ଏବଂ ଉପବିଜେତା ଦଳକୁ ଟ୍ରଫି ସହିତ ଅର୍ଥ ପୁରସ୍କାର ପ୍ରଦାନ କରିଥିଲେ।

## ନିଶାମୁକ୍ତ ଭାରତ ଅଭିଯାନ ପାଇଁ କାର୍ଯ୍ୟକାରିଣୀ ବୈଠକ




ବୈଠକରେ ଆଲୋଚନା କରାଯାଉଛି।

**ଦେବଗଡ଼,୧୫ା୧(ଶଶାଙ୍କ ଶେଖର ଝାଙ୍କର)**

ଜିଲାପାଳଙ୍କ ବିକାଶ ଭବନ ସମ୍ମିଳନୀ କକ୍ଷରେ ଜିଲା ସାମାଜିକ ସୁରକ୍ଷା ବିଭାଗ ପକ୍ଷରୁ ଜିଲାପାଳ କବୀନ୍ଦ୍ର କୁମାର ସାହୁଙ୍କ ଅଧ୍ୟକ୍ଷତାରେ ନିଶା ମୁକ୍ତ ଭାରତ ଅଭିଯାନ କାର୍ଯ୍ୟକାରିଣୀ ବୈଠକ ଅନୁଷ୍ଠିତ ହୋଇଯାଇଛି। ଜିଲାପାଳ ସାହୁ ନିଶା ମୁକ୍ତ କରିବା ପାଇଁ ଜିଲାର ବିଭିନ୍ନ ଗ୍ରାମ ପଞ୍ଚାୟତ, ଗ୍ରାମ, ବିଦ୍ୟାଳୟ ଓ ମହାବିଦ୍ୟାଳୟଠାରେ ପଥପ୍ରାନ୍ତ ନାଟକ ମାଧ୍ୟମରେ ଜନସଚେତନତା କରିବା ପାଇଁ ଗୁରୁତ୍ୱରୋପ କରିଥିଲେ। ସ୍ୱେଚ୍ଛାସେବୀଙ୍କୁ ତାଲିମ ଓ ମହାବିଦ୍ୟାଳୟସ୍ତରରେ ପ୍ରବନ୍ଧ ଓ ବକ୍ତୃତା ପ୍ରତିଯୋଗିତା କରାଯିବା ପାଇଁ ଆଲୋଚନା କରାଯାଇଥିଲା। ବୈଠକରେ ଆରକ୍ଷୀ ଅଧୀକ୍ଷକ ଅନୀଲ କୁମାର ମିଶ୍ର, ଜିଲା ସାମାଜିକ ସୁରକ୍ଷା ଅଧିକାରୀ ସର୍ବେଶ୍ୱର ପାଣିଗ୍ରାହୀ, ଏଡିବିଏସ୍‌ଓ ଡ. ପ୍ରଭାତ କୁମାର ଅଖା, ଆଇନଜୀବୀ ରାଜକିଶୋର ପ୍ରଧାନ, ଆଇଆର୍‌ସିଏ ହୃଷୀକେଶ ସାହୁ, କମ୍ୟୁନିଟି ଅର୍ଗାନାଇଜର ପୌର ପରିଷଦ ମୋନାଲିସା ପଣ୍ଡା, ବ୍ରହ୍ମା କୁମାରୀ, ନମିତା ଭୋଇ, ବାରକୋଟ ବ୍ଲକ ସାମାଜିକ ସୁରକ୍ଷା ଅଧିକାରୀ ସୁଜନ କୁମାର ସାହୁ ଓ ଜିଲା ସୂଚନା ଓ ଲୋକ ସମ୍ପର୍କ ଅଧିକାରୀ ମନୋରଞ୍ଜନ ସୁତାର ପ୍ରମୁଖ ଉପସ୍ଥିତ ଥିଲେ।

## ମୁଖ୍ୟମନ୍ତ୍ରୀ କପ୍ ଫୁଟ୍‌ବଲ ଟୁର୍ନାମେଣ୍ଟ ପ୍ରସ୍ତୁତି ବୈଠକ

**ଝାରସୁଗୁଡ଼ା,୧୫ା୧(ଆଶିଷ ରଞ୍ଜନ ଦାଶ)**

ଝାରସୁଗୁଡ଼ା ସହରସ୍ଥିତ ଓଏସ୍‌ଏପି ମିନି ଷ୍ଟାଡିୟମଠାରେ କମାଣ୍ଡେଣ୍ଟ ପ୍ରସାଦ ତମାଙ୍ଗଙ୍କ ସଭାପତିତ୍ୱରେ ୧୫ ବର୍ଷରୁ କମ୍ ମୁଖ୍ୟମନ୍ତ୍ରୀ କପ୍ ଫୁଟ୍‌ବଲ ପାଇଁ ଏକ ପ୍ରସ୍ତୁତି ବୈଠକ ଅନୁଷ୍ଠିତ ହୋଇଯାଇଛି। ବୈଠକରେ ଝାରସୁଗୁଡ଼ା ଜିଲାର ୮ଟି ଦଳ ଅଂଶ ଗ୍ରହଣ କରିବା ଓ ଏମାନଙ୍କୁ ୨ଟି ଗ୍ରୁପ ମାଧ୍ୟମରେ ବିଭକ୍ତ କରାଯାଇ ଟୁର୍ନାମେଣ୍ଟ ଠିକ ଭାବେ ପରିଚାଳନା କରିବା ପାଇଁ ଆଲୋଚନା ହୋଇଥିଲା। ଏହାର ପ୍ରଥମ ମ୍ୟାଚ ବାଲିଜୋରୀ ସ୍ପୋର୍ଟ୍ସ କ୍ଲବ ଓ ଝାରସୁଗୁଡା ସମଲେଶ୍ୱରୀ କ୍ଲବ ମଧ୍ୟରେ ଅନୁଷ୍ଠିତ ହେବ। ଏହାକୁ ଜିଲାପାଳ ଆବୋଲି ସୁନୀଲ ନରୱାଣେ ଉଦ୍‌ଘାଟନ କରିବା ପାଇଁ ନିଷ୍ପତ୍ତି ନିଆଯାଇଥିଲା। ବୈଠକରେ ରାଜ୍ୟ ହକି ଆସୋସିଏଶନ ଉପସଭାପତି ଜୀବନ ମହାନ୍ତି, ଜିଲା ଆଥେଲେଟିକ ଆସୋସିଏଶନ ସାଧାରଣ ସମ୍ପାଦକ ତାପସ ରାୟ ଚୌଧୁରୀ, ଗଣେଶ ନାଇକ, ସୁଶାନ୍ତ ମହାନ୍ତି, ସୁରେଶ ମିଶ୍ର, ଜିଲା କ୍ରୀଡା ଅଧିକାରୀ ବିମଲ ତାଣ୍ଡି, ବାଜୁରାଓ ପଟ୍ଟନାୟକ, ସାଗର ଥପା, ଆଦି ଉପସ୍ଥିତ ଥିଲେ।



ବୈଠକରେ ଆଲୋଚନା କରାଯାଉଛି।

# ୧୩୮ ହିତାଧିକାରୀଙ୍କୁ ବର୍ଦ୍ଧିତ ଭତ୍ତା ବଣ୍ଟନ

**ଝାରସୁଗୁଡ଼ା,୧୫ା୧(ଆଶିଷ ରଞ୍ଜନ ଦାଶ)**



ବିଧାୟକ ଓ ଜିଲାପାଳ ବର୍ଦ୍ଧିତ ଭତ୍ତା ପ୍ରଦାନ କରୁଛନ୍ତି।

ଝାରସୁଗୁଡ଼ା ସହରସ୍ଥିତ ଯାନ୍ତ୍ରିକ ବିଦ୍ୟାଳୟରେ ଜନସେବା ଦିବସ ଅବସରରେ ଆୟୋଜିତ ସମାରୋହରେ ହିତାଧିକାରୀମାନଙ୍କୁ ବୁଧବାର ବର୍ଦ୍ଧିତ ଭତ୍ତା ବିତରଣ କରାଯାଇଛି। ବିତରଣ କାର୍ଯ୍ୟକ୍ରମରେ ବିଧାୟକ ଟଙ୍କଧର ତ୍ରିପାଠୀ ଯୋଗଦେଇ ଏହି ଦିବସକୁ ଓଡ଼ିଶା ଇତିହାସରେ ସ୍ୱତନ୍ତ୍ର ଦିନ ବୋଲି କହିଛନ୍ତି। ଏହା ବୃଦ୍ଧବୃଦ୍ଧାଙ୍କ ସ୍ୱାଭିମାନ ଓ ସମ୍ମାନ ପ୍ରତି ରାଜ୍ୟ ସରକାରଙ୍କ ସମ୍ବେଦନଶୀଳତାର ପରିଚୟ ବୋଲି କହିଛନ୍ତି। ବୃଦ୍ଧବୃଦ୍ଧା ପରିବାରର ସ୍ତମ୍ଭ ତଥା ସମାଜର ଦମ୍ଭ ବୋଲି କହିବା ସହ ଅବଶିଷ୍ଟ ଯୋଗ୍ୟ ବ୍ୟକ୍ତିମାନଙ୍କୁ ବର୍ଦ୍ଧିତ ଭତ୍ତା ପ୍ରଦାନ ଦିଗରେ ପଦକ୍ଷେପ ନେବାକୁ ବିଭାଗୀୟ ଅଧିକାରୀଙ୍କୁ ବିଧାୟକ ପରାମର୍ଶ ଦେଇଛନ୍ତି। ବର୍ଦ୍ଧିତ ଭତ୍ତା ବିତରଣ ସମାରୋହରେ ବିଧାୟକ ତ୍ରିପାଠୀ ଏବଂ ଜିଲାପାଳ ଅବୋଲି ସୁନୀଲ ନରୱଣେ ଯୋଗଦେଇ ୧୩୮ଜଣ ୮୦ବର୍ଷରୁ ଉର୍ଦ୍ଧ୍ୱ ବୃଦ୍ଧବୃଦ୍ଧା ଓ ୮୦ ପ୍ରତିଶତ ବା ତଦୁର୍ଦ୍ଧ୍ୱ ଦିବ୍ୟାଙ୍ଗ ହିତାଧିକାରୀଙ୍କୁ ୩୫୦୦ଟଙ୍କା ଲେଖାଏଁ ସାମାଜିକ ସୁରକ୍ଷା ଭତ୍ତା ବିତରଣ କରିଛନ୍ତି। କାର୍ଯ୍ୟକ୍ରମରେ ଜିଲା ପରିଷଦ ମୁଖ୍ୟ ଉନ୍ନୟନ ଅଧିକାରୀ ତଥା ନିର୍ବାହୀ ଅଧିକାରୀ ପ୍ରବୀର କୁମାର ନାୟକ, ଅତିରିକ୍ତ ଜିଲାପାଳ ରାଜସ୍ୱ କିଶୋର ଚନ୍ଦ୍ର ସ୍ୱାଇଁ, ଉପଜିଲାପାଳ ସବ୍ୟସାଚୀ ପଣ୍ଡା, ଜିଲା ଭାଜପା ସଭାପତି ସୁନୀଲ ପଣ୍ଡା ପ୍ରମୁଖ ଉପସ୍ଥିତ ଥିଲେ। ଜିଲା ସାମାଜିକ ସୁରକ୍ଷା ଓ ଭିନ୍ନକ୍ଷମ ସଶକ୍ତିକରଣ ଅଧିକାରୀ ସୁନୀଲ କୁମାର ନାୟକ କାର୍ଯ୍ୟକ୍ରମର ଉଦ୍ଦେଶ୍ୟ ଓ ଆଭିମୁଖ୍ୟ ସମ୍ପର୍କରେ ସୂଚନା ପ୍ରଦାନ କରିଥିଲେ। ସୂଚନାଯୋଗ୍ୟ, ପୂର୍ବରୁ ହିତାଧିକାରୀମାନେ ୧୨୦୦ ଟଙ୍କା ପାଉଥିବା ବେଳେ ଚଳିତ ଜାନୁଆରୀ ମାସରୁ ଜିଲାର ୪୯୭୦ ଜଣ ୮୦ବର୍ଷରୁ ଉର୍ଦ୍ଧ୍ୱ ବୃଦ୍ଧବୃଦ୍ଧା ଓ ୮୦ ପ୍ରତିଶତ ବା ତଦୁର୍ଦ୍ଧ୍ୱ ଦିବ୍ୟାଙ୍ଗ ହିତାଧିକାରୀ ବର୍ଦ୍ଧିତ ଭତ୍ତା ବାବଦକୁ ମାସିକ ୩୫୦୦ ଟଙ୍କା ପାଇବା ଦ୍ୱାରା ଉପକୃତ ହେବେ।

## ଜେଲ ଗଲେ ଚୋରାଚାଲାଣକାରୀ

### ଭୁବନେଶ୍ୱର ଏୟାରପୋର୍ଟରୁ ଗାରିଜୁଆନା ଜବତ

**ଭୁବନେଶ୍ୱର,୧୫।୧(ସତ୍ୟଜିତ୍ ରାଉତ)**

ଭୁବନେଶ୍ୱର ଅନ୍ତର୍ଜାତୀୟ ବିମାନବନ୍ଦରରୁ ଭୁବନେଶ୍ୱର ଜୋନ୍ କଷ୍ଟମ୍ସ ପକ୍ଷରୁ ମାରିଜୁଆନା(ଗଞ୍ଜେଇ) ଜବତ ଘଟଣାରେ ଅଭିଯୁକ୍ତଙ୍କୁ ବୁଧବାର ଗିରଫ କରାଯାଇଛି। ଚାଲାଣକାରୀଙ୍କ ଠାରୁ ୩ କେଜି ୯୯୦ ଗ୍ରାମର ୪ କୋଟି ଟଙ୍କାର ହାଇଡ୍ରୋପୋନିକ ମାରିଜୁଆନା ଜବତ ହୋଇଥିବାବେଳେ ଏହା କାହା ପାଖକୁ ଆସୁଥିଲା ସେନେଇ କଷ୍ଟମ୍ସ ପକ୍ଷରୁ ଅଧିକ ତଦନ୍ତ ଜାରି ରହିଛି। ଏନେଇ ଏନ୍‌ଡିପିଏସ୍ ଆକ୍ଟ,୧୯୮୫ ଅଧୀନରେ ମାମଲା ରୁଜୁ କରାଯାଇ ଅଭିଯୁକ୍ତଙ୍କୁ ବୁଧବାର ଭୁବନେଶ୍ୱର ସ୍ୱତନ୍ତ୍ର କୋର୍ଟକୁ ଚାଲାଣ କରାଯାଇଥିଲା। ଜାମିନ ନାମଞ୍ଜୁର ପରେ ତାଙ୍କୁ ବିଚାର ବିଭାଗୀୟ ହାଜତକୁ ପଠାଇ ଦିଆଯାଇଥିବା କଷ୍ଟମ୍ସ ପକ୍ଷରୁ ସୂଚନା ଦିଆଯାଇଛି।



ଏୟାରପୋର୍ଟରୁ ଜବତ ମାରିଜୁଆନା।

ସୂଚନା ଅନୁଯାୟୀ, ଅଭିଯୁକ୍ତ ଚାଲାଣକାରୀ ଜଣଙ୍କ ମଙ୍ଗଳବାର ବ୍ୟାଙ୍ଗକକ୍‌ରୁ ବିମାନରେ ଆସି ଭୁବନେଶ୍ୱର ବିମାନବନ୍ଦରରେ ପହଞ୍ଚିଥିଲେ। ସେ ଲଗେଜ୍‌ରେ ମାରିଜୁଆନା ଆଣୁଥିବା ନେଇ ରାଜସ୍ୱ ଗୋଇନ୍ଦା ନିର୍ଦ୍ଦେଶାଳୟ (ଡିଆର୍‌ଆଇ) ଖବର ପାଇଥିଲା। ଡିଆର୍‌ଆଇ ଅଧିକାରୀମାନେ କଷ୍ଟମ୍ସକୁ ଖବର ଦେଇଥିଲେ। କଷ୍ଟମ୍ସ ଅଧିକାରୀମାନେ ଅଭିଯୁକ୍ତଙ୍କ ଲଗଜେ୍ ଯାଞ୍ଚ କରିବା ପରେ ସେଥିରେ ୪ଟି କର୍ନ ଫ୍ଲେକ୍ସ ପାକେଟ୍‌ରେ ୮ଟି ପଲିଥିନ୍ ପ୍ୟାକେଟ୍ ମିଳିଥିଲା। ଉକ୍ତ ପଲିଥିନ୍ ପ୍ୟାକେଟ୍‌ରେ ମାରିଜୁଆନା ଥିବା ନେଇ ଯାଞ୍ଚରୁ ଜଣାପଡ଼ିଥିଲା। ଅଭିଯୁକ୍ତ ଜଣଙ୍କ ରାଜ୍ୟ ବାହାରର ହୋଇଥିବାବେଳେ ସେ ଏହି ଚାଲାଣ ର‍୍ୟାକେଟ୍‌ରେ ଦୀର୍ଘଦିନ ହେବ ସକ୍ରିୟ ଥିବା ଜଣାପଡ଼ିଛି। ଅଭିଯୁକ୍ତ ଜଣଙ୍କୁ ରିମାଣ୍ଡରେ ଆଣି ଜେରା କରିବା ସହ ଏହି ଚାଲାଣର ଚେର ଖୋଜିବାକୁ କଷ୍ଟମ୍ସ (ଜିଏସ୍‌ଟି, କେନ୍ଦ୍ରୀୟ ଉତ୍ପାଦ ଏବଂ ସୀମା ଶୁଳ୍କ) ଭୁବନେଶ୍ୱର ଜୋନ୍ ଯୋଜନା କରିଛି।

## ଚୋରି ମାମଲାରେ ଅଭିଯୁକ୍ତ ମନ୍ମଥଙ୍କୁ ୨ ବର୍ଷ ଜେଲଦଣ୍ଡ

**ଭୁବନେଶ୍ୱର,୧୫।୧ (ସୂର୍ଯ୍ୟକାନ୍ତ ବେହେରା)**

ଲିଙ୍ଗରାଜ ଥାନା ଅଞ୍ଚଳରେ ଘଟିଯାଇଥିବା ଏକ ଚୋରି ମାମଲାର ରାୟ ଭୁବନେଶ୍ୱର ପ୍ରଥମ ଶ୍ରେଣୀ ବିଚାର ବିଭାଗୀୟ କୋର୍ଟ-୧ ରେ ପ୍ରକାଶ ପାଇଛି। ବିଚାରପତି ସ୍ୱଦେଶ ତ୍ରିପାଠୀ ମାମଲାର ବିଚାର କରି ଅଭିଯୁକ୍ତ ମନ୍ମଥ ରଣାଙ୍କୁ ଦୋଷୀ ସାବ୍ୟସ୍ତ କରି ୨ ବର୍ଷର ଜେଲଦଣ୍ଡ ଶୁଣାଇଛନ୍ତି। ଏହାସହ ୫ ହଜାର ଟଙ୍କାର ଜରିମାନା ଦେବାକୁ ନିର୍ଦ୍ଦେଶ ଦେଇଛନ୍ତି। ଜରିମାନା ଅନାଦାୟେ ଏକ ମାସ ଅଧିକ ଜେଲଦଣ୍ଡ ରହିବ ବୋଲି କୋର୍ଟ ରାୟରେ ଶୁଣାଇଛନ୍ତି। ୫ ଜଣ ସାକ୍ଷୀ ଓ ପ୍ରଯୁଜ୍ୟ ଦସ୍ତାବିଜକୁ ଆଧାର କରି କୋର୍ଟ ଏହି ରାୟ ଶୁଣାଇଛନ୍ତି। ମାମଲାକୁ ସରକାରଙ୍କ ତରଫରୁ ସହକାରୀ ପବ୍ଲିକ ପ୍ରୋସିକ୍ୟୁଟର ପ୍ରଫୁଲ୍ଲ ଷଡ଼ଙ୍ଗୀ ଏବଂ ସଞ୍ଜୟ ସାହୁ ପ୍ରମୁଖ ପରିଚାଳନା କରିଥିଲେ।

## ୩ ଲୁଟେରାଙ୍କୁ ବାନ୍ଧିଲା ଟାଉନ ପୋଲିସ


ଗିରଫ ୩ ଅଭିଯୁକ୍ତ।

**ଫୁଲବାଣୀ, ୧୫।୧ (ରାକେଶ କୁମାର ରାଉତ)**

ଫୁଲବାଣୀ ଟାଉନ ଥାନା ପୋଲିସ ଏକ ଡକାୟତି ଘଟଣାରେ ୩ ଜଣ ଲୁଟେରାଙ୍କୁ ଗିରଫ କରିଛି। ସେମାନେ ହେଲେ ଫୁଲବାଣୀ ସହର ମୁଣ୍ଡିଆସାହିର ଶିବ ନାୟକ, ରାଜେଶ ନାୟକ, ଗୋଚ୍ଛାପଡା ଥାନା କଟ୍ରିଙ୍ଗିଆ ଗ୍ରାମର ଦୀପକ ଦିଗାଲ। ମିଳିଥିବା ସୂଚନା ଅନୁସାରେ ଫୁଲବାଣୀ ବିପିଆଇଟିରେ ସୁନୀଲ ସ ରହି ପଢୁଛନ୍ତି। ଗତ ୧୪ ତାରିଖ ରାତି ସାଢ଼େ ୭ଟାରେ ସେ ଫୁଲବାଣୀ ଜିଲା ମୁଖ୍ୟ ଚିକିତ୍ସାଳୟକୁ ଆସିଥିଲେ। ସେଠାରୁ ତାଙ୍କ ଭାଇ ଓ ଜଣେ ସାଙ୍ଗ ସହ ବିପିଆଇଟି ଫେରୁଥିବା ବେଳେ ମୁଣ୍ଡିଆସାହି ପାଖରେ ସମ୍ପୃକ୍ତ ୩ ଯୁବକ ସେମାନଙ୍କୁ ଅଟକାଇ ଲୁଟ କରିଥିଲେ। ସେମାନଙ୍କ ପାଖରୁ ଏକ ମୋବାଇଲ ଫୋନ ଏବଂ ୭୦୦ ଟଙ୍କା ଛଡାଇ ନେଇଥିଲେ। ଏକ ଛୁରୀ ଦେଖାଇ ସେମାନଙ୍କୁ ଭୟଭୀତ କରିବା ସହ ଘଟଣାସ୍ଥଳରୁ ଫେରାର ହୋଇ ଯାଇଥିଲେ। ଘଟଣା ନେଇ ସୁନୀଲ ଟାଉନ ଥାନାରେ ଅଭିଯୋଗ କରିଥିଲେ। ପୋଲିସ ୧୬/୨୫ରେ ମାମଲା ରୁଜୁ କରି ଘଟଣାର ତଦନ୍ତ ଆରମ୍ଭ କରିଥିଲା। ଲୁଟ ହୋଇଥିବା ଟଙ୍କା ସହ ମୋବାଇଲ ଜବତ ହୋଇଛି। ସମସ୍ତ ୩ ଯୁବକଙ୍କୁ କୋର୍ଟ ଚାଲାଣ କରାଯାଇଛି ବୋଲି ଥାନାଧିକାରୀ ପି.ସ୍ୱରୂପ କିଶାନ ସୂଚନା ଦେଇଛନ୍ତି।

## ଯୌତୁକ ପାଇଁ ମହିଳାଙ୍କୁ ହତ୍ୟା ଅଭିଯୋଗ

**ଛେଣ୍ଡିପଦା,୧୫।୧ (ଅଜିତ ଧଳ)**

ଅଧିକ ଯୌତୁକ ପାଇଁ ଅନୁଗୋଳ ଜିଲା ବାଗଡ଼ିଆ ଥାନା ପାତ୍ରପଡ଼ା ଗାଁର ଅର୍ଜୁନ ନାଏକଙ୍କ ସ୍ତ୍ରୀ ଉଷା ନାଏକଙ୍କୁ ଶାଶୁଘର ଲୋକେ ହତ୍ୟା କରିଥିବା ଥାନାରେ ଅଭିଯୋଗ ହୋଇଛି। ପୋଲିସ ଛେଣ୍ଡିପଦା ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ରରୁ ମହିଳାଙ୍କ ମୃତଦେହ ଜବତ କରି ତଦନ୍ତ ଚଳାଇଛି।

ପୋଲିସ କହିଛି, ଛେଣ୍ଡିପଦା ଥାନା ଜାମୁନାଳି ଗ୍ରାମର ଉଷାଙ୍କୁ ଅଧିକ ଯୌତୁକ ପାଇଁ ଶାଶୁ ଘର ଲୋକେ ଶାରୀରିକ ଓ ମାନସିକ ନିର୍ଯାତନା ଦେଉଥିଲେ। ସୋମବାର ତାଙ୍କୁ ମାରପିଟ କରାଯାଇଥିଲା। ଖବରପାଇ ଉଷାଙ୍କ ବଡ଼ବାପା ପାତ୍ରପଡ଼ା ଯାଇ ଶାଶୁଘର ଲୋକଙ୍କ ସହ କଥା ହୋଇ ଫେରିଥିବା ବେଳେ ରାତିରେ ହଠାତ ଉଷା ରଶି ଲଗାଇ ଆତ୍ମହତ୍ୟା କରିଥିବା ବାପଘର ଲୋକେ ଖବର ପାଇଥିଲେ। ଛେଣ୍ଡିପଦା ମେଡିକାଲରେ ଉଷାଙ୍କ ମୃତଦେହ ପଡ଼ିଥିବା ଦେଖି ତାଙ୍କୁ ହତ୍ୟା କରାଯାଇଥିବା ସନ୍ଦେହ କରିଥିଲେ। ଯୌତୁକ ପାଇଁ ଶାଶୁ ଘର ଲୋକ ଉଷାଙ୍କୁ ହତ୍ୟା କରିଥିବା ତାଙ୍କ ବାପା ଲିଖିତ ଅଭିଯୋଗ କରିବା ପରେ ନଂ. ୧୧/୨୫ରେ ଏକ ହତ୍ୟା ମାମଲା ରୁଜୁ କରାଯାଇଛି। ସାଇଣ୍ଟିଫିକ ଟିମ୍ ସହାୟତାରେ ପୋଲିସ ପାତ୍ରପଡା ଗ୍ରାମକୁ ଯାଇ ତଦନ୍ତ କରିଛି। ମାଜିଷ୍ଟ୍ରେଟଙ୍କ ଉପସ୍ଥିତିରେ ମହିଳାଙ୍କ ମୃତଦେହ ବ୍ୟବଚ୍ଛେଦ କରାଯିବା ସହ ସ୍ୱାମୀ ଅର୍ଜୁନଙ୍କୁ ପୋଲିସ ଗିରଫ କରାଯାଇଥିବା ପୋଲିସ ପ୍ରକାଶ କରିଛି।

## ପୁରୁଷବନ୍ଧୁଙ୍କ ସହ ଝଗଡ଼ାରୁ ଚରମ ନିଷ୍ପତ୍ତି

### ଛାତ୍ରୀନିବାସରୁ ଉତ୍କଳିକାଙ୍କ ମୃତଦେହ ଜବତ ଘଟଣା

**ଭୁବନେଶ୍ୱର,୧୫।୧ (ସୂର୍ଯ୍ୟକାନ୍ତ ବେହେରା)**

ଭୁବନେଶ୍ୱର ଉତ୍କଳ ସଙ୍ଗୀତ ମହାବିଦ୍ୟାଳୟର ଛାତ୍ରୀନିବାସ ରୁମ୍ ନମ୍ବର ୨୧ରୁ ଓଡ଼ିଶୀ ବିଭାଗର ଛାତ୍ରୀ ଉତ୍କଳିକା ସ୍ୱାଇଁଙ୍କ ଝୁଲନ୍ତା ମୃତଦେହ ମିଳିବା ଘଟଣାରେ କ୍ୟାପିଟାଲ ପୋଲିସ ଅଧିକ ତଦନ୍ତ ଜାରି ରଖିଛି। ପ୍ରାଥମିକ ତଦନ୍ତରୁ ଏହା ଆତ୍ମହତ୍ୟା ଘଟଣା ବୋଲି ସନ୍ଦେହ କରାଯାଉଥିଲେ ମଧ୍ୟ ଏହା ପଛର କାରଣ ଜାଣିବାକୁ ପୋଲିସ ଉତ୍କଳିକାଙ୍କ ମୋବାଇଲକୁ ଜବତ କରି ଖୋଳତାଡ଼ କରିବାରୁ ଏହା ପ୍ରେମଜନିତ ବୋଲି ପୋଲିସ ଆଶଙ୍କା କରିଛି। କୌଣସି କାରଣରୁ ପୁରୁଷବନ୍ଧୁଙ୍କ ସହ ଝଗଡ଼ା ହେବାରୁ ଉତ୍କଳିକା ଏଭଳି ନିଷ୍ପତ୍ତି ନେଇଥିବା ଅନୁମାନ କରାଯାଉଛି। ପୁରୁଷବନ୍ଧୁ ଜଣଙ୍କ ଉତ୍କଳିକାଙ୍କୁ ୩୮ଥର କଲ୍ କରିଥିଲେ ମଧ୍ୟ ସେ ଫୋନ୍ ଉଠାଇ ନ ଥିବା ଜବତ ମୋବାଇଲ ଓ ପୁରୁଷବନ୍ଧୁଙ୍କୁ ଡାକି ପଚରାଉଚରା ବେଳେ ପୋଲିସ ଜାଣିବାକୁ ପାଇଛି। ହେଲେ ଆତ୍ମହତ୍ୟା ପାଇଁ ପୁରୁଷବନ୍ଧୁ ଜଣଙ୍କ ପ୍ରବର୍ତ୍ତାଇଛନ୍ତି କି ନାହିଁ ତାହା ଉପରେ ପୋଲିସ ଅଧିକ ତଦନ୍ତ ଚଳାଇଛି।

ସୂଚନାନୁସାରେ, ଉକ୍ତ ହଷ୍ଟେଲର ରୁମ୍ ନଂ. ୨୧ରେ ଉତ୍କଳିକା ଅନ୍ୟ ଦୁଇ ଛାତ୍ରୀଙ୍କ ସହ ରହୁଥିଲେ। ଛୁଟିରେ ତାଙ୍କ ଦୁଇ ରୁମ୍‌ମେଟ୍ ଘରକୁ ପଳାଇ ଯାଇଛନ୍ତି। ଉତ୍କଳିକା ଛୁଟି ଆବେଦନ କରିଥିଲେ ମଧ୍ୟ ଘରକୁ ନ ଯାଇ ହଷ୍ଟେଲରେ ରହିଥିଲେ। ସୋମବାର ସକାଳ ପାଖାପାଖି ୯ଟା ସମୟରେ ଫ୍ୟାନ୍‌ରେ ଏକ କଳା ଓଢ଼ଣି ସାହାଯ୍ୟରେ ଝୁଲୁଥିବା ଅନ୍ୟ ସହପାଠୀମାନେ ଦେଖି ଚିତ୍କାର କରିବାରୁ ଘଟଣା ଜଣାପଡ଼ିଥିଲା।

## ଭ୍ରାଇଁଙ୍କୁ ଆଜୀବନ ଜେଲ୍

### ସାଲକଟା ଉପେନ୍ଦ୍ର ସେଠୀ ହତ୍ୟା ଘଟଣା

**ବୌଦ୍ଧ,୧୫।୧ (ଅଜିତ କୁମାର ବାରିକ)**

ବୌଦ୍ଧ ଅତିରିକ୍ତ ଜିଲା ଦୌରାଜଜ୍ ସରୋଜିନୀ ପତି ବୁଧବାର ଏକ ହତ୍ୟା ମାମଲାର ବିଚାର କରି ଅଭିଯୁକ୍ତଙ୍କୁ ଆଜୀବନ କାରାଦଣ୍ଡାଦେଶ ସହ ୫ ହଜାର ଟଙ୍କା ଜରିମାନାଦେଶ ପ୍ରଦାନ କରିଛନ୍ତି । ପୁରୁଣାକଟକ ଥାନା ସାଲକଟାର ଉପେନ୍ଦ୍ର ସେଠୀଙ୍କ ଝିଅ ବନିତାଙ୍କୁ ହରଭଙ୍ଗା ଥାନା ସାତଖଣ୍ଡର ନିରଞ୍ଜନ ସେଠୀ (୩୬) ବିବାହ କରିଥିଲେ। ଉଭୟଙ୍କ ମଧ୍ୟରେ ବିବାହ ପରଠାରୁ କଳି ଲାଗି ଆସୁଥିଲା। ନିରଞ୍ଜନ ସ୍ତ୍ରୀ ବନିତା ଓ ପୁଅ ସହ ପୁରୁଣାକଟକଠାରେ ଏକ ଭଡା ଘରେ ରହୁଥିଲେ । ଗତ ତା୨୮।୮।୨୦୧୬ ରିଖରେ ନିରଞ୍ଜନ ବନିତାଙ୍କ ସହ କଳି କରିବାରୁ ସେ ପାଖରେ ଥିବା ବାପଘର ସାଲକଟାକୁ ପଳାଇ ଯାଇଥିଲେ। ତେବେ ସେହି ଦିନ ନିରଞ୍ଜନ ଶଶୁର ଘର ଯାଇ ଶଶୁର ଉପେନ୍ଦ୍ରଙ୍କୁ ଭଡାରେ ରହୁଥିବା ପୁରୁଣାକଟକ ନେଇ ଆସିଥିଲେ । କିନ୍ତୁ ଏହାର ପରଦିନ ସକାଳ ୮ଟା ବେଳେ ଉପେନ୍ଦ୍ରଙ୍କ ମୃତଦେହ ପୁରୁଣାକଟକ ସ୍ୱାସ୍ଥ୍ୟକେନ୍ଦ୍ର ପଛପଟେ ଥିବା ଏକ ଗଛ ଲଟା ତଳେ ପଡିଥିବା ଦେଖିବାକୁ ମିଳିଥିଲା । ସ୍ଥାନୀୟ ଲୋକ ଖବର ଦେବା ପରେ ମୃତ ଉପେନ୍ଦ୍ରଙ୍କ ଭାଇ ରାଜେନ୍ଦ୍ର ଘଟଣାସ୍ଥଳକୁ ଯାଇଥିଲେ। ଭ୍ରାଇଁ ନିରଞ୍ଜନ ଭାଇ ଉପେନ୍ଦ୍ରଙ୍କୁ ମାରି ଏଠାରେ ପକାଇଥିବା ନେଇ ଗତ ୨୯।୮।୨୦୧୬ରେ ପୁରୁଣାକଟକ ଥାନାରେ ଅଭିଯୋଗ କରିଥିଲେ। ପୋଲିସ ଏକ ହତ୍ୟା ମାମଲା ରୁଜୁ କରି କରିଥିଲା । ପରେ ଫେରାର ନିରଞ୍ଜନଙ୍କୁ ଗିରଫ କରି କୋର୍ଟ ଚାଲାଣ କରିଥିଲା । ପରବର୍ତ୍ତୀ ସମୟରେ ମାମଲା ବୌଦ୍ଧ ଅତିରିକ୍ତ ଜିଲା ଦୌରାଜଜଙ୍କ କେସ ନଂ ଏସଟି ୧୪/୨୨ ହୋଇ ବିଚାର ହୋଇଥିଲା। ସରକାରଙ୍କ ପକ୍ଷରୁ ୧୪ ଜଣ ସାକ୍ଷୀଙ୍କ ବୟାନକୁ ଭିତ୍ତିକରି ଅଦାଲତ ପ୍ରମାଣ ଥିବା ନେଇ ଅଭିଯୁକ୍ତ ନିରଞ୍ଜନ ସେଠୀଙ୍କୁ ଆଜୀବନ କାରାଦଣ୍ଡାଦେଶ ଦେବା ସହ ୫ ହଜାର ଟଙ୍କା ଜରିମାନା ଆଦେଶ ଦେଇଛନ୍ତି । ମାମଲାକୁ ସରକାରୀ ଓକିଲ ଦେବରଞ୍ଜନ ମହାକୁଡ ପରିଚାଳନା କରୁଥିଲେ।

## ଆନ୍ଧ୍ର-ଓଡ଼ିଶାର ୨ ଗୋଷ୍ଠୀ ମଧ୍ୟରେ ମାରପିଟ, ୯ ଅଟକ

**ରାୟଗଡ଼ା,୧୫।୧(ଆଶିଷ ରଞ୍ଜନ ପଣ୍ଡା)**

ରାୟଗଡ଼ା ଜିଲା ଶେଷଖାଲ ଥାନା ଅନ୍ତର୍ଗତ ନାଗାବଳୀ ନଦୀ ପଠାରେ ମଦ୍ୟପାନକୁ କେନ୍ଦ୍ର କରି ଓଡ଼ିଶା ଓ ଆନ୍ଧ୍ରପ୍ରଦେଶର ଦୁଇ ଗୋଷ୍ଠୀ ମଧ୍ୟରେ ମାରପିଟ ହୋଇଛି। ଆନ୍ଧ୍ର ଯୁବକଙ୍କୁ ପୋଲିସ ବୁଝାଶୁଝା କରିବା ସମୟରେ ଏସ୍‌ଆଇ ଅଶୋକ ଖ୍ରିନବୁଡ଼ିଙ୍କୁ ମଧ୍ୟ ଆକ୍ରମଣ କରିଥିଲେ। ଏହି ଘଟଣାରେ ପୋଲିସ ୯ ଜଣଙ୍କୁ ଅଟକ ରଖି ପଚରାଉଚରା କରୁଛି।

ଘଟଣାରୁ ପ୍ରକାଶ, ରାୟଗଡ଼ା ବ୍ଲକ କେରେଡା ପଞ୍ଚାୟତ ଅନ୍ତର୍ଗତ ଅଣିଜା ଗାଁ ନିକଟ ନାଗାବଳୀ ନଦୀ ପଠାରେ ମଙ୍ଗଳବାର ଆନ୍ଧ୍ରପ୍ରଦେଶ ତୁଳସିବାଲସା ଗ୍ରାମର ୪ ଜଣ ଯୁବକ ମଦ୍ୟପାନ କରୁଥିଲେ। ଏହାକୁ କେରେଡା ଗ୍ରାମର ଯୁବକମାନେ ବିରୋଧ କରିବାରୁ ନିଶାସକ୍ତ ଅବସ୍ଥାରେ ଥିବା ତୁଳସୀବାଲସା ଗ୍ରାମର ଯୁବକମାନେ ସେମାନଙ୍କୁ ଆକ୍ରମଣ କରିଥିଲେ। ସ୍ଥାନୀୟ ଗ୍ରାମବାସୀ ଏହାର ପ୍ରତିବାଦ କରିବାରୁ ସେମାନେ ପଳାଇଥିଲେ। ତେବେ ବିଳମ୍ବିତ ରାତିରେ ସେମାନେ ପୁଣି ଓଡ଼ିଶା ଭିତରେ ପ୍ରବେଶ କରି କେରେଡା ଗ୍ରାମର କେତେଜଣ ଲୋକଙ୍କ ଘରେ ପଶି ଗଣ୍ଡଗୋଳ କରିବା ସହ ଜଣେ ମହିଳା କେ. ସୀମାଞ୍ଚଳମଙ୍କୁ ଅସଭ୍ୟ ଭାଷାରେ ଗାଳିଗୁଲଜ କରିଥିଲେ। ଖବରପାଇ ଶେଷଖାଲ ପୋଲିସ କେରେଡା ଯାଇ ଉକ୍ତ ଯୁବକଙ୍କୁ ବୁଝାଶୁଝା କରିବା ସମୟରେ ପୋଲିସ ଏସ୍‌ଆଇ ଅଶୋକ ଖ୍ରିନବୁଡ଼ିଙ୍କୁ ମଧ୍ୟ ଆକ୍ରମଣ କରିଥିଲେ। ପରେ କେରେଡା ଗ୍ରାମର ମହିଳା କେ. ସୀମାଞ୍ଚଳମଙ୍କ ଅଭିଯୋଗ ପରେ ପୋଲିସ କେସ ନଂ ୩ରେ ଏକ ମାମଲା ରୁଜୁ କରି ୯ ଜଣଙ୍କୁ ଶେଷଖାଲ ଥାନାରେ ଅଟକ ରଖିଛି। ଏହି ଘଟଣାର ତଦନ୍ତ ଚାଲିଥିବା ଆଇଆଇସି ମୁନି ଆଚାର୍ଯ୍ୟ କହିଛନ୍ତି।

## ମହିଳା ମାଓବାଦୀଙ୍କ ଆତ୍ମସମର୍ପଣ

**ମାଲକାନଗିରି,୧୫।୧(ଦୁର୍ଯ୍ୟୋଧନ ପାତ୍ର)**



ଛତିଶଗଡ଼ର କୋଣ୍ଡାଗାଓରେ ଜଣେ ୧ ଲକ୍ଷ ଟଙ୍କା ପୁରସ୍କାର ଘୋଷିତ ମହିଳା ମାଓବାଦୀ ବୁଧବାର ଆତ୍ମସମର୍ପଣ କରିଛନ୍ତି। ସେ ହେଲେ ଲଳିତା। ସେ ମାଓବାଦୀ ସଂଗଠନରେ ଡିଭିସିଏମ୍ କ୍ୟାଡର ଭାବେ କାର୍ଯ୍ୟ କରୁଥିଲେ। ଅନେକ ହିଂସାକାଣ୍ଡରେ ଲଳିତା ଜଡିତ ଥିବା ବେଳେ ତାଙ୍କ ନାମରେ ୧ ଲକ୍ଷ ଟଙ୍କାର ପୁରସ୍କାର ଘୋଷଣା କରିଥିଲେ ଛତିଶଗଡ ସରକାର। ତେବେ ଦିନକୁ ଦିନ ପୋଲିସ ପକ୍ଷରୁ ତଲାସି ଅଭିଯାନ ବଢିଥିବା ସହ ସଂଗଠନ ନିଜର ନୀତି ଆଦର୍ଶରୁ ଓହରିଯାଇଥିବା ବେଳେ ଲଳିତା ସାଧାରଣ ଜୀବନ ଯାପନ ପାଇଁ ନିଷ୍ପତ୍ତି ନେଇ କୋଣ୍ଡାଗାଓ ଏସ୍‌ପିଙ୍କ ନିକଟରେ ଆତ୍ମସମର୍ପଣ କରିଛନ୍ତି।

## ଢଗଢମାଳି

(କ୍ରମେ ଲୋକମୁଖରୁ ଓ ଜନମାନସରୁ ବିସ୍ମୃତ ହେଉଥିବା ଢଗଢମାଳିକୁ ପାଠିକା-ପାଠକଙ୍କ ନିକଟରେ ପହଞ୍ଚାଇବା ସକାଶେ ଧରିତ୍ରୀର ପ୍ରୟାସ)


**ଡାହାଣୀ ହୋଇ ଲାଗିବା**
**ଗୁଣିଆ ହୋଇ ଝାଡ଼ିବା।**

କିଛି ବ୍ୟକ୍ତି ଏପାଖରେ କ୍ଷତି କରି ସେପାଖରେ ସମାଧାନ ବା ତା'ର ପ୍ରତିକାର ବାହାର କରୁଥିବା ଦେଖିବାକୁ ମିଳିଥାଏ। ଏପରି ଦୁଇ ପ୍ରକାର ଅଭିନୟ କରୁଥିବା ଧୂର୍ତ୍ତ ବ୍ୟକ୍ତିଙ୍କ ପ୍ରତି ଏଭଳି ଉକ୍ତି ପ୍ରକାଶ କରାଯାଇଛି।

**ଢୋଲ ବାଜିଲା ମହୁରୀ ବାଜିଲା**
**ବାଜିଲା ଯୋଡି ମହୁରୀ**
**ଗୋରୀ ହାତ ପାନ ବଡ଼ ସୁଆଦ ଲୋ**
**ମନରୁ ଯିବନି ଭୁଲି।**

ଯାହା ସହ ଯାହା ମନ ଥରେ ମିଶିଯାଏ ସେ ତା' ମନରେ ଘର କରିଯାଏ। ଶୟନେ ସପନେ ଜାଗରଣେ କେବଳ ତା'ରି ମୁହଁ ଦେଖାଯିବା ସହ ତା'ରି କଥା ଭାବିହେଉଥାଏ। ପ୍ରେମିକା ସ୍ମୃତିରେ ଅଧୀର ହୋଇପଡୁଥିବା ପ୍ରେମିକ ପ୍ରତି ଏଭଳି ଉକ୍ତି ଉଲ୍ଲେଖ କରାଯାଇଛି।

**ଓଡ଼ିଆ ଢଗଢମାଳି ଓ ରୁଢ଼ି ପ୍ରୟୋଗ – ଏ.କେ. ମିଶ୍ର ପବ୍ଲିଶର୍ସ ପ୍ରା:ଲିଃ**



ବୁଧବାର ଅପରାହ୍ନ ୫ଟାରେ ମହାକାଶରୁ ଉତ୍ତୋଳିତ ପାଣିପାଗର ଚିତ୍ର।

## ମିଥ୍ୟା ନିଯୁକ୍ତି ବିଜ୍ଞାପନକାରୀ ଗିରଫ

**ଫୁଲବାଣୀ, ୧୫।୧ (ରାକେଶ କୁମାର ରାଉତ)**

ଫୁଲବାଣୀ ମେଡିକାଲ କଲେଜରେ ନିଯୁକ୍ତି ଦେବାକୁ ମିଥ୍ୟା ବିଜ୍ଞାପନ ଛପାଇ ହରିଲୁଟ କରୁଥିବା ଜଣେ ଯୁବକଙ୍କୁ ଟାଉନ ଥାନା ପୋଲିସ ଗିରଫ କରିଛି। ଯୁବକ ଜଣକ ହେଲେ କଳାହାଣ୍ଡି ଜିଲା ଜୁନାଗଡ଼ ଥାନା ଚିଚୁଗୁଡା ଗ୍ରାମର ଲକ୍ଷ୍ମୀକାନ୍ତ ମେହେର(୩୭)। ସୂଚନାଯୋଗ୍ୟ, ଫୁଲବାଣୀରେ ନୂତନ ଭାବେ ଏକ ମେଡିକାଲ କଲେଜ ଖୋଲିବାକୁ ଯାଉଛି। ଏଠାରେ ନିଯୁକ୍ତି ଦେବାକୁ କହି ସମ୍ପୃକ୍ତ ବ୍ୟକ୍ତି ଜଣକ ବିଭିନ୍ନ ସ୍ଥାନରେ ପୋଷ୍ଟର ଲଗାଇ ଯୋଗାଯୋଗ ପାଇଁ ଫୋନ ନଂ ଦେଇଥିଲେ। ଏହି ଘଟଣା ଜଣାପଡିବା ପରେ ଜିଲା ମୁଖ୍ୟ ଚିକିତ୍ସାଳୟ ଜିଲା ଚିକିତ୍ସା ଅଧିକାରୀ ଦାୟିତ୍ୱରେ ଥିବା ଡା.ଅକ୍ଷୟ କୁମାର ସାହୁ ଥାନାରେ ଏତଲା ଦେଇଥିଲେ। ଏଥିରେ ଦର୍ଶାଇ ଥିଲେ କି ମେଡିକାଲ ତରଫରୁ କୌଣସି ବିଜ୍ଞାପନ ବାହାରି ନାହିଁ। ଏହା ସମ୍ପୂର୍ଣ୍ଣ ଭାବେ ମିଥ୍ୟା ବିଜ୍ଞାପନ। ପୋଲିସ ଏହି ଘଟଣାରେ ୧୭/୨୫ରେ ମାମଲା ରୁଜୁକରି ଘଟଣାର ତଦନ୍ତ ଆରମ୍ଭ କରିଥିଲା। ମିଥ୍ୟା ବିଜ୍ଞାପନ ଛାପିଥିବା ଯୁବକ ଲକ୍ଷ୍ମୀକାନ୍ତଙ୍କୁ ଆମେ ଗିରଫ କରିଛୁ। ତାଙ୍କୁ ଦୈନିକ ଚାକିରି ପାଇଁ ୫ରୁ ୬ଟି କଲ୍ ଆସୁଥିବା ସେ ମାନିଛନ୍ତି। ତାଙ୍କ ପାଖରୁ ମୋବାଇଲ ଏବଂ ସେହି ସିମ୍ କାର୍ଡକୁ ଜବତ କରାଯାଇଛି। ଘଟଣାର ଅଧିକ ତଦନ୍ତ ଚାଲିଛି। ଗୁରୁବାର ତାଙ୍କୁ କୋର୍ଟ ଚାଲାଣ କରାଯିବ ବୋଲି ଥାନାଧିକାରୀ ପି.ସ୍ୱରୂପ କିଷାନ ସୂ ଚନା ଦେଇଛନ୍ତି।


ଲକ୍ଷ୍ମୀକାନ୍ତ ମେହେର

## ଦିନ ଦ୍ୱିପ୍ରହରରେ ମରଣାନ୍ତକ ଆକ୍ରମଣକରି ୧୫ଲକ୍ଷ ଲୁଟ୍

**ରାଇଘର, ୧୫।୧(କିରଣ ପଟ୍ଟନାୟକ)**

ନବରଙ୍ଗପୁର ଜିଲାରେ ମୁଖାପିନ୍ଧା ଦୁର୍ବୃତ୍ତ ମାତିଛନ୍ତି। ମାରଣାସ୍ତ୍ର ଦେଖାଇ ଲୁଟ୍ କରୁଛନ୍ତି। ଗତ ୧୩ ତାରିଖରେ ନବରଙ୍ଗପୁର ସହର ଦାରୁବନ୍ଧ ସାହିରେ ବ୍ୟବସାୟୀ ସରୋଜ ମହାନ୍ତିଙ୍କ ସ୍ତ୍ରୀଙ୍କ ହାତ ପାଟି ବାନ୍ଧି ବେକରେ ଛୁରି ଲଗାଇ ୨୦ଲକ୍ଷ ଟଙ୍କା ଓ ୧୦ ଭରି ସୁନା ଅଳଙ୍କାର ଲୁଟି ନେଇଥିଲେ। ଏହି ଘଟଣାର ୪୮ ଘଣ୍ଟା ମଧ୍ୟରେ ନବରଙ୍ଗପୁର ଜିଲାରେ ପୁଣି ଏକ ବଡ଼ ଧରଣର ଲୁଟ୍ ହୋଇଛି। ରାଇଘର ଅଞ୍ଚଳରେ ବୁଧବାର ଦ୍ୱିପ୍ରହରରେ ୬ଜଣ ମୁଖାପିନ୍ଧା ଦୁର୍ବୃତ୍ତ ଠେଙ୍ଗାବାଡ଼ିରେ ଆକ୍ରମଣକରି ୧୫ଲକ୍ଷ ଟଙ୍କା ଲୁଟ୍ କରିଛନ୍ତି। ଉଭୟ ଘଟଣାରେ ଏବେ ପର୍ଯ୍ୟନ୍ତ ପୋଲିସ ହାତ ଖାଲି। ଏହାକୁନେଇ ଅସନ୍ତୋଷ ବ୍ୟକ୍ତ କରିଛନ୍ତି ଅଞ୍ଚଳବାସୀ।

ସୂଚନାନୁଯାୟୀ, ରାଇଘର ବ୍ଲକ୍ ମୁସଲିମ ସାହିର ବ୍ୟବସାୟୀ ଅବଦୁଲ ଅନ୍‌ସାରି ନିଜ ୨ ଜଣ କର୍ମଚାରୀ ଗୁଞ୍ଜୁ ଧୋବା ଓ ଯୁନୁଷ ଲାଠିଆଙ୍କ ସହ ପୂର୍ବାହ୍ନ ୧୦ଟା ୩୦ରେ ପାରୁଆ ପଞ୍ଚାୟତ ଛତାବେଡ଼ା ସାପ୍ତାହିକ ହାଟକୁ ଯାଉଥିଲେ। ଏହି ସମୟରେ ୬ ଜଣ ମୁଖାପିନ୍ଧା ବ୍ୟକ୍ତି ସେମାନଙ୍କୁ ଅଟକାଇଥିଲେ। ସେମାନେ ଅତର୍କିତଭାବେ ସମସ୍ତଙ୍କୁ ଠେଙ୍ଗାରେ ଆକ୍ରମଣକରି ଟଙ୍କା ବ୍ୟାଗ୍ ଧରି ଚମ୍ପଟ ମାରିଥିଲେ। ଗୁରୁତର ଅବସ୍ଥାରେ ସେମାନଙ୍କୁ ରାଇଘର ମେଡିକାଲରେ ଭର୍ତ୍ତିକରାଯାଇଛି। ସେଠାରେ ସମସ୍ତଙ୍କ ଚିକିତ୍ସା ଜାରି ରହିଛି। ଏସ୍‌ଆଇ ମନୋଜ ବେହେରା ଘଟଣାର ତଦନ୍ତ କରୁଛନ୍ତି। ଉମରକୋଟ ଏସ୍‌ଡିପିଓ ମୀନାକ୍ଷୀ ଠାକୁର ମଧ ଘଟଣାର ଯାଞ୍ଚ କରୁଛନ୍ତି।


ଡାକ୍ତରଖାନାରେ ଅବଦୁଲ ଅନ୍‌ସାରିଙ୍କ ଚିକିତ୍ସା ଚାଲିଛି।

## ସଂଘବଦ୍ଧ ଆକ୍ରମଣରେ ଯୁବକଙ୍କ ମୃତ୍ୟୁ, ମା' ଆହତ: ୬ ଗିରଫ

**ବାଙ୍କୀ, ୧୫।୧( ଶୁଭେନ୍ଦୁ ମହାପାତ୍ର)**

କଟକ ଜିଲା ବାଙ୍କୀ ଥାନା ଅନ୍ତର୍ଗତ ରତାଗଡ଼ ଗୋବିନ୍ଦପୁର ପଞ୍ଚାୟତରେ ଘଟିଯାଇଛି ଏକ ଅଭାବନୀୟ ଘଟଣା ଘଟିଛି। ପୂର୍ବ ଶତ୍ରୁତାକୁ କେନ୍ଦ୍ରକରି ସଂଘବଦ୍ଧ ଆକ୍ରମଣରେ ଜଣେ ଯୁବକଙ୍କ ମଙ୍ଗଳବାର ବିଳମ୍ବିତ ରାତିରେ ମୃତ୍ୟୁ ଘଟିଛି। ବୁଧବାର ଥାନାରେ ଅଭିଯୋଗ ପରେ ପୋଲିସ ଏହି ଘଟଣାରେ ସମ୍ପୃକ୍ତ ୬ ଜଣକୁ ଗିରଫ କରିଛି।

ପୋଲିସ ସୂଚନା ମୁତାବକ, ଗୋବିନ୍ଦପୁର ଗ୍ରାମର ପଞ୍ଚାନନ ସାହୁଙ୍କ ଏକମାତ୍ର ପୁଅ ସୁମନ୍ତ (୨୬) ବଡ଼ବିଲରେ ଏକ କମ୍ପାନୀରେ କାର୍ଯ୍ୟକରି ପରିବାର ପୋଷଣ କରୁଥିଲେ। ରବିବାର ସୁକାନ୍ତ ଛୁଟିରେ ଘରକୁ ଆସିଥିଲେ। ମଙ୍ଗଳବାର ବାଙ୍କୀ ଓ ତିଗିରିଆ ଥାନା ବଡ଼ବନ୍ଧିଆଣି ମକର ଯାତ୍ରା ଦେଖି ଘରକୁ ରାତିରେ ଫେରୁଥିଲେ। ବାଟରେ ଥିବା ଚତର ପୋଖରୀ ଶଙ୍ଖଠାରେ ପୂର୍ବରୁ ଜଗି ରହିଥିବା ଦୁର୍ବୃତ୍ତମାନେ ସୁମନ୍ତଙ୍କୁ ଅଟକାଇଥିଲେ। ପୂର୍ବରୁ ଘଟିଥିବା ଏକ ଘଟଣାକୁ ନେଇ ସେମାନଙ୍କ ମଧ୍ୟରେ ଯୁକ୍ତିତର୍କ ହୋଇଥଲା। ପରେ ଦୁର୍ବୃତ୍ତମାନେ ସୁମନ୍ତଙ୍କୁ ସଂଘବଦ୍ଧ ଭାବେ ଆକ୍ରମଣ କରିଥିଲେ। ପୁଅକୁ ଆକ୍ରମଣ ଖବର ପାଇ ସୁକାନ୍ତଙ୍କ ମା' ସୁଷମା, ଭଉଣୀ ସୁମିତ୍ରା ଘଟଣାସ୍ଥଳରେ ପହଞ୍ଚି ପୁଅକୁ ରକ୍ଷା କରିବାକୁ ଉଦ୍ୟମ କରିଥିଲେ। ହେଲେ ଦୁର୍ବୃତ୍ତମାନେ ସୁଷମାଙ୍କୁ ମଧ୍ୟ ଆକ୍ରମଣ କରିଥିଲେ। ଖବର ପାଇ ଗାଁ ଲୋକ ଘଟଣାସ୍ଥଳରେ ପହଞ୍ଚି ପୋଲିସକୁ ସୂଚନା ଦେବା ସହ ଚିକିତ୍ସା ଲାଗି ସୁମନ୍ତଙ୍କୁ ସୁବର୍ଣ୍ଣପୁର ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ରରେ ଭର୍ତ୍ତି କରିଥିଲେ। ଅବସ୍ଥା ଗୁରୁତର ଦେଖି ଡାକ୍ତର କଟକ ବଡ଼ ଡାକ୍ତରଖାନାକୁ ତାଙ୍କୁ ସ୍ଥାନାନ୍ତର କରିଥିଲେ। ସେଠାରେ ଡାକ୍ତର ସୁମନ୍ତଙ୍କୁ ମୃତ ଘୋଷଣା କରିଥିଲେ। ଖବରପାଇ ସୁବର୍ଣ୍ଣପୁର ବିଟ୍ ହାଉସ ଅଧିକାରୀ ପ୍ରସନ୍ନ କୁମାର ମାହାଳି ଘଟଣାର ତଦନ୍ତ କରି ବାଙ୍କୀ ଥାନା ଅଧିକାରୀଙ୍କୁ ଜଣାଇଥିଲେ। ପରେ ଆଇଆଇସି ଦିଲୀପ କୁମାର ମର୍ଦ୍ଦରାଜ ଭୂୟାଁ ଘଟଣାସ୍ଥଳରେ ପହଞ୍ଚି ତଦନ୍ତ କରିଥିଲେ। ମୃତ ସୁମନ୍ତଙ୍କ ମା' ଥାନାରେ ବୁଧବାର ୧୧ ଜଣଙ୍କ ନାମରେ ଲିଖିତ ଅଭିଯୋଗ କରିଛନ୍ତି। ଅଭିଯୋଗକୁ ଭିତ୍ତିକରି ପୋଲିସ ୬ ଜଣଙ୍କୁ ଗିରଫ କରିଛି। ଏ ନେଇ ଥାନାରେ ନଂ. ୧୬/୨୫ରେ ମାମଲା ରୁଜୁ ହୋଇଛି। ଅନ୍ୟପକ୍ଷେ ଏକ ମାତ୍ର ରୋଜଗାରିଆ ପୁଅକୁ ହରାଇ ପରିବାର ଲୋକ ଦୁଃଖରେ ଭାଙ୍ଗି ପଡିଛନ୍ତି। ଏଭଳି ଘଟଣା ପରେ ଅଞ୍ଚଳରେ ଶୋକର ଛାୟା ଖେଳିଯାଇଛି। ବାଙ୍କୀର ପୂର୍ବତନ ବିଧାୟକ ଡ. ଦେବାଶିଷ ପଟ୍ଟନାୟକ ଘଟଣାସ୍ଥଳରେ ପହଞ୍ଚି ଶୋକ ସନ୍ତପ ପରିବାର ବର୍ଗଙ୍କୁ ସାନ୍ତ୍ୱନା ଦେବା ସହ ଘଟଣାର ତଦନ୍ତ କରି ସମ୍ପୃକ୍ତ ଦୁର୍ବୃତ୍ତମାନଙ୍କୁ ଗିରଫ କରିବାକୁ କଟକ ଗ୍ରାମାଞ୍ଚଳ ଏସ୍‌ପି ପ୍ରତୀକ ସିଂଙ୍କ ସହ ଆଲୋଚନା କରିଥିଲେ।


ମୃତକଙ୍କ ପରିବାର ସହ ବାଙ୍କୀର ପୂର୍ବତନ ବିଧାୟକ ଦେବାଶିଷ ପଟ୍ଟନାୟକ ଆଲୋଚନା କରୁଛନ୍ତି।

**ମେ ୫ରୁ ଏସ୍‌ଇଟି**

ନୂଆଦିଲ୍ଲୀ: ପ୍ରତି ବର୍ଷ ଭଳି ଚଳିତ ବର୍ଷ ସିମ୍ବିଓସିସ ଇଣ୍ଟରନ୍ୟାଶନାଲ (ଡିମ୍‌ଡ୍‌ ୟୁନିର୍ଭିସିଟି) ପ୍ରବେଶିକା ପରିକ୍ଷା ମାଧ୍ୟମରେ ଛାତ୍ରୀଛାତ୍ର ଗ୍ରହଣ କରିବ। ଏପରିକି ୨୦୨୫ ମେ’ରୁ ସିମ୍ବିଓସିସ ପ୍ରବେଶିକା ପରୀକ୍ଷା (ଏସଇଟି) ଏବଂ ଏସଆଇଟି ଇଂଜିନିୟରିଂ ପ୍ରବେଶିକା (ଏସଆଇଟିଇଇ) ଅନୁଷ୍ଠିତ ହେବ। ସେହିଭଳି ୨୦୨୫ ଏପ୍ରିଲ ୧୨ ସୁଦ୍ଧା ବିଶ୍ୱବିଦ୍ୟାଳୟର ବିଭାଗୀୟ ପୋର୍ଟାଲରେ ଆବେଦନ ଆମନ୍ତ୍ରଣ କରାଯାଉଛି। ଏପରିକି ଭାରତର ୮୦ଟି ପ୍ରମୁଖ ସହରରେ ଦୁଇଟି ପର୍ଯ୍ୟାୟରେ ଏହି ପରୀକ୍ଷା ଅନୁଷ୍ଠିତ ହେବ। ପ୍ରବେଶିକା ପରୀକ୍ଷା ୨୦୨୫ ମେ ୫ ଓ ୧୧ରେ ଅନୁଷ୍ଠିତ ହେବ ଏବଂ ମଇ ୨୨ରେ ପରୀକ୍ଷା ଫଳ ପ୍ରକାଶ ପାଇବ।


**ଜନ୍ମଦିନର ଶୁଭେଚ୍ଛା**

ନାମ: ................................
ବୟସ:................................
ଜନ୍ମ ତାରିଖ: ..............................



ସସ୍ମିତା
ପରିବାରବର୍ଗ

ଏଠାରେ ୨ X ୨ ସେ.ମି. ଫଟୋ ଲଗାନ୍ତୁ

ସର୍ତ୍ତାବଳୀ: ଏହି କୁପନ ବ୍ୟବହାର କରି ସମ୍ପୂର୍ଣ୍ଣ ମାଗଣାରେ ଜନ୍ମଦିନର ଶୁଭେଚ୍ଛା ଜଣାନ୍ତୁ। ଫଟୋଗ୍ରାଫ ସହିତ କୁପନଟି ପ୍ରକାଶନ ତାରିଖର ୭ ଦିନ ପୂର୍ବରୁ ଜନ୍ମଦିନ ଶୁଭେଚ୍ଛା, ଧରିତ୍ରୀ, ବି-୨୬, ରସୁଲଗଡ ଶିଳ୍ପାଞ୍ଚଳ, ଭୁବନେଶ୍ୱର-୧୦ ଠିକଣାରେ ପହଞ୍ଚିବା ଆବଶ୍ୟକ।


# ୧.୧ ବିଲିୟନ ଟଙ୍କାର ସାମୁଦାୟିକ ନିବେଶ

ନୂଆଦିଲ୍ଲୀ,୧୫।୧ (ଅଭୟ ଦାଶ)

ବେଦାନ୍ତ ଆଲୁମିନିୟମର ବହୁ ପ୍ରତୀକ୍ଷିତ ତଥା ସ୍ଥାୟୀ ବିକାଶ ରିପୋର୍ଟ ୨୦୨୩-୨୪ର ଉନ୍ମୋଚନ ନିକଟରେ ହୋଇଯାଇଛି। ଏହି ରିର୍ପୋଟ ଅନୁଯାୟୀ ବେଦାନ୍ତ ଗ୍ରୀନ୍‌ହାଉସ୍ ଗ୍ୟାସ୍ (ଜିଏଚ୍‌ଜି) ନିର୍ଗମନ ୨୦୧୧-୧୨ ଆର୍ଥିକ ବର୍ଷର ମୂଳସୀମା ତୁଳନାରେ ୨୮.୫% ଜିଏଚ୍‌ଜି ନିର୍ଗମନ ତୀବ୍ରତା ହ୍ରାସକରି କମ୍ପାନୀ ସ୍ଥାୟିତ୍ୱ ଆଡ଼କୁ ଗତି କରିବା ସହ ନୂତନ ମାନଦଣ୍ଡ ସ୍ଥାପନ କରିଛି।

ସେହିଭଳି କମ୍ପାନୀର ଏହି ସଫଳତା ଦାୟିତ୍ୱପୂର୍ଣ୍ଣ ପରିବେଶଗତ ଅଭ୍ୟାସ ଏବଂ ନେଟ୍ ଜିରୋ (ଶୂନ୍ୟ) ଭବିଷ୍ୟତ ପାଇଁ କମ୍ପାନୀର ଦୃଷ୍ଟିକୋଣ ପ୍ରତି ବେଦାନ୍ତର ଅଟଳ ପ୍ରତିବଦ୍ଧତାକୁ ସ୍ପଷ୍ଟ ଭାବେ ଦର୍ଶାଉଛି। କମ୍ପାନୀର ସ୍ଥାୟିତ୍ୱ ଯାତ୍ରା ଏବଂ ସଫଳତାଗୁଡ଼ିକୁ ବେଦାନ୍ତର ସର୍ବଶେଷ

## ବେଦାନ୍ତର ସ୍ଥାୟୀ ବିକାଶ ରିପୋର୍ଟ ୨୦୨୩-୨୪ ଉନ୍ମୋଚିତ

ସ୍ଥାୟୀ ବିକାଶ ରିପୋର୍ଟ ୨୦୨୩-୨୪ରେ ବ୍ୟାପକ ଭାବେ ଆବଣ୍ଟିତ କରାଯାଇଛି, ଯାହାକି ପରିବେଶଗତ ପରିଚାଳନା, ଶାସନ ଏବଂ ସାମୁଦାୟିକ ପଦକ୍ଷେପରେ ଗୁରୁତ୍ୱପୂର୍ଣ୍ଣ ଅଗ୍ରଗତିକୁ ଉଲ୍ଲେଖ କରିଛି।

କମ୍ପାନୀର ସମ୍ପ୍ରଦାୟ ପ୍ରଭାବ ପ୍ରୟାସ ଦୃଢ଼ ରହିଛି ଏବଂ ବିଭିନ୍ନ ସାମୁଦାୟିକ ବିକାଶ ପ୍ରକଳ୍ପ ପାଇଁ ମୋଟ ୧.୧ ବିଲିୟନ ଟଙ୍କା ସାମୁଦାୟିକ ନିବେଶ ଆକାରରେ ଆବଣ୍ଟିତ ହୋଇଛି। ଏହି ପଦକ୍ଷେପଗୁଡ଼ିକ ଦେଶର କିଛି ପଛୁଆ ଅଞ୍ଚଳର ୨୬୯ ଗ୍ରାମର ପ୍ରାୟ ୬,୦୦,୦୦୦ ଲୋକଙ୍କ ଜୀବନକୁ ସକାରାତ୍ମକ ଭାବେ ପ୍ରଭାବିତ କରିଛି। ଅନ୍ତର୍ଭୁକ୍ତିମୂଳକ ଅଭିବୃଦ୍ଧି ଉପରେ ଏହି ଧ୍ୟାନ ସହ ବେଦାନ୍ତ ଆଲୁମିନିୟମ




ସାମାଜିକ ସମାନତା ବୃଦ୍ଧିକରି ଚାଲିଛି ଏବଂ ଏହା ଯେଉଁ ଅଞ୍ଚଳରେ କାର୍ଯ୍ୟ କରୁଛି, ସେହି ଅଞ୍ଚଳର ସାମାଜିକ-ଆର୍ଥିକ ଉନ୍ନତିରେ ଯୋଗଦାନ ଦେଉଛି।

ବେଦାନ୍ତର ଅଣ-କାର୍ଯ୍ୟକାରୀ ନିର୍ଦ୍ଦେଶିକା ପ୍ରିୟା ଅଗ୍ରୱାଲ ହେବର କହିଛନ୍ତି, ଆମେ ଆମର ‘ପରିବର୍ତ୍ତନ ପାଇଁ ଭଲ’ ଦର୍ଶନକୁ ଗ୍ରହଣ କରିବାରେ ଗର୍ବ ଅନୁଭବ କରୁ, ଯାହା ସ୍ଥାୟିତ୍ୱ, ଅନ୍ତର୍ଭୁକ୍ତି ଏବଂ ଅର୍ଥପୂର୍ଣ୍ଣ ସମ୍ପ୍ରଦାୟ ପ୍ରଭାବ ପ୍ରତି ଆମର ଅଟଳ ପ୍ରତିବଦ୍ଧତାକୁ ଗୁରୁତ୍ୱ ଦେଇଥାଏ। ବିଶ୍ୱ ଶକ୍ତି ପରିବର୍ତ୍ତନର ଏକ ପ୍ରମୁଖ ସମର୍ଥକ ଭାବେ ଆମେ ଆଲୁମିନିୟମ ଉତ୍ପାଦନ ଦାୟିତ୍ୱପୂର୍ଣ୍ଣ ଏବଂ ସ୍ଥାୟୀ ଅଭ୍ୟାସଗୁଡ଼ିକୁ ଆବଶ୍ୟକ କରିଥାଉ। ଆମର ଇଏସ୍‌ଜି ନୀତି ଦ୍ୱାରା ପରିଚାଳିତ ୟୁନିଟ୍‌ଗୁଡିକ ୨୦୫୦ ସୁଦ୍ଧା କାର୍ବନ ନିରପେକ୍ଷତା ହାସଲ କରିବା ପାଇଁ ସମର୍ପିତ ଏବଂ ୨୦୭୦ ପାଇଁ ଭାରତର ନେଟ୍ ଜିରୋ ଦୃଷ୍ଟିକୋଣ ସହିତ ସମନ୍ୱିତ ପରିବେଶ-ସଚେତନ କାର୍ଯ୍ୟଗୁଡ଼ିକୁ ଆଗକୁ ବଢ଼ାଇବା ପାଇଁ ଚିନ୍ତିତ ରହିଛୁ। ଆମର କାର୍ଯ୍ୟରେ ନବୀକରଣୀୟ ଶକ୍ତିକୁ ଅନ୍ତର୍ଭୁକ୍ତ କରିବା ଏବଂ ସବୁଜ ଆଲୁମିନିୟମ ଲାଇନ, ରେଷ୍ଟୋରା ଏବଂ ରେଷ୍ଟୋରା ଅଲ୍‌ଟ୍ରା ପ୍ରଚଳନ ସମେତ ସାହସିକ ଜଳବାୟୁ କାର୍ଯ୍ୟ ମାଧ୍ୟମରେ ଆମେ ବିଶ୍ୱସ୍ତରରେ ଦାୟିତ୍ୱପୂର୍ଣ୍ଣ ଶିଳ୍ପ ଅଭିବୃଦ୍ଧି ପାଇଁ ଏକ ମାନଦଣ୍ଡ ସ୍ଥାପନ କରୁଛୁ। ଏକତ୍ର ଆମେ ଲୋକଙ୍କ ପାଇଁ ଏକ ସ୍ଥାୟୀ ଭବିଷ୍ୟତ ସୃଷ୍ଟି କରୁଛୁ। ସେହିଭଳି ବେଦାନ୍ତ ଆଲୁମିନିୟମର ସିଓଓ ସୁନୀଲ ଗୁପ୍ତା କହିଛନ୍ତି, ଆମେ ଯାହା କରୁଛୁ, ତାହା ମୂଳରେ ସ୍ଥାୟିତ୍ୱ ରହିଛି। ଆମର ପ୍ରୟାସର ପ୍ରମାଣ ସ୍ୱରୂପ ଆମେ ଏସ୍‌ଆଣ୍ଡପି ଗ୍ଲୋବାଲ କର୍ପୋରେଟ୍ ସଷ୍ଟେନେବିଲିଟି ଆସେସ୍‌ମେଣ୍ଟ ୨୦୨୪ରେ ଦ୍ୱିତୀୟ ସ୍ଥାନ ହାସଲ କରିଥିବାରୁ ଗର୍ବିତ ମନେକରୁଛୁ। ଆମର ଆର୍ଥିକ ବର୍ଷ ୨୦୨୪ ସ୍ଥାୟୀ ବିକାଶ ରିପୋର୍ଟ ପ୍ରକାଶ ସହ ଆମେ ସ୍ଥାୟୀ ପରିବେଶଗତ ଏବଂ ସାମାଜିକ ପ୍ରଭାବ ସୃଷ୍ଟି କରିବା ଦିଗରେ ଆମର ଯାତ୍ରାର ଗୁରୁତ୍ୱପୂର୍ଣ୍ଣ ମାଇଲଖୁଣ୍ଟକୁ ଅତିକ୍ରମ କରିଛୁ।

# ଟ୍ରାଇଡେଣ୍ଟ ଗ୍ରୁପ୍‌ର ନୂତନ ଅଭିଯାନ

ନୂଆଦିଲ୍ଲୀ,୧୫।୧

ଦେଶର ପ୍ରମୁଖ ଘରୋଇ ସଂସ୍ଥା ତଥା ଏକ ବୈଶ୍ୱିକ କମ୍ପାନୀ ‘ଟ୍ରାଇଡେଣ୍ଟ ଗ୍ରୁପ୍’ର ନୂତନ ଅଭିଯାନ ‘କର୍ମଯୋଗୀ ରିକ୍ରୁଟିମେଣ୍ଟ ଡ୍ରାଇଭ’ର ଶୁଭାରମ୍ଭ ନିକଟରେ ହୋଇଯାଇଛି। ଏପରିକି ଏହି ଅଭିଯାନ ଜରିଆରେ କମ୍ପାନୀ ୩୦୦୦ କୁଶଳୀ କର୍ମଚାରୀଙ୍କୁ ନିଯୁକ୍ତି ଦେବ। ଏହି ପଦକ୍ଷେପ ଗୋଷ୍ଠୀର ସଶକ୍ତୀକରଣ ଓ ଅର୍ଥନୈତିକ ବିକାଶ ପ୍ରତି ଟ୍ରାଇଡେଣ୍ଟ ପ୍ରତିବଦ୍ଧତାର ପରିଚୟକୁ ଦର୍ଶାଉଛି। ସେହିଭଳି ଏହି ଅଭିଯାନ ବୁଧ୍‌ନୀ ଓ ପାବ (ଧଉଲା ଓ ସିଙ୍ଗେରା) ଉପରେ ବିଶେଷ ଧ୍ୟାନଦେବ, ଯେଉଁଥିରେ ମହିଳା ଆବେଦନକାରୀ ଓ କ୍ରୀଡ଼ାବିତଙ୍କ ଲାଗି ଗୁରୁତ୍ୱ ଦିଆଯିବ। ଏହି କାର୍ଯ୍ୟକ୍ରମରେ ୩୦୦୦ରୁ ଅଧିକ କୁଶଳୀ କର୍ମଚାରୀଙ୍କୁ ନିଯୁକ୍ତି ପ୍ରଦାନ କରି ଟ୍ରାଇଡେଣ୍ଟ ଗ୍ରୁପ୍ ପରୋକ୍ଷ ଭାବେ ୧୫,୦୦୦ରୁ ଅଧିକ ପରିବାର ସଦସ୍ୟଙ୍କୁ ଲାଭାନ୍ୱିତ କରିବ, ସ୍ଥାନୀୟ ଲୋକଙ୍କ ଅର୍ଥନୈତିକ ସମୃଦ୍ଧି ସହ ମହିଳା ପ୍ରାର୍ଥୀଙ୍କୁ ସଶକ୍ତ କରିବ। ଟ୍ରାଇଡେଣ୍ଟ ଗ୍ରୁପ୍‌ର ସିଏଚ୍‌ଆର୍‌ଓ ପୂଜା ଲଥରା କହିଛନ୍ତି, ଆମର ନୂତନ ନିଯୁକ୍ତି ଅଭିଯାନ ବହୁ ହଜାର ଲୋକଙ୍କ ଲାଗି ଏକ ଅର୍ଥପୂର୍ଣ୍ଣ ସୁଯୋଗ ପ୍ରଦାନ କରିବ। ଏପରିକି ଆମେ ସେବା କରୁଥିବା ଗୋଷ୍ଠୀ ମଧ୍ୟରେ ଏକ ସକାରାତ୍ମକ ପ୍ରଭାବ ସୃଷ୍ଟି କରିବୁ ଏବଂ ସମାଜରେ ଉତ୍ସାହୀ ବ୍ୟକ୍ତିମାନଙ୍କୁ ସଶକ୍ତ କରିବା ସହ ସେମାନଙ୍କ ଲାଗି କର୍ମନିଯୁକ୍ତିର ସୁଯୋଗ ଆଣିଦେବା ସହ ରାଷ୍ଟ୍ର ନିର୍ମାଣରେ ସହାୟକ ହେବୁ। ନିଯୁକ୍ତି ପ୍ରକ୍ରିୟାରେ ଅନ୍‌ଲାଇନ ପଞ୍ଜୀକରଣ, ଆବେଦନ ଦାଖଲ, ଅଫ୍‌ଲାଇନ ମୂଲ୍ୟାୟନ ସାମିଲ ହେବ। ସଫଳ ପ୍ରାର୍ଥୀମାନଙ୍କୁ ଗ୍ରୁପ୍‌ରେ ଯୋଗଦେବା ଲାଗି ଆମନ୍ତ୍ରଣ କରାଯିବ। ଏହି ପଦବୀଗୁଡ଼ିକ ପ୍ରତି ମାସରେ ୫ ଘଣ୍ଟା କାର୍ଯ୍ୟ ଦିବସ ପାଇଁ ୫୦,୦୦୦ ଟଙ୍କାର ପ୍ରାଥମିକ ବେତନ ପ୍ରଦାନ କରିବ।

# ଶେୟାର ବଜାର କାରବାରରେ ଉତ୍ସାହ

ମୁମ୍ବାଇ,୧୫।୧

କ୍ରମାଗତ ଭାବେ ଦ୍ୱିତୀୟ ଦିନ ଲାଗି ଘରୋଇ ଶେୟାର ବଜାର କାରବାରରେ ବୃଦ୍ଧି ଘଟିଛି। ଏପରିକି ଚଳିତ ସପ୍ତାହର ତୃତୀୟ କାର୍ଯ୍ୟଦିବସ ଫଳାଫଳ ଅନୁଯାୟୀ ଶେୟାର ବଜାରର ନିବେଶକମାନେ ଲକ୍ଷାଧିକ ଟଙ୍କାର ନିବେଶ ବୃଦ୍ଧି କରିଛନ୍ତି। ବିଶେଷକରି ବୁଧବାର ବମ୍ବେ ଷ୍ଟକ୍ ଏକ୍ସଚେଞ୍ଜ (ବିଏସ୍‌ଇ)ର ସେନ୍‌ସେକ୍ସ ୨୨୪ (୨୨୪.୪୫) ପଏଣ୍ଟ ବଢି ୭୬,୭୨୪ (୭୬,୭୨୪.୦୮) ଅଙ୍କରେ କାରବାର ବନ୍ଦ ହୋଇଥିଲା। ସେହିଭଳି ନ୍ୟାଶନାଲ ଷ୍ଟକ୍ ଏକ୍ସଚେଞ୍ଜ (ଏନ୍‌ଏସ୍‌ଇ)ର ନିଫ୍ଟି-୫୦ ରେ ମଧ୍ୟ ୩୭ (୩୭.୧୫) ପଏଣ୍ଟ ବୃଦ୍ଧି ଘଟି ୨୩,୨୧୩ (୨୩,୨୧୩.୨୦) ଅଙ୍କରେ କାରବାର ଶେଷ ହୋଇଥିଲା।

# କୁମ୍ଭମେଳାରେ ମହାକୁମ୍ଭ କର୍ତ୍ତୃପକ୍ଷଙ୍କ ଅଭିନବ ସେବା

ନୂଆଦିଲ୍ଲୀ,୧୫।୧

ଦୀର୍ଘ ୧୨ବର୍ଷ ପରେ ଉତ୍ତର ପ୍ରଦେଶର ପ୍ରୟାଗରାଜଠାରେ ଆୟୋଜିତ ‘ମହାକୁମ୍ଭ ମେଳା-୨୦୨୫’ନିକଟରେ ଉଦ୍‌ଘାଟିତ ହୋଇଯାଇଛି। ଏପରିକି ଏହି ମେଳାରେ ଉପସ୍ଥିତ ଲୋକଙ୍କ ଆରାମ ପାଇଁ ଆମାଜନ ଇଣ୍ଡିଆ ପକ୍ଷରୁ ଏକ ନିଆରା ପଦକ୍ଷେପ ଗ୍ରହଣ କରାଯାଇଛି। ସେହିଭଳି ଦୀର୍ଘ ୪୫ଦିନ ଧରି ଚାଲିବାକୁ ଥିବା ଏହି ମହାପର୍ବ ପାଇଁ ପ୍ରୟାଗରାଜଠାରେ ବହୁ କୋଟି ଶ୍ରଦ୍ଧାଳୁଙ୍କ ସମାଗମ ହେବ। ଏହି ଅବସରରେ ଆରାମଦାୟକ ବିଶ୍ରାମର ଆବଶ୍ୟକତା ପୂରଣକରିବା ପାଇଁ ଆମାଜନ ଇଣ୍ଡିଆ ପକ୍ଷରୁ ସେମାନଙ୍କ ପାଇଁ ସିଗ୍ନେଚର କାର୍ଡବୋର୍ଡ ପ୍ୟାକେଜିଂ ବକ୍ସଗୁଡ଼ିକୁ ପୋର୍ଟେବଲ ବେଡ୍‌ରେ ପରିଣତ କରାଯାଇଛି, ଯାହା ବିଶ୍ରାମ ସହାୟତାରେ ବେଶ୍ ସହାୟକ ହେବ। ଏପରିକି ମେଳାରେ ସାମିଲ ଶ୍ରଦ୍ଧାଳୁ ଓ ଅଂଶଗ୍ରହଣକାରୀମାନେ ଘଣ୍ଟା ଘଣ୍ଟା ଧରି ବିନା ମୂଲ୍ୟରେ ଆରାମଦାୟକ ନିଦ୍ରା ପାଇପାରିବେ। ସେହିପରି ଏହି ସୁବିଧାର ଉପଲବ୍ଧତା ସୁନିଶ୍ଚିତ କରିବା ପାଇଁ ଆଶାୟୀମାନେ ସହାୟତା କେନ୍ଦ୍ରରେ ଯୋଗାଯୋଗକରି ଏହି ଉନ୍ନତ ଶଯ୍ୟା ପାଇପାରିବେ। ଏପରିକି ଉପସ୍ଥିତ ଲୋକଙ୍କ ପାଇଁ ଏହା ସମ୍ପୂର୍ଣ୍ଣ ମାଗଣାରେ ଉପଲବ୍ଧ କରାଯିବ ବୋଲି ପ୍ଲାଟ୍‌ଫର୍ମ ପକ୍ଷରୁ କୁହାଯାଇଛି। ମହାକୁମ୍ଭ କର୍ତ୍ତୃପକ୍ଷଙ୍କ ସହ ମିଶି ଆମାଜନ ମହୋତ୍ସବ ପଡ଼ିଆ ମଧ୍ୟରେ ଥିବା ପ୍ରମୁଖ ଅଞ୍ଚଳଗୁଡ଼ିକୁ ଚିହ୍ନଟ କରିଛି, ଯେଉଁଠାରେ ଏହି ସ୍ୱତନ୍ତ୍ର ଶଯ୍ୟାଗୁଡ଼ିକ ରଖାଯିବ। ଏ ସମ୍ପର୍କରେ ଆମାଜନ ଇଣ୍ଡିଆର ମାର୍କେଟିଂ ଡାଇରେକ୍ଟର ପ୍ରଜ୍ଞା ଶର୍ମା କହିଛନ୍ତି, ଆମେ ପ୍ରତିଦିନ ଆମର ଆଇକନିକ ଆମାଜନ ବକ୍ସ ମାଧ୍ୟମରେ ଗ୍ରାହକଙ୍କ ପାଇଁ ସୁବିଧା, ଆରାମ ଏବଂ ଯତ୍ନ ଆଣିବାକୁ ଚେଷ୍ଟା କରୁଛୁ, ଯାହାକୁ ବହୁ ଲକ୍ଷ ଲୋକ ବିଶ୍ୱସନୀୟ ସେବାର ପ୍ରତୀକ ଭାବେ ସ୍ୱୀକୃତି ଦେଇଛନ୍ତି।

# ୨ ଲକ୍ଷରୁ ଅଧିକ ଉତ୍ପାଦ ଉପରେ ଆକର୍ଷଣୀୟ ରିହାତି

ନୂଆଦିଲ୍ଲୀ,୧୫।୧

ଆମାଜନ.କମର ବହୁ ପ୍ରତୀକ୍ଷିତ ‘ଆମାଜନ ଗ୍ରେଟ ରିପବ୍ଲିକ୍ ଡେ ସେଲ୍’ସମୟରେ ବିଜ୍‌ନେସ୍ ଏବଂ କର୍ପୋରେଟ୍ ଗ୍ରାହକମାନେ ଲାପ୍‌ଟପ୍, ହେଡ୍‌ଫୋନ, ରୁମ ହିଟର ଏବଂ କିଚେନ ଆପ୍ଲାଏନ୍ସ ସମେତ ୨ ଲକ୍ଷରୁ ଅଧିକ ଉତ୍ପାଦ ଉପରେ ଆକର୍ଷଣୀୟ ଅଫର ପାଇପାରିବେ। ଏପରିକି ବି୨ବି ଗ୍ରାହକମାନେ ଆପଲ, ଏସର, ଆସସ୍, ଡେଲ, ଏଚ୍‌ପି, ଲେନୋଭୋ, ଆମାଜନ ବେସିକ୍ସ, ବୋଟ, ବୋଲ୍ଟ, ଫାୟାର ବୋଲ୍ଟ, ଜେବିଏଲ୍, ନଏଜ, ସାମ୍‌ସଙ୍ଗ, ସୋନି, ସାଓମି, ଜେବ୍ରୋନିକ୍ସ ଆଦି ବ୍ରାଣ୍ଡର ଟପ ଡିଲ ଅନଲକ କରିପାରିବେ। ଆମାଜନ ଗ୍ରେଟ୍ ରିପବ୍ଲିକ ଡେ ସେଲର ମୁଖ୍ୟ ଆକର୍ଷଣ ମଧ୍ୟରେ ୧୦୦ରୁ ଅଧିକ ନୂତନ ଉତ୍ପାଦର ଶୁଭାରମ୍ଭ ସହ ସ୍ମାର୍ଟୱାଚ୍, ସ୍ପିକର ଏବଂ ଅଫିସ୍ ଆସବାବପତ୍ର ଉପରେ ୭୦% ପର୍ଯ୍ୟନ୍ତ ରିହାତି ରହିଛି। ଏପରିକି ହେଡଫୋନ୍ ଉପରେ ୬୦% ଓ ଲାପଟପ ଏବଂ ଟ୍ୟାବଲେଟ ଉପରେ ୫୦% ପର୍ଯ୍ୟନ୍ତ ରିହାତି ସହ ରୁମ ହିଟର ଉପରେ ୭୦% ପର୍ଯ୍ୟନ୍ତ ରିହାତି ସହିତ ଦୁଇ କିମ୍ବା ତା’ଠାରୁ ଅଧିକ ଉତ୍ପାଦ ଉପରେ ଅତିରିକ୍ତ ୭%ର ରିହାତି ଏବଂ ଇଲେକ୍ଟ୍ରିକ କେଟଲ ଏବଂ ପାଣି ବୋତଲ ଉପରେ ଦୁଇ କିମ୍ବା ତା’ଠାରୁ ଅଧିକ ଉତ୍ପାଦଉପରେ ଅତିରିକ୍ତ ୯%ର ରିହାତି ସହିତ ୫୦% ପର୍ଯ୍ୟନ୍ତ ରିହାତି ସୁବିଧା ଉପଲବ୍ଧ ରହିଛି।


# Classified Everyday

**0674-2580101, 9692975378**




**SALE**

**Ready to move 2 BHK flat for sale @ 22 lakh near Gudiapokhari, Bhubaneswar. Call-9437631769.** D-2373

ଫୁଲନଖରା ନିକଟସ୍ଥ **Sum hospital-2** ଓ **Grand Bazar** ସମ୍ମୁଖରୁ ଅଳ୍ପ ଦୂରତାରେ ବାସୋପଯୋଗୀ ଘରବାରି ପ୍ଲଟ୍ କିଣନ୍ତୁ। **8249310759.** D-76230

**Gharabari converted plots available near Hitech Square, Sundarpada, Bhubaneswar. For more details contact-6370277334.** D-2582

**1BHK ready to move in flats available in Hi-Tech Brundaban Project near Batamangala Temple, Puri Town. 9861463011, 9777154964.** D-2583

ଭୁବନେଶ୍ୱର ଘରବାରି Land Jatni, Mendhasala, Duplex Mahidharpada, Simplex Brahmanjharilo, ବରମପୁର NH Land 2 acre, owner suitable price. 9078263828. D-2573

**ପାଠକଙ୍କ ପାଇଁ ସୂଚନା–** କ୍ଲାସିଫାଏଡରେ ପ୍ରକାଶିତ କେତେକ ବିଜ୍ଞାପନକୁ ଭିତ୍ତିକରି କିଛି ପାଠକ ଠକାମିର ଶିକାର ହେଉଥିବା ଆମର ଦୃଷ୍ଟିଗୋଚର ହେଉଛି। ବିଜ୍ଞାପନ ଦେଉଥିବା ସଂସ୍ଥାମାନଙ୍କ ସହ କାରବାର କରିବା ପୂର୍ବରୁ ସବିଶେଷ ତଥ୍ୟ ଓ ନିଜର ବିବେକ ଖଟାଇ କାରବାର କରନ୍ତୁ। ଏଥିପାଇଁ ଧରିତ୍ରୀ କର୍ତ୍ତୃପକ୍ଷ ଦାୟୀ ରହିବେ ନାହିଁ।




Kerala Ayurveda Massage therapy gents/ Ladies pain relief Bhubaneswar. 9337672475. D-2564

Newly open health benefits spa by experience lady therapist. 7750040475. D-76188

Newly open Jyoti Spa Positively Health benefits (Expert Therapist). 8458067955. D-76184

Newly open Spa Health benefits relax refresh good therapist. 9040286886 D-76185

**AFFIDAVIT**

By virtue of an affidavit before the Notary Public, Bhubaneswar on 15.01.2025, affidavit No. 195. I, Umakanta Mohapatra, S/o Ugrasen Swain, Village-Kuanrpur, P.O.-Kantapada, P.S.-Olatpur, Dist.- Cuttack, Odisha do hereby solemnly affirm that my Matric (10th) documents and passport card name mentioned as Umakanta Mahapatra but all another documents name is mentioned as Umakanta Mohapatra. So I shall be known as Umakanta Mohapatra for all purposes. D-14588

By virtue of an affidavit sworn before Executive Magistrate, Bhubaneswar, dated 15.01.2025, I, Kasimahanti Venkata Ramana Murty, Address Plot No. 4573/74, Gadakan, P.O.- Mancheswar Railway Colony, P.S.- Mancheswar, Bhubaneswar, Dist.- Khordha, Pin- 751017 declare that I have changed my name from K.V.R. Murty to Kasimahanti Venkata Ramana Murty. Henceforth, I shall be known as Kasimahanti Venkata Ramana Murty for all purposes. D-2574

See Career Appointment on every Wednesday & Saturday

I, Shekh Sadik, S/o Late Sekh Munna, resident of Ward No.9, Chhatrapur, P.O./P.S.- Soro, Dist.- Balasore, Pin-756045 Odisha, declare by this affidavit No.201 dated 15.01.2025 that now onwards I shall be known as SHEKH SADIK for all future purposes. D-2581

By virtue of an affidavit sworn before the Notary Public, Balangir, dated 15.01.2025 I, Jugal Nanda, R/o. Manoharpur, Salepali, P.O./ P.S./Dist.- Balangir, Odisha, Pin- 767001 declare that I have changed my son's name from Shubhranshu Bibhar to Shubhranshu Nanda. Henceforth, he shall be known as Shubhranshu Nanda for all purposes.
D-2584 Jugal Nanda

**LEGAL NOTICE**

**SUMMONS FOR SETTLEMENT OF ISSUES**
**(Order 5, R 1 and 5 C.P.C.)**
**IN THE COURT OF CIVIL JUDGE SENIOR DIVISION, KHARIAR, DIST.- NUAPADA**
**Civil Suit No.- 339/2018**

Sasmita Agasti ... ... ... Plaintiff
Vrs.
Jashobanti Bai and others ... ... ... Defendants

To
Kaladei Satnami, aged about 57 years, W/o- Sonu Satnami, R/o- Vill.- Khariar (Ward No.2), P.S.- Khariar, Dist.- Nuapada

Whereas the above name plaintiff Sasmita Agasti has instituted a suit against you to declare his right, title and interest of the suit land and you valid and confirm title and possession of the plaintiff over the suit land, you are hereby summon to appear in this court in person or through a pleader duly instructed, able to answer all martial questions relating to the suit or who shall be accompanied by some persons able to answer all such questions on 27th day of January 2025 at about 10.30 A.M. to answer the claim and further you are by directed to file on that day a written statement of your defense and to produce on the said day all document in your posssession or power upon which you base your defense.

Take notice that in a default of your appearance on the day in the aforesaid mentioned, the suit will be hard and determines in your absence.

Give under my hand and seal of the court on this day of 23.12.2024.

**A. C. Mahapatra, Advocate Khariar, Dist.- Nuapada** **Sd/.- CIVIL JUDGE, SENIOR DIVISION KHARIAR**
D-2580

# ମନେ ପଡ଼ନ୍ତି

**ଅଶ୍ରୁଳ ଶ୍ରଦ୍ଧାଞ୍ଜଳି**



**✓ବ୍ରଜେନ୍ଦ୍ର ନାଥ ଦାସ**
(ଅବସରପ୍ରାପ୍ତ ଯୁଗ୍ମ ସଚିବ, ଜଳ ସମ୍ପଦ ବିଭାଗ, ଓଡ଼ିଶା ସରକାର)
ଡ଼ିଏଲ୍-୪୪, ଭିଏସ୍‌ଏସ୍ ନଗର, ଭୁବନେଶ୍ୱର
ପୈତୃକ ଗ୍ରାମ : ତାରାମଦନ, ଯାଜପୁର ଟାଉନ
ଆବିର୍ଭାବ : ୧୫.୦୬.୧୯୪୧
ତିରୋଧାନ : ୦୫.୦୧.୨୦୨୫
ଆପଣଙ୍କର ସ୍ନେହ, ପ୍ରେରଣା, ଶ୍ରଦ୍ଧା, କର୍ତ୍ତବ୍ୟନିଷ୍ଠା ଓ ଶୁଭାଶୀର୍ବାଦ ଆମମାନଙ୍କ ପାଇଁ ଚିରସ୍ମରଣୀୟ ହୋଇ ରହିବ।
ଆପଣଙ୍କର ଅମର ଆତ୍ମାର ସଦ୍‌ଗତି ନିମନ୍ତେ ପ୍ରଭୁ ଜଗନ୍ନାଥଙ୍କ ନିକଟରେ ଆମର ବିନମ୍ର ପ୍ରାର୍ଥନା।
-: ଶୋକସନ୍ତପ୍ତ :-
ପୁଅ-ତପନ, ଶୋଭନ, ବୋହୂ-କ୍ରୀଷ୍ଣା, ସ୍ମିତା, ଝିଅ-ତନୁଜା, ନାତି-ନାତୁଣୀ : ଆୟୁଷ, ସୃଷ୍ଟି, ଆରୁଷ, ଶ୍ରେୟାସି, ରବି (ଭଣଜା), ବନ୍ଧୁ ଓ ଆତ୍ମୀୟସ୍ୱଜନ
ଧ-୨୫୭୫

**ପ୍ରଥମ ଶ୍ରାଦ୍ଧ ବାର୍ଷିକୀ ଉପଲକ୍ଷେ**



**✓ଗାୟତ୍ରୀ ମହାପାତ୍ର**
ନାଗେଶ୍ୱର ଟାଙ୍ଗୀ, ଭୁବନେଶ୍ୱର
ଆବିର୍ଭାବ: ୨୫.୦୬.୧୯୪୫
ତିରୋଧାନ: ୨୮.୦୧.୨୦୨୪
ମାଆ ଲୋ, ତୁମର ସ୍ନେହ, ଶ୍ରଦ୍ଧା, ପରୋପକାର, ସରଳ ସ୍ୱଭାବ ଓ ଦରଦୀ ସ୍ୱଭାବ ଆମକୁ ସଦାସର୍ବଦା ଦିଗଦର୍ଶନ ଦେଉଥାଉ। ତୁମ ଅମର ଆତ୍ମା ର ସଦଗତି ନିମନ୍ତେ ମହାପ୍ରଭୁ ଶ୍ରୀ ଜଗନ୍ନାଥଙ୍କ ପଦାରବିନ୍ଦ ରେ ଆମର ବିନମ୍ର ପ୍ରର୍ଥନା।
— ଶୋକ ସନ୍ତପ୍ତ —
ପିଲୁ, ବବି, କୁକି, କୁହୁ, ଟିକୁନା, ପିପା, ଗୁଡୁ, ସିପୁ, ଦୀପିକା ଓ ସପରିବାର
ଧ-୨୫୭୬

**ଏକାଦଶାହ ଉପଲକ୍ଷେ ଶ୍ରଦ୍ଧାଞ୍ଜଳି**




**✓ବିପିନ୍ ବିହାରୀ ଦଳାଇ**
ଅରଖିଆ, କୁଜଙ୍ଗ, ଜଗତସିଂହପୁର
ଆବିର୍ଭାବ: ତା ୦୧.୦୬.୧୯୪୭
ତିରୋଧାନ : ତା ୦୬.୦୧.୨୦୨୫
ଆପଣଙ୍କ ଅବର୍ତ୍ତମାନ ଆମ ପାଇଁ ଏକ ଅପୂରଣୀୟ ଶୂନ୍ୟସ୍ଥାନ ସୃଷ୍ଟି କରିଛି। ଆପଣଙ୍କ ଠାରୁ ପାଇଥିବା ଶିକ୍ଷା, ସଂସ୍କାର ଆମ ପାଇଁ ପଥ ପ୍ରଦର୍ଶକ ହେଉ। ଏକାଦଶାହ ଦିବସ ଅବସରରେ ଭଗବାନଙ୍କ ନିକଟରେ ପ୍ରାର୍ଥନା କରିବା ସହିତ ଜଗତରନାଥ ଶ୍ରୀଜଗନ୍ନାଥ ଅମର ଆତ୍ମାର ସଦ୍‌ଗତି ପ୍ରଦାନ କରନ୍ତୁ।
ଶୋକସନ୍ତପ୍ତ : ପୁତ୍ର- ବୀରେନ୍ କୁମାର ଦଳାଇ, ପୁତ୍ରବଧୂ- ହରପ୍ରିୟା, ଝିଅ- ବିନି, ବେବି, ରୋଜି, ଜ୍ୱାଇଁ- ପ୍ରମୋଦ, ପ୍ରୟୋଗ, ସୁବାସ, ଅଶୋକ, ପୁତୁରା- ଉଦୟ, ସଂଜୟ-, ରଞ୍ଜନ, ହୁଣ୍ଡା, କୁଲନ୍, ମିଲନ୍, ନାତି/ନାତୁଣୀ- ଆଦି, ଆଦିଶା, ପିପ୍ସନ୍, ପାପୁ, ସୋନା, ସୋନୁ, ସୁହାନି, ନନ୍ଦିନୀ, ମାମା, ଫନି, ଆଶିଷ, ଭାଇ-ଉପେନ୍ଦ୍ର, ନିରଂଜନ, ବନ୍ଧୁ ଓ ପରିବାରବର୍ଗ।
ଧ-୨୫୭୯

**ଶ୍ରଦ୍ଧାଞ୍ଜଳି**



**✓ରୁକ୍ମଣୀ ସାହୁ**
ଗ୍ରାମ- ଖଙ୍ଗାରଗୁଡ଼ା, ଗ୍ରାମପଞ୍ଚାୟତ- ବଡ଼କୁଟ୍ରୁ, ବ୍ଲକ୍- କଳମପୁର, ଜିଲ୍ଲା- କଳାହାଣ୍ଡି, ଓଡ଼ିଶା
ଆବିର୍ଭାବ- ୨୧।୨।୧୯୫୦
ତିରୋଧାନ- ୬।୧।୨୦୨୫
(ପୌଷ କୃଷ୍ଣପକ୍ଷ ଏକାଦଶୀ)
ମାଁ, ଆପଣଙ୍କ ସ୍ନେହ, ଶ୍ରଦ୍ଧା, ତ୍ୟାଗ ଆମେ ସପରିବାର କେବେ ହେଲେ ଭୁଲିପାରିବୁ ନାହିଁ। ତମ ଅମର ଆତ୍ମାର ସଦ୍‌ଗତି ପାଇଁ ମାଁ ଠାକୁରାଣୀଙ୍କ ନିକଟରେ ସପରିବାର ପକ୍ଷରୁ ବିନମ୍ର ପ୍ରାର୍ଥନା କରୁଛୁଁ।
ଆପଣଙ୍କର ପୁଅ - ହେମନ୍ତ କୁମାର ସାହୁ, ଗଗନ ବିହାରୀ ସାହୁ, ଭୀମସେନ ସାହୁ, ପୀତାମ୍ବର ସାହୁ ତଥା ଶୋକସନ୍ତପ୍ତ ପରିବାର ଓ ବନ୍ଧୁ ପରିଜନ।
ଧ-୨୫୭୮

**ଏକାଦଶାହ ଉପଲକ୍ଷେ**



**✓ସୁରେନ୍ଦ୍ର ମୋହନ ବେହେରା**
ସିଂହଟିଆ, ବଳଭଦ୍ରପୁର ଗ୍ରାମପଞ୍ଚାୟତ, ବଡ଼ସାହି, ମୟୂରଭଞ୍ଜ
ଆବିର୍ଭାବ: ୧୯।୦୨।୧୯୩୧
ତିରୋଧାନ: ୦୬।୦୧।୨୦୨୫
ଆପଣଙ୍କର ଅନୁପସ୍ଥିତି ଆମ ପାଇଁ ଅପୂରଣୀୟ କ୍ଷତି ଘଟାଇଛି। ଆପଣଙ୍କର ସ୍ନେହ, ଶ୍ରଦ୍ଧା, ଆଦର୍ଶ, ତ୍ୟାଗ ଓ ଭଲପାଇବା ଆମ ସମସ୍ତଙ୍କ ପାଇଁ ଅଭୁଲା ସ୍ମୃତି ହୋଇ ରହିବ। ଆପଣଙ୍କ ଅମର ଆତ୍ମାର ସଦ୍‌ଗତି ନିମନ୍ତେ ପ୍ରଭୁ ଶ୍ରୀଜଗନ୍ନାଥଙ୍କ ନିକଟରେ ପ୍ରାର୍ଥନା କରୁଛୁ।
ଶୋକସନ୍ତପ୍ତ ପରିବାର : ପୁତ୍ର- ଦିବ୍ୟ ଲୋଚନ, ପୁତ୍ରବଧୂ- ଶୁଭଶ୍ରୀ, ନାତି- ଯଶୋରାଜ, ନାତୁଣୀ- ଦିବ୍ୟାନୀ, ଝିଅ- ବିଷ୍ଣୁପ୍ରିୟା, ସତ୍ୟଭାମା, ଚମତ୍କାର, ରୁକ୍ମଣୀ, ନିରୁପମା ଓ ଅନୁପମା ଏବଂ ଆତ୍ମୀୟସ୍ୱଜନ ବନ୍ଧୁବାନ୍ଧବ।
ଧ-୨୫୭୭

ଧରିତ୍ରୀ DHARITRI
**Scan & Pay**
ଧରିତ୍ରୀ କ୍ଲାସିଫାଏଡ୍ ବିଜ୍ଞାପନ ବାବଦୀୟ ଦେୟକୁ ନିମ୍ନପ୍ରଦତ୍ତ **QR Code** ସ୍କାନ୍ କରି ଯେକୌଣସି **UPI App** ମାଧ୍ୟମରେ ସହଜରେ ପୈଠ କରନ୍ତୁ।
BHIM | UPI
ଦେୟ ପୈଠ ହେଲାପରେ ରସିଦ୍‌ର **Screenshot**କୁ **classifieddharitri@gmail.com** ରେ ଇମେଲ୍ କରନ୍ତୁ।

### ରିଲିଜ୍ ଅପେକ୍ଷାରେ...

## ମୁନ୍ନା ଭାଇ ବିବିଏସ୍ଆର୍



'ମୁନ୍ନା ଭାଇ ବିବିଏସ୍ଆର୍' ଫିଲ୍ମରେ ଆର୍ଲିନ-ଦେବରାଜ

ଏକଦା ଭୁବନେଶ୍ୱରରେ ରହୁଥିବା ଜଣେ ବ୍ଲଗର ହିମାଚଳ ପ୍ରଦେଶ ଯାଇଛି। ସଂଯୋଗ ବଶତଃ ସେହି ରାଜ୍ୟର ଜଣେ ଝିଅକୁ ପ୍ରେମ କରିବସିଛି। ହେଲେ ସେଠାକାର ନିୟମ କିଛି ଅଲଗା। ତେବେ ସେହି ନିୟମଗୁଡିକ କ'ଣ ଆଉ ଏହି ପ୍ରେମ କାହାଣୀର ଶେଷ ପରିଣତି କ'ଣ ହେଉଛି ତାହାକୁ ଆଧାର କରି ପ୍ରସ୍ତୁତ ହୋଇଛି ନୂଆ ଓଡ଼ିଆ ସିନେମା 'ମୁନ୍ନାଭାଇ ବିବିଏସ୍ଆର୍'। ନିଓ ପ୍ଲାଷ୍ଟ ଏଣ୍ଟରଟେନ୍‌ମେଣ୍ଟ ବ୍ୟାନରରେ ଏହାକୁ ନିର୍ମାଣ କରାଯାଇଛି। ଖାସ୍ କଥା ହେଲା, ଏହି ଫିଲ୍ମରୁ ଓଲିଉଡ୍‌ରେ ନିଜ ପ୍ରଯୋଜନା ଆରମ୍ଭ କରୁଛନ୍ତି ନବାଗତ ବିରଞ୍ଚି ମୁଦୁଲି। ଫିଲ୍ମଟିର ନିର୍ଦ୍ଦେଶନା ଦାୟିତ୍ୱ ତୁଲାଇଛନ୍ତି ପୂର୍ବରୁ ବେଶ୍ କେତୋଟି ହିଟ୍ ସିନେମାର ନିର୍ଦ୍ଦେଶନା ଦେଇସାରିଥିବା ରମେଶ ରାଉତ। ଏହାର ଅଧିକାଂଶ ଶୁଟିଂ ହିମାଚଳ ପ୍ରଦେଶର ବିଭିନ୍ନ ମନୋରମ ଲୋକେଶନରେ କରାଯାଇଛି। ଏଥିରେ ସଂଯୋଜିତ ଗୀତଗୁଡ଼ିକୁ ସ୍ୱର ଦେଇଛନ୍ତି ଅଭିଜିତ ମଜୁମଦାର। କଣ୍ଠଦାନ କରିଛନ୍ତି ହ୍ୟୁମାନ ସାଗର, ଅନ୍ତରା ଚକ୍ରବର୍ତ୍ତୀ, ତାରିକ ଅଜିଜ୍ ଏବଂ ସୌମ୍ୟ ପାଢ଼ୀ। ଏହାର ଟାଇଟଲ ଭୂମିକାରେ ଅଭିନୟ କରିଛନ୍ତି ଦେବରାଜ ଏବଂ ତାଙ୍କ ସହ ସ୍କ୍ରିନ୍ ଶେୟାର କରିଛନ୍ତି ଆର୍ଲିନ ଅଙ୍କିତା। ଏଥିରେ ବବି ମିଶ୍ର, ଶ୍ୱେତା ଆଚାର୍ଯ୍ୟ ଏବଂ କୋରାପୁଟ କଟପାଙ୍କୁ ମଧ୍ୟ ଦେଖିବାକୁ ମିଳିବ। ଫିଲ୍ମଟି ଖୁବ୍‌ଶୀଘ୍ର ପରଦା ଉପରକୁ ଆସିବ ବୋଲି ପ୍ରଯୋଜନା ସଂସ୍ଥା ପକ୍ଷରୁ ସୂଚନା ଦିଆଯାଇଛି। ଏହାର ପ୍ରଚାର ପ୍ରସାର ଦାୟିତ୍ୱରେ ଅଛନ୍ତି ଅମରେଶ ବେଉରା।

## ଭାଇ



'ଭାଇ' ଫିଲ୍ମରେ ସୁଜିତ-ଦିବ୍ୟା

ଆମର ଷ୍ଟୁଡିଓ ଏବଂ ଶ୍ରେୟାନ୍ସ ପ୍ରଡକ୍ସନ ବ୍ୟାନରରେ ପ୍ରସ୍ତୁତ ନୂଆ ଓଡ଼ିଆ ଚଳଚ୍ଚିତ୍ର 'ଭାଇ' ଚଳିତ ମାସ ୨୪ରେ ପରଦା ଉପରକୁ ଆସିବ। ଏହାର ନିର୍ଦ୍ଦେଶନା ଦେଇଛନ୍ତି 'ତାଣ୍ଡବ', 'ମାଲ୍ୟଗିରି' ଓ 'ଗୁପଚୁପ'ର ନିର୍ଦ୍ଦେଶକ ପୃଥ୍ୱୀରାଜ ପଟ୍ଟନାୟକ। ଭାଇ ଭଉଣୀର ପବିତ୍ର ସମ୍ପର୍କ ଏବଂ ପରସ୍ପର ପ୍ରତି କର୍ତ୍ତବ୍ୟକୁ ନେଇ କାହାଣୀ ଗତି କରିଛି। ଏହାର ଏକ ଗୁରୁତ୍ୱପୂର୍ଣ୍ଣ ଭୂମିକାରେ ଅମ୍ଲାନ ଦାସ ଅଭିନୟ କରିଛନ୍ତି। ଭାଇ ଭୂମିକାରେ ସୁଜିତ ଏବଂ ଭଉଣୀ ରୋଲ୍‌ରେ ଦିବ୍ୟାଙ୍କୁ ଦେଖିବାକୁ ମିଳିବ। ଏହାର କାହାଣୀ, ଚିତ୍ରନାଟ୍ୟ ରଚନା କରିଛନ୍ତି ପୃଥ୍ୱୀରାଜ। ସଂଳାପ ଲେଖିଛନ୍ତି ରବିନାରାୟଣ ଦାସ। ଅରୁଣ ମନ୍ତ୍ରୀ ଏବଂ ରଞ୍ଜନ ନାୟକଙ୍କ ରଚିତ ଗୀତଗୁଡ଼ିକୁ ସ୍ୱର ଦେଇଛନ୍ତି ନବ୍ୱ ଓ ସରୋଜ। ଓଡ଼ିଶାର ବିଭିନ୍ନ ସ୍ଥାନ ତଥା ଓଡ଼ିଶା ବାହାରେ ମନାଲି, ଲଦାଖ ଇତ୍ୟାଦି ସ୍ଥାନରେ ମଧ୍ୟ ଏହାର ଶୁଟିଂ ହୋଇଛି।

## ଅ | ତୀ | ତ | ରୁ

- କେ.ଏଚ.ଡି. ରାଓଙ୍କ ନିର୍ଦ୍ଦେଶନାରେ ପ୍ରସ୍ତୁତ ହୋଇଥିଲା ଓଡ଼ିଆ ସିନେମା 'ପରିବାର'। ଏହାର ସଙ୍ଗୀତ ନିର୍ଦ୍ଦେଶନା ଦେଇଥିଲେ ଉପେନ୍ଦ୍ର କୁମାର। ବିଭିନ୍ନ ଭୂମିକାରେ ଅଭିନୟ କରିଥିଲେ ଚକ୍ରପାଣି, ଅନୀତା ଦାସ, ଅଭୟ, ନରେନ୍ଦ୍ର, ଭୋଳାନାଥ ପ୍ରମୁଖ କଳାକାର।
- ସତ୍ୟସାଇ ମୁଭିଟୋନ୍, ବ୍ରହ୍ମପୁର ବ୍ୟାନରରେ ପ୍ରସ୍ତୁତ ଓଡ଼ିଆ ଚିତ୍ର 'କବି ସମ୍ରାଟ ଉପେନ୍ଦ୍ର ଭଞ୍ଜ'ର ନିର୍ଦ୍ଦେଶନା ଦେଇଥିଲେ ଏନ. ଗୋପାଳ। ଏହି ଫିଲ୍ମର ନାୟିକା ସାଜିଥିଲେ ରୋଜାରମଣି ଏବଂ ତାଙ୍କ ସହ ସ୍କ୍ରିନ୍ ଶେୟାର କରିଥିଲେ ଚକ୍ରପାଣି।
- ଡି.କେ. ପ୍ରଡକ୍ସନ, କଟକ ବ୍ୟାନରରେ ନିର୍ମିତ ହୋଇଥିବା ଓଡ଼ିଆ ସିନେମା 'ଗୌରୀ'ର ଟାଇଟଲ ଭୂମିକାରେ ଅଭିନୟ କରିଥିଲେ ମହାଶ୍ୱେତା ରାୟ। ଧୀର ବିଶ୍ୱାଳଙ୍କ ପ୍ରଯୋଜିତ ଏବଂ ନିର୍ଦ୍ଦେଶିତ ଏହି ଫିଲ୍ମର ନାୟକ ସାଜିଥିଲେ ପ୍ରଶାନ୍ତ ନନ୍ଦ। ଗୀତଗୁଡ଼ିକୁ ସ୍ୱର ଦେଇଥିଲେ ପ୍ରଫୁଲ୍ଲ କର।
- ଓଡ଼ିଆ ସିନେମା 'ସଉତୁଣୀ'ର ନିର୍ଦ୍ଦେଶନା ଭାର ସମ୍ଭାଳିଥିଲେ ଅକ୍ଷୟ ମହାନ୍ତି (କାଶ୍ୟପ)। ବାସୁଦେବ ରଥଙ୍କ ସ୍ୱର ସଂଯୋଜନାରେ ଏଥିରେ ସଂଯୋଜିତ ଗୀତଗୁଡ଼ିକ ଦର୍ଶକଙ୍କୁ ପ୍ରଭାବିତ କରିବାରେ ସକ୍ଷମ ହୋଇଥିଲା। ତନ୍ଦ୍ରା ରାୟ, ଡ. ସଚ୍ଚି ମିଶ୍ର, ଅନୀତା ଦାସ ଏବଂ ବିଜୟ ମହାନ୍ତି ପ୍ରମୁଖ କଳାକାର ବିଭିନ୍ନ ଭୂମିକାରେ ଅଭିନୟ କରିଥିଲେ।

## ଏପଟେ ଖୁସି ସେପଟେ ଦୁଃଖ

ସୋନାକ୍ଷୀ ସିହ୍ନାଙ୍କ ଅଭିନୀତ ପ୍ରଥମ ସିନେମା ଥିଲା 'ଦବଙ୍ଗ'। ସଲମାନଙ୍କ ଅପୋଜିଟ୍‌ରେ ସେ ନିଜର ବଡ଼ ପରଦା କ୍ୟାରିୟର ଆରମ୍ଭ କରିଥିଲେ। ଏଭଳି ଅଫର ତାଙ୍କ ପାଇଁ ଯେତିକି ଖୁସି ଆଣିଥିଲା ସେତିକି ଦୁଃଖ ଆଣିଥିଲା। ଦୁଃଖ ଏଇଆ ଯେ, ସେତେବେଳେ ତାଙ୍କର ଓଜନ ଥିଲା ୯୦ କିଗ୍ରା। ତେଣୁ ଏହାକୁ ଯେତେଶୀଘ୍ର କମାଇବାକୁ ତାଙ୍କୁ ପରାମର୍ଶ ଦିଆଯାଇଥିଲା। ଏପରି କି ଫିଲ୍ମର ଶୁଟିଂକୁ ମଧ୍ୟ ସେହି ଅନୁସାରେ ଫିକ୍ସ କରାଯାଇଥିଲା। ଆଉ ତା'ପରେ ଏଥିପାଇଁ ଦିନରାତି ଲାଗିପଡ଼ିଥିଲେ ସୋନାକ୍ଷୀ। ଦୁଇ ବର୍ଷ ପରିଶ୍ରମ କରିବା ପରେ ସେ ନିଜର ଓଜନ ୯୦ରୁ ୬୦ କିଗ୍ରାକୁ କମାଇବାରେ ସକ୍ଷମ ହୋଇଥିଲେ। 'ଏହି ଦୁଇ ବର୍ଷ ମୁଁ ଯେଉଁ ପରିଶ୍ରମ କରିଛି ତାହାକୁ କଦାପି ଭୁଲିପାରିବି ନାହିଁ। ସେତେବେଳେ ସଲ୍ଲୁଜୀ (ସଲମାନ୍ ଖାନ୍) ଯେଉଁ ଟିପ୍ସ ଦେଇଥିଲେ ତାହାକୁ ଗୋଟି ଗୋଟି ଅନୁସରଣ କରିବା ଯୋଗୁ ମୋର ଏହି ମିଶନ ସଫଳ ହୋଇଥିଲା ବୋଲି କହନ୍ତି ସୋନାକ୍ଷୀ।' ମଡେଲିଂରୁ ଅଭିନୟ ଜଗତରେ ପ୍ରବେଶ କରିଥିଲେ ସେ। ୨୦୦୮ ଏବଂ ୨୦୦୯ରେ ଲାକମେ ଫ୍ୟାଶନ ପ୍ରତିଯୋଗିତାରେ ଅଂଶଗ୍ରହଣ କରି କ୍ୟାଟ୍‌ୱାକ୍ କରିଥିଲେ ସୋନାକ୍ଷୀ। ଗତ ବର୍ଷ ସେ ବିବାହ ବନ୍ଧନରେ ଆବଦ୍ଧ ହୋଇଛନ୍ତି।



ସୋନାକ୍ଷୀ

## କରୀନାଙ୍କ ପ୍ରିୟ ଖାଦ୍ୟ

କରୀନା କପୁର ଖାନ୍‌ଙ୍କ ଯାହା ଖାଇଲେ ମଧ୍ୟ ଗୋଟିଏ ପ୍ରକାର ଖାଦ୍ୟ ପ୍ରତି ତାଙ୍କର ବେଶ୍ ଦୁର୍ବଳତା ରହିଛି। ତାହା କ'ଣ ଜାଣନ୍ତି ? ଆଳୁ ପରଟା। ଘରେ ହେଉ ଅବା ବାହାରେ ଏହାକୁ ନ ଖାଇଲେ ତାଙ୍କୁ ଯେମିତି କେମିତି କେମିତି ଲାଗେ। ଏ ନେଇ କରୀନା କହନ୍ତି, ''ସତ କଥା କହିବାକୁ ଗଲେ ପିଲାଟି ଦିନରୁ ଆଳୁ ପରଟା ହେଉଛି ମୋ ପ୍ରିୟ ଖାଦ୍ୟ। ଏବେ ମଧ୍ୟ ଏହି ଅଭ୍ୟାସ ମୋର ରହିଛି। କିନ୍ତୁ ମୁଁ ସବୁବେଳେ ନିଜକୁ ଫିଟ୍ ରଖିବାକୁ ଡାଏଟିଂ ଉପରେ ଗୁରୁତ୍ୱ ଦେବାକୁ ଭୁଲି ନ ଥାଏ। ପ୍ରତିଦିନ କିଛି ସମୟ ଯୋଗ-ପ୍ରାଣାୟାମ କରିବାକୁ ଆଦୌ ଭୁଲେନା। ସବୁଦିନେ ସୂର୍ଯ୍ୟ ନମସ୍କାର କରିବା ମୋର ଆଉ ଏକ ଡେଲି ରୁଟିନ୍। ଏକାଥରେ ମୁଁ ପଚାଶ ଥର ସୂର୍ଯ୍ୟ ନମସ୍କାର କରିଥାଏ।'' କରୀନାଙ୍କର ପସନ୍ଦୀୟ ଡ୍ରେସ ହେଲା ଜିନ୍ସ ଏବଂ ଟି ଶାର୍ଟ। ସବୁଠାରୁ ଖାସ୍ କଥା ହେଲା, ତାଙ୍କର ରିଲ୍ ଲାଇଫର ଗୋଟିଏ କଥାକୁ ସେ ଏବେ ବି ମନେ ପକାଇଥାଆନ୍ତି। ଏକଦା ତାଙ୍କୁ 'କହୋ ନା ପ୍ୟାର ହୈ', 'କଲ୍ ହୋ ନା ହୋ' ଏବଂ 'କୁଇନ୍' ପରି ସୁପରହିଟ୍ ଫିଲ୍ମର ନାୟିକା ସାଜିବାକୁ ଅଫର ଦିଆଯାଇଥିଲା। କିନ୍ତୁ କେତେକ କାରଣରୁ ସେ ଏଗୁଡ଼ିକୁ ହାତଛଡା କରିଥିଲେ।



କରୀନା

### ପରଦାରେ

## ଅଦୃଶ୍ୟ

ଏକ ରହସ୍ୟ ରୋମାଞ୍ଚଭରା କାହାଣୀକୁ ଆଧାର କରି ପ୍ରସ୍ତୁତ ହୋଇଛି ଓଡ଼ିଆ ସିନେମା 'ଅଦୃଶ୍ୟ'। ଦାରିଙ୍ଗବାଡିକୁ ବଣଭୋଜି ପାଇଁ ଯାଉଥିବା ସମୟରେ ସାତ ଜଣ ବ୍ୟକ୍ତି କ'ଣ କ'ଣ ସାମ୍ନା କରିଛନ୍ତି ତାହା ଏଥିରେ ଦେଖିବାକୁ ମିଳିବ। ଚିତ୍ରଟିର ପ୍ରଯୋଜନା କରିଛନ୍ତି ସୁନନ୍ଦ ସାହୁ ଏବଂ ରାଜେଶ ଅଗ୍ରୱାଲ। ଚିତ୍ରଟିର କାହାଣୀ, ଚିତ୍ରନାଟ୍ୟ, ସଂଳାପ ରଚନା ସହିତ ନିର୍ଦ୍ଦେଶନା ଦାୟିତ୍ୱ ତୁଲାଇଛନ୍ତି ସତ୍ୟ ନାରାୟଣ ସାହୁ। ''ଫିଲ୍ମଟିର କାହାଣୀରେ ରୋମାଞ୍ଚ ଭରି ରହିଛି। ଶୁଟିଂ ସମୟରେ ଏହାକୁ କିପରି ଶତ ପ୍ରତିଶତ ଜଷ୍ଟିସ ଦିଆଯାଇପାରିବ ସେ ନେଇ ସମସ୍ତେ ଚେଷ୍ଟା କରିଛନ୍ତି। ଫିଲ୍ମଟିକୁ ଦର୍ଶକ ଗ୍ରହଣ କରିବେ ବୋଲି କହନ୍ତି ସତ୍ୟ।'' ସଙ୍ଗୀତ ନିର୍ଦ୍ଦେଶନା ଦେଇଛନ୍ତି ମଳୟ ମିଶ୍ର । ଅଭିଷେକ ଗିରି, ସାୟର ମୁଖାର୍ଜୀ, ଲିପ୍ସା ମିଶ୍ର, ଚୌଧୁରୀ ଜୟପ୍ରକାଶ ଦାସ, ଜୀବନ ପଣ୍ଡା, ଅନନ୍ତ ମିଶ୍ର, ନୀଳମଣି ସାହୁ ପ୍ରମୁଖ ବିଭିନ୍ନ ଭୂମିକାରେ ଅଭିନୟ କରିଛନ୍ତି। 'ଅଦୃଶ୍ୟ'ର ପ୍ରଚାର ଓ ପ୍ରସାର ଦାୟିତ୍ୱରେ ଅଛନ୍ତି ମିଡିଆ ପ୍ଲାନର ମୁଖ୍ୟ ପ୍ରଣୟ ଜେଠୀ।



'ଅଦୃଶ୍ୟ' ଫିଲ୍ମର ଏକ ଦୃଶ୍ୟ

## ଅଲ୍‌ରାଉଣ୍ଡର ଗଣେଶ

ବଲିଉଡ୍‌ର ଅନ୍ୟତମ ଆଗଧାଡ଼ିର କୋରିଓଗ୍ରାଫର ଭାବରେ ପରିଗଣିତ ହୁଅନ୍ତି ଗଣେଶ ଆଚାର୍ଯ୍ୟ। ଏ ପର୍ଯ୍ୟନ୍ତ ସେ ଶତାଧିକ ସିନେମାରେ ଏଭଳି ଦାୟିତ୍ୱ ବେଶ୍ ସୁଚାରୁ ରୂପେ ତୁଲାଇ ସାରିଛନ୍ତି। କୋରିଓଗ୍ରାଫର ଭାବରେ ନିଜକୁ ପରିଚିତ କରାଇବା ପୂର୍ବରୁ ତାଙ୍କୁ ଅନେକ ପରିଶ୍ରମ କରିବାକୁ ପଡ଼ିଥିଲା। ମାତ୍ର ୧୧ ବର୍ଷ ବୟସରେ ବାପାଙ୍କର ମୃତ୍ୟୁ ହେବା ପରେ ପରିବାର ଚଳାଇବାକୁ ତାଙ୍କୁ ଘର ଛାଡିବାକୁ ପଡିଥିଲା। ନିଜ ଉପରେ ଶତ ପ୍ରତିଶତ ଭରସା ରଖି ମାତ୍ର ୧୨ ବର୍ଷ ବୟସ୍କ ଗଣେଶ ସେତେବେଳେ ନିଜସ୍ୱ ଏକ ଡ୍ୟାନ୍ସ ଏକାଡେମୀ ପ୍ରତିଷ୍ଠା କରିଥିଲେ। ୧୯୯୨ରେ ନିର୍ମିତ 'ଅନାମ' ଫିଲ୍ମରେ ତାଙ୍କୁ କୋରିଓଗ୍ରାଫର ଭାବରେ ବ୍ରେକ୍ ମିଳିଥିଲା। କ୍ୟାଟ୍ରିନା କୈଫ ନାଚିଥିବା 'ଚିକ୍‌ନି ଚମେଲି' ଗୀତର କୋରିଓଗ୍ରାଫିକୁ କଦାପି ଭୁଲିପାରିବେ ନାହିଁ ବୋଲି କହନ୍ତି ସେ। ୨୦୧୨ରେ ନିର୍ମିତ 'ଅଗ୍ନିପଥ' ଚଳଚ୍ଚିତ୍ରରେ ଏହି ଗୀତଟି ବେଶ୍ ଲୋକପ୍ରିୟତା ଅର୍ଜନ କରିଥିଲା। ତାଙ୍କ କୋରିଓଗ୍ରାଫିରେ ନିର୍ମିତ ପ୍ରମୁଖ ସିନେମାଗୁଡିକ ମଧ୍ୟରେ ରହିଛି 'ସନମ ରେ', 'ବାଗୀ', 'ଟୟଲେଟ୍-ଏକ ପ୍ରେମ କଥା' (ଶ୍ରେଷ୍ଠ କୋରିଓଗ୍ରାଫର, ଜାତୀୟ ଚଳଚ୍ଚିତ୍ର ପୁରସ୍କାର), 'ଜୁଡ୍‌ୱା-୨', 'ବାଗୀ-୨', 'କେଜିଏଫ୍ : ଚାପ୍ଟର-୧ (ହିନ୍ଦୀ ଭର୍ସନ)', 'ସିମ୍ବା', 'କୁଲି ନଂ ୱାନ', 'ପୁଷ୍ପା: ଦ ରାଇଜ' ଏବଂ 'ବ୍ରହ୍ମାସ୍ତ୍ର'। ତାଙ୍କର ମନ ପସନ୍ଦର ଅଭିନେତା ହେଉଛନ୍ତି ଗୋବିନ୍ଦା ଏବଂ ଅଭିନେତ୍ରୀ ମାଧୁରୀ ଦୀକ୍ଷିତ। କେବଳ ଜଣେ କୋରିଓଗ୍ରାଫର ନୁହନ୍ତି ଗଣେଶ ମଧ୍ୟ କେତୋଟି ସିନେମାର ନିର୍ଦ୍ଦେଶନା ଦେବା ସହ ଅଭିନୟ ମଧ୍ୟ କରିଛନ୍ତି। ୨୦୧୩ରେ ନିର୍ମିତ 'ଭାଗ୍ ମିଲ୍‌ଖା ଭାଗ୍'ର ହୱନ କୁଣ୍ଡ ଗୀତ ପାଇଁ ତାଙ୍କୁ ଶ୍ରେଷ୍ଠ କୋରିଓଗ୍ରାଫର ଭାବରେ ଜାତୀୟ ଚଳଚ୍ଚିତ୍ର ପୁରସ୍କାର ମିଳିଥିଲା। କେବଳ ସେତିକି ନୁହେଁ, ପୁଣି ଥରେ 'ଟୟଲଟ୍ : ଏକ ପ୍ରେମ କଥା'ର ଗୋରୀ ତୁ ଲାଠ୍ ମାର ଗୀତ ପାଇଁ ସେ ପୁଣି ଥରେ ଏହି ପୁରସ୍କାର ପାଇଥିଲେ।



ଗଣେଶ

## କାର୍ତ୍ତିକଙ୍କ ନୂଆ ଯୋଜନା

କାର୍ତ୍ତିକ ଆର୍ଯ୍ୟନ ନିକଟରେ ଏକ ନୂଆ ନିଷ୍ପତ୍ତି ନେଇଛନ୍ତି। ଏଣିକି ଆକ୍ଟିଂ ସହ ଆଉ ଏକ କ୍ଷେତ୍ରରେ ସେ ପାଦ ଦେବାକୁ ଯାଉଛନ୍ତି। ଏଥିପାଇଁ ସେ ନିଜକୁ ପ୍ରସ୍ତୁତ କରିସାରିଲେଣି। ସେତିକି ମଧ୍ୟ କେବଳ ନୁହେଁ, ନିଜର ନୂଆ ଯୋଜନାକୁ ରୂପରେଖ ଦେବା ପାଇଁ ସେ ଏକ ସଂସ୍ଥା ଗଠନ କରିଛନ୍ତି। ଏଥିରେ ତାଙ୍କ ବ୍ୟତୀତ ତାଙ୍କର କେତେଜଣ ସାଙ୍ଗ ମଧ୍ୟ କାମ କରିବେ। ଏପରି ନିଷ୍ପତ୍ତି ସମ୍ପର୍କରେ କାର୍ତ୍ତିକ କହନ୍ତି, 'ଥରେ ମୋର ଜଣେ ବନ୍ଧୁଙ୍କ ସହ ଆଲୋଚନା କରିଥିଲି। ସେହି ସମୟରେ ସେ ମୋତେ ସୋସିଆଲ ସର୍ଭିସରେ ଜଡିତ ହେବାକୁ ପରାମର୍ଶ ଦେଇଥିଲେ। ଏହା ଉପରେ ସେତେବେଳେ ବିଶଦ ଭାବରେ ଆଲୋଚନା କରିଥିଲୁ। ଏ ନେଇ ପ୍ରାୟ ଗୋଟିଏ ସପ୍ତାହ ମୁଁ ଭଲ ଭାବରେ ଚିନ୍ତା କରିଥିଲି। ଏବେ ସମାଜସେବା କରିବାକୁ ମାଇଣ୍ଡ ମେକ୍‌ଅପ୍ କରିସାରିଛି। ତା'ସହ ମୋର ପ୍ରତିଟି ଫିଲ୍ମରୁ ମୋତେ ଯାହା ରେମୁନେଶନ ମିଳିବ ସେଥିରୁ କିଛି ଏଥିଲାଗି ଖର୍ଚ୍ଚ କରିବି।' କାର୍ତ୍ତିକଙ୍କ ଅଭିନୀତ 'ଭୁଲ ଭୁଲେୟାଁ-୨' ଏବଂ 'ଭୁଲ୍ ଭୁଲେୟାଁ-୩' ବକ୍ସ ଅଫିସରେ ଭଲ ବିଜନେସ୍ କରିଥିଲା। 'ପ୍ୟାର୍ କ୍ୟା ପଞ୍ଚନାମା' ଫିଲ୍ମରୁ ସେ ବଲିଉଡ୍‌ରେ ଏଣ୍ଟ୍ରି କରିଥିଲେ। ଦୀର୍ଘ ୧୪ ବର୍ଷର କ୍ୟାରିୟର ମଧ୍ୟରେ ସେ ଅଭିନୟ କରିଥିବା ଫିଲ୍ମଗୁଡିକ ମଧ୍ୟରେ ରହିଛି- 'ଆକାଶବାଣୀ', 'କାଞ୍ଚି : ଦ ଅନବ୍ରେକ୍‌ବୁଲ', 'ଲୁକା ଛୁପି', 'ଲଭ୍ ଆଜ୍ କଲ୍', 'ଧମାକା' ଏବଂ 'ଶେହେଜାଦା'।



କାର୍ତ୍ତିକ

## ଲାଗି ପଡ଼ିଛନ୍ତି ଜାହ୍ନବୀ

ଜାହ୍ନବୀ କପୁର ଏବେ ଗୋଟିଏ କାମରେ ଲାଗିପଡିଛନ୍ତି। ତାହା କ'ଣ ଜାଣନ୍ତି ? ବର୍ତ୍ତମାନ ସେ ଟିପ୍ସ ବାଣ୍ଟିବାରେ ବ୍ୟସ୍ତ ଅଛନ୍ତି। କେମିତି ନିଜକୁ ଫିଟ୍ ରଖିବେ ସେ ନେଇ ନିଜର ଅନୁଭୂତି ବାଣ୍ଟିବା ସହ ଟିପ୍ସ ମଧ୍ୟ ଦେଉଛନ୍ତି। କଥା କ'ଣ କି ନିକଟରେ ଶପିଂ କରିବା ସମୟରେ ତାଙ୍କର କେତେଜଣ ସାଙ୍ଗମାନଙ୍କ ସହ ତାଙ୍କର ଭେଟ ହୋଇଗଲା। ମଲ୍‌ରୁ ବାହାରିବା ପରେ ସିଧା ଚାଲିଲେ ଏକ କଫି ପବ୍‌କୁ। ସେଠାରେ କଫିର ମଜା ନେବା ସହ ଫିଟ୍‌ନେସ ବିଷୟରେ ବଖାଣିବାକୁ ଭୁଲି ନ ଥିଲେ ସେ। ଏ ସମ୍ପର୍କରେ ଜାହ୍ନବୀ କହନ୍ତି, ''ଆଜିକାଲିର ବିଜି ଲାଇଫରେ ନିଜ ଫିଟ୍‌ନେସ ପ୍ରତି ଧ୍ୟାନ ଦେବା ଜରୁରୀ। ନ ହେଲେ ଅଯଥାରେ ଆମକୁ ରୋଗ ମାଡି ବସିବ। ତେଣୁ ମୁଁ ଏହାକୁ ନେଇ ଅଧିକ ସତର୍କ ଥାଏ। ପ୍ରତିଦିନ ଯେତେ ବ୍ୟସ୍ତ ରହିଲେ ମଧ୍ୟ ଏକ୍ସରସାଇଜ୍ କରିବାକୁ ଭୁଲି ନ ଥାଏ। ଆଉ ସବୁବେଳେ ନିଜ ଡାଏଟିଂକୁ ନେଇ ଆଲର୍ଟ ଥାଏ। ନିଜର ଫିଟ୍‌ନେସ୍ ପଛରେ ଏକ୍ସରସାଇଜ ଏବଂ ଡାଏଟିଂ ବ୍ୟତୀତ ଯୋଗର ଭୂମିକା ମଧ୍ୟ ରହିଛି।'' ଏ ବର୍ଷ ତାଙ୍କ ଅଭିନୀତ ଦୁଇଟି ସିନେମା ରିଲିଜ ହେବାର ଯୋଜନା ରହିଛି। ସେଗୁଡିକ ହେଲା 'ସନ୍ନି ସଂସ୍କାରୀ କି ତୁଲସୀ କୁମାରୀ' ଏବଂ 'ପ୍ରଣାମ ସୁନ୍ଦରୀ'।



ଜାହ୍ନବୀ

# ଜୋକୋଭିଚ୍‌ଙ୍କ ନୂଆ ରେକର୍ଡ

**ମେଲବୋର୍ନ, ୧୫।୧**

ନିଜ ଜାଜ୍ୱଲ୍ୟମାନ କ୍ୟାରିୟରରେ ଆଉ ଏକ ରେକର୍ଡର ଅଧିକାରୀ ହୋଇଛନ୍ତି ସର୍ବିୟାର ନୋଭାକ ଜୋକୋଭିଚ୍। ସେ ସର୍ବାଧିକ ଗ୍ରାଣ୍ଡସ୍ଲାମ ମ୍ୟାଚ ଖେଳିବାରେ ରୋଜର ଫେଡେରେରଙ୍କ ରେକର୍ଡ ଭାଙ୍ଗିଛନ୍ତି। ଅଷ୍ଟ୍ରେଲିଆନ ଓପନ ଗ୍ରାଣ୍ଡସ୍ଲାମ ପୁରୁଷ ସିଙ୍ଗଲ୍ସ ଦ୍ୱିତୀୟ ରାଉଣ୍ଡ ମ୍ୟାଚ ଖେଳି ସେ ଏହି ରେକର୍ଡର ଅଧିକାରୀ ହୋଇଛନ୍ତି। ସେ ବୁଧବାର କ୍ୟାରିୟରର ୪୩୦ ମ୍ୟାଚ ଖେଳିବା ସହ ଦ୍ୱିତୀୟ ରାଉଣ୍ଡରେ ବିଜୟ ହାସଲ କରିଛନ୍ତି। ଗ୍ରାଣ୍ଡସ୍ଲାମରେ ସେ ନିଜ ବିଜୟ ରେକର୍ଡକୁ ୩୭୯-୫୧ରେ ପହଞ୍ଚାଇଛନ୍ତି। ତାଙ୍କର ବିଜୟ ପ୍ରତିଶତ

**ଅଷ୍ଟ୍ରେଲିଆନ ଓପନ ଗ୍ରାଣ୍ଡସ୍ଲାମ୍**

୮୮.୧ରେ ପହଞ୍ଚିଛି। ଦ୍ୱିତୀୟ ରାଉଣ୍ଡରେ ସେ ୨୧ ବର୍ଷୀୟ କ୍ୱାଲିଫାୟର ଜେମି ଫରିଆଙ୍କୁ ୬-୧, ୬-୭ (୪), ୬-୩, ୬-୨ ସେଟ୍‌ରେ ପରାସ୍ତ କରିଛନ୍ତି। ଟେନିସ ଇତିହାସରେ ଫେଡେରର ୪୨୯ ଗ୍ରାଣ୍ଡସ୍ଲାମ ମ୍ୟାଚ ଜିତି ରେକର୍ଡର ଅଧିକାରୀ ଥିଲେ। ତାଙ୍କର ବିଜୟ ରେକର୍ଡ ହେଉଛି ୩୬୯-୬୦ ଓ ପ୍ରତିଶତ ହେଉଛି ୮୬.୦। ଟେନିସ ଇତିହାସରେ ସର୍ବାଧିକ ୨୪ ଗ୍ରାଣ୍ଡସ୍ଲାମ ଟାଇଟଲ ବିଜୟ ରେକର୍ଡ ମଧ୍ୟ ଜୋକୋଭିଚ୍‌ଙ୍କ ନାମରେ ରହିଛି। ରାଫାଲ ନାଡାଲ ୨୨ ଓ ଫେଡେରର ୨୦ ଗ୍ରାଣ୍ଡସ୍ଲାମ ଜିତିଛନ୍ତି। ୩୭ ବର୍ଷୀୟ ଏହି ସର୍ବୀୟ ଖେଳାଳି ର୍‍ୟାଙ୍କିଙ୍ଗ୍‌ରେ ସର୍ବାଧିକ ସପ୍ତାହ ନମ୍ବର-୧ରେ ରହିବାର ମଧ୍ୟ ରେକର୍ଡ କରିଛନ୍ତି। ସେ ୩୭ଟି ଗ୍ରାଣ୍ଡସ୍ଲାମ ଫାଇନାଲ ଖେଳିଛନ୍ତି। ଯାହାକି ଫେଡେରରଙ୍କ ରେକର୍ଡଠାରୁ ୬ଟି ଅଧିକ।


ଦ୍ୱିତୀୟ ରାଉଣ୍ଡ ମ୍ୟାଚ ଜିତିବାପରେ ନୋଭାକ ଜୋକୋଭିଚ୍।

### ତୃତୀୟ ରାଉଣ୍ଡରେ ଓସାକା, ଗଫ୍

ମହିଳା ସିଙ୍ଗଲ୍ସରେ ନାଓମି ଓସାକା, କୋକୋ ଗଫ ପ୍ରମୁଖ ଦ୍ୱିତୀୟ ରାଉଣ୍ଡରେ ବିଜୟୀ ହୋଇଛନ୍ତି। ୩ ବର୍ଷ ପରେ ଓସାକା ପ୍ରଥମଥରପାଇଁ ତୃତୀୟ ରାଉଣ୍ଡରେ ପହଞ୍ଚିଛନ୍ତି। ଦ୍ୱିତୀୟ ରାଉଣ୍ଡରେ ଓସାକା ୧-୬, ୬-୧, ୬-୩ରେ କରୋଲିନା ମୁଚୋଭାଙ୍କୁ ହରାଇ ଦେଇଛନ୍ତି। ସେହିପରି ଗଫ୍ ୬-୩, ୭-୫ରେ ଜୋଡି ଆନା ବୁରାଗେଙ୍କୁ ହରାଇ ଦ୍ୱିତୀୟ ରାଉଣ୍ଡ ଅତିକ୍ରମ କରିଛନ୍ତି।

# ଭାରତୀୟ ମହିଳା ଦଳର ସର୍ବବୃହତ୍ ବିଜୟ

**ରାଜକୋଟରେ ରେକର୍ଡ ବର୍ଷା**

**୩୦୪ ରନରେ ଆୟର୍ଲାଣ୍ଡକୁ ହରାଇ କ୍ଲିନ୍ ସୁଇପ୍**

**ରାଜକୋଟ, ୧୫।୧**

ରାଜକୋଟରେ ବୁଧବାର ଅନୁଷ୍ଠିତ ଭାରତ-ଆୟର୍ଲାଣ୍ଡ ମହିଳା ଦିନିକିଆ କ୍ରିକେଟ ମ୍ୟାଚରେ ରେକର୍ଡ ବର୍ଷା ହୋଇଛି। ଭାରତୀୟ ଦଳ ସର୍ବାଧିକ ରନ ସ୍କୋର କରିଥିବାବେଳେ ବିଜୟ ବ୍ୟବଧାନରେ ମଧ୍ୟ ରେକର୍ଡ କରିଛି। ଅଧିନାୟିକା ସ୍ମୃତି ମନ୍ଧାନା ୭୦ ବଲ୍‌ରେ ଶତକ ପୂରଣ କରିଛନ୍ତି। ଭାରତ ୩୦୪ ରନରେ ଆୟର୍ଲାଣ୍ଡକୁ ହରାଇ ସିରିଜକୁ ୩-୦ରେ କ୍ଲିନ୍ ସୁଇପ୍ କରିଛି। ପୂର୍ବରୁ ଭାରତୀୟ ମହିଳା ଦଳର ବିଜୟ ରେକର୍ଡ ବ୍ୟବଧାନ ଥିଲା ୨୪୯ ରନ। ପ୍ରଥମେ ବ୍ୟାଟିଂ କରି ଭାରତ ୫୦ ଓଭରରେ ୫ ଉଇକେଟ ହରାଇ ୪୩୫ ରନ କରିଥିଲା। ଭାରତୀୟ ମହିଳା ଓ ପୁରୁଷ ଦଳ କ୍ଷେତ୍ରରେ ଏହା ସର୍ବାଧିକ ସ୍କୋର। ଭାରତୀୟ ପୁରୁଷ ଦଳ ୨୦୧୧ରେ ଇନ୍ଦୋରରେ ୱେଷ୍ଟଇଣ୍ଡିଜ ବିପକ୍ଷରେ ୫ ଉଇକେଟ ହରାଇ କରିଥିବା ୪୧୮ ରନ ଏପର୍ଯ୍ୟନ୍ତ ସର୍ବାଧିକ ସ୍କୋର ହୋଇ ରହିଛି। ଜବାବରେ ଆୟର୍ଲାଣ୍ଡ ୩୧.୪ ଓଭରରେ ୧୩୧ ରନକରି ଅଲ୍‌ଆଉଟ ହୋଇଯାଇଥିଲା।

ଟସ୍ ଜିତି ଭାରତ ବ୍ୟାଟିଂ ନିଷ୍ପତ୍ତି ନେଇଥିଲା। ଅଧିନାୟିକା ସ୍ମୃତି ମନ୍ଧାନା ଓ ପ୍ରତିକା ରାୱଲ ଓପନିଂ ଯୋଡ଼ିରେ ୨୩୩ ରନ ସଂଗ୍ରହ କରି ଦଳକୁ ରେକର୍ଡ ସ୍କୋର ଅଭିମୁଖେ ନେଇ ଯାଇଥିଲେ। ୭୦ ବଲ୍‌ରୁ ଶତକ ପୂରଣ କରିଥିବା ମନ୍ଧାନା ୮୦ ବଲ୍‌ରୁ ୧୨ ଚୌକା ଓ ୭ ଛକା ସହାୟତାରେ ୧୩୫ ରନକରି ଆଉଟ ହେବାରୁ ୨୬.୪ ଓଭରରେ ଯୋଡ଼ି ଭାଙ୍ଗିଥିଲା। ଏ କ୍ଷେତ୍ରରେ ମନ୍ଧାନା ୮୭ ବଲ୍‌ରୁ ଶତକ ହାସଲ କରିଥିବା ହରମନପ୍ରୀତ କୌର (ବନାମ ଦକ୍ଷିଣ ଆଫ୍ରିକା)ଙ୍କ ରେକର୍ଡ ଭାଙ୍ଗିଥିଲେ। କ୍ୟାରିୟରର ପ୍ରଥମ ଦିନିକିଆ ଶତକ ହାସଲ କରିଥିବା ପ୍ରତିକା ୧୨୯ଟି ବଲ୍‌ର ସମ୍ମୁଖୀନ ହୋଇ ୨୦ ଚୌକା ଓ ୧ ଛକା ସହାୟତାରେ ୧୫୪ ରନ ସ୍କୋର କରିଥିଲେ। ମହିଳା ଦିନିକିଆରେ ଦୁଇ ଓପନର ଶତକ ହାସଲ କରିବା ଭାରତ ପାଇଁ ଏହା ତୃତୀୟ ଦୃଷ୍ଟାନ୍ତ ଥିଲା। ବ୍ୟାଟିଂ କ୍ରମରେ ଉପରେ ୩ ନମ୍ବରରେ ଆସିଥିବା ରିଚା ଘୋଷ ମଧ୍ୟ ଦ୍ରୁତ ୫୯ ରନର ଇନିଂସ ଖେଳିଥିଲେ। ଆୟର୍ଲାଣ୍ଡର ସବୁ ବୋଲର ମହଙ୍ଗା ସାବ୍ୟସ୍ତ ହୋଇଥିବାବେଳେ ଓର୍ଲା ପ୍ରେଣ୍ଡରଗାଷ୍ଟଙ୍କୁ ୨ ଉଇକେଟ ମିଳିଥିଲା। ଏହି ମ୍ୟାଚରେ ଭାରତ ପ୍ରଥମଥର ପାଇଁ ୪୦୦ ରନ ଅତିକ୍ରମ କରିଥିଲା। ଫଳରେ ଦଳ ଅଷ୍ଟ୍ରେଲିଆ ଓ ନ୍ୟୁଜିଲାଣ୍ଡ ସହିତ ଏଲିଟ୍ ତାଲିକାରେ ସାମିଲ ହୋଇଛି। ପରେ ଭାରତୀୟ ବୋଲରମାନେ ଚମତ୍କାର ବୋଲିଂ କରିଥିଲେ। ଦୀପ୍ତି ଶର୍ମା ୩ଟି ଓ ତନୁଜା କନ୍‌ୱର ୨ଟି ଉଇକେଟ ନେଇ ବିପକ୍ଷ ଦଳର ବ୍ୟାଟିଂ ବିପର୍ଯ୍ୟୟ ଘଟାଇଥିଲେ।



ଆୟର୍ଲାଣ୍ଡ ବିପକ୍ଷରେ ଦିନିକିଆ କ୍ରିକେଟ ସିରିଜ ବିଜୟୀ ଭାରତୀୟ ମହିଳା ଦଳ।

**ଦିନିକିଆରେ ଭାରତୀୟ ମହିଳା ଦଳର ବୃହତ୍ ବିଜୟ**

୩୦୪ ରନ: ବନାମ ଆୟର୍ଲାଣ୍ଡ, ରାଜକୋଟ, ୨୦୨୫
୨୪୯ ରନ: ବନାମ ଆୟର୍ଲାଣ୍ଡ, ପୋଟ୍‌ଫଷ୍ଟ୍ରୁମ, ୨୦୧୭
୨୧୧ ରନ: ବନାମ ୱେଷ୍ଟଇଣ୍ଡିଜ, ଭଦୋଦରା, ୨୦୨୪

**ସଂକ୍ଷିପ୍ତ ସ୍କୋର**

ଭାରତୀୟ ମହିଳା ଦଳ ୫୦ ଓଭରରେ ୪୩୫/୫ (ପ୍ରତିକା ରାୱଲ-୧୫୪, ସ୍ମୃତି ମନ୍ଧାନା-୧୩୫, ରିଚା ଘୋଷ-୫୯, ଓର୍ଲା ପ୍ରେଣ୍ଡରଗାଷ୍ଟ-୨/୭୧, ଆର୍ଲେନ କେଲି-୧/୬୬, ଫ୍ରିୟା ସର୍ଗେଣ୍ଟ-୧/୬୮, ଜର୍ଜିନା ଡେମ୍ପସି-୧/୬୫)। ଆୟର୍ଲାଣ୍ଡ ମହିଳା ଦଳ ୩୧.୪ ଓଭରରେ ୧୩୧/ଅଲଆଉଟ (ସାରା ଫୋର୍ବେସ-୪୧, ଓର୍ଲା ପ୍ରେଣ୍ଡରଗାଷ୍ଟ-୩୬, ଦୀପ୍ତି ଶର୍ମା-୩/୨୭, ତନୁଜା କନ୍‌ୱର-୨/୩୧, ଟିଟାସ ସାଧୁ-୧/୨୨, ସାୟାଲି ସତଘରେ-୧/୨୪, ମିନ୍ନୁ ମନି-୧/୨୨)।

# ବେଙ୍ଗଲ ଟାଇଗର୍ସ ବିଜୟୀ


ମ୍ୟାଚ୍ ବିଜୟରେ ଉଲ୍ଲସିତ ବେଙ୍ଗଲ ଟାଇଗର୍ସ ଦଳ।

**ଭୁବନେଶ୍ୱର, ୧୫।୧ (ତପନ ସ୍ୱାଇଁ)**

ରାଉରକେଲାର ବିର୍ସା ମୁଣ୍ଡା ଷ୍ଟାଡିୟମରେ ଚାଲିଥିବା ପୁରୁଷ ହକି ଇଣ୍ଡିଆ ଲିଗ୍‌ରେ ଶ୍ରାଚୀ ରର୍ ବେଙ୍ଗଲ ଟାଇଗର୍ସ ୫-୩ ଗୋଲରେ ୟୁପି ରୁଦ୍ରାସ୍‌କୁ ପରାସ୍ତ କରିଛି। ଟାଇଗର୍ସ ଦଳର ଗୁଥିର ବୁକାର୍ଡ ୮ମ ମିନିଟରେ ପେନାଲ୍ଟି କର୍ନରରୁ ଏକ ଗୋଲ ଦେଇ ଦଳକୁ ଆଗୁଆ କରିଥିଲେ। ୧୦ମ ମିନିଟରେ ଯୁଗରାଜ ସିଂ ଏକ ଫିଲ୍ଡ ଗୋଲ ମାଧ୍ୟମରେ ଦଳର ଅଗ୍ରଣୀ ବ୍ୟବଧାନକୁ ୨-୦ରେ ପହଞ୍ଚାଇ ଦେଇଥିଲେ। ୧୪ତମ ମିନିଟରେ ସୁଖଜିତ ସିଂଙ୍କ ଫିଲ୍ଡ ଗୋଲ ପ୍ରଥମ କ୍ୱାର୍ଟର ଶେଷ ସୁଦ୍ଧା ଦଳର ଅଗ୍ରଣୀକୁ ୩-୦ରେ ପହଞ୍ଚାଇଥିଲା। ମ୍ୟାଚର ୩୩ତମ ମିନିଟରେ ଯୁଗରାଜ ବ୍ୟକ୍ତିଗତ ଦ୍ୱିତୀୟ ଓ ଦଳ ପକ୍ଷରୁ ୪ର୍ଥ ଗୋଲଟି ସ୍କୋର କରିଥିଲେ ୪୬ତମ ମିନିଟରେ ୫ମ ଗୋଲ ସ୍କୋର କରିଥିଲେ ଅଭିଷେକ। ୟୁପି ଦଳ ପକ୍ଷରୁ ଅଧିନାୟକ ହାର୍ଦ୍ଦିକ ସିଂ ୪୭ ଏବଂ ସାମ୍ ୱାର୍ଡ ୫୧ ଓ ୫୯ତମ ମିନିଟରେ ୨ଟି ଗୋଲ ପରିଶୋଧ କରିଥିଲେ ହେଁ ତାହା ପର୍ଯ୍ୟାପ୍ତ ହୋଇ ନ ଥିଲା। ୬ ମ୍ୟାଚରୁ ବେଙ୍ଗଲ ଦଳର ଏହାଥିଲା ୪ର୍ଥ ବିଜୟ। ଅନ୍ୟପକ୍ଷରେ ସମାନ ସଂଖ୍ୟକ ମ୍ୟାଚରୁ ୟୁପି ଦଳ ତୃତୀୟ ପରାଜୟ ବରଣ କରିଛି। ଟାଇଗର୍ସ ୧୨ ପଏଣ୍ଟରେ ପହଞ୍ଚିଥିବାବେଳେ ରୁଦ୍ରାସ ୯ରେ ସୀମିତ ରହିଛି।

# ଓଡ଼ିଶା ରୋଲବଲ୍ ଦଳ ଘୋଷିତ

**ଭୁବନେଶ୍ୱର, ୧୫।୧ (ତପନ ସ୍ୱାଇଁ):** ଗୁଆହାଟୀଠାରେ ଜାତୀୟ ରୋଲବଲ୍ ଚାମ୍ପିୟନଶିପ୍ ଚଳିତ ମାସ ୧୮ରୁ ୨୧ ପର୍ଯ୍ୟନ୍ତ ଅନୁଷ୍ଠିତ ହେବ। ଏଥିପାଇଁ ବୁଧବାର ଓଡ଼ିଶା ବାଳିକା ଓ ବାଳକ ଦଳ ଘୋଷଣା କରାଯାଇଛି। କଳିଙ୍ଗ ଷ୍ଟାଡିୟମରେ ଅନୁଷ୍ଠିତ ବିଦାୟୀ ସମ୍ବର୍ଦ୍ଧନା କାର୍ଯ୍ୟକ୍ରମରେ ଓଡ଼ିଶା ରୋଲବଲ୍ ଆସୋସିଏଶନ ସମ୍ପାଦକ ପାର୍ଥ ସାରଥି ଜେନା, ସଦସ୍ୟ ସୁଧାଂଶୁ ଶେଖର ସ୍ୱାଇଁ, ସୌଦାମିନୀ ପାତ୍ର, ବିଜୟ କୁମାର ନାୟକ ଓ ଅମିତ କହଁର ପ୍ରମୁଖ ଉପସ୍ଥିତ ଥିଲେ।

**ଓଡ଼ିଶା ବାଳକ ଦଳ:** ଶିବେଶ ସୋଭନ ଗରିଆ (ଅଧିନାୟକ), ଶ୍ରେୟାଂଶ ପାତ୍ର, ସେୟାଶ ଅଧିକାରୀ, ଆର୍ଯ୍ୟନ ଓଝା, ଆର.ଏନ୍. ଆୟାନ, ଅଶ୍ଳେଷ ନାୟକ, ରୋନକ ମଲିକ, ଅଭୟନ ପଣ୍ଡା, ଶୁଭମ୍ ବିଶ୍ୱାଳ, ଅର୍ଚିତ ମିଶ୍ର, ଆୟୁଷ୍ମାନ ବେହେରା, ଅରିଜିତ ଶତପଥୀ।

**ଓଡ଼ିଶା ବାଳିକା ଦଳ:** ସୁଧା ସ୍ୱାଇଁ (ଅଧିନାୟକ), ଆନଭି ସୁଦୀପ କୁମାର, ଅଭୀପ୍ସା ବସୁ, ଲଗ୍ନିକା ମହାପାତ୍ର, ଆଦ୍ୟ ଆରାଧ୍ୟା ଷଡ଼ଙ୍ଗୀ, ଅନନ୍ୟା ଭରତିଆ, ପ୍ରଣବୀ ଶନୟା ବେହେରା, ଅମ୍ରିତା ବରାଳ, ସାନ୍‌ଭି ନଓ୍ୱାଲ, ନଇରା ମହାନ୍ତି, ରୋହାନ୍ୱି ଆଚାର୍ଯ୍ୟ, ବଂଶିକା ସ୍ୱାଇଁ।

# ଉତ୍କଳ ଓପନ ଟେନିସ୍ ୧୭ରୁ



ଖବରଦାତା ସମ୍ମିଳନୀରେ ଉପସ୍ଥିତ କର୍ମକର୍ତ୍ତା। (ଫଟୋ: ବିକାଶ ନାୟକ)

**ଭୁବନେଶ୍ୱର, ୧୫।୧ (ତପନ ସ୍ୱାଇଁ)**

ଏସ୍ ଟେନିସ କ୍ଲବ ଆନୁକୂଲ୍ୟରେ ଅଲ୍ ଓଡ଼ିଶା ଉତ୍କଳ ଓପନ ଟେନିସ ଚଳିତ ମାସ ୧୭ରୁ ୧୯ ପର୍ଯ୍ୟନ୍ତ କଳିଙ୍ଗ ଷ୍ଟାଡିୟମସ୍ଥିତ ଟେନିସ କମ୍ପ୍ଲେକ୍ସରେ ଅନୁଷ୍ଠିତ ହେବ। ଏଥିରେ ମହିଳା ଓ ପୁରୁଷ ସିଙ୍ଗଲ୍ସ, ଡବଲ୍ସ, ୧୪ ବର୍ଷରୁ କମ୍ ବାଳିକା ଓ ବାଳକ ସିଙ୍ଗଲ୍ସ, ୧୨ ବର୍ଷରୁ କମ୍ ବାଳକ ସିଙ୍ଗଲ୍ସ, ୪୦, ୫୦ ଓ ୬୦ ବର୍ଷରୁ ଊର୍ଦ୍ଧ୍ୱ ଭେଟେରାନ ଡବଲ୍ସ ପ୍ରତିଯୋଗିତା ଅନୁଷ୍ଠିତ ହେବ ବୋଲି ବୁଧବାର ଏଠାରେ ଆୟୋଜିତ ଏକ ଖବରଦାତା ସମ୍ମିଳନୀରେ ସୂଚନା ଦିଆଯାଇଛି। କ୍ୱାର୍ଟର ଫାଇନାଲ ପର୍ଯ୍ୟାୟରୁ ପ୍ରତିଯୋଗୀଙ୍କୁ ଆର୍ଥିକ ପୁରସ୍କାରରେ ସମ୍ମାନିତ କରାଯିବ। ପ୍ରତିଯୋଗିତା ପାଇଁ ମୋଟ ୩,୫୦୦୦୦ ଟଙ୍କାର ପୁରସ୍କାର ରାଶି ରଖାଯାଇଛି। ସ୍ୱତନ୍ତ୍ର ଭାବେ ଉଦୀୟମାନ ଖେଳାଳି, ସ୍ପୋର୍ଟ୍ସ ମ୍ୟାନ ସ୍ପିରିଟ, ଉତ୍ତମ ପୋଷାକ ପରିହିତ ଖେଳାଳି ଏବଂ ଲାଇଫ୍ ଟାଇମ୍ ଆଚିଭମେଣ୍ଟ ପୁରସ୍କାର ପ୍ରଦାନ କରାଯିବ। ସମସ୍ତ ଭେଟେରାନ ମ୍ୟାଚ କ୍ଲେ-କୋର୍ଟରେ ହେବ। ଅନ୍ୟ ମ୍ୟାଚ ଗୁଡ଼ିକ ସିନ୍ଥେଟିକ୍ ଏବଂ କ୍ଲେ-କୋର୍ଟରେ ଖେଳାଯିବ। ଉକ୍ତ ସମ୍ମିଳନୀରେ ଆୟୋଜକ କମିଟି ଅଧ୍ୟକ୍ଷ ବିଶ୍ୱଜିତ ମିଶ୍ର, ଏସ୍ ଟେନିସ କ୍ଲବ ସଭାପତି ପ୍ରକାଶ ଚନ୍ଦ୍ର ଭୁରା, ସମ୍ପାଦକ ନଭରତନ ବୋଥ୍ରା, ଯୁଗ୍ମ ସମ୍ପାଦକ ଗୌରବ ଦାସ, କାର୍ଯ୍ୟକାରିଣୀ ସଦସ୍ୟ ଧିରଜ ପଣ୍ଡା, ପରେଶ କୁମାର ସିଂ ଏବଂ ଅନ୍ୟ ମାନଙ୍କ ସହ ବିରଞ୍ଚି ମହାନ୍ତି ପ୍ରମୁଖ ଉପସ୍ଥିତ ଥିଲେ।

# ସୁରମାଠାରୁ ହାରିଲା ୱାରିୟର୍ସ

**ଭୁବନେଶ୍ୱର, ୧୫।୧ (ତପନ ସ୍ୱାଇଁ):** ରାଞ୍ଚିର ଜୟପାଲ ସିଂ ଷ୍ଟାଡିୟମରେ ଚାଲିଥିବା ମହିଳା ହକି ଇଣ୍ଡିଆ ଲିଗ୍‌ରେ ବୁଧବାର ଜେଏସ୍‌ଡବ୍ଲ୍ୟୁ ସୁରମା ହକି କ୍ଲବ ନିକଟରୁ ପରାଜିତ ହୋଇଛି ଓଡ଼ିଶା ୱାରିୟର୍ସ। ସୁରମା ପକ୍ଷରୁ ହିନା ବାନୋ ୬ଷ୍ଠ ମିନିଟରେ ଏକ ଗୋଲ ଦେଇ ପ୍ରଥମ କ୍ୱାର୍ଟର ଶେଷସୁଦ୍ଧା ଦଳକୁ ୧-୦ରେ ଅଗ୍ରଣୀ କରିଥିଲେ। ତୃତୀୟ କ୍ୱାର୍ଟର ଶେଷ ପର୍ଯ୍ୟନ୍ତ ଏହି ଅଗ୍ରଣୀ ବଳବତ୍ତର ରହିଥିଲା। ସୁର୍‌ମାର ସୋନମ ୪୭ତମ ମିନିଟରେ ଏକ ଗୋଲ ଦେଇଥିବାବେଳେ ଓଡ଼ିଶା ଦଳ ପକ୍ଷରୁ ମୋଇସ ଫ୍ରେକ୍ ୫୭ତମ ମିନିଟରେ ଗୋଟିଏ ଗୋଲ ପରିଶୋଧ କରିଥିଲେ। ୨ ମ୍ୟାଚରୁ ଓଡ଼ିଶା ୱାରିୟର୍ସର ଏହାଥିଲା ପ୍ରଥମ ପରାଜୟ। ନିଜର ପ୍ରଥମ ମ୍ୟାଚରେ ୱାରିୟର୍ସ ୪-୦ ଗୋଲରେ ଦିଲ୍ଲୀ ଏସ୍‌ଜି ପାଇପର୍ସକୁ ପରାସ୍ତ କରିଥିଲା। ଅନ୍ୟପକ୍ଷରେ ସୁରମା ୨ ମ୍ୟାଚରୁ ଦ୍ୱିତୀୟ ବିଜୟ ସହ ୬ ପଏଣ୍ଟ ପାଇ ଟେବୁଲର ଶୀର୍ଷସ୍ଥାନ ଅଧିକାର କରିଛି। ଓଡ଼ିଶା ୱାରିୟର୍ସ ଗୁରୁବାର ଏହାର ପରବର୍ତ୍ତୀ ମ୍ୟାଚରେ ଶ୍ରାଚୀ ରର୍ ବେଙ୍ଗଲ ଟାଇଗର୍ସକୁ ଭେଟିବ।

**ଜାତୀୟ ପାରା ବୋସିଆ ପ୍ରତିଯୋଗିତା**

# ସୋନାଲି-ସୁଧୀରଙ୍କୁ ରୌପ୍ୟ, ଦମୟନ୍ତୀଙ୍କୁ ବ୍ରୋଞ୍ଜ ପଦକ

**ଭୁବନେଶ୍ୱର, ୧୫।୧ (ତପନ ସ୍ୱାଇଁ):** ଆନ୍ଧ୍ର ପ୍ରଦେଶର ବିଶାଖାପାଟଣାରେ ଅନୁଷ୍ଠିତ ଜାତୀୟ ପାରା ବୋସିଆ ପ୍ରତିଯୋଗିତାରେ ପ୍ରଥମଥର ପାଇଁ ଭାଗ ନେଇଥିବା ଓଡିଶା ଦଳ ଭଲ ପ୍ରଦର୍ଶନ କରିଛି। ଦମୟନ୍ତୀ ଓଝା ବି-୪ ବର୍ଗରେ ବ୍ରୋଞ୍ଜ ପଦକ ହାସଲ କରିଛନ୍ତି। ଦୁଇ ଓଡ଼ିଶା ଖେଳାଳି ଦମୟନ୍ତୀ ଓ ସୋନାଲି ଓଝାଙ୍କ ମଧ୍ୟରେ ବ୍ରୋଞ୍ଜ ପଦକ ମୁକାବିଲା ହୋଇଥିଲା। ସଂଘର୍ଷପୂର୍ଣ୍ଣ ମ୍ୟାଚରେ ଦମୟନ୍ତୀ ୫-୪ରେ ବିଜୟୀ ହୋଇଥିଲେ। ସେହିପରି ମିକ୍ସଡ ଡବଲ୍ସ ବି-୪ ବର୍ଗରେ ସୋନାଲି ଓଝା ଓ ସୁଧୀର ମଲିକ ସେମି ଫାଇନାଲରେ ଜୟ ସାଇ ଓ ଅନ୍ନପୂର୍ଣ୍ଣାଙ୍କୁ ୬-୧ରେ ହରାଇ ଫାଇନାଲରେ ପ୍ରବେଶ କରିଥିଲେ। ମାତ୍ର ଫାଇନାଲରେ ଯତୀନ ଖୁସଓ୍ୱା ଓ ପୂଜା ଗୁପ୍ତାଙ୍କଠାରୁ ୪-୫ରେ ପରାସ୍ତ ହୋଇ ରୌପ୍ୟ ପଦକ ପାଇଛନ୍ତି।

# ସିଭିଲ ସର୍ଭିସ ଚେସ୍ ପାଇଁ ୬ ମନୋନୀତ

**ଭୁବନେଶ୍ୱର, ୧୫।୧ (ତପନ ସ୍ୱାଇଁ)**

ସର୍ବଭାରତୀୟ ସିଭିଲ ସର୍ଭିସ ଚେସ୍ (ମହିଳା ଓ ପୁରୁଷ) ଟୁର୍ନାମେଣ୍ଟ ଗୋଆଠାରେ ଫେବୃଆରୀ ୫ରୁ ୧୩ ପର୍ଯ୍ୟନ୍ତ ଅନୁଷ୍ଠିତ ହେବ। ଏଥିରେ ଆରଏସ୍‌ବି (ରିଜିଓନାଲ ସ୍ପୋର୍ଟ୍ସ ବୋର୍ଡ) ଭୁବନେଶ୍ୱରରୁ ପ୍ରତିନିଧିତ୍ୱ କରିବା ପାଇଁ ୬ ଜଣ ମନୋନୀତ ହୋଇଛନ୍ତି। ସେମାନେ ହେଲେ ମନୋଜ କୁମାର ପାଣିଗ୍ରାହୀ, ଉତ୍କଳ ରଞ୍ଜନ ସାହୁ, ସୌମ୍ୟ ରଞ୍ଜନ ମିଶ୍ର, ରଞ୍ଜନ ମହାନ୍ତି, ବିଶ୍ୱଜିତ ସାହୁ ଓ ସାରଦା ପ୍ରସନ୍ନ ମହାପାତ୍ର। ଖେଳାଳି ମନୋନୟନ ପାଇଁ ଏକ ଚୟନ ଟ୍ରାଏଲ ଅନୁଷ୍ଠିତ ହୋଇଥିଲା। ମନୋଜ, ଉତ୍କଳ ଓ ସୌମ୍ୟ ରଞ୍ଜନ ୭.୫ ପଏଣ୍ଟ ଲେଖାଏ ପାଇଥିବାବେଳେ ରଞ୍ଜନ ମହାନ୍ତି ୬.୫, ବିଶ୍ୱଜିତ ୫.୫ ଓ ସାରଦା ୪.୫ ପଏଣ୍ଟ ପାଇଥିଲେ। ରୁଦ୍ର ପ୍ରସାଦ ହୋତା, ଶିବ ଶଙ୍କର ଦଳାଇ, ରବୀନ୍ଦ୍ର କୁମାର ପ୍ରଧାନ ଓ ଶ୍ୟାମ ପରବର୍ତ୍ତୀ ୪ ସ୍ଥାନରେ ରହିଥିଲେ। ଆୟକର ବିଭାଗର ସହାୟକ ଆୟୁକ୍ତ ଥିବା ରଞ୍ଜନ ମହାନ୍ତି ଦଳର ଅଧିନାୟକ ମନୋନୀତ ହୋଇଛନ୍ତି। ଆୟକର ବିଭାଗର ମୁଖ୍ୟ ଆୟୁକ୍ତ ରାହୁଲ କର୍ନ, ଆୟକର ଆୟୁକ୍ତ ନୀରଜା ପ୍ରଧାନ, ଅଧିକାରୀ ମନୋରଞ୍ଜନ ବେହେରା ଓ ରଣଜିତ କୁମାର ତ୍ରିପାଠୀ ପ୍ରମୁଖ ମନୋନୀତ ଖେଳାଳିମାନଙ୍କୁ ଅଭିନନ୍ଦନ ଜଣାଇଛନ୍ତି। ମୁଖ୍ୟ ଆର୍ବିଟର ଥିଲେ ଜ୍ୟୋତି ଶଙ୍କର ନନ୍ଦ।


ଆୟକର ବିଭାଗର ମୁଖ୍ୟ ଆୟୁକ୍ତ ରାହୁଲ କର୍ନ ଓ ଆୟୁକ୍ତ ନୀରଜା ପ୍ରଧାନଙ୍କ ସହ ସିଭିଲ ସର୍ଭିସ ଚେସ୍ ପାଇଁ ମନୋନୀତ ଖେଳାଳିମାନେ।

**ରଜନିକାନ୍ତ ସ୍ମାରକୀ କ୍ରିକେଟ ସେମିଫାଇନାଲ ଲାଇନ୍‌ଅପ୍**

# ମୁକ୍ତେଶ୍ୱର-ସୋଲାର, ପାରାମାଉଣ୍ଟ-ପାୟୋନିଅର

**ଭୁବନେଶ୍ୱର, ୧୫।୧ (ତପନ ସ୍ୱାଇଁ):** ଖୋର୍ଦ୍ଧା କଣ୍ଟାବଣିଆସ୍ଥିତ ରାଜୀବ ଷ୍ଟାଡିୟମରେ ଚାଲିଥିବା ରଜନିକାନ୍ତ ସ୍ମାରକୀ କ୍ରିକେଟ ଟୁର୍ନାମେଣ୍ଟର ସେମିଫାଇନାଲ ଲାଇନ୍‌ଅପ୍ ହୋଇଛି। ଗୁରୁବାର ପ୍ରଥମ ସେମିଫାଇନାଲରେ ମୁକ୍ତେଶ୍ୱର କ୍ରିକେଟ କ୍ଲବ ଓ ସୋଲାର ଏବଂ ଶୁକ୍ରବାର ଦ୍ୱିତୀୟ ସେମିରେ ପାରାମାଉଣ୍ଟ-ପାୟୋନିଅର କ୍ଲବ ମଧ୍ୟରେ ମୁକାବିଲା ହେବ। ବୁଧବାର ଅନୁଷ୍ଠିତ ଶେଷ କ୍ୱାର୍ଟର ଫାଇନାଲରେ ପାରାମାଉଣ୍ଟ ୯ ଉଇକେଟରେ ସହିଦ ସ୍ପୋର୍ଟିଂକୁ ପରାସ୍ତ କରିଛି। ସହିଦ ସ୍ପୋର୍ଟିଂ ୨୦ ଓଭରରେ ୯ ଉଇକେଟ ହରାଇ ୭୫ ରନ କରିଥିଲା। ବିପକ୍ଷ ଦଳର ସେକ୍ ନକିବ ସର୍ବର ନିଜ ୪ ଓଭର ସ୍ପେଲ୍‌ରେ ଗୋଟିଏ ମେଡେନ ନେଇ ମାତ୍ର ୫ ରନ ବିନିମୟରେ ୫ ଉଇକେଟ ସଫଳତା ପାଇଥିଲେ। ଜବାବରେ ପାରାମାଉଣ୍ଟ ୯ ଓଭରରେ ୧ ଉଇକେଟ ବିନିମୟରେ ୭୭ ରନ ସଂଗ୍ରହ କରି ନେଇଥିଲା। ସେକ୍ ନକିବ ସର୍ବରଙ୍କୁ ଅତିଥି ବିମଲ କୁମାର ଗଜେନ୍ଦ୍ର ପ୍ଲେୟର ଅଫ୍ ଦି ମ୍ୟାଚ ପୁରସ୍କାର ପ୍ରଦାନ କରିଥିଲେ।

# ଆୟୁଷ ଚାମ୍ପିୟନ, ପ୍ରତ୍ୟୁଷ ରନର ଅପ୍


କୃତି ଖେଳାଳିମାନେ ଅତିଥିଙ୍କ ଗହଣରେ।

**କଟକ, ୧୫।୧ (କାର୍ତ୍ତିକ ସାହୁ)**

**୩୨ତମ କିଙ୍ଗ୍ ଅଲ୍ ଓଡ଼ିଶା ସ୍କୁଲ ଚେସ୍ ପ୍ରତିଯୋଗିତା**

କଟକ ସିଡିଏ ସେକ୍ଟର-୯ସ୍ଥିତ ଏସ୍‌ଏନ୍ ଟାଏକୋଣ୍ଡୋ ଏକାଡେମୀଠାରେ ୩୨ତମ କିଙ୍ଗ୍ ଅଲ୍ ଓଡ଼ିଶା ସ୍କୁଲ ଚେସ୍ ପ୍ରତିଯୋଗିତା ବୁଧବାର ଅନୁଷ୍ଠିତ ହୋଇଯାଇଛି। ଏଥିରେ ୭ ରାଉଣ୍ଡରୁ ୬.୫ ପଏଣ୍ଟ ପାଇ ଆୟୁଷ ଆର୍ଯ୍ୟନ ମହାପାତ୍ର ଚାମ୍ପିୟନ ଓ ପ୍ରତ୍ୟୁଷ ନାୟକ ରନର ଅପ୍ ହୋଇଛନ୍ତି। ଶ୍ରେଷ୍ଠ ୧୦ ଜଣଙ୍କ ମଧ୍ୟରେ ଶ୍ରେୟାଂଶ ଦାସ ୩ୟ, ଆଦଭିକ ଆଦିତ୍ୟ ସ୍ୱାଇଁ ୪ର୍ଥ, ବିଶ୍ୱପ୍ରୀତ ରାୟ ୫ମ, ଦେବରାଜ ସେନାପତି ୬ଷ୍ଠ, ଉମାକାନ୍ତ ନାୟକ ୭ମ, ଜିତେଶ ସାମଲ ୮ମ, ପ୍ରଜ୍ୟୋଳ ସରକାର ୯ମ ଏବଂ ସତ୍ୟମ ସ୍ୱରୂପ ସାହୁ ୧୦ମ ସ୍ଥାନରେ ରହି ପୁରସ୍କୃତ ହୋଇଛନ୍ତି। କିଙ୍ଗ୍ ଚେସ୍ ସେଣ୍ଟର ପ୍ରତିଷ୍ଠାତା ବିଶ୍ୱଜିତ୍ ରାୟଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ପୁରସ୍କାର ବିତରଣ ଉତ୍ସବରେ ମୁଖ୍ୟ ଅତିଥି ଭାବେ ରଶ୍ମିତା ମହାପାତ୍ର ଓ ସମ୍ମାନିତ ଅତିଥି ସୁଦୀପ୍ତା ନନ୍ଦ, ପ୍ରଶାନ୍ତ ଜେନା ଯୋଗଦେଇ ବିଜୟୀ ଖେଳାଳିମାନଙ୍କୁ ପୁରସ୍କୃତ କରିଥିଲେ। ଏହି କାର୍ଯ୍ୟକ୍ରମରେ ଚେସ୍ କୋଚ୍ ସୂର୍ଯ୍ୟମିତ୍ର ସେନ୍ ଏବଂ ଫିଡେ ଆର୍ବିଟର ପିଙ୍କି ମହାପାତ୍ରଙ୍କୁ ମଧ୍ୟ ସମ୍ବର୍ଦ୍ଧିତ କରାଯାଇଥିଲା। ଫିଡେ ଆର୍ବିଟର ସସ୍ମିତା ନାୟକ, ପ୍ରଣିତା ସେନ୍ ପ୍ରମୁଖ ଖେଳ ପରିଚାଳନା କରିଥିଲେ।

Printed and Published by Adyasha Satpathy on behalf of Navajat Printers & Media Pvt. Ltd.& Printed at Navajat Printers, B/4, Bareipali, Sambalpur, Editor - Tathagata Satpathy ସମ୍ପାଦକ-ତଥାଗତ ସତପଥୀ